
ବାର୍ଷିକ ସଂଖ୍ୟା

# ଭଞ୍ଜପ୍ରଦୀପ

ବାରିପଦା, ଆଶ୍ୱିନ ୧୩୪୭



Digitized by srujanika@gmail.com

PHONE 2492 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW SANITARY ENGINEERS — CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

PRINTING & STATIONERY GOODS

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual -* | *Rs. 0-12-0* | *(post free)* |
| | *1-4-0* | *(with postage)* |
| *Price per copy ,,* | *0-3-0* | *(post free)* |
| | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com


# M·B·SIRKAR & SONS

Son and grandsons of Late **B. SIRKAR.**


MANUFACTURING JEWELLERS

DEALERS IN GUINEA ( 22 CT. ) GOLD ONLY.

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





PHONE:-B.B.1761. TEL:-BRILLIANTS.

# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।



ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୩, ବହୁବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟାଗାଙ୍ଗ୍ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୭୭/୪ ହ୍ୟାରିସନ୍‌ରୋଡ଼, ବଡ଼ବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟେଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୂର ) ଏକ ତୋଲାକୁ—ଟ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୷ ଅଣା**

ଏହା ଚର୍ମରୋଗନାଶକ, ରସାୟନିକ ବିଷନାଶକ, ମେଦନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

# ଭଞ୍ଜ ପ୍ରଦୀପ


ନବମ ଭାଗ | ୧ମ ସଂଖ୍ୟା


## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | କାବ୍ୟ-ସମାଲୋଚନା ( ପୂର୍ବାନୁବୃତ୍ତି ) | ଦୁର୍ବରଗୁପ୍ତ | ୧ |
| ୨ । | ଅମୁହାଁ ଦେଉଳ | ଶ୍ରୀ ମହେଶ୍ୱର ନାଏକ, ବି. ଏ. | ୬ |
| ୩ । | ବର୍ଷା-ବିଦାୟ ( କବିତା ) | ଶ୍ରୀ ସିଦ୍ଧେଶ ଚନ୍ଦ୍ର ଦେ, ଏମ୍. ଏ., ଡି. ଲିଟ୍. | ୮ |
| ୪ । | ଭାରତର ଖଣିଜ ସମ୍ପଦ | ଶ୍ରୀ ଶଶିଭୂଷଣ ରାୟ | ୯ |
| ୫ । | ଭେକ ଦେଶେ ଉତ୍କଳ-ପ୍ରଭବ | ଶ୍ରୀ ବୃନ୍ଦାବନ ନାଥ ଶର୍ମା | ୧୨ |
| ୬ । | ଯୁଦ୍ଧ ଓ ଗୀତା | ଶ୍ରୀ ଜଲନ୍ଧର ଦେବ | ୧୮ |
| ୭ । | ସେଇ ପାହାଡ଼ ତଳେ ( କବିତା ) | ଶ୍ରୀ ସନ୍ତୋଷ କୁମାର କର, ବି.ଏ. | ୨୧ |
| ୮ । | ଖଣ୍ଡଗିରି ଶିଳାଲିପି | ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ | ୨୨ |
| ୯ । | ଭେଳା କରେ ଡାକ ( କବିତା ) | ଶ୍ରୀ ନବକିଶୋର ଦାସ | ୨୪ |
| । | ଦେଶୀୟ-ରାଜ୍ୟ-ସମାଚାର | | ୨୫ |
| ୧୧ । | ସମ୍ବାଦ ଓ ସଙ୍କେତ | | ୨୯ |


## ଚିତ୍ର-ସୂଚୀ


| | | |
|---|---|---|
| ୧ । | ବାରିପଦାରେ ନବନିର୍ମିତ ହାଇକୋର୍ଟ ଗୃହ | ପ୍ରଚ୍ଛଦପଟ |
| ୨ । | ପ୍ରିୟା, ପ୍ରିୟର ପ୍ରସ୍ଥାନ ପରେ | ଶିଳ୍ପୀ ଶ୍ରୀ ବଂଶୀଧର ବର୍ମା — ୧ମ ପୃଷ୍ଠାର ସମ୍ମୁଖ |
| ୩ । | ସାଦୃଶ୍ୟ ବିଶିଷ୍ଟ ଲିପିମାନଙ୍କର ତାଲିକା | ୧୬ |
| ୪ । | ବାରିପଦାରେ ନବନିର୍ମିତ ହାଇକୋର୍ଟ ଗୃହ | ୩୦ |
| ୫ । | ଶ୍ରୀମାନ୍ ରାଜଭରାଏ ସାହେବ ବିଜେତାମାନଙ୍କୁ ଶିଲ୍ଡ ପ୍ରଦାନ କରୁଥିବାର ଦୃଶ୍ୟ | ୩୧ |



Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ | ସହକାରୀ ସମ୍ପାଦକ—ଶ୍ରୀ ହରିହର ମହାପାତ୍ର

## ଦଶହରା ସଂଖ୍ୟା

ନବମ ଭାଗ | ଆଶ୍ୱିନ, ସନ ୧୩୪୭ ସାଲ | ୧ମ ସଂଖ୍ୟା


## କାବ୍ୟ–ବିଶ୍ଳେଷଣ*

(ପୂର୍ବାନୁବୃତ୍ତି)

ଶ୍ରୀ ଈଶ୍ବର ଗୁପ୍ତ

ପୂର୍ବ ପ୍ରବନ୍ଧରେ ଦେଖା ଯାଇଛି ଯେ ଭାବୋନ୍ମେଷର ଅବ୍ୟବହିତ ପରବର୍ତ୍ତୀ ଅବସ୍ଥାରେ କାବ୍ୟ ରଚିତ ହୋଇ ପାରେ ନାହିଁ। କାବ୍ୟ ଯଦି ଭାବାବେଶର ପ୍ରତ୍ୟକ୍ଷ ଫଳ ହୋଇଥାନ୍ତା, ତେବେ ବିପରୀତଧର୍ମୀ ଭାବମାନଙ୍କର ମିଶ୍ରଣ ସେଥିରେ ସମ୍ଭବ ହୁଅନ୍ତା ନାହିଁ। କାବ୍ୟ ରଚନାର ସମୟରେ କବିଙ୍କର ଚିତ୍ତ ଯେଉଁ ଉଚ୍ଚଭୂମିରେ ଆରୋହଣ କରିଥାଏ ସେଠାରୁ ନିମ୍ନଭୂମିସ୍ଥ ଭାବ-ଜଗତର ସବୁ ବୈପରୀତ୍ୟ ଓ ବୈଷମ୍ୟ ଏକାକାର ଦିଶେ।

ବର୍ତ୍ତମାନ ଦେଖାଯାଉ ଏ ଉଚ୍ଚଭୂମିକୁ କବିଚିତ୍ତ କେଉଁ ପଥରେ ଯାଏ।

କାବ୍ୟ-ରଚନା ପୂର୍ବରୁ ଭାବର ପରିପାକର ପ୍ରୟୋଜନୀୟତା ଅଛି। କବି-ଚିତ୍ତର ପାକଶାଳାରେ ଏ କ୍ରିୟା ଯାହାଙ୍କ ଦ୍ୱାରା ସମ୍ପନ୍ନ ହୁଏ ସେ ହେଲେ କବିଙ୍କର କଳ୍ପନା। କଳ୍ପନାର ଜାଦୁଦଣ୍ଡ-ସ୍ପର୍ଶରେ ଦୁଃସହ ଦୁଃଖ ମଧ୍ୟ କବିଙ୍କର ଲେଖନୀରୁ ଉପଭୋଗ୍ୟ ହୋଇ ପ୍ରକାଶିତ ହୋଇପାରେ। ନଚେତ୍ "ରତି-ବିଳାପ" କିମ୍ବା "ଅଜ-ବିଳାପ" ଶ୍ରେଣୀର କାବ୍ୟ-ସୃଷ୍ଟି ସମ୍ଭବ ହୁଅନ୍ତା ନାହିଁ।

ଭାବାବେଗ କାଳକ୍ରମେ ମନ୍ଦୀଭୂତ ହୋଇ ଯାଏ; କ୍ରମେ ଲୁପ୍ତ ହୋଇ ଯାଏ କହିଲେ ଚଳେ। କିନ୍ତୁ ରହିଯାଏ ତାର ସ୍ମୃତି। ଏ ସ୍ମୃତିକୁ ଆଲଙ୍କାରିକ "ବାସନା" ନାମରେ ଅଭିହିତ କରିଛନ୍ତି। କ୍ରୋଧ-ଭାବରୁ କ୍ରୋଧ-ବାସନା, ଶୋକ-ଭାବରୁ ଶୋକ-ବାସନା,—ଏବଂ ରତି-ଭାବରୁ ରତି ବାସନା, ପ୍ରଭୃତି ମାନବମନରେ ସଞ୍ଚିତ ହୋଇ ରହେ। ଏ ବିଷୟରେ ମଧ୍ୟ କବି-ଚିତ୍ତ ସାଧାରଣ ମାନବ-ଚିତ୍ତରୁ ପୃଥକ୍ ନୁହେ। ପ୍ରଭେଦ

* ବାରିପଦା ସାହିତ୍ୟ-ସମାଜର ସାଧାରଣ ଅଧିବେଶନରେ ପଠିତ।

Digitized by srujanika@gmail.com

ମାତ୍ର ଏତିକି ଯେ କବି ଚିତ୍ତରେ ଭାବ 'ବାସନା'ରେ ପରିଣତ ହେଲେ ଅଧିକତର ସଂହତ ଓ ସୁସ୍ପଷ୍ଟ ରୂପ ଧାରଣ କରିଥାଏ । ଏ ସଂହତି ନିମନ୍ତେ ଦାୟୀ କବିଙ୍କର ପ୍ରତିଭା । ସାଧାରଣ ମାନବ ମନରେ ବାସନାର ରୂପ ଅତି ଅସ୍ପଷ୍ଟ । କିନ୍ତୁ ଶିଳ୍ପୀଙ୍କର ପ୍ରତିଭାଦ୍ୱାରା ପ୍ରଭାବିତ ହୋଇ ଏ ବାସନା ଗୋଟିଏ ସୁନିର୍ଦ୍ଦିଷ୍ଟ ରୂପ ଧାରଣ କରେ । ତତ୍‌ପରେ ଯାହା ଘଟିଥାଏ ତାହା କେବଳ କବି-ଚିତ୍ତରେ ହିଁ ସମ୍ଭବ । ସାଧାରଣ ମାନବିମନର ବାସନା କଳ୍ପନାକୁ ଆଶ୍ରୟ କରି ପାରେ ନାହିଁ । କିନ୍ତୁ ଶିଳ୍ପୀ-ଚିତ୍ତ ଯେତେବେଳେ ବାସନାଯୁକ୍ତ ହୋଇ କଳ୍ପନା-ଲୋକରେ ପ୍ରବେଶ କରେ ସେତିକି ବେଳେ ତାର ବିଶିଷ୍ଟତା ପ୍ରକାଶ ପାଏ ।

ପୂର୍ବେ କହିଛି ଭାବାବେଗର ଆବେଶ ମାତ୍ରକେ ସେହି ଭାବକୁ ଆଶ୍ରୟ କରି ଉତ୍ତମ କାବ୍ୟ ରଚିତ ହୋଇଥିବାର ଉଦାହରଣ ମିଳିପାରେ । ଏପରି ହେବାର କାରଣ ଏହି ଯେ ନୂତନ ଭାବର ସଂଘାତରେ କବିଙ୍କର ମନର ପୂର୍ବସଞ୍ଚିତ ସଜାତୀୟ ବାସନା ଆଲୋଡ଼ିତ ହୋଇ ସହସା କଳ୍ପନାକୁ ଆଶ୍ରୟ କରେ ।

କଥାଟା ସ୍ପଷ୍ଟ କରିବା ପାଇଁ କବି-ଚିତ୍ତ ପ୍ରତି ଥରେ ଦୃଷ୍ଟି ଦେବା ଉଚିତ । ସେଠାରେ ତିନିଗୋଟି ବିଭିନ୍ନ ସ୍ତର ଦେଖାଯିବ, ଭାବଲୋକ, ବାସନାଲୋକ ଏବଂ କଳ୍ପନା-ଲୋକ । ଭାବ ବହିର୍ଜଗତରୁ ବିଷୟ ସଂଗ୍ରହ କରେ, ବାସନା ତାହାକୁ ସଞ୍ଚୟ କରେ, କଳ୍ପନା ସଞ୍ଚିତ ଧନକୁ ଭାଙ୍ଗି ଚୂରି ପୁଣି ନୂତନ କରି ଗଢ଼େ । ଭାବ ଘରର ନୌକର ପରି ବଜାରରୁ ସଉଦା କରି ଆଣେ, ବାସନା ଗୃହିଣୀ ହୋଇ ତାହାକୁ ଝାଡ଼ିଝୁଡ଼ି ସଜାଡ଼ି ସଞ୍ଚୟ କରି ରଖେ, କଳ୍ପନା ପାଚିକା ହୋଇ ସେହି ସଞ୍ଚିତ ଉପାଦାନ ନେଇ ବିଭିନ୍ନ ରସ-ବିଶିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରେ ।

କବିଙ୍କ ଭାଷାରେ କବି-ଚିତ୍ତର ଆତ୍ମ-ପ୍ରକାଶ ଏହିପରି,—

"ଗନ୍ଧେ ଗନ୍ଧେ ବାସନାର ସୋନା
ପ୍ରତି ଦିନ ଆମି କରେଛି ରଚନା
ତୋମାର କ୍ଷଣିକ ଖେଲାର ଲାଗିଯା
ମୂରତି ନିତ୍ୟ ନବ ।"

ଏଥର ଦେଖିବା କବି-ଚିତ୍ତ କଳ୍ପନା-ଲୋକରେ ଉପସ୍ଥିତ ହେଲେ କାବ୍ୟ ସୃଷ୍ଟି କି କୌଶଳରେ ସମ୍ଭବ ହୁଏ । ଗୋଟିଏ stray ଉଦାହରଣ ନିଆଯାଉ । "stray" କହିବାର ଅର୍ଥ ଏହି ଯେ ଉଦାହରଣ ବାଛିବା ପାଇଁ ମୁଁ ଅଧିକ ସମୟ ବ୍ୟୟ କରି ନାହିଁ । କେବଳ ଯେପରି ଉଦାହରଣ ନେଲେ ବର୍ତ୍ତମାନ ବିଷୟଟି ସହଜରେ ଏବଂ ସଂକ୍ଷେପରେ ବୁଝିବାର ସୁବିଧା ହେବ ତେତିକି ମାତ୍ର ଲକ୍ଷ୍ୟ କରିଛି । ବର୍ତ୍ତମାନ ମଥୁରାମଙ୍ଗଳରୁ କିଛି ଉଦ୍ଧାର କରିବି:—

(ଶ୍ରୀକୃଷ୍ଣଙ୍କର ମଥୁରା ଗମନ ପରେ ଗୋପୀମାନଙ୍କର ବିଳାପର ବର୍ଣ୍ଣନା.

"ଗୋବିନ୍ଦ-ବିଚ୍ଛେଦେ ବରଜ ନାରୀ ।
କୁରଙ୍ଗ-ନୟନୁଁ ବହଇ ବାରି ।
ଫିଟିଲା କବରୀ ତୁଟିଲା ହାର ।
ଶୁଖିଲା ରଙ୍ଗିମା ଜବା ଅଧର ।
ଅଙ୍ଗୁ ବହେ ଝାଳ ।
ପାଣ୍ଡୁର ହୋଇଲେ ହେମ ଗଣ୍ଡସ୍ଥଳ ।।

"କାହା ବଦନୁଁ ନ ସ୍ଫୁରଇ ବାଣୀ ।
କାହାର ନ ଚଳଇ ପାଦ ପାଣି ।
କାହାର ହିଆ ହୋଏ ଦମ ଦମ ।
କାହା ନାସାରୁ ନ ବହେ ପବନ ।
କେ ଭୂମିରେ ପଡ଼େ ।
କେହୁ ଚିବୁକ ବାନ୍ଧି ହୃଦରେ କୋଡ଼େ ।।

"କେ ନେଇ ଶିରେ ମାରଇ ପଥର ।
କେହୁ ବୋଲେ ସଖି ମଲି ଏଥର ।
କେ ବୋଲେ କାହିଁକି ପରାଣ ଅଛି ।
ଦାରୁଣ ଯମ ପକା ପାଞ୍ଜି ପୋଛି ।
ମୁଁ ହୁଅନ୍ତି ନାଶ ।
କେ ବୋଲେ ଆସ ଗୋ ଖାଇବା ବିଷ ।।

"କେ ବୋଲେ ଝାସିବା ଯମୁନା-ଗର୍ଭେ ।
କେ ବୋଲେ ଅନଳ ଜାଳିବା ପିଣ୍ଡେ ।
କେ ବୋଲେ କଣ୍ଠେ ଚଳାଇବା ଛୁରୀ ।
କେ ବୋଲେ ଆଖି ପକାଇବା ଖୋଳି ।
ଅନ୍ଧ ହେଲେ ଭଲ ।
କେ ବୋଲେ ଅକ୍ରୂର ମାରିବା ଚାଲ ।

"କି କରିବ କଟୁ ନୃପତି କଂସ ।
ରହିବା ନାହିଁ ପଛେ ତାର ଦେଶ ।
ସମ୍ପଦେ ଆମ୍ଭର ନାହିଁ ଭରସା ।
ଅନ୍ୟ ଦେଶେ ଯାଇ କରିବା ବସା ।
ଆମ୍ଭ କୃଷ୍ଣ ଥାଉ ।
ନୋହିଲେ ଅକ୍ରୂର ବାହୁଡ଼ି ଯାଉ ।।

ଇତ୍ୟାଦି ।

ବର୍ଣ୍ଣନୀୟ ବିଷୟ ପ୍ରିୟ-ବିୟୋଗ ହେତୁ ଶୋକ,—ରସ କରୁଣ । ଶୋକର କାରଣ ବାତ୍ସଲ୍ୟ କିମ୍ବା ଅନ୍ୟ ରସରେ ନାହିଁ । ଏ ଶୋକର ପ୍ରକାଶ-ଭଙ୍ଗୀ ଗୋପୀମାନଙ୍କର ଦୈନ୍ୟକୁ ଆଶ୍ରୟ କରିଛି । ଗୋପୀମାନଙ୍କର ମନୋଭାବ ବିଶ୍ଳେଷଣ କଲେ ଦେଖାଯିବ ସେଥିରେ ଆତ୍ମ-ନିଗ୍ରହର ଇଚ୍ଛା ଅଛି, ଅକ୍ରୂର ପ୍ରତି କ୍ରୋଧ ଅଛି, କଂସ ପ୍ରତି କ୍ରୋଧ ସଙ୍ଗେ ଗୋଟିଏ ବିଦ୍ରୋହର ଭାବ ମଧ୍ୟ ଅଛି । ଶେଷକୁ ଶୋକର ହେତୁ ଯେ ଶ୍ରୀକୃଷ୍ଣ ତାଙ୍କ ପ୍ରତି ମଧ୍ୟ କ୍ରୋଧ ଓ ବକ୍ରୋକ୍ତି ଅଛି ;—

"କେ ବୋଲେ କରୁଣାସାଗର ହରି ।
ମାରି ତ ଯାଉଛ କୁଳ-କୁମାରୀ ।



Digitized by srujanika@gmail.com

କେ ବୋଲେ ସିନ୍ଧୁ-ବଛିର ବନ୍ଦନ ।
　　କେ ବୋଲେ ଷଣ୍ଢ-ଶକଟ-ମର୍ଦ୍ଦନ ।
　କେ ବୋଲେ ବିକାରୀ ।
　କେ ବୋଲେ କାଳି-ଗର୍ବ-ଖର୍ବକାରୀ ॥

"କେ ବୋଲେ ପୂତନା-ପରାଣ-ନିଆ ।
　　କୁଳଣ ପରାଏ କରୁଛ ହିଆ ।
ତିଳରୁ ଅର୍ଦ୍ଧେ ନ କର କରୁଣା ।
　　କୃପାସିନ୍ଧୁ ପଣ ଯାଉଛି ଜଣା ।
　ଶୁଷ୍କ ନଦୀ ମତ ।
　ଏବେ ସେ ଜାଣିଲୁ ତୁମ୍ଭ ଚରିତ ।

"ଦୀନଜନେ ଦୟା ନ କର ହରି ।
　　ଦୀନବନ୍ଧୁ ନାମ ବହି କି କରି ।
ଆଜ୍ଞୁ ଯେ ବୋଲିବ ଦୀନ-ବାନ୍ଧବ ।
　　ମହତ୍ତ୍ୱ ତାର ପାରିବୁ ମାଧବ ।
　କହୁ ଅଛୁଁ ସତ ।
　　କଇତବ ବନ୍ଧୁ ନାମ ବହି ତ ।"

ଶୋକଭାବର କାରଣ ଶ୍ରୀକୃଷ୍ଣଙ୍କର ବିରହକୁ କବି ଯେଉଁ ଭାବରେ ପ୍ରକାଶ କରିବାକୁ ଚାହିଁଛନ୍ତି ତାହାର ପରିକଳ୍ପନାକୁ ଆଲଙ୍କାରିକ କହନ୍ତି "ବିଭାବ" । ବିରହ ଶୋକଭାବର ବିଭାବ ନୁହେ, ତାହାର କାରଣ ମାତ୍ର । କିନ୍ତୁ ସେହି କାରଣକୁ କବି ଯେଉଁ ଉପାୟରେ ପ୍ରକାଶ କରନ୍ତି ତାହାହିଁ "ବିଭାବ" । ଏଠାରେ କାରଣ ରୂପେ ଶ୍ରୀକୃଷ୍ଣଙ୍କୁ ନେଇ ଯିବା ପାଇଁ କଂସ-ପ୍ରେରିତ ଅକ୍ରୂରଙ୍କ ବ୍ରଜପୁରକୁ ଆଗମନ ଏବଂ ଶ୍ରୀକୃଷ୍ଣଙ୍କର ସ୍ୱେଚ୍ଛାରେ ଗୋପ-ପରିତ୍ୟାଗ ପ୍ରଭୃତି କଳ୍ପନା ଗୁଡ଼ିକ "ବିଭାବ" । ଆଦିକବିଙ୍କର ପ୍ରଥମ କବିତାରେ କାମମୋହିତ ବିହଙ୍ଗ-ମିଥୁନ ମଧ୍ୟରୁ ଗୋଟିକର ମୃତ୍ୟୁର କଳ୍ପନା ବିଭାବ । ଏଠାରେ କାମ-ମୋହିତ ଅବସ୍ଥାର ସୂଚନା ଦେଇ ଶୋକର କାରଣକୁ କରୁଣତର କରି ହୋଇଅଛି । ସେହିପରି ଆଲୋଚ୍ୟ କବିତାରେ ଶ୍ରୀକୃଷ୍ଣଙ୍କର ଶଠତା, ଅର୍ଥାତ୍ ଗୋପ-ପରିତ୍ୟାଗର ଇଚ୍ଛାର ପ୍ରକାଶ ଦ୍ୱାରା ଶୋକ ଗଭୀରତର ହୋଇଛି; ତାହା ଏତେ ଗଭୀର ଯେ ଶ୍ରୀକୃଷ୍ଣଙ୍କ ପ୍ରତି କଟୂକ୍ତି କରିବାକୁ ମଧ୍ୟ ମନ ବଳୁଛି । କଂସ ପରି ପ୍ରତାପଶାଳୀ ରାଜାକୁ ମଧ୍ୟ ଅଗ୍ରାହ୍ୟ କରିବାକୁ ମନରେ ବାସନା ହେଉଛି ।

ଶୋକପ୍ରକାଶର ରୀତି ଗୁଡ଼ିକର ନାମ ଆଲଙ୍କାରିକ ଭାଷାରେ ଅନୁଭାବ । ଆଲୋଚ୍ୟ ଅଂଶରେ କବରୀ ଫିଟିବା, ହାର ତୁଟିବା, ମୁଖ ଶୁଖିଯିବା ପ୍ରଭୃତି ଅନୁଭାବ କଳ୍ପନାରୁ ପ୍ରସୂତ ।

ଆତ୍ମ-ନିଗ୍ରହ, କଂସ ଅକ୍ରୂର ଓ ଶ୍ରୀକୃଷ୍ଣଙ୍କ ପ୍ରତି କ୍ରୋଧ ଓ କଟୂକ୍ତି ପ୍ରଭୃତି ବର୍ତ୍ତମାନ କ୍ଷେତ୍ରରେ ସ୍ଥାୟୀ ଶୋକଭାବର ସଞ୍ଚାରୀ ଭାବରୁ ପ୍ରସୂତ । ଏମାନେ ଶୋକଭାବକୁ ପୁଷ୍ଟ କରୁଛନ୍ତି । ସ୍ଥାୟୀ ଭାବକୁ ପୁଷ୍ଟ କରିବା ପାଇଁ କବି-କଳ୍ପନା ଯେଉଁ ସଞ୍ଚାରୀ ଭାବମାନଙ୍କର ଆଶ୍ରୟ ଗ୍ରହଣ କରିଥାଏ ଆଲଙ୍କାରିକ ତାହାକୁ "ଉପଭାବ" କହିଛନ୍ତି ।

କବି-ପ୍ରତିଭାର ତାରତମ୍ୟ ଅନୁଯାୟୀ ଏହି ବିଭାବ, ଅନୁଭାବ ଓ ଉପଭାବ ଉତ୍କୃଷ୍ଟ ବା ଅପକୃଷ୍ଟ ହୋଇଥାଏ । ରାମଚନ୍ଦ୍ରଙ୍କର ରାଜ୍ୟାଭିଷେକର ପୂର୍ବ ମୁହୂର୍ତ୍ତରେ ତାଙ୍କର ବନବାସର ବିଧାନ, ଅନ୍ତର୍ବତ୍ନୀ ସୀତାଙ୍କର ନିର୍ବାସନ ପ୍ରଭୃତିକୁ ଆଶ୍ରୟ କରି କରୁଣ ରସସୃଷ୍ଟି କରିବାରେ ଏହି ଉଚ୍ଚ କବି ପ୍ରତିଭାର ସାକ୍ଷାତ୍ ମିଳେ । ଇଂରେଜି ନାମ ଦେଇ କହିଲେ ଏ ଗୁଡ଼ିକୁ technique ବା ରଚନା-କୌଶଳର ଅନ୍ତର୍ଭୁକ୍ତ କରି ଯାଇପାରେ । ବସ୍ତୁତଃ ଏ ଗୁଡ଼ିକ ପାଠକର ମନକୁ ଅଭିଭୂତ କରିବାର କୌଶଳ ଭିନ୍ନ ଅନ୍ୟ କିଛି ନୁହେଁ ।

ଜଣେ ଆଧୁନିକ କବିଙ୍କର ରଚନା ନେଇ ପରୀକ୍ଷା କରାଯାଉ । ମୁଁ ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କର "ଧୂପ"ରୁ ଉଦାହରଣ ଗୁଡ଼ିକ ନେଇ ଆଲୋଚନା କରିବି । ଆପଣମାନେ ଅନୁଗ୍ରହକରି ମନେ ରଖିବେ ଯେ ଆମ୍ଭେମାନେ ବର୍ତ୍ତମାନ କବି-ପ୍ରତିଭାର ଆଲୋଚନା କରିବାକୁ ଯାଉଅଛୁ । କବି ଯେଉଁ ନୀତିଦ୍ୱାରା ପରିଚାଳିତ ତାହା ଭଲ କି ମନ୍ଦ ସେ ବିଚାର ନୀତିଜ୍ଞ କରିବେ । ବରଂ ଏହା ମୁଁ କହିପାରେଁ ଯେ କବିଙ୍କର ବକ୍ତବ୍ୟ ନୈତିକ ଦୃଷ୍ଟିରୁ ଭଲ ନୁହେଁ, ଏହି କାରଣରୁ ହିଁ ମୁଁ ଏହି କବିଙ୍କୁ ବାଛି ନେଇଛି ।

ଧୂପର ବର୍ଣ୍ଣନୀୟ ବିଷୟ ଆଦିରସ,—କାରଣ, ପରକୀୟା ପ୍ରେମ ! କବିତା ଗୁଡ଼ିକରେ କବିଙ୍କର ବିଭାବ-କଳ୍ପନା କି ଭାବରେ କାର୍ଯ୍ୟ କରିଛି ଦେଖାଯାଉ । ଏ କଥା ଅବଶ୍ୟ ସତ୍ୟ ଯେ କବି ତାଙ୍କର କାବ୍ୟରେ ମାନବ-ହୃଦୟର ଗୋଟିଏ ଅତି ସୁଲଭ sentimentକୁ ଆଶ୍ରୟ କରି ପାଠକର ଚିତ୍ତ-ଜୟ କରିବାକୁ ଉଦ୍ୟତ ହୋଇଛନ୍ତି । ପ୍ରାଚୀନ କବିଙ୍କୁ ଅନୁସରଣ କରି ରାଧା-କୃଷ୍ଣ ଲୀଳାର ଆଲୋଚନା କରିଥିଲେ ତାଙ୍କର କାର୍ଯ୍ୟ ସମ୍ଭବତଃ ସହଜ ହୋଇଥାନ୍ତା,—ଅନ୍ତତଃ ଏକଶ୍ରେଣୀର ପାଠକଙ୍କୁ ସେ ମୁଗ୍ଧ କରି ପାରିଥାନ୍ତେ । କିନ୍ତୁ ବର୍ତ୍ତମାନ କ୍ଷେତ୍ରରେ କବିଙ୍କର ପାଠକ ଦୁଇ ଶ୍ରେଣୀର ହେବାର ସମ୍ଭାବନା । ପ୍ରଥମ, ପ୍ରାଚୀନ-ପନ୍ଥୀ ପାଠକ,—ଯେଉଁମାନଙ୍କ ଦୃଷ୍ଟିରେ ପରକୀୟା ପ୍ରେମର ନାୟକତ୍ୱ ମନୁଷ୍ୟଠାରେ (ବିଶେଷତଃ କବି ଯେପରି ତାହା ନିଜପ୍ରତି ଆରୋପ କରିଛନ୍ତି ସେପରି) ଆରୋପିତ ହେଲେ ନାରକୀୟ ଲାଳସାର ଲୀଳା ବ୍ୟତୀତ ଅନ୍ୟ କିଛି ନୁହେଁ । ଦ୍ୱିତୀୟ, ଆଧୁନିକ ପାଠକ;—ରାଧାକୃଷ୍ଣ କଥା ଯେଉଁମାନଙ୍କ ନିକଟରେ ପରୀ-ପୁରାଣ, ସୁତରାଂ ଅଚଳ । ଏଥିପାଇଁ କବିଙ୍କର କାର୍ଯ୍ୟ ଯେ କଠିନ ହୋଇଅଛି, ସେ ବିଷୟରେ ସନ୍ଦେହ ନାହିଁ ।

କବି କଳ୍ପନାରେ ବିରୂପ ପାଠକ ଶ୍ରେଣୀର ସମ୍ମୁଖୀନ ହୋଇ ସେମାନଙ୍କର ପ୍ରତିକୂଳ ମନକୁ ଯେଉଁ ଭାବରେ ନିଜପ୍ରତି



Digitized by srujanika@gmail.com

ମହାନୁଭୂତି-ସମ୍ପନ୍ନ ଓ ଉପାଧିତ କରିବାକୁ ଚାହିଁଛନ୍ତି ଏବଂ ପାଠକ ହୃଦୟର ଯେଉଁ ସୂକ୍ଷ୍ମ ତନ୍ତ୍ରୀରେ ସେ ଆଘାତ କରି ପାରିଛନ୍ତି, ସେଥିରୁ ତାଙ୍କର ଉଚ୍ଚ ଶ୍ରେଣୀର ପ୍ରତିଭାର ପରିଚୟ ମିଳେ ।

> "ଅପମାନ ସହି ପୁଣି ଆସେ ପାଶେ ଯେ ସହଚରୀ
> ନ ଦେବି ତାକୁ ମୁଁ ପ୍ରାଣ କରି ପ୍ରେମ କହ କିପରି ?"

ଏହି କଥାଟି ରାଧାକୃଷ୍ଣଙ୍କ ଅନ୍ତରାଳରେ ରହି କହିଥିଲେ ସେଥିରୁ ବହୁ ଦାର୍ଶନିକ ତଥ୍ୟର ସନ୍ଧାନ ମିଳନ୍ତା । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ସର୍ବସ୍ୱ ସମର୍ପଣ କରିଥିଲେ, ସ୍ୱର୍ଗ-ତୁଲିତ ଲଜ୍ଜା ପର୍ଯ୍ୟନ୍ତ । ସେଥିଲାଗି ତିନା ଗୋପୀ-ପ୍ରେମ ପ୍ରେମିକ ହୃଦୟର ଆଦର୍ଶ ।

> ପୁଣି—"ନୟନ ବାରିରେ ସିକ୍ତ ଯା ପ୍ରୀତି ସରଣୀ
> ଘୃଣ୍ୟ କି ହେବ କୁଳଟା ବୋଲି ସେ ଘରଣୀ ।
> ମଙ୍ଗଳ ଦୀପ ଜାଳିଲା ଯେ ଏକ ଭବନେ,
> ସଙ୍ଗୀତମୟ କରିଲା ଯେ ଏକ ଜୀବନେ,
> ଛାୟାତଳେ ଯାର ପାଇଲା ଶାନ୍ତି ମଧୁର
> ଆଉ ଏକ ପ୍ରାଣ କ୍ଳାନ୍ତ ବ୍ୟଥିତ ବିଧୁର,
> ସେ ଜୀବନେ ମୂଲ ଦେବନି କି ଏହି ଧରଣୀ ।"

ଏହି ଶ୍ରେଣୀର ବିଭାବ-ରଚନା ବିମୁଖ-ପାଠକ-ଚିତ୍ତକୁ ଅତି ସହଜରେ ଫେରାଇ ପାରେ ଏବଂ ଅନୁକୂଳ ଚିତ୍ତକୁ ମତାଇ ଦିଏ ।

କବିଙ୍କର ପ୍ରୀତି-ଭାବ ପ୍ରକାଶର ପରିକଳ୍ପନା (ଅନୁଭାବ) ମଧ ଉଚ୍ଚ ଶ୍ରେଣୀର :—

> "ସଖି, ମୋହ ଲାଗି ଲକ୍ଷ ନୟନ ତଳେ
> ଦ୍ରୌପଦୀ ସମ ପାଅ ଯଦି ଅପମାନ
> ପ୍ରଣୟ-ଭିଖାରୀ ନୟନେ ଚାହିଁ ମୋ ଥରେ
> ହେଉ ଗୋ ତୁମର ଦୁଃଖର ଅବସାନ ।
> ସଖି, ରାଜପଥେ ହେଲ ଯଦି ଉଭା ଆସି,
> ଶ୍ରମ-ଶଙ୍କିତ ହେଲେ କି ସରିବ ପଥ ?
> ମତେ ଚାହିଁ ଭୁଲ ପଥର ଯାତନାରାଶି ;
> ସୁଭଦ୍ରା-ସମ ବାହ ଗୋ ପ୍ରଣୟୀ ରଥ ।
> ସଖି, ସତୀ-ସମ ଲାଞ୍ଛନା ଯଦି ସହ,
> ଶିବ-ସମ ମୁହିଁ ପ୍ରଣୟ-ସାଧନା ଜାଣେ ।
> ଅପମାନ-ଭାରେ ପଥେ ଯଦି ଥକି ରହ,
> ମସ୍ତକେ ବହି ନେବି ମୁଁ ଭରିବ ଗାନେ ।"

କିନ୍ତୁ କବିଙ୍କର ଉପଭାବ-କଳ୍ପନାକୁ ଉତ୍ତମ କହି ହେବ ନାହିଁ, ତାହା ମଧ୍ୟମ ଶ୍ରେଣୀର । ମନେ ହୁଏ ସେ ବହୁ ସ୍ଥଳରେ ପାଠକ ସହିତ ଯୁଦ୍ଧ କରିବାକୁ, ଯୁକ୍ତିତର୍କ କରିବାକୁ ଚେଷ୍ଟା କରିଛନ୍ତି । ରଚନା ମଧ୍ୟରେ ସେ ଯେତେବେଳେ ମୂର୍ଖ ଜନତାକୁ ଆକ୍ରମଣ କରି ବସନ୍ତି, ସେତେବେଳେ ମନେ ହୁଏ ସେ ଗଣ-ମନସ୍ତତ୍ତ୍ୱର ତଥ୍ୟ ଗୁଡ଼ିକର ସତ୍ୟାସତ୍ୟ ପରୀକ୍ଷା କରୁଛନ୍ତି ପରି । ତଥାପି,—

> "ପ୍ରଣୟ କି ହାୟ ଏଡ଼େ ଅପରାଧ,
> ହିୟା ଖୋଲି ଦେଲେ ମିଳେ ଅପବାଦ,
> ପରର ମଣିଷେ ମନ ଦେଲେ ହାୟ
> ଘୃଣ୍ୟ ହୋଇବ ଘରଣୀ ।"

କିମ୍ବା,—

> "ଏଡ଼େ ଅପରାଧ ଜୀବନେ କରିବା ପାରିବ !
> ହୃଦୟେ ହୃଦୟ ମିଶିବାକୁ ଗଲେ
> ଧର୍ମ ଉଦେନା ପୁଣି ମହାତଳେ
> ଏକ ଆନ ପାଇଁ ଭାବିବା ଗୋ ପାପ କାରିବ ।
> ପ୍ରଣୟ କି କଥା ଜାଣିଥିଲେ ଏହା କହି କି ?
> ପରାଣ ମିଳିଲେ ଧାପ କିପାଁ ଆସେ ମହୀକି ।

ଅନ୍ୟତ୍ର,—

> "ପ୍ରିୟାକୁ ଲଭିବାର ନାହିଁ ତ ଆଶ
> ପ୍ରିୟା ପାବନ ପଥେ ହୁଏଁ ମୁଁ ଘାସ ।
> ସେ ପଥ ରେଣୁ ପରେ, ଶୋଣିତ ସମ ଥରେ,
> ପ୍ରିୟାର ସୁକୋମଳ ଚରଣ ବାସ,
> ସେ ଲୋଭେ ହେବି ମୁହିଁ ସେ ପଥେ ଘାସ ।"

ପ୍ରଭୃତି ମନକୁ ସ୍ପର୍ଶ କରେ ।

ଅନେକ ସ୍ଥଳରେ ଏହି ବିଭାବ, ଅନୁଭାବ ଏବଂ ଉପଭାବ ଅତି ସୁନ୍ଦର ଭାବରେ ଉତ୍କର୍ଷ ଲାଭ କରିଛି ।

(ବିଭାବ) ଏଇ ସହକାର ତଳେ
ସେ ଦିନ ପ୍ରିୟାର କର-କଙ୍କଣ
ଭିଡ଼ିଥିଲା ମୋର ଗଳେ ।

(ଉପଭାବ) ଗନ୍ଧଗ ରାତି ଉଠିଥିଲା ମାତି ମଳୟ ପରଶ ପାଇ,
ବନ-ପକ୍ଷୀ ସ୍ୱରେ କରୁଣ ମଧୁରେ ଯାଉଥିଲା ଗୀତ ଗାଇ ।
ଜ୍ୟୋତ୍ସ୍ନା ଓ ଛାୟା ରଚିଥିଲା ମାୟା ଚିତ୍ର ଏ ତରୁତଳେ,
ସହଚରୀ ମୋର ପ୍ରଣୟ-ବିଭୋର ଭିଡ଼ିଥିଲା ମୋର ଗଳେ ।

(ଅନୁଭାବ) ପ୍ରତିଥର ମୁହିଁ ଥର ଥର କରି ଚଉଦିଗେ ଚାହୁଁ ଥାଏ,
ପ୍ରତିଥର ମୁହିଁ ସହଚରୀ ମୁଖୁଁ ଅଧର-ମଦ୍ୟ ପାଏଁ ।

* * * *

> ସକଳ ଜଗତ୍ ଦୂର ଓ ନିକଟ ପାଶୋର ସେ ମହାକ୍ଷଣେ,
> ଶୁଣୁଥାଇ ମହା ସଙ୍ଗୀତ ପ୍ରିୟା କଙ୍କଣ କଣ କଣେ ।
> ସହକାର ତଳ ବାୟୁ ଉଚ୍ଛ୍ୱଳ ହୋଇଗଲା ପ୍ରିୟା-ଗନ୍ଧେ,
> ଶିଥିଳ ଚିକୁର ଚୁମ୍ବନାକୁଳ ପଡ଼ିଲା ରୂପସୀ-ସ୍କନ୍ଧେ ।

ଏ ପର୍ଯ୍ୟନ୍ତ ବେଶ । କିନ୍ତୁ ତା'ପରେ ରଚନା ଦୁର୍ବଳ ହୋଇ ଯାଇଛି ।

> "ନିର୍ଶୀଥ-ଜ୍ୟୋତ୍ସ୍ନା ସ୍ୱରେ କଲା ମନା ପ୍ରାନ୍ତରେ ରହିବାକୁ,
> ମଳୟ କହିଲା ମନ୍ଦିର ସରିଲା ଯାଅ ତେବେ ଶୋଇବାକୁ ।"



Digitized by srujanika@gmail.com

କବିଙ୍କର କଳ୍ପନା ଏଠାରେ ଶ୍ରାନ୍ତ ଓ ପରାସ୍ତ । ଏହା ପରେ ପାଠକର ରସ-ପିପାସୁ ମନ ମଧ୍ୟ ବିମୁଖ ହୋଇ ଫେରି ଆସେ । ରଚନା climaxକୁ ଉଠୁ ଉଠୁ ମଧ୍ୟ ପଥରେ ଥକି ରହିଗଲା । କବି ଏବଂ ପାଠକ ଉଭୟଙ୍କର ରସାନୁଭୂତିରେ ବାଧା ପଡ଼ିଲା । କିନ୍ତୁ ଏପରି ଏକ ଅବସ୍ଥାରେ କବି ବର୍ତ୍ତମାନ ଉପନୀତ ହୋଇଛନ୍ତି, ଯେଉଁଠାରେ ବିରତ ହେବା ଅସମ୍ଭବ । ତେଣୁ କବିତାଟିକୁ ଅଯଥା ଦୀର୍ଘ କରିବାକୁ ପଡ଼ିଛି ।

ଯାହା ହେଉ, ମୋର କହିବାର କଥା ଏତିକି ଯେ କବି-ପ୍ରତିଭା ଉତ୍ତମ ଶ୍ରେଣୀର ହେଲେ ଅପାଂକ୍ତେୟ ବିଷୟ-ବସ୍ତୁକୁ ମଧ୍ୟ ସେ ପଙ୍କ୍ତିରେ ଟେକାଇ ଦେଇ ପାରେ ଏବଂ ତାହାର ହାତ ଦେଇ ଅତ୍ୟୁତ୍କୃଷ୍ଟ କାବ୍ୟରସ ପରିବେଷଣ କରିପାରେ । ରାନ୍ଧୁଣୀ ଭଲ ହେଲେ ଅତି ତୁଚ୍ଛ ଶାଗ ପତ୍ରରୁ ମଧ୍ୟ ଉତ୍କୃଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହେବା ସମ୍ଭବ । ଏହି ଗୁଣ ଆମ୍ଭେମାନେ ବଙ୍ଗୀୟ ଔପନ୍ୟାସିକ ଶରତଚନ୍ଦ୍ରଙ୍କର ରଚନାରେ ଦେଖିଥାଉଁ । ତାଙ୍କର ନିର୍ବାଚିତ ବିଷୟ-ବସ୍ତୁ ସର୍ବଦା ଅତି ସାଧାରଣ—ମନୁଷ୍ୟର ଅତି ତୁଚ୍ଛ ଘରୁଆ ସୁଖ-ଦୁଃଖର କାହାଣୀ । ତାଙ୍କର ନାୟକ-ନାୟିକା ଅଧିକାଂଶ ସମୟରେ ନୈତିକ ଦୃଷ୍ଟିରୁ ହେୟ,—ସମାଜର ଆବର୍ଜନା କିମ୍ବା ଅତି ସାଧାରଣ ଦୋଷଗୁଣ-ବିଶିଷ୍ଟ ମନୁଷ୍ୟ ମାତ୍ର—ଅତି ସାଧାରଣ ଗରିବ ଘରର ପୋଷା ବଳଦଟିକୁ ମଧ୍ୟ ସେ ତୁଚ୍ଛ କରି ନାହାନ୍ତି ଏବଂ ଏହିମାନଙ୍କୁ ଆଶ୍ରୟ କରି ତାଙ୍କର ସୃଷ୍ଟି ରସସିକ୍ତ ହୋଇ ଉଠିଛି ।

Victor Hugoଙ୍କର ପ୍ରତ୍ୟେକ କାହାଣୀ ଏହିପରି ଅପାଂକ୍ତେୟ ଶ୍ରେଣୀର ବ୍ୟକ୍ତିଙ୍କୁ ଆଶ୍ରୟ କରି ରଚିତ । ହଂଚ୍ ବ୍ୟାକ୍ କ୍ୱାସିମୋଦୋ, ଏବଂ ଲଫିଙ୍ଗ୍ ମ୍ୟାନ୍ ଗୁଇନ୍‌ପ୍ଲେନ ପ୍ରଭୃତି ସେମାନଙ୍କର ଦୈହିକ ବିକୃତି ନେଇ ସାଧାରଣର ହାସ୍ୟୋଦ୍ରେକ କରି ପାରନ୍ତି । ଲା ମିଜ୍‌ରାବଲ୍‌ର ଦସ୍ୟୁ ଜାଁ ଭଲଜାଁ ସାଧାରଣର ଘୃଣାର ପାତ୍ର । କିନ୍ତୁ ଏହିମାନଙ୍କୁ ଅବଲମ୍ବନ କରି ଋଷିଙ୍କ ଶିଳ୍ପୀର ଲେଖନୀ ଅପୂର୍ବ-ରସ-ପ୍ରସ୍ରବଣର ମୁଖକୁ ମୁକ୍ତ କରି ଦେଇଛି ।

"ପାନ୍ଥଶାଳ" କାବ୍ୟର ଆଖ୍ୟାନ ଭାଗର ମୂଳ ବକ୍ତବ୍ୟ ଅକଥ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ କବି-ପ୍ରତିଭା ସେହି ବିଷୟ ନେଇ ଅତି କରୁଣ ରସର ସୃଷ୍ଟି କରିବାକୁ ସମର୍ଥ ହୋଇଛି । ଥରେ ମାତ୍ର ଭାବି ଦେଖିଲେ ବୁଝା ଯିବ ଯେ କୌଶଲ୍ୟାର ପ୍ରେତାତ୍ମାର ଅବତାରଣା ନ କରି ଯଦି ସେ କାହାଣୀ ନିଜ ମୁଖରୁ ବ୍ୟକ୍ତ କରିବାର ଚେଷ୍ଟା କରି ଥାଆନ୍ତେ ତେବେ "ପାନ୍ଥଶାଳ" କାବ୍ୟ ଅପାଠ୍ୟ ହୋଇ ଯିବାର ଯଥେଷ୍ଟ ଆଶଙ୍କା ଥିଲା । ଅତି ଉଚ୍ଚ ଶ୍ରେଣୀର କବି-ପ୍ରତିଭା ଭିନ୍ନ ପାନ୍ଥଶାଳ ପରି କରୁଣରସାତ୍ମକ କାବ୍ୟ-ରଚନା ଅସମ୍ଭବ । କବିଙ୍କର ରଚନା-କୌଶଳରେ ବକ୍ତବ୍ୟ ବିଷୟର ସବୁ ବିଭତ୍ସତା କରୁଣ ରସାପ୍ଳୁତ ହୋଇ ଯାଇଛି । ମାତା ହୋଇ କ୍ଷୁଧାର ତାଡ଼ନାରେ ପୁତ୍ରର ଗଳିତ ଶବଦେହକୁ ଓଟାରିବା କିମ୍ବା ପିତା ହୋଇ ପୁତ୍ରୀର ପ୍ରଣୟ ଭିକ୍ଷା କରିବା ଅତି ବିଭତ୍ସ ଓ ବିସଦୃଶ କଥା । କିନ୍ତୁ କବିଙ୍କର ଅସାଧାରଣ ପ୍ରତିଭା ଏ ବିଭତ୍ସତାକୁ କାରୁଣ୍ୟର ପ୍ଳାବନରେ ଧୋଇ ଦେଇଛି ।

ଏହି ବିଷୟ ଆଲୋଚନା କରିବାକୁ ଯାଇ ଅପ୍ରାସଙ୍ଗିକ ହେଲେ ମଧ୍ୟ ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଦୁରବସ୍ଥାର କଥା ସ୍ୱତଃ ମନକୁ ଆସୁଛି । ଦୁରବସ୍ଥାର କାରଣ ବିଶ୍ଳେଷଣ କଲେ ଦେଖାଯିବ ଯେ ଆମର ସାହିତ୍ୟିକମାନେ ନିଜର କଳ୍ପନାକୁ ମୁକ୍ତି ଦେବାକୁ ନାରାଜ । ବିଷୟ-ବସ୍ତୁ ଓ ବର୍ଣ୍ଣନୀୟ ରସର ନିର୍ବାଚନରେ ସେମାନେ ଅତ୍ୟନ୍ତ ଗତାନୁଗତିକ । ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ ଆଦିରସ ଓ ବୀରରସ ଅତିଶୟ ଶସ୍ତା । ବୀରରସ ପୁଣି ପ୍ରାଚୀନ ଗୌରବର ଉଲ୍ଲେଖରେ ପର୍ଯ୍ୟବସିତ । ଏ କଥା କଟୁ ହେଲେ ମଧ୍ୟ ସତ୍ୟ । ଆମର ଲେଖକମାନଙ୍କର କଳ୍ପନାରେ ବିଭାବ, ଅନୁଭାବ ଓ ଉପଭାବର ଯଥୋପଯୁକ୍ତ ବିକାଶର ଅବକାଶ ନାହିଁ । ଯେଉଁମାନେ ଆଧୁନିକ ବା କଣ୍ଟିନେଣ୍ଟାଲ—ପନ୍ଥୀ ସେମାନେ ମଧ୍ୟ ଏହି ଦୋଷରେ ଦୋଷୀ । ଅଧିକନ୍ତୁ ବର୍ଣ୍ଣନୀୟ ବିଷୟ ସହିତ ଘନିଷ୍ଠ ପରିଚୟ ସେମାନଙ୍କର ଆଦୌ ନାହିଁ କହିଲେ ଚଳେ । ଫଳରେ ଯେ କଳ୍ପନା ସତ୍-ସାହିତ୍ୟର ପ୍ରସୂତି ତାହାର ପରିଧି ଅତ୍ୟନ୍ତ ସୀମାବଦ୍ଧ ହୋଇଯାଇଛି ଏବଂ ଯାଉଛି । ବର୍ଣ୍ଣନୀୟ ବିଷୟରେ ବୈଚିତ୍ର୍ୟ ଆଣିବାକୁ ହେଲେ କଳ୍ପନାକୁ ମୁକ୍ତ କରିବାକୁ ହେବ । ବିଷୟର ଏବଂ ରସର ସମ୍ପଦ ବଢ଼ାଇବାକୁ ହେବ । ବର୍ତ୍ତମାନ ଯେ ପାଣ୍ଠି ଆମ ହାତରେ ଅଛି ତାହାକୁ ଭଙ୍ଗାଇ ବେଶି ଦିନ ଚଳିବ ନାହିଁ ।

କିନ୍ତୁ ସେ କଥା ବର୍ତ୍ତମାନ ଥାଉ । ବର୍ତ୍ତମାନ ରସ-ସୃଷ୍ଟି ଓ ରସୋପଲବ୍ଧିର କଥା । କାବ୍ୟ ରସର ଆଧାର ନା ରସ କାବ୍ୟର ପ୍ରସୂତି ତାହାହିଁ ଆମର ଆଲୋଚ୍ୟ । କିନ୍ତୁ ଭୟ ନାହିଁ,—ଆପଣମାନଙ୍କ ଉପରେ ଯେ ବହୁତ "ଧୈର୍ଯ୍ୟ-କର" ଧାର୍ଯ୍ୟ ହୋଇ ସରିଲାଣି ତାହା ମୁଁ ଭୁଲି ନାହିଁ । ସୁତରାଂ ଆଜି ଏତିକି । ରସପ୍ରସଙ୍ଗ ଅନ୍ୟ ପ୍ରବନ୍ଧରେ ଆଲୋଚନା କରିବାର ଇଚ୍ଛା ରହିଲା ।



Digitized by srujanika@gmail.com

# ଅମୁହାଁ ଦେଉଳ

ଶ୍ରୀ ମହେଶ୍ୱର ନାୟକ

କୈଶୋର ଯାଇ ଯୌବନ ଦେଖା ଦେଲା, ମଞ୍ଜରୀର ଚଞ୍ଚଳ ପ୍ରାଣରେ ଟିକିଏ ସଂଯମ ଆସିଲା ସତ, କିନ୍ତୁ ଅନ୍ୟମନସ୍କତା ବଢ଼ିଲା ବରଂ କମିଲା ନାହିଁ । ମଥା ବାନ୍ଧି ଦେଇ ହୁନା ମା ଉଠି ଗଲାଣି ହୁଏତ ମଞ୍ଜରୀର ଖିଆଲ ନାହିଁ, ଶାଗ କାଟି କାଟି ପନିକି ଧାରରେ ଅଙ୍ଗୁଳି କଟି ଗଲାଣି ସେ ଜାଣେ ନା, କଳସୀ ଭାସି ଯାଇ ପୋଖରୀ ମଝିରେ ହେଲାଣି ଅଥଚ ସେ ଘାଟ ପଥରରେ ପାଦ ଘଷୁଛି । ମଞ୍ଜରୀ କ'ଣ ଏତେ ଭାବେ ? ଏଣିକରେ ଯେପରି ବାପ ମାଙ୍କର ଅନୁସନ୍ଧାନ ପଡ଼େ । ତାର ଅନ୍ତର ଭିତରେ କିନ୍ତୁ କେଉଁ ଏକ ଅଜଣା ପୁରବୀର ଝଙ୍କାର ଖେଳେ ସେ କଥା ସେ ନ ବୁଝି ସୁଦ୍ଧା ଅଜ୍ଞାତରେ ସଜାଗ ହୋଇ ଉଠେ । ମନେ ମନେ ସେ ହସେ, ଏଟା ତାର କି ପ୍ରବୃତ୍ତି !

ସଞ୍ଜ ଆସେ, ଦିବସର କଳରୋଳ କ୍ରମେ ରାତ୍ରିର ଅନ୍ଧକାରରେ ଆତ୍ମଗୋପନ କରେ । ରାତି ୧୦ଟା ନ ବାଜୁଣୁ ଗାଁଟା ସାରା ନିର୍ଜନତାର ଝୁଲିରେ ଭରିଯାଏ । ଝାଲି ଝିଙ୍କାରୀର ଝିଁ ଧ୍ୱନିଟିରେ ମାତ୍ର ଯାହା ନୀରବ ପ୍ରକୃତିର ଜୀବନ-ବ୍ୟଞ୍ଜନା କରି ହୁଏ । ମଞ୍ଜରୀ ଶଯ୍ୟା ଗ୍ରହଣ କରେ, କିନ୍ତୁ ନିଦ ତା ଆଖିକୁ ସହଜରେ ଆସେ ନା । ସେ ଶୁଣିବାକୁ ପାଏ ଛାତି ଭିତରେ ତାର ପୁରବୀର ତେଜ୍ ଆତ୍ମପ୍ରକାଶ ପାଇଁ ପଥ ଖୋଜି ବୁଲୁଛି । ସ୍ୱରର ନୂତନତା ଓ ଚିରଚମତ୍କାରିତାରେ ସେ ମୁଗ୍ଧ ହୁଏ, ସେଇ ତାନ ଯେନ କଣ୍ଠ ତାର ସଙ୍ଗୀତମୟ ହୋଇ ଉଠେ, କିନ୍ତୁ ଗାଇବାର ଅଧିକାର ନାହିଁ ଜାଣି ନାରୀ ଜନ୍ମ ପ୍ରତି କ୍ଷୋଭ ଜାଗେ ।

ବିଛଣା ଧରିବା ଆଗରୁ ସେ ଦିନ ରାତିରେ ସେ ଶୁଣିଲା ଆଉ ଏକ ପୁରବୀ, ଭିତରେ ନୁହେ ବାହାରେ । କ୍ଷୀଣବାହିନୀ ତଟିନୀର ଅପର ତୀରରୁ କେତେ ଦୂରରୁ ଏ ସ୍ୱର ପ୍ରବାହ ଆସୁଛି କଳିବାର ଚେଷ୍ଟା କଲା ସେ, କିନ୍ତୁ ତାର କୌତୁହଳୀ କାମନା ଉପରେ ଗୋଟାଏ ଆଲୋଡ଼ନ ସୃଷ୍ଟି କରି ସେ ସ୍ୱର ସେଦିନ ହଠାତ୍ ବନ୍ଦ ହୋଇଗଲା ।

ପର ଦିନ ରାତି ଠିକ୍ ସେତିକିବେଳେ । କୃଷ୍ଣା ନିଶୀ ଦେହରେ କମ୍ପନ ଖେଳିଗଲା । ମୁଗ୍ଧା ହରିଣୀ ପରି କାନ ପାତି ମଞ୍ଜରୀ ଶୁଣିଲା ତା ଅନ୍ତରର ପୁରବୀ ହାର ମାନିଛି ନଦୀ-ତୀରର ବଂଶୀ-ଧ୍ୱନିରେ । ରୂପ ଧରି ସେ ଧ୍ୱନି ତରଙ୍ଗ ଦୋଳାଇ ଦୌଡ଼ି ଆସୁଛି ତାର ସନ୍ଧାନରେ । ବିଛଣା ଛାଡ଼ି ସେ ଆସି ଖୋଲା ଝରକା ନିକଟରେ ଠିଆ ହେଲା । ସେ ଚାହିଁଲା ନିକଟରୁ ଦୂରକୁ, ଦୂରରୁ ଦୂରକୁ, କିନ୍ତୁ ଆଖିର ଦୃଷ୍ଟି ତାର ଅନ୍ଧକାରର ଗମ୍ଭୀରତା ଭିତରେ ହଜିଗଲା ପଥ ନ ପାଇ ।

କିନ୍ତୁ ନିଷ୍କରୁଣ ବଂଶୀ ତାର ସମସ୍ତ କାରୁଣ୍ୟ ଯେନ ଅପ୍ରବୀଣାର ଦୁର୍ବଳତା ସ୍ପର୍ଶ କରି ଚାଲିଗଲା । ହଜିଲା ସ୍ୱରର ଖିଅ ଖୋଜିବାକୁ ଯାଇ ସେ ଦେଖେ ତା ଆଖିରୁ ଦୁଇ ବିନ୍ଦୁ ଅଶ୍ରୁ ଝରି ପଡ଼ିଛି ବଂଶୀର ଅଜଣା ଦୁଃଖରେ । ଏତେ କରୁଣ ସେ ଧ୍ୱନି !

ନିତି ସେତିକିବେଳେ ବଂଶୀ ବାଜେ, ଠିକ୍ ସେଇଠି, ସେଇପରି କରୁଣ, ସେଇପରି ପ୍ରାଣସ୍ପର୍ଶୀ । ମଞ୍ଜରୀ ଆସି ଖୋଲା ଝରକା ନିକଟରେ ଠିଆ ହୁଏ ଠିକ୍ ସେହିପରି । ବଂଶୀ ଧ୍ୱନି ନୀରବ ଯାଏ, ବିଛଣାକୁ ଯିବା ଆଗରୁ ସେ ଦେଖେ ତାର ତରଳିଲା ପ୍ରାଣର ପାଣିଟିକ ଅଶ୍ରୁ ରୂପେ ଆଖିରୁ ଝରି ଗାଲ ଦୁଇଟିକୁ ସିକ୍ତ କରିଛି । ବଂଶୀର ଦୁଃଖ କ'ଣ ସେ ଜାଣେ ନା, ଜାଣିବାକୁ ଚେଷ୍ଟା ସୁଦ୍ଧା ସେ କରିନାହିଁ; ତଥାପି ନିଜକୁ ତାର ଦୁଃଖର ଭାଗି କରି ନେବାକୁ ଆନନ୍ଦ ପାଏ । ବିଛଣାରେ ପଡ଼ି କେବେ କେବେ ସେ ମାତ୍ର ଭାବିଛି ଗାଁର ସବୁ ଝିଅ କ'ଣ ବଂଶୀର ମର୍ମକାହାଣୀରେ ସମଦୁଃଖିନୀ ହେବାକୁ ଯାଇ ଉଜାଗରରେ ରାତି ପୋହାନ୍ତି ? ସେ ସମସ୍ତଙ୍କ ଆଗରୁ ତାର ଦରଦୀ ମନ ଧ୍ୱନି ଅନୁସରଣ କରି ଧାଇଁ ଯିବାକୁ ଚାହେଁ ସେଇଠିକି ଯେଉଁଠି ବସି ଅପରିଚିତ ଉଦାସୀ ତାର ଦୁର୍ବଳ ବେଦନାକୁ ସୁର ଦେଇ ତରଙ୍ଗାୟିତ କରୁଛି । ଦୁଃଖ କ'ଣ ବୁଝିବାର ଅବସର ତାର କେବେ [illegible]ନାହିଁ । ସବୁ କ୍ଷେତ୍ରରେ ନିର୍ଲିପ୍ତ, ଉଦାସୀନ ରହିବାଟା ସେ ଦିନ ଯାଏ ଯେପରି ଥିଲା ତାର ଧର୍ମ କିନ୍ତୁ ଅଜଣା ଦୁଃଖର ମୂର୍ଚ୍ଛନା ଯେନୁ ଏ ବଂଶୀ କି ଆକର୍ଷଣ ଲଗାଇ ଦେଲା କେ ଜାଣି, ତା କାନରେ ପଡ଼ିଲା ଦିନଠୁଁ ଏ କାରୁଣ୍ୟ ହୋଇ ଉଠିଲା ତା ନିଜର । ଏମିତି କି ପରିବର୍ତ୍ତନ ଆସେ ।

*　　*　　*　　*

ନବ ଦମ୍ପତିଙ୍କ ଦୁନାର ସଂସାର ହସି ଉଠିଲା । ମଧୁଯାମିନୀରେ ଆତ୍ମହରା ତରୁଣ କହିଲା, 'ରାଣୀ, ପ୍ରିୟା ମୋର, ତୁମକୁ ଯେବେ ସ୍ୱର୍ଗସୁଖ ସୁଦ୍ଧା ମୁଁ ଅବଜ୍ଞା କରେଁ ।' ସରମରଙ୍ଗା ନବ ବଧୂ ଭୂଇଁ ତଳେ ଲୋଟିବାକୁ ମନ ବଳାଇଲା । ତରୁଣ ମନେକଲା ତା ଜୀବନରେ ଏ ଜ୍ୟୋତ୍ସ୍ନା-ପ୍ଲାବନ । ପ୍ରେୟସୀର ପୂର୍ଣ୍ଣ-ଶଶୀ ପରି ମୁଖକାନ୍ତିରେ ଫୁଟି ନ ଫୁଟିଲା ପ୍ରାୟ ବିଷାଦର ଅଳ୍ପାଭାସ ତା ସୌନ୍ଦର୍ଯ୍ୟ ସୃଷ୍ଟିରେ ଆଣି ଦେଇଥିଲା ବାସ୍ତବତା । ଯାହା ଛଡ଼ା ଅନ୍ୟ ଯା କିଛି ବାସ୍ତବ, ସେଥିରେ ନା ଥିଲା ତାର ମନ ନା ଦେଖିବାର ଅବସର, ଅନ୍ତତଃ ତାଇ ସେ ମନେକଲା । ସେଠି ନିଃସଙ୍ଗ ସେ ଓ ତାର ପ୍ରିୟା । ଅସହିଷ୍ଣୁ ନାରୀ ମହଲରେ କଥା ଉଠିଲା,—'କେ ଜାଣି କୁହୁକିନୀ ବୋଧହୁଏ ମନ୍ତ୍ର ଜାଣେ ।'

ତରୁଣ ଜାଣେ ନା, ହୁଏତ ତୃପ୍ତିର ଏ ପ୍ରଥମ ଅବସାଦ । ଏଇ ସେ ପ୍ରଥମ ଲକ୍ଷ୍ୟ କଲା ପ୍ରିୟାଠାରେ ତାର ଅନ୍ୟମନସ୍କତା । ଆକୁଳ ପ୍ରାଣ ତାର ବୁଝିବାକୁ ପ୍ରୟାସ କଲା । କିନ୍ତୁ କବି-ଭାଷାରେ



Digitized by srujanika@gmail.com

ଚକୋର ସେ, ଜ୍ୟୋତ୍ସ୍ନାର ସୀମାରେଖା ସେ ପାରରେ କେଉଁଠି ଅନ୍ଧକାରର ସ୍ପର୍ଶ ଖୋଜି ପାଇବ କାହୁଁ ?

ସେ ନିଜେ ବ୍ୟଥା ଭୋଗୁ, କିନ୍ତୁ ତାର ସୁକୁମାରୀ ପ୍ରିୟାର ପ୍ରାଣରେ ଆଘାତ ସେ ଦେବ, ଏ ଦୁର୍ବଳତା ତାର ନ ହେଉ । ଏଇଯୋଗୁଁ ବୋଧହୁଏ ତାର ଗୋପନ ବ୍ୟଥା କ୍ରମେ ଗୁରୁ ହେବାର ଉପକ୍ରମ କଲା ।

ଆଦରିଣୀର କଷ୍ଟ ହେବ ଜାଣି ସୁଦ୍ଧା ଦିନେ ତରୁଣ ଆପଣାର ଦୁର୍ବଳତା ଅତିକ୍ରମ କରି ପଚାରିଲା, "ତୁମେ 'ଏତେ କ'ଣ ଭାବ ମଞ୍ଜୁଶ୍ରୀ! ତରୁଣର ଅତିପ୍ରିୟ ହସଟିଏ ମଞ୍ଜୁଶ୍ରୀର ଅଧର ପୁଟରେ ଦେଖା ଦେଲା । "କାହିଁ ମୁଁ ତ କିଛି ଜାଣେ ନା" କହି ସେ ପ୍ରିୟର କଣ୍ଠଲଗ୍ନ ହେଲା, ମାତ୍ର ତାକୁ ଭାବିବାକୁ ହେଲା, 'ହଁ ସତେ ତ ; କ'ଣ ମୁଁ ଏତେ ଭାବେଁ ?' ଯେତେଦୂର ମନେପଡ଼େ, ତାର ଅତୀତ ସେ ଘାଣ୍ଟିଲା, ମାତ୍ର କିଛି ସନ୍ଧାନ ବି ପାଇଲା ନାହିଁ । ଅନ୍ତରଙ୍ଗ ଆଲିଙ୍ଗନର ଉଷ୍ଣତା ଓ ଶ୍ୱାସର ସୌରଭରେ ତରୁଣର ଭିତର ବାହାର ପୂର୍ଣ୍ଣ ହୋଇ ଉଠିଲା । ପ୍ରଶ୍ନ କରିବାର ସ୍ଥାନ ସେଠି ଥାଇ ପାରେ ନା ।

ପ୍ରିୟ ପ୍ରିୟାର ଆଳାପରେ ସେ ଦିନ ଗୁଞ୍ଜନ ଲାଗିଥିଲା । ମେଘମୁକ୍ତ ଆକାଶର ନିର୍ମଳ ଜ୍ୟୋତ୍ସ୍ନା ଘର ଭିତରେ ପ୍ରବେଶ କରି ମଞ୍ଜୁଶ୍ରୀର ଦୋଳାୟିତ କେଶ ଦାମକୁ ଆହୁରି ଲୋଭନୀୟ କରିଥିଲା । ତରୁଣ ଭାବୁଥିଲା, ଏହାହିଁ ସୁନ୍ଦର, ଅତି ସୁନ୍ଦର ଦଣ୍ଡିକ ପରେ କିନ୍ତୁ ସେ ଲକ୍ଷ କରି ପାରିଲା ମଞ୍ଜୁଶ୍ରୀ ଭାବୁଛି । ନିଜର ସର୍ବସ୍ୱ ଦେଇ ସୁଦ୍ଧା ପ୍ରିୟାର ଗୋପନ ବ୍ୟଥାଟିକୁ ଆବିଷ୍କାର କରିବାରେ ତାର ଅସାମର୍ଥ୍ୟ ତାକୁ ଯେତିକି ବାଧିଲା ସେତିକି ତାର ମନେ ହେଲା ସେ ଅଭାଗା ।

ଦୂରରେ, ବୋଧହୁଏ ନଦୀ ଆର ପାରରେ, ଭଗ୍ନ ରାତ୍ରିର ନୀରବତାକୁ ଚଞ୍ଚଳ କରି ବଂଶୀ ବାଜି ଉଠିଲା କରୁଣ, ଅତି କରୁଣ । ମଞ୍ଜୁଶ୍ରୀର ପ୍ରାଣରେ ଆସିଲା ଚମକ । କେତେ କାଳ ପୂର୍ବର କେଉଁ ଅସ୍ପଷ୍ଟ ବ୍ୟଥାସ୍ମୃତି ଆଜି ଯେପରି ପୁଣି ରୂପାୟିତ ସେ ମନେ କଲା । ମନ ପ୍ରାଣ ଦେଇ ଶୁଣିବାକୁ ସେ ଭଲ ପାଇଲା— ଆଉ ଯେତିକି ଶୁଣିଲା, ସେତିକି ଭାବିଲା, ଏ ବୋଧହୁଏ ପୂର୍ବ ଜନ୍ମର ତା'ର ଅଙ୍ଗୀଭୂତ କାରୁଣ୍ୟ । ତାର ବେଦନା ଭାଷା ହୋଇ ଦେଖା ଦେଲା । ନିଜକୁ ପ୍ରଶ୍ନ କଲା ପରି ସେ କହି ଉଠିଲା, 'ବଂଶୀର ଦୁଃଖ କଣ ?'

ଉତ୍ତର ଦେଲା ତରୁଣ, "ତୁମେ ତେବେ ଏଇ କଥା ରାତି ଦିନ ଭାବ ?"

କାହାର ଉତ୍ତର ମଞ୍ଜୁଶ୍ରୀ ଚାହିଁ ନ ଥିଲା । ସୁତରାଂ କଥାଟା ଘରର ଅନ୍ଧକାରରେହିଁ ମିଳାଇ ଗଲା । କିନ୍ତୁ ତରୁଣ-ଜୀବନରେ ହେଲା ଏ ମସ୍ତ ବଡ଼ ଆଘାତ ।

ଭାବାତୁର ପ୍ରାଣରେ ତାର ଅଗାଧ ସରଳ ବିଶ୍ୱାସ । ସେଠି ଫାଟସୃଷ୍ଟିର ଛୁଆଁ ପଡ଼ିଲା, ତରୁଣ ତାକୁ ବିଶ୍ୱାସ କରିବାକୁ ରାଜି ହେଲା ନାହିଁ । କିନ୍ତୁ ଛୁଆଁର ସଂକ୍ରମଣକୁ ରୋକି ନ ପାରି ନିଜ ଉପରେ ହିଁ ବିରକ୍ତି ବଢ଼ିଲା ତାର ।

ହେତୁହୀନ ବ୍ୟବଧାନ ଏମିତି ହେଲା ସୃଷ୍ଟି । ତରୁଣର ଉଦ୍ଦାମ ଆକାଙ୍କ୍ଷାରେ ତାର ପୂର୍ବ ବିଭବ ଆଉ ରହିଲା ନାହିଁ ; ସେଠି ଦେଖାଦେଲା ଅବସାଦ । ଶକ୍ତିହୀନ ପରି ସେ ଦେଖିଲା ଓ ବୁଝିଲା, କିନ୍ତୁ ଏ ଦୁଃଖ-ସମୁଦ୍ରରେ ଭାସିଯିବା ଛଡ଼ା ତାର ଅନ୍ୟ ଗତି କିଛି ନ ଥିଲା । ହତଭାଗ୍ୟ ସ୍ୱାମୀ ପତ୍ନୀଠାରେ ଅଭିଳାଷର ଆଦର୍ଶ ଛଡ଼ି ଅନ୍ୟ କିଛି ସେ ଦେଖି ପାରେ ନା ।

* * * *

ସେଦିନ ଗୋଟାଏ ଦୁଃସ୍ୱପ୍ନ ଦେଖି ତରୁଣର ନିଦ ଚାଉଁ କରି ଭାଙ୍ଗିଗଲା । ପତ୍ନୀପ୍ରାଣ ସ୍ୱାମୀ ପ୍ରଥମେ ଖୋଜିଲା ପ୍ରିୟାକୁ, ଯେପରି ସେ ଆଜି ଅନନ୍ତ ବିରହୀ । ମଞ୍ଜୁଶ୍ରୀର ସ୍ଥାନ ଖାଲି ପଡ଼ିଛି । ଶଙ୍କା ତାର ହେଲା, କିନ୍ତୁ ଜୋରକରି ତାକୁ ଦମନ କଲା । ମିନିଟ୍ ପରେ ମିନିଟ୍ କଟିଗଲା, ପ୍ରିୟା ତାର ଫେରେ ନା । ଆଶଙ୍କା ତାର ବଢ଼ି ଚାଲିଲା, ତାକୁ ଆହୁରି ଦୁର୍ବଳ, ଆହୁରି ନିଶକ୍ତ କରି ଭାସି ଆସୁ-ଥିଲା ଦୂରରୁ ସେଇ ରାତିର ସେଇ ବଂଶୀ-ଧ୍ୱନି ।

ଅଗଣାକୁ ଆସି ଦେଖେ ସେଠି ବି ମଞ୍ଜୁଶ୍ରୀ ନାହିଁ । ବାଡ଼ି ଦୁଆର ମେଲା । ଅନ୍ତର ତମାମ ତାର ଆତଙ୍କ ଘେରିଗଲା । କୃଷ୍ଣା ତ୍ରୟୋଦଶୀ ରାତି । ଏ ଘନ ଅନ୍ଧକାରକୁ ନ ଡରି ମଞ୍ଜୁଶ୍ରୀ ଗଲା କୁଆଡ଼େ ? ଅଶୋକ ଗଛ ମୂଳରେ ଯେଉଁଠି ଅନ୍ଧକାର ଆହୁରି ନିବିଡ଼ ହୋଇ ଉଠିଛି ତା'ର ମନେ ହେଲା ସେଠି ଗୋଟାଏ ମୂର୍ତ୍ତି । ସମ୍ଭବତଃ ମଞ୍ଜୁଶ୍ରୀ । ନିକଟତର ହୋଇ ସେ ଦେଖିଲା ଅଶୋକ ଗଛକୁ ଆଉଜି ତାର ଜୀବନାଧିକା, ସେଇ ଅଶୋକ ଗଛର ଗଣ୍ଡିଟି ପରି ନିସ୍ପନ୍ଦ । ଦୂରରୁ ଭାସି ଆସୁଥିବା ବଂଶୀ-ଧ୍ୱନିରେ ହିଁ ସେ ତନ୍ମୟ ଏ କଥା ବୁଝିବାକୁ ତରୁଣର ବେଶି ଡେରି ହେଲା ନାହିଁ ।

ସେ ଡାକିଲା, "ମଞ୍ଜୁଶ୍ରୀ" ହୃଦୟର ଆବେଗ ଯେନ କଣ୍ଠ ସ୍ୱର ତାର କମ୍ପ୍ର ।

ମଞ୍ଜୁଶ୍ରୀ ଅଦୌ ବିଚଳିତ ହେଲା ନାହିଁ । ସେହି ଅବସ୍ଥାରେ ହିଁ କହି ପକାଇଲା, "କି ସୁନ୍ଦର, କି କରୁଣ ! ଶୁଣ, ଗୋଳ କରନା"

ଆଲିଙ୍ଗନ-ଅଭିଳାଷ ତରୁଣର ପ୍ରବଳ ହୋଇ ଉଠିଥିଲା, କିନ୍ତୁ ଅଧ ପଥରେ ତାହା ଯେପରି ପାଇଲା ଏକ ବାଧା ପର୍ବତ ପରି ଅଲଂଘ୍ୟ, ଅବାକ୍ ସେ ସେଇଠି ଠିଆ ହୋଇ ରହିଲା, ପୁରୁଷର କ୍ଷୁଣ୍ଣ ଅଭିମାନ ଆଜି ତାର ଜାଗି ଉଠିଲା ଗର୍ଜନ କରି ।

ତରୁଣର ଫେରିବା ପଛେ ପଛେ ଧଡ଼ିକିନା ଯେଉଁ ଶବ୍ଦ ହେଲା ସେତିକି ଯାଇ ମଞ୍ଜୁଶ୍ରୀର ଧ୍ୟାନ ଭାଙ୍ଗିଲା । ସେ ଦ୍ୱାର ନିକଟକୁ ଆସି ଦେଖେ କବାଟ ରୁଦ୍ଧ । ଭିତରୁ ସେତେବେଳକୁ ନୀରବ ବଂଶୀର ଶେଷ ରେଶ୍‌ଟି ଅନ୍ଧାର ଭିତରେ ମିଳାଇ ଗଲାଣି ।

ଦେବତାର ଦେଉଳ ମଞ୍ଜୁଶ୍ରୀ ପାଇଁ ସେହି ଦିନଠୁଁ ହେଲା ଅମୁହାଁ । ନିଶୀଥ ବଂଶୀର ଅବହେଳିତ ସ୍ୱରଟି ପରି ସେ କେବଳ ଭାସି ବୁଲିଲା ଦେଉଳ ବାହାରର ତିମିରାବରଣରେ ।



Digitized by srujanika@gmail.com

# ବର୍ଷା-ବିଦାୟ

ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ

ମୁଗ୍ଧ ଅଖି ମୋର,
କାକର-ଉଜଳ ଶ୍ୱେତଭ୍ର ପ୍ରଭାତର
ବର୍ଣ୍ଣ-ଛଟା ସ୍ନିଗ୍ଧ ମଧୁ ଆଲୋକଧାରା-ପାନେ
ମତ୍ତ, ଆଜ ବରଷା-ଅବସାନେ !
ତରୁଣୀ ବସୁମତୀ
ହାସ୍ୟମୟୀ, ଶ୍ୟାମାଙ୍ଗିମାନା, ସ୍ନିଗ୍ଧା, ରୂପବତୀ,
ପ୍ରସ୍ଫୁଟିତ ସରସୀଜ ସମ
ପିଅଇ ସୁଖେ ନିଖିଳ ଦେହେ ଜ୍ୟୋତିର ମଧୁ ପ୍ଲାବନ ମନୋରମ !
ଊର୍ଦ୍ଧ୍ୱେ ତାର ଉଦାର ମହାକାଶ
ଉଚ୍ଛୁଳି ପଡ଼େ ଶରତର ନିରଞ୍ଜନ ହାସ ।

କାନ୍ତା ଧରଣୀରେ
ବିଦାୟ ମାଗି ବରଷା କହେ ଧୀରେ,
"ମେଲାଣି ଏବେ ଦିଅ ଗୋ. ପ୍ରିୟତମେ,
ସାଙ୍ଗ ପରା ହେଲାଣି ଆସି ମିଳନ-ଗୀତ ସମେ !
ଗଲାଣି ଗଡ଼ି ବେଳ,
ଗଲାଣି ସରି ପତର ତଳେ ଝୁମର ଝୁମ ଖେଳ ;
ସୁଦୂର ଅଲସାରେ
ନୀଳାୟମାନ ଆକାଶ-ପାରାବାରେ
ବର୍ଣ୍ଣ-ଭେଳା ଭସାଇ ଦେଇ ଆରମ୍ଭ ଏବେ ହେବ
ଯାତ୍ରା ଅଭିନବ ।

ଦୁଇଟି ମାସ ଧରି
ସଜାଇଥିଲି ତୁମକୁ ମୁହିଁ ଯତନ କେତେ କରି ;
ପିନ୍ଧାଇଥିଲି ସବୁଜ-ତୃଣ-ଶାଢ଼ୀଟି ତୁମ ଦେହେ,
ଅକୃତ୍ରିମ ସ୍ନେହେ
ମଣ୍ଡିଥିଲି କମ୍ର ତନୁ ତବ
ମାଳତୀ, କଅଁ, କାଅଁଳୀ, ନୀପେ ନିତ୍ୟ ନବ ନବ !
ନଦନଦୀରେ ଶୀର୍ଣ୍ଣା ସ୍ରୋତସ୍ୱତୀ
ମୋହର ଦାନେ ହୋଇଥିଲେ ପୂର୍ଣ୍ଣା ବେଗବତୀ ;
ଲଭି ଜଳ ଚପଳ ଲୀଳାଭରେ
ପ୍ରସାରି ବାହୁ ବହୁଥିଲେ ହବସଗ୍ରତ ଖରେ !
ଗହନ ଶ୍ୟାମକାନନଭୂମି ଧ୍ୱନିତ ସଦା କରି
ନୃତ୍ୟ ଥରି ଥରି
ଊର୍ଦ୍ଧ୍ୱେ ମହାକାଶେ
ଉଠୁଥିଲା କଳାପୀରବ ନୃତ୍ୟ-ଅବକାଶେ ।

ସକଳ ଛାଡ଼ି ଦେଇ,
ସଙ୍ଗେ ଖାଲି ସ୍ମୃତିଟି ଏକା ପାଥେୟରୂପେ ନେଇ,
ଚଳିଲି ପ୍ରିୟା ଏକା,
ଭୁଲିବ ନାହିଁ, ଭୁଲିବ ନାହିଁ, ବରଷ ଶେଷେ ପୁଣି ଯେ ହେବ ଦେଖା ।"



Digitized by srujanika@gmail.com

# ଭାରତର ଖଣିଜ ସମ୍ପଦ

**ଶ୍ରୀ ଶଶିଭୂଷଣ ରାୟ**

ଗତ ବର୍ଷର ( ୧୯୩୯ ) ଜାନୁଆରୀ ମାସରେ ଲାହୋର ସହରରେ ନିଖିଳ ଭାରତ ବିଜ୍ଞାନ କଂଗ୍ରେସର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଧାନବାଦ୍ Indian School of Minesର ଭୂତତ୍ତ୍ୱ ବିଦ୍ୟାର ଅଧ୍ୟାପକ ଡାକ୍ତର ଶ୍ରୀ ସୁଧୀରକୁମାର ରାୟ ଭାରତର ଖଣିଜ ସମ୍ପଦ ଏବଂ ତାହାର ବିଜ୍ଞାନସମ୍ମତ ବ୍ୟବହାର ସମ୍ବନ୍ଧରେ ଗୋଟିଏ ସୁଚିନ୍ତିତ ପ୍ରବନ୍ଧ ପାଠ କରିଥିଲେ । ଡାକ୍ତର ରାୟଙ୍କର ପ୍ରବନ୍ଧ ପ୍ରକାଶିତ ହେବା ଫଳରୁ ସମ୍ପ୍ରତି ଭାରତୀୟ ଖଣିଜ ସମ୍ପଦ ଭାରତୀୟ ଶିଳ୍ପର ଉନ୍ନତିକଳ୍ପରେ କେଉଁ ପ୍ରକାର ବ୍ୟବହାର ହୋଇ ପାରେ ସେଆଡ଼କୁ ବିଶେଷଜ୍ଞମାନଙ୍କର ଦୃଷ୍ଟି ପଡ଼ିଅଛି ।

ଭାରତବର୍ଷର ଅଧିକାଂଶ ଲୋକ ନିରକ୍ଷର । ଭାରତର ପ୍ରଧାନ ଅବଲମ୍ବନ କୃଷିକାର୍ଯ୍ୟ । ଭାରତରେ ଖଣିଜ ସମ୍ପଦ ପ୍ରଚୁର ପରିମାଣରେ ରହିଅଛି, କିନ୍ତୁ ଏହାର ଅଧିକାଂଶ ବିଦେଶୀୟଙ୍କ ହସ୍ତଗତ ଏବଂ ସେ ଗୁଡ଼ିକ ମଧ୍ୟ କଞ୍ଚା ଦ୍ରବ୍ୟ ହିସାବରେ ବିଦେଶୀୟ ଶିଳ୍ପର ଉନ୍ନତିରେ ସାହାଯ୍ୟ କରିବା ସକାଶେ ବିଦେଶକୁ ପ୍ରେରିତ ହୋଇଥାଏ । ପୁଣି ଅନେକ ପ୍ରଦେଶରେ ଖଣିଜ ସମ୍ପଦ ସକାଶେ ଯଥୋପଯୁକ୍ତ ଭାବରେ ଅନୁସନ୍ଧାନ ହୋଇନାହିଁ । ଆସାମ, ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ଅଧିକାଂଶ ଭାଗହିଁ ଭୂତତ୍ତ୍ୱବିତ୍‌ମାନଙ୍କ କର୍ତ୍ତୃକ ଉପେକ୍ଷିତ । ଏହା ଫଳରେ ଏହି ସମସ୍ତ ଅଞ୍ଚଳର ଖଣିଜ ସମ୍ପଦ ଏକପ୍ରକାର ଅନାବିଷ୍କୃତ ରହିଅଛି । ସମୟର ପରିବର୍ତ୍ତନ ସହିତ ଭାରତୀୟ ଶିଳ୍ପର ଉନ୍ନତି ଅତି ସାମାନ୍ୟ ପରିମାଣରେ ହୋଇଅଛି । ଏହାର କାରଣ ପ୍ରକୃତି ଭାରତକୁ ଯେଉଁ ସମ୍ପଦ ତାହାର ଭଣ୍ଡାରରୁ ଦେଇଅଛନ୍ତି, ଜାତିର ଏବଂ ଦେଶର ଉନ୍ନତି ଓ ଶ୍ରୀବୃଦ୍ଧି ପାଇଁ ସୁଚିନ୍ତିତ ଓ ସୁସମ୍ବଦ୍ଧ ପରିକଳ୍ପନା ଅନୁସାରେ ତାହାର ବ୍ୟବହାର ହେଉନାହିଁ । ଆମ୍ଭେମାନେ କେଉଁ କେଉଁ ଖଣିଜ-ସମ୍ପଦର ଅଧିକାରୀ, କେଉଁ କେଉଁ ଖଣିଜ ସମ୍ପଦ ଆବିଷ୍କାରର ସମ୍ଭାବନା ରହିଅଛି ଏବଂ କିପରି ଏହି ସମସ୍ତ ସମ୍ପଦ ଆମ୍ଭେମାନେ କାର୍ଯ୍ୟରେ ପ୍ରଯୁକ୍ତ କରି ପାରିବୁଁ ତାହା ଚିନ୍ତା କରିବା ସକାଶେ ସମୟ ଉପସ୍ଥିତ ହେଲାଣି ।

ନାନା ପ୍ରକାର ଓ ନାନା ଜାତିର ଧାତବ ଏବଂ ଖଣିଜ ସମ୍ପଦ ଭାରତବର୍ଷର ନାନା ସ୍ଥାନରେ ବିକ୍ଷିପ୍ତ ରହିଅଛି । ଏହି ସମସ୍ତ କେଉଁ ଅଞ୍ଚଳରେ କି ପରିମାଣରେ ମିଳି ପାରେ ଏବଂ କେଉଁ ପ୍ରକାରରେ ତାହା ଭାରତର ଶିଳ୍ପୋନ୍ନତିକଳ୍ପରେ ବ୍ୟବହୃତ ହୋଇପାରେ, ସେ ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା ଓ ବ୍ୟବହାରର ପରିକଳ୍ପନା କାର୍ଯ୍ୟକାରୀ ହେବାର ବ୍ୟବସ୍ଥା ପ୍ରୟୋଜନ । ଏହି ଉଦ୍ଦେଶ୍ୟରେ ସର୍ଭେ ଅଥବା ବିଶଦ ଅନୁସନ୍ଧାନର ପ୍ରୟୋଜନ ଏବଂ ଏହା ସକାଶେ ଯେଉଁ ଯେଉଁ ପ୍ରଦେଶରେ ଯେ ଯେ ପ୍ରକାରର ଧାତୁ ଅଥବା ଖଣିଜ ଦ୍ରବ୍ୟ ଆବିଷ୍କୃତ ହୋଇଅଛି, ସେହି ସେହି ପ୍ରାଦେଶିକ ସରକାରଙ୍କର ଅବହିତ ହେବାର କର୍ତ୍ତବ୍ୟ । ଏକହିଁ ପ୍ରକାରର ଧାତୁ ଅଥବା ଖଣିଜ ଦ୍ରବ୍ୟ ବିଭିନ୍ନ ପ୍ରଦେଶରେ ମିଳେ; ପୁଣି ଏକ ପ୍ରଦେଶରେ ଏକ ପ୍ରକାରର ଧାତୁର ପରିମାଣ ସାମାନ୍ୟ, ଅଥଚ ଅନ୍ୟ ପ୍ରଦେଶରେ ପ୍ରଚୁର । ଅତଏବ ସମ୍ପଦବୃଦ୍ଧି ସକାଶେ ଏ ଗୁଡ଼ିକର ଏକୀଭୂତ ବ୍ୟବହାର ପ୍ରୟୋଜନ । ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଏହି ସମସ୍ତ ସମ୍ପଦ ଏକୀଭୂତ କରିବାହିଁ କର୍ତ୍ତବ୍ୟ । ଏହି ବ୍ୟବସ୍ଥାରେ ବିଭିନ୍ନ ସ୍ଥାନରୁ କଞ୍ଚା-ଦ୍ରବ୍ୟାଦି ଏକତ୍ରୀକରଣ, ଶିଳ୍ପଜାତ ଦ୍ରବ୍ୟାଦି ପ୍ରସ୍ତୁତ ଏବଂ ତାହାର ବିକ୍ରୟ ସକାଶେ ଭାରତର ନାନା ସ୍ଥାନରେ ପୁଣି ପ୍ରୟୋଜନବୋଧରେ ଭାରତର ବାହାରକୁ ପ୍ରେରଣର ବ୍ୟବସ୍ଥା କରି ଅଳ୍ପ ବ୍ୟୟରେ ପ୍ରଭୂତତମ ଉପକାର ସାଧିତ ହୋଇପାରେ । ଏହି ପ୍ରକାରରେ ଯେଉଁ ବୃହତ୍ ଶିଳ୍ପ-ପ୍ରତିଷ୍ଠାନ ସମୂହ ଗଠିତ ହୋଇପାରେ, ସେ ସମସ୍ତ ମଧ୍ୟରୁ ପ୍ରତ୍ୟେକର ସହଯୋଗିତା ଏବଂ ଦେଶବ୍ୟାପୀ ସହାନୁଭୂତି ଫଳରୁ ଜାମସେଦପୁରର ଲୌହ ଶିଳ୍ପ ତଥା ବମ୍ବାଇ ଓ ଅହମଦାବାଦର ବସ୍ତ୍ର ଶିଳ୍ପ ପ୍ରତିଷ୍ଠାନ ପ୍ରଭୃତି ବୃହତ୍ ବୃହତ୍ ପ୍ରତିଷ୍ଠାନ ଗୁଡ଼ିକ ଭଳି ବୃହତ୍ ଓ ଲାଭଜନକ ହୋଇ ଏକାଧାରରେ ବିଦେଶୀୟ ରପ୍ତାନି ବନ୍ଦ କରିପାରେ ଏବଂ ଦେଶକୁ ମଧ୍ୟ ଅର୍ଥନୀତିକ ଉନ୍ନତିର ଶିଖରକୁ ନେଇ ଯିବାକୁ ସମର୍ଥ ହୋଇପାରେ । ରୁଷିଆ ଏବଂ ଆମେରିକା ପ୍ରଭୃତି ଶିଳ୍ପପ୍ରଧାନ ଦେଶସମୂହର ଅର୍ଥନୀତିକ ଓ ସାମାଜିକ ଉନ୍ନତିର ମୂଳ କାରଣ ଏହି ଯେ ବିଭିନ୍ନ ପ୍ରକାରର ଖଣିଜ ଓ ଧାତବ ସମ୍ପଦ ସେମାନେ ଯଥୋପଯୁକ୍ତ ଭାବରେ ପରିକଳ୍ପନା ଅନୁସାରେ ଏକୀଭୂତ ଭାବରେ ବ୍ୟବହାର କରିଅଛନ୍ତି । ଅନ୍ୟାନ୍ୟ ଦେଶରେ ଯାହା ଅତ୍ୟଳ୍ପ ସମୟ ମଧ୍ୟରେ ସମ୍ଭବ ହୋଇଅଛି, ଭାରତବର୍ଷ ପକ୍ଷରେ ତାହା ସମ୍ଭବ ଅବା ନ ହେବ କାହିଁକି ?

ଭାରତବର୍ଷର ପ୍ରଧାନ ଖଣିଜ ସମ୍ପଦ ପଥର କୋଇଲା । ୧୯୩୭ ସାଲର କୋଲ୍ ମାଇନିଂ କମିଟିର କାର୍ଯ୍ୟ ବିବରଣୀରୁ ପ୍ରକାଶ ବର୍ତ୍ତମାନ ସମଗ୍ର ଭାରତରେ ଉତ୍ପନ୍ନ ପଥର କୋଇଲାର ପରିମାଣ ପ୍ରାୟ ୬୫୦ ଲକ୍ଷ ଟନ । ଏହି କୋଇଲାର ଅଧିକାଂଶ ହିଁ ଭାରତୀୟଗଣ କର୍ତ୍ତୃକ ବ୍ୟବହୃତ ହୋଇଥାଏ, କିନ୍ତୁ କେତେ ଲକ୍ଷ ଟନ ମଧ୍ୟ ଭାରତର ବାହାରକୁ ଯାଏ । କିନ୍ତୁ ଏହି ଦେଶରେ କୋଇଲା ବ୍ୟବସାୟର ଉନ୍ନତିର ଏତେ ସୁଯୋଗ ଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କର ଯେଉଁ ଠିକ ସାହାଯ୍ୟ ଏହି ବ୍ୟବସାୟର



Digitized by srujanika@gmail.com

ଉନ୍ନତ ପକ୍ଷରେ ଅତ୍ୟାବଶ୍ୟକ ବ୍ୟବସାୟିମାନେ ସବୁବେଳେ ତାହା ପାଆନ୍ତି ନାହିଁ । ଇଣ୍ଡିଅନ୍ ମାଇନଂ ଏସୋସିଏସନର ସଭାପତି ଶ୍ରୀଯୁକ୍ତ ଆର୍. ବି. ହୋଆଇଟ୍‌ହେଡ୍ (Mr. R. B. Whitehead) ଏହି ପ୍ରତିଷ୍ଠାନର ବାର୍ଷିକ ସଭାରେ କହି ଅଛନ୍ତି :—

"The relations now existing between the Government of India and the coal trade are much happier than they have been in the past." ପୁଣି ଭାରତବର୍ଷରେ ଯଥୋପଯୁକ୍ତ ଭାବରେ କୋଇଲାର ବ୍ୟବହାର ହୋଇ ନ ଥାଏ । କୋଲ ମାଇନଂ କମିଟିର କାର୍ଯ୍ୟ ବିବରଣୀରୁ ପ୍ରକାଶ ରେଲଗାଡ଼ି ଏବଂ କଳ କାରଖାନା ଚଳାଇବା ପାଇଁ ବହୁ ପରିମାଣରେ କୋକ୍ କୋଇଲା ଏବଂ ଖୁବ୍ ଭଲ ଗ୍ୟାସର କୋଇଲା ବ୍ୟବହୃତ ହୋଇଥାଏ । ଏହି ପ୍ରକାରରେ ଯେଉଁ ପ୍ରଚୁର ଜାତୀୟ ସମ୍ପଦ ନଷ୍ଟ ହୋଇଯାଏ, ତାହା ବନ୍ଦ କରିବାର କୌଣସି ଚେଷ୍ଟା ଆଜିଯାଏ ହୋଇ ନାହିଁ । ଭାରତବର୍ଷରେ ଏହି ସମ୍ବନ୍ଧରେ ଗବେଷଣାର କୌଣସି ବ୍ୟବସ୍ଥା ନାହିଁ । ଅଥଚ ଯେଉଁ ସମସ୍ତ ବିଦେଶରେ କୋଇଲା ଉତ୍ପନ୍ନ ହୋଇଥାଏ, ସେଠାରେ ଏହି ସମ୍ବନ୍ଧୀୟ ଗବେଷଣା ଦ୍ୱାରା ସମ୍ପଦ-ବୃଦ୍ଧି ଏବଂ କୋଇଲାର ଯଥୋପଯୁକ୍ତ ଭାବରେ ବ୍ୟବହାରର ଚେଷ୍ଟା ହେଉଅଛି । ଭାରତବର୍ଷର ଅନେକ ସ୍ଥାନରେ ବର୍ତ୍ତମାନ ସୁଦ୍ଧା କୋଇଲା ଅନାବିଷ୍କୃତ ରହିଅଛି ।

ଖଣିଜ ସମ୍ପଦ ହିସାବରେ ପଥର କୋଇଲା ଉତ୍ତାରୁ ପେଟ୍ରୋଲିୟମର ନାମ ସୂଚିତ ହୋଇପାରେ । ବ୍ରହ୍ମଦେଶ ବର୍ତ୍ତମାନ ଭାରତବର୍ଷରୁ ବିଚ୍ୟୁତ ହେବା ଫଳରୁ ଅଧିକାଂଶ ପେଟ୍ରୋଲିୟମ୍ ଭାରତର କର୍ତ୍ତୃତ୍ୱ ବାହାରକୁ ଚାଲି ଯାଇଅଛି । କିନ୍ତୁ ଆସାମ ଓ ପଞ୍ଜାବରେ ପେଟ୍ରୋଲିୟମ ମିଳଅଛି ଏବଂ ବେଲୁଚିସ୍ଥାନ ଓ ସିନ୍ଧୁ ଅଞ୍ଚଳରେ ପେଟ୍ରୋଲିୟମ ମିଳିବ ଏହା ବିଶେଷଜ୍ଞମାନଙ୍କର ଅଭିମତ । ୧୯୩୭ ସାଲରେ ଭାରତବର୍ଷରେ ୧୬୮୦ ଲକ୍ଷ ଗ୍ୟାଲନ କିରୋସିନ ତେଲ ଏବଂ ୧୬୭୦ ଲକ୍ଷ ଗ୍ୟାଲନ ପେଟ୍ରୋଲ ଆମଦାନି ହୋଇଥିଲା । ଏହି ବାବଦରେ ପ୍ରାୟ ଆଠ କୋଟି ଟଙ୍କା ଭାରତର ବାହାରକୁ ଚାଲି ଯାଇଅଛି । ଅଥଚ ଏହି ଅର୍ଥର ଅଧିକାଂଶ ଭାରତରେ ରହିପାରେ । ଏହି ହେତୁରୁ ସୁସମ୍ବଦ୍ଧ ଭାବରେ ଅନୁସନ୍ଧାନ ଓ ଗବେଷଣା ପ୍ରୟୋଜନ । ପଥର କୋଇଲା ବ୍ୟବସାୟରେ ବହୁ ଭାରତୀୟ ନିଯୁକ୍ତ ରହିଅଛନ୍ତି, ମାତ୍ର ପେଟ୍ରୋଲିୟମର ବ୍ୟବସାୟରେ ବିଦେଶୀୟ ବଣିକବୃନ୍ଦଙ୍କର ସମ୍ପୂର୍ଣ୍ଣ ଅଧିକାର । ବର୍ମା ଅୟେଲ୍ କମ୍ପାନୀ (Burma Oil Co.) ଏବଂ ଏହା ସହିତ ସଂଶ୍ଳିଷ୍ଟ ଥିବା କମ୍ପାନୀଗୁଡ଼ିକ ସମ୍ପୂର୍ଣ୍ଣରୂପେ ବିଦେଶୀୟମାନଙ୍କ ଦ୍ୱାରା ପରିଚାଳିତ ଏବଂ ଏମାନେହିଁ ଭାରତର ପେଟ୍ରୋଲିୟମ ବ୍ୟବସାୟହିଁ ନିୟନ୍ତ୍ରଣ କରଥାଆନ୍ତି । ଭାରତବର୍ଷର ଯେଉଁ ସମସ୍ତ ପ୍ରଦେଶରେ ପେଟ୍ରୋଲିୟମର ଖଣି ମିଳିଅଛି ସେମାନେ ଅତି ସାମାନ୍ୟ ଲାଭହିଁ କରଥାଆନ୍ତି । ଯେବେ ପ୍ରାଦେଶିକ ସରକାର ସମୂହ ଏହି ବ୍ୟବସାୟରେ ଭାରତୀୟ ଶକ୍ତି ଏବଂ ଅର୍ଥ ନିୟୋଗ କରିବାକୁ ଉତ୍ସାହ ଦେଅନ୍ତି, ତାହାହେଲେ ଏକାଧାରରେ ସରକାରଙ୍କର ଆୟ-ବୃଦ୍ଧି ଏବଂ ଭାରତର ଶ୍ରୀବୃଦ୍ଧି ହେବ ଏବଂ ବିଦେଶୀୟ ପରିଚାଳିତ କମ୍ପାନୀ ସମୂହର ଏକାଧିପତ୍ୟ ନଷ୍ଟ ହୋଇ ପାରବ ।

ଲୌହ, ମ୍ୟାଙ୍ଗାନିଜ୍, କ୍ରୋମାଇଟ୍ ପ୍ରଭୃତି ଧାତବ ଦ୍ରବ୍ୟରେ ଭାରତବର୍ଷ ଅଧିକ ଅଧିକ ପରିମାଣରେ ସମୃଦ୍ଧ । ଭାରତବର୍ଷରେ କିଛି ସ୍ୱର୍ଣ୍ଣ ଓ ତାମ୍ର ଉତ୍ପନ୍ନ ହୋଇଥାଏ; କିନ୍ତୁ ଭାରତ ସୀସା, ରୁପା, ଦସ୍ତା, ଆଲୁମିନିୟମ୍, ପାରଦ ପ୍ରଭୃତି ଅନ୍ୟାନ୍ୟ ଧାତବ ଦ୍ରବ୍ୟ ସକାଶେ ସମ୍ପୂର୍ଣ୍ଣରୂପେ ବିଦେଶର ମୁଖାପେକ୍ଷୀ । ଅତଏବ ଏହି ସମସ୍ତ ଧାତୁ ଆବିଷ୍କୃତ ନ ହେଲେ କେବଳ ମାତ୍ର ଲୌହ ଶିଳ୍ପ ବ୍ୟତୀତ ଅନ୍ୟାନ୍ୟ ଧାତବ ଶିଳ୍ପରେ ଭାରତବର୍ଷ ଚିରକାଳହିଁ ଅନ୍ୟାନ୍ୟ ଦେଶର ପଶ୍ଚାତରେ ପଡ଼ି ରହିଥିବ । ବର୍ତ୍ତମାନ ସୁଦ୍ଧା ଭାରତବର୍ଷର କେଉଁ ଅଞ୍ଚଳରେ କି କି ଧାତୁ ମିଳପାରେ, ତାହାର ଅନୁସନ୍ଧାନ ଶେଷ ହୋଇନାହିଁ । ଅତଏବ ଧାତବ ଶିଳ୍ପରେ ଭାରତର ଉନ୍ନତି ସମ୍ବନ୍ଧରେ ହତାଶ ହେବାର ନୁହେ । ଅନୁସନ୍ଧାନ ଫଳରୁ ଅନ୍ତତଃ କାର୍ଯ୍ୟ ଚଳିବା ଭଳି ଧାତୁର ସନ୍ଧାନ ଲାଭ ହୋଇ ପାରିବ ।

ଲୌହଶିଳ୍ପ ଭାରତବର୍ଷରେ ଅତି ପ୍ରାଚୀନ କାଳରୁ ଚଳି ଆସୁଅଛି । ବର୍ତ୍ତମାନ ଯୁଗରେ ଆଧୁନିକ ବିଜ୍ଞାନସମ୍ମତ ଉପାୟରେ ଲୌହ ପ୍ରସ୍ତୁତର ପ୍ରକାଣ୍ଡ ପ୍ରକାଣ୍ଡ କାରଖାନା ସମୂହ ପ୍ରସ୍ତୁତ ହେବାର ବହୁଶତ ବର୍ଷ ପୂର୍ବରୁ ଭାରତବର୍ଷରେ ଭାରତରେ ପ୍ରସ୍ତୁତ ଲୌହ ଏବଂ ଇସ୍ପାତ ନିର୍ମିତ ଯନ୍ତ୍ର ଓ ଅସ୍ତ୍ର-ଶସ୍ତ୍ର ସମୂହ ବହୁଦୂର ଦେଶକୁ ରପ୍ତାନି ହେଉଥିଲା । ଖ୍ରୀଷ୍ଟ ଜନ୍ମ ପୂର୍ବରୁ ଦାକ୍ଷିଣାତ୍ୟର ଇସ୍ପାତ ଖ୍ୟାତିଲାଭ କରିଥିଲା ଏବଂ ତୁରସ୍କ ପ୍ରଭୃତି ଦେଶକୁ ତରବାର ବର୍ମ, ବର୍ଚ୍ଛା ଏବଂ ଅନ୍ୟାନ୍ୟ ଅସ୍ତ୍ର-ଶସ୍ତ୍ର ନିର୍ମାଣ କରିବା ସକାଶେ ପ୍ରେରିତ ହେଉଥିଲା । ଏହି ଇସ୍ପାତ ଦାମସ୍କସ୍ ସହର ଦେଇ ୟୁରୋପକୁ ରପ୍ତାନି ହେଉଥିଲା ଏବଂ ଏହି କାରଣରୁ ଏହା ଦାମସ୍କସ୍ ଇସ୍ପାତ ନାମରେ ଅଭିହିତ ହେଉଥିଲା । ବର୍ତ୍ତମାନ କାଳରେ ଏହି ଭାରତୀୟ ଶିଳ୍ପ ଲୁପ୍ତ ପ୍ରାୟ । ଓଡ଼ିଶା ଗଡ଼ଜାତରେ କେତେକାଞ୍ଚଳ ଏବଂ ଗଞ୍ଜାମର ସ୍ଥଳବିଶେଷ ଏହି ଶିଳ୍ପର ମର୍ଯ୍ୟାଦା କେତେକ ପରିମାଣରେ ରକ୍ଷା କରଅଛି ମାତ୍ର ।

ଏ ଯୁଗରେ ଅନେକ ଗୁଡ଼ିଏ ଉନ୍ନତଶୀଳ ଲୌହ ଏବଂ ଇସ୍ପାତ-ଶିଳ୍ପ ପ୍ରତିଷ୍ଠାନ ଗଠିତ ହୋଇ ଅଛି । ଭାରତବର୍ଷର ନାନା ଅଞ୍ଚଳରେ ବହୁ ଲୌହ-ପ୍ରସ୍ତରର ଖଣି ରହିଅଛି ଏବଂ ଏହି ସମସ୍ତ ଖଣିରୁ ଆନୀତ ଲୌହ ପ୍ରସ୍ତରରୁ ପ୍ରଚୁର ଲୌହ ଓ ଇସ୍ପାତ ପ୍ରସ୍ତୁତ ହୋଇଥାଏ । କିନ୍ତୁ କେଉଁ ଅଞ୍ଚଳରେ କି ପରିମାଣ ଲୌହ-ପ୍ରସ୍ତର ଅଛି କିମ୍ବା ମିଳପାରେ ଏବଂ ବର୍ତ୍ତମାନର ଅନୁପାତରେ ସେହି ପ୍ରସ୍ତର ବ୍ୟବହାର କଲେ ଏହି ସମସ୍ତ ଖଣି ଆଉ କେତେ ଦିନ ପ୍ରସ୍ତର ଯୋଗାଇ ପାରିବ, ସେ ସମ୍ବନ୍ଧରେ ଆଶୁ ଅନୁସନ୍ଧାନ ପ୍ରୟୋଜନ । କୌଣସି ସମ୍ପଦ ଚିରସ୍ଥାୟୀ



Digitized by srujanika@gmail.com

ହୋଇ ନ ପାରେ । ଯେବେ ଏ ଭଳି ସମୟ ଅସେ ଯେତେବେଳେ ବର୍ତ୍ତମାନ ଖଣିଗୁଡ଼ିକ ନିଃଶେଷ ହୋଇଯିବ, ସେତେବେଳର କର୍ତ୍ତବ୍ୟ ପୂର୍ବରୁ ସ୍ଥିରୀକୃତ ହେବା ଉଚିତ । ଉତ୍ତର ଭାରତର ଲୌହ ଶିଳ୍ପ ଏବଂ ପଥର କୋଇଲାର ପ୍ରତିଷ୍ଠାନ ସମୂହ ପରସ୍ପର ପାର୍ଶ୍ୱବର୍ତ୍ତୀ ହୋଇଥିବାରୁ ଏକ ବ୍ୟବସାୟର ଉନ୍ନତିରେ ଅନ୍ୟ ବ୍ୟବସାୟର ମଧ୍ୟ ଉନ୍ନତି ସାଧିତ ହୋଇଅଛି । ଅଳ୍ପ ବ୍ୟୟରେ ପଥର କୋଇଲା ମିଳୁଥିବାରୁ ଉତ୍ତର ଭାରତରେ ଲୌହ ବ୍ୟବସାୟ ସବିଶେଷ ଲାଭଜନକ ହୋଇ ଅଛି । କିନ୍ତୁ ଦାକ୍ଷିଣାତ୍ୟରେ କୌଣସି ପଥର କୋଇଲା ଖଣି ନ ଥିବାରୁ ଉତ୍ତର ଭାରତରୁ ପଥର କୋଇଲା ଆମଦାନି କରି ତାହାର ବ୍ୟବହାରରେ ଲୌହର ବ୍ୟବସାୟରେ ବ୍ୟୟର ଅନାଟନ ଅବଶ୍ୟମ୍ଭାବୀ । ଅତଏବ ଅଙ୍ଗାର କିମ୍ବା ବୈଦ୍ୟୁତିକ ଶକ୍ତିର ସାହାଯ୍ୟ ନୋହିଲେ ଦାକ୍ଷିଣାତ୍ୟର ଲୌହ ବ୍ୟବସାୟର ଉନ୍ନତି ଅସମ୍ଭବ । ଦାକ୍ଷିଣାତ୍ୟରେ ଅନେକ ବେଗବତୀ ନଦୀ ଏବଂ ପ୍ରପାତ ରହିଅଛି । ବୈଦ୍ୟୁତିକ ଶକ୍ତିର ଉତ୍ପାଦନ ସକାଶେ ଏଗୁଡ଼ିକ ବ୍ୟବହୃତ ହୋଇପାରେ । ଓଡ଼ିଶା ସରକାର ତଥା ମାନ୍ଦ୍ରାଜ ସରକାର ଓଡ଼ିଶାର ଜୟପୁର ଅଞ୍ଚଳସ୍ଥ ବୋଗରା ଜଳପ୍ରପାତରୁ ବୈଦ୍ୟୁତିକ ଶକ୍ତି ଉତ୍ପାଦନ ସକାଶେ ସବିଶେଷ ଉଦ୍ୟୋଗ କରୁଥିବାରୁ ସର୍ବତୋଭାବରେ ସାଧୁବାଦର ଅଧିକାରୀ । ଲୌହଜାତ ଦ୍ରବ୍ୟ ସକାଶେ ପ୍ରତି ବର୍ଷ ଭାରତରୁ ୩୦ କୋଟି ଟଙ୍କା ବିଦେଶକୁ ଚାଲି ଯାଏ ବୋଲି ବିଶେଷଜ୍ଞମାନଙ୍କର ହିସାବରୁ ପ୍ରକାଶ । ଦେଶର ଲୌହ ଶିଳ୍ପର ଉନ୍ନତି ଦ୍ୱାରା ଏହି ଟଙ୍କା ଦେଶରେ ରହି ପାରେ ।

ମ୍ୟାଙ୍ଗାନିଜ୍ ପ୍ରସ୍ତୁତର ଉପାଦାନ ଭାରତବର୍ଷରେ ପ୍ରଚୁର ପରିମାଣରେ ବିଦ୍ୟମାନ । ଏହାର ପରିମାଣ ବୋଧହୁଏ ପୃଥିବୀ ମଧ୍ୟରେ ଭାରତବର୍ଷରେ ସର୍ବାପେକ୍ଷା ଅଧିକ । ପୁଣି ବିଷ୍ଫୋରକ ପ୍ରସ୍ତୁତ ସକାଶେ ମ୍ୟାଙ୍ଗାନିଜ୍ ଅଧିକ ପରିମାଣରେ ବ୍ୟବହୃତ ହୋଇଥାଏ । ମାତ୍ର ଏହି ଧାତବ ଦ୍ରବ୍ୟରେ ଭାରତର ଅବସ୍ଥା କିପରି ଶୋଚନୀୟ ତାହା ସୁବିଖ୍ୟାତ ଭୂତତ୍ତ୍ୱବିଦ୍ ସାର୍ ଟମାସ୍ ହଲ୍ୟାଣ୍ଡ ଲିଖିତ ପ୍ରବନ୍ଧରୁ ନିମ୍ନ ଉଦ୍ଧୃତାଂଶରୁ ପ୍ରତୀୟମାନ ହେବ :—

" One cannot help the feeling of regret that the whole industry i.e. manganese mining is at present equivalent to a heavy loss to the country. "

ସୁବିଖ୍ୟାତ ଟାଟା କମ୍ପାନୀ ନିଜ ବ୍ୟବହାର ସକାଶେ ସାମାନ୍ୟ ପରିମାଣରେ ମ୍ୟାଙ୍ଗାନିଜ୍ ପ୍ରସ୍ତୁତ କରିଥାନ୍ତି ମାତ୍ର । କ୍ରୋମାଇଟ୍ କଲଙ୍କିନିବାରକ ଇସ୍ପାତ୍‌ବିଶେଷ । ଏହା କେତେକ ପ୍ରକାର ରାସାୟନିକ ଦ୍ରବ୍ୟ ପ୍ରସ୍ତୁତରେ ବ୍ୟବହୃତ ହୋଇଥାଏ । ବେଲୁଚିସ୍ଥାନ, ସିଂହଭୂମ ଏବଂ ମହୀଶୂରରେ କ୍ରୋମାଇଟ୍ ମିଳେ, କିନ୍ତୁ ଏହାର ଉନ୍ନତି ଏବଂ ବ୍ୟବହାର ସକାଶେ ସବିଶେଷ ଚେଷ୍ଟା ହୋଇ ନାହିଁ । ଅଧିକାଂଶ କ୍ରୋମାଇଟ୍ ଖଣିରୁ ବାହାର କରି ବିଦେଶକୁ ପ୍ରେରିତ ହୋଇଥାଏ, ଅଥଚ ଏ ଦେଶରେ କ୍ରୋମାଇଟ୍ ବ୍ୟବହାରର କ୍ଷେତ୍ର ଏବଂ ସୁବିଧାର ଅଭାବ ନାହିଁ । ବେଲୁଚିସ୍ଥାନରେ ୧୯୦୩ ସାଲ ଠାରୁ କ୍ରୋମାଇଟ୍ ଉତ୍ତୋଳିତ ହେଉଅଛି; ବର୍ତ୍ତମାନ ୧୯୩୯ ସାଲରେ ପ୍ରାୟ ୨୫ ସହସ୍ର ଟନ୍ କ୍ରୋମାଇଟ୍ ଉତ୍ତୋଳିତ ହୋଇଅଛି । ମାନ୍ଦ୍ରାଜର ସାଲେମ ଜିଲ୍ଲାରେ ମଧ୍ୟ କ୍ରୋମାଇଟ୍ ମିଳିବ ବୋଲି ବିଶେଷଜ୍ଞଗଣ ମନେ କରନ୍ତି । କିନ୍ତୁ କେଉଁ ଅଞ୍ଚଳରେ କି ପରିମାଣରେ କ୍ରୋମାଇଟ୍ ମିଳି ପାରିବ ସେ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ଅନୁସନ୍ଧାନ ହୋଇ ନାହିଁ ।

ସ୍ୱର୍ଣ୍ଣ ସମ୍ପଦରୁ ମଧ୍ୟ ଭାରତବର୍ଷ ବଞ୍ଚିତ ନୁହେ । ଉତ୍ତର ଭାରତର କୌଣସି କୌଣସି ନଦୀର ବାଲୁକାରୁ ସ୍ୱର୍ଣ୍ଣ ମିଳେ ଏବଂ ଅତି ପ୍ରାଚୀନ କାଳରୁ ଏହି ପ୍ରକାର ସ୍ୱର୍ଣ୍ଣ-ସଂଗ୍ରହର ପ୍ରଥା ପ୍ରଚଳିତ । ଉତ୍କଳର ସୁବର୍ଣ୍ଣରେଖା ନଦୀରେ ମଧ୍ୟ ଏହି ପ୍ରଥା ଦେଖାଯାଏ । ଏଥିରୁ ବୋଧହୁଏ ଭାରତରେ ବର୍ତ୍ତମାନ ସ୍ୱର୍ଣ୍ଣଖଣି ଲୁକ୍କାୟିତ ଅବସ୍ଥାରେ ରହିଅଛି ଏବଂ ଭଲ ଭାବରେ ଅନୁସନ୍ଧାନ କଲେ ଖଣି ମିଳି ପାରିବ । ଦକ୍ଷିଣ ଭାରତର ସ୍ୱର୍ଣ୍ଣଖଣି ସମୂହ ବିଦେଶୀଙ୍କର ହାତରେ—ଅଥଚ ଭାରତରେ ପ୍ରାପ୍ତ ଖଣିଜ ପଦାର୍ଥ ସମୂହ ମଧ୍ୟରେ ସ୍ୱର୍ଣ୍ଣହିଁ ସର୍ବାପେକ୍ଷା ମୂଲ୍ୟବାନ୍ ।

ଭାରତବର୍ଷରେ ତାମ୍ରର ବ୍ୟବହାର ବହୁ ପ୍ରାଚୀନ କାଳରୁ ଚଳୁଅଛି ଏବଂ ବହୁ ସ୍ଥାନରେ ଯେ ତାମ୍ରର ଖଣି ଥିଲା ତାହାର ମଧ୍ୟ ପ୍ରମାଣ ରହିଅଛି । କିନ୍ତୁ ଏ ଯୁଗରେ ଏକମାତ୍ର ସିଂହଭୂମ ଜିଲ୍ଲାରେହିଁ ତାମ୍ରର କେତେକ ଖଣି ରହିଅଛି ଏବଂ ଏହି ଖଣି ସମୂହରୁ ବର୍ଷକୁ ପ୍ରାୟ ପାଞ୍ଚ ସହସ୍ର ଟନ୍ ତାମ୍ର ମିଳେ । କିନ୍ତୁ ଛୋଟନାଗପୁର, ନେଲ୍ଲୋର, ରାଜପୁତାନା, ନେପାଳ, ସିକିମ୍ ପ୍ରଭୃତି ସ୍ଥାନରେ ପ୍ରାଚୀନ ତାମ୍ର ଖଣି ଆବିଷ୍କୃତ ହୋଇଅଛି । ଏହି ସମସ୍ତ ଅଞ୍ଚଳରେ ଅନୁସନ୍ଧାନ କଲେ ବୋଧହୁଏ ପ୍ରଚୁର ପରିମାଣରେ ତାମ୍ର ମିଳିପାରିବ । ଅନୁସନ୍ଧାନ ଫଳରୁ ଯେବେ ନୂତନ ତାମ୍ରକ୍ଷେତ୍ର ମିଳେ ତାହାହେଲେ ଏହି ବାବଦରେ ପ୍ରାପ୍ତ ଅର୍ଥ ଭାରତୀୟ ଶିଳ୍ପର ଉନ୍ନତିକଳ୍ପରେ ନିୟୋଜିତ ହୋଇପାରେ ।

ଅଭ୍ର ଭାରତର ଅନ୍ୟତମ ଖଣିଜ ସମ୍ପଦ । ବୈଦ୍ୟୁତିକ ଶିଳ୍ପର ଶ୍ରୀବୃଦ୍ଧି ସହିତ ଅଭ୍ର-ଶିଳ୍ପ ଜଡ଼ିତ; ବିଦ୍ୟୁତ୍ ଉତ୍ପାଦନ ସକାଶେ ଅଭ୍ର ପରମ ପ୍ରୟୋଜନୀୟ । ପୃଥିବୀର ଅଭ୍ର-ଉତ୍ପନ୍ନକାରୀ ଦେଶ ସମୂହ ମଧ୍ୟରେ ଭାରତବର୍ଷହିଁ ସର୍ବ ପ୍ରଧାନ; କିନ୍ତୁ ଏ ପର୍ଯ୍ୟନ୍ତ ଭାରତର ଖଣି ସମୂହରୁ ପ୍ରାପ୍ତ ଅଭ୍ର ବୈଜ୍ଞାନିକ ଉପାୟରେ ଶୋଧିତ ଏବଂ ପରିଷ୍କୃତ ହୋଇ ଶିଳ୍ପରେ ବ୍ୟବହୃତ ହୋଇ ନାହିଁ । ଅଭ୍ରଖଣିରୁ ଅଭ୍ର ଉତ୍ତୋଳନ ସକାଶେ ଯେଉଁ ପ୍ରଥା ଅନୁସୃତ ହୋଇଥାଏ ତାହା ମଧ୍ୟ ପୁରାତନ ପ୍ରଥା—ଏହା ଫଳରେ ବହୁ ଅଭ୍ର ନଷ୍ଟ ହୋଇଥାଏ । ଅଥଚ ଏହି ଶିଳ୍ପକୁ



Digitized by srujanika@gmail.com

ଉନ୍ନତ କଲେ ଏହା ଭାରତର ସର୍ବ ପ୍ରଧାନ ସମ୍ପଦରୂପେ ପରିଗଣିତ ହୋଇପାରେ ।

ଭାରତର ଖଣିଜ ସମ୍ପଦ ମଧ୍ୟରୁ ଉତ୍କଳର ଅଂଶ ସମ୍ବନ୍ଧ କବିଗୁରୁ ୬ ରାଧାନାଥଙ୍କର ନିମ୍ନ କବିତାଂଶରୁ ସ୍ପଷ୍ଟୀକୃତ । ଏଥିରେ ପଥର କୋଇଲା, ସ୍ୱର୍ଣ୍ଣ, ଅଭ୍ର, ହୀରକ ଓ ଲୌହ ପ୍ରଭୃତିର ଉଲ୍ଲେଖ ରହିଅଛି ।

(୧) "ହିଙ୍ଗୁଳା ପୀଠରୁ ଭାସି ଆସିଥିବା ଅଙ୍ଗାର ସଙ୍ଗେ ମିଶ୍ରିତ ।"
ତାଳଚେରର ପଥର କୋଇଲା ।

(୨) "ସୁବର୍ଣ୍ଣ ତଟିନୀ ଶୁଭ୍ର କୋଳେ କୋଳେ କରନ୍ତି ସ୍ୱର୍ଣ୍ଣ ସଞ୍ଚୟ ।"
ସୁବର୍ଣ୍ଣରେଖା ନଦୀର ସ୍ୱର୍ଣ୍ଣ ।

(୩) "ଅଭ୍ର-ଗର୍ଭ-ଗିରି କପିଳାସେ ରଶ୍ମି ଚନ୍ଦ୍ରଙ୍କ ଆସିଥିବ ଯାହିଁ ।"
ଢେଙ୍କାନାଳର ଅଭ୍ର ।

(୪) "ଖେଳନ୍ତି ହୀରକ ମଣି ମହାନଦୀ ବିଷମ-ଶିଳା-ଶଯ୍ୟାରେ ।"
ସମ୍ବଲପୁର ହୀରାକୁଦର ହୀରକ ।

(୫) "ଉପୁଯିବା ଅଣେ କେନ୍ଦୁଝରେ ଗଢ଼ା ହେଉଅଛି ଲୌହ-ତାର ।" ସିତାରରେ ବ୍ୟବହୃତ ହେବା ସକାଶେ ।
କେନ୍ଦୁଝରର ଲୌହ (ଇସ୍ପାତ) ତାର ।

ଅନୁସନ୍ଧାନ-ଫଳରୁ ଭାରତର ତଥା ଉତ୍କଳର ଖଣିଜ ସମ୍ପଦ ଉତ୍ତରୋତ୍ତର ବର୍ଦ୍ଧିତ ହେଉ ଏହାହିଁ ସୁବ୍ରତ କାମନା ।

# ଭୋଟ ଦେଶେ ଉତ୍କଳ-ପ୍ରଭାବ

ଶ୍ରୀ ବୃନ୍ଦାବନ ନାଥ ଶର୍ମ୍ମା

ଭୋଟ ଦେଶ କେଉଁ ଅଛେ ? କେଉଁ ଦେଶକୁ ଭୋଟ ଦେଶ କୁହାଯାଏ ? ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ କିପରି ? ଏହାର ଦୈର୍ଘ୍ୟ, ପ୍ରସ୍ଥ କେତେ ? କେତେ ଲୋକ ଏ ଦେଶରେ ବାସ କରନ୍ତି ? ସେମାନଙ୍କର ରୀତି, ନୀତି, ଆଚାର, ବ୍ୟବହାର କିପରି ? ଏମାନଙ୍କ ଧର୍ମ, କର୍ମ, ଶିକ୍ଷା, ସଭ୍ୟତା, ବିଧି, ବ୍ୟବସ୍ଥା କିପରି ? ଏସବୁ ସାଧାରଣ ପ୍ରଶ୍ନର ଉତ୍ତର ପାଇବା ସହଜ ନୁହେଁ ।

ଭୋଟ ଦେଶର ବିବରଣ ସହଜଲଭ୍ୟ ନୁହେଁ । ସେ ଦେଶକୁ ଯିବା ବଡ଼ କଠିନ ପୁଣି ବିପଦସଙ୍କୁଳ, ଆଜି ସୁଦ୍ଧା ଏ ସଭ୍ୟ ଯୁଗରେ ଭୋଟ ଦେଶକୁ ଯିବା ବା ତତ୍ତ୍ୱ ଅନୁସନ୍ଧାନ କରିବା ଅତୀବ କଷ୍ଟସାଧ୍ୟ । ବହୁ ଭ୍ରମଣକାରୀ ବିପଦର ସମ୍ମୁଖୀନ ହୋଇ ସେ ଦେଶକୁ ଯାଇ ନିଜର ଅମୂଲ୍ୟ ଜୀବନ ହରାଇ ଆସୁଅଛନ୍ତି । କେହି କେହି ବିପଦ-ସମୁଦ୍ର ଉଲ୍ଲଙ୍ଘନ କରି ସେ ଦେଶର ଅପ୍ରକାଶିତ କାହାଣୀର କିୟଦଂଶ ପ୍ରଚାର କରି ସେହି ଅପରିଚିତ ଅଜ୍ଞାତ ଦେଶର ବାର୍ତ୍ତା ସାଧାରଣଙ୍କୁ ଶୁଣାଇ ବିସ୍ମୟ ଉତ୍ପାଦନ କରିବାରେ ସମର୍ଥ ହୋଇ ଥିବାର ଦେଖାଯାଏ ।

ଭୋଟ (ତିବ୍ବତ) ଦେଶର ଅବସ୍ଥିତି—ଭୋଟ ଦେଶର ଉତ୍ତରରେ ତୁର୍କିସ୍ଥାନ, ପୂର୍ବରେ ଚୀନ ଦେଶ, ପଶ୍ଚିମରେ କାଶ୍ମୀର ଓ ଲଦାଖ୍, ଦକ୍ଷିଣରେ ନେପାଳ, ଭୂଟାନ ଓ ଭାରତବର୍ଷ ଅବସ୍ଥିତ । ଭୋଟ ଦେଶ ପୃଥିବୀର ଉଚ୍ଚତମ ଦେଶ, ସମୁଦ୍ରର ପୃଷ୍ଠରୁ ୧୬୫୦୦ ଫୁଟ ଉଚ୍ଚରେ ଅବସ୍ଥିତ । ପରିମାଣ ୧୦,୦୦୦୦୦ ବର୍ଗ ମାଇଲ, ଲୋକ ସଂଖ୍ୟା ୩୦,୦୦୦୦୦, ମାତ୍ର ଜନସଂଖ୍ୟାର ହିସାବ ଆଲୋଚନା କଲେ ଜଣାଯାଏ ବିଭିନ୍ନ ଲେଖକମାନେ ଏହି ସମ୍ବନ୍ଧେ ଏକମତ ହୋଇ ନାହାନ୍ତି । ଏହି ଦେଶର ଲୋକ ଗଣନା କାର୍ଯ୍ୟ ପ୍ରଥମେ ଚୀନ ସରକାର ଆରମ୍ଭ କରି ଥିଲେ । ଏହା ୧୭୩୭ ଖ୍ରୀଷ୍ଟାବ୍ଦରେ ହୋଇଥିଲା ।

ଭୋଟ ଦେଶର ଧର୍ମ, ଆଚାର, ବ୍ୟବହାର—ଭୋଟ ଦେଶରେ ଭାରତୀୟ ବୌଦ୍ଧ ଧର୍ମ ବହୁକାଳରୁ ଚଳି ଆସୁଅଛି । ବହୁ ମଠ, ମନ୍ଦିର ଏ ଦେଶରେ ବିଦ୍ୟମାନ ଅଛି । ବହୁ ମଠାଧୀଶ ଛାତ୍ର, ଛାତ୍ରୀ ଏ ସ୍ଥାନରେ ରହି ବିଦ୍ୟାଚର୍ଚ୍ଚା କରିଥାନ୍ତି । ଭୋଟ ଦେଶ ଭାରତୀୟ ବୌଦ୍ଧଧର୍ମର ଗୋଟିଏ ପ୍ରଧାନ ପୀଠସ୍ଥଳ । ସଂସ୍କୃତ, ତିବ୍ବତ ଭାଷାରେ ନାନାବିଧ ପୋଥି ପତ୍ର ମଠମାନଙ୍କରେ ଆଜିସୁଦ୍ଧା ଯତ୍ନରେ ରକ୍ଷିତ ହୋଇଅଛି । ଭାରତୀୟ ବିଦ୍ୱାନ୍ ପଣ୍ଡିତ-ମାନେ ଏଦେଶକୁ ବହୁକାଳରୁ ଯିବା ଆସିବା କରୁଅଛନ୍ତି । ଭାରତୀୟ ପଣ୍ଡିତମାନଙ୍କର ରଚିତ ନାନାବିଧ ଗ୍ରନ୍ଥାଦି ଭୋଟ ଦେଶରେ ଅବିଷ୍କୃତ ହେଉଅଛି । ତିବ୍ବତର ଭୂତପୂର୍ବ ରାଜାମାନେ ଭାରତୀୟ ପଣ୍ଡିତମାନଙ୍କୁ ସେ ଦେଶକୁ ନେଇ ଜ୍ଞାନ, ଧର୍ମ ପ୍ରଚାର କରିବାରେ ଯଥେଷ୍ଟ ଉଦାରତା ଦେଖାଇ ଯାଇ ଅଛନ୍ତି । ଭାରତୀୟ ସଭ୍ୟତା, ଧର୍ମ ଓ ସାଧନା ସେ ଦେଶରେ ବ୍ୟାପ୍ତ ହୋଇ ଆଜି ସୁଦ୍ଧା ଜୀବିତ ଅଛି । ଭୋଟ ଦେଶରେ ତାନ୍ତ୍ରିକ ମତ ବଡ଼ ପ୍ରବଳ । ଭୂତ, ପ୍ରେତ, ରାକ୍ଷସଙ୍କର ପ୍ରଭାବ ସର୍ବତ୍ର ଦେଦୀପ୍ୟମାନ୍ ରହିଅଛି । ଆଜିସୁଦ୍ଧା ଭୋଟ ଦେଶର ଲୋକମାନେ ଭୂତ ପ୍ରେତଙ୍କର ଉତ୍ପାତରୁ ରକ୍ଷା ପାଇବା ନିମନ୍ତେ ନାନାବିଧ ପୂଜା, ହୋମ, ବଳିଦାନ କରିବାକୁ ସର୍ବଦା ଉଦ୍‌ବିଗ୍ନ ତଥା ଉତ୍କଣ୍ଠିତ ।



Digitized by srujanika@gmail.com

ଭୋଟ ଦେଶରେ ବାରିପାତ କମ୍ ପରିମାଣରେ ହୋଇଥାଏ । ବରଫପାତ ଯଥେଷ୍ଟ ପରିମାଣରେ ହୁଏ । ବରଫ ପଡ଼ିବା ଯୋଗୁ ବୃକ୍ଷ, ଲତା, ଘାସର ପ୍ରାଦୁର୍ଭାବ ଅତ୍ୟନ୍ତ କମ୍ ଦେଖାଯାଏ । ଥଣ୍ଡା ଅତ୍ୟନ୍ତ ବେଶୀ । ଭୋଟ ଦେଶର ଲୋକେ ସର୍ବଦା ପଶମ-ପ୍ରସ୍ତୁତ ବସ୍ତ୍ରାଦି ପରିଧାନ କରିଥାନ୍ତି । ଏମାନଙ୍କ ମଧ୍ୟରେ ସ୍ନାନ-ପ୍ରଥା ବଡ଼ କମ୍ । ଏଣୁ ଅପରିଷ୍କାର, ଅପରିଚ୍ଛନ୍ନତା ଏମାନଙ୍କ ମଧ୍ୟରେ ବିଶେଷ ଦେଖାଯାଏ ।

ଘି, ମାଂସ ଏମାନଙ୍କର ପ୍ରଧାନ ଖାଦ୍ୟ । ମଦ୍ୟାଦିର ବ୍ୟବହାର ଅଛି । ମାଂସକୁ ଶୁଷ୍କ କରି ତାହାକୁ ଚୂର୍ଣ୍ଣ କରି ଘି ସହିତ ମିଶ୍ରିତ କରି ଖାଦ୍ୟରୂପେ ବ୍ୟବହାର କରିବାର ଦେଖାଯାଏ । ଘିର ବ୍ୟବହାର ବିଶେଷ ପରିମାଣରେ ହୁଏ । ରୁଟିର ବ୍ୟବହାର ଏମାନଙ୍କ ମଧ୍ୟରେ ବିଶେଷ ପ୍ରଚଳିତ ନାହିଁ । ଗହମ, ଓ ଯବକୁ ଭାଜି ତାହାକୁ ଚୂର୍ଣ୍ଣକରି ସମ୍ଭ୍ରାନ୍ତଠାରୁ ଗରିବ ପର୍ଯ୍ୟନ୍ତ ସମସ୍ତେ ବ୍ୟବହାର କରିଥାନ୍ତି । ଏ ଦେଶର ଗୃହପାଳିତ କୁକୁରମାନେ ବଡ଼ ତେଜସ୍ୱୀ ଓ ହିଂସାପରାୟଣ । ଗୃହସ୍ୱାମୀଙ୍କୁ ନ ଜଣାଇ ନୂତନ ଲୋକ ଗୃହ ପ୍ରବେଶ କଲେ ବିପଦର ସମ୍ମୁଖୀନ ହେବାର ସମ୍ପୂର୍ଣ୍ଣ ସମ୍ଭାବନା ଥାଏ ।

ଭାରତ ସହିତ ଭୋଟ ଦେଶର ସମ୍ବନ୍ଧ କେତେ କାଳରୁ ଚଳିଆସୁଅଛି, ସେ ସମ୍ବନ୍ଧେ ସୁପଣ୍ଡିତ Vincent A, Smith C.I.E.ଙ୍କର ମନ୍ତବ୍ୟ ଉଦ୍ଧାର କରାଯାଉ—In the seventh and eighth centuries Tibet was a powerful State, in close touch with India as well as with China. The routes from China through Lhasa and Nepal into India now closed were then open and frequently used by pilgrims and other travellers. Strong-tsan Gampo, the most renowned of Tibetan Kings, whose great reign is placed by the best authorities between A. D. 629 and 650, annexed Nepal, defeated the usurper, who had dared to occupy the throne vacated by Harsha, occupied Tirhut and strengthened his position by marrying a Chinese princess as well as a Nepalese one. Acting under the influence of his Buddhist consorts he introduced their religion into his Kingdom, and gave his people the means of acquiring knowledge by importing from India the alphabet now used in Tibet. He founded Lhasa, for which, according to tradition, he prepared the site by filling up a lake with stones.

In the first half of the eleventh century Atisa and other eminent monks from the seats of learning in Magadha came to Tibet on the invitation of the reigning King and effected extensive reforms or changes in the Buddhist church which became the foundation of modern Lamaism. (*Ancient and Hindu India*)

ଏକ ସମୟରେ ବିହାର ପ୍ରଦେଶ ବିଶ୍ୱ-ବିଦ୍ୟାଳୟ, ମଠ ନିମନ୍ତେ ପ୍ରସିଦ୍ଧି ଲାଭ କରିଥିଲା । ନାଳନ୍ଦା ବିଶ୍ୱ-ବିଦ୍ୟାଳୟର ପ୍ରଶସ୍ତି ପାଠକେ ଅବଗତ ଅଛନ୍ତି । ବିକ୍ରମଶିଳା ନାମକ ଗୋଟିଏ ପ୍ରଧାନ ବିଦ୍ୟାପୀଠ ବିହାର ପ୍ରଦେଶରେ ଥିଲା । ସେଠାରେ ନାନା ଦେଶର ପଣ୍ଡିତମାନେ ଉପସ୍ଥିତ ଥାଇ ନାନାବିଧ ଶାସ୍ତ୍ର ଚର୍ଚ୍ଚା କରି ପ୍ରାଚୀନ ଭାରତର ଗୌରବ ବିସ୍ତାର କରିଥିଲେ । ଭାରତୀୟ ପଣ୍ଡିତଙ୍କର ପାଣ୍ଡିତ୍ୟ କ୍ରମେ ନେପାଳ ରାଜ୍ୟରେ ପ୍ରବେଶ କଲା । ସେଠାରେ ଆଜି ସୁଦ୍ଧା ଅସଂଖ୍ୟ ତାଳପତ୍ର ପୋଥି ଷ୍ଟେଟ୍ ଗ୍ରନ୍ଥାଗାରରେ ରକ୍ଷିତ ହୋଇ ନାନା ଦେଶର ବିଦ୍ୱାନ୍ ପଣ୍ଡିତଙ୍କର ଆଦର-ସାମଗ୍ରୀ ହୋଇଅଛି । ପୃଥିବୀର ଉନ୍ନତ ରାଜ୍ୟମାନଙ୍କରୁ ବିଦ୍ୱାନ୍ ପଣ୍ଡିତମାନେ ଏଠାକୁ ଆସି ନାନାବିଧ ଉପକରଣ ସଂଗ୍ରହ କରି ନେଇ ଯାଉଅଛନ୍ତି ଏବଂ ତାହା ପ୍ରକାଶିତ ହୋଇ ସାଧାରଣଙ୍କର କୌତୂହଳ ଚରିତାର୍ଥେ କ୍ଷମ ହେଉଅଛି । ନେପାଳ ସୀମାନ୍ତରେ ତିବ୍ବତ ରାଜ୍ୟ । କ୍ରମେ କ୍ରମେ ସେହି ଶିକ୍ଷା, ସାଧନା ନେପାଳରୁ ତିବ୍ବତକୁ ଗଲା । ସେହି ଗତି ଅବାଧ ପୁଣି ଉତ୍ସାହ ପ୍ରାପ୍ତ ହୋଇ ଚୀନ, ଜାପାନ ଦେଶରେ ପ୍ରସାର ଲାଭ କରିଥିବାର କଥା ନୂତନ ଭାବରେ କହିବାର ପ୍ରୟୋଜନ ନାହିଁ । ଆଜି ପାଠକବର୍ଗଙ୍କ ଆଗରେ ସେହି ଭୋଟ, ନେପାଳ, ଚୀନ ପ୍ରଭୃତି ଦେଶରେ ଉତ୍କଳୀୟ ସଭ୍ୟତାର କିଞ୍ଚିତ୍ ଆଭାସ ଦେବାର ବାସନା ଜାଗରୁକ ହୋଇଅଛି । ପ୍ରକୃତ ତଥ୍ୟ ଉଦ୍ଘାଟନ ପାଇଁ ଯେଉଁ ଶକ୍ତି, ସାମର୍ଥ୍ୟ, ପାରିପାର୍ଶ୍ୱିକ ଅବସ୍ଥା ଆବଶ୍ୟକ, ତାହା ମୋହର ନାହିଁ । ଅକ୍ଷମତା, ଅଯୋଗ୍ୟତା, ଅପାରଗତାକୁ ଅବଲମ୍ବନ କରି ଦୁର୍ଗମ ପଥରେ ଯାତ୍ରା କଲେ ଯେଉଁ ଅବସ୍ଥାରେ ଉପନୀତ ହେବାକୁ ହୁଏ, ତାହା ମୋ ଭାଗ୍ୟରେ ଘଟିବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ଧୀରେ ଅଗ୍ରସର ହେବାର ଚେଷ୍ଟା କରାଯାଉ ।

ଭୋଟ ଦେଶ ନାମ ଓଡ଼ିଆମାନେ ବହୁ ଦିନରୁ ଜାଣି ପାରିଅଛନ୍ତି । ଓଡ଼ିଆ ଜାତିର ବରେଣ୍ୟ କବିବର ଉପେନ୍ଦ୍ର ଭଞ୍ଜ "ବୈଦେହୀଶ ବିଳାସ" କାବ୍ୟରେ ଏକ ସ୍ଥାନରେ ଭୋଟ ଦେଶର ନାମ ଉଲ୍ଲେଖ କରିଥିବାର ଦେଖାଯାଏ—

"ସୂର୍ଯ୍ୟତପନ୍ନ କଲେ ନେଇ　　ତପନବଂଶିକ ତହିଁ,
ସଭାରେ ଲୋଭା ଅନାଇ ନୃପ ସକଳ ।
ବିଦର୍ଭ କର୍ଣ୍ଣାଟ, ଭୋଟ,　　ସଉରାଷ୍ଟ୍ର, ମରହଟ୍ଟ,
କୁନ୍ତଳ, କେରଳ, ଗୌଳ, ସିନ୍ଧୁ, ଉତ୍କଳ ।"



Digitized by srujanika@gmail.com

ଚୀନ ଦେଶରେ ଉତ୍କଳୀୟ ଶିଳ୍ପକଳାର ଗୌରବ ପ୍ରକାଶିତ ହୋଇଥିଲା, ଚୀନ ଦେଶର ଜଣେ ସମ୍ରାଟ ଦୂତ ପଠାଇ ଉତ୍କଳୀୟ ପଣ୍ଡିତ ଲୋକାଦିତ୍ୟଙ୍କୁ ଜଳପଥରେ ସ୍ୱଦେଶକୁ ନେଇ ଯାଇଥିଲେ । ଲୋକାଦିତ୍ୟ ଭେଷଜବିତ୍ ଥିଲେ, ଚୀନ ସମ୍ରାଟଙ୍କୁ ଦୀର୍ଘ ଜୀବନ ଲାଭ କରିବାର ଉପାୟ ପ୍ରଦର୍ଶନ କରି ସମ୍ମାନିତ ହୋଇଥିବା କଥା ଇତିହାସ ସାକ୍ଷ୍ୟ ଦିଏ ।

ନେପାଳ ରାଜ୍ୟରେ ଉତ୍କଳୀୟ ପଣ୍ଡିତଙ୍କର ଲିଖିତ ନାନାବିଧ ରଚନା ମିଳୁଅଛି । ପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କର "ବୌଦ୍ଧଗାନ ଓ ଦୋହା" ଆମୂଳଚୂଳ ଆଲୋଚନା କଲେ ଏ ସମ୍ବନ୍ଧେ ନାନାବିଧ ତତ୍ତ୍ୱ ମିଳିପାରିବ । ଉତ୍କଳୀୟ ବ୍ରାହ୍ମଣ କୃଷ୍ଣାଚାର୍ଯ୍ୟ ବା କାହ୍ନୁଙ୍କର ରଚିତ ବହୁ ଦୋହା ଗୀତ ଆବିଷ୍କୃତ ହୋଇଅଛି । କେବଳ କୃଷ୍ଣାଚାର୍ଯ୍ୟ ନୁହନ୍ତି, ମୀନନାଥ ପ୍ରଭୃତି ଆଉ କେତେ ଜଣଙ୍କର କବିତା ନେପାଳରୁ ମିଳିଅଛି । ସେ ସବୁ ଆଲୋଚନା କରିବାର ସ୍ଥାନ ସ୍ୱତନ୍ତ୍ର । ଉତ୍କଳୀୟ କୃଷ୍ଣାଚାର୍ଯ୍ୟଙ୍କର ପରିଚୟ ଦେବାକୁ ଯାଇ ଜନୈକ ସୁଦକ୍ଷ ଲେଖକ ଯାହା ଲେଖିଅଛନ୍ତି ତାହା ନିମ୍ନରେ ଉଦ୍ଧାର କରାଗଲା ।

The next author in chronological order is Krsnacarya (717 A. D.) also known as Kanhupa, the disciple of Hadipa. Taranath makes him a contempory of Jalandhari, Bhartrhari, Gopichandra and even Dharmakirti. Taranath is probably wrong in making him a contemporary of Dharmakirti who as we definitely know flourished in the first half of the 7th century. Krsnacarya seems to be a contemporary of Jalandhari and Gopichandra both of whom in all probability flourished in the first quarter of the 8th century. According to Pag Sam Jon Zan, Krsna was born in a Brahmin family of Orissa and was initiated into the mystic cult by Jalandharipa. His disciple was a weaver (Tantipa) and he is credited in the same work with having introduced the Tantras in which the male and female divinities sit clasping each other, Krsnacarya stands as the author of a Dohakosa and several songs of the Carya Caryaviniscaya written in his own vernacular which was probably Udiya........(Vide Journal of the Bihar & Orissa Research Society, September 1928)

ନେପାଳ ରାଜଧାନୀସ୍ଥ ରାଜକୀୟ ଗ୍ରନ୍ଥାଗାର ଅନ୍ୱେଷଣ କଲେ ଉତ୍କଳୀୟ ପଣ୍ଡିତଙ୍କର ବିବିଧ ଜ୍ଞାତବ୍ୟ ଉପକରଣ ମିଳିବାର ସମ୍ପୂର୍ଣ୍ଣ ସମ୍ଭାବନା ଅଛି । ବୈଦେଶିକ ପଣ୍ଡିତଙ୍କ ହାତରେ ପଡ଼ି ଓଡ଼ିଆ ଭାଷା କିପରି ବିକୃତ ପୁଣି ବିକଳାଙ୍ଗ ହୋଇଅଛି, ସୁପଣ୍ଡିତ ହରପ୍ରସାଦ ଶାସ୍ତ୍ରୀଙ୍କ ସଂଗୃହୀତ "ବୌଦ୍ଧଗାନ ଓ ଦୋହା" ଆଲୋଚନା କଲେ ତାହାର ପ୍ରମାଣ ଉପଲବ୍ଧ ହୁଏ । ଉତ୍କଳ ସରକାର କେତେକ ଜଣ ସୁପଣ୍ଡିତଙ୍କୁ ନେପାଳ ଓ ତିବ୍ବତକୁ ପଠାଇ ଓଡ଼ିଆ ଭାଷାର ପ୍ରାଚୀନତ୍ୱର ଆଲୋଚନା କଲେ କେତେ ଯେ ଉପାଦେୟ ସାମଗ୍ରୀ ମିଳି ପାରନ୍ତା ତାହା ଏଠାରେ କହିବାକୁ ସ୍ଥାନାଭାବ । ଓଡ଼ିଆ ସାହିତ୍ୟର ପ୍ରସାର କାମନାରେ ଓଡ଼ିଆ ସରକାର ଯାହା ବ୍ୟୟ କରୁଅଛନ୍ତି, ସେହି ଅର୍ଥ ଏହି କାର୍ଯ୍ୟରେ ବ୍ୟୟ ହେବା ସମୀଚୀନ ବୋଲି କହିବା ଅସଙ୍ଗତ ହେବ ନାହିଁ ।

ବର୍ତ୍ତମାନ ପାଠକମାନଙ୍କୁ ଭୋଟଦେଶ ତଥା ତିବ୍ବତ ଦେଶରେ ଉତ୍କଳୀୟ ପ୍ରଭାବ କିପରି ଥିଲା ତହିଁର ସାମାନ୍ୟ ନମୁନା ପ୍ରଦର୍ଶନ କରିବାର ଚେଷ୍ଟା କରାଯାଉ । ଭୋଟଦେଶକୁ ଦୁଇ ଜଣ ଉତ୍କଳ ବାସୀ ପଣ୍ଡିତ ଯାଇ ଯେଉଁ ସୁଖ୍ୟାତି ଅର୍ଜନ କରିଥିଲେ ତାହା ଉଲ୍ଲେଖଯୋଗ୍ୟ । ସେମାନଙ୍କର ନାମ ପଣ୍ଡିତ ତଥାଗତ ରକ୍ଷିତ ଓ ପଣ୍ଡିତ ପଦ୍ମସମ୍ଭବ । ପଣ୍ଡିତ ତଥାଗତ ରକ୍ଷିତ ବଡ଼ ତନ୍ତ୍ରାଚାର୍ଯ୍ୟ, ଜ୍ଞାନପାଦ ଦୀପଙ୍କର, ଇନ୍ଦ୍ର, ଶ୍ରୀଧର, ଜୀବଭଦ୍ର ପ୍ରଭୃତି ତନ୍ତ୍ରାଚାର୍ଯ୍ୟଙ୍କର ସମସାମୟିକ ଥିଲେ । ସଂସ୍କୃତ ଓ ତିବ୍ବତ ଭାଷାରେ ସେ ବଡ଼ ପଣ୍ଡିତ ବୋଲି ସୁଖ୍ୟାତି ଲାଭ କରିଥିଲେ । ସେ ବିକ୍ରମଶୀଳା ମଠ ଓ ନାଳନ୍ଦା ବିଶ୍ୱବିଦ୍ୟାଳୟରେ କିଛି କାଳ ଅବସ୍ଥାନ କରି ଯଶସ୍ୱୀ ହୋଇଥିଲେ । ତିବ୍ବତ ଭାଷାରେ ନିଜ ରଚିତ ଓ ଅନ୍ୟର ରଚିତ କେତେକ ଖଣ୍ଡ ଗ୍ରନ୍ଥ ଅନୁବାଦ କରିଥିଲେ । ସେ ସବୁ ତିବ୍ବତି-ତ୍ରିପିଟକ ମଧ୍ୟରେ ମିଳୁଅଛି । ତଥାଗତ ରକ୍ଷିତଙ୍କର ଲିଖିତ ନିମ୍ନଲିଖିତ ଗ୍ରନ୍ଥ ଆଜିସୁଦ୍ଧା ତିବ୍ବତରେ ଦେଖାଯାଏ—କୁଦୃଷ୍ଟିଦୂଷଣ, ଶୂନ୍ୟତଭାବନା, ବିଦ୍ୟାବର୍ଦ୍ଧନ, ସ୍ୱର୍ଗଶ୍ରିପସାଧନ, ମୃତ୍ୟୁରୁପଠ୍ୟ, ଚୌରବନ୍ଧ, ଯୋଜନାଚାର୍ଯ୍ୟନିବନ୍ଧ, ଇତ୍ୟାଦି । ସଂସ୍କୃତ ଭାଷାରେ ଶ୍ରୀ ବଜ୍ରଗୌରବ ହସ୍ତଦିହନ, ବିଶୁଦ୍ଧ ନାମ୍ୟ ଚତୁର ମୁଖ୍ୟ ସମସ୍ତ-ସିଦ୍ଧ ସାଧନ ନାମ, ନାମରେ ଦୁଇ ଖଣ୍ଡ ଗ୍ରନ୍ଥ ସେ ରଚନା କରିଥିଲେ । ଅନ୍ୟ ଭାଷାରୁ ତିବ୍ବତ ଭାଷାରେ ନିମ୍ନୋକ୍ତ ଗ୍ରନ୍ଥଗୁଡ଼ିକ ଅନୁବାଦ କରିଥିଲେ—୧। ଶ୍ରୀ ହେରୁକାଭ୍ୟୁଦୟ ମହାଯୋଗିନୀ ଗୀତ ତନ୍ତ୍ରରାଜକ ପିଣ୍ଡୀକୃତାକ୍ଷର ପଞ୍ଜିକା, ୨। ଅଭିଷେକ ପ୍ରକରଣ, ୩। ଶ୍ରୀ ବଜ୍ରଭୈରବ ତନ୍ତ୍ର ଟିପଣୀ ନାମ, ୪। ବଜ୍ରଭୈରବ ତନ୍ତ୍ର-ପଞ୍ଜିକା, କେତେକ ବର୍ଷ ହେଲା ନେପାଳରୁ "ତଥାଗତ-ଗୁହ୍ୟକ" ନାମରେ ଖଣ୍ଡିଏ ବୌଦ୍ଧ-ତନ୍ତ୍ର ସମ୍ବନ୍ଧୀୟ ଗ୍ରନ୍ଥ ମିଳିଅଛି, ଅନେକ ତଥାଗତ ରକ୍ଷିତଙ୍କ ସହିତ ଏହି ଗ୍ରନ୍ଥର ସମ୍ବନ୍ଧ ଥିବାର ଅନୁମାନ କରୁଅଛନ୍ତି । ପଣ୍ଡିତ ତଥାଗତ ରକ୍ଷିତଙ୍କୁ କେହି କେହି ଶାନ୍ତିରକ୍ଷିତ ବା ତଥାଗତ ରକ୍ଷିତ ବୋଲି କହିଥାନ୍ତି । ଏହି ସୁପଣ୍ଡିତ ମହୋଦୟ ତିବ୍ବତର ରାଜଧାନୀ ଲାସାନଗରକୁ ଦୁଇଥର ଯାଇଥିଲେ, ଏବଂ ତତ୍କାଳୀନ ରାଜାଙ୍କର ପ୍ରିୟପାତ୍ର



Digitized by srujanika@gmail.com

ହୋଇଥିଲେ । ପଣ୍ଡିତ ମହୋଦୟ ଖ୍ରୀ ୭୬୭ ଖ୍ରୀଷ୍ଟାବ୍ଦରେ ଲ୍ହସା ଯାତ୍ରା କରି ଖ୍ରୀ ୭୫୦ ଖ୍ରୀଷ୍ଟାବ୍ଦରେ ସେଠାରେ ଦେହରକ୍ଷା କରିଥିଲେ । ଆଜିସୁଦ୍ଧା ତାଙ୍କର ଦେହାବଶେଷ ଗୋଟିଏ ଚୈତ୍ୟରେ ରଖା ଯାଇଅଛି, ତିବ୍ବତ ଦେଶରେ ପଣ୍ଡିତ ତଥାଗତ ତଥା ଶାନ୍ତ ରକ୍ଷିତଙ୍କର ପ୍ରସିଦ୍ଧି ଆଜିସୁଦ୍ଧା ବିଦ୍ୟମାନ ରହିଅଛି ।

ତତ୍କାଳୀନ ତିବ୍ବତ ରାଜା ପଣ୍ଡିତଙ୍କୁ କହିଥିଲେ—"ଦେବ ଦେବୀଙ୍କ କ୍ରୋଧରୁ ରକ୍ଷା ପାଇବା ନିମନ୍ତେ ଆପଣ ଉପାୟ ନିର୍ଦ୍ଦେଶ କରନ୍ତୁ । ପଣ୍ଡିତ ରକ୍ଷିତ କହିଲେ—ଓଡ଼ିଶା ରାଜବଂଶୋଦ୍ଭବ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ଆଣାଇ ଆପଣ ଏହି ବିପଦରୁ ରକ୍ଷା ପାଇବାର ବନ୍ଦୋବସ୍ତ କରନ୍ତୁ । ତଦନୁସାରେ ଉତ୍କଳୀୟ ତାନ୍ତ୍ରିକ ପଣ୍ଡିତ ପଦ୍ମସମ୍ଭବଙ୍କୁ ତିବ୍ବତକୁ ନିଆଯାଇ ମନ୍ତ୍ରବଳରେ ଦେବଦେବୀଙ୍କର ତୃପ୍ତିସାଧନ କରାଯାଇଥିଲା । ବଙ୍ଗଳା ଭାଷାର ପ୍ରସିଦ୍ଧ ଭାଷାକୋଷ ବିଶ୍ୱକୋଷ କହନ୍ତି—ଖ୍ରୀ ୭୪୭ ଅବ୍ଦରେ ତିବ୍ବତ ରାଜା ଥିସ୍ରୋଂ, ଦେ, ଚନ୍‌ଙ୍କର ଆହ୍ୱାନରେ ପଣ୍ଡିତ ପଦ୍ମସମ୍ଭବ ତିବ୍ବତ ଯାତ୍ରା କରିଥିଲେ । ପଣ୍ଡିତ ତଥାଗତ ଖ୍ରୀ ୭୬୭-୭୫୦ ପର୍ଯ୍ୟନ୍ତ ତିବ୍ବତ ଦେଶରେ ଥିଲେ ଅତଏବ ଉତ୍କଳୀୟ ସୁପରିଚିତ ପଣ୍ଡିତ ପଦ୍ମସମ୍ଭବଙ୍କୁ ଡକାଇ ନେଇଥିବା କଥା ବିଶ୍ୱାସଯୋଗ୍ୟ ବୋଲି ପାଠକେ କହି ପାରିବେ । ପଣ୍ଡିତ ତଥାଗତ ବା ଶାନ୍ତ ରକ୍ଷିତ ଉତ୍କଳବାସୀ ଏ କଥାରେ ମତଭେଦ ନାହିଁ, କାରଣ ତଥାଗତ ଉତ୍କଳବାସୀ ହୋଇ ନଥିଲେ ଉତ୍କଳୀୟ ପଣ୍ଡିତ ସୁପ୍ରସିଦ୍ଧ ତାନ୍ତ୍ରିକ ବିଦ୍ୟାବିତ୍ ପଦ୍ମସମ୍ଭବଙ୍କର ନାମ ତିବ୍ବତ ନରେଶଙ୍କୁ ଜଣାଇ ନଥାନ୍ତେ । ପଣ୍ଡିତ ପଦ୍ମସମ୍ଭବଙ୍କର କାର୍ଯ୍ୟାବଳୀ ସମସ୍ତ ତିବ୍ବତରେ ପରିବ୍ୟାପ୍ତ ତାଙ୍କର ପ୍ରତିମୂର୍ତ୍ତିକୁ ଚିତ୍ରପଟରୂପେ ତିବ୍ବତୀମାନେ ଯତ୍ନ ପୂର୍ବକ ରକ୍ଷାକରି ପୂଜା କରୁଛନ୍ତି । ତିବ୍ବତବାସୀ ପ୍ରତିଭାପୂଜକ ଏଥିରୁ ସହଜରେ ଅନୁମିତ ହେଉ ନାହିଁକି ?

ଅଳ୍ପଦିନ ହେଲା ବିହାରବାସୀ ସୁପଣ୍ଡିତ ରାହୁଲ ସାଂକୃତ୍ୟାୟନ ତିବ୍ବତ ଯାତ୍ରା କରିଥିଲେ । ସେ ପଣ୍ଡିତ ପଦ୍ମସମ୍ଭବଙ୍କର ସୁଖ୍ୟାତି ଓ ଚିତ୍ରପଟ ଗୃହେ ଗୃହେ ପୂଜିତ ହେଉ ଥିବାର ଦେଖି ଆସି ଅଛନ୍ତି । ଏଥିରୁ ପାଠକେ ତିବ୍ବତରେ ଉତ୍କଳୀୟ ପଣ୍ଡିତଙ୍କର ପ୍ରଶସ୍ତିର ପରିଚୟ ପାଇ ପାରିଲେ କି ନା ?

ତିବ୍ବତ ଓ ନେପାଳରୁ ମିଳିଥିବା ଗ୍ରନ୍ଥାଦି ଇଉରୋପ ନିଆଯାଇ ସେଠାରେ ଭାଷାନ୍ତରିତ ହୋଇ ମୁଦ୍ରିତ ହେଉଅଛି; ପାଶ୍ଚାତ୍ୟ ପଣ୍ଡିତମାନେ ଏ ସବୁର ଗବେଷଣା କରି ନାନାବିଧ ତତ୍ତ୍ୱ ଆବିଷ୍କାର କରୁ ଅଛନ୍ତି । ମାତ୍ର ଆମ୍ଭେମାନେ ତହିଁର କୌଣସି ସମ୍ବାଦ ପାଇ ପାରୁନାହୁଁ । ଓଡ଼ିଆମାନେ ଏକ ସମୟରେ ତନ୍ତ୍ରଶାସ୍ତ୍ରର ଯଥେଷ୍ଟ ଆଲୋଚନା କରିଥିଲେ । ଆଜିସୁଦ୍ଧା ଓଡ଼ିଶାର ସର୍ବତ୍ର ତନ୍ତ୍ରଶାସ୍ତ୍ରୋକ୍ତ ଦେବଦେବୀଙ୍କର ମୂର୍ତ୍ତି ପୂଜିତ ହେଉଅଛି । ସେ ସବୁ ପ୍ରାଚୀନ ତଥ୍ୟର ଆଲୋଚନା ଆମ୍ଭମାନଙ୍କ ଭାଷାରେ ବର୍ତ୍ତମାନ ଦେଖାଯାଏ ନାହିଁ ସତ୍ୟ ମାତ୍ର ଏ ଦେଶରୁ ଉପକରଣ ନେଇ ବହୁ ବିଦ୍ୱାନ୍ ଏ ସମ୍ବନ୍ଧରେ ଯଥେଷ୍ଟ ଆଲୋଚନା କରିଯାଇ ଅଛନ୍ତି ।

ଭୋଟ ଦେଶରେ ଉତ୍କଳର ପ୍ରଭାବ ଉପରେ ଥିବା ଉପରୋକ୍ତ ଆଲୋଚନାରୁ ପାଠକେ କିଞ୍ଚିତ ନମୁନା ପାଇ ପାରିବେ । ପାଠକବର୍ଗଙ୍କର ପରିତୃପ୍ତି ନିମନ୍ତେ ଆଉ କିଛି ପ୍ରମାଣ ଉପଗତ କରିବା ଆବଶ୍ୟକ ମନେ କରି ନିମ୍ନରେ କିଞ୍ଚିତ ଆଲୋଚନା କରାଗଲା ।

ତିବ୍ବତ ଦେଶରେ ଯେଉଁ ସବୁ ଲିପି ଆଜି ସୁଦ୍ଧା ଚଳୁଅଛି ସେସବୁ ଲିପି ଭାରତରୁ ତିବ୍ବତକୁ ଯାଇଅଛି ବୋଲି ବିଶେଷଜ୍ଞମାନେ ସିଦ୍ଧାନ୍ତ କରି ଅଛନ୍ତି—ଇଂରେଜୀ ଭାଷାରେ ପ୍ରସିଦ୍ଧ କୋଷଗ୍ରନ୍ଥ 'Encyclopaedia Britannica· ତିବ୍ବତରେ ପ୍ରଚଳିତ ଲିପି ସମ୍ବନ୍ଧେ ଆଲୋଚନା କରିବାକୁ ଯାଇ ଲେଖି ଅଛନ୍ତି—"Writing was not introducted until the 7th Century. Notched sticks (shing-chram) and knotted cords were in current use, but the latter cotrivance is only faintly alluded to in the Tibetian records, while of the other there are numerous examples. No mention is anywhere made of a hieroglyphical writing, but on the eastern frontier the medicine-men or tomba of the Moso have a peculiar pictorial writing which is known in Europe from two published Mss. (in Journ. Roy. Asiatic Soc., 1885, vol. xvii.); though apparently now confined solely to purposes of witch-craft it perhaps contains survivals of a former extensive system superseded by the alphabetic writing introduced from India. According to tradition—a tradition of which the details are still open to criticism—the alphabet was introduced from India by Tonmi, a lay Tibetian minister who was sent to India in 632 by King Srong-bstam to study the Sanskrit language and Buddhist literature. Tonmi introduced the modified Sankritic "writing in thirty characters" (already detailed under Language and six of which do not exist in Sanskrit) in two styles—the "thick letters" or "letters with heads" (U-ch'en), now commonly used in printed books, and the half-cursive "cornered letters,"



Digitized by srujanika@gmail.com

so called from their less regular heads. The former are traditionally said to have been derived from the Landza character. The Landza of Nepal, however, is certainly not the origin of the Tibetan letter, but rather an ornamental development of the parent letter. The close resemblance of the Tibetan characters "with heads" to the Gupta inscriptions of Allahabad shows them to have been derived from the monumental writing of the period ; and various arguments appear to show that the other Tibetan letters came from the same Indian character in the style in which it was used in common life. The Tibetan half-cursive was further developed into the more current "headless" (U-med) characters, of which there are several styles. The ancient manuscripts discovered by Dr. M. Aurel Stein in Khotan seem to include very clearly, if not the earliest known, Tibetan documents. (L. A. W.; T. DEL.).

ତିବ୍ବତ ଦେଶରେ ଆଜସୁଦ୍ଧା ଛ ଗୋଟି ଲିପି ପ୍ରଚଳିତ ଅଛି, ୧—Tibetan Dbucan, ୨—Tibetan Modern dbu med, ୩—Tibetan Ancient dbu med, ୪—Kashgar Brahmi, ୫—Wartu ୬—Lanthsa.

ଏହି ଲିପିଗୁଡ଼ିକ ଦୁଇ ଭାଗରେ ବିଭକ୍ତ—ଯଥା, Headed characters and headless characters, ଉପରୋକ୍ତ Wartu and Lanthsa ଲିପିଗୁଡ଼ିକ ଭାରତୀୟ ବ୍ରାହ୍ମୀଲିପିରୁ ଗୃହୀତ ବୋଲି କେହି କେହି କହିଥାନ୍ତି । ମାତ୍ର Wartu (ବୁର୍ତ୍ତୁ) ନାମକ ଲିପିସହିତ ଓଡ଼ିଆ ଲିପିର କପରି ସମ୍ବନ୍ଧ ଅଛି ତହିଁର ନମୁନା ପାଠକମାନଙ୍କୁ ଦେଖାଇଦେବା ଉଚିତ ମନେକରି ଓଡ଼ିଆ, ଦେବନାଗରୀ, Wartu (ବୁର୍ତ୍ତୁ) ତିନି ଲିପିର ସାଦୃଶ୍ୟ ବିଶିଷ୍ଟ ଏକ ତାଲିକା ପ୍ରବନ୍ଧ ଶେଷରେ ପ୍ରଦର୍ଶନ କରାଗଲା । ଓଡ଼ିଆ ଲିପିର କ୍ରମବିକାଶ ଯେଉଁ ଲିପିରୁ ହୋଇଅଛି Wartu ଲିପି ସେଥିରୁ ଉଦ୍ଭୂତ ହୋଇଥିବାର ସୁନ୍ଦର ପରିଚୟ ମିଳୁଅଛି । ଦୁଇଟି ବିଭିନ୍ନ ଦେଶର ଲିପି ସାମଞ୍ଜସ୍ୟ ଦେଖି ମନେ ହୁଏ ଯେ ଏହି ଦୁଇଟି ଦେଶର ଲୋକମାନଙ୍କର ମାନସିକବିକାଶ ଓ ମନସ୍ତତ୍ତ୍ୱର କ୍ରମୋନ୍ନତି ପ୍ରଭାବିତ କରିବାର କୌଣସି ଏକ ବିଶେଷ କାରଣ ଅଛି । ପାଠକେ ଧୀରସ୍ଥିର ଭାବେ ଲିପିଦ୍ୱୟକୁ ମିଳାଇ ନେବାର ଚେଷ୍ଟାକଲେ ସନ୍ଦେହ ମୋଚନ କରି ପାରିବାର ସମ୍ପୂର୍ଣ୍ଣ ସମ୍ଭାବନା ରହିଅଛି । ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଭୋଟ ଦେଶରେ କୌଣସି ଲିପି ପ୍ରଚଳିତ ନ ଥିଲା, ୬୩୨ ଖ୍ରୀଷ୍ଟାବ୍ଦରେ ତିବ୍ବତ ରାଜାଙ୍କର ଜଣେ ମନ୍ତ୍ରୀ ଆସି ଭାରତରୁ ଧର୍ମ, ସଭ୍ୟତାର ଆମଦାନି କରିଥିବାର ବ୍ୟକ୍ତ ଅଛି । ଉତ୍କଳୀୟ ଦୁଇଜଣ ପଣ୍ଡିତ ତଥାଗତ ତଥା ଶାନ୍ତ ରକ୍ଷିତ ଓ ପଣ୍ଡିତ ପଦ୍ମସମ୍ଭବ ଭୋଟ ଦେଶକୁ ଯାଇ ଭୋଟ ଦେଶରେ ସଭ୍ୟତା ବିସ୍ତାର କରିଥିବାର ସ୍ୱୀକୃତି ହୋଇଅଛି । ଏଣୁ ଅନୁମାନ କରିବା ଅସଙ୍ଗତ ହେବ ନାହିଁ ଯେ ଉତ୍କଳ ଲିପିର ଅନୁକରଣରେ ତିବ୍ବତ ଦେଶରେ Wartu ଲିପିର ଆବିର୍ଭାବ ହୋଇଅଛି ।

ସନ ୧୯୦୫ ଖ୍ରୀ: ମଇମାସ ୩ ତାରିଖ ଦିନ "Asiatic Society of Bengal" ସଭାରେ Rev, A. H. Francke ଗୋଟିଏ ପ୍ରବନ୍ଧ ପାଠ କରିଥିଲେ । ସେହି ପ୍ରବନ୍ଧର ନାମ—The Similarity of the Tibetan to the Kushgar—Brahmi Alphabet" ଲେଖକ ଏହି ସଭାରେ ଭୋଟ ଦେଶର ଅକ୍ଷରମାନଙ୍କର ନମୁନା ପ୍ରଦର୍ଶନ କରିଥିଲେ । ସେହି ନମୁନାରୁ ଦେବନାଗରୀ ଓ Wartu ଲିପି ଉଦ୍ଧୃତ କରି ପାଠକବର୍ଗଙ୍କୁ ଦେଖାଇବା ଚେଷ୍ଟା କରାଯାଇଅଛି, ପାଠକେ ଆବଶ୍ୟକ ବୋଧ କଲେ Memoirs of the Asiatic Society of Bengal" ପ୍ରଥମ ଭାଗ ୩୪ ନମ୍ବର ଦେଖି ପାରିବେ । ତିବ୍ବତଭ୍ରମଣକାରୀ ବଙ୍ଗୀୟ ସୁପଣ୍ଡିତ ଶରତଚନ୍ଦ୍ର ଦାସଙ୍କର ଲିଖିତ Sacred and ornamental characters of Tibet ନାମଧେୟ ଆଲୋଚନା ପାଠ କରିବାର ସୁବିଧା ମୁଁ ପାଇ ପାରିନାହିଁ । ଆଶାକରେ, ସୁଚତୁର ପାଠକବର୍ଗେ ଉକ୍ତ ଆଲୋଚନା ପାଠ କରିବାର ସୁଯୋଗ ଲାଭ କରି ପ୍ରକୃତ ତଥ୍ୟ ଉପଲବ୍ଧି କରିପାରିବେ ।

ପଣ୍ଡିତ ତଥାଗତ ରକ୍ଷିତ ଓ ପଣ୍ଡିତ ପଦ୍ମସମ୍ଭବ ଭୋଟ ଦେଶରେ କପରି ପ୍ରଭାବ ବିସ୍ତାର କରିଥିଲେ ଏ ସମ୍ବନ୍ଧରେ ବଙ୍ଗ ଭାଷାର ପ୍ରସିଦ୍ଧ ଶବ୍ଦକୋଷ "ବିଶ୍ୱକୋଷ" ଯାହା ଲେଖିଅଛନ୍ତି ତହିଁରୁ କିଛି ଉଦ୍ଧାର କରାଯାଉ—

ଥି ସ୍ରୋନ-ଦେ-ସେନ୍ ରାଜାଙ୍କୁ ମଞ୍ଜୁ ଘୋଷଙ୍କର ଅବତାର ବୋଲି କହୁଥିଲେ । ତାହାଙ୍କର ରାଜତ୍ୱକାଳରେ ମହାପଣ୍ଡିତ ଶାନ୍ତ ରକ୍ଷିତ (ରକ୍ଷିତ) ପଦ୍ମସମ୍ଭବ ଓ ଅନ୍ୟାନ୍ୟ ଭାରତୀୟ ବୌଦ୍ଧ ପଣ୍ଡିତ ତିବ୍ବତକୁ ଆମନ୍ତ୍ରିତ ହୋଇଥିଲେ । ଏମାନଙ୍କ ସଙ୍ଗରେ ୭ଜଣ ଶ୍ରମଣ ଯାଇଥିଲେ । ବୈରଚନ ସେମାନଙ୍କ ମଧ୍ୟରେ ପ୍ରଧାନ । ଶାନ୍ତ ରକ୍ଷିତ ବିନୟ ଶାସ୍ତ୍ରରୁ ମାଧ୍ୟମିକ ଶାସ୍ତ୍ର ପର୍ଯ୍ୟନ୍ତ ଶିକ୍ଷା ଦେଉଥିଲେ । ପଦ୍ମସମ୍ଭବ ଜ୍ଞାନୀ ଛାତ୍ରମାନଙ୍କୁ ତନ୍ତ୍ର ଶାସ୍ତ୍ର ଶିକ୍ଷା ଦେଉଥିଲେ । ଶାନ୍ତ ରକ୍ଷିତ ଓ କମଳଶୀଳ ଉଭୟେ ମାଧ୍ୟମିକ ମତାବଲମ୍ବୀ ଥିଲେ । ରାଜା ଥି—ସ୍ରୋନ୍ ପ୍ରଥମେ ଶାନ୍ତ ରକ୍ଷିତଙ୍କୁ ଆନୟନ କରନ୍ତି । ଦେଶୀୟ ଲୋକମାନଙ୍କର ଧର୍ମାଚରଣର ଅବସ୍ଥା ଦେଖି ଅଳ୍ପେ ଅଳ୍ପେ ସେମାନଙ୍କୁ ଅନୁଷ୍ଠାନାଦି ଶିଖାଇବା ନିମନ୍ତେ ପ୍ରଥମରେ ଦଶଧର୍ମ ଅର୍ଥାତ ପ୍ରାଣି ହିଂସା ନିଷେଧ, ଚୌର୍ଯ୍ୟ ନିଷେଧ, ବ୍ୟଭିଚାର ନିଷେଧ, ମିଥ୍ୟାକଥନ ନିଷେଧ, ପରନିନ୍ଦା ବା ଲୁକଥା ନିଷେଧ, ବୃଥାବାକ୍ୟବ୍ୟୟ ନିଷେଧ, ଲୋଭ ନିଷେଧ, ଅମଙ୍ଗଳ-



Digitized by srujanika@gmail.com

ତନ୍ତ୍ର ନିଷେଧ, ସତ୍ୟର ଅପଲାପ ନିଷେଧ, ଏହି ଦଶବିଧ ନିଷେଧ କରିଥିଲେ । ତତ୍ପରେ ତନ୍ତ୍ରମତ ଶିକ୍ଷା ଦାନାର୍ଥ ଶାନ୍ତ ରକ୍ଷିତଙ୍କର ଅନୁରୋଧରେ ପଦ୍ମସମ୍ଭବଙ୍କୁ ଅଣା ହୁଏ । ସେ ଏଠାରେ କୃଷ୍ଣାଗାର ସଦୃଶ ଗୋଟିଏ ବିହାର ସ୍ଥାପନ କରନ୍ତି । ପଦ୍ମସମ୍ଭବ ରାଜାଙ୍କୁ ଯୋଗ ଶିକ୍ଷା ଦିଅନ୍ତି । ରାଜା ଓ ୨୭ଜଣ ଶ୍ରମଣ ବିବିଧ ଯୋଗରେ ସିଦ୍ଧିଲାଭ କରି ଅଲୌକିକ କ୍ଷମତାପନ୍ନ ହୋଇଥିଲେ ......... ଇତ୍ୟାଦି ।

ଆଉ ଅଧିକ କହି ପାଠକବର୍ଗଙ୍କୁ ବିରକ୍ତ କରିବି ନାହିଁ, ଭୋଟ ଦେଶର ପ୍ରିୟ ମନ୍ତ୍ର "ଓଁ ମଣି ପଦ୍ମେହୁଁ" ଓ "ବୁଦ୍ଧଂ ଶରଣଂ ଗଚ୍ଛାମି" ଆବୃତ୍ତି କରି ପ୍ରବନ୍ଧର ଉପସଂହାର କଲି ।

## ସାଦୃଶ୍ୟବିଶିଷ୍ଟ ଲିପିମାନଙ୍କର ତାଲିକା

| ଓଡ଼ିଆ | ଦେବନାଗର | ଓ୍ୱାର୍ତ୍ତୁ | ଓଡ଼ିଆ | ଦେବନାଗର | ଓ୍ୱାର୍ତ୍ତୁ |
|---|---|---|---|---|---|
| କ | क | | ନ | न | |
| ଖ | ख | | ପ | प | |
| ଗ | ग | | ଫ | फ | |
| ଙ | ङ | | ବ | ब | |
| ଚ | च | | ମ | म | |
| ଛ | छ | | ଯ | य | |
| ଜ | ज | | ର | र | |
| ଞ | ञ | | ଲ | ल | |
| ତ | त | | ଶ | श | |
| ଥ | थ | | ସ | स | |
| ଦ | द | | ହ | ह | |







Digitized by srujanika@gmail.com

# ଯୁଦ୍ଧ ଓ ଗୀତା

ଶ୍ରୀ ଜଳନ୍ଧର ଦେବ

ଅଦ୍ୟ 'ଭଞ୍ଜ ପ୍ରଦୀପ' ସମ୍ପାଦକଙ୍କର ସ୍ମାରକ ଲିପି ବା ତାଗିଦ ପତ୍ର ହସ୍ତ-ଗତ ହେଲା । ଅଦ୍ୟ ଦୁର୍ଗାଷ୍ଟମୀ ପର୍ବ ଓ ରାଜପୂର୍ଣ୍ଣଙ୍କର ଜନ୍ମତିଥି । ମହିଷ-ମର୍ଦ୍ଦିନୀଙ୍କର ପୂଜା, ଶକ୍ତି ପୂଜାର ସ୍ମାରକ । ଶକ୍ତି-ପ୍ରଦର୍ଶନର ପାତ୍ର ନାହିଁ । ଏଣୁ ଭାରତ-ସନ୍ତାନ ମହିଷ ଛାଗ ବଳଦ୍ୱାରା ଶକ୍ତିର ପ୍ରଭାବ ପ୍ରକାଶ କରନ୍ତି । ଆଜି ରାତ୍ରରେ ନିଶା-ପୂଜାରେ ଅସଂଖ୍ୟ ମହିଷ ଓ ଛାଗର ପ୍ରାଣ ନାଶ ହେବ ଏଣୁ ଏ ରାତ୍ରିର ନାମ ମଧ୍ୟ କାଳରାତ୍ରି । ଶକ୍ତିର ଅଯଥା ପ୍ରୟୋଗ କରିବାର ଯୋଗ୍ୟତା ନାହିଁ । ମାନ୍ତ୍ରିକମାନେ ଓ ଶକ୍ତି ଭକ୍ତମାନେ ଖଡ୍ଗହସ୍ତ ହେବେ ।

ରାମ ରାବଣର ଯୁଦ୍ଧ କଥା ମନେ ପଡ଼େ । ବଳଦର୍ପିତ ରାବଣ କେବଳ ଭାର୍ଯ୍ୟା ଓ ଭ୍ରାତା ସହାୟଭୂତ ରାମଙ୍କୁ ଅଯଥା କି କଷ୍ଟ ନ ଦେଲା ? ରାମ ବୀର୍ଯ୍ୟ ଓ ବୁଦ୍ଧିଦ୍ୱାରା ରାବଣକୁ ନାଶ କରି ଦୁଃଖିନୀ ସୀତାଙ୍କୁ ଉଦ୍ଧାର କଲେ । ସ୍ୱଶକ୍ତି ପ୍ରଭାବରୁ ରାମଙ୍କର ଜୟ । ଶାକ୍ତମାନେ ଶକ୍ତି ବା ଦୁର୍ଗାଙ୍କର ସାହାଯ୍ୟରେ ରାମଙ୍କର ଜୟ ଏବଂ ଶରତ୍‌କାଳୀନ ପୂଜାର ସୃଷ୍ଟି ବା ଅକାଳରେ ଉଦ୍‌ବୋଧନ ବୋଲି ଗୋଟିଏ ମତ ସୃଷ୍ଟି କରିଅଛନ୍ତି । ଆଜି ରାମାୟଣରେ ଏ ପ୍ରସଙ୍ଗ ନ ଥିଲେ ମଧ୍ୟ ଲୋକେ ବିଶ୍ୱାସ କରନ୍ତି ।

ପୁଣି ଦେବାସୁର ଯୁଦ୍ଧ ବ୍ୟାପାର ଚଣ୍ଡୀରେ ବିସ୍ତୃତ ଭାବରେ ବର୍ଣ୍ଣିତ । ବଳଦର୍ପିତ ଅସୁରମାନେ ଦେବତାମାନଙ୍କୁ ଅଯଥା ଅତ୍ୟାଚାର କରନ୍ତି, କଷ୍ଟ ଦିଅନ୍ତି କିନ୍ତୁ ଶେଷରେ ଦେବଦ୍ୱାରା କିମ୍ବା ଦେବୀଦ୍ୱାରା ଅସୁରମାନଙ୍କର ପରାଜୟ ହୁଏ । ଦେବୀ ମହିଷାସୁର ଶୁମ୍ଭ, ନିଶୁମ୍ଭ ରକ୍ତବୀଜ ପ୍ରଭୃତି ଅନେକ ଦୈତ୍ୟ ନିଧନ କରି ଦେବତାମାନଙ୍କୁ ଶତ୍ରୁ କବଳରୁ ରକ୍ଷା କରିଥିବାର ଚଣ୍ଡୀ ବା ଦେବୀ-ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଅଛି । ଏହି ମାହାତ୍ମ୍ୟରୁ ତନ୍ତ୍ର ପୂଜାର ସୃଷ୍ଟି । ଅସୁରମାନେ ଏବେ ଏକାନ୍ତ ବିରଳ ; ତଥାପି ବଳି, ହୋମ, ମାଂସ ଓ ମଦ୍ୟ ପ୍ରଭୃତି ଆସୁରୀ ଉପଚାରର ଅଭ୍ୟାସ ରହିଅଛି । ମନୁଷ୍ୟ ହିଁ ଦେବତା, ମନୁଷ୍ୟ ହିଁ ଅସୁର । ରୂପ, ଆକାରର ବା ସାହସରେ ଭୀଷ୍ମ ଓ ଶିଶୁପାଳଙ୍କୁ ଏକ ବୋଲି ଯାଇପାରେ ମାତ୍ର ଗୁଣର ବୈଷମ୍ୟ ଥିଲା । ଜଣେ ସାଧୁ, ଶାନ୍ତ; ଧୀର ଓ ସ୍ଥିର; ଜଣେ ଦର୍ପିତ, ଉଦ୍ଧତ । ଏଣୁ ଭୀଷ୍ମ ଶ୍ରେଷ୍ଠ ମନୁଷ୍ୟ ବା ଦେବତୁଲ୍ୟ । ଶିଶୁପାଳ କୃଷ୍ଣ ଭ୍ରାତା, ମାତ୍ର ନର ପୀଡ଼କ, ଉଦ୍ଧତ ହେତୁ ଅସୁର । କୃଷ୍ଣ ପିତା ବସୁଦେବ ଶ୍ରେଷ୍ଠ ମାନବ, ମାତୁଳ କଂସ ଅସୁର, ଭାଗିନେୟ କୃଷ୍ଣ ଦେବତା, ଭଗବାନ । କୌଣସି କାଳରେ ଏ ଧରା ପୃଷ୍ଠରେ ଦେବତା ନ ଥିଲେ, ଅସୁର ନ ଥିଲେ । ଦୋଷଗୁଣାନୁସାରେ ମନୁଷ୍ୟ ଅସୁର ବା ଦେବତା । ମାତ୍ର ଶାସ୍ତ୍ରାନୁସାରେ ଆମ୍ଭେମାନେ ଦେବତା ଓ ଅସୁର ଥିଲେ ବୋଲି ବିଶ୍ୱାସ କରିବାକୁ ବାଧ୍ୟ ।

ପତ୍ରିକାରୁ ସମ୍ବାଦ ମିଳିଅଛି, ପୋଲାଣ୍ଡ ରାଜ୍ୟ ଜାର୍ମାନ ଓ ରୁଷ୍ କର୍ତ୍ତୃକ ବିଧ୍ୱସ୍ତ ହେଲା । ଫ୍ରାନ୍‌ସ୍ ବ୍ରିଟିଶ ଏକ ପକ୍ଷ, ଜାର୍ମାନ ଅପର ପକ୍ଷ । ଉଭୟ ଘୋର ଯୁଦ୍ଧାୟୋଜନରେ ବ୍ୟସ୍ତ । ଅଚିରେ ତୁମୁଳ ଯୁଦ୍ଧ ହେବ । କୌଣସି ଯୁଦ୍ଧ ଧର୍ମଯୁଦ୍ଧ ନୁହେ । ତଥାପି ପ୍ରଥମ ପକ୍ଷ ଅଳ୍ପଶକ୍ତିସମ୍ପନ୍ନ ଜାତିମାନଙ୍କର କଲ୍ୟାଣରେ ଯୁଦ୍ଧ କରିବାକୁ ଉଦ୍ୟତ । ଦ୍ୱିତୀୟ ପକ୍ଷ ଶକ୍ତି ପ୍ରଭାବରୁ ପର ଦେଶ କବଳିତ କରିବାକୁ ପ୍ରୟାସୀ । ପୂର୍ବ ମହାଯୁଦ୍ଧରେ ଆମ୍ଭେମାନେ ଶୁଣିବାକୁ ପାଉଥିଲୁଁ 'Right is might' । ପୁଣି 'Might is right' । କେଉଁ କଥାଟି ଠିକ, ମୀମାଂସା କରିବା ବଡ଼ କଠିଣ ବୋଲି ଲୋକେ କହନ୍ତି । ତେବେ ଆମ୍ଭମାନଙ୍କ କ୍ଷୁଦ୍ର ବୁଦ୍ଧିରେ ଆପାତତଃ might is right । ଉଭୟ ପକ୍ଷ ଶକ୍ତିଶାଳୀ । ସମରାୟୋଜନାକାର ଅଧିକ ଏ କଥା ପ୍ରକାଶ କରିବା ଅସମ୍ଭବ । ପ୍ରତ୍ୟେକ ପକ୍ଷ ଆପଣା ସୈନ୍ୟ ଓ ରଣ ସମ୍ଭାର ଯଥେଷ୍ଟ ବୋଲି ମନେ କରନ୍ତି । ଏ ବିଶ୍ୱାସ ନ ଥିଲେ କିଏ ବା ଯୁଦ୍ଧ ବ୍ୟାପାରରେ ପ୍ରବୃତ୍ତ ହୁଏ ? ଉଭୟ ଦଳ ଶକ୍ତି-ବିଶ୍ୱାସୀ ଓ ଶକ୍ତି-ପୂଜକ । ମାତ୍ର ଶକ୍ତିର ପ୍ରତୀକ ପୂଜକ ନୁହନ୍ତି । ଭାରତବାସୀ ପ୍ରତୀକ ପୂଜକ । ଏଣୁ ମୂର୍ତ୍ତି ପୂଜାର ଏତେ ବାହୁଲ୍ୟ । ପ୍ରତୀକ ପୂଜା ଦ୍ୱାରା ପ୍ରକୃତ ଶକ୍ତି ପୂଜାର କ୍ରମ ହ୍ରାସ ହୁଏ ଏହା କହିବା ବାହୁଲ୍ୟ ମାତ୍ର । ବ୍ରିଟିଶ ପକ୍ଷ ଓ ଜର୍ମାନର ଶକ୍ତି ଓ ସମ୍ଭାରର ନ୍ୟୂନାଧିକ ଥିଲେ ବା ଥାଇ ପାରେ ତାହା ପ୍ରତି ପକ୍ଷକୁ ଅଗୋଚର ଆମେ ବା ଜାଣିବା କପରି ? ତେବେ ଏହା ନିଶ୍ଚିତ ଯେ ଜାର୍ମାନ୍ ଅପେକ୍ଷା ବ୍ରିଟିଶ ଯେମନ୍ତ ଶକ୍ତିଶାଳୀ ତେମନ୍ତ ସହାୟ-ସମ୍ପନ୍ନ । ଏବଂ ନ୍ୟାୟ୍ୟ ପକ୍ଷ ଗ୍ରହଣ କରିଥିବା ହେତୁରୁ ନିଶ୍ଚୟ ଜୟଲକ୍ଷ୍ମୀ ଆଲିଙ୍ଗନ କରିବ ସନ୍ଦେହ ନାହିଁ ।

ଗୋଟିଏ ବଚନ ଅଛି:—"ଯତୋ ଧର୍ମ ସ୍ତତୋ ଜୟଃ ।" ଧର୍ମର ଜୟ । ଏ ଧର୍ମର ଅର୍ଥ ବୈଷ୍ଣବ, ଶାକ୍ତ, କ୍ରିଶ୍ଚିୟାନ କି ମୁସଲିମ ନୁହେ । ଇଟାଲି ହାବୁସିମାନଙ୍କୁ ଜୟ କଲା । ଧର୍ମରେ ? ନାହିଁ । ଜଗତରେ ଦେଶ ଅନେକ, ଜାତି ଅନେକ । ସମସ୍ତେ ଶକ୍ତିଶାଳୀ ନୁହନ୍ତି । ସମସ୍ତେ ଶିକ୍ଷିତ ଓ ସଭ୍ୟ ନୁହନ୍ତି । ଜେତା ଯେବେ ବିଜିତର ସ୍ୱାର୍ଥ-ରକ୍ଷା ନିମନ୍ତେ ପ୍ରେମରେ ସେହି ଜାତିକୁ ଆତ୍ମୀୟ କରେ ତେବେ ସେ ଜୟ ଚିରସ୍ଥାୟୀ ହୁଏ । ବଳପୂର୍ବକ ବଶ୍ୟତା, ଅସ୍ଥାୟୀ ଓ ଚିର ଅସନ୍ତୋଷର ବିଷୟ । ଏହା ମହାଭାରତର ଉକ୍ତି । ଭାରତରେ ଏହା ମଧ୍ୟ ଅଛି "ଯତୋ କୃଷ୍ଣସ୍ତତୋ ଜୟଃ ।" ଆଜିକାଲିର ମହାସମର ସହିତ ତୁଳନୀୟ ନୋହିଲେ ମଧ୍ୟ ମହାକାବ୍ୟ ଲିଖିତ ମହାଭାରତ ଯୁଦ୍ଧ ଅତି ପ୍ରକାଣ୍ଡ ଯୁଦ୍ଧ ।



Digitized by srujanika@gmail.com

# ଯୁଦ୍ଧ ଓ ଗୀତା

କୌରବମାନଙ୍କର ସମ୍ପୂର୍ଣ୍ଣ ପରାଜୟ—ପାଣ୍ଡବମାନଙ୍କର ଜୟ । କୃଷ୍ଣଙ୍କ ମନ୍ତ୍ରଣା କୌଶଳରୁ ଓ ସହାୟତାରୁ ପାଣ୍ଡବମାନଙ୍କର ଜୟ ଏହା ସ୍ୱୀକାର୍ଯ୍ୟ ମାତ୍ର ପାଣ୍ଡବମାନେ ଧର୍ମ ପନ୍ଥା ଆଶ୍ରୟ କରିଥିବାରୁ ଜୟ ସ୍ୱକୀୟ ଧର୍ମାଚରଣର ପୁରସ୍କାର ଏହା ସ୍ୱୀକାର କରା ଯାଇ ନ ପାରେ । ମାତ୍ର ପଣ୍ଡିତବର୍ଗଙ୍କର ମତ ଯେ ପାଣ୍ଡବମାନଙ୍କର ଯୁଦ୍ଧ ଧର୍ମ ଯୁଦ୍ଧ । ଏଥିର ବିସ୍ତର ପ୍ରତିବାଦ ନିମନ୍ତେ କାଳକ୍ଷେପ କରିବା ସଙ୍ଗତ ମନେହୁଏ ନାହିଁ । ପୁଣି ଧାର୍ମିକବର୍ଗଙ୍କ ଏହି ପ୍ରସଙ୍ଗରେ ବକ୍ତବ୍ୟ ଏହି ଯେ ଭଗବଦ୍‌ଗୀତା ସ୍ୱୟଂ ଶ୍ରୀକୃଷ୍ଣଙ୍କର ମୁଖାରବିନ୍ଦରୁ ନିସୃତ ଏବଂ ସେହି ଗୀତା ଶ୍ରବଣରେ ଅର୍ଜୁନ ଉଦ୍‌ବୁଦ୍ଧ ହୋଇ ପାଣ୍ଡବ ବିପକ୍ଷ ଶତ୍ରୁ ସଂହାର କଲେ ଏବଂ ପାଣ୍ଡବ ପକ୍ଷ ଜୟଯୁକ୍ତ ହେଲେ ।

ମହାକାବ୍ୟ କିମ୍ବା ପୁରାଣ ଲେଖାର ଗୋଟିଏ ନିୟମ ବିଧିବଦ୍ଧ ଅଛି । ତଦନୁସାରେ ମହାଭାରତ ଲିଖିତ । ମହାଭାରତରେ ପ୍ରଧାନ ବିଷୟ କୌରବ ପାଣ୍ଡବ ଯୁଦ୍ଧ । ସ୍ୱତ୍ୱରକ୍ଷା ଓ ନୀତିରକ୍ଷା ଯୁଦ୍ଧର ଉଦ୍ଦେଶ୍ୟ । ପୂର୍ବେ ଯାହା ଏବେ ମଧ୍ୟ ତାହା । ପାଣ୍ଡବମାନଙ୍କର ଯେଉଁ ସ୍ୱତ୍ୱ ଓ ନୀତି ରକ୍ଷା କଳ୍ପନାରେ କୃଷ୍ଣ ସାରଥ୍ୟ ସ୍ୱୀକାର କଲେ ଓ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ ଅର୍ଜୁନ ସେହି ଆଶା ଭରସାକୁ ପଣ୍ଡ କରିବାକୁ ବସିଲେ । କୃଷ୍ଣ ଉପଦେଶ ଦ୍ୱାରା ଅର୍ଜୁନଙ୍କୁ ଯୁଦ୍ଧରେ ପ୍ରବୃତ୍ତ କଲେ । ଅର୍ଜୁନ ଯୁଦ୍ଧରୁ ନିବୃତ୍ତ ହୋଇଥିଲେ ପାଣ୍ଡବ ଜୟ ଆଶା ନିର୍ମୂଳ ହୋଇଥାନ୍ତା । ମହାଭାରତର ପ୍ରଧାନ ଉପାଦାନ ଗୀତା ବୋଲିବାକୁ ହେବ । ଏହାହିଁ ଗୀତାବିଶ୍ୱାସୀ ପଣ୍ଡିତ ବର୍ଗଙ୍କର ମତ । ଗୀତା ଆଲୋଚନା ଭାରତ ଯୁଦ୍ଧର ପ୍ରଧାନ ଉପାଦାନ ନୁହେ । କାରଣ ଗୀତା ପ୍ରକ୍ଷିପ୍ତ । ଗୀତା ଅଠର ଅଧ୍ୟାୟ ଭୀଷ୍ମ ପର୍ବରୁ ଉଠାଇ ଦେଲେ ଭୀଷ୍ମପର୍ବର ପୂର୍ବାପର ସମ୍ବନ୍ଧଚ୍ୟୁତ ହେବ ନାହିଁ । ଗୀତା ବ୍ୟାଖ୍ୟାନର ସ୍ଥାନ ଓ ସମୟ ବିଶ୍ୱାସଯୋଗ୍ୟ ନୁହେ । ସେହିପରି ସହସା ଭୀଷ୍ମ ପର୍ବର ୨୩ ଅଧ୍ୟାୟଟି ଦୁର୍ଗାସ୍ତବ ହେବା ଆଦୌ ବିଶ୍ୱାସଯୋଗ୍ୟ ନୁହେ । ଯାହାର ପ୍ରଧାନ ଓ ଏକମାତ୍ର ସହାୟ ଯୋଗେଶ୍ୱର କୃଷ୍ଣ ଭଗବାନ ସେ ପୁଣି ଦୁର୍ଯ୍ୟୋଧନର ରଣ ସଜ୍ଜାରେ ଭୀତ ହୋଇ ଦୁର୍ଗାର ଶରଣ ଗ୍ରହଣ କରିବ ଏହା ବିଶ୍ୱାସଯୋଗ୍ୟ ନୁହେ । ଏତଦ୍ୱାରା ଏକାଗ୍ର ଭକ୍ତି ଓ ବିଶ୍ୱାସର ବ୍ୟାଘାତ ଘଟେ । କରାଯାଏ କିଣ ? ଶାକ୍ତମାନଙ୍କର ମନୋରକ୍ଷା ନିମନ୍ତେ ଭୀଷ୍ମ ପର୍ବର ୨୩ ଅଧ୍ୟାୟ ବା ଦୁର୍ଗାସ୍ତବ ପ୍ରକ୍ଷିପ୍ତ ବୋଲିବାରେ ଦୋଷୀ ହେବୁଁ କି ? ଭାରତ ପ୍ରାଚୀନ ଓ ବୈଦିକ ଉପାଖ୍ୟାନ ବହୁଳ । ବେଦାନ୍ତ ଉପନିଷଦ୍ ଅଂଶ ବିସ୍ତର ଭାବରେ ଏକାଂଶରେ ସନ୍ନିବେଶିତ ରହିବା ଅଭିପ୍ରାୟରେ ଗୀତାର ସୃଷ୍ଟି ଏହା କହିବା ଅସଙ୍ଗତ କି ? ଏ ଥିର ଆଲୋଚନା ବିସ୍ତର ଭାବରେ ଗୀତାଲୋଚନା ଓ ଅନ୍ୟାନ୍ୟ ପ୍ରବନ୍ଧରେ ବ୍ୟକ୍ତ କରା ଯାଇଅଛି । ପିଷ୍ଟପେଷଣ ନିଷ୍ପ୍ରୟୋଜନ । ଆଜ ଯୁଦ୍ଧାଲୋଚନା ପ୍ରସଙ୍ଗ ଘେନି ଗୀତା ସମ୍ବନ୍ଧରେ ନୂତନ ଅବତାରଣା କରାଗଲା ।

ମହାଭାରତ ଯୁଦ୍ଧର ସୈନ୍ୟସଂଖ୍ୟା ଅଠର ଅକ୍ଷୌହିଣୀ, ଅଠର ଦିନ ଯୁଦ୍ଧ, ପର୍ବ ସଂଖ୍ୟା ଅଠର, ଗୀତା ଅଠର ଅଧ୍ୟାୟ । ଏତାଦୃଶ ଅଠର ସଂଖ୍ୟାର ତାତ୍ପର୍ଯ୍ୟ କିଣ ? ଅଠର ସଂଖ୍ୟା ହେବା ଆକସ୍ମିକ କି କବିମାନଙ୍କର ଇଚ୍ଛାକୃତ ? ଗୀତା ଆଗରୁ ପାଞ୍ଚଗୋଟି ପର୍ବର ଘଟଣା ଘଟିଥିଲା, ବାକି ତେର ପର୍ବର ଘଟଣା ପରେ । ଗୀତା ଅନୁକରଣରେ କି ଭାରତ-ରଚକମାନେ ଆଉ ତେର ପର୍ବ ରଚନା କରି ଗୀତା ସହିତ ସାମ୍ୟ ରକ୍ଷା କଲେ ? ଗବେଷଣାର ସାମଗ୍ରୀ ଅଛି । ବର୍ତ୍ତମାନ ଥାଉ ।

ଅର୍ଜୁନ ବିଷାଦ ହେତୁ କଥୋପକଥନ ପ୍ରସଙ୍ଗରେ ଗୀତା ଅଠର ଅଧ୍ୟାୟ ଆକସ୍ମିକ କି ଇଚ୍ଛାକୃତ ? କୃଷ୍ଣ ଅଧ୍ୟାୟ ଭାଗକ ? କି ସଞ୍ଜୟ କି ବ୍ୟାସ କି ଆଉ କୌଣସି କବି ? ସଞ୍ଜୟ ଜ୍ଞାନ ଚକ୍ଷୁରେ ଯୁଦ୍ଧବ୍ୟାପାର ଦେଖୁଥିଲେ ଏବଂ ଦିବ୍ୟ କର୍ଣ୍ଣରେ କୃଷ୍ଣାର୍ଜୁନଙ୍କର କଥୋପକଥନ ଶ୍ରବଣ କରି ଧୃତରାଷ୍ଟ୍ରଙ୍କୁ ବୁଝାଉଥିଲେ । କୃଷ୍ଣାର୍ଜୁନ ଗୀତା ଅଧ୍ୟାୟ ଅଠରଟି ନାନା ଛନ୍ଦରେ (ଶ୍ଳୋକରେ) କଥାବାର୍ତ୍ତା କରୁଥିଲେ ଏବଂ ସଞ୍ଜୟ ତାହା ଟିପି ରଖୁଥିଲେ କି ? କୃଷ୍ଣାର୍ଜୁନଙ୍କର କଥୋପକଥନ ଭାଷାକୁ ନିଜ ଇଚ୍ଛାନୁସାରେ ଶ୍ଳୋକର ଛନ୍ଦରେ ପରିବର୍ତ୍ତନ କରି ଯାଉଥିଲେ ଏବଂ ସଙ୍ଗେ ସଙ୍ଗେ ଅଧ୍ୟାୟ ବିଭାଗ କରିଯାଉଥିଲେ କି ? ଗୀତା ଅତି ଉପାଦେୟ ଜ୍ଞାନଗର୍ଭକ ବେଦାନ୍ତ ଗ୍ରନ୍ଥ କିଏ ଅସ୍ୱୀକାର କରିବ ? ମାତ୍ର ଏହା କୃଷ୍ଣ ମୁଖ ବିନିସୃତ ବୋଲି ପ୍ରକାଶ କଲେ ଉପରୋକ୍ତ ଓ ଆଉ କେତେ ସନ୍ଦେହ ସ୍ୱଭାବତଃ ମନକୁ ଆନ୍ଦୋଳିତ କରେ ନାହିଁ କି ?

ଗୀତା ଅଠର ଅଧ୍ୟାୟକୁ ତ୍ରିଷଠ୍‌କ ବୋଲାଯାଏ । ପ୍ରଥମ ଷଠ୍‌କ କର୍ମଯୋଗ ଦ୍ୱିତୀୟ ଷଠ୍‌କ ଭକ୍ତି ଯୋଗ ଓ ତୃତୀୟ ଷଠ୍‌କ ଜ୍ଞାନ ଯୋଗ । ଏହି ତିନି ଷଠ୍‌କର ପରସ୍ପର ସମ୍ବନ୍ଧ ବିଦ୍ୟମାନ । ବିଷାଦ ଅଧ୍ୟାୟରୁ ଏହି ତିନି ଯୋଗର କଳ୍ପନା ଆସିଲା କିପରି ? ଏହି ପରସ୍ପର ସମ୍ବନ୍ଧ ତିନି ଷଠ୍‌କ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ଆକସ୍ମିକ କି ଇଚ୍ଛାକୃତ ? ଆକସ୍ମିକ ହୋଇ ନ ପାରେ, ଇଚ୍ଛାକୃତ । ଅନ୍ତର୍ଯ୍ୟାମୀ କି ଜାଣି ଥିଲେ ଯେ ଅର୍ଜୁନର ବିଷାଦ ନିଶ୍ଚୟ ହେବ ଏବଂ ତାକୁ ତିନି ପନ୍ଥାରେ ପ୍ରବୃତ୍ତି ଦେଇ ଯୁଦ୍ଧରେ ବ୍ୟାପୃତ କରିବେ ? ନୁହେ ନୁହେ, ପରବର୍ତ୍ତୀ କବିର କଳ୍ପନା । ଏଣୁ ଅସ୍ଥାନରେ ଓ ଅସମୟରେ ଏ ପ୍ରସଙ୍ଗର ବର୍ଣ୍ଣନା କରା ଯାଇଅଛି ।

କଳ୍ପାବ୍ଦ ବର୍ଷ । ତହିଁର କେତେକ ବର୍ଷ ପୂର୍ବେ ଭାରତ ଯୁଦ୍ଧ ଏବଂ ଗୀତାର ପ୍ରକାଶ । ଗୀତା ଗ୍ରନ୍ଥ ବିଶୁଦ୍ଧ ସଂସ୍କୃତ ଭାଷା । କୃଷ୍ଣ ଓ ଅର୍ଜୁନ କି ବିଶୁଦ୍ଧ ସଂସ୍କୃତ ଭାଷାରେ ଏବଂ ପଦ୍ୟରେ କଥୋପକଥନ କରନ୍ତି । ପାଣିନି କର୍ତ୍ତୃକ ପରିଷ୍କୃତ ଭାଷା ଯେବେ ସଂସ୍କୃତ, ତାହା ହେଲେ ତ ଗୀତା ପାଣିନିଙ୍କର ପରେ ଲିଖିତ । ତେବେ ଗୀତା କୃଷ୍ଣମୁଖପଦ୍ମ ବିନିସୃତା ହୋଇ ପାରେ କିପରି ?



Digitized by srujanika@gmail.com

ଗୀତା ସୁଗୀତା କର୍ତ୍ତବ୍ୟା
 କିମନ୍ୟୈଃ ଶାସ୍ତ୍ର ବିସ୍ତରୈଃ
ଯାସ୍ୱୟଂ ପଦ୍ମନାଭସ୍ୟ
 ମୁଖପଦ୍ମବିନଃସୃତା ।

ଭାରତରେ ନାନା ସ୍ଥାନରେ, ଭାଗବତରେ ଓ ଅନ୍ୟାନ୍ୟ ପୁରାଣରେ କୃଷ୍ଣଙ୍କର ବାକ୍ୟ ବୋଲି ଅନେକ ଶ୍ଳୋକ ଲେଖାଥିବାର ଦେଖାଯାଏ । ସେଗୁଡ଼ିକ ମଧ୍ୟ କୃଷ୍ଣମୁଖପଦ୍ମ ବିନଃସୃତ । ତେବେ ଅନ୍ୟାନ୍ୟ ବାକ୍ୟ ଅପେକ୍ଷା ଗୀତାର ମାହାତ୍ମ୍ୟ ଏତେ ଅଧିକ କାହିଁକି ?

କାହାର କାହାର ମତରେ ଗୀତା ପଦ୍ମନାଭମୁଖବିନଃସୃତ ଏଣୁ ଗୀତାର ପ୍ରାଧାନ୍ୟ ପୁଣି କେହି କେହି କହନ୍ତି "ସର୍ବ ଶାସ୍ତ୍ର ସାରଭୂତା ବିଶୁଦ୍ଧା ସା ବିଶିଷ୍ୟତେ ।"

ଅର୍ଜ୍ଜୁନ କହିଲେ ଆତ୍ମୀୟ ସ୍ୱଜନ ବନ୍ଧୁ-ବାନ୍ଧବ ଗୁରୁଜନ ବଧକରି ରୁଧିର ପ୍ରଦିଗ୍ଧ ଭୋଗ ବାସନା ମୋର ନାହିଁ । ଗୀତା ପାଠରୁ ଜଣାଯାଏ ଯେ କେବଳ ଅଠର ବା କୋଡ଼ିଏ ଶ୍ଳୋକ କେବଳ ପ୍ରବୃତ୍ତି-ମୂଳକ ଆଉ ସମସ୍ତ ଉପଦେଶ ନିବୃତ୍ତି-ପର । ଏପରି ନିବୃତ୍ତିପର ଉପଦେଶ ଶ୍ରବଣରେ ହିଂସା ପ୍ରବୃତ୍ତି ଜନ୍ମ ହେବା ଅସମ୍ଭବ । ତଥାପି ଅର୍ଜ୍ଜୁନ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣ ଏବଂ ଭ୍ରାତା କର୍ଣ୍ଣଙ୍କୁ ଅନ୍ୟାୟ ଉପାୟରେ ବଧ କଲେ । ଗୀତାର ଉପଦେଶ ଏବଂ ଅର୍ଜ୍ଜୁନଙ୍କର ପରବର୍ତ୍ତୀ କର୍ମର ଚିନ୍ତାକଲେ ମନେ ହୁଏ ଭୀଷ୍ମ ପର୍ବର ୨୫, ୪୨ ଓ ମଧ୍ୟବର୍ତ୍ତୀ ଅଧ୍ୟାୟ ବା ଗୀତା ପର୍ବ ମହାଭାରତରେ ସ୍ଥାନ ପାଇବାର ଉଚିତ ନ ଥିଲା । ଏପରେ ଗୀତା ମାହାତ୍ମ୍ୟ ଖର୍ବ ହେଉଅଛି । ରାମାନୁଜ ପ୍ରଭୃତି ଟୀକାକାରମାନେ କେବଳ ଗୀତାର ଟୀକାକର୍ତ୍ତା । ମହାଭାରତର ଟୀକାକର୍ତ୍ତା ନୁହନ୍ତି । ସେମାନେ ଗୀତାର ଉପଦେଶ ସହିତ ଭାରତ ଯୁଦ୍ଧର ସମନ୍ୱୟ କରିବାକୁ କଦାପି ପ୍ରୟାସୀ ହୁଅନ୍ତି ନାହିଁ ।

ଗୀତାରେ ବେଦାନ୍ତର ସାର ପଦାର୍ଥ ବା ତତ୍ତ୍ୱ ବିଦ୍ୟମାନ । କୃଷ୍ଣମୁଖ ବିନଃସୃତ ବୋଲି ଏବଂ ମହାଭାରତରେ ପ୍ରବେଶ କରାଇ ରଚକ ଗୀତାର ବହୁଳ ପ୍ରଚାରରେ ଲବ୍ଧକାମ ହେଲେ ସତ, ମାତ୍ର ବେଦାନ୍ତ ବା ଉପନିଷଦର ମହତ୍ତ୍ୱ ଲାଘବ କଲେ ବୋଲି-ଯିବ । ଦେଖାଯାଏ ଗୀତାରେ ଉପନିଷଦର ଭାବ ଛଡ଼ା ବାକ୍ୟମାନ, ଶ୍ଳୋକାର୍ଦ୍ଧ ଓ ଶ୍ଳୋକ ମଧ୍ୟ ଉଦ୍ଧୃତ ହୋଇଅଛି ବିଶେଷତଃ କଠୋ ନିଷଦର ବାକ୍ୟ ଶ୍ଳୋକାର୍ଦ୍ଧ ବା ଶ୍ଳୋକ । କୃଷ୍ଣ ଉପନିଷଦ୍ ଶ୍ଳୋକ ଚୋରି କଲେ ବୋଲି ଦୋଷଯୁକ୍ତ କରାଯିବ ? ନବନୀତ-ଶ୍ରେଣୀ ଓ ଶ୍ଳୋକ-ଶ୍ରେଣୀ ମଧ୍ୟରେ ପାର୍ଥକ୍ୟ ଅନେକ ।

ଦଶମ ଅଧ୍ୟାୟ ବିଭୂତି ଯୋଗ ଅର୍ଥାତ୍ ସୃଷ୍ଟ ଓ ଜାତ ବସ୍ତୁ ଓ ଜୀବ ମଧ୍ୟରୁ ଶ୍ରେଷ୍ଠ ନିର୍ବାଚନ ପୌରାଣିକ ଓ ବୈଦିକ ଋଷି ଓ ଦେବତାମାନଙ୍କ ମଧ୍ୟରୁ କିଏ କାହିଁକି ଶ୍ରେଷ୍ଠ ତାହା ବିଗ୍ରହ କରିବାର ଆମମାନଙ୍କର କ୍ଷମତା ନାହିଁ । ମାତ୍ର "ଅଶ୍ୱତ୍ଥଃ ସର୍ବ ବୃକ୍ଷାଣାଂ," ଏବଂ "ନକ୍ଷତ୍ରାଣ ମହଂଶଶୀ" ସମ୍ବନ୍ଧରେ ଆମ୍ଭେମାନେ ସନ୍ଦେହ ଯୁକ୍ତ । ସୃଷ୍ଟିକର୍ତ୍ତା ସ୍ୱୟଂ ବିଭୂତି ପ୍ରକାଶ କରିବାକୁ ଯାଇ ଏ ତାଦୃଶ ଭ୍ରମ ପ୍ରମାଦ ଘଟାଇବେ ଏହା ମନକୁ ପାଉ ନାହିଁ । ଯେ କି ପ୍ରାକୃତିକଇତିହାସବେତ୍ତା ନୁହେ କିମ୍ବା ବୈଜ୍ଞାନିକ ଜ୍ଞାନରେ ଉପାର୍ଜନ ସେ କହିପାରେ ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ର ପ୍ରଧାନ ଏବଂ ବୃକ୍ଷମାନଙ୍କରେ ଅଶ୍ୱତ୍ଥ ଶ୍ରେଷ୍ଠ ଏବଂ ମତ୍ସ୍ୟମାନଙ୍କ ମଧ୍ୟରେ ମକର ଶ୍ରେଷ୍ଠ । ଅଶ୍ୱତ୍ଥ, ସୁଦୃଶ୍ୟ ବା ଘନ ଛାୟା ପ୍ରଦ ନୁହେ । ଏହାର ଫଳ ଦ୍ୱାରା ସୁଶୋଭିତ—ପ୍ରାଣୀଗଣର ତାଦୃଶ ଉପକାରୀ ନୁହେ । ତଥାପି ଅଶ୍ୱତ୍ଥ ବୃକ୍ଷମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଅଶ୍ୱତ୍ଥର କେବଳ ଶ୍ରେଷ୍ଠତ୍ୱ ଏହିଯେ ତାହାର ଛାୟାରେ ବସି ସିଦ୍ଧାର୍ଥ ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ । ମାତ୍ର ଏଥି ନିମନ୍ତେ ଗୀତା ଲେଖକ ତାଙ୍କୁ ଶ୍ରେଷ୍ଠତ୍ୱ ଦେବେ କି ? କୃଷ୍ଣ ବାଲ ଅଶ୍ୱତ୍ଥ ବୃକ୍ଷରେ ଆଶ୍ରୟ ନେଇ ମହାନିଦ୍ରାଭିଭୂତ ହେଲେ । ସେ ତ ପରର ଘଟଣା । ସେଥି ନିମନ୍ତେ ଅଶ୍ୱତ୍ଥର ମାହାତ୍ମ୍ୟ କି ? ପ୍ରକୃତ ପକ୍ଷରେ ସ୍ୱୟଂ କୃଷ୍ଣ ଯେବେ ଈଶ୍ୱର ଏବଂ ବିଭୂତିଙ୍କୁ ସଂକ୍ଷେପରେ ବ୍ୟକ୍ତ କରିଥାନ୍ତେ ତାହାହେଲେ ଆମ୍ଭେମାନେ ଅନେକାନେକ ଅଦ୍ଭୁତ ବିଷୟରେ ବର୍ଣ୍ଣନା ଶୁଣି ପାରିଥାନ୍ତୁ ଯାର ତୁଳନାରେ ଆଧୁନିକ ବୈଜ୍ଞାନିକ ଅବସ୍ଥାର ମଧ୍ୟ ତୁଚ୍ଛ ।

ଏକାଦଶ ଅଧ୍ୟାୟରେ ଅର୍ଜ୍ଜୁନ କୃଷ୍ଣଙ୍କର ବିଶ୍ୱରୂପ ଦର୍ଶନ କଲେ । ସଙ୍ଗେ ସଙ୍ଗେ ସଞ୍ଜୟ ମଧ୍ୟ ଦର୍ଶନ କରିଥିବେ । ଈଶ୍ୱରଙ୍କର ବିଶ୍ୱରୂପ କି ଅନେକ ବାହୁ, ଉଦର, ଅନେକ ପାଦନେତ୍ରରେ ପରିବେଷ୍ଟିତ । ଏକି ଛାୟାବାଜି ? କେବଳ ବିଶ୍ୱରୂପ ଅର୍ଜ୍ଜୁନ ଦେଖି ପାରିଲେ । ଅନ୍ୟ କେହି ଦେଖିଲେ ନାହିଁ । କଥାର ଗୁରୁତ୍ୱ ଉନ୍ନ କଣ ବୋଲି ଯାଇପାରେ । ପୂର୍ବ ଶାସ୍ତ୍ରମାନଙ୍କରେ ବିଶେଷତଃ ଋଗ୍‌ବେଦର "ସହସ୍ର ଶୀର୍ଷା ପୁରୁଷ" ଏହି ସୂକ୍ତ ରୂପାନ୍ତରିତ କରି କବି ଅଜ୍ଞ ସମସ୍ତଙ୍କୁ ଭ୍ରାନ୍ତ କରୁ ଅଛନ୍ତି । ବିଶ୍ୱରୂପରେ ବସ୍ତ୍ର ଅଳଙ୍କାର ଆୟୁଧ କେଉଁଠାରେ ରହିପାରେ ? ଅନନ୍ତ ଗୌରବ ଯାହା ବେଦାନ୍ତର ଶ୍ରେଷ୍ଠଦାନ ତହିଁର କେଉଁର ଲେଶ ତ ଏ ବିଶ୍ୱରୂପରେ ନାହିଁ । ଇନ୍ଦ୍ରିୟାତୀତ କଳ୍ପନା କବି ପକ୍ଷରେ ଅସମ୍ଭବ ସୁତରାଂ ମୁଖ ଉଦର, ଅଳଙ୍କାର, ବସନଙ୍କୁ ଅନେକ ବିଶେଷଣ ଦ୍ୱାରା ପୁଷ୍ଟ କରିବା ଭିନ୍ନ ଉପାୟ କଣ ?

 ନାତ ଉର୍ଦ୍ଧ୍ୱଂ ନତିର୍ଯ୍ୟଞ୍ଚ
 ନମଧ୍ୟେ ପରିଜଗ୍ରଭତ୍
 ନତସ୍ୟ ପ୍ରତିମା ଅସ୍ତି ଯସ୍ୟ
 ନାମ ମହଦ୍‌ଯଶଃ ।

ଯେଉଁ ଗୌରବମୟର ଉପମା ନାହିଁ, ପ୍ରତିମା ନାହିଁ, ଯାହାର ଉର୍ଦ୍ଧ୍ୱତିର୍ଯ୍ୟକ୍ ଓ ମଧ୍ୟ ନାହିଁ ତାଙ୍କୁ ଭଗବତ୍ ଗୀତା ଲେଖକ ବିଶ୍ୱରୂପ ନାମରେ ଅନେକ ମସ୍ତକ, ହାତ ପାଦ, ଅଳଙ୍କାର, ଆୟୁଧ ଦ୍ୱାରା ବ୍ୟକ୍ତ କରିବାକୁ ପ୍ରୟାସୀ ହେବେ ନାହିଁ ।

ବିଶ୍ୱରୂପ ଦର୍ଶନ ଉତ୍ତାରୁ କୃଷ୍ଣ କହିଲେ "ଋତେଽପି ତ୍ୱାଂ ନଭବିଷ୍ୟନ୍ତି ସର୍ବେ ଯେଽବସ୍ଥିତାଃ ପ୍ରତ୍ୟନୀକେଷୁଯୋଧାଃ ,, ଅର୍ଜ୍ଜୁନ ତୋ ଭିନ୍ନ ପ୍ରତିପକ୍ଷ ପେତେ ଯୋଦ୍ଧା ଅଛନ୍ତି କେହି ରହିବେ ନାହିଁ ।



Digitized by srujanika@gmail.com

ପୁଣି କହିଲେ :—

ତସ୍ମାତ୍ ତ୍ୱମୁତ୍ତିଷ୍ଠ ଯଶୋଲଭସ୍ୱ,
ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।
ମୟୈବୈତେ ନିହତାଃ ପୂର୍ବମେବ
ନିମିତ୍ତ ମାତ୍ରଂ ଭବ ସବ୍ୟସାଚିନ୍ ।

ଅର୍ଜ୍ଜୁନ ରେ, ମୁଁ କାଲ ରୂପରେ ସମସ୍ତଙ୍କୁ ହତ କରିଅଛି, ତୁ କେବଳ ନିମିତ୍ତମାତ୍ର ହୁଅ, ତୁ ଜାଗ୍ରତ ହୁଅ, ଶତ୍ରୁମାନଙ୍କୁ ଜୟ କରି ରାଜ୍ୟ ଭୋଗ କର । କୃଷ୍ଣଙ୍କର ଅଭୀଷ୍ଟ ସିଦ୍ଧ ହେଲା । ଅର୍ଜ୍ଜୁନ ଯୁଦ୍ଧ କରିବାର ଯଥେଷ୍ଟ ପ୍ରକୃତ ଆଦେଶ ପାଇଲେ । ତହିଁ ପରୁ ତୃତୀୟ ଷଟ୍କ ବା ଜ୍ଞାନ-ଯୋଗର ଆବଶ୍ୟକତା କଣ ? କୃଷ୍ଣ ସାରଥି, ଅର୍ଜ୍ଜୁନ ରଥୀ । କୃଷ୍ଣଙ୍କଠାରୁ ଏହି ତିନି ଯୋଗର ଉପଦେଶ ଶୁଣି ଅର୍ଜ୍ଜୁନ ଯୁଦ୍ଧରେ ପ୍ରବୃତ୍ତ ଥିବା ବେଳେ ଆଜି ଗୃହ, ଭାଇ, ବନ୍ଧୁ, ସମସ୍ତଙ୍କୁ ତ୍ୟାଗ କରି ବନକୁ ଯିବାର କଥା; କିନ୍ତୁ ଅର୍ଜ୍ଜୁନ ଯୁଦ୍ଧ କରି ପିତାମହ, ଗୁରୁ, ବଡ଼ ଭାଇ ପ୍ରଭୃତିଙ୍କି ଜିଘାଂସା ସହିତ ବଧ କଲେ । ଗୀତା ପାଠର ଫଳ କି ହିଂସା ବୃତ୍ତି ? ତନ୍ମୟ ହୋଇ ଗୀତା ପାଠ କଲେ କି ଲୋକର ହିଂସା କରିବାକୁ ପ୍ରବୃତ୍ତି ଜନ୍ମିବ ? ଯୁଦ୍ଧ କର, ଶତ୍ରୁ ମାର, ଜୟ କର ଇତ୍ୟାଦି ହୋଇ ୮ ଗୋଟି ଶ୍ଳୋକ ଇତସ୍ତତଃ ରହିଅଛି । ନତୁବା ସମସ୍ତ ନିବୃତ୍ତିପର ଉପଦେଶ । ତଥାପି ଅର୍ଜ୍ଜୁନ ଗୀତା ଶ୍ରବଣ କରି ଗୁରୁଜନମାନଙ୍କୁ ସଂହାର କଲେ । ଏହା କହିଲେ ଗୀତାର ମାହାତ୍ମ୍ୟ ଲାଘବ ହୁଏ । ଗୀତା ମହାଭାରତର ଅଂଶ ନ ହେଲେ ଗୀତାର ମର୍ଯ୍ୟାଦା ରକ୍ଷା ହୁଏ ଏବଂ ମହାଭାରତର ମଧ୍ୟ ଅଙ୍ଗ ହାନି ହୁଏ ନାହିଁ ।

ପ୍ରସଙ୍ଗକ୍ରମେ ଚଣ୍ଡୀ, ରାମାୟଣ ଓ ଗୀତାର ପ୍ରକୃତ ଆଲୋଚନାଦ୍ୱାରା ପ୍ରତ୍ୟୟ ଜନ୍ମ ଏବଂ ଅମୂଳକ ବିଶ୍ୱାସର ଉଚ୍ଛେଦ ହେଉ. ନ୍ୟାୟ ପକ୍ଷର ଜୟ ହେଉ, ଏହି ଇଚ୍ଛାରେ ଯୁଦ୍ଧ ଓ ଗୀତାର ଅବତାରଣା ।

# ସେଇ ପାହାଡର ତଳେ

**ଶ୍ରୀ ସନ୍ତୋଷ କୁମାର କର**

ସେଇ ପାହାଡ଼ର ତଳେ
ଇତିହାସ କହେ ଗଢ଼ା ହେଲା ଦେଶ ମାଣ୍କିର (୧) ଭୁଜବଳେ;
ଆସିଲା ସେ ଦେଶେ ଅଜଣା ମାଣ୍କି କି ଏକ ଅଜଣା ରାତେ
ଜଙ୍ଗଲ ତା'ରେ ଆଶ୍ରୟ ଦିଏ ପର୍ବତ ମଥା ପାତେ
ସେଇ ନିଶିଥିନୀ କୋଳେ
ଜଙ୍ଗଲ କାଟି ଥାପିଲା ବସତି ଯେନି ନିଜ ଦଳବଳେ
ସେଇ ପାହାଡର ତଳେ ।

ବହୁ ଦିନ ହେଲା ଗତ
ପର୍ବତମୟ ସାରାଦେଶ ଆଜି ପ୍ରାନ୍ତରେ ପରିଣତ;
ତେଣୁନା ଆଜିରେ ଅଜେୟ ବୀର ସେ ମାଣ୍କିର ସେଇ ଦେଶେ
ବନ ଭୂଇଁ ମୁଖ ଉଜ୍ଜ୍ୱଳ କରି ଝରି ମୁଗ ଫୁଲ ହସେ
ଆଜି ସେ ହର୍ଷେ ମତ୍ତ
ଦୈନ୍ୟ ଅଭାବ ନ ଜାଣଇ କିଛି ପାହାଡ଼ିଆ କୋଲ୍ହଚିତ୍ତ
ବହୁ ଦିନ ହେଲା ଗତ ।

ଜାଣେ ନା ଦୁଃଖ କ୍ଲେଶ
ଛୁଟିଛି ବାଦଲ ବାଜୁଛି ମାଦଳ ନୃତ୍ୟ ନ ହୁଏ ଶେଷ;
ବହୁ ଦିନ ଧରି ଜମିଛି ଆଡ୍ଡା ଗାଆଁ ମୁଣ୍ଡ ବରମୂଳେ
ପତ୍ର ବସନେ ଶୋଭଇ ବାଳିକା କେଶ ଭରିଅଛି ଫୁଲେ
ଆନନ୍ଦେ ଭରିଛି ଦେଶ
ଯୁବକ ଯୁବତୀ ନର୍ତ୍ତନେ ରତ କ୍ଲାନ୍ତିର ନାହିଁ ଲେଶ
ଜାଣେ ନା ଦୁଃଖ କ୍ଲେଶ ।

ସେଇ ପାହାଡର ତଳେ
ବାଜି ଉଠିଥିଲା ରଣ ଦୁନ୍ଦୁଭି ଦିନେ ବହୁଦିନ ତଳେ;
ସେ ଦିନୁଁ ଦଂଲ କଲା ରାଜପୁତ (୨) ସେଠାର ସେ ବନଭୂଇଁ
ବିଦାୟ ଦେଲା ମାଣ୍କି ପୁତ୍ର ରାଜପୁତ ପଦେ ନଇଁ
ସେଇ ଅପମାନ ଫଳେ
ଆଶ୍ରୟ ନେଲା ମାଣ୍କି ପୁତ୍ର ଘନ ଜଙ୍ଗଲ କୋଳେ
ସେଇ ପାହାଡର ତଳେ ।

---

୧ । ସିଂହଭୂମିର ପ୍ରଥମ ଅଧିବାସୀ କୋଲ୍ହ । ସେମାନଙ୍କର ଶାସକଙ୍କର ନାମ ମାଣ୍କି । ଅଦ୍ୟାବଧି ସିଂହଭୂମି ଜିଲ୍ଲାର ନାନା ସ୍ଥାନରେ ମାଣ୍କି ଅଛନ୍ତି ।
୨ । ମାଣ୍କି-ରାଜତ୍ୱର ବହୁକାଳ ପରେ ସିଂହଭୂମି ଜିଲ୍ଲା ସିଂହ ଉପାଧିଧାରୀ ରାଜପୁତ ରାଜାମାନଙ୍କର ବଶ୍ୟତା ସ୍ୱୀକାର କରେ ଏବଂ ସେହିଦିନଠୁ ସେ ଦେଶର ନାମ ସିଂହଭୂମି ରୂପେ ପରିଣତ ହୁଏ ।



Digitized by srujanika@gmail.com

# ଦୀର୍ଘାସିର ଶିଳାଲିପି

ଶ୍ରୀ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ

କଳିଙ୍ଗ ନଗରର ବର୍ତ୍ତମାନ ନାମ କଳିଙ୍ଗ ପାଟଣା। ସଂସ୍କୃତରେ ନଗର ନାମ ପତ୍ତନ ଥିଲେହେଁ ନୌବ୍ୟାପାର ଚଳୁଥିବା "ନଗର"ମାନ ପରବର୍ତ୍ତୀ ଯୁଗ ବା ସମୟରେ "ପାଟଣା" ନାମରେ କଥିତ ହୋଇଥିଲା, ଯଥା:— ତମିଲ ପାଟଣା, ବଣାଖ ପାଟଣା, ମାସୁଲି ପାଟଣା ଓ ଚେନା ପାଟଣା ଇତ୍ୟାଦି। ପୂର୍ବୋକ୍ତ କଳିଙ୍ଗ ନଗରର ପଶ୍ଚିମ ଦିଗକୁ ଶୂନ ମାଇଲ ଦୂରରେ ଦୀର୍ଘାସି ନାମକ ଗୋଟିଏ ଗ୍ରାମ ଅଛି। ଉକ୍ତ ଗ୍ରାମରେ ପ୍ରାୟ ପାଞ୍ଚ ହାତ ଉଚ୍ଚର ଭଗବତୀ ଦୁର୍ଗାଦେବୀଙ୍କ ଗୋଟିଏ କଳା ମୁଗୁନି ଶିଳା ପୃଷ୍ଠରେ ଅଗ୍ରଭାଗ ଅର୍ଦ୍ଧୋଦିତ ବିଗ୍ରହ ଅଛି। ଉକ୍ତ ଦେବୀ-ବିଗ୍ରହ ଖଡ୍ଗ, ଖର୍ପର, ଶୂଳ, ଶଙ୍ଖ, ଚକ୍ରାଦିଯୁକ୍ତ ଅସୁରଭେଦୀ ଜୟ ଦୁର୍ଗାଙ୍କ ଉତ୍କୃଷ୍ଟ ମୂର୍ତ୍ତି ଅଟନ୍ତି। ଦଶମ ଶତାବ୍ଦୀରେ ଗଙ୍ଗ ବଂଶୀୟ କାମାର୍ଣ୍ଣବ (ଛତ୍ରପତି)ଙ୍କ ସହ ମନୋମାଳିନ୍ୟ ଘଟିବାରୁ ତାହାଙ୍କ ଭ୍ରାତା ଦାନାର୍ଣ୍ଣବ (ଗଜପତି) ମହେନ୍ଦ୍ରାଚଳ ପ୍ରତିଷ୍ଠିତ ଇଷ୍ଟଦେବ ଗୋକର୍ଣ୍ଣେଶ୍ୱର ଓ ଦନ୍ତପୁର ଦୁର୍ଗ ପରିତ୍ୟାଗ କରି, କଳିଙ୍ଗ ସାମ୍ରାଜ୍ୟର ଅନ୍ୟତମ ରାଜଧାନୀ କଳିଙ୍ଗ ନଗର ଆକ୍ରମଣ କରି, ସମଗ୍ର କଳିଙ୍ଗ ସାମ୍ରାଜ୍ୟ ସ୍ୱାଧୀନ କରି ଓ ନଗରୀ କଟକ ନାମକ ସ୍ୱତନ୍ତ୍ର ରାଜଧାନୀ ସ୍ଥାପନ କରି ମଧୁକେଶ୍ୱରଙ୍କୁ ଇଷ୍ଟଦେବରୂପେ ସ୍ଥାପନ କରିଥିଲେ। ସେହି ଦିନଠାରୁ କଳିଙ୍ଗ ନଗର ତଥା କଳିଙ୍ଗ ସାମ୍ରାଜ୍ୟ ଏହାଙ୍କ ବଂଶଧରମାନଙ୍କ ଅଧୀନରେ ରହିଲା। ରାଜାମାନଙ୍କର ପୂର୍ବରୁ ନିୟମ ଅଛି ଯେ ତାହାଙ୍କ ପ୍ରଧାନ ଅସି (ଯେଉଁ ଅସି ରାଜା ନିଜେ ଧାରଣ କରନ୍ତି) ଓ ଦଳପତିଙ୍କ ଅସି (ଦଳଖଣ୍ଡା) ରାଜ୍ୟର ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ସ୍ଥାପନ କରି ପୂଜା କରାଯାଉଥାଏ। ଏହି ପାଟଖଣ୍ଡା ଓ ଦଳଖଣ୍ଡାର ପୂଜା ରାଜଧାନୀମାନଙ୍କରେ ଅଦ୍ୟାବଧି ଦଶହରା ସମୟରେ ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ହେଉଥିବା ବିଷୟ ସର୍ବସାଧାରଣଙ୍କୁ ଅବଗତ ଅଛି। କୌଣସି ସମୟରେ ଯୁଦ୍ଧ ସଂଘଟନ ହେଲେ ଦେବୀଙ୍କୁ ବିଜୟକାମନାର୍ଥେ ଆରାଧନା କରି ରାଜ୍ୟାଧିପତି ବା ଦଳପତି, ରଖା ଯାଇଥିବା ଅସି ଧାରଣ କରି ଯୁଦ୍ଧକୁ ଯାତ୍ରା କରନ୍ତି। ସେହି ନିୟମାନୁଯାୟୀ ଗଙ୍ଗବଂଶୀୟ ରାଜାମାନେ କଳିଙ୍ଗ ନଗରରେ ରାଜତ୍ୱ କରୁଥିବା ସମୟରେ ତାହାଙ୍କର ପ୍ରଧାନ ଖଡ୍ଗକୁ "ଦୀର୍ଘ ଅସି" ନାମକରଣ କରିଥିଲେ। ବୋଧହୁଏ ଉକ୍ତ ଅସି ଅତି ଦୀର୍ଘ ଥିବାରୁ ଦୀର୍ଘ ଅସି ବୋଲି ନାମ ହୋଇଥିଲା। ଉକ୍ତ ଖଡ୍ଗର ନାମାନୁସାରେ ଦୀର୍ଘ ଅସି ବୋଲି ଗ୍ରାମର ନାମ ଦେଇ, ଭଗବତୀଙ୍କୁ ଉକ୍ତ ଗ୍ରାମ ପ୍ରଦାନ କରି ସେଠାରେ ଉକ୍ତ ଦୀର୍ଘ ଅସି ସ୍ଥାପନ କରିଥିଲେ। ଏତ କଳିଙ୍ଗରେ ଗଙ୍ଗ ବଂଶୀୟ କାମାର୍ଣ୍ଣବ (ଛତ୍ରପତି)ଙ୍କ ଅବସରର କଥା। ଦାନାର୍ଣ୍ଣବ (ଗଜପତି) ବଂଶଧରମାନେ ବଂଶପରମ୍ପରାକ୍ରମେ କଳିଙ୍ଗ ସାମ୍ରାଜ୍ୟରେ ରାଜତ୍ୱ କଲେ। ତାହାଙ୍କ ବଂଶରେ ରାଜରାଜ ଦେବ ନାମକ ରାଜା ଶକାବ୍ଦ ୯୯୨—୯୯୯ (ଖ୍ରୀଷ୍ଟାବ୍ଦ ୧୦୭୦—୧୦୭୭) ରାଜତ୍ୱ କରିଥିଲେ। ଏ ଚୋଳ ଦେଶର ରାଜକନ୍ୟାଙ୍କ ପାଣିଗ୍ରହଣ କରିଥିଲେ। ଏ ବଡ଼ ବଳବାନ୍ ଓ ପ୍ରତାପୀ ଥିଲେ। ଏ ତାହାଙ୍କ ରାଜ୍ୟ ଅନେକ ଦୂର ଯାଏ ବିସ୍ତାର କରିଥିଲେ। ଏହାଙ୍କ ପୁତ୍ର ଉତ୍କଳରେ ଗଙ୍ଗ ବଂଶ ରାଜତ୍ୱର ସ୍ଥାପୟିତା ଏବଂ ପୁରୀ ଜଗନ୍ନାଥଙ୍କର ବର୍ତ୍ତମାନ୍ ଦେବାଳୟର ନିର୍ମାତା, ଚୋଡ଼ଗଙ୍ଗ ଦେବ ଅଟନ୍ତି। ଏହାଙ୍କ ପିତାଙ୍କ ବିୟୋଗ ଶକାବ୍ଦ ୯୯୯ ରେ ହେଲା, ସେହି ସମୟକୁ ଚୋଡ଼ଗଙ୍ଗ ଦେବଙ୍କର ବୟସ ପାଞ୍ଚ ବର୍ଷ ହୋଇଥିଲା। ସୁତରାଂ ସେ ବାଲ୍ୟ ସମୟରୁ ସିଂହାସନାରୂଢ଼ ହୋଇଥିଲେ। ଉପରୋକ୍ତ ରାଜରାଜ ଦେବଙ୍କ ଅବସରରେ "ବଣପତି ବାଡ଼ିଅଲ" ନାମକ ଜନୈକ ମଣ୍ଡଳାଧିପତି ଥିଲେ। ସେ ବଡ଼ ବଳବାନ୍ ଓ ସଂଗ୍ରାମରେ ପାରଙ୍ଗମ ଥିଲେ। ତାହାଙ୍କର ପିତାଙ୍କ ନାମ ଶ୍ରୀନାଥ ଅଟେ, ତାହାଙ୍କର ସ୍ତ୍ରୀଙ୍କର ନାମ ପଦ୍ମାବତୀ, ସେ ଆତ୍ରେୟସ ଗୋତ୍ର ସମ୍ଭୂତ ବ୍ରାହ୍ମଣ ଅଟନ୍ତି। ବଣପତି "ଗୋଣ୍ଡ ଗୋପାଳ ଚଳମୂର୍ତ୍ତି ଗଣ୍ଡ ଓ ବାଡ଼ିଅଲ" ପ୍ରଭୃତି ଉପାଧିରେ ଭୂଷିତ ଥିଲେ—ସେ ବୋଧହୁଏ ବୃହତ୍‌କାୟ ମନୁଷ୍ୟ ଥିବାରୁ "ଚଳ ମୂର୍ତ୍ତି ଗଣ୍ଡ, ବାଡ଼ିଅଲ ବଣପତି" ନାମରେ ଆଖ୍ୟାତ ହୋଇଥିବେ। ଏହି ବାଡ଼ିଅଲ ବଣପତି ସମ୍ବନ୍ଧରେ ଅନେକ କାହାଣୀ ଥିବାର ଶୁଣାଯାଏ। ଯେ କଳିଙ୍ଗ ସାମ୍ରାଜ୍ୟର ସେନାପତି ଥିଲେ, ଏ ଦୀର୍ଘାସିର ଭଗବତୀଙ୍କ ସନ୍ନିଧାନରେ ନାଟ୍ୟମଣ୍ଡପ ନିର୍ମାଣ କରାଇ ଅଖଣ୍ଡଦୀପ ଶକାବ୍ଦ ୯୯୮ ରେ(ଖ୍ରୀଷ୍ଟାବ୍ଦ ୧୦୭୬)ପ୍ରଦାନ କରିଥିଲେ। ଏ ସମ୍ବନ୍ଧରେ ସେ ଗୋଟିଏ ଶିଳା ଶାସନ ଖୋଦନ କରାଇ ଅଛନ୍ତି। ସେଥିରେ ତାହାଙ୍କର ପ୍ରଭୁ ରାଜରାଜ ଦେବଙ୍କ ବିଜୟ ବର୍ଣ୍ଣନା କରିବା ଅବସରରେ ତାହାଙ୍କ ରାଜ୍ୟର ଚତୁଃପାର୍ଶ୍ୱସ୍ଥ କେଉଁ କେଉଁ ରାଜ୍ୟ ଜୟ କରିଥିଲେ ଉଲ୍ଲେଖ କରିଅଛନ୍ତି। ସେଥିରୁ ତାହାଙ୍କ ରାଜ୍ୟ କେତେଦୂର ବିସ୍ତୃତ ଥିଲା ଜଣାଯାଏ। ରାଜରାଜ ଦେବ ତାହାଙ୍କ ରାଜ୍ୟର ଦକ୍ଷିଣରେ ଥିବା ବେଙ୍ଗି ରାଜ୍ୟ, ପଶ୍ଚିମକୁ ଚେମୁଣ୍ଡି ଓ କୋଶଳ ରାଜ୍ୟ, ଉତ୍ତରକୁ ଖିଡ଼ିଙ୍ଗି ଓଡ଼ (ଓଡ୍ର) ରାଜ୍ୟ ଜୟ କରିଥିଲେ। ପୂର୍ବକୁ ଏହାଙ୍କର ରାଜ୍ୟ ସମୁଦ୍ର ତୀର ଯାଏ ଥିଲା।

ଶିଳା ଶାସନ ତେଲୁଗୁ ଲିପିରେ ସଂସ୍କୃତ ଶ୍ଳୋକ ଓ ତେଲୁଗୁ ଭାଷାମୟ ସୀସକ ପଦ୍ୟ ଖୋଦିତ ହୋଇ ଅଛି। ସଂସ୍କୃତ ଶ୍ଳୋକରେ ଯାହା ଲେଖା ହୋଇ ଅଛି ତେଲୁଗୁ ପଦ୍ୟରେ ମଧ୍ୟ ସେହି ଭାବ ଉଲ୍ଲେଖ ହୋଇ ଅଛି। ସଂସ୍କୃତ ଭାଷା ସେ ସମୟକୁ ବୋଧହୁଏ



Digitized by srujanika@gmail.com

ରାଜଭାଷାରୂପେ ବ୍ୟବହୃତ ହେଉଥିବାରୁ ନଟୁବା ଦେବତା ନିକଟରେ ଜ୍ଞପ୍ତି କରି ଯାଇଥିବାରୁ ଦେବଭାଷା ସଂସ୍କୃତରେ ଲେଖା ଯାଇଥିବ । ଏବଂ ତାହାଙ୍କ ଅଧୀନ ଯୋଦ୍ଧୃବୃନ୍ଦ ତେଲୁଗୁଭାଷୀ ଥିବାରୁ ସେମାନେ ଜାଣିବା ସକାଶେ ତେଲୁଗୁ ପଦ୍ୟ ଓ ଲିପି ବ୍ୟବହାର କରି ଯାଇଥିବା ସମ୍ଭାବନା ।

ଶିଳାଲିପିର ପାଠ ନିମ୍ନରେ ଦିଆଗଲା ।

(ସଂସ୍କୃତ ଶ୍ଳୋକମାନ)

ବଣପତିରତିନାମ୍ନା ସତ୍ୟଗାମ୍ଭୀର୍ଯ୍ୟ ଶୌର୍ଯ୍ୟା-
ଖିଳଜ ଗଦୁପକାରୈର୍ନିର୍ଯ୍ୟରଚଭୂବପ୍ରଚେତୋଃ
ଅଧିକମଭିମତା ତଦାନମାଲୋକ୍ୟ ଚନ୍ଦ୍ରା-
ମଣି ରଦ୍ଧ ନ ଦ୍ରବଦନ୍ତ୍ରେ ଯତ୍ତ୍ରଦଶ୍ମହେତୋଃ । ୧ ।
ଅଜାବସୌ ଗେଡ଼ନୃପସ୍ୟ ସେନା ମତ୍ତ ବନସ୍ୟାଶ୍ୱ ମୃଗାକୁଲସ୍ୟ,
ମତ୍ତେଭ ସାରଦ୍ରୁମ ପୂରିତସ୍ୟ ଦାବାନଲୋଽଭୂଚ୍ଚଲ ମୂର୍ତ୍ତି ଗଣ୍ଡଃ । ୨ ।
ତେନା ଜୌ ଗେଡ଼ ସେନାବନଦବ ଦହନେ ନାଶିତ ପ୍ରାଗ ଶର୍ତ୍ତୌ,
ନିସ୍ତ୍ରିଂଶଜ୍ୱାଲକେନୋତ୍କଲ ଗଜତୁରଗାନୀକଂମା ନାଥଭୂଜାଃ,
ନିର୍ଦ୍ଦଗ୍ଧା ଭଗ୍ନମୂଲାନପତିତଶିରସନ୍ତି ହ୍ନବାହୁରୁଶାଖା,
ଦୃଶ୍ୟନ୍ତେଽଦ୍ୟାପି ଭୂତସ୍ତ୍ୟୁଥିଇବ ଧବଳୈରସ୍ଥିଭିର୍ଜର୍ଣ୍ଣ ମାସୈଃ । ୩ ।
ଜିତ୍ୱାମୁହୁର୍ବେଙ୍ଗି ଧରାଧୃନାଥଂ ତସ୍ୟାଜହାରାଖିଲବସୁରାଶିଂ,
ଦଦ୍ୟାର୍ଣ୍ଣବସ୍ତେନ ସମାସ୍ୟଦୃତଃ ପ୍ରସ୍ଥାପିତୋ ଦଗ୍ଜୟ କୀର୍ତ୍ତନାୟ । ୪ ।
ଜିତ୍ୱୈବ ଭୂମିପାଲାନ୍ ବନପତିରବନୀ ବାଦ୍ଧନଃ କୀର୍ତ୍ତିବର୍ଦ୍ଧ୍ୟାଂ,
ଶାକାବ୍ଦେ ଶୈଳପଦ୍ମ ପ୍ରଭବନଧ ଯୁତେ ଦୀର୍ଘରସ୍ୟାଂ ନଗର୍ଯ୍ୟାଂ,
ଦୁର୍ଗାଦେବ୍ୟାଲୟସ୍ୟା ଭରଣମିବ ପୁରଃ ସ୍ଥାପୟାମାସ ଗୁର୍ବ୍ବୀଂ,
ଶ୍ରୀମାଂଶ୍ଚୈନାଥ ବୀର୍ଯ୍ୟଃ ସ୍ତୁତିତ ଦଶଦଶାଂ ନାଟ୍ୟଶାଲାଞ୍ଚଳେନ । ୫ ।
ଦୀପମଖଣ୍ଡଂ ପ୍ରାଦାନ୍ମଣ୍ଡଳକଃ ସୋଽଦ୍ଭତଣ୍ଡ ଦୋର୍ଦ୍ଦଣ୍ଡଃ,
ତସ୍ୟାମେବ ସମାୟାଂତସୈ୍ୟ ଦେବ୍ୟୈ ସୁରେଶ ପୂଜ୍ୟାୟୈ । ୬ ।

(ତେଲୁଗୁ ପଦ୍ୟ)

ସୀ ।। ଶ୍ରୀଶାଲୁନେଣ୍ଡୁଲ୍ ଭୂସାଡପାଇ ଶାଇଲ୍ଲ ନାହାବ୍ରାଭୀ
ଶାଖ୍ୟାନନ୍ଦବେଙ୍ଗି ।
ଦେଶାମ୍ମୁଜମିଡ଼ପୁ ଗୋସାଲ୍ଲ, ଗିଡ଼ୁ ସିଙ୍ଗି ଦେଶାମ୍ମୁ
ମାୟୋଡ଼ା ଦେଶାମାନାଂ ଗାଜାନନା ଭୂପାଲୁର ନାନୁଦ୍ଧା
ବାଗ୍ଲ୍ଲ ।
ମୂର୍ତ୍ତି ଗାଣ୍ଡା ଣ୍ଡାଇନା ଗାଡ଼ାନା ମାଣ୍ଡାଲ କୁଣ୍ଡୁଭୂସୁର
ବାର୍ତ୍ତ ସୁୟଣ୍ଡୁ,
ବାସାନଭ ଭୋଗିବାନାପାଭ ସାଭ୍ଜାନ୍ୟା ଗୁଣାଯୂଭଣ୍ଡୁ,
ଦୀର୍ଘାସିଭଗାବାଡ ଦେବାଲ୍ଲୟମୁନା ମୁନାଠାଗାଡ଼ୁ ।
ଧାନା ଢାରମୁଖା ମାଣ୍ଡାପା ମେଉଙ୍ଗେ ଭଣ୍ଡାନାବଜାୟୂଣ୍ଡୁ ।
କୋଣ୍ଡୁ ଗୋପାଲୁଣ୍ଡୁ ଅଖଣ୍ଡା ବାର୍ତ୍ତି ଦବ୍ୟାଇ ବେର୍ଚ୍ଛିନୁ
ଦେବୀକ ।
ନେବ୍ଭେଲାଂ ଦାନାମାନୋ ବାଣ୍ଟାଭ ବାଜାନାନେକ୍ରି
ଦବେ୍ୟଇବେଚ୍ଛେନ୍ ।
ବାଦ୍ମା ବାଭସ୍ୟନୁ ସାହୁଲିନା ଶାଖିତାର ଗାଣାଯୁକ୍ତ ।
ଗାଗାନା ଗୃନ୍ଦ୍ରା ଭୂର୍ମା ଶାରର୍କା ରେଦାକା ଖିଖିମାରୁ ତାଭ୍ନା ।
ମୂର୍ତ୍ତି, ମାହଷା ମାଧାଚେନେଷ୍ଟା ପୂର୍ତ୍ତି ଫାଲ୍ଗମୁଲେକା ।
କାଲ୍ମ୍ୟୁନା ହେଇଚୁନ୍ଦା ମାଲୁ ନିଚ୍ଛନୁ ।

ସଂସ୍କୃତ ଶ୍ଳୋକର ଅର୍ଥ:—

ସତ୍ୟଗାମ୍ଭୀର୍ଯ୍ୟଶୌର୍ଯ୍ୟାଦି ଜଗତର ଉପକାରକାରୀ ଗୁଣମାନଙ୍କ ଦ୍ୱାରା ବରୁଣଙ୍କୁ ମଧ୍ୟ ବଳ ପଡ଼ିଥିବା, ବଣପତିନାମା କଳିଙ୍ଗ ଦେଶର ସେନାପତି ଥିଲେ । ଅଧିକ କ'ଣ ବୋଲିବା, ଯାହାଙ୍କ ଦାନଶୀଳତା ଦେଖି ଚନ୍ଦ୍ରାମଣି ମଧ୍ୟ ଦ୍ରବି ଯାନ୍ତା, ମାତ୍ର ଚନ୍ଦ୍ରାମଣି ପଥର ହେବାରୁ ଦ୍ରବିଲା ନାହିଁ । ୧ ।

ଚଳମୂର୍ତ୍ତିଗଣ୍ଡ ଉପାଧିଧାରୀ ଏହି ବଣପତି ଯୁଦ୍ଧରେ ଗେଡ଼-ରାଜାଙ୍କର ସେନାରଣ୍ୟର "ମତ୍ତହସ୍ତୀ ଗୁଡ଼ିକ ଯେଉଁ ସେନାରଣ୍ୟର ଦ୍ରୁମଭଳି ଶୋଭା ପାଉଥିଲେ, ଏବଂ ଅଶ୍ୱ ଗୁଡ଼ିକ ମୃଗଭଳି ବିରାଜିତ ଥିଲେ," ଏବଂଭୂତ ସେନାରଣ୍ୟର ଦାବାନଳ ହେଲେ । ୨ ।

ଗେଡ଼ ସେନାରଣ୍ୟର ଦାବାନଳ ଏହି ବଣପତି ଶତ୍ରୁଗଣ-ଗୁଡ଼ିକୁ ଦବାଇ ଦେଉଥିବା ନିଜ ସୈନ୍ୟମାନଙ୍କର ଖଡ୍ଗ-ସାମର୍ଥ୍ୟରେ ଉତ୍କଳଦେଶର ଚତୁରଙ୍ଗ ବଳ କେବଳ ବୃକ୍ଷ ହେଲେ । ସେହି ବୃକ୍ଷରାଜିକୁ ନିଃଶେଷରେ ଦଗ୍ଧକରି ଦେବାରୁ ଉତ୍କଳର ଚତୁରଙ୍ଗ ବଳର ଅସ୍ଥି ଗୁଡ଼ିକ ଅଦ୍ୟାପି ବିଭୂତି ଭଳିପରି ଦେଖା ଯାଉଅଛି । ୩ ।

ଏହି ବଣପତି ବହୁବାର ବେଙ୍ଗିରାଜାଙ୍କୁ ପରାସ୍ତ କରି, ତାହାଙ୍କର ସର୍ବସମ୍ପତ୍ତି ଆତ୍ମସାତ୍ କରି ଦେଇ, ଦଦ୍ୟାର୍ଣ୍ଣବଙ୍କୁ ଦୂତ ସ୍ୱରୂପ ଦିଗ୍ବିଜୟ ବାର୍ତ୍ତା କଥନାର୍ଥ ଯମଙ୍କଠାକୁ ପ୍ରେରଣ କରି-ଥିଲେ, ଅର୍ଥାତ୍ ଯମଦ୍ୱାରକୁ ପଠାଇ ଦେଇଥିଲେ । ୪ ।

ଶ୍ରୀନାଥପୁତ୍ର ବଣପତି ପୂର୍ବୋକ୍ତ ପ୍ରକାରେ ରାଜାମାନଙ୍କୁ ଜୟ କରି ୮୯୮ ଶକାବ୍ଦରେ ଦୀର୍ଘାସି ନାମକ ନଗରୀରେ ଦୁର୍ଗାଦେବୀଙ୍କ ମନ୍ଦିର ପୁରୋଭାଗରେ ସେହି ମନ୍ଦିର ଅଳଙ୍କାର ସ୍ୱରୂପ ଦଶଦିଗର ନାଟ୍ୟଶାଳା ଛଳରେ ମଣ୍ଡପ ନାଟ୍ୟ-ମଣ୍ଡପ ସ୍ଥାପନ କରି ନିଜର ମହତୀ କୀର୍ତ୍ତିଲତାକୁ ବଢାଇ ଥିଲେ । ୫ ।

ଅତି ପ୍ରତାପଶାଳୀ, ମଣ୍ଡଳାଧିକାରୀ ସେହି ବଣପତି ସେହି ଶକାବ୍ଦରେ କେବଳ ଇନ୍ଦ୍ରାଦି ଦେବତାମାନଙ୍କର ବନ୍ଦ୍ୟ ସେହି ଦୁର୍ଗାଦେବୀଙ୍କୁ ଅଖଣ୍ଡଦୀପ ପ୍ରଦାନ କରିଥିଲେ । ୬ ।

ସଂସ୍କୃତ ଶ୍ଳୋକର ଭାବ ତେଲୁଗୁ ପଦ୍ୟରେ ଥିବାରୁ ସ୍ୱତନ୍ତ୍ର ଭାବେ ତେଲୁଗୁ ପଦ୍ୟର ଅର୍ଥ ଦେବାର ଆବଶ୍ୟକତା ବୋଧ କଲୁଁ ନାହିଁ ।



Digitized by srujanika@gmail.com

# ଭୋଳା କବିର ଡାକ

ଶ୍ରୀ ନବକିଶୋର ଦାସ

ଜୀବନ-ଦେବତା ଖେଳ ଘରେ
ଅଞ୍ଜଳ ମୋ ହୃଦ ଢୋଲ,
ନୀଳ ନଭ-ଚନ୍ଦ୍ରାତପ ତଳେ
ଗୀତ ଗାଇ ମୁହିଁ ଭୋଳ ।

ମାଟି ମଧ୍ୟେ ପ୍ରସ୍ଫୁଟିତ ଫୁଲ,
କୋଟି ତାର୍ ଅବା ଉଠେ,
ମୋ ହୃଦ-ବିପଞ୍ଚୀ ତନ୍ତ୍ରୀ ପରେ
ତା ଅଙ୍ଗୁଳି-ସ୍ପର୍ଶ ଫୁଟେ !

ବାଜେ ମୋର ବୀଣା ବିଶ୍ୱ-ଛନ୍ଦେ
ମଧୁର ମିଳନ ରାଗେ,
ଅଲୁହା ଆନନ୍ଦେ ମୁହିଁ ମଗ୍ନ,
ଜୀବନର ବାଣୀ ଜାଗେ !

କେ ଅଛରେ ଆର୍ତ୍ତ, ବିରହିଣୀ !
ପୋଛରେ ଲୋତକ କ୍ଷଣେ,
ଚାହିଁ ଦେଖ ତୋର ହୃଦ-ଜଳେ
ରଂଗ'-ତରଙ୍ଗୀ ବାହେ ଜଣେ ।

ଗୀତ ଗାଏ ଶୁଣ ତାଳ ଦେଇ,
ତାଳ-ଭୁଲ କିଆଁ ତୁହି ?
ଗାଅ, ଗାଅ ଅହା ! ମଧୁଛନ୍ଦେ,
ଆନନ୍ଦେ ମଜିଛି ମୁହିଁ ।

ଆସ ଆସ ମୋର ବିଶ୍ୱବାସୀ !
ହିଂସା, ଦ୍ୱେଷ, ଭେଦ ଭୁଲ,
ପ୍ରାଣ-ସରୋବରେ ଫୁଟିଛି ସେ
ଶୁଭ୍ର ପ୍ରେମ-ପଦ୍ମ-ଫୁଲ ।

ଅଲୁହା ରହିଛି ଯାହା ଥାଉ,
ଅବା ପୂଜା-ଫୁଲ, ଫଳ,
ବ୍ୟର୍ଥ ନୁହେଁ କିଛି, ମୃତ ନୁହେଁ,
ସିଞ୍ଚିତ ଅମୃତ-ଜଳ ।

ସୁନା-ବୋଲା-ରଶ୍ମି ହଜିଛି କି ?
ଶୁକ୍ଳ ଚନ୍ଦ୍ର ନଭେ ହସେ
ଜ୍ୟୋତ୍ସ୍ନାସ୍ନାତ ମୁଗ୍ଧା ବସୁଧା ଏ
ଚିର ଅଭିସାରେ ବସେ ।

ଅନ୍ଧାରେ ଅଛ ଗୋ କିଏ ବନ୍ଧୁ !
ମର୍ତ୍ତ୍ୟ-ଯମୁନା ଉଛୁଳା,
ଶୂନ୍ୟ ତୋ କଳସୀ ଭରିନିଅ,
ଧୀରେ ଧୀରେ ଅଗୋ ଚଞ୍ଚଳା !

ନାହିଁରେ ଶୋଚନା, ବାଧା, ବିଘ୍ନ,
ଶୁଭେ ଖାଲି ମଧୁ ସ୍ୱନ ;
ବନ୍ଧୁ ତାର୍ ମ୍ଳାନ, ଏକ ଚନ୍ଦ୍ରେ
ସ୍ୱର୍ଗ ସପନେ ମଗନ !

ସୁରଭିତ ଆଜି ସମୀରଣ,
ବକୁଳିତ କୁଞ୍ଜ, ଚୂତ ;
ସ୍ନିଗ୍ଧ ଓ ସୁନ୍ଦର ନୀଳ ନଭ,
ଜାଗରେ କେ ଅଛ ମୃତ !

ପିକର ପଞ୍ଚମ ପ୍ରାଣ-ଭୁଲା,
ଫୁଟେ ବନେ ବନେ ଫୁଲ,
ଜୀବନ-ଭସାଣି ବସନ୍ତରେ,
ହୋଇଥାଏ ମୋର ଭୁଲ ।

ଜାଣନା କି ବନ୍ଧୁ ! ସ୍ୱପ୍ନ-ସୁଖ ?
ନିଜ-ଭୁଲ-ମଧୁ-ସ୍ମୃତି,
କବି ଭୋଳ, ଭୁଲେ ନୀତି ନିଜେ,
ନେହେ ନାଚେ ଶିବ ମୂର୍ତ୍ତି ।

କିଏ ରେ କାତର, ଦୁଃଖ ଗ୍ରସ୍ତ !
ଜଗତ ଅମୃତ-ଧାନ !
ଗାଅ ଗାଅ ଗୀତ ଗାଅ, ଭୁଲୁ
କବି ଶୁଣି ବିଶ୍ୱ-ଗାନ ।

ଭୋଳା-କବି ଡାକେ ; ଚିତ୍ତ ଭୋଳ—
ପ୍ରାଣେ ତାର ମଧୁ ଗୀତି,
ଆନନ୍ଦ-ଅମୃତ ଝରି ପଡ଼େ,
ସୃଷ୍ଟି-ବ୍ୟାପୀ-ସତ୍ୟ-ପ୍ରୀତି ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ଗୋୟାଲିଅର

### ୧୯୩୯-୪୦ର ବଜେଟ

ଗୋୟାଲିଅର ରାଜ୍ୟର ୧୯୩୯-୪୦ ସାଲର ପ୍ରସ୍ତାବିତ ବଜେଟରେ ଶିକ୍ଷା ସ୍ୱାସ୍ଥ୍ୟ, ଗ୍ରାମୋନ୍ନତି ପ୍ରଭୃତି ଜନହିତକର କାର୍ଯ୍ୟମାନଙ୍କରେ ପୂର୍ବ ବର୍ଷ ଅପେକ୍ଷା ବେଶି ଟଙ୍କା ଖର୍ଚ୍ଚ ହେବାର ବ୍ୟବସ୍ଥା ହୋଇଅଛି । ଗ୍ରାମୋନ୍ନତି ପାଣ୍ଠିକୁ ତିରିଶ ଲକ୍ଷ ଟଙ୍କା ଦିଆ ଯାଇଅଛି । ପୂର୍ବ ଗଚ୍ଛିତ ସତୁରି ଲକ୍ଷ ଟଙ୍କା ମିଶି ଏ ପାଣ୍ଠିରେ ବର୍ତ୍ତମାନ ଏକ କୋଟି ଟଙ୍କା ରହିଲା । ଏ ବର୍ଷ ରାଜ୍ୟ ମଧ୍ୟସ୍ଥ ମାଧବ କଲେଜରେ ବି. ଏ. କ୍ଲାସ ଖୋଲାଯିବାର ସ୍ଥିର ହୋଇଅଛି । ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ହାଇ ସ୍କୁଲ କରାଯାଉଅଛି । ଚଳିତ ବର୍ଷ ଶିକ୍ଷା ପାଇଁ ପୂର୍ବ ବର୍ଷ ଅପେକ୍ଷା ତିନି ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ ହେବ ।

### ଚିକିତ୍ସା ବିଭାଗ

ମହାମାନ୍ୟବର ମହାରାଜା ସିନ୍ଧିଆ ଜଣେ ଉଚ୍ଚପଦସ୍ଥ ଡାକ୍ତରୀ ବିଭାଗ କର୍ମଚାରୀଙ୍କୁ ମେଲେରିଆ ସମ୍ବନ୍ଧରେ ବିଶେଷ ଶିକ୍ଷା ଲାଭ କରିବା ନିମନ୍ତେ ସିଙ୍ଗାପୁର ପଠାଇଥିଲେ । ଶିକ୍ଷା ଲାଭ କରି ଫେରି ଆସିବା ପରେ ଉକ୍ତ କର୍ମଚାରୀ ରାଜ୍ୟର କେତେକ ଅଞ୍ଚଳରେ ମେଲେରିଆ ସମ୍ବନ୍ଧରେ ପ୍ରାଥମିକ ଅନୁସନ୍ଧାନ କାର୍ଯ୍ୟରେ ନିଯୁକ୍ତ ଥିଲେ । ବର୍ତ୍ତମାନ ରାଜ୍ୟରେ ଗୋଟିଏ ମେଲେରିଆ ଦୂରୀକରଣ ଅନୁଷ୍ଠାନ ସ୍ଥାପିତ ହେବାର ପ୍ରସ୍ତାବ ହେଉଅଛି ।

ସଂକ୍ରାମକ ରୋଗର ନିବାରଣ ନିମନ୍ତେ ଦୁଇ ଦଳ ଡାକ୍ତରୀ ବିଭାଗ କର୍ମଚାରୀ ଗ୍ରାମେ ଗ୍ରାମେ ବୁଲି ଏ ଦିଗରେ ଚେଷ୍ଟା କରୁଅଛନ୍ତି । ଗୋଟିଏ ରୋଗୀ ସାହାଯ୍ୟକାରୀ-ମଟର ଗାଡି (ambulance car) ସେମାନଙ୍କ ସଙ୍ଗେ ସଙ୍ଗେ ବୁଲୁଛି । ରୋଗୀମାନଙ୍କର ସାହାଯ୍ୟ ପାଇଁ ରେଡକ୍ରସ୍ ସୋସାଇଟି ମଧ୍ୟ ଗୋଟିଏ ମଟର ଲରି ଯୋଗାଇ ଅଛନ୍ତି ।

ରାଜ୍ୟର ଜନସାଧାରଣଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟ ସମ୍ବନ୍ଧରେ ପ୍ରଚାର କରିବାର ଗୋଟିଏ ଯୋଜନା ବର୍ତ୍ତମାନ ସରକାରଙ୍କର ବିବେଚନାଧୀନ ଅଛି । ପୁଷ୍ଟିକର ଖାଦ୍ୟ ସମ୍ପର୍କୀୟ ସମସ୍ୟାମାନଙ୍କର ଅନୁସନ୍ଧାନ ଓ ଆଲୋଚନା ନିମନ୍ତେ ଗୋଟିଏ କମିଟି ନିଯୁକ୍ତ ହୋଇଅଛି ।

ମନସ୍ତତ୍ତ୍ୱ ସମ୍ବନ୍ଧରେ ବିଶେଷ ଗବେଷଣା କରିବା ନିମନ୍ତେ ଡାକ୍ତରୀ ବିଭାଗର ଜଣେ ଉଚ୍ଚ କର୍ମଚାରୀଙ୍କୁ ବିଲାତ ପଠା ଯାଇଥିଲା । ସେ ବିଲାତରୁ ଫେରିବା ପରେ ଗ୍ୱାଲିଅରସ୍ଥ ବିକୃତ-ମସ୍ତିଷ୍କ ରୋଗୀମାନଙ୍କ ଚିକିତ୍ସାଳୟର (Mental Hospital) ଭାର ତାଙ୍କ ଉପରେ ନ୍ୟସ୍ତ ହୋଇଅଛି । ଏହି ଚିକିତ୍ସାଳୟରେ ଶହେ ଜଣ ରୋଗୀ ରହି ପାରିବାର ବ୍ୟବସ୍ଥା ଅଛି ।

ବିକୃତମସ୍ତିଷ୍କ ଲୋକମାନଙ୍କର ରହିବା ନିମନ୍ତେ ସ୍ଥାପିତ ଅସହାୟ ଆଶ୍ରମରେ ଭଲ କାମ ହେଉଅଛି । ଏହି ଆଶ୍ରମରେ ପଚାଶ ଜଣ ଲୋକ ରହି ପାରିବାର ବ୍ୟବସ୍ଥା ଅଛି । ଉଜ୍ଜୟିନୀର କୁଷ୍ଠାଶ୍ରମରେ ପ୍ରତି ବର୍ଷ ବହୁସଂଖ୍ୟକ ରୋଗୀ ଚିକିତ୍ସିତ ହୋଉଥାନ୍ତି । ଏହି ଅନୁଷ୍ଠାନ ମଧ୍ୟ ଭାରତର ପୁରାତନ କୁଷ୍ଠାଶ୍ରମମାନଙ୍କ ମଧ୍ୟରେ ଏକତମ । ବାହାରେ ରହୁଥିବା କୁଷ୍ଠ ରୋଗୀମାନଙ୍କର ଚିକିତ୍ସା ନିକଟରେ ଆରମ୍ଭ ହୋଇଅଛି । ବହୁ ସଂଖ୍ୟକ ରୋଗୀ ଚିକିତ୍ସା ନିମନ୍ତେ ଆସୁଅଛନ୍ତି ।

ରାଜ୍ୟର ଲିମ୍ଫ୍ ଡିପୋ ଗତ ବର୍ଷ ୬୨୯୭ ଗ୍ରାମ୍ ନୂତନ ଲିମ୍ଫ୍ ପ୍ରସ୍ତୁତ କରିଥିଲେ । ଏହି ଲିମ୍ଫ ବ୍ୟବହାର ନିମନ୍ତେ ରାଜ୍ୟର ବିଭିନ୍ନ ଚିକିତ୍ସାଳୟମାନଙ୍କୁ ଦିଆ ଯାଇଥିଲା । ଲିମ୍ଫ୍ ଗୁଡିକ ବେଶ ଭଲ ହୋଇଅଛି ।

### ରେଶମ ଜିନିଷ-ଉତ୍ପାଦନ

ନିକଟରେ ଗୋୟାଲିଅର ରାଜ୍ୟରେ ନକଲି ରେଶମର କାମମାନ ହେବାର ଯୋଗାଡ ଚାଲିଅଛି । ଜଣେ ସ୍ଥାନୀୟ ବ୍ୟବସାୟୀ ଗୋୟାଲିଅର ସହରରେ ନକଲି ରେଶମ-ବୁଣା କାରଖାନା ସ୍ଥାପନ କରିବା ନିମନ୍ତେ ଦରବାରର ଅନୁମତି ପାଇଅଛନ୍ତି । ଉଜ୍ଜୟିନୀରେ ମଧ୍ୟ ସେହିପରି ଗୋଟିଏ କାରଖାନା ସ୍ଥାପନ କରାଯିବାର ପ୍ରସ୍ତାବ ହେଉଅଛି । ରାଜ୍ୟରେ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କାର ନକଲି ରେଶମ ଏବଂ ମିଶା ରେଶମର ଜିନିଷ ବାହାରୁ ରପ୍ତାନି ହୋଇ ବିକ୍ରି ହୁଏ । ତେଣୁ ରାଜ୍ୟରେ ନକଲି ରେଶମର ଜିନିଷ ପ୍ରସ୍ତୁତ କରାଗଲେ ତାହା ଗୋଟିଏ ଲାଭଜନକ ବ୍ୟବସାୟ ହେବାର ଆଶା କରାଯାଏ ।

### ବେତାର ଷ୍ଟେସନ

ଗୋୟାଲିଅର ବ୍ୟୋମଯାନ ବନ୍ଦର ମାଧୋସାଗରଠାରେ ଗୋଟିଏ ସ୍ଥାୟୀ ବେତାର ଷ୍ଟେସନ ସ୍ଥାପିତ ହୋଇଅଛି ।

ଏ ବାବତ୍ ଖର୍ଚ୍ଚ କୋଡ଼ିଏ ଲକ୍ଷ ଟଙ୍କା ଗ୍ରେଟ୍‌ବ୍ରିଟେନର ସରକାରୀ ବ୍ୟୋମଯାନ ବିଭାଗ ବହନ କରିଥିଲେ । ଭାରତୀୟ ଡାକ ଓ ତାର ବିଭାଗ ଏ ଷ୍ଟେଶନକୁ ଚଳାଇବେ । ଷ୍ଟେଶନ ଚଳାଇବାର ଖର୍ଚ୍ଚ ଗ୍ରେଟ୍‌ବ୍ରିଟେନର ସରକାରୀ ବ୍ୟୋମଯାନ ବିଭାଗ ବହନ କରିବେ । ଏହି ଷ୍ଟେଶନ ପାଖରେ ଉଡୁଥିବା ବ୍ୟୋମଯାନମାନଙ୍କର ଚାଳନ ସମ୍ବନ୍ଧରେ ନିର୍ଦ୍ଦେଶ ଦେବ ।

## ବରୋଦା

### ଗୋ-ମଙ୍ଗଳ

ଉନ୍ନତ ଧରଣର ଗୋରୁ ଉତ୍ପାଦନ ନିମନ୍ତେ ବରୋଦା ରାଜ ସରକାର ଗ୍ରାମମାନଙ୍କୁ ଭଲ ଷଣ୍ଢ ଯୋଗାଉ ଅଛନ୍ତି । ଷଣ୍ଢର ମୂଲ୍ୟର ଅଧେ ରାଜସରକାର ଏବଂ ବାକି ଅଧକ ଗ୍ରାମବାସୀ ବହନ କରିବେ । ପ୍ରଥମ ତିନି ବର୍ଷ ରାଜସରକାର ପ୍ରତ୍ୟେକ ଷଣ୍ଢର ଖୋରାକ ପାଇଁ ମାସକୁ ଟ୧୯ ଲେଖାଏ ଦେବେ ।

### ଗ୍ରାମମାନଙ୍କରେ ପାନୀୟ ଜଳର ବ୍ୟବସ୍ଥା

ଗ୍ରାମମାନଙ୍କରେ ପାନୀୟ ଜଳର ସୁବ୍ୟବସ୍ଥା ନିମନ୍ତେ ବରୋଦା ରାଜସରକାର ପାଞ୍ଚ ବର୍ଷ ପାଇଁ ଗୋଟିଏ ଯୋଜନା ପ୍ରସ୍ତୁତ କରି ସେହି ଅନୁସାରେ କାର୍ଯ୍ୟ କରୁଥିଲେ । ୧୯୬୧ ଖ୍ରୀଷ୍ଟାବ୍ଦର ଜାନୁଆରୀ ମାସରେ ଏହି ଯୋଜନାର କାର୍ଯ୍ୟକାଳ ଶେଷ ହେଲା । ଏହି ଯୋଜନା ଫଳରେ ଟ ୪,୮୬,୫୬୫ ବ୍ୟୟରେ ୪୫୧ଟି କୂଅ ଖୋଳା ହୋଇଥିଲା । ଏ ଖର୍ଚ୍ଚର ଅର୍ଦ୍ଧାଂଶ ରାଜସରକାର ଏବଂ ଅପର ଅର୍ଦ୍ଧାଂଶ ସମ୍ପୃକ୍ତ ଜିଲ୍ଲାବୋର୍ଡମାନ ବହନ କରିଥିଲେ । ମାତ୍ର ରାଜ୍ୟର ଅନେକ ଗ୍ରାମରେ ଏ ପର୍ଯ୍ୟନ୍ତ ପାନୀୟ ଜଳର ସୁବ୍ୟବସ୍ଥା ହୋଇ ନ ଥିବାରୁ ଗ୍ରାମମାନଙ୍କରେ ପାନୀୟ ଜଳର ଅଭାବ ସମ୍ବନ୍ଧରେ ପୁନର୍ବାର ତଦନ୍ତ କରି ତାହାର ଦୂରୀକରଣ ନିମନ୍ତେ ଆଉରି ଗୋଟିଏ ପାଞ୍ଚବର୍ଷିଆ ଯୋଜନା ପ୍ରସ୍ତୁତ କରିବା ପାଇଁ ରାଜସରକାର ଜିଲ୍ଲାବୋର୍ଡମାନଙ୍କୁ ଅନୁରୋଧ କରିଅଛନ୍ତି ।

### ମତ୍ସ୍ୟ ବ୍ୟବସାୟ

ବରୋଦା ରାଜ୍ୟର ମତ୍ସ୍ୟ ବ୍ୟବସାୟର ପ୍ରସାର ନିମନ୍ତେ ୧୯୪୭ ଖ୍ରୀଷ୍ଟାବ୍ଦ ଠାରୁ ଗୋଟିଏ ସ୍ୱତନ୍ତ୍ର ମତ୍ସ୍ୟ-ବିଭାଗ ସ୍ଥାପିତ ହୋଇଅଛି । ଏହି ବିଭାଗ ରାଜ୍ୟ ମଧ୍ୟରେ ମତ୍ସ୍ୟ-ଚାଷର ଉନ୍ନତି ନିମନ୍ତେ ଉଦ୍ୟମ କରୁଅଛନ୍ତି । ଚଳିତ ବର୍ଷ ଏହି ବିଭାଗର ଖର୍ଚ୍ଚ ପାଇଁ ରାଜସରକାର ପ୍ରାୟ ନଅ ହଜାର ଟଙ୍କା ମଞ୍ଜୁର କରିଅଛନ୍ତି ।

## ଇନ୍ଦୋର

### ଯୁଦ୍ଧ ପାଇଁ ହୋଲ୍‌କାରଙ୍କର ସାହାଯ୍ୟ

ଇନ୍ଦୋରର ମହାରାଜା ହୋଲ୍‌କାର ୟୁରୋପୀୟ ଯୁଦ୍ଧ ନିମନ୍ତେ ସାହାଯ୍ୟ ସ୍ୱରୂପ ବଡ଼ଲାଟଙ୍କ ନିକଟକୁ ପାଞ୍ଚ ଲକ୍ଷ ଟଙ୍କା ପଠାଇ ଅଛନ୍ତି । ଏ ଟଙ୍କା ବଡ଼ଲାଟ ଯେଉଁ ଉପାୟରେ ଖର୍ଚ୍ଚ କରିବା ଉଚିତ ମନେ କରିବେ ସେପରି ବ୍ୟୟ କରିବେ ବୋଲି ସେ ଅନୁରୋଧ କରିଅଛନ୍ତି । ମହାରାଜାଙ୍କର ଆଦେଶକ୍ରମେ ରାଜ୍ୟର ପ୍ରଧାନ ମନ୍ତ୍ରୀ ପ୍ରଜାମାନଙ୍କୁ ଆବେଦନ କରିଅଛନ୍ତି ଯେ ସେମାନେ ମହାମହିମ ସମ୍ରାଟଙ୍କର ଆହ୍ୱାନକ୍ରମେ ସାମ୍ରାଜ୍ୟର ଏ ସଙ୍କଟସ୍ଥଳରେ ଦୃଢ଼ ଏବଂ ଏକନିଷ୍ଠ ରହନ୍ତୁ ।

### ଲୋକହିତକର କର୍ମ

ହୋଲକାର ରାଜସରକାର ରାଜ୍ୟରେ ଶିଳ୍ପୋନ୍ନତି ନିମନ୍ତେ ଗୋଟିଏ ଧାରାବାହିକ ଯୋଜନା ପ୍ରସ୍ତୁତ କରି ସେହି ଅନୁସାରେ କାର୍ଯ୍ୟ କରିବାକୁ ସ୍ଥିର କରିଅଛନ୍ତି । ରାଜ୍ୟର ଶିଳ୍ପସମ୍ପଦ ସମ୍ବନ୍ଧରେ ତଥ୍ୟମାନ ସଂଗ୍ରହ କରା ଯାଉଅଛି । ଏହି ତଥ୍ୟମାନଙ୍କ ଉପରେ ନିର୍ଭର କରି ନୂତନ ଶିଳ୍ପମାନ ପ୍ରତିଷ୍ଠିତ ହେବ । ରାଜ୍ୟର ଶିଳ୍ପ-ବାଣିଜ୍ୟ ବିଭାଗର କମିଶନର ମହୋଦୟ ରାଜ୍ୟ ଦ୍ୱାରା ପରିଚାଳିତ ବାଣିଜ୍ୟ ସଂକ୍ରାନ୍ତ ପଥ ସମ୍ବନ୍ଧରେ ଗୋଟିଏ ଯୋଜନା ରାଜସରକାରଙ୍କ ପାଖରେ ଦାଖଲ କରିଅଛନ୍ତି । ଅଠେଟି ନୂତନ ରାସ୍ତା ପ୍ରସ୍ତୁତ ହେବାର ପ୍ରସ୍ତାବ ହୋଇଅଛି । ଏହି ରାସ୍ତାଗୁଡ଼ିକ ରାଜ୍ୟ ମଧ୍ୟରେ ସୀମାବଦ୍ଧ ରହିବ । ରାଜ୍ୟରେ ଗୋଟିଏ ଚିନି କଳ ସ୍ଥାପନ କରିବାର ଯୋଜନା ମଧ୍ୟ ରାଜ-ସରକାରଙ୍କ ନିକଟରେ ଦାଖଲ କରା ଯାଇଅଛି । ଏହି କଳରୁ ଉତ୍ପନ୍ନ ଚିନି ସମଗ୍ର ରାଜ୍ୟର ପ୍ରୟୋଜନ ମେଣ୍ଟାଇବ । ରାଜସରକାର ବର୍ତ୍ତମାନ ସେ ଯୋଜନା ବିଚାର କରୁଅଛନ୍ତି । ଏହି କଳ ସ୍ଥାପିତ ହେଲେ ରାଜ୍ୟରେ ଉତ୍ପନ୍ନ ହେଉଥିବା ସମସ୍ତ ଆଖୁ ଖର୍ଚ୍ଚ ହେବ ଏବଂ ଅଧିକ ଅଧିକ ଜମିରେ ଆଖୁ ଚାଷ କରିବାକୁ ପଡ଼ିବ । ଚିନି କଳ ସ୍ଥାପିତ ହେଲେ ଆହୁରି କେତେକ ଆନୁସଙ୍ଗିକ ଶିଳ୍ପ ସ୍ଥାପିତ ହେବ । ବରବହାଠାରେ ଗୋଟିଏ କାଗଜ କଳ ସ୍ଥାପିତ ହେବାର ସମ୍ଭାବନା ସମ୍ବନ୍ଧରେ ଅନୁସନ୍ଧାନ ଚାଲିଅଛି ।

ରାଜ୍ୟର ପ୍ରଧାନ ସହରମାନଙ୍କରୁ ଅଭ୍ୟନ୍ତରକୁ କେତେଗୁଡ଼ିଏ ରେଲରାସ୍ତା ନିର୍ମିତ ହେଉଅଛି । ଫଳରେ ରାଜ୍ୟର ଅଭ୍ୟନ୍ତରରେ ଥିବା ସ୍ଥାନମାନ ଛୋଟିଆ ଉପତ୍ୟକା ରେଲରାସ୍ତା ସହିତ ସଂଯୁକ୍ତ ହୋଇ ପାରିବ ।

ବିଶେଷ ଅନୁସନ୍ଧାନ ଫଳରେ ଜଣା ଯାଇଅଛି ଯେ ଯେଉଁ ଧୂଆଁ ପତ୍ରରେ ସିଗାରେଟ୍ ପ୍ରସ୍ତୁତ ହୁଏ ରାଜ୍ୟରେ ତାହାର ଚାଷ ହୋଇ ପାରିବ । ବର୍ତ୍ତମାନ ରାଜ୍ୟରେ ସେହି ପ୍ରକାର ଧୂଆଁ ପତ୍ର ଚାଷ କରିବା ନିମନ୍ତେ ଚାଷୀମାନଙ୍କୁ ଉତ୍ସାହ ଦିଆ ଯାଉଅଛି ।



Digitized by srujanika@gmail.com

ରାଜ୍ୟରେ ଅତି ଶୀଘ୍ର ଗୋଟିଏ ଛୋଟ ସିଗାରେଟ କାରଖାନା ସ୍ଥାପନ କରିବା ନିମନ୍ତେ ବୋମ୍ବାଇର ଜଣେ ଇଂରେଜ ବ୍ୟବସାୟୀଙ୍କ ସହିତ କଥାବାର୍ତ୍ତା ଚାଲିଅଛି । ବର୍ତ୍ତମାନ ଧୂଆଁପତ୍ର ବିଦେଶରୁ ଆମଦାନୀ ହୋଇ କାରଖାନାର କାମ ଚାଲିବ ।

## ଦେଓ୍ୱାସ (ସାନ)

ସାନ ଦେଓ୍ୱାସର ମାନ୍ୟବର ମହାରାଜା ମହୋଦୟ ରାଜ୍ୟ ମଧ୍ୟରେ ଅଠର ବେଶୀ ଗ୍ରାମ ପଞ୍ଚାୟତ ସ୍ଥାପନ କରିବାର ସ୍ଥିର କରିଅଛନ୍ତି । ଗ୍ରାମ ପଞ୍ଚାୟତ ଆଇନ ସଂଶୋଧିତ ହୋଇ ପଞ୍ଚାୟତ ମାନଙ୍କୁ ବେଶୀ କ୍ଷମତା ଦିଆ ଯାଇଅଛି । ପଞ୍ଚାୟତମାନେ ଛୋଟ ଛୋଟ ଦେଓ୍ୱାନୀ ଓ ଫୌଜଦାରୀ ମୋକଦ୍ଦମାମାନ ବିଚାର କରିବେ ଏବଂ କେତେକ ଶାସନ ସଂକ୍ରାନ୍ତ କାର୍ଯ୍ୟ କରିବେ । ଏତଦ୍‌ବ୍ୟତୀତ ଗ୍ରାମ୍ୟ ବିଦ୍ୟାଳୟ ଓ ଔଷଧାଳୟମାନଙ୍କର ପରିଚାଳନା, ଔଷଧ-ବିତରଣ ଏବଂ ପାନୀୟ ଜଳର ବ୍ୟବସ୍ଥା ସମ୍ପର୍କୀୟ କାର୍ଯ୍ୟମାନ ସେମାନଙ୍କ ଉପରେ ନ୍ୟସ୍ତ ହୋଇଅଛି । ହରିଜନମାନେ ଗ୍ରାମ୍ୟ ପଞ୍ଚାୟତମାନଙ୍କର ସଭ୍ୟ ହୋଇପାରିବା ସମ୍ବନ୍ଧରେ ନୂତନ ଆଇନରେ ବିଶେଷ ବ୍ୟବସ୍ଥା ହୋଇଅଛି ।

## ହାଇଦ୍ରାବାଦ

### ପଲ୍ଲୀମଙ୍ଗଳ ସମିତିମାନଙ୍କୁ ପୁରସ୍କାର

ନିଜାମଙ୍କର ସରକାର ଗ୍ରାମମାନଙ୍କରେ ଲୋକହିତକର କର୍ମମାନ ଉତ୍ସାହିତ କରିବା ନିମନ୍ତେ ଗ୍ରାମୋନ୍ନତି ବୋର୍ଡର ସୁପାରିଶ ଅନୁସାରେ ଭଲ କାର୍ଯ୍ୟ କରୁଥିବା ପଲ୍ଲୀମଙ୍ଗଳ ସମିତି-ମାନଙ୍କୁ ପ୍ରତି ବର୍ଷ ଦୁଇଶ ଟଙ୍କାଠାରୁ ଅଢ଼େଇଶ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଦେବା ନିମନ୍ତେ ସ୍ଥିର କରିଅଛନ୍ତି । ଏହି ଟଙ୍କା ସମ୍ପୃକ୍ତ ଗ୍ରାମମାନଙ୍କର ଉନ୍ନତିରେ ଖର୍ଚ୍ଚ ହେବ ।

## ରାଜକୋଟ

### ଶାସନ-ସଂସ୍କାର

ରାଜକୋଟ ଦରବାର ରାଜ୍ୟର ଶାସନରେ କେତେକ ସଂସ୍କାର ଘୋଷଣା କରିଅଛନ୍ତି । ଏଣିକି ଷ୍ଟେଟ ଅସେମ୍ବ୍ଲିରେ ୬୦ ଜଣ ସଭ୍ୟ ରହିବେ । ତନ୍ମଧ୍ୟରୁ ୪୦ ଜଣ ଲୋକସାଧାରଣଙ୍କ ଦ୍ୱାରା ନିର୍ବାଚିତ ଏବଂ ଅବଶିଷ୍ଟ ୨୦ ଜଣ ଦରବାରଙ୍କଦ୍ୱାରା ମନୋନୀତ ହେବେ । ମନୋନୀତ ସଭ୍ୟ ୨୦ ଜଣଙ୍କ ମଧ୍ୟରୁ ୫ ଜଣ ସରକାରୀ କର୍ମଚାରୀ ହେବେ । ନିର୍ବାଚିତ ସଭ୍ୟମାନଙ୍କ ପକ୍ଷରୁ ୧୪ ଜଣ ସଂଖ୍ୟାଲଘିଷ୍ଠ ସମ୍ପ୍ରଦାୟରୁ ଆସିବେ । ଏହି ୧୪ଟି ସ୍ଥାନ ମୁସଲମାନ, ରାଜପୁତ୍ ଏବଂ ଅନୁନ୍ନତ ସମ୍ପ୍ରଦାୟମାନ ନିଜ ନିଜ ମଧ୍ୟରେ ଭାଗ କରି ବାଣ୍ଟି ନେବେ । ରାଜକୋଟର ଦେଓ୍ୱାନ ଷ୍ଟେଟ ଅସେମ୍ବ୍ଲି ବା ପ୍ରଜାସଭାର ସଭାପତି ହେବେ । ସଂସ୍କୃତ ପ୍ରଜାସଭାର କାର୍ଯ୍ୟକାଳ ପ୍ରଥମ ଥର ପାଇଁ ତିନ ବର୍ଷ ହେବ ।

ରାଜ୍ୟ ପାଇଁ ଆଇନମାନ ପାଶ୍ କରି ପାରିବାର ନୂଆ କ୍ଷମତା ସଭାକୁ ଦିଆ ଯାଇଅଛି । ମାତ୍ର ରାଜସରକାରଙ୍କ ପରରାଷ୍ଟ୍ର ବିଭାଗ, ରାଜନୈତିକ ବିଭାଗ ଏବଂ ଧର୍ମ ବିଷୟମାନଙ୍କରେ ସଭାର ଆଇନ ପ୍ରଣୟନ କରିବାର ଅଧିକାର ନାହିଁ । ରାଜ୍ୟର ବଜେଟ ଭୋଟ ନିମନ୍ତେ ସଭାରେ ଉପସ୍ଥାପିତ ହେବ । ମାତ୍ର ରାଜନୈତିକ ବିଭାଗର ଏବଂ ରାଜପ୍ରାସାଦର ଖର୍ଚ୍ଚ ସମ୍ପର୍କୀୟ ବଜେଟ ସଭାରେ ଭୋଟ ନିମନ୍ତେ ଉପସ୍ଥାପିତ ହେବ ନାହିଁ । ପୁଣି ସଭାରେ ପାଶ୍ ହୋଇଥିବା ବଜେଟକୁ ପରିବର୍ତ୍ତନ କରି ପାରିବାର ଅଧିକାର ରାଜାଙ୍କର ରହିବ । ରାଜ୍ୟର ଚିକିତ୍ସା ବିଭାଗ, ଶିକ୍ଷା ବିଭାଗ ଏବଂ ମ୍ୟୁନିସିପାଲିଟି ବିଭାଗର ପରିଚାଳନା ଭାର ପରୀକ୍ଷା ସ୍ୱରୂପ ସଭା ହସ୍ତରେ ନ୍ୟସ୍ତ ରହିବ । ଅବଶ୍ୟ ଏ ବିଭାଗମାନଙ୍କ ପରିଚାଳନା ସମ୍ପର୍କରେ ଚୂଡ଼ାନ୍ତ କ୍ଷମତା ରାଜାଙ୍କ ହସ୍ତରେ ରହିବ ।

ସଭାର ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରୁ ଦୁଇ ଜଣ ମନ୍ତ୍ରୀ ନିଯୁକ୍ତ ହେବେ । ମନ୍ତ୍ରୀମାନେ ଶାସନ-କାର୍ଯ୍ୟ ନିମନ୍ତେ ସଭା ନିକଟରେ ଦାୟୀ ରହିବେ । ବିଭାଗୀୟ କର୍ତ୍ତାମାନଙ୍କର ଯେଉଁ କ୍ଷମତା ମନ୍ତ୍ରୀମାନଙ୍କର ସେହି କ୍ଷମତା ରହିବ । ସଭାର କାର୍ଯ୍ୟକାଳ ଶେଷ ହେଲେ ମନ୍ତ୍ରୀମାନଙ୍କ କାର୍ଯ୍ୟକାଳ ଶେଷ ହେବ । ମାତ୍ର ସଭାର ତିନ-ଚତୁର୍ଥାଂଶ ସଭ୍ୟମାନଙ୍କ ମତରେ ଅବିଶ୍ୱାସ ପ୍ରସ୍ତାବ ଗୃହୀତ ହେଲେ କିମ୍ବା ରାଜା ସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ମନ୍ତ୍ରୀଙ୍କୁ ବିଦାୟ ଦେବା ଉଚିତ ମନେକଲେ ଜଣେ ମନ୍ତ୍ରୀଙ୍କର କାର୍ଯ୍ୟକାଳ ଆଗରୁ ଶେଷ କରି ଦିଆଯିବ ।

ରାଜ୍ୟର ଶିଳ୍ପ-ବାଣିଜ୍ୟ ସମ୍ପର୍କରେ ରାଜାଙ୍କୁ ପରାମର୍ଶ ଦେବା ନିମନ୍ତେ ଗୋଟିଏ ପରାମର୍ଶଦାତା ସଭା ରହିବ । ଏହି ସଭାରେ ଦୁଇ ଜଣ ସରକାରୀ ସଭ୍ୟ ଏବଂ ତିନି ଜଣ ବେସରକାରୀ ସଭ୍ୟ ରହିବେ । ଉକ୍ତ ସଭ୍ୟମାନେ ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କ ମଧ୍ୟରୁ ରାଜାଙ୍କ ଦ୍ୱାରା ନିର୍ବାଚିତ ହେବେ ।

ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀର ବ୍ୟବସ୍ଥା ହୋଇଅଛି ।

## କାଶ୍ମୀର

### ନୂତନ ଶାସନ-ତନ୍ତ୍ର

କାଶ୍ମୀରର ନୂତନ ଶାସନ-ତନ୍ତ୍ର ଆଇନ ମହାରାଜାଙ୍କର ଆଦେଶ ଅନୁସାରେ ଜାରି ହୋଇଅଛି । ରାଜ୍ୟର ଶାସନ-ଭାର ଏଣିକି ଗୋଟିଏ ମନ୍ତ୍ରୀ-ପରିଷଦ ଉପରେ ନ୍ୟସ୍ତ ରହିବ । ଅବଶ୍ୟ ଶାସନ ସଂକ୍ରାନ୍ତରେ ମହାରାଜାଙ୍କର ଚୂଡ଼ାନ୍ତ କ୍ଷମତା ଅକ୍ଷୁର୍ଣ୍ଣ ରହିବ । ରାଜ୍ୟରେ ଏଣିକି ଜଣେ ଅଡିଟର-ଜେନାରାଲ ରହିବେ ।

ରାଜ୍ୟର ବ୍ୟବସ୍ଥାପକ ସଭାରେ ମୋଟ ୭୫ ଜଣ ସଭ୍ୟ ରହିବେ । ମନ୍ତ୍ରୀମାନେ ନିଜ ନିଜ ପଦବୀ ବଳରେ ବ୍ୟବସ୍ଥାପକ ସଭାର ସଭ୍ୟ ହେବେ । ଅବଶିଷ୍ଟ ସଭ୍ୟମାନଙ୍କ ମଧ୍ୟରୁ ୪୦ ଜଣ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେବେ ଏବଂ ଅନ୍ୟମାନେ ରାଜ-ସରକାରଙ୍କ ଦ୍ୱାରା ମନୋନୀତ ହେବେ ।

## ମହୀଶୂର ମହାରାଜାଙ୍କର ପ୍ରତିଶ୍ରୁତି

ମହାମାନ୍ୟବର ମହୀଶୂରର ମହାରାଜା ମହୋଦୟ ୟୁରୋପୀୟ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ନଜର ଦେବା ଏବଂ ରାଜ୍ୟର ସମସ୍ତ ଧନସମ୍ପଦ ସମ୍ରାଟଙ୍କ ହସ୍ତରେ ଅର୍ପଣ କରିଥିଲେ। ବର୍ତ୍ତମାନ ମହାରାଜା ମହୋଦୟ ମହାମାନ୍ୟବର ବଡ଼ଲାଟ ବାହାଦୂରଙ୍କୁ ଜଣାଇ ଦେଇ ଅଛନ୍ତି ଯେ ସେ ଦୁଇ ଦଳ ପଦାତିକ ସୈନ୍ୟ ଏବଂ ଦଳେ କମାଣ-ସହଗାମୀ ସୈନ୍ୟ ଅତି ଶୀଘ୍ର ଯୁଦ୍ଧ ପାଇଁ ସାହାଯ୍ୟ କରିବେ। ଦରକାର ହେଲେ ସେ ଭବିଷ୍ୟତରେ ତୃତୀୟ ଦଳ ପଦାତିକ ସୈନ୍ୟ ଯୋଗାଇ ପାରନ୍ତି।

## ତ୍ରିବାଙ୍କୁଡ଼

### ଯୁଦ୍ଧ ପାଇଁ ପ୍ରତିଶ୍ରୁତି

ତ୍ରିବାଙ୍କୁଡର ମହାରାଜା ମହୋଦୟ ଯୁଦ୍ଧ ପାଇଁ ଛ ଲକ୍ଷ ଟଙ୍କା ଦାନ କରିଅଛନ୍ତି। ମହାରାଜା ମଧ୍ୟ ରାଜ୍ୟରେ ଶାନ୍ତିରକ୍ଷା ପାଇଁ ସାମାନ୍ୟ କେତେକ ସୈନ୍ୟ ରଖି ତ୍ରିବାଙ୍କୁଡର ଅବଶିଷ୍ଟ ସୈନ୍ୟମାନଙ୍କୁ ବ୍ରିଟିଶ ସରକାରଙ୍କ ହସ୍ତରେ ଯୁଦ୍ଧ ନିମନ୍ତେ ଅର୍ପଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ଅଛନ୍ତି। ମହାରାଜା ଦରକାର ହେଲେ ଯୁଦ୍ଧ କ୍ଷେତ୍ରର କର୍ମ କରିବା ପାଇଁ ଦଳେ ଶ୍ରମଜୀବୀ ସଂଗ୍ରହ କରି ପଠାଇବାକୁ ଇଚ୍ଛା କରନ୍ତି।

## ମହୀଶୂର

### ନୂତନ ଜଳସେଚନ ପ୍ରଣାଳୀ-ଯୋଜନା

ମହୀଶୂରର ରାଜସରକାର ବୃଷଭବତୀ ନଦୀ ମଧ୍ୟରେ ଗୋଟିଏ ଜଳାଧାର ନିର୍ମାଣ କରିବାର ଯୋଜନା ମଞ୍ଜୁର କରିଅଛନ୍ତି। ଏଥିରେ ସାଢ଼େ ନଅ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହି ଜଳାଧାର ଦ୍ୱାରା ଚାରିହଜାର ଏକର ଜମିକୁ ପାଣି ଯୋଗାଇବାର ସୁବିଧା ହେବ ଏବଂ ଅନେକ ଗ୍ରାମର ଆର୍ଥିକ ଉନ୍ନତି ହୋଇ ପାରିବ।

## ପାଟନା

### ଗ୍ରାମ୍ୟ ପଞ୍ଚାୟତ ଆଇନ

ପାଟନାର ମହାରାଜା ମହୋଦୟ ନୂତନ ଗ୍ରାମ୍ୟ ପଞ୍ଚାୟତ ଆଇନ ମଞ୍ଜୁର କରିଅଛନ୍ତି। ରାଜ୍ୟର ପ୍ରଜାମାନେ ଗ୍ରାମ୍ୟ ବିଷୟମାନଙ୍କର ପରିଚାଳନାରେ ଅଧିକ ସଂପୃକ୍ତ ରହି ଯେପରି ଗ୍ରାମମାନଙ୍କର ଉନ୍ନତି କରି ପାରିବେ ତାହାର ବ୍ୟବସ୍ଥା ହୋଇଅଛି। ପ୍ରତ୍ୟେକ ପଞ୍ଚାୟତରେ ଅନ୍ତତଃ ପାଞ୍ଚ ଜଣ ଏବଂ ଖୁବ ବେଶୀ ଏଗାର ଜଣ ସଭ୍ୟ ରହିବେ। ସଭ୍ୟମାନେ ଗ୍ରାମବାସୀମାନଙ୍କ ଦ୍ୱାରା ନିର୍ବାଚିତ ହେବେ। ଯେଉଁମାନଙ୍କର ବୟସ ଏକୋଇଶ ବର୍ଷରୁ ବେଶି ହୋଇଥିବ ସେମାନେ ସଭ୍ୟ-ନିର୍ବାଚନରେ ଭୋଟ ଦେଇ ପାରିବେ। ପ୍ରତି ତିନ ବର୍ଷରେ ଥରେ ସଭ୍ୟନିର୍ବାଚନ ହେବ। ପଞ୍ଚାୟତ ନୂତନ ସ୍କୁଲ ଓ ଟୋଲ ସ୍ଥାପନ, ଜଙ୍ଗଲ-ରକ୍ଷଣ, ବୃକ୍ଷ ରୋପଣ ଓ ରକ୍ଷଣ, କୃଷି ଏବଂ ଗୋମେଷାଦିର ଉନ୍ନତି, ସ୍ୱାସ୍ଥ୍ୟୋନ୍ନତି, ପଙ୍କ-ପ୍ରଣାଳୀ ଏବଂ ଜଳ-ସେଚନ ସମ୍ପର୍କୀୟ ବିବାଦମାନଙ୍କର ନିଷ୍ପତ୍ତି, ରାସ୍ତା, ପୁଷ୍କରିଣୀ-ଖନନ, କୁଟୀର ଶିଳ୍ପମାନଙ୍କର ଉନ୍ନତି, ଗୋରୁ ଜନ୍ମର ରେଜିଷ୍ଟ୍ରେଶନ, ଛୋଟ ଛୋଟ ଦେୱାନି ଓ ଫୌଜଦାରୀ ମକଦମାର ବିଚାର ଏବଂ ଗ୍ରାମୋନ୍ନତି ସମ୍ପର୍କୀୟ ଅନ୍ୟାନ୍ୟ କାର୍ଯ୍ୟମାନ ପରିଚାଳନ କରିବେ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ଇଉରୋପୀୟ ଯୁଦ୍ଧ: ମହାରାଜାଙ୍କର ବାର୍ତ୍ତା

ଇଉରୋପୀୟ ଯୁଦ୍ଧର ପ୍ରାରମ୍ଭରେ ଆମ୍ଭମାନଙ୍କର ଶ୍ରୀମନ୍ ମହାରାଜା ମହୋଦୟ ମୟୂରଭଞ୍ଜବାସୀଙ୍କୁ ନିମ୍ନଲିଖିତ ବାର୍ତ୍ତା ଜଣାଇଥିଲେ ।

"ଜର୍ମାନର ଦୁର୍ବାର ସାମ୍ରାଜ୍ୟଲିପ୍ସା ବ୍ରିଟେନ, ଫ୍ରାନ୍ସ ଏବଂ ପୋଲଣ୍ଡକୁ ଆଜି ଏକ ଭୀଷଣ ଓ ଅଭୂତପୂର୍ବ ଧ୍ୱଂସଲୀଳାମୟ ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ବାଧ କରଅଛି । ଏହି ପାଶବିକ ହତ୍ୟାକାଣ୍ଡରେ ଇଉରୋପ ମହାଦେଶର ଅଧିକତର ଅଂଶ ନିମଜ୍ଜିତ । ଆମ୍ଭେମାନେ ବ୍ରିଟିଶ ସାମ୍ରାଜ୍ୟର ଅଧିବାସୀ ବୋଲି ଗର୍ବ ଅନୁଭବ କରୁଁ; ସୁତରାଂ ଏହି ସଙ୍କଟମୟ ସନ୍ଧିକ୍ଷଣରେ ଯେଉଁ ମହତ୍ ଓ ସାଧୁ ଉଦ୍ଦେଶ୍ୟ ସାଧନରେ ସାମ୍ରାଜ୍ୟର ଶକ୍ତି ନିୟୋଜିତ, ସେଥିରେ ଯଥାଶକ୍ତି ସାହାଯ୍ୟ କରିବା ଆମ୍ଭମାନଙ୍କର ପରମ କର୍ତ୍ତବ୍ୟ । ଏହି ଗୁରୁତର-ସଂଗ୍ରାମ ପରିଚାଳନାରେ ମହାମହିମ ସମ୍ରାଟଙ୍କ ଠାରେ ମୋହର ନିଜର ବ୍ୟକ୍ତିଗତ ସେବା ଏବଂ ମୟୂରଭଞ୍ଜ ରାଜ୍ୟର ସମସ୍ତ ଶକ୍ତି ଓ ସମ୍ବଳ ଅର୍ପଣ କରିବା ପାଇଁ ମୁଁ ଏଥିପୂର୍ବେ ପ୍ରତିଶ୍ରୁତି ଦେଇଅଛି । ଆମ୍ଭମାନଙ୍କ ମଧ୍ୟରୁ ସମସ୍ତଙ୍କୁ ଅବଶ୍ୟ ରଣଭୂମିରେ ଯୋଗ ଦେବାର ସୁବିଧା ମିଳିବ ନାହିଁ, କିନ୍ତୁ ଉପସ୍ଥିତ କ୍ଷେତ୍ରରେ ସମସ୍ତଙ୍କୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ସାଧନ କରିବାକୁ ହେବ । ଯେଉଁ ବୀରମାନେ ରଣକ୍ଷେତ୍ରରେ ପ୍ରାଣଦାନ କରିବେ, କେବଳ ସେହିମାନଙ୍କ ବୀରତ୍ୱ ଯୋଗୁଁ ଯେ ଆମ୍ଭେମାନେ ସଂଗ୍ରାମର ଜୟଲାଭ କରିବୁଁ ତାହା ନୁହେଁ, କିନ୍ତୁ ଜନସାଧାରଣ ଯେଉଁ ଅବିଚଳିତ ଓ ସୁନିୟନ୍ତ୍ରିତ ସାହାଯ୍ୟ ପ୍ରଦାନ କରିବେ, ତାହା ମଧ୍ୟ ଜୟଲାଭର ସହାୟକ ହେବ । ରଣକ୍ଷେତ୍ରରେ ଯୁଦ୍ଧ କରୁଥିବା ସୈନିକମାନଙ୍କର କାର୍ଯ୍ୟର ଗୁରୁତ୍ୱ ଅପେକ୍ଷା ଯୁଦ୍ଧ ନ କରୁଥିବା ଜନସାଧାରଣଙ୍କ ତ୍ୟାଗ ଓ ସେବାର ମହତ୍ତ୍ୱ କୌଣସି ପ୍ରକାରେ ନ୍ୟୂନ ନୁହେଁ । ଏହି ସଂଗ୍ରାମ ଦୀର୍ଘକାଳ ବ୍ୟାପି ପାରେ ଏବଂ ଆମ୍ଭମାନଙ୍କୁ ଏଥିପାଇଁ ବହୁ କଷ୍ଟ, କ୍ଲେଶ ଓ ଗୁରୁତର ଅଭାବର ସମ୍ମୁଖୀନ ହେବାକୁ ହୋଇପାରେ । ମୋର ପୂର୍ଣ୍ଣ ବିଶ୍ୱାସ ଯେ ମୋର ପ୍ରଜାମାନେ ବର୍ତ୍ତମାନ ଅବସ୍ଥାକୁ ଧୀର ସ୍ଥିର ଭାବରେ ଚିନ୍ତା କରି ବିବେଚନାର ସହିତ କାର୍ଯ୍ୟ କରିବେ ଏବଂ ଅଯଥା ଭୀତିଗ୍ରସ୍ତ ନ ହୋଇ ଦେଶର ଅଭ୍ୟନ୍ତରୀଣ-ଶାନ୍ତି-ସଂରକ୍ଷଣରେ ତତ୍ପର ହେବେ ।

ଈଶ୍ୱରଙ୍କ ଠାରେ ଆମ୍ଭମାନଙ୍କର ନିରନ୍ତର ଏହି ପ୍ରାର୍ଥନା ଯେ ସମଗ୍ର-ମାନବ ଜାତିର କଲ୍ୟାଣ ଓ ସଭ୍ୟତା ଲାଗି ସମ୍ମିଳିତ ମିତ୍ରଶକ୍ତିଙ୍କର ମହତ୍ ତ୍ୟାଗ ଏବଂ ଉଦ୍ୟମ ଅଚିରେ ପୂର୍ଣ୍ଣରୂପେ ଜୟଯୁକ୍ତ ହେଉ ।"

## ମୟୂରଭଞ୍ଜରେ ଦରଦାମ ନିୟନ୍ତ୍ରଣ

ଇଉରୋପୀୟ ଯୁଦ୍ଧ ଲାଗିବା ପରେ ବ୍ୟବସାୟୀମାନେ ନିତ୍ୟ ପ୍ରୟୋଜନୀୟ ଜିନିଷମାନଙ୍କର ମୂଲ୍ୟ ଅନ୍ୟାୟ ଭାବରେ ବଢ଼ାଇବାର ଚେଷ୍ଟା କରୁଥିବାରୁ ଏବଂ ତଦ୍ୱାରା ସର୍ବସାଧାରଣ ବିଶେଷ ହଇରାଣ ହେଉଥିବାରୁ ମୟୂରଭଞ୍ଜ ରାଜସରକାର ଷ୍ଟେଟରେ ଜାରି ହୋଇଥିବା ଭାରତରକ୍ଷା ନିୟମାବଳୀର ୮୧ ଧାରା ଅନୁଯାୟୀ ଦରଦାମ-ନିୟନ୍ତ୍ରଣ ନିମନ୍ତେ ଗୋଟିଏ ଆଦେଶ ଜାରି କରି ଅଛନ୍ତି । ଏହି ଆଦେଶ ଅନୁଯାୟୀ ଲୁଣ, କିରାସିନି ତେଲ, ମିଲ୍‌ରେ ପ୍ରସ୍ତୁତ ମୋଟା ଧୋତି ଓ ଶାଢ଼ୀ, ସୋରିଷ ତେଲ, ଚିନି, ଦିଆସିଲି, ଔଷଧ ଓ ରାନ୍ଧିବା ସକାଶେ ବ୍ୟବହୃତ ହେଉଥିବା ସାଧାରଣ ମସଲାର ମୂଲ୍ୟ ଅନ୍ୟ ଆଦେଶ ପର୍ଯ୍ୟନ୍ତ ଷ୍ଟେଟ ଦ୍ୱାରା ନିୟନ୍ତ୍ରିତ ହେବ । ଉକ୍ତ ଦ୍ରବ୍ୟଗୁଡ଼ିକ ବ୍ୟବସାୟୀମାନେ ଯେଉଁ ଉଚିତତମ କମ୍ବା ଯଥାଯଥ ଖୁଚୁରା ଦରରେ ବିକ୍ରୀ କରି ପାରିବେ, ପ୍ରତ୍ୟେକ ସବ୍-ଡିଭିଜନର ସବ୍‌ଡିଭିଜନାଲ ଅଫିସରମାନେ ତହିଁର ଗୋଟିଏ ତାଲିକା ପ୍ରସ୍ତୁତ କରି ନିଜ ନିଜର ଇଲାକାରେ ସର୍ବସାଧାରଣଙ୍କୁ ଜଣାଇ ଦେବେ । ଆବଶ୍ୟକ ମନେ କଲେ ସବ୍-ଡିଭିଜନାଲ ଅଫିସର ତାଙ୍କ ଇଲାକାର ଭିନ୍ନ ଭିନ୍ନ ଅଞ୍ଚଳ ପାଇଁ ପୃଥକ ମୂଲ୍ୟ ତାଲିକାମାନ ମଞ୍ଜୁର କରି ପାରନ୍ତି । ସବ-ଡିଭିଜନାଲ ଅଫିସରମାନେ ଚଳିତ ବର୍ଷର ସେପ୍ଟେମ୍ବର ୧ ତାରିଖ ବା ତାହାର ନିକଟବର୍ତ୍ତୀ ସମୟରେ ଜିନିଷ ପତ୍ରର ମୂଲ୍ୟ ଯାହା ଥିଲା, ପ୍ରଧାନତଃ ତାକୁ ଲକ୍ଷ୍ୟ କରି ଦରଦାମ ଠିକ୍ କରିବେ ଏବଂ ବିବେଚନା ଅନୁଯାୟୀ ମଧ୍ୟେ ମଧ୍ୟେ ଉକ୍ତ ଦରଦାମର ହାର ବଦଳାଇ ପାରିବେ ।

ଜିନିଷପତ୍ରର ଯଥାଯଥ ମୂଲ୍ୟ-ନିରୂପଣ ବା ପରିବର୍ତ୍ତନ ବିଷୟରେ ପରାମର୍ଶ ଦେବା ନିମନ୍ତେ ସବ୍-ଡିଭିଜନ ଅଫିସର ଗୋଟିଏ ପରାମର୍ଶଦାତା କମିଟି ଗଠନ କରିପାରନ୍ତି । ଏହି କମିଟିରେ ବ୍ୟବସାୟୀମାନଙ୍କପକ୍ଷରୁ ଅନ୍ତତଃ ଦୁଇଜଣ ପ୍ରତିନିଧି ରହିବେ ଏବଂ କ୍ରେତାମାନଙ୍କ ପକ୍ଷରୁ ସମାନସଂଖ୍ୟକ ସଭ୍ୟ ରହିବେ ।



Digitized by srujanika@gmail.com

ସବ୍-ଡିଭିଜନ ଅଫିସର ଏହି କମିଟିର ସଭାପତି ହେବେ ଏବଂ ଏମାନେ କାର୍ଯ୍ୟ ପନ୍ଥାର ନିୟମମାନ ସ୍ଥିର କରିବେ ।

ନିର୍ଦ୍ଦିଷ୍ଟ ମୂଲ୍ୟରୁ ଅଧିକ ଦରରେ ଜିନିଷ ବିକ୍ରି କରିବା କିମ୍ବା ଅଧିକ ଦର ମାଗିବା, ଉପଯୁକ୍ତ କାରଣ ବ୍ୟତିରେକେ ଗଚ୍ଛିତ ଦ୍ରବ୍ୟମାନ ବିକ୍ରୟ ନ କରି ଜମା କରି ରଖିବା ଏ ଆଦେଶ ଅନୁସାରେ ଦଣ୍ଡନୀୟ । ଯଦି କୌଣସି ବ୍ୟବସାୟୀ ବା କ୍ରେତା ନିଜର ସାଧାରଣ ପ୍ରୟୋଜନ ଅପେକ୍ଷା ଅଧିକ ପରିମାଣରେ ଦ୍ରବ୍ୟ ସଞ୍ଚୟ ନିମନ୍ତେ ଏବଂ ଫଳତଃ ବଜାରରେ ଉକ୍ତ ଜିନିଷ ଦୁଷ୍ପ୍ରାପ୍ୟ କରିବା ଉଦ୍ଦେଶ୍ୟରେ କ୍ରୟ କରନ୍ତି, ତାହାହେଲେ ସେ ମଧ୍ୟ ଏହି ଆଦେଶ ଅନୁସାରେ ଦଣ୍ଡ ପାଇବେ ।

## ନୂତନ ହାଇକୋର୍ଟ ଗୃହ

ଷ୍ଟେଟ୍‌ର ନୂତନ ହାଇକୋର୍ଟ ଗୃହ-ନିର୍ମାଣ ନିକଟରେ ଶେଷ ହୋଇଅଛି । ବର୍ତ୍ତମାନ ଏହି ଦ୍ୱିତଳ ପ୍ରାସାଦର ଉପର ମହଲାରେ ହାଇକୋର୍ଟ ବସୁଛି । ତଳ ମହଲରେ ଷ୍ଟେଟ୍‌ର ଅନ୍ୟ କେତେକ ଅଫିସ ଅବସ୍ଥିତ । ଏହି ଗୃହ ନିର୍ମାଣ କରିବାର ଭାର କଲିକତାର ବ୍ରିଟାନିଆ ଇଞ୍ଜିନିୟରିଂ କମ୍ପାନୀଙ୍କ ଉପରେ ନ୍ୟସ୍ତ ଥିଲା । ଏଥି ନିମନ୍ତେ ପ୍ରାୟ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଅଛି ।



ବାରିପଦାରେ ନବ-ନିର୍ମିତ ହାଇକୋର୍ଟ ଗୃହ ।

## ଫ୍ରେଣ୍ଡସ୍ ରିକ୍ରିଏସନ୍ କ୍ଲବ

ସ୍ଥାନୀୟ ଫେଣ୍ଡ୍ସ୍ ରିକ୍ରିଏସନ କ୍ଲବର ବାର୍ଷିକୋତ୍ସବ ଗତ ଛବିଶି ଦିନ କ୍ଲବର ରଙ୍ଗ-ମଞ୍ଚରେ ଅନୁଷ୍ଠିତ ହୋଇ-ଥିଲା । କୁମାର ଶରତଚନ୍ଦ୍ର ଭଞ୍ଜ ଦେଓ ଏହି ଉତ୍ସବର ପୁରୋଧା ହୋଇଥିଲେ । ସହରର ବିଶିଷ୍ଟ ଭଦ୍ରବ୍ୟକ୍ତିବୃନ୍ଦ ଉତ୍ସବରେ ଯୋଗ ଦେଇଥିଲେ । ସମ୍ପାଦକଙ୍କ ଦ୍ୱାରା ପଠିତ ବାର୍ଷିକ ବିବରଣୀରୁ ଜଣାଗଲା ଯେ ଗତ ସାତ ବର୍ଷ ମଧ୍ୟରେ କ୍ଲବର ବିଶେଷ ଉନ୍ନତି ହୋଇଅଛି । ଉତ୍ସବ ଶେଷରେ କ୍ଲବର ସଭ୍ୟମାନେ ନିମନ୍ତ୍ରିତ ଭଦ୍ର ବ୍ୟକ୍ତିମାନଙ୍କ ପାଇଁ ସାନ୍ଧ୍ୟଭୋଜନର ବ୍ୟବସ୍ଥା କରିଥିଲେ ।

## ଷ୍ଟେଟ ଛାପାଖାନାରେ ବିଶ୍ୱକର୍ମା ପୂଜା

ଷ୍ଟେଟ୍ ଛାପାଖାନାର କର୍ମଚାରୀମାନଙ୍କ ଦ୍ୱାରା ସେପ୍ଟେମ୍ବର ୧୬ ତାରିଖ ଦିନ ବିଶ୍ୱକର୍ମାଙ୍କର ଜନ୍ମୋତ୍ସବ ପୂଜା ଯଥାବିଧି ଅନୁଷ୍ଠିତ ହୋଇଥିଲା । ଶ୍ରୀଯୁକ୍ତ ଦେବାନ ସାହେବ ଏବଂ ସ୍ଥାନୀୟ ବିଭିନ୍ନ ବିଭାଗୀୟ ଉଚ୍ଚପଦସ୍ଥ କର୍ମଚାରୀମାନେ ଏହି ଉତ୍ସବକୁ ନିମନ୍ତ୍ରିତ ହୋଇଥିଲେ । ପ୍ରେସର ସୁସଜ୍ଜିତ ଗୃହରେ ନିମନ୍ତ୍ରିତ ଭଦ୍ରବ୍ୟକ୍ତି-ମାନଙ୍କ ପାଇଁ ସାନ୍ଧ୍ୟ ଭୋଜନର ବ୍ୟବସ୍ଥା ହୋଇଥିଲା ।

## ପ୍ରାଚୀନ ମୁଦ୍ରା ଏବଂ ତାମ୍ରଫଳକ

ମୟୂରଭଞ୍ଜର ବାମନଘାଟୀ ସବ-ଡିଭିଜନସ୍ଥ ସିମିଳିଆବନ୍ଧ ଗ୍ରାମର ଗୋଟିଏ ପୁଷ୍କରିଣୀରୁ କେତେକ ସ୍ୱର୍ଣ୍ଣ ମୁଦ୍ରା ମିଳିଅଛି । ଉକ୍ତ ମୁଦ୍ରାଗୁଡ଼ିକ ଗୁପ୍ତ ଯୁଗର ବୋଲି ଅନୁମାନ କରାଯାଏ । ବ୍ରାହ୍ମଣଘାଟି ସବ୍-ଡିଭିଜନସ୍ଥ ଶ୍ୟାମସୁନ୍ଦର ଗ୍ରାମରୁ ଦୁଇଟି ପ୍ରାଚୀନ ତାମ୍ରଫଳକ ମିଳିଅଛି । ଇତିହାସ ଦୃଷ୍ଟିରୁ ଗବେଷଣା କରିବା ନିମନ୍ତେ ଉକ୍ତ ମୁଦ୍ରା ଓ ତାମ୍ରଫଳକ ଗୁଡ଼ିକ ଷ୍ଟେଟ୍‌ର ପ୍ରତ୍ନତତ୍ତ୍ୱ ବିଭାଗକୁ ପ୍ରଦତ୍ତ ହୋଇଅଛି ।

## ରାଜଯକ୍ଷ୍ମା-ନିବାରଣ ପାଣ୍ଠି

ଲେଡି ଲିନ୍‌ଲିଥ୍‌ଗୋଙ୍କ ଚେଷ୍ଟାରେ ସ୍ଥାପିତ ରାଜଯକ୍ଷ୍ମା ନିବାରଣ ପାଣ୍ଠିକୁ ମୟୂରଭଞ୍ଜ ଷ୍ଟେଟରୁ ଟ ୫୧୯୬୨।୷୰ ଆଦାୟ ହୋଇଥିଲା । ତାହାର ଶତକରା ପଞ୍ଚାନବେ ଅଂଶ ଟ ୪୯୬୬୪ ଏବଂ ସୁଧ ଟ ୩୮୫୯ ବର୍ତ୍ତମାନ ଷ୍ଟେଟକୁ ଫେରସ୍ତ ଦିଆ ଯାଇଅଛି । ଏ ଟଙ୍କା ଷ୍ଟେଟ୍ ମଧ୍ୟରେ ରାଜଯକ୍ଷ୍ମା ନିବାରଣ କାର୍ଯ୍ୟରେ ଖର୍ଚ୍ଚ ହେବ ଏବଂ ସେ ସମ୍ବନ୍ଧରେ ଷ୍ଟେଟ୍ ପକ୍ଷରୁ ଗୋଟିଏ ଯୋଜନା ପ୍ରସ୍ତୁତ ହେଉଅଛି ।



Digitized by srujanika@gmail.com

# FOR KIND ATTENTION OF MAHARAJAS, RAJAS & CAPITALISTS

A qualified Indian (Native of Orissa) having 31 years experience in the Commercial line and at present holding the position of a Director in charge of Administration and Finance in three Joint Stock Companies of Calcutta will shortly be available for engagement in any position requiring trust and responsibility. A calm and quiet worker and a tactful administrator ; can undertake organisation and management of any one or more new or old Industrial Concerns including forests financial undertakings, transactions in the Calcutta or Bombay Stock Exchanges, negotiations for purchases or Sales of Properties and Commercial Commodities of any kind; can advise about sound investments of any amount of Capital and control big establishments & Labour; has wide experience of Calcutta & Bombay Market conditions and also of affairs & conditions in Native States; will make himself highly useful as a representative or commercial and Financial Advisor or Secretary to Maharajas, Rajas, Capitalists and Industrial Magnates. Please communicate confidentially stating the nature of works to be done and terms offered to "K.C.M." C/o. Post Box No. 365, Calcutta.

WANTED a financier with a few lakhs of rupees for the Expansion of the present business of a Cotton Mills in the neighbourhood of Calcutta already manufacturing nice cloths & other marketable cotton goods. Management & Cash may be controlled by the financier. Splendid opportunity for Maharajas, Rajas, Nobles, Capitalists and Trust Funds for investment of their money. Bright prospects of good & permanent income on the amount invested. Full particulars will be supplied to Bonafide investors only.

Please write to "K. C. M." C/o., Post Box No. 365, Calcutta.

DIVINE MEDICINE OF

# H E R N I A

WONDERFUL CURE BY OUTWARD APPLICATION.

Why do you suffer from Hernia? Come to us, we shall make a contract with you and cure you of the disease. If you fail to see us, send two annas postal stamp, have the testimonials and directions and get yourself radically cured from afar. Phone B. B. 314.

*Apply to:*—**Dr. H. C. ROY**

*DIVINE TREATMENT HALL, 118, Upper Circular Road,* CALCUTTA.

# BHOLANATH DUTT & SONS

THE PREMINER PAPER HOUSE OF INDIA

*Tel:*—"PRIVILEGE" CALCUTTA. - PHONE B.B. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

*Branches:*—134 & 135 Old China Bazar Street Calcutta. 64 Harrison Road Calcutta. 1 Hewet Road, Allahabad Chawk Benares. 58 Patuatuly Dacca.


Digitized by srujanika@gmail.com

# The Mayurbhanj Chronicle

*Publication:* The Chronicle is a quarterly publication. It is published in October, January, April and July.

*Subscription:* Annual Rs. 1-8-0. Single copy As. 6 only. Postage per copy 2 As. extra

## SCALE OF CHARGES FOR ADVERTISEMENTS

(*Single Insertion*)

| | | | |
|---|---|---|---|
| **Outer page of Cover** :— | Full page | Rs. | 50/- |
| | Half | ,, | 25/- |
| | Quarter | ,, | 15/- |
| **Inner page of Cover** :— | Full | ,, | 40/- |
| | Half | ,, | 20/- |
| | Quarter | ,, | 12/- |
| **Inner page of Cover : Reverse of title page :** | Full page | Rs | 50/- |
| | Half | ,, | 25/- |
| | Quarter | ,, | 15/- |
| **Ordinary page** :— | Full | ,, | 36/- |
| | Half | ,, | 18/- |
| | Quarter | ,, | 10/- |

*Rates for smaller spaces on application*

N. C. SANYAL, B. A.

*Manager, Mayurbhanj Chronicle.*

STATE PRESS, BARIPADA, MAYURBHANJ

# MAYURBHANJ STATE GAZETTE

*A Fortnightly Official Gazette—Published from the State Press*

**SUBSCRIPTION**

Annual Rs. 3. Postage As. 12 extra.

Single copy As. 3 only.

**RATES OF ADVERTISEMENTS**

Full page per issue Rs. 10

Half page per issue Rs. 5

Casual advertisements, 4 As. per line per insertion for double column and 2 As. per line per insertion for single column.

*All subscriptions are payable in advance. Applications for the Gazette should be addressed to:*

THE MANAGER,

State Press, Baripada


Digitized by srujanika@gmail.com

CHAMPOLA
(nonalcoholic drink)
Refreshing, Reinvigorating, Soothing

Manufacturers of
*Standardised Tincts, Spt. Patent-medicines, Pure chemicals & Food Products, Surgical instruments & Dressing Disinfectants & Toilet Products etc.*

PURABI
*A delicate perfume, Pleasing, Exhilarating, Toilet of Luxury.*

# CALCITHRI WITH VITAMIN 'D'

*for*
*Rickets Scrofula malnutrition Tubercular diathisis Expectant & nursing mother*

# EDWARD'S TONIC

*Specific for*
MALARIA & ALL OTHER FEVERS

SYR EPHEDRACO
*for Bronchia Asthma, whooping cough etc.*

*Supplied to*
*Government Medical Stores. District Boards, Municipalities, Union Boards. Hospitals. Charitable-dispensaries. Tea-Gardens, States etc.*

BACTROL
*Liquid Antiseptic Soap for Surgical use & Bath.*

# BUTTO KRISTO PAUL & Co., Ltd.

HEAD OFFICE:
*7, Bonfields Lane,*
Calcutta.

WHOLESALE DRUGGISTS
MANUFACTURING CHEMISTS
GRAMS "BHUTY"

FACTORY:
*7, Birpara Lane,*
Dum Dum Jn.

# ମୟୂରଭଞ୍ଜର

ଶସ୍ତା  ସୁନ୍ଦର  ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ** ଓ **ସୂତା** ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**
୨। ଉନ୍ନତ ବୁଣା **ଟେକ୍ନି ଗଦି** ଏବଂ **ବିଛଣା ଗଦି**
୩। କପାସୂତାର **ଗାଲିଚ୍** ଓ ଅଭଙ୍ଗା କଣ୍ଟେଇ
୪। ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**


**ବନ୍ୟଜାତ ଦ୍ରବ୍ୟ**

୧। **ହାତୀଦାନ୍ତ**
୨। **ବୋଟେଇ ଟସର**
୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ
୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦ

Digitized by srujanika@gmail.com

# ଉତ୍କଳପ୍ରଭାତ

ବାରିପଦା, ପୌଷ ୧୩୪୭



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

PHONE 2492 CAL.

GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW • SANITARY ENGINEERS — CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | |
|---|---|---|
| *Annual* - | *Rs. 0-12-0* | *(post free)* |
| | „ *1-4-0* | *(with postage)* |
| *Price per copy* „ | *0-3-0* | *(post free)* |
| | „ *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com


# M·B·SIRKAR & SONS

Son and grandsons of Late **B. SIRKAR.**

MANUFACTURING JEWELLERS

DEALERS IN GUINEA ( 22 CT. ) GOLD ONLY.

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





PHONE:-B.B.1761. TEL:-BRILLIANTS.

# ସାଧନା ଔଷଧାଳୟ—ଢାକା (ବଙ୍ଗ)

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।



ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୯୩, ବହୁବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟଗ୍ରାମ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୬୨/୪ ହ୍ୟାରିସନରୋଡ଼, ବଡ଼ବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୂର ) ଏକ ତୋଳାକୁ—ଟ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୷ ଅଣା**

ଏହା ଚର୍ମରୋଗନାଶକ, ବିଷାକ୍ତନକ ଜ୍ୱରନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ନବମ ଭାଗ** **୨ୟ ସଂଖ୍ୟା**

## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ବିଜ୍ଞାନ ଓ ବେଦ | ଶ୍ରୀ ଶଶିଭୂଷଣ ରାୟ | ୧ |
| ୨ । | ସନ୍ଧ୍ୟା-ଆକାଶ (କବିତା) | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ, ବି.ଏସ୍.ସି., ଏଚ୍.ଏମ୍.ଆର୍.ଏସ୍. | ୩ |
| ୩ । | ପ୍ରେମର ପରମାପକ (ଗଳ୍ପ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୪ |
| ୪ । | ପ୍ରାଗୈତିହାସିକ ଯୁଗର ଓଡ଼ିଶା | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ବି.ଏସ୍.ସି., ଏମ୍.ଆର୍.ଏ.ଏସ୍., ଏଫ୍.ଆର୍.ଏ.ଆଇ. | ୬ |
| ୫ । | ଓଡ଼ିଆ ସାହିତ୍ୟ ସମାଲୋଚନା ସମ୍ବନ୍ଧରେ ମଦେ ଅଧେ | ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ ବି.ଏ., (ଲଣ୍ଡନ) | ୧୦ |
| ୬ । | ତାରା-ପ୍ରିୟା (କବିତା) | ଶ୍ରୀ ରାମକୃଷ୍ଣ ନନ୍ଦ ବି.ଏ., ଡି.ଇଡି. | ୧୨ |
| ୭ । | ମାତୃପୂଜା | ଶ୍ରୀ ନବକିଶୋର ଦାସ ବି.ଏ. | ୧୩ |
| ୮ । | ଗୌରବର ଉଚ୍ଚତମ ଶିଖର | ଶ୍ରୀ ପଦ୍ମଚରଣ ପଟ୍ଟନାୟକ, ବି.ଏଲ୍. | ୧୫ |
| ୯ । | ଉତ୍କଳର ନାରୀ ସମସ୍ୟା ଓ ନାରୀ ପ୍ରଗତି | ଶ୍ରୀମତୀ ସରଳା ଦେବୀ | ୧୭ |
| ୧୦ । | ଶିଶୁ-ପାଳନ | ଡାକ୍ତର ରାଧାଚରଣ ପଣ୍ଡା, ଏଲ୍.ଏମ୍.ପି. | ୧୯ |
| ୧୧ । | ଛାୟା-କାୟା (ଗଳ୍ପ) | ଶ୍ରୀ— | ୨୧ |
| ୧୨ । | ସଂକ୍ଷିପ୍ତ ସାର | ଶ୍ରୀ ଜଗତ୍ ମୋହନ ସେନ୍, ବି.ଏସ୍.ସି., ଡି.ଇଡି. | ୨୪ |
| ୧୩ । | ହାସ କୌତୁକ | | ୨୪ |
| ୧୪ । | ଦେଶୀୟ-ରାଜ୍ୟ-ସମାଚାର | | ୨୫ |
| ୧୫ । | ସମ୍ବାଦ ଓ ସଙ୍କେତ | | ୨୯ |


## ଚିତ୍ର-ସୂଚୀ


| | | |
|---|---|---|
| ୧ । | ମହାମାରୁ ବାଉଁଶ ବଣର ଗୋଟିଏ ଦୃଶ୍ୟ । ଏହିପରି ବଣ ମୟୂରଭଞ୍ଜ ସରକାର ରାଜ୍ୟର ନାନା ସ୍ଥାନରେ ପ୍ରାୟ ୨୦୦ ଏକର ପତିତ ଜମିରେ ଉତ୍ପାଦନ କରିଅଛନ୍ତି | ପ୍ରଚ୍ଛଦପଟ |
| ୨ । | ପ୍ରତ୍ନ-ପ୍ରସ୍ତର ଯୁଗର ସ୍ଥାନ—କୁଳିଆଣା | ୩୦ |
| ୩ । | କୁଳିଆଣାରେ ଖୋଳା ହୋଇଥିବା ପୋଖରୀରୁ ସଂଗୃହୀତ ପ୍ରତ୍ନ-ପ୍ରସ୍ତର ଯୁଗର ହାତିଆର ଗୁଡ଼ିକର ଚିତ୍ର | ୩୧ |
| ୪ । | ଆଶ୍ରମରେ ଆରୋଗ୍ୟ ଲାଭ କରିଥିବା ଯୋଡ଼ିଏ ବାଳକ | ୩୨ |
| ୫ । | କୁଷ୍ଠାଶ୍ରମର ଗୋଟିଏ ଦୃଶ୍ୟ । ଆଶ୍ରମବାସୀମାନେ କ୍ରୀଡ଼ାକୌତୁକରେ ମାତିଛନ୍ତି | ୩୨ |


———0———

Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ　　　　ସହକାରୀ ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ

## ମକର ସଂଖ୍ୟା

ନବମ ଭାଗ } ପୌଷ, ସନ ୧୩୪୭ ସାଲ { ୬ଷ୍ଠ ସଂଖ୍ୟା


# ବିଜ୍ଞାନ ଓ ବେଦ

**ଶ୍ରୀ ଶଶିଭୂଷଣ ରାୟ**

(୧) ବିଜ୍ଞାନ ଶାସ୍ତ୍ର ଓ ବେଦ ଶାସ୍ତ୍ର ।

ଯେଉଁ ଶାସ୍ତ୍ରର ସମସ୍ତ କଥାହିଁ ପ୍ରମାଣର ନିକଷରେ ପରୀକ୍ଷିତ ହୁଏ ତାହାର ନାମ ବିଜ୍ଞାନଶାସ୍ତ୍ର । ଆମ୍ଭମାନଙ୍କ ଜ୍ଞାନ ଦୁଇ ବିଭାଗରେ ବିଭାଜ୍ୟ—ସତ୍ୟ ଓ ମିଥ୍ୟା । ପଣ୍ଡିତମାନେ ସତ୍ୟଜ୍ଞାନକୁ "ପ୍ରମା" ଏବଂ ମିଥ୍ୟାଜ୍ଞାନକୁ "ଭ୍ରମ" କହନ୍ତି । ଏହାର କାରଣ ସତ୍ୟଜ୍ଞାନ ପ୍ରମାଣମୂଳକ ଏବଂ ଭ୍ରମଜ୍ଞାନ ପ୍ରମାଣବିରୁଦ୍ଧ । ସତ୍ୟଜ୍ଞାନହିଁ ଉତ୍କୃଷ୍ଟ ଜ୍ଞାନ ବୋଲି ଏହାକୁ ବିଜ୍ଞାନ ବୋଲାଯାଏ । ଆମ୍ଭମାନଙ୍କ ବୁଦ୍ଧିବୃତ୍ତି ଯେତିକି ଉତ୍କର୍ଷ ଲାଭ କରୁଥାଏ ସେତିକି ତାହା ନିକଟରେ ବିଜ୍ଞାନର ଆଦର ବଢ଼ୁଥାଏ । ଅସାର ଗଳ୍ପ କିମ୍ବା ଉପନ୍ୟାସ ପ୍ରଭୃତିରେ ସେପରି ଶ୍ରଦ୍ଧା ଜନ୍ମେ ନାହିଁ । ସ୍ୱାଧୀନ ଚିନ୍ତା ଦ୍ୱାରା ଅନ୍ୟର ମତାମତ ପରୀକ୍ଷା କରି ନେବାକୁ ଯେତିକି ସ୍ପୃହା ହୁଏ ଯୁକ୍ତି ଓ ନ୍ୟାୟର ଏକାଧିପତ୍ୟ ସେତିକି ହୃଦୟରେ ବର୍ଦ୍ଧିତ ହେଉଥାଏ । ଯୁକ୍ତି ଓ ନ୍ୟାୟର ବିରୁଦ୍ଧ ହେଲେ ବେଦବାକ୍ୟ ମଧ୍ୟ ସେତେବେଳେ ନିସ୍ତେଜ ଓ ମଳିନ ଭାବ ଧାରଣ କରେ । ଅତଏବ ଏ କଥା କହିବା ବାହୁଲ୍ୟ ଯେ ବିଜ୍ଞାନ ଶାସ୍ତ୍ରହିଁ ସକଳ ଶାସ୍ତ୍ରର ଶୀର୍ଷସ୍ଥାନୀୟ । ଫଳତଃ ବେଦ ଓ ବିଜ୍ଞାନ ଏକହିଁ କଥା । କିନ୍ତୁ ଏକଦା ଯାହା ବେଦ ବୋଲି ପରିଗଣିତ ହେଉଥିଲା ତାହା ମଧ୍ୟରେ ଏତେ ଅସାର କଥା ପ୍ରବିଷ୍ଟ ହୋଇଅଛି ଯେ ବର୍ତ୍ତମାନ ବେଦ ଅପେକ୍ଷା ବିଜ୍ଞାନର ମର୍ଯ୍ୟାଦାହିଁ ଅଧିକ । ବେଦ ମଧ୍ୟରେ ଯାହା ପ୍ରମାଣ-ବିରୁଦ୍ଧ ନୁହେଁ, ଯାହା ସପକ୍ଷରେ ପ୍ରଚୁର ପରିମାଣରେ ଅନୁକୂଳ-ପ୍ରମାଣ ମିଳିପାରେ ତାହାକୁ ବେଦବିଜ୍ଞାନ ବୋଲାଯାଏ । ସାଧାରଣ ବିଜ୍ଞାନଶାସ୍ତ୍ରର ଚରମ ସୀମାରେ ଉପସ୍ଥିତ ହେଲେ ଆମ୍ଭେମାନେ କେତେଗୁଡ଼ିଏ ଅପ୍ରମେୟ ସତ୍ୟର ସମ୍ମୁଖୀନ ହେଉଁ । ଈଶ୍ୱର ଅଛନ୍ତି, ଆତ୍ମା ଅଛି, ପରଲୋକ ଅଛି, ଧର୍ମ ଅଛି ;—ଏହି ସମସ୍ତ ସିଦ୍ଧାନ୍ତ, ଏହି ସମସ୍ତ ସତ୍ୟ, ବିଜ୍ଞାନଶାସ୍ତ୍ରର ଚରମ ସୀମାରେ ଅବସ୍ଥିତ । ଯୁକ୍ତି ଓ ନ୍ୟାୟ ସେ ସୀମାଲଂଘନରେ ଅସମର୍ଥ । ଯେତେବେଳେ ଆମ୍ଭେମାନେ ସେହି ସୀମାରେ ଉପସ୍ଥିତ ହେଉଁ ସେତେବେଳେ ଆମ୍ଭମାନଙ୍କର ହୃଦୟ-କବାଟ ଉଦ୍‌ଘାଟିତ ହୋଇଯାଏ ଏବଂ ସେଠାରୁ ନାନାବିଧ ଅପୂର୍ବ ଭାବଲହରୀ ପ୍ରବାହିତ ହେଉଥାଏ । ବିସ୍ମୟ, ପ୍ରେମ, ଆଶା, ଆନନ୍ଦ ଓ ଭୟ ଯୁଗପତ୍

ନିଜ ନିଜ ଅଧିପତ୍ୟ ହୃଦୟରେ ସ୍ଥାପନ କରି ଆମ୍ଭମାନଙ୍କୁ ଭକ୍ତିରସରେ ନିମଗ୍ନ କରିଦିଏ ; ଏହି ଭକ୍ତିହିଁ ବେଦବିଜ୍ଞାନର ପ୍ରାଣସ୍ୱରୂପ । ଏହା ଗୋଟିଏ ଜଟିଳ ଓ ମିଶ୍ରଭାବ ; ନାନା ବର୍ଣ୍ଣରେ ବିଚିତ୍ର ହୋଇ ଏହା ଅନନ୍ତକାଳ ବ୍ୟାପି ଯାଇ ମାନବ-ମନକୁ ମୁଗ୍ଧ କରି ଆସୁଅଛି । ଯେପରି ଯୁକ୍ତିପ୍ରାଣ ବିଜ୍ଞାନଶାସ୍ତ୍ର ସକଳ ଶାସ୍ତ୍ରର ଶୀର୍ଷସ୍ଥାନୀୟ ସେହିପରି ଭକ୍ତି-ପ୍ରାଣ ବେଦଶାସ୍ତ୍ର ବିଜ୍ଞାନଶାସ୍ତ୍ରକୁ ସୀମାବଦ୍ଧ କରି ରଖିଅଛି । ମନୁଷ୍ୟ ମନରେ ଏହି ଉଭୟ ଶାସ୍ତ୍ରର ସାମଞ୍ଜସ୍ୟ ସ୍ଥାପିତ ହେଲେ ତାହା ଆତ୍ମାର ଶାନ୍ତି-ନିକେତନରେ ପରିଣତ ହୁଏ ଏବଂ ବିସଂବାଦ ରହିଗଲେ ତାହାର ବଡ଼ ଦୁର୍ଦ୍ଦଶା ଘଟିଥାଏ । ଯୁକ୍ତି ସେତେବେଳେ ମରୁଭୂମି ଏବଂ ଭକ୍ତି ସେତେବେଳେ ମରୀଚିକା ବୋଲି ପ୍ରତୀୟମାନ ହୁଏ । ଫଳତଃ ବେଦଶାସ୍ତ୍ରକୁ ବିଜ୍ଞାନର ଅବିରୋଧୀ ଏବଂ ବିଜ୍ଞାନଶାସ୍ତ୍ରକୁ ବେଦର ଅନୁକୂଳ ବୋଲି ଦେଖିଲେ ଚିତ୍ତରେ ସ୍ଥୈର୍ଯ୍ୟ ଜନ୍ମିବାର ସମ୍ଭାବନା ; ଏହାର ଅନ୍ୟଥାରେ ଚରିତ୍ରର ବିକାଶ ଅସମ୍ଭବ । ଯାହାର ବିଜ୍ଞାନରେ ବେଦ ନାହିଁ, ଅଥବା ଯାହାର ବେଦକୁ ଯୁକ୍ତି ଦ୍ୱାରା ଖଣ୍ଡ ଖଣ୍ଡ କରି କାଟି ପକାଇବାକୁ ହୁଏ, ସେ ଅନ୍ଧ ବିଶ୍ୱାସରେ କ୍ଷଣମାତ୍ର ଅଟଳ ଚରିତ୍ର-ସମ୍ପନ୍ନ ବୋଲି ପ୍ରତୀୟମାନ ହେଲେହେଁ, ସଂସାରରେ ଦୈନନ୍ଦିନ ପ୍ରଲୋଭନରୁ କୌଣସି ପ୍ରକାରେ ଚିରଦିନ ଆତ୍ମରକ୍ଷା କରିବାକୁ ଅସମର୍ଥ ।

(୨) ବିଜ୍ଞାନ-ଶାସ୍ତ୍ରର ଚରମ ସୀମା

ବିଜ୍ଞାନଶାସ୍ତ୍ରର ଚରମ ସୀମାରେ ପହଞ୍ଚିବାକୁ ଯେ ବିପୁଳ ପାଣ୍ଡିତ୍ୟର ଆବଶ୍ୟକତା ରହିଅଛି ଏହା ନୁହେ । ସହଜ ମନୁଷ୍ୟ ବାଲ୍ୟରୁ ବାର୍ଦ୍ଧକ୍ୟରେ ପହଞ୍ଚିଲେ ସହଜରେ ଏକ ପ୍ରକାର ବିଜ୍ଞାନର ଶେଷ ସୀମାରେ ଉପସ୍ଥିତ ହେବାର ଦୃଷ୍ଟ ହୁଏ । ପ୍ରକୃତିର ବିଦ୍ୟାଳୟରେ ଆମ୍ଭେମାନେ କେବଳ ଉନ୍ମୁକ୍ତ ଚକ୍ଷୁ କର୍ଣ୍ଣ ପ୍ରଭୃତି ଦ୍ୱାରା ଗୁରୁ ଉପଦେଶ ବ୍ୟତୀତ ଯେଉଁ ବିଜ୍ଞାନ ଶିକ୍ଷା କରି ନେଉଁ ତାହାରିହିଁ ସୀମାନ୍ତରେ ପହଞ୍ଚିଲେ ଆମ୍ଭମାନଙ୍କ ମାନସିକ ଅବସ୍ଥା କିପରି ଭାବ ଧାରଣ କରେ, ତାହା ଚିନ୍ତା କରି ଦେଖିବାହିଁ ସ୍ୱାଭାବିକ ।

ଭୂମିଷ୍ଠ ହୋଇ ଆମ୍ଭେମାନେ ନାନାବିଧ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ଶବ୍ଦ ଅନୁଭବ କରୁଁ । ବାହ୍ୟ ଜଗତର ଆକାର ଅବୟବ ଆମ୍ଭମାନଙ୍କର ଇନ୍ଦ୍ରିୟରେ ପ୍ରତିବିମ୍ବିତ ହୁଏ । ବାହ୍ୟଜଗତର କ୍ରିୟାରେ ଆମ୍ଭମାନଙ୍କ ନିଜ ଶରୀରରେ ବିବିଧ ବୈଲକ୍ଷଣ ସାଧିତ ହୁଏ । ଜୀବନ ଯେପରି ଏକଆଡ଼େ ଗୋଟିଏ ମଧୁମୟ ଅବସ୍ଥା ବୋଲି ପ୍ରତୀୟମାନ ହୁଏ, ଅନ୍ୟ ଦିଗରେ ସଙ୍ଗେ ସଙ୍ଗେ ସେହିପରି ଶୀତ, ଗ୍ରୀଷ୍ମ, କ୍ଷୁତ୍ପିପାସା ଅନୁଭବ କରି ସେହି ଜୀବନର ରକ୍ଷାର୍ଥ ଆମ୍ଭେମାନେ ବିବିଧ କର୍ମ କରିବାକୁ ଅଗ୍ରସର ହେଉଁ । ଜୀବନର ସଙ୍ଗେ ସଙ୍ଗେ ଆମ୍ଭମାନଙ୍କ ଦେହରେ କିୟତ୍କାଳ ନାନାବିଧ ଶକ୍ତିର ବିକାଶ ହେଉଥାଏ । ପୁଣି କ୍ରମେ କ୍ରମେ ଜୀବନ ସଙ୍ଗେ ସଙ୍ଗେ ସେହି ସମସ୍ତ ଶକ୍ତିର ନିର୍ବାଣ ହୋଇଯାଏ । ଅବଶେଷରେ ମୃତ୍ୟୁନାମକ ଘୋର ଭାବାନ୍ତର ପହଞ୍ଚି ଯାଏ । ଆମ୍ଭେମାନେ ସେହି ଭାବାନ୍ତର ଆମ୍ଭମାନଙ୍କ ସଦୃଶ ଅନ୍ୟ ଜୀବରେ ଦେଖୁଁ ଏବଂ ଆମ୍ଭମାନଙ୍କର ଘଟିବ, ଏହା ନିଶ୍ଚିତ ବୋଲି ସିଦ୍ଧାନ୍ତ କରୁଁ, ମାତ୍ର ସେହି ଭାବାନ୍ତରର ମର୍ମ କଅଣ ତାହା ପରିଗ୍ରହ କରି ପାରୁନାହିଁ । ପ୍ରାଣର ତରଙ୍ଗ କିପରି ଆମ୍ଭମାନଙ୍କ ଦେହରେ ପ୍ରବିଷ୍ଟ ହେଲା ଏହାର ଯେପରି ଅବଧାରଣ କରି ହୁଏ ନାହିଁ, କିପରି ତାହା ବାହାରି ଯିବ ତାହା ମଧ୍ୟ ଅବଧାରଣ କରି ହୁଏ ନାହିଁ । ଜୀବନର ଆଦି ଘୋର କୁଜ୍ଝଟିକାରେ ଆବୃତ; ସେହି ନୀହାରର ଆବରଣ ଭେଦ କରି ଦୃଷ୍ଟି ଚଳେ ନାହିଁ । ପ୍ରଧାନ ପଣ୍ଡିତଙ୍କର ଏବଂ ଘୋର ମୂର୍ଖର ଏହି ଦଶା ।

ମୋହର ହସ୍ତ, ମୋହର ପାଦ ପ୍ରଭୃତି ଭାଷାରେହିଁ ପ୍ରକାଶ ଯେ ମନୁଷ୍ୟର ଆଦିମ ବିଶ୍ୱାସ ଅନୁସାରେ "ମୁଁ" ଓ "ଦେହ" ସ୍ୱତନ୍ତ୍ର । କିପରି ଏହି ବିଶ୍ୱାସରେ ଆମ୍ଭେମାନେ ସର୍ବତୋଭାବରେ ଆଦିମ ଅବସ୍ଥାରେହିଁ ଉପନୀତ ହେଉଁ ତାହା ହୃଦୟଙ୍ଗମ କରିବାକୁ ଅଧିକ ପ୍ରୟାସ ଅନାବଶ୍ୟକ । ବାଲ୍ୟାବସ୍ଥାର "ମୁଁ" ଏବଂ ବୃଦ୍ଧାବସ୍ଥାର "ମୁଁ" ରେ ଅଣୁମାତ୍ର ଭେଦ ନାହିଁ, କିନ୍ତୁ ଉଭୟ ଅବସ୍ଥାର ଦେହରେ ଆକାଶ ପାତାଳ ଭେଦ । ଗୋଟିଏ ନିତ୍ୟ ପରିବର୍ତ୍ତନଶୀଳ, ଅପରର କିଛି ମାତ୍ର ପରିବର୍ତ୍ତନ ନାହିଁ । ଏ ଭଳି ଦୁଇ ପଦାର୍ଥ କିଅଣ ଏକ ହୋଇପାରେ? କେବେହେଁ ନୁହେଁ । ଜନ୍ମ ମୃତ୍ୟୁ ତ ଦେହରହିଁ; ତାହାର ଆଦିଅନ୍ତ ପ୍ରତ୍ୟକ୍ଷ । କିନ୍ତୁ ଆତ୍ମାର ଆଦି ପ୍ରତ୍ୟକ୍ଷ ନୁହେ, ଅନ୍ତ ମଧ୍ୟ ପ୍ରତ୍ୟକ୍ଷ ନୁହେ । ବଡ଼ ପଣ୍ଡିତଙ୍କର ଏହି ଦଶା, ବଡ଼ ମୂର୍ଖର ମଧ୍ୟ ଏହି ଦଶା ସିନା?



Digitized by srujanika@gmail.com

# ସନ୍ଧ୍ୟା-ଆକାଶ *

( ଅନୁବାଦକ—**ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ** )

କେଉଁ ରାଜକେମା ତାର ରତ୍ନ-ବାତାୟନେ
ସ୍ଥାପି ଦେହଭାର, ମେଲି ସ୍ୱପ୍ନାତୁର ଆଖି
ଚାହିଁ ଚାହିଁ ଅବଚ୍ଛିନ୍ନ ଦୂରନ୍ତ-ସୀମାନ୍ତେ
ବନ୍ଧୁବନ, ତନ୍ଦ୍ରା-ମୋହସ୍ପୃଷ୍ଟା ଅବା ସେତୁ,
ଉତ୍ସବର ଶେଷେ ଦିନେ ହୋଇଛି ସହସା
ଅନ୍ତର୍ଦ୍ଧାନ; ସମାଗତ ଯେତେ ଅଭ୍ୟାଗତ
ହିରା କରିଛନ୍ତି ତାଙ୍କ ବ୍ୟସନ ସନ୍ଧାନ
ଦେଶମୟ ସ୍ୱର୍ଣ୍ଣରତ୍ନ ତୁଙ୍ଗଖାଡ଼ ଚୌଦିଗେ
ଭାଙ୍ଗି ଦୀପ, ଫିଙ୍ଗି ମାଳା, ଖୋଜି ଅନ୍ଧସନ୍ଧି
ଚକ୍ରି ରାଜ୍ୟ ହୋଇଛନ୍ତି ବ୍ୟର୍ଥ; ରହସ୍ୟରୂପ
ଚାହିଁଛି ଉଜଳ ନେତ୍ରେ, ବିସ୍ମିତ ବଦନେ ।

କେଉଁ ଶିଳ୍ପୀ ଧରିବାକୁ କରିଛି ପ୍ରୟାସ
ନର୍ତ୍ତନ-ଭଙ୍ଗିମା-ଗତ ବଙ୍କିମ ରେଖାରେ;
ସାରା ଜନ୍ମ କରିଛି ସେ ଦୁଃସହ ପ୍ରୟାସ
ଦେହର ସେ ସ୍ଫୂର୍ତ୍ତି ଲୀଳା ମୂର୍ତ୍ତ କରିବାକୁ
ପ୍ରାଣହୀନ ପଟେ, ତୁଚ୍ଛ ତୂଳିକାର ଗାରେ;
ସୁମହାନ-ଆଶାଭଙ୍ଗ-କ୍ଷଣେ ସବୁ ଫିଙ୍ଗି
ଯାଇଅଛି ଚାଲି, ତାଳ ଶତେକ ବରଣ
ସ୍ୱଚ୍ଛ, ଦୀପ୍ତ, ଅନିର୍ଦ୍ଦିଷ୍ଟ-କାୟା ରାଶି ରାଶି—
—ତରଳ ଭାବନାପୁଞ୍ଜ ତରୁଣ ହୃଦୟେ ।

କେଉଁ ପକ୍ଷୀ ଧ୍ୱନିବାକୁ ବସନ୍ତାଗମନ
ଗାଇ ତାର ଜୟ ଗାଥା ସର୍ବୋଚ୍ଚ ସପ୍ତକେ
ଲଭିଛି ମରଣ କଣ୍ଠ ରୋଧି, ଖାଲି ତାର
ଛିନ୍ନ-ପକ୍ଷ ରାଗଚ୍ଛଟା କୁଞ୍ଜବନ-ଦ୍ୱାରେ
ବସନ୍ତକୁ କରିଛି ବରଣ !
ଯେମାନଙ୍କ
କଥା ଅଛି ମେଘସ୍ତରେ ଚତୁଃସୀମା ଘେରି
ସହସ୍ର କିରଣ ପାତେ ଉଠିଲାଣି ଫୁଟି ।

* ବଙ୍ଗଳାର ଉଦୀୟମାନ କବି ଶ୍ରୀମାନ୍ ଅତୁଲଚନ୍ଦ୍ର ମୁଖୋପାଧ୍ୟାୟଙ୍କର ସଦ୍ୟ-ପ୍ରକାଶିତ କବିତା-ପୁସ୍ତକ "ମଧ୍ୟ-ସଂଧାନ" ଓଡ଼ିଆ ପାଠକ ସମାଜରେ ଏ ପର୍ଯ୍ୟନ୍ତ ସମ୍ୟକ୍ ପରିଚିତ ହୋଇ ପାରିନାହିଁ । "ସନ୍ଧ୍ୟା-ଆକାଶ" ମଧ୍ୟ-ସଂଧାନରେ ସନ୍ନିବେଶିତ ଗୋଟିଏ କବିତା । ଅତୁଲ ବାବୁଙ୍କର କବିତାର ବିଶେଷତ୍ୱ ହେଉଛି କଳ୍ପନାର ଏକ ଅଭିନବ ପ୍ରକାଶଭଙ୍ଗୀ, ନୂତନ ଦୃଷ୍ଟି କୋଣରୁ ବର୍ଣ୍ଣିତ ବିଷୟ-ବସ୍ତୁକୁ ଦେଖିବାର ପ୍ରୟାସ । ଏଇଠାରେ ତାଙ୍କର ମୌଳିକତା ସମଧିକ ସ୍ପଷ୍ଟ । ପରେ ମଧ୍ୟ-ସଂଧାନର ଅନ୍ୟାନ୍ୟ କବିତାର ଅନୁବାଦ ପାଠକବର୍ଗଙ୍କୁ ଉପହାର ଦେବାର ବାସନା ରହିଲା । — ଅନୁବାଦକ ।



Digitized by srujanika@gmail.com

# ପ୍ରେମର ପରିମାପକ

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ଆରମ୍ଭ

ନାଳନ୍ଦା ବିଶ୍ୱବିଦ୍ୟାଳୟ ଯେତେବେଳେ ଉନ୍ନତିର ଚରମ ସୋପାନରେ ସେ ଆଜକୁ କେତେ ଦିନ—କେତେ ବର୍ଷ ବା କେତେ ଶତାବ୍ଦୀର ବିସ୍ମୃତ କାହାଣୀ ?

ସେହି ସମୟର କଥା ।

ବିଶ୍ୱରୂପ ବିଶ୍ୱବିଦ୍ୟାଳୟର ଜଣେକ କୃତୀ ଛାତ୍ର । ତେଣୁ ପାଟଳିପୁତ୍ର ରାଜାଙ୍କର ସୁଦୃଷ୍ଟିରେ ପଡ଼ିବା ସ୍ୱାଭାବିକ ।

ବିଶ୍ୱରୂପ ବୈଦ୍ୟ—ସୁବୈଦ୍ୟ । ତେଣୁ ପାଟଳିପୁତ୍ରର ପ୍ରତ୍ୟେକ ଗୃହସ୍ଥର ସେ ଥିଲା ଆଦରଣୀୟ ।

ବିଶ୍ୱରୂପ ଧର୍ମପରାୟଣ—ଧର୍ମତତ୍ତ୍ୱାନ୍ୱେଷୀ । ତେଣୁ ପାଟଳୀପୁତ୍ରସ୍ଥ ପ୍ରତ୍ୟେକ ଭକ୍ତର ସେ ଶ୍ରଦ୍ଧାଭାଜନ ।

ବିଶ୍ୱରୂପ ଦୟାଳୁ—ବିଶ୍ୱରୂପ ପରହିତୈଷୀ । ତେଣୁ ବିଶ୍ୱରୂପର ସ୍ଥାନ ପାଟଳୀର ପ୍ରତ୍ୟେକ ନରନାରୀର ହୃଦୟରେ ।

ବିଶ୍ୱରୂପ ସୁନ୍ଦର—ବିଶ୍ୱରୂପ ବଳିଷ୍ଠ—ବିଶ୍ୱରୂପ ଯୁବା । ତେଣୁ ପାଟଳୀପୁତ୍ରର ପ୍ରତ୍ୟେକ ଅନୂଢ଼ା ତରୁଣୀର ସେ ଥିଲା ଆଶାର ସ୍ତମ୍ଭ—ଭବିଷ୍ୟତର କଳ୍ପଦ୍ରୁମ ।

ରାଜପ୍ରାସାଦର ପ୍ରତ୍ୟେକ ଉତ୍ସବରେ ବିଶ୍ୱରୂପର ସ୍ଥାନ ସର୍ବାଗ୍ରେ । ରାଜଧାନୀର ଉନ୍ନତିକାମୀଙ୍କ ମଧ୍ୟରେ ବିଶ୍ୱରୂପ ଅଗ୍ରଣୀ । ରାଜସଭାରେ ଯୁବକ ବିଶ୍ୱରୂପ ପୂଜ୍ୟ ? ରାଜ୍ୟର ବାହାରେ ବିଶ୍ୱରୂପର ନାମ ସୁପରିଚିତ ।

ବିଶ୍ୱରୂପ ସୁପୁରୁଷ, ବିଶ୍ୱରୂପ ଧନ୍ୟ, ବିଶ୍ୱରୂପ ମହାନ୍, ବିଶ୍ୱରୂପ ବରେଣ୍ୟ ।

ବିଶ୍ୱରୂପ ରାଜକୋଷରୁ ବହୁ ମଣିମୁକ୍ତା ପୁରସ୍କାର ପାଏ—ନବ ନବ ବନୌଷଧିର ଆବିଷ୍କାର ନିମନ୍ତେ ।

ଏ ବର୍ଷ ବିଶ୍ୱରୂପ ଏକ ଅଭିନବ ଯନ୍ତ୍ରର ଆବିଷ୍କାରକ । ବାତ, ପିତ୍ତ ଓ କଫର ବୈଷମ୍ୟରେ ରୋଗର ଉତ୍ପତ୍ତି । କିନ୍ତୁ କୌଣସି ଗୋଟିକର ପ୍ରାବଲ୍ୟ ବା ଦୌର୍ବଲ୍ୟର ହେତୁ, ତାର ନିଶ୍ଚିତ ମତରେ, ଚନ୍ଦ୍ର ଏବଂ ସୂର୍ଯ୍ୟ ସହିତ ଇଡ଼ା ଏବଂ ପିଙ୍ଗଳାର ଅସାମଞ୍ଜସ୍ୟ । ଏହି ନବାବିଷ୍କୃତ ଯନ୍ତ୍ର ସାହାଯ୍ୟରେ ସେ ଏହା ପ୍ରମାଣ କରି ବିଜ୍ଞାନଜଗତକୁ ଚମତ୍କୃତ କରିଛି । ମଣିବନ୍ଧସ୍ଥ ନାଡ଼ି ଉପରେ ଏହି ଯନ୍ତ୍ର ସ୍ଥାପନ କଲେ ଶିରାର ରକ୍ତ ପ୍ରବାହ ସ୍ପଷ୍ଟ ଜଣାଯାଏ । ଯନ୍ତ୍ରର ସୂକ୍ଷ୍ମ ପ୍ରୟୋଗରେ ରକ୍ତଚାପ ଓ ତରଙ୍ଗର ହ୍ରାସବୃଦ୍ଧି ବୁଝାଯାଏ । ସୂକ୍ଷ୍ମତର ପ୍ରୟୋଗରେ ବାତ, ପିତ୍ତ ଓ କଫର ବୈଷମ୍ୟ ବିଭିନ୍ନ ବର୍ଣ୍ଣ ଭେଦରେ ଲକ୍ଷିତ ହୁଏ । ସୂକ୍ଷ୍ମତମ ପ୍ରୟୋଗରେ ଚନ୍ଦ୍ର ଏବଂ ସୂର୍ଯ୍ୟର ଗତି ସହିତ ହୃଦ୍‌ବାୟୁର ପରିଚାଳନା ଏବଂ ନାଡ଼ୀଦ୍ୱୟ ସହିତ ତାର ସମ୍ପର୍କ ସ୍ପଷ୍ଟ ପ୍ରତୀୟମାନ ହୁଏ ।

ବିଶ୍ୱରୂପର ନାମ ଆଜି ଭାରତବିଖ୍ୟାତ ହୋଇଛି । ମଗଧାଧିପତି ଆଜି ଆନନ୍ଦରେ ଉତ୍ଫୁଲ୍ଲ । ରାଜ୍ୟର ଶ୍ରେଷ୍ଠ ପଣ୍ଡିତବର୍ଗ ଓ ଭାରତ-ବିଖ୍ୟାତ ବୈଜ୍ଞାନିକମାନଙ୍କର ସମାବେଶରେ ଏକ ବିରାଟ ସଭାର ଆୟୋଜନ କରି ସେ ବିଶ୍ୱରୂପକୁ ବିଶିଷ୍ଟ ପୁରସ୍କାର ଏବଂ ପ୍ରଶଂସାପତ୍ରରେ ନିଜେ ସମ୍ମାନିତ କରିବାର ସ୍ଥିର କରିଛନ୍ତି ।

ଏକ ଶୁଭ ଦିବସରେ ସଭା ଆହୂତ ହେଲା । ବିଶ୍ୱରୂପ ତାର ଯନ୍ତ୍ର ଆଣି ଉକ୍ତ ଯନ୍ତ୍ରର କାର୍ଯ୍ୟକାରିତା ଏବଂ ସତ୍ୟତା ପ୍ରମାଣ କରିବାର କଥା ।

ଅସୁସ୍ଥ ଶରୀରରେ ଯନ୍ତ୍ରର ଉପଯୋଗିତା ବୁଝା ପଡ଼ିଲା । ବିଦେହର ସଭା-ପଣ୍ଡିତ, ଏକ ସୁସ୍ଥ ଶରୀରରେ ପ୍ରୟୋଗ କରିବା ନିମନ୍ତେ ଦାବୀ କଲେ । ତା' ନହେଲେ ସେ ଯନ୍ତ୍ରକୁ ସତ୍ୟ ବୋଲି ମାନିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ସ୍ପଷ୍ଟ ଘୋଷଣା କଲେ । କିନ୍ତୁ ସମାଗତ ଜନତା ମଧ୍ୟରୁ କୋଟିଏ ହେଲେ ସମ୍ପୂର୍ଣ୍ଣ ସୁସ୍ଥ ଶରୀର ମିଳିବା ସମ୍ଭବପର ହେଲାନାହିଁ । ତଥାପି ଈର୍ଷାପର ବିଦେହାଗତ ପଣ୍ଡିତ ଏପରି ପ୍ରମାଣ ଅଭାବରେ ଯନ୍ତ୍ରକୁ ମିଥ୍ୟା ବୋଲି ସଦର୍ପରେ କହିବାକୁ ଲାଗିଲେ । ଏପରି କ୍ଷେତ୍ରରେ ରାଜା ପୁରସ୍କାର ଦେବା ସମ୍ଭବପର ନୁହେ ।

ସଭାସ୍ଥ ପଣ୍ଡିତମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷିତ ହେଲା । କେହି ପୂର୍ଣ୍ଣ ସୁସ୍ଥ ଥିବାର ଦେଖା ଗଲେନାହିଁ ।

ଉପସ୍ଥିତ ଚିକିତ୍ସକମାନଙ୍କର ଶରୀର ପରୀକ୍ଷା କରାଗଲା । ସେମାନଙ୍କ ମଧ୍ୟରୁ ମଧ୍ୟ ଜଣେ କେହି ନିରୋଗ ନ ଥିଲେ ।

ନିଜେ ବିଶ୍ୱରୂପ ନିଜର ଶରୀର ପରୀକ୍ଷା କରି ଦେଖିଲା—ସେ ମଧ୍ୟ ଅସୁସ୍ଥ ।

ଶେଷରେ ରାଜା ତାଙ୍କର ଶରୀରକୁ ପରୀକ୍ଷା କରିବାକୁ ଆଦେଶ ଦେଲେ । ସେ ମଧ୍ୟ ରୋଗମୁକ୍ତ ନ ଥିଲେ ।

ପୁଣି ହଂସପୁରର ମହିଳାମାନଙ୍କର ନାଡ଼ି ପରୀକ୍ଷା ହେଲା । କୌଣସି ଗୋଟିଏ ମହିଳା ଅଖଣ୍ଡ ସ୍ୱାସ୍ଥ୍ୟ ପାଇବାର ଦେଖା ଗଲେନାହିଁ ।

ରାଜା ଅତି ଲଜ୍ଜାରେ ରାଣୀଙ୍କର ଶରୀର ପରୀକ୍ଷା କରିବା ନିମନ୍ତେ ଆଦେଶ ଦେଲେ । ରାଣୀ ମଧ୍ୟ ନିରୋଗ ନ ଥିଲେ ।

ପରିଶେଷରେ ରାଜା ନିରୁପାୟ ହୋଇ ଜେମାଙ୍କ ଶରୀର ପରୀକ୍ଷା କରିବାକୁ ଆଦେଶ ଦେଲେ ।

ସମବେତ ସମସ୍ତ ଚିକିତ୍ସକ ଏକମତ ହେଲେ ଯେ ଜେମା ହିଁ କେବଳ ଅଖଣ୍ଡ ସ୍ୱାସ୍ଥ୍ୟର ଅଧିକାରିଣୀ ।

କିନ୍ତୁ ଏ କି ଆଶ୍ଚର୍ଯ୍ୟ ! ଯନ୍ତ୍ରକୁ ନେଇ ଜେମାଙ୍କ ମଣିବନ୍ଧରେ ସ୍ଥାପନ କଲା ମାତ୍ରେ ଜେମାଙ୍କର ନାଡ଼ିର ଗତି ହଠାତ୍ ଚଞ୍ଚଳ



Digitized by srujanika@gmail.com

ହୋଇଗଲା । ସଭାସ୍ଥ ପଣ୍ଡିତମାନେ ଚିତ୍କାର କରି ଉଠିଲେ—'ମିଥ୍ୟା—ମିଥ୍ୟା—ମିଥ୍ୟା' ।

ହଠାତ୍ ଜେମାଙ୍କର ଅଙ୍ଗ ଅବଶ ହୋଇ ପଡ଼ିଲା । ନିଃଶ୍ୱାସ ଖର ହେବାକୁ ଲାଗିଲା । ବାକ୍‌ରୁଦ୍ଧ ହୋଇଗଲା । କ୍ରମେ ଚୈତନ୍ୟ-ହୀନ ହୋଇ ପଡ଼ିଲେ ।

ଜନତା ମଧ୍ୟରୁ ରୋଳ ଉଠିଲା—'ମିଥ୍ୟା-ମିଥ୍ୟା-ମିଥ୍ୟା' ।

ବିଶ୍ୱରୂପ ସ୍ତବ୍ଧ ଜଡ଼ପିଣ୍ଡବତ୍ ଠିଆହୋଇ ରହିଥାଏ ।

ପଣ୍ଡିତମାନେ ପୁଣି କହି ଉଠିଲେ—'ଯାଦୁ-ଯାଦୁ-ଯାଦୁ' ।

ଜନତା ତାର ପ୍ରତିଧ୍ୱନି ଦେଲା—'ଯାଦୁ-ଯାଦୁ-ଯାଦୁ' ।

ବିଶ୍ୱରୂପର ଦୃଢ଼ପଦ କମ୍ପିତ ହେଲା ।

ପଣ୍ଡିତମାନେ ପୁଣି ଗର୍ଜି ଉଠିଲେ—'ଭଣ୍ଡ-ଭଣ୍ଡ-ଭଣ୍ଡ' ।

ବିଶ୍ୱରୂପ ବିସ୍ମୟବିସ୍ଫାରିତ ନେତ୍ରରେ ଜନତା ଉପରେ ଦୃଷ୍ଟି କ୍ଷେପଣ କଲା । ଜନତା ତାରସ୍ୱରରେ ତାର ଉତ୍ତର ଦେଲା 'ଭଣ୍ଡ-ଭଣ୍ଡ-ଭଣ୍ଡ !'

ବିଶ୍ୱରୂପ ଯନ୍ତ୍ରକୁ ଉଠାଇ ଖୁବ୍ ଜୋର୍‌ରେ ଦୂରକୁ ଫିଙ୍ଗି ଦେଲା । ଯନ୍ତ୍ରଟି ଭାଙ୍ଗି ଚୂର୍ଣ୍ଣୀଭୂତ ହୋଇଗଲା । ସେହି ଶବ୍ଦ ସଙ୍ଗେ ସଙ୍ଗେ ରାଜଜେମା ଚୈତନ୍ୟ ଲାଭ କଲେ ।

କୁହୁକୀ, ଭଣ୍ଡ ବିଶ୍ୱରୂପକୁ ରାଜାଦେଶରେ ନିର୍ବାସିତ କରାଗଲା ।

(ଶେଷ)

ବିଶ୍ୱରୂପ ତାର ସେ ଯନ୍ତ୍ରର ମାୟା ଭୁଲି ଯାଇଛି ।

ବିଶ୍ୱରୂପ ତାର ଆବିଷ୍କାରର ପୌରୁଷ ପାଶୋରି ଦେଇଛି ।

ବିଶ୍ୱରୂପ ସଭାର ଆକ୍ଷେପ, ଜନତାର ଅପମାନ ସ୍ମୃତିପଟରୁ ଲିଭାଇ ଦେଇଛି ।

ବିଶ୍ୱରୂପ ତାର ନିର୍ବାସନ-ଦଣ୍ଡର ଅନ୍ୟାୟ ବିଚାର ଆଦୌ ମନରେ ଘେନି ନାହିଁ ।

ନାଳନ୍ଦର ଅମୂଲ୍ୟ ରତ୍ନ ବିଶ୍ୱରୂପ ଆଜି କ'ଣ ଅଛି ?

ମଗଧର ଗୌରବ ଗରିମା ବିଶ୍ୱରୂପ ଏବେ ମଧ୍ୟ କ'ଣ ବଞ୍ଚିଛି?

ଭାରତର ଉଜ୍ଜ୍ୱଳ ଜ୍ୟୋତିଷ୍କ ବିଶ୍ୱରୂପ ଏବେ କି ଜୀବିତ ?

ଏ ପ୍ରଶ୍ନର ଉତ୍ତର କିଏ ଦେବ ? ହୁଏ ତ ସେ ନାଳନ୍ଦ ପାଇଁ, ମଗଧ ପାଇଁ—ଭାରତବର୍ଷ ପାଇଁ ମୃତ । ହୁଏ ତ ଦମ୍ଭୀ ବିଶ୍ୱରୂପ, ଚିକିତ୍ସକ ବିଶ୍ୱରୂପ, ଆବିଷ୍କାରକ ବିଶ୍ୱରୂପ, ଧର୍ମପ୍ରାଣ ବିଶ୍ୱରୂପ ଆଜି ଆଉ ନାହିଁ ।

କିନ୍ତୁ, ବିଶ୍ୱରୂପ ଅଛି । ବିଶ୍ୱରୂପର ହୃଦୟ ଅଛି । ବିଶ୍ୱରୂପର ଅନୁଭୂତି ଅଛି । ବିଶ୍ୱରୂପର ପ୍ରାଣ ଅଛି । ବିଶ୍ୱରୂପର ଦୁଃଖ ଅଛି, ଯନ୍ତ୍ରଣା ଅଛି—ଅନ୍ତରର ପୀଡ଼ନ ଅଛି—ବୁକୁର ବେଦନା ଅଛି—ବିଶ୍ୱରୂପ ବଞ୍ଚିଛି—ସେ ମରି ନାହିଁ—ସେ ଯେ ମରି ପାରେ ନାହିଁ ।

ମଗଧର ସମ୍ବାଦ ହିମାଳୟର ତୁଙ୍ଗ-ଗିରିଶୃଙ୍ଗ-ଖଚିତ ଏହି ଅରଣ୍ୟ ଭିତରକୁ ପ୍ରବେଶ କରେନାହିଁ

ଗଙ୍ଗାର ସ୍ରୋତ କେବେ ଉଜାଣି ବହି ଆସେ ନାହିଁ ।

ମୌସୁମୀ ଆଘାତ ପାଇ ଫେରି ଯାଏ, ଆଉ ସେ କେବେ ପ୍ରତ୍ୟାବର୍ତ୍ତନ କରେନାହିଁ ।

ଏଭଳି ଅର୍ଦ୍ଧଶତାବ୍ଦୀର ମୌସୁମୀ—ତା'ର ଲୋତକକଣିକାର ମୌସୁମୀ ଆଉ ଫେରି ନାହିଁ ।

ବିଶ୍ୱରୂପର ସାଧନା ଚାଲିଛି । ବିଶ୍ୱରୂପର ଦୁଃଖାନୁଭୂତି ବଢ଼ି ଚାଲିଛି ।

କିନ୍ତୁ ବିଶ୍ୱରୂପର ଇହକାଳ ନାହିଁ—ପରକାଳ ନାହିଁ ବିଶ୍ୱରୂପର ଅଛି କେବଳ—ବର୍ତ୍ତମାନ । ବିଶ୍ୱରୂପ ବର୍ତ୍ତମାନ ଅଛି ତେଣୁ ସେ ବର୍ତ୍ତମାନ । ତେଣୁ ସେ ଜୀବିତ ।

ବିଶ୍ୱରୂପର ଆତ୍ମବୋଧ—କାଳବୋଧ—ସ୍ଥାନବୋଧ କିଛି ନାହିଁ—ବିଶ୍ୱରୂପର ଅଛି କେବଳ ପ୍ରାଣ ।

ସେ ସେହି ପ୍ରାଣର ଅନୁଭୂତି ଚାହେଁ । ସେ ଯେ ବଞ୍ଚିଛି ତା'ର ପ୍ରମାଣ ସେ ଚାହେଁ । ତାର ଦୁଃଖ ଯେ ସତ୍ୟ ସେ ସେତିକି ଜାଣିବାକୁ ଚାହେଁ ?

ରାଜଜେମା ତାକୁ କ'ଣ ପ୍ରକୃତରେ ଭଲ ପାଉଥିଲେ ? ରାଜଜେମାଙ୍କର ମୂର୍ଚ୍ଛା କ'ଣ ତାହାର ସ୍ପର୍ଶ ପାଇ ? ରାଜଜେମାଙ୍କର ଚୈତନ୍ୟ କ'ଣ ତାର ଦୁଃଖ ଆଉ ଅପମାନରେ ?

ସେ ନିଶ୍ଚୟ ତା ଜାଣିବ । ରାଜଜେମାଙ୍କ ନିକଟକୁ ଯାଇ ଜିଜ୍ଞାସା କରି ନୁହେଁ—ରାଜଜେମାଙ୍କୁ ନ ପଚାରି ମଧ୍ୟ ସେ ତାହା ଜାଣିବ । ଏଇ ତାର ପ୍ରତିଜ୍ଞା, ଏଇ ତାର ସାଧନା, ଏଇ ତାର ପ୍ରାଣ, ଅନୁଭୂତି, ସବୁ ।

ଏଇ ପଚାଶ ବର୍ଷକାଳ ସେ ଏହି ଏକ ଯନ୍ତ୍ରର ଆବିଷ୍କାର କରିବାରେ ଲାଗିଛି । ସେ ଯନ୍ତ୍ରକୁ ଯାହା ନିକଟରେ ରଖିଦେବ ଯନ୍ତ୍ରକୁ ସ୍ପର୍ଶ କରିଥିବା ଲୋକପ୍ରତି ତାର ହୃଦୟର ସ୍ନେହ, ପ୍ରୀତି ଭକ୍ତି, ଦୟା, ଘୃଣା, ବିରକ୍ତି, ରାଗ ପ୍ରତ୍ୟେକର ଅନୁଭୂତି ପରିମାଣ ନିର୍ଦ୍ଦିଷ୍ଟ ସ୍ଥାନରେ ପରିମାଣ ଅନୁଯାୟୀ ଲେଖା ପଡ଼ିବ । ଏହା ଯନ୍ତ୍ରର ଉଦ୍ଦେଶ୍ୟ ।

ତାର ଶରୀର ପ୍ରତି, ସ୍ୱାସ୍ଥ୍ୟ ପ୍ରତି ଭ୍ରୂକ୍ଷେପ ନାହିଁ । ମରଣର ଚିନ୍ତା ନାହିଁ । ଆହାରର ଭାବନା ନାହିଁ । ଫଳ, ଫୁଲ ଯାହା ଗଛ ଉପରୁ ତା' ନିକଟରେ ପଡ଼େ ସେତିକରେ ଉଦରପୂର୍ତ୍ତି କରି ପିଣ୍ଡରେ ପ୍ରାଣ ରଖିଥାଏ ।

ପଚାଶ ବର୍ଷ ବିତି ଯାଇଛି । ଯନ୍ତ୍ରର ପିଣ୍ଡ ନିର୍ମାଣ ହୋଇଛି କିନ୍ତୁ ଯନ୍ତ୍ର ଜୀବଦାନ ପାଇ ପାରୁନାହିଁ । ମନୁଷ୍ୟର ହୃତ୍‌ପିଣ୍ଡ, ମନୁଷ୍ୟର ଫୁସ୍‌ଫୁସ୍, ମନୁଷ୍ୟର ଶିରା-ପ୍ରଶିରା ସମସ୍ତର କାର୍ଯ୍ୟ ଯନ୍ତ୍ର ଉପରେ ପ୍ରତିଫଳିତ ହେଉଛି—ପ୍ରତ୍ୟେକର ଗତି ପରିଲକ୍ଷିତ ହେଉଛି—କିନ୍ତୁ ହୃଦୟର ଅନୁଭୂତି ଓ ଅନୁଭୂତିର ମାନ ଅନୁମିତ ହୋଇ ପାରୁନାହିଁ ।

ପଚାଶ ବର୍ଷ ଗଲେଣି । ତଥାପି ବିଫଳ ।

ହଠାତ୍ ଦିନେ ବିଶ୍ୱରୂପ ଭିତରେ ଏକ ଅଦ୍ଭୁତ ଭାବନା ଜାଗ୍ରତ ହେଲା । ସେ ଚିନ୍ତାକଲା, ମନୁଷ୍ୟଭିତରର ସମସ୍ତ ପ୍ରକ୍ରିୟା ଏକ ପ୍ରକାର ଆଲୋକ ସାହାଯ୍ୟରେ ପରିଦର୍ଶିତ ହେଉଛି । କିନ୍ତୁ ମନୁଷ୍ୟର ଅନୁଭୂତି ଆଲୋକର ଅନ୍ତରାଳରେ ତେଣୁ ସେ ଗୋପନୀୟ ତାକୁ ଆଲୋକ ସାହାଯ୍ୟରେ ଦେଖିବାକୁ



ଖ

Digitized by srujanika@gmail.com

ଚେଷ୍ଟା କରିବା ମୂର୍ଖତା । ସେ ଅନ୍ଧକାରର ପ୍ରକାରଭେଦ ଆବିଷ୍କାର କରିବାକୁ ଚେଷ୍ଟା କଲା ।

ସାଧୁ ! ସାଧୁ ! ସାଧୁ ! ନିଜର କୀର୍ତ୍ତିଦ୍ୱାର ପ୍ରଶଂସା ନିଜେ ଗାଇ ଉଠି, ବିଶ୍ୱରୂପ ଦେଖିଲା ଯେ ସମସ୍ତ ଠିକ୍ । ଗଛପତ୍ରର ଅନୁଭୂତି ମଧ୍ୟ ସ୍ପଷ୍ଟ ବୁଝା ଯାଉଛି । ଗଛ ସମୀପରେ ରହି ଲତାର କୌଣସି ଅଂଶ ଯନ୍ତ୍ରସ୍ଥ କଲେ ଗଛର ଲତାପ୍ରତି ଆବେଗ ବୁଝା ପଡୁଛି ।

ବିଶ୍ୱରୂପ ଆନନ୍ଦରେ ଉନ୍ମତ୍ତ ହୋଇ ଉଠିଲା । ଯନ୍ତ୍ରକୁ ଧରି ସେ ଚାଲିଲା ରାଜଜେମାଙ୍କ ନିକଟକୁ ।

କିନ୍ତୁ ମଗଧର ପୂର୍ବ ରାଜା ମୃତ । ରାଜଜେମା ବିଦେହରେ ବିବାହିତା ।

ବିଶ୍ୱରୂପର ମସ୍ତିଷ୍କ ଘୂର୍ଣ୍ଣିଠାରୁ ଅଧିକ ବେଗରେ ଘୁରିବାକୁ ଲାଗିଲା । ସେ ପାଗଳ ପରି ବିଦେହ ଅଭିମୁଖରେ ତତ୍‌କ୍ଷଣାତ୍ ଯାତ୍ରା କଲା ।

ହିମାଳୟରୁ ଏକ ସନ୍ନ୍ୟାସୀ ମଗଧର ଜେମା ବିଦେହର ରାଜମାତାଙ୍କୁ ସାକ୍ଷାତ କରି କି ଗୋଟିଏ ଅଦ୍ଭୁତ ଯନ୍ତ୍ର ଉପହାର ଦେବାକୁ ଚାହେଁ,—ରାଜ୍ୟରେ ହାଲୋଳ ପଡ଼ିଗଲା ।

ରାଜାଙ୍କର ଅସମ୍ମତି ସତ୍ତ୍ୱେ ରାଜମାତା ନିଜେ ଉକ୍ତ ସନ୍ନ୍ୟାସୀଙ୍କୁ ଦର୍ଶନ ଦେବେ ବୋଲି କହିଲେ ।

ବିଶ୍ୱରୂପ ବିଜୟ ଉଲ୍ଲାସରେ ଲକ୍ଷ୍ୟପ୍ରାପ୍ତିର ଅସୀମ ଆନନ୍ଦରେ ବିଭୋଳ ହୋଇ ରାଜମାତାଙ୍କ ନିକଟକୁ ଗଲା ।

ଏ କ'ଣ ?

ଏ କି ସେହି ରାଜଜେମା – ଏ କ'ଣ ସେହି ମଗଧର ରାଜଜେମା? କୁବ୍ଜା, ଦନ୍ତହୀନା, ଲୋଳିତଚର୍ମା, ପଳିତକେଶା, ବୃଦ୍ଧା ବିଦେହର ରାଜମାତା କ'ଣ ସତେ ମଗଧର ସେହି ଅନିନ୍ଦ୍ୟ ସୁନ୍ଦରୀ, ଯୁବତୀ ରାଜଜେମା ?

ହାତରୁ ତାର ଯନ୍ତ୍ରଟି ଖସି ଚୂନା ହୋଇଗଲା ।

* * * *

ସେ ବିଶ୍ୱରୂପ କୁଆଡ଼େ ଗଲା ? କିଏ ଜାଣେ ?

ସେ ନାଳନ୍ଦ, ସେ ମଗଧ, ସେ ବିଦେହ ଆଜି କେବଳ ଇତିହାସର ଉପକଥା ।

# ପ୍ରାଗୈତିହାସିକ ଯୁଗର ଓଡ଼ିଶା

ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

## ପ୍ରସ୍ତର ଯୁଗ

ବୈଜ୍ଞାନିକ ପ୍ରଣାଳୀରେ ଦେଶର ଇତିହାସ ଲେଖିବା ପାଇଁ ଆମ୍ଭେମାନେ ଏକପ୍ରକାର ଉଦାସୀନ । ଆମ୍ଭମାନଙ୍କର ଜନ୍ମଭୂମି ଏହି ଓଡ଼ିଶାରେ ଐତିହାସିକ ଉପକରଣ ଇତସ୍ତତଃ ପ୍ରଚୁର ପରିମାଣରେ ପ୍ରକ୍ଷିପ୍ତ ରହିଥିଲେ ସୁଦ୍ଧା ଏହା ପରିତାପର ବିଷୟ ଯେ ତତ୍‌ପ୍ରତି ଆମ୍ଭମାନଙ୍କର ଦୃଷ୍ଟି ପଡୁନାହିଁ । ଆମ୍ଭମାନଙ୍କର ଯେ ଇତିହାସ ଅଛି, ତାହା ନୁହେଁ, ଇତିହାସର ମୂଲ୍ୟହୀନ ସଦୃଶ ପ୍ରାଚୀନରୁ ପ୍ରାଚୀନତର ଓ ପ୍ରାଚୀନତମ ଇତିହାସର ଉପାଦାନର ଅଭାବ ନାହିଁ । କୌଣସି ଦେଶର ପ୍ରାଚୀନତମ ଇତିହାସକୁ ପ୍ରାଗୈତିହାସ ବା Pre-history କୁହାଯାଏ । ଏ ଯୁଗର ଇତିହାସ ସଙ୍କଳନ ପାଇଁ ସମସାମୟିକ ଭାଷା ଆଦୌ ସାହାଯ୍ୟ କରି ପାରେନାହିଁ । କାରଣ ସେତେବେଳେ ଭାଷା ଲିଖିତାକାରରେ ବ୍ୟବହୃତ ହେଉ ନ ଥିଲା । ସେ ସମୟର ଲୋକମାନେ କି ପ୍ରକାର ହାତ-ହତିଆର ବ୍ୟବହାର କରୁଥିଲେ ତାହାର କେତେକ ନିଦର୍ଶନ ସାହାଯ୍ୟରେ ସେ ଲୋକମାନଙ୍କର ମନୋବୃତ୍ତିର ବିକାଶ କେତେକ ପରିମାଣରେ ଧରି ଯାଇଅଛି । ପ୍ରାଗୈତିହାସିକ ଯୁଗର ଦୁଇଟି ଭାଗ ଅଛି, ସେଥିରୁ ଗୋଟିଏ ପ୍ରସ୍ତରଯୁଗ (Stone Age) ଓ ଅପରଟି ତାମ୍ରଯୁଗ (Copper Age) । ତାମ୍ର ଯୁଗର ଲାଟିନ୍ ନାମ Chaclolithic Age.

କୌଣସି ଦେଶର ଇତିହାସ ଲେଖିବା ପାଇଁ ସର୍ବାଦୌ ସେ ଦେଶର ଭୂଗୋଳ ଓ ଭୂତତ୍ତ୍ୱ ଜାଣିବା ଦରକାର । ଭୌଗୋଳିକ ଅବସ୍ଥାନ ଉପରେ ଦେଶବାସୀଙ୍କର ସ୍ୱଭାବ, ଚରିତ୍ର ନିୟନ୍ତ୍ରିତ ହୁଏ । ଓଡ଼ିଶାର ଭୂଗୋଳ ଓ ଭୂତତ୍ତ୍ୱ ଅଧିବାସୀମାନଙ୍କର ଉନ୍ନତି ବା ଅବନତି ପାଇଁ କିପରି ସାହାଯ୍ୟକାରୀ ହୋଇଅଛି, ତାହାର ବିଶଦ ଆଲୋଚନା ହୋଇନାହିଁ । କି କି ଅନୁକୂଳ ବା ପ୍ରତିକୂଳ ଅବସ୍ଥାରେ ଏହି ଭୂଭାଗରେ ମନୁଷ୍ୟର ସର୍ବାଦୌ ଆବିର୍ଭାବ ହୋଇଥିଲା, ତାହା ବୁଝିବା ପାଇଁ ଆମ୍ଭେମାନେ ଏକାବେଳକେ ଅପାରଗ । ଜୀବନ-ସଂଗ୍ରାମରେ ପ୍ରକୃତିର ତାଡ଼ନା ପାଇ ମନୁଷ୍ୟର କର୍ମଶକ୍ତି ଯେ ବଢ଼ିଅଛି ତାହା ସର୍ବବାଦୀସମ୍ମତ । ସ୍ଥଳରେ ଜଳଧାରାର ଉପକାରିତା ବୁଝି ନଦୀକୂଳବର୍ତ୍ତୀ ସ୍ଥାନରେ ବସବାସ କରିବା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ନଦୀର କାର୍ଯ୍ୟ ଦେଖି ମନୁଷ୍ୟ ମସ୍ତିଷ୍କ ଚାଳନା କରି ନଦୀର ଉପଲଖଣ୍ଡରୁ ତାହାର ସର୍ବପ୍ରଥମ ହତିଆର ପ୍ରସ୍ତୁତ କରି ପାରିଥିଲା । କାଳକ୍ରମେ ତାହାର ବଂଶଧରମାନେ ସେ ହତିଆରର ଉନ୍ନତି କରିଅଛନ୍ତି ।

ଆଦିମଯୁଗ ମାନବର କୀର୍ତ୍ତିକଳାପରୁ କେବଳ ହତିଆର ଗୁଡ଼ିକ ଲୋପ ନ ପାଇ ରହିଅଛି । ଭୂପୃଷ୍ଠର ପରିବର୍ତ୍ତନ ଯୋଗୁଁ ସ୍ଥାନେସ୍ଥାନେ ସେଗୁଡ଼ିକ ଭୂଗର୍ଭସ୍ଥ ହୋଇ ଥିବାରୁ ଭୂତତ୍ତ୍ୱବିତ୍‌ମାନେ ସେଗୁଡ଼ିକର ସମୟନିରୂପଣ କରିବା ପାଇଁ

କଥଞ୍ଚିତ୍ ସକ୍ଷମ ହୋଇଅଛନ୍ତି । ପ୍ରାକୃତିକ କାରଣବଶତଃ ପୃଥିବୀର ଉପରି ଓ ଭିତର ସ୍ତରରେ ଅହରହ ପରିବର୍ତ୍ତନ ଲାଗିଅଛି । ସେ ପରିବର୍ତ୍ତନ ଯୋଗୁଁ ଧରାପୃଷ୍ଠ ମନୁଷ୍ୟ ବସତିର ଉପଯୋଗୀ ବା ଅଯୋଗ୍ୟ ହେଉ ଥିବାରୁ ପୃଥିବୀରେ ମନୁଷ୍ୟର କାର୍ଯ୍ୟ ଧାରାବାହିକ ସ୍ତରରୂପେ ସ୍ତୂପୀକୃତ ହୋଇ ପାରୁନାହିଁ । ଆମ୍ଭମାନଙ୍କ ଦେଶରେ ଖରା ବର୍ଷାର ପ୍ରଭାବ ଅତ୍ୟଧିକ, ମାତ୍ର ଇଉରୋପ ପ୍ରଭୃତି ଦେଶରେ ସେ ପ୍ରଭାବ ସେତେ ଅଧିକ ନୁହେ । ତେଣୁ ଭୂତତ୍ତ୍ୱ ଜାଣିବାର ସୁଯୋଗ ସେଠାରେ ଯେତେ ଅଧିକ ମିଳେ, ତାହା ଆମ୍ଭମାନଙ୍କ ଦେଶରେ ସେତେଦୂର ସମ୍ଭବ ହେଉନାହିଁ । ମନୁଷ୍ୟ ଓ ପ୍ରକୃତି ଭିତରେ ସଦା-ସର୍ବଦା ସଂଘର୍ଷଣ ଲାଗିଅଛି । ନିଜର ମସ୍ତିଷ୍କ ବଳରେ ମନୁଷ୍ୟ ପ୍ରକୃତିକୁ ଯେତେ ଆୟତ୍ତ କରି ପାରୁଅଛି, ସେ ମନୁଷ୍ୟ ଜାତି ପୃଥିବୀରେ ସେତେ ସୁଖ-ସ୍ୱଚ୍ଛନ୍ଦର ଅଧିକାରୀ ହୋଇ କାଳଯାପନ କରୁଅଛି । ଆମ୍ଭମାନଙ୍କର ଅତୀତହିଁ ଆମ୍ଭମାନଙ୍କର ଇତିହାସ । ସେ ଅତୀତର ବର୍ତ୍ତମାନ ସହିତ ସଂଯୋଗ ଅଛି । ମନୁଷ୍ୟର ଇତିହାସକୁ ଏକ ବଡ଼ ନଦୀର ସ୍ରୋତ ସହିତ ତୁଳନା କରା ଯାଇପାରେ । ନଦୀର ଉତ୍ପତ୍ତି ସ୍ଥଳରୁ ସମୁଦ୍ରର ମୁହାଣ ପାଏଁ ଅବିଚ୍ଛିନ୍ନ ଜଳଧାରାର ସ୍ରୋତ ଚାଲିଅଛି—ସେ ସ୍ରୋତରେ କେତେ ଉପନଦୀର ସ୍ରୋତ ମିଶିଅଛି ଓ ସ୍ଥଳ ବିଶେଷରେ ସେ ନଦୀର ସ୍ରୋତରୁ କେତେ ଶାଖାନଦୀ ବାହାରିଅଛି । ମାନବ ସଭ୍ୟତାର ଇତିହାସ ଓ କ୍ରମବିକାଶରେ ଠିକ୍ ସେହିପରି ଏକ ଲୁକ୍କାୟିତ ସ୍ରୋତ ରହିଅଛି—ସେହି ସ୍ରୋତର ସ୍ୱରୂପ ସ୍ଥିର କରିବା ପାଇଁ ଇତିହାସର ଆଲୋଚନା ଏକାନ୍ତ ଆବଶ୍ୟକ । କିନ୍ତୁ ମନୁଷ୍ୟର ଚିନ୍ତାଶକ୍ତି ବଡ଼ ଅଦ୍ଭୁତ । ପ୍ରତ୍ୟେକ ମାନବର ଚିନ୍ତାଶକ୍ତିରେ ନୂତନତ୍ୱ ଓ ବିଶେଷତ୍ୱ ଅଛି । ତେଣୁ ଜଣକର ଭାବ ସହିତ ଅନ୍ୟ ଜଣକର ଭାବ ଏକ ହୋଇ ପାରୁନାହିଁ । ଆମ ଦେଶର ଚିନ୍ତାଧାରାର ବିଶେଷତ୍ୱ ଏହି ଯେ ଆମେ ଅତୀତକୁ ସ୍ୱୀକାର କରୁନାହୁଁ କି ଭବିଷ୍ୟତ୍‌କୁ ଭାବୁନାହୁଁ—ଆମ୍ଭେମାନେ କହୁଁ ଯେ ଆମ୍ଭେମାନେ 'ସ୍ୱନାମ ପୁରୁଷଃ ଧନ୍ୟ' ହେବୁଁ । ସେଦିନ ବଙ୍ଗଳାର ଜଣେ ପ୍ରସିଦ୍ଧ କବି ଲେଖିଅଛନ୍ତି:- ହେ ପ୍ରତ୍ନତତ୍ତ୍ୱ-ବିଶାରଦ, ତୁମେ ପାଗଳ ହୋଇ ଅତୀତର ସ୍ତର ଓଲଟାଇ କି ସୁଖ ପାଉଅଛ ? ତୁମର ଭୁଲ ତୁମେ ବୁଝି ପାରୁନାହଁ ଯେ 'ଭବିଷ୍ୟତ୍' ତୁମର ଏହି 'ବର୍ତ୍ତମାନ'କୁ ପ୍ରତିଦିନ, ପ୍ରତିନିମିଷ ଅତୀତର ଗଭୀର ଅନ୍ଧକାର ଗହ୍ୱରରେ ପ୍ରକ୍ଷେପ କରି ଦ୍ରୁତ ଗତିରେ ଅଗ୍ରସର ହେଉଅଛି । କିନ୍ତୁ ଏହିଠାରେ ଆଧୁନିକ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମାନବର ଚିନ୍ତାଧାରାର ସଂଘର୍ଷଣ । ଇଂରାଜ-କବି Wordsworth ଲେଖିଅଛନ୍ତି:—

"The child is father of the man;
And I could wish my days to be
Bound each to each by natural piety."

ସେ ଅତୀତକୁ ନିଜ ଭିତରେ ଓତପ୍ରୋତ ଭାବରେ ଜଡ଼ିତ ରଖିବାକୁ ଚାହାଁନ୍ତି । ମାତ୍ର ଆମ ଦେଶର କବି ଅତୀତକୁ ସ୍ୱୀକାର କରିବାକୁ କୁଣ୍ଠିତ । ମଞ୍ଜିରୁ ଗଛ ଜନ୍ମେ । ମାଈ ଗଛରୁ କଲମ କରିବାରେ କେତେ ଗଛର ଉପାଦେୟତା କ୍ରମଶଃ ବଢ଼ିଥିବାର ଦେଖାଯାଏ । ଯେଉଁମାନେ କଲମ ଗଛର ଫଳ ଭୋଗ କରନ୍ତି, ସେଥିରେ ତାଙ୍କର ନୂତନତ୍ୱ ନାହିଁ । ଆଉ କୌଣସି ଅନିବାର୍ଯ୍ୟ କାରଣରୁ ଥରେ ସେ ଗଛ ନଷ୍ଟ ହୋଇଗଲେ ତାହାର ଉଦ୍ଧାର ଅସମ୍ଭବ । ଅନିବାର୍ଯ୍ୟ କାରଣରୁ ପୃଥିବୀରୁ ଅନେକ ଜୀବଜନ୍ତୁ ଓ ଗଛପତ୍ର ଲୋପ ପାଇଅଛି । ଅତୀତକୁ ଏରୂପ ତାଚ୍ଛଲ୍ୟ କରି ପକାଇଦେଲେ ବର୍ତ୍ତମାନର ମୂଳଭିତ୍ତି ଅଭାବରୁ ଭବିଷ୍ୟତ୍ ଠିଆ ହୋଇ ପାରିବନାହିଁ । ଏହିଠାରେ କବି-କଳ୍ପନା ସହିତ ବାସ୍ତବ ବିଜ୍ଞାନର ପ୍ରଭେଦ । ହିନ୍ଦୁଜାତି ପିତା, ପିତାମହ ଓ ପ୍ରପିତାମହ ତିନି ପୁରୁଷଙ୍କୁ ପିଣ୍ଡ ଦିଅନ୍ତି ଅର୍ଥାତ୍ ତିନି ପୁରୁଷର ସମ୍ପର୍କ ଓ ସ୍ମୃତି ପ୍ରତିପାଳନ କରି ନିଜକୁ ଅତୀତଠାରୁ ପୃଥକ୍ କରି ରଖନ୍ତିନାହିଁ । ସମୟ ବିଭାଗରେ ମଧ୍ୟ କଳିଯୁଗର ତିନୋଟି ପୂର୍ବବର୍ତ୍ତୀ ଯୁଗ ଅଛି । କଳିଯୁଗର ପୂର୍ବବର୍ତ୍ତୀ ସତ୍ୟ, ତ୍ରେତା ଓ ଦ୍ୱାପର ଯୁଗର ମହିମା ସମସ୍ତେ କୀର୍ତ୍ତନ କରନ୍ତି । ଏଥିରୁ ହିନ୍ଦୁଜାତିର ଇତିହାସ ପ୍ରତି ସୂକ୍ଷ୍ମ ଅନୁରକ୍ତିର ପ୍ରମାଣ ମିଳୁଅଛି । ଏହା ସତ୍ତ୍ୱେ ହିନ୍ଦୁଜାତିକୁ ଇତିହାସ-ବିସ୍ମୃତ ଜାତି କୁହା ଯାଉଅଛି । ବୋଧହୁଏ ଏହିକଥା ଆଧୁନିକ ହିନ୍ଦୁଜାତି ପ୍ରତି ଲକ୍ଷ୍ୟ କରି ବୋଲା ଯାଇ ଅଛି । ଅତୀତର ହିନ୍ଦୁଜାତି ଇତିହାସ-ବିସ୍ମୃତ ଜାତି ନ ଥିଲା ।

ଅବିହମାନକାଳରୁ ଭାରତବର୍ଷରେ ମନୁଷ୍ୟମାନଙ୍କର ବସତି ଅଛି । ଏଠାରେ କେତେକ ପୃଥକ୍ ପୃଥକ୍ ମନୁଷ୍ୟଜାତି ବା ଗୋଷ୍ଠୀ ଏକତ୍ର ବସବାସ ଯୋଗୁଁ ମିଳିତ ହୋଇ ଏକ ବିରାଟ ହିନ୍ଦୁଜାତିର ଅଭ୍ୟୁଦୟ ହୋଇଅଛି । ଏଠାରେ କୃଷ୍ଣବର୍ଣ୍ଣ, ଖର୍ବକାୟ, ଅପ୍ରଶସ୍ତ ମୁଖମଣ୍ଡଳ, ଶ୍ରୀହୀନ ଓ ପତ୍ରବାସ ନରନାରୀଠାରୁ ଆରମ୍ଭ କରି ଗୌରବର୍ଣ୍ଣ, ଦୀର୍ଘକାୟ, ପ୍ରଶସ୍ତ-ଲଲାଟ-ମଣ୍ଡିତ, ସୁଶ୍ରୀ, ସୁନ୍ଦର ବସ୍ତ୍ରଭୂଷିତ ନରନାରୀ ଦେଖି ମନେ ହୁଏ ଯେ ଏହି ମହାଦେଶରେ ବହୁ ମନୁଷ୍ୟ-ଜାତିର ସମାବେଶ ହୋଇଅଛି । ଭାରତର ସୁସଭ୍ୟ ଜାତିମାନଙ୍କର ଇତିହାସ ହିମାଳୟ ଶୃଙ୍ଗ ପରି ଅତୁଳନୀୟ ହେଲେ ମଧ୍ୟ ତାହାର ସଭ୍ୟତାର ନିମ୍ନତମ ସ୍ତରରେ ଥିବା ଅନେକ ଜାତିର ଇତିହାସ ଆଜି ପର୍ଯ୍ୟନ୍ତ ଆମ୍ଭମାନଙ୍କର ବିଦିତ ନୁହେ । ଭାରତର ଲିଖିତ ଭାଷା ବହୁ ପ୍ରାଚୀନ ହେଲେ ମଧ୍ୟ ବର୍ତ୍ତମାନ ଭାରତରେ ଅନେକ ଜାତିର ଲୋକ ଅଛନ୍ତି ଯେଉଁମାନଙ୍କର ଭାଷା ବ୍ୟକ୍ତ କରିବା ପାଇଁ ଅକ୍ଷରର ଅଭାବ ଅଛି । ସଭ୍ୟତାର ଏପରି ବିଷମ ସମାବେଶ ଅନ୍ୟତ୍ର ବିରଳ । ଏଥିପାଇଁ ଭାରତୀୟ ସଭ୍ୟତାର ପରିସ୍ଥିତି ବୁଝିବା ପାଇଁ ଦୂରବୀକ୍ଷଣ ଓ ଅଣୁବୀକ୍ଷଣ ଉଭୟବିଧ ଦୃଷ୍ଟିର ଆବଶ୍ୟକ । ଜଗନ୍ନାଥ ଦେଉଳ ପରି ଭାରତୀୟ ସଭ୍ୟତା 'ଉଭା ଯେତେ, ପୋତା ତେତେ' ।



Digitized by srujanika@gmail.com

ହୋଇଥାଏ । ମାନବ ଶିଶୁର ମାନସିକ ଅବସ୍ଥାରୁ ମଧ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ।

ଚଢ଼କପଥର ଗୁଡ଼ିକର ଉପରଭାଗ ଅତି ଚକ୍କଣ, ମାତ୍ର ତତ୍ପୂର୍ବେ ଯେଉଁ ପ୍ରତ୍ନ ପ୍ରସ୍ତର ଯୁଗର ହତିଆର ଥିଲା, ତାହାର ଉପରଭାଗ ଚକ୍କଣ ନ ହୋଇ ଖଣ୍ଡ-ବିଖଣ୍ଡିତ । ମହାନଦୀ ଓ ବ୍ରାହ୍ମଣୀର ଅବବାହିକା ବ୍ୟତୀତ ଗଙ୍ଗା-ଗୋଦାବରୀର ମଧ୍ୟବର୍ତ୍ତୀ ପ୍ରଦେଶରେ 'ପ୍ରତ୍ନପ୍ରସ୍ତର' ବା ନବ୍ୟ ପ୍ରସ୍ତର ଯୁଗର ହତିଆର ନ ଥିବାର ଅନୁମାନ କରି ପଣ୍ଡିତମାନେ ସ୍ଥିର କରିଥିଲେ ଯେ ଏ ଅଞ୍ଚଳରେ ଆଦିମାନବର ବସତି ନ ଥିଲା । ୧୯୩୯ ସାଲରେ ମୟୂରଭଞ୍ଜର କେତୋଟି ନୂତନ ସ୍ଥାନରୁ 'ନବ୍ୟ ପ୍ରସ୍ତର' ମିଳିବା ସଙ୍ଗେ ସଙ୍ଗେ କୁଲିଅଣା ଗ୍ରାମରୁ ବହୁ ସଂଖ୍ୟକ 'ପ୍ରତ୍ନ-ପ୍ରସ୍ତର' ମଧ ମିଳିଲା । ଆମେରିକାର ଯୁକ୍ତ ପ୍ରଦେଶର ହାରବାର୍ଡ ବିଶ୍ୱ-ବିଦ୍ୟାଳୟରୁ ଆଗତ ଜନୈକ ଅନୁସନ୍ଧିତ୍ସୁ ଏହି ସବୁ ହତିଆର ଏକ ସ୍ଥାନରୁ ଏତେ ଅଧିକ ପରିମାଣରେ ମିଳିବାର ଦେଖି ମତ ପ୍ରକାଶ କରି ଥିଲେ ଯେ ସମଗ୍ର ଦାକ୍ଷିଣାତ୍ୟରେ ଯେଉଁ ସବୁ ସ୍ଥାନରୁ ପ୍ରତ୍ନପ୍ରସ୍ତର ମିଳେ, ସେଠାରେ କୌଣସିଠାରେ ଏତେ ଅଧିକ ସଂଖ୍ୟକ ହତିଆର ମିଳିବାର ଦେଖାଯାଏ ନାହିଁ । ଦାକ୍ଷିଣାତ୍ୟର ସ୍ଥାନ ଗୁଡ଼ିକ ଅପେକ୍ଷା କୁଲିଅଣାର ବିଶେଷତ୍ୱ ଏହି ଯେ ଏଠାରେ ଭୂତତ୍ତ୍ୱ ଜ୍ଞାପକ ପ୍ରମାଣ ଯଥେଷ୍ଟ ରହିଅଛି । ମୟୂରଭଞ୍ଜର ଜିନିଷ ସହିତ ଢେଙ୍କାନାଳ, ତାଳଚେର ଓ ଅନୁଗୋଳର ଜିନିଷର ସୌସାଦୃଶ୍ୟ ଅଛି । ଏହି ହତିଆର ଗୁଡ଼ିକରୁ ଅନୁମିତ ହେଉଅଛି ଯେ ପୂର୍ବ ସମୁଦ୍ରକୂଳବର୍ତ୍ତୀ ଓଡ଼ିଶାର ସମତଳଭୂମିର ପାର୍ଶ୍ୱବର୍ତ୍ତୀ ପାର୍ବତ୍ୟ ପ୍ରଦେଶରେ ଆଦିମ ଯୁଗର ମନୁଷ୍ୟମାନେ ବସବାସ କରୁଥିଲେ ।

ଅଳ୍ପଦିନ ତଳେ ଖଣ୍ଡପଡ଼ାରୁ 'ନବ୍ୟ ପ୍ରସ୍ତର' ମିଳିଅଛି । ଖୋର୍ଦ୍ଧା, ନୟାଗଡ଼ ଅଞ୍ଚଳରେ ଏ ପ୍ରକାର ପ୍ରସ୍ତରଯୁଗର ଅସ୍ତ୍ର ଶସ୍ତ୍ର ମିଳିବାର ସମ୍ଭାବନା ଖୁବ୍ ଅଧିକ । ଖଣ୍ଡପଡ଼ାରେ ଏହାର ନାମ ମଧ 'ଚଢ଼କପଥର' । ଏଣୁ ଲେଖକ ଆଶା ପୋଷଣ କରୁଅଛି ଯେ ଓଡ଼ିଶାର ସର୍ବାଞ୍ଚଳ ପ୍ରସ୍ତରଯୁଗର କୀର୍ତ୍ତିରେ ପରିପୂର୍ଣ୍ଣ । ବହୁ ସଂଖ୍ୟକ କର୍ମୀର ସହଯୋଗ ମିଳିଲେ ଏ ଦେଶରେ ଆହୁରି ଅନେକ ନୂତନ ତଥ୍ୟ ଅକ୍ଳେଶରେ ସଂଗୃହୀତ ହୋଇ ପାରନ୍ତା ।

## ତାମ୍ରଯୁଗ

'ନବ୍ୟ ପ୍ରସ୍ତର' ଯୁଗର କୁଠାର-ନିର୍ମାତା କଳାକୁଶଳତାରେ ବେଶ୍ ଦକ୍ଷ ଥିଲା ବୋଲି ପ୍ରତୀୟମାନ ହୁଏ । ଏହି ଯୁଗର ଶେଷ ଭାଗରେ ମନୁଷ୍ୟମାନେ ପୂର୍ବ ଭାରତରେ କୋଡ଼ିପରି ପଥରର ହତିଆର କରୁଥିଲେ । ଏହାକୁ ଇଂରେଜିରେ 'Shouldered neolith' କହନ୍ତି । ଏହି ସମୟରେ ସେମାନେ ସୁନା ଓ ରୂପା ଏହି ଦୁଇଟି ଧାତୁର ବ୍ୟବହାର ଜାଣିଥିଲେ । ଏହା ସଙ୍ଗେ ସଙ୍ଗେ ତମ୍ବାର ବ୍ୟବହାର ଜାଣିଥିବାର ଅନୁମିତ ହୁଏ । ତମ୍ବା, ସୁନା ଓ ରୂପା ଠାରୁ ଅପେକ୍ଷାକୃତ କଠିନ ଧାତୁ ଥିବାରୁ ତହିଁରେ ଅସ୍ତ୍ର ଶସ୍ତ୍ର ତିଆରି କରିବାକୁ ସୁବିଧା ହେଉଥିଲା । ତମ୍ବାର ହତିଆର ଗୁଡ଼ିକର ଆକାର ପଥର ହତିଆର ବିଶେଷତଃ କାବବାଲା କୋଡ଼ିର ଅନୁକରଣରେ ହୋଇଥିଲା । ଛୋଟନାଗପୁରର ହଜାରୀବାଗ, ରାଞ୍ଚି, ମାନଭୂମ, ସିଂହଭୂମ ଓ ମେଦିନୀପୁରର ପଶ୍ଚିମାଞ୍ଚଳରୁ ତମ୍ବାର ଅନେକ ହତିଆର ମିଳିଛି । ମୟୂରଭଞ୍ଜର ଖିଚିଙ୍ଗ ଓ ବାମଡ଼ା ପ୍ରଗନାରୁ ଏହିପରି ତମ୍ବା ହତିଆର ମିଳିଅଛି । ଧଳଭୂମରେ ଅତି ପ୍ରାଚୀନ କାଳର ତମ୍ବାଖଣି ସହିତ ଅନେକ ବଡ଼ ବଡ଼ ତମ୍ବାଖଣି ଅଛି । ଏଣୁ ଏହା ଅନୁମିତ ହୁଏ ଯେ ଏହି ତମ୍ବାର ହତିଆର ଗୁଡ଼ିକ ଧଳଭୂମର ଖଣିରୁ ବାହାରିଥିବା ତମ୍ବାରୁ ତିଆରି ହୋଇଥିଲା । ଯୁକ୍ତ ପ୍ରଦେଶ ଓ ମଧ ପ୍ରଦେଶରୁ ମଧ ଅନେକ ତମ୍ବାର ହତିଆର ମିଳିଅଛି । ଏଥିରୁ ଅନୁମାନ କରି ଯାଇପାରେ ଯେ ଉତ୍ତରଭାରତରେ ତାମ୍ର ଯୁଗ ଥିଲା । କିନ୍ତୁ ଦାକ୍ଷିଣାତ୍ୟରେ ପ୍ରସ୍ତର ଯୁଗ ପରେ ତାମ୍ର ଯୁଗର କିଛି ମିଳି ନ ଥିବାରୁ ସେଠାରେ ତାମ୍ର ଯୁଗ ନ ଥିଲା । ଉତ୍ତର ଭାରତରେ ପ୍ରସ୍ତର ଯୁଗ ଓ ଲୌହ ଯୁଗ ମଧ୍ୟରେ ତାମ୍ର ଯୁଗ ଥିଲା । କିନ୍ତୁ ଦାକ୍ଷିଣାତ୍ୟରେ ପ୍ରସ୍ତର ଯୁଗ ପରେ ଲୌହ ଯୁଗ ଆସି ଥିଲା । ସିନ୍ଧୁନଦୀର କୂଳବର୍ତ୍ତୀ ମହେଞ୍ଜୋଦାରୋରେ ତମ୍ବାର ଜିନିଷ ପତ୍ର ମିଳିଅଛି । ସେ ତମ୍ବା ଭାରତବର୍ଷର ତମ୍ବା ନା ବେବିଲୋନର ତମ୍ବା ତାହା ଯଦି ରାସାୟନିକ ପରୀକ୍ଷାରେ ବାହାରେ, ସେଥିରୁ ଅନେକ ନୂତନ ତଥ୍ୟ ମିଳିବ । ମହେଞ୍ଜୋଦାରୋର ତମ୍ବା ସହିତ ଧଳଭୂମର ତମ୍ବାର ସମ୍ପର୍କ ସ୍ଥିର ହେଲେ ଉତ୍କଳଭୂମିରେ ମାନବ-ସଭ୍ୟତାର ସୂର୍ଯ୍ୟ ଉଦିତ ହୋଇ ପୂର୍ବରୁ ପଶ୍ଚିମକୁ ଗତି କରିଥିଲା ବୋଲି ଧରାଯିବ ।

ପ୍ରାଗୈତିହାସିକ ପ୍ରସ୍ତରଫଳକ ବା ତାମ୍ରଫଳକ ଆମ୍ଭମାନଙ୍କ ଦେଶରେ ଚିରକାଳ ମିଳୁଥିଲା, କିନ୍ତୁ ପାଶ୍ଚାତ୍ୟ ବୈଜ୍ଞାନିକ ପଣ୍ଡିତମାନେ ତାହାର ପ୍ରକୃତ ପରିଚୟ ଆମ୍ଭମାନଙ୍କୁ ଦେଇ ଅଛନ୍ତି । ଏହାର ପ୍ରମାଣସ୍ୱରୂପ ଗଜପତି ପୁରୁଷୋତ୍ତମ ଦେବ(ଖ୍ରୀ: ୧୪୭୦-୧୪୯୭)ଙ୍କ ବାଲେଶ୍ୱର ଜିଲ୍ଲାର ଗଡ଼ପଦାର ତମ୍ବା ପଟାଟି ଅଦ୍ୟାପି ରହିଅଛି । ଏହି ତମ୍ବାପଟାଟି ଖଣ୍ଡିଏ ପ୍ରାଗୈତିହାସିକ ତାମ୍ରଫଳକ । ୧୮୭୧ ଖ୍ରୀ: ରେ ଏହା ପ୍ରକାଶିତ ହୋଇଥିଲେ ମଧ ସେ ସମୟରେ ଏହାର ପ୍ରକୃତ ପରିଚୟ ମିଳି ନ ଥିଲା । ୧୯୧୮ ରେ ବିହାର ଓଡ଼ିଶାର ଲେଟେଲାଟ ଗେଟ୍ ସାହେବ ଏହାର ପ୍ରକୃତ ପରିଚୟ ଦେଇଥିଲେ । ମହେଞ୍ଜୋଦାରୋର ଚିତ୍ରାକ୍ଷରଯୁକ୍ତ ବହୁ ମୋହର ମିଳିଅଛି । କେହି କେହି ପଣ୍ଡିତ ସେ ଲେଖାର ପାଠ ସ୍ଥିର କରିବା ପାଇଁ ଲାଗି ପଡ଼ିଅଛନ୍ତି । କିନ୍ତୁ ଦ୍ୱିଭାଷିକ ମୋହର ଅଭାବରୁ ସେମାନଙ୍କ ପାଠର ସତ୍ୟାର୍ଥ ସ୍ୱୀକୃତ ହୋଇନାହିଁ । ଷ୍ଟର୍ଲିଂସାହେବ ଉଦୟଗିରିର ହାତୀଗୁମ୍ଫା ଲିପି ୧୮୨୫ ରେ ମୁଦ୍ରିତ କରିଥିଲେ । ସେ ସମୟରେ ତାହାର ପାଠୋଦ୍ଧାର କରିବାକୁ କେହି ସମର୍ଥ ହୋଇ ନ ଥିଲେ । ତତ୍ପରେ ଅଶୋକଙ୍କ ଅନୁଶାସନ ଗୁଡ଼ିକ ଜଣାଗଲା । ଏହିସବୁ



Digitized by srujanika@gmail.com

ଲେଖା ବ୍ରାହ୍ମୀ ଅକ୍ଷରରେ ପାଲିଭାଷାରେ ଲିଖିତ ହୋଇ ଥିବାରୁ ତାହାଁରୁ କେହି କିଛି ଅର୍ଥ ବାହାର କରିପାରୁ ନ ଥିଲେ । ପ୍ରିନ୍‌ସେପ୍ ସାହେବ ବ୍ରାହ୍ମୀ ଓ ଗ୍ରୀକ୍ ଲେଖାଯୁକ୍ତ ମୁଦ୍ରା ଗୁଡ଼ିକରୁ ବ୍ରାହ୍ମୀ ଅକ୍ଷରର ବର୍ଣ୍ଣମାଳା ଜାଣି ଅଶୋକ ଓ ଖାରବେଳଙ୍କ ଲିପିର ପାଠୋଦ୍ଧାର ୧୮୭୮ରେ ଛପାଇଥିଲେ । ତଦବଧି ବ୍ରାହ୍ମୀଲିପି ଓ ପାଲିଭାଷା ଉପରେ ବହୁ ଗବେଷଣା ହୋଇ ମୌର୍ଯ୍ୟ ଓ ଶୁଙ୍ଗଯୁଗର ଇତିହାସ ଲିଖିତ ହୋଇଅଛି । ସେହିପରି ହିନେ ମହେଞ୍ଜୋଦାରୋର ଚିତ୍ରଲିପିର ପାଠୋଦ୍ଧାର ହେବାର ସମ୍ଭାବନା ଅଛି । ତାହା ହୋଇ ପାରିଲେ ତତ୍‌ପୂର୍ବବର୍ତ୍ତୀ, ତାମ୍ରଯୁଗ ଓ ପ୍ରସ୍ତରଯୁଗର ତମସାଚ୍ଛନ୍ନ ଯବନିକା ଅପସାରିତ ହେବ ।

# ଓଡ଼ିଆ ସାହିତ୍ୟ ସମାଲୋଚନା ସମ୍ବନ୍ଧରେ ପଦେ ଅଧେ

ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ

ସମାଲୋଚନା କଣ ? କୌଣସି ବିଷୟର ଭଲମନ୍ଦ ସମ୍ବନ୍ଧରେ ଆମେ ଯାହା ଭାବୁଁ, କଥାରେ ଅଥବା ଲେଖାରେ ପ୍ରକାଶ କରୁଁ ତାହାର ନାମ ସମାଲୋଚନା । ସୁତରାଂ ସଂସାର ଏବଂ ମାନବ ଜୀବନର ବିଷୟ ଯେପରି ଅସୀମ, ସମାଲୋଚନାର କ୍ଷେତ୍ର ସେହିପରି ଅସୀମ ।

ଓଡ଼ିଆ ଭାଷାରେ ସମାଲୋଚନାର ଅଭାବ ନାହିଁ । କଥାରେ ହେଉ କିମ୍ବା ଲେଖାରେ ହେଉ, ରାଜନୀତି, ଧର୍ମ, ସମାଜ, ଲୋକାଚାର ଇତ୍ୟାଦି ବିଷୟରେ ସମାଲୋଚନା ଢେର ରହିଛି । ମାତ୍ର ସାହିତ୍ୟରେ ପ୍ରକୃତ ସମାଲୋଚନା ବଡ଼ କମ୍ । ଏକାଦଶ * ଶତାବ୍ଦୀର କବି ବଳଭଦ୍ର ଭଞ୍ଜଙ୍କ (ତାରିଣୀ ବାବୁଙ୍କ ଲେଖା) ଠାରୁ ଆରମ୍ଭ କରି ଅନେକ ସାହିତ୍ୟସେବୀ ଓଡ଼ିଆ ଭାଷାକୁ କ୍ରମଶଃ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର କରି ଆସୁଅଛନ୍ତି । ମାତ୍ର ସେମାନଙ୍କ ବିଷୟରେ ପ୍ରକୃତ ସମାଲୋଚନା ଏ ପର୍ଯ୍ୟନ୍ତ ଲେଖା ହୋଇଥିଲା ପରି ଜଣା ଯାଏନାହିଁ । ସାହିତ୍ୟର ଉନ୍ନତି ସବୁ ଦେଶରେ, ସବୁକାଳରେ ତିନି ଶ୍ରେଣୀର ଲୋକଙ୍କ ଉପରେ ନିର୍ଭର କରେ, ପ୍ରଥମେ ରଚୟିତା, ଦ୍ୱିତୀୟତଃ ପାଠକ; ତୃତୀୟତଃ ସମାଲୋଚକ । ଏ ତିନିଙ୍କର ସହଯୋଗ ବିନା ସାହିତ୍ୟର ଉନ୍ନତି ଅସମ୍ଭବ । ଓଡ଼ିଆ ଭାଷାରେ କବି ଅନେକ, ପ୍ରାଚୀନ ଓଡ଼ିଆ ଭାଷାରେ ଯେତେ କବି ଦେଖାଯାନ୍ତି ଭାରତର ଅନ୍ୟ କୌଣସି ପ୍ରାଦେଶିକ ଭାଷାରେ ସେତେ ଦେଖାଯାନ୍ତି କି ନାହିଁ ସନ୍ଦେହ । ସେମାନଙ୍କ ମଧ୍ୟରେ ଅନେକେ ସୁବିଖ୍ୟାତ । ଶାରଳା, ବଳରାମ, ଜଗନ୍ନାଥ, ଉପେନ୍ଦ୍ର, ଦୀନକୃଷ୍ଣ, ରାମଦାସ, ଅଭିମନ୍ୟୁ, ଭକ୍ତଚରଣ ଏବଂ ଆଧୁନିକ ଯୁଗର ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର । ମାତ୍ର ଏମାନଙ୍କ ଲେଖା ପଢ଼ିବା ଲୋକ ଯେପରି କମ୍, ସମାଲୋଚକ ମଧ୍ୟ ତା'ଠାରୁ କମ୍ । ତେଣୁ କୋଟିଏ ଓଡ଼ିଆଙ୍କ ମଧ୍ୟରେ ରହିଥିଲେ ମଧ୍ୟ ଏମାନେ ନିର୍ଜନରେ ବିଳାପ କଲା ପରି ମନେହୁଏ । ଏପରି କବିବରମାନଙ୍କର ଆଦର ଯେବେ ଆମ୍ଭମାନଙ୍କ ମଧ୍ୟରେ ନ ହେଲା ତେବେ ଆଉ କେହି କବିତା ଲେଖିବାକୁ କିମ୍ବା ଓଡ଼ିଆ ସାହିତ୍ୟ-ସେବା କରିବାକୁ ସାହସୀ ହେବେନାହିଁ । ତେଣୁ ବର୍ତ୍ତମାନ ଓଡ଼ିଆ ସାହିତ୍ୟର ଏ ଅଧୋଗତି ।

ଏ କବିମାନଙ୍କ ମଧ୍ୟରୁ କେତେକଙ୍କ କବିତା ବ୍ୟକ୍ତିଗତ ପରିଶ୍ରମ ଏବଂ ସାଧନାରେ ପ୍ରକାଶ ପାଇଛି । ବାକି ଅନେକ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ଲୋକଙ୍କର ପଢ଼ିବାର ଇଚ୍ଛା ନାହିଁ । ତେଣୁ ପ୍ରକାଶକଙ୍କର ସବୁ ସାହସ ଉଭାଇ ଯାଉଛି । ସୁତରାଂ ସମାଲୋଚନାର ଏଡ଼େ ଅଭାବ । ଆଜିକୁ ତିରିଶ ବର୍ଷ ପୂର୍ବେ ରାଧାନାଥ, ମଧୁସୂଦନ ପ୍ରଭୃତି କବିବରମାନେ ଏବଂ ତାରିଣୀ ଚରଣ, ଶ୍ୟାମସୁନ୍ଦର ରାଜଗୁରୁ, ରାୟ ସାହେବ ନନ୍ଦକିଶୋର ବଳ, ମୃତ୍ୟୁଞ୍ଜୟ ରଥ, ମଧୁସୂଦନ ଦାଶ ପ୍ରଭୃତି ସମାଲୋଚକମାନେ ଏ ଅଭାବ ଅନୁଭବ କରିଥିଲେ । କବିବର ରାଧାନାଥ ୧୯୦୪ ଖ୍ରୀଷ୍ଟାବ୍ଦରେ ଉତ୍କଳ-ସାହିତ୍ୟ ବାର୍ଷିକ ଅଧିବେଶନରେ କହିଥିଲେ "ପ୍ରାଚୀନ ଉତ୍କଳ-ସାହିତ୍ୟ ଯେଉଁ ପରିମାଣରେ ଆମ୍ଭମାନଙ୍କର ଆଲୋଚନା କରିବା ଉଚିତ, ଆମ୍ଭେମାନେ ତାହାର ଶତାଂଶ କରିନାହୁଁ ।" ଆଉ ଗଲା ମାର୍ଚ୍ଚ ମାସ ତା ୩୦ ରିଖ ଉତ୍କଳ ସାହିତ୍ୟ ବାର୍ଷିକ ଅଧିବେଶନରେ କଲିକତା ବିଶ୍ୱ-ବିଦ୍ୟାଳୟର ଅଧ୍ୟାପକ ପ୍ରିୟରଞ୍ଜନ ସେନ ପ୍ରାୟ ସେହି କଥା କହିଥିଲେ "ବର୍ତ୍ତମାନ ଆମ୍ଭମାନଙ୍କର କୌଣସି ସମାଲୋଚନାର ଗ୍ରନ୍ଥ ନାହିଁ—ସାହିତ୍ୟ ସମାଲୋଚନାର ଗ୍ରନ୍ଥ, ଯହିଁରେ ସାହିତ୍ୟ ବିଚାରର ମୂଳସୂତ୍ରମାନ ବ୍ୟାଖ୍ୟାତ ହୋଇପାରେ ।"

* ଅଷ୍ଟାଦଶ ଶତାବ୍ଦୀ ବୋଲି ଅଧୁନା ପ୍ରମାଣିତ ।

ତେବେ ଓଡ଼ିଆ ସାହିତ୍ୟରେ ସାଧାରଣ ସମାଲୋଚନା ଯାହା ହେଉଛି, ବିଶେଷ କବି ଏବଂ ଲେଖକମାନଙ୍କ ବିଷୟରେ ଯେ ଅନେକ ବର୍ଷ ହେଲେ କୌଣସି କାମ ନ ହୋଇଛି ତାହା ନୁହେଁ । ଭାରତର ଅନ୍ୟାନ୍ୟ ସାହିତ୍ୟ ପରି ଓଡ଼ିଆ ସାହିତ୍ୟରେ ମଧ୍ୟ ସମାଲୋଚନା ଆଧୁନିକ । ସ୍ଥୂଳତଃ କହିବାକୁ ଗଲେ ଏହା ଓଡ଼ିଶାର ପତ୍ର ପତ୍ରିକାମାନଙ୍କର ସମସାମୟିକ । ଏ ସମାଲୋଚନା ମାନଙ୍କ ମଧ୍ୟରୁ କେତେକ ଉନବିଂଶ ଶତାବ୍ଦୀର "ଉତ୍କଳ-ହିତୈଷିଣୀ" ଓ "ଉତ୍କଳଦର୍ପଣ"ରେ ପ୍ରକାଶିତ ହୋଇଥିଲା, ଆଉ କେତେକ "ଉତ୍କଳସାହିତ୍ୟ", "ଉତ୍କଳପ୍ରଭା" ପ୍ରଭୃତି ମାସିକ ପତ୍ରିକାମାନଙ୍କରେ ପ୍ରକାଶିତ ହୋଇଅଛି । ପ୍ରାଚୀ ସମିତି ପ୍ରକାଶିତ ଗ୍ରନ୍ଥମାନଙ୍କରେ ମଧ୍ୟ କେତେକ ସମାଲୋଚନା ବିଷୟ ଅଛି । ଗୋପୀନାଥ ନନ୍ଦଙ୍କର "ଶାରଳା ମହାଭାରତ ସମାଲୋଚନା"ରେ ଅନେକ ଜାଣିବାର ବିଷୟ ଥିଲେ ମଧ୍ୟ ତାଙ୍କର ଲେଖନ ରୀତି ଆଧୁନିକ ଓଡ଼ିଆର ରୁଚିବିରୁଦ୍ଧ । ସାହିତ୍ୟ ସମାଲୋଚନା ପାଇଁ ସରଳ, ସୁନ୍ଦର, ହୃଦୟସ୍ପର୍ଶୀ ଭାଷାର ଆବଶ୍ୟକ । ମାତ୍ର ନନ୍ଦ ଶର୍ମାଙ୍କର ଭାଷା ଆଉ ଯାହା ହେଉ ନା କାହିଁକି, ସରଳ ନୁହେଁ । ମୟୂରଭଞ୍ଜର "ଉତ୍କଳପ୍ରଭା"ରେ ପ୍ରକାଶିତ ଲାଲା ରାମନାରାୟଣ ରାୟଙ୍କ "କବି ଉପେନ୍ଦ୍ର ଭଞ୍ଜ" ସମାଲୋଚନାର ଭାଷା ସୁନ୍ଦର ଏବଂ ସରଳ, ମାତ୍ର ରାୟ ମହାଶୟ ଏଥିରେ ଉପ୍ୟାନଙ୍କ ପକ୍ଷପାତ ବିଚାର କରିଅଛନ୍ତି । ଭଞ୍ଜ କବିତାର ଚିରନ୍ତନ ସୌନ୍ଦର୍ଯ୍ୟ, ତାଙ୍କ ସମୟର କବି ଏବଂ ପାଠକଙ୍କର ରୁଚି ପ୍ରତି ସେ ଆଦୌ ଦୃଷ୍ଟି ଦେଇ ନାହାନ୍ତି । ଉପେନ୍ଦ୍ର ଭଞ୍ଜ କଥା ଛାଡ଼ନ୍ତୁ, କୌଣସି ମହାକବି ଅର୍ଥହୀନ, ନୀତ-ରୁଚିଶୀର୍ଣ୍ଣ କବିତା ସାଧାରଣତଃ ଲେଖନ୍ତି ନାହିଁ । ତେଣୁ ସମାଲୋଚକଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି କବିତାଟିକୁ ସ୍ନେହ ଓ ସହାନୁଭୂତି ସହିତ ପାଠ କରିବା । ତା'ପରେ ଯଦି କୌଣସି ସ୍ଥଳରେ ତାଙ୍କର ନିଜର ମତ ଭିନ୍ନ ହୁଏ ତେବେ କାରଣ ସହିତ ତାହା ଦେଖାଇବା । ମାତ୍ର ଯେଉଁ ସମାଲୋଚକ ଲେଖକଙ୍କୁ କେବଳ ନିନ୍ଦା କରିବା ପାଇଁ ବଦ୍ଧପରିକର ସେ ପ୍ରକୃତ ସମାଲୋଚକ ନୁହନ୍ତି ।

" Author's are partial to their wit, 'tis true
But are not critics to their Judgment too ? "

୧୯୦୩ ଖ୍ରୀ: ଅ: ଉତ୍କଳ-ସାହିତ୍ୟରେ ପ୍ରକାଶିତ ନନ୍ଦକିଶୋର ବଳଙ୍କ "ରାଧାନାଥ ଓ ତାହାଙ୍କ କବିତା" ସମ୍ବନ୍ଧରେ ଯେ ସମାଲୋଚନା କରିଥିଲେ ସେଥିରେ ସେ କବିବରଙ୍କୁ ଇଂରେଜ ସାହିତ୍ୟ ସମାଲୋଚନା ନିୟମରେ ବିଚାର କରିବାକୁ ଯାଇଥିଲେ ଏବଂ ସେକ୍ସପିଅର, ମିଲଟନ୍ ପ୍ରଭୃତି କବିମାନେ ଯେଉଁ ଗୁଣ ଯୋଗୁଁ ଜଗତ୍ ବିଖ୍ୟାତ, ରାଧାନାଥ ସେହି ଗୁଣ ଯୋଗୁଁ ପ୍ରସିଦ୍ଧ ବୋଲି ତାଙ୍କ ଧାରଣା । ସାହିତ୍ୟ ସମାଲୋଚନାର କେତେକ ସାଧାରଣ ନିୟମ ଅଛି ଯାହା ଦେଶ, କାଳ, ପାତ୍ର ନିର୍ବିଶେଷରେ କବି ପ୍ରତି ପ୍ରୟୋଗ କରା ଯାଇପାରେ । ସେ ହେଉଛି ସୌନ୍ଦର୍ଯ୍ୟ ଏବଂ ନୈତିକ ବଳ । ତା ବୋଲି ଦେଶ, କାଳ, ପାତ୍ରକୁ ଏକାବେଳକେ କୌଣସି ଦୃଷ୍ଟି ନ ଦେଇ ପ୍ରତ୍ୟେକ କବିଙ୍କୁ ଏହି ଛାଞ୍ଚରେ ପକାଇବା ଅନୁଚିତ । କବିବରଙ୍କର ଦୋଷ ବିଚାର କରିବାକୁ ଯାଇ ସେ କହିଛନ୍ତି "ତାଙ୍କର ନାୟକ ନାୟିକାଙ୍କ ଚରିତ୍ର ଆଦର୍ଶୋଚିତ ହୋଇନାହିଁ । ଅପିଚ ସମାଜ ବିରୋଧୀ ହୋଇଅଛି" । ରାଧାନାଥଙ୍କ ପ୍ରତି ଏ କଥା କେତେଦୂର ପ୍ରଯୁଜ୍ୟ, ସେ ଏ ଆଦର୍ଶ ଲାଭ ପାଇଁ କେତେଦୂର ଯତ୍ନ କରିଥିଲେ ତାହା ସୁଧୀବର୍ଗ ବିଚାର କରିବେ । ପାଶ୍ଚାତ୍ୟ ସମାଲୋଚନାର ନିୟମ ଅଥବା ଭାବ ନ ନେଇ ଓଡ଼ିଆ କବିଙ୍କୁ କପରି ସୁଚାରୁରୂପେ ବିଚାର କରାଯାଇ ପାରେ ପଣ୍ଡିତ ନୀଳକଣ୍ଠ ଦାଶଙ୍କର "ଓଡ଼ିଆ ସାହିତ୍ୟରେ ମଧୁସୂଦନ" ନାମକ ସମାଲୋଚନା ସମସ୍ତଙ୍କର ପାଠ କରିବା ଉଚିତ । ଏହା ପ୍ରକୃତ ଓଡ଼ିଆ ସାହିତ୍ୟ ସମାଲୋଚନାର ଗୋଟିଏ ଜ୍ୱଳନ୍ତ ନିଦର୍ଶନ । ଏ ପ୍ରବନ୍ଧଟି ୧୯୧୭ ଖ୍ରୀ: ଅ:ର ଉତ୍କଳସାହିତ୍ୟ ସମାଜରେ ପଠିତ ହୋଇଥିଲା ଏବଂ ସେହି ବର୍ଷ "ଉତ୍କଳସାହିତ୍ୟ"ରେ ପ୍ରକାଶିତ ହୋଇଥିଲା ।

୧୯୧୯ ଖ୍ରୀ: ଅ: ପର୍ଯ୍ୟନ୍ତ ଓଡ଼ିଶାରେ ନାଟକର ଅଭାବ ଥିଲା । ତେଣୁ ଯୁବକବୃନ୍ଦ ଏକେ ବଙ୍ଗଳା ନାଟକର ଆଶ୍ରୟ ନେଉଥିଲେ କିମ୍ବା ତାହାକୁ ଓଡ଼ିଆରେ ଅନୁବାଦ କରି ରଙ୍ଗମଞ୍ଚରେ ଦେଖାଉଥିଲେ । ରାମଶଙ୍କର ରାୟ ତାଙ୍କର 'କାଞ୍ଚିକାବେରୀ' ସମ୍ବନ୍ଧରେ ଉତ୍କଳ ସାହିତ୍ୟରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ । ଏହା ସମସ୍ତଙ୍କର ପାଠ କରିବା ଉଚିତ । ବର୍ତ୍ତମାନ ଭଲ ହେଉ, ମନ୍ଦ ହେଉ କେତେ ଗୁଡ଼ିଏ ନାଟକ ଓଡ଼ିଆରେ ଲେଖା ଗଲାଣି । ମାତ୍ର ଏଗୁଡ଼ିକ ସମ୍ବନ୍ଧରେ ସମାଲୋଚନା ରଙ୍ଗମଞ୍ଚ ଛଡ଼ା ଆଉ କାହିଁରେ ସାଧାରଣତଃ ଶୁଣାଯାଏ ନାହିଁ, ଲେଖା ହେବା ତ ଦୂରର କଥା । ୧୯୨୫ ଖ୍ରୀ: ଅ:ରେ କୁଳମଣି ଦାଶ 'ଗଙ୍ଗାଧର' ନାମକ ପ୍ରବନ୍ଧ ଲେଖିଥିଲେ । ତାହା ସେହି ବର୍ଷର ଉତ୍କଳ ସାହିତ୍ୟରେ ପ୍ରକାଶ ପାଇଥିଲା । ମାତ୍ର ଏହା ମେହେର କବିତାର ସମାଲୋଚନା ନୁହେଁ, କବିଙ୍କର ସଂକ୍ଷିପ୍ତ ଜୀବନୀ । ବ୍ୟାସକବି ଫକୀର ମୋହନଙ୍କ ସମ୍ବନ୍ଧରେ ଓଡ଼ିଆରେ ଓ ଇଂରେଜୀରେ ଅନେକ ସମାଲୋଚନା ଲେଖା ହୋଇଛି । ସେ ଗୁଡ଼ିକ ସଂଗ୍ରହ କରି ଗୋଟିଏ ଗ୍ରନ୍ଥ ଆକାରରେ ପ୍ରକାଶ କଲେ ଆହୁରି ଅଧିକ ସମାଲୋଚନା ହୁଅନ୍ତା । ମାତ୍ର ତାହା ଏ ପର୍ଯ୍ୟନ୍ତ ହୋଇନାହିଁ ।

ଏ କେବଳ ଆଧୁନିକ ଓଡ଼ିଆ କବିମାନଙ୍କ ବିଷୟରେ । ପ୍ରାଚୀନ କବିମାନଙ୍କ ବିଷୟରେ ସ୍ୱର୍ଗୀୟ ତାରିଣୀ ଚରଣ ରଥ ଓ ଶ୍ୟାମସୁନ୍ଦର ରାଜଗୁରୁ କେତେକ ସମାଲୋଚନା ଲେଖିଥିଲେ । ମାତ୍ର ସେ ଗୁଡ଼ିକ ପୂର୍ଣ୍ଣାଙ୍ଗ ନୁହେଁ । ଆଜିକାଲି ଓଡ଼ିଶାରେ ପତ୍ରପତ୍ରିକାର ଅଭାବ ନାହିଁ । ବିଶେଷତଃ 'ନବଭାରତ' ପରି ମାସିକ ପତ୍ରିକା ଏବଂ ଏହାର ସୁଯୋଗ୍ୟ ସମ୍ପାଦକ ଥାଉଁ ଥାଉଁ ଓଡ଼ିଆ କବି, ନାଟ୍ୟକାର, ଗଦ୍ୟ ଲେଖକ, ଉପନ୍ୟାସ ଲେଖକ-ମାନଙ୍କ ବିଷୟରେ ଯେ ଯଥେଷ୍ଟ ସମାଲୋଚନା କାହିଁକି ନ ହେବ



Digitized by srujanika@gmail.com

ତାର କାରଣ ନାହିଁ । ତେବେ ସେଥିପାଇଁ ପାଠକ ଦରକାର, ଉତ୍ସାହ, ସହାନୁଭୂତି ଦରକାର ।

ଉପସଂହାରରେ କେବଳ ଏତିକି ବକ୍ତବ୍ୟ ଯେ ଏ କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ କେବଳ ଓଡ଼ିଆ ସାହିତ୍ୟ ସମାଲୋଚନାର ଅଭାବ ଦର୍ଶାଇବା । ସାଧାରଣ ସମାଲୋଚନାର ନିୟମ, ଓଡ଼ିଆ ସାହିତ୍ୟ ସମାଲୋଚନାର ଇତିହାସ, ଅଥବା ଓଡ଼ିଆ କବି, ନାଟ୍ୟକାର, ଗଦ୍ୟ ଲେଖକଙ୍କୁ ବିଚାର କରିବା ଏହାର ଉଦ୍ଦେଶ୍ୟ ନୁହେଁ ।

# ତାରା-ପ୍ରିୟା

**ଶ୍ରୀ ରାମକୃଷ୍ଣ ନନ୍ଦ**

ଏଇ ପୁରାତନ ପାଟେଶ୍ୱର-ମଥାନ ପରେ
ତୁମର ଉଜଳ ଚର ଚଳ ଚଳ ଆଖି,
କି ଆଶେ ନିରେଖି ରହିଥାଅ ମୋର ପୁରେ ?
ଦୂର-ଦିଗ-ସୀମା-ବିହାରିଣୀ ଅଗୋ ସଖି !

ଦିନ ଯାଏ ମୋର ଜୀବନ-ମରଣ-ରଣେ,
ଫେରି ଚାହିଁବାକୁ ନ ଥାଏ ତିଳେହେଁ ତର,
ତେତେବେଳେ ତୁମେ ଲୁଚିଥାଅ କେଉଁ କଣେ,
କେଉଁ ଦେଶେ ସହି ସଜାଡୁଥାଅ ଗୋ ଘର ?

ରାତି ଆସେ ଦେଖି କୁଟୀରେ ଆସେ ମୁଁ ଫେରି
ଏଇଠାରେ ବସି ହେଜଇ ହଜାର କଥା,
ସେତିକିବେଳେ ଗୋ ନୀଳ-ଆଖି ଠାରି ଠାରି
ହରି ନିଅ ମୋର ଜୀବନ-ଯାକର ବ୍ୟଥା ।

ତୁମ ଚାହାଣିର ତରଳ ମଧୁର ଠାଣି,
ବ୍ୟର୍ଥ କେବେ ଗୋ ନୁହେଁ ସେ ଅମଳଜ୍ୟୋତି,
ମୂକ ବୋଲି ପରା ନୟନ ନଚାଇ, ରାଣି,
ମରମର କଥା ଠାରିଦିଅ ମୋର କତି ।

ଯୁଗ ପରେ ଯୁଗ କେତେ ଯେ ଗଲାଣି ଗଡ଼ି
ଏଇ ଧରଣୀର କୋଳାହଳ ଭରା ବୁକେ,
ତୁମେ କି ଗୋ ତାର ଇତିହାସ ପଢ଼ି ପଢ଼ି
ଶୁଣାଉ ଥାଅ ଏ ଭ୍ରାନ୍ତ ପତିତ ଲୋକେ ?

ଏଇ ଛବିହୀନ ପାଟେଶ୍ୱର-ମଥାନ ତଳେ
ଆଜି ଯହିଁ ମୋର ସୁଖେ ଦୁଃଖେ ଯାଏ ଦିନ,
ଦେଖିଥିବ ତୁମେ ମାତିଥିବେ ବାଲ୍ୟଖେଳେ
ମୋହର ଆର୍ଯ୍ୟ ପିତା-ପିତାମହଗଣ ।

ଅନ୍ଧାର ଅତୀତ ; ପାରିନାହିଁ ଯାକୁ ଛୁଇଁ
ଗୁଣୀ-ଗବେଷଣା, ଇତିହାସ ପର ପାରୁ ।
ସେ କାଳେ ଏଇଠି ଥିଲା ଘନ ବନ ଭୂଇଁ
କାନନ-କୁମାରୀ ଖେଳୁଥିଲେ ଲୁଚୁକାଳି ।

ଥିଲା ଯହିଁ ଭରା ସେନେହ, କରୁଣା-ସୁଧା,
ଝରୁଥିଲା ଯହିଁ କାନନ-କୁସୁମ-କଳ,
ସେଇ ଥାନେ ଆଜି କଳହ ଲାଗିଛି ସଦା,
ହିଂସା-ଅନଳେ ଜଗତ ଯାଉଛି ଜଳି !

ଯୁଗ ପରେ ଯୁଗ ବହିଯିବ ପୁଣି କେତେ,
ନ ଥିବ ପାଟେଶ୍ୱର, ନ ଥିବ ମୁହିଁ ଗୋ ସଖି,
କେ କହିବ କେଉଁ ତରୁଣ ତରୁଣୀ ସାଥେ
ଆଳାପିବ ଅଗୋ ଅସୀମ-ଗଗନ-ପକ୍ଷୀ ?

ତୁମ ଆଭାସେ ଝଲି ଉଠେ ମୋର ପୁରି,
ତୁମର ପରଶ-ଲୋଭେ ଏ ପରାଣ ଟାଣେ,
ଇଙ୍ଗିତ ତବ ବିଷାଦ କରଇ ଦୂରି,
ହତାଶ-ପରାଣେ ସରଳ ଶାନ୍ତି ଆଣେ ।

ମଣେ ମୁଁ ନିଶିର ପଲଙ୍କେ ଝଲକ-ରାଣୀ,
ତୁମର ସୁଷମା-ଶୋଭିତ ସରଗେ ଉଇଁ,
ବିଜ୍ଞାନ ଦିଏ ଦାରୁଣ ଚେତନା ଆଣି—
ତୁମେ ଯେ ବିରାଟ, ତୁଚ୍ଛ ମାନବ ମୁହିଁ ।



Digitized by srujanika@gmail.com

# ମାତୃପୂଜା

ଶ୍ରୀ ନବକିଶୋର ଦାସ

ପାଶ୍ଚାତ୍ୟ ପରିକଳ୍ପନାରେ ନାରୀ ସର୍ବସ୍ୱ ପ୍ରେୟସୀ—ନର ଓ ନାରୀର ସମ୍ପର୍କ ମଧୁର ପ୍ରୀତି-ସୂତ୍ରରେ ଗ୍ରଥିତ । ପ୍ରୀତିର ମଧୁରତା—ସ୍ୱପ୍ନରେ ପାଶ୍ଚାତ୍ୟର କବି, ଭାବୁକ ମଗ୍ନ । ତେଣୁ ପ୍ରେମ-ରଙ୍ଗରେ ପାଶ୍ଚାତ୍ୟ ନାଗରିକମାନଙ୍କର ଜୀବନ ପରିପ୍ଲୁତ । ନାରୀ କେବଳ ଶୁଦ୍ଧ ପ୍ରେମ ଲାଗି ନୁହେଁ—ଇନ୍ଦ୍ରିୟ-ଚରିତାର୍ଥ ପାଇଁ ଏକ ଅପରିହାର୍ଯ୍ୟ ବସ୍ତୁ ଯେପରି ! ଆଜି ନାରୀର ହସ, ଅଙ୍ଗ ପ୍ରତ୍ୟଙ୍ଗ—ଯେପରି ପୁରୁଷ-ପ୍ରାଣକୁ ବନ୍ଦୀ କରିବାକୁ ଏକ ବ୍ୟବସାୟମୂଳକ ବାଗୁରା ! ମୋର ଏହି କଥାଟି ସୁପ୍ରମାଣିତ ହେବ କେହି ପାଠକ-ପାଠିକା ଅନୁଗ୍ରହପୂର୍ବକ କୌଣସି ଇଂରେଜି ମାସିକ ବା ଦୈନିକ ପତ୍ରିକାର ପୃଷ୍ଠା ଓଲଟାଇଲେ; ବିଶେଷଭାବରେ ବିଜ୍ଞାପନ-ପୃଷ୍ଠା ଦେଖନ୍ତୁ । ପୁଣି, ନାରୀର ମୋହିନୀଶକ୍ତିରେ କବଚ କରି ଦୋକାନଦାରମାନେ ସେମାନଙ୍କ ବାଣିଜ୍ୟ ପ୍ରସାର କରିବାକୁ ମଧ୍ୟ ଉଦ୍ୟତ । ସେଥିପାଇଁ ଇଉରୋପରେ ଅଗଣିତ ହୋଟେଲ, ରେଷ୍ଟୋରାଁ, କେଫ୍‌ମାନଙ୍କରେ ନାରୀ ବିକ୍ରେତା । ବ୍ୟବସାୟୀର ଷ୍ଟେନୋ, ବୁକ୍‌କ୍ଲର୍କ ଠାରୁ ଆରମ୍ଭ କରି ନାରୀର ଏହି ବ୍ୟବସାୟାତ୍ମିକ ପ୍ରୟୋଗରେ ବେଶ୍ କାଟ୍‌ତି ହେଉଛି । ସେ ଆଦର୍ଶର ଛୋଇଁରୁ ଭାରତ ମଧ୍ୟ ଦୂରେ ରକ୍ଷା ପାଇନାହିଁ । ଆଜିକାଲି ଭାରତୀୟ ବିଜ୍ଞାପନ ଦେଖିଲେ ଜଣାଯିବ ଯେ 'ନାରୀ'ର ମୋହିନୀ ଶକ୍ତିର ବ୍ୟବସାୟ-ବଜାରରେ ଏକ ବେଶ୍ ଦାମ ଅଛି । ଏପରିକି 'ଗାନ୍ଧୀ ଜୟନ୍ତୀ'ରେ ସ୍ୱତନ୍ତ୍ର ନାରୀ-ବିକ୍ରେତା ଖଦି ଭଣ୍ଡାରକୁ ପ୍ରେରିତ ହେବାର ସମ୍ବାଦ ସମ୍ବାଦ-ପତ୍ରରେ ପ୍ରକାଶ ପାଉଛି । ବସ୍ତୁ-ତାନ୍ତ୍ରିକତାର ଏହି ପରିକଳ୍ପନା ସହିତ ଆମ ଦେଶର 'ପ୍ରଗତିବାଦୀ' ଏକମତ ହୋଇ ପାରନ୍ତି । କିନ୍ତୁ ମୋ ଭଳି ଆଦର୍ଶ-ବାଦୀଙ୍କ ପାଇଁ ଏହା କାହିଁକି ସେତେ ରୋମାଞ୍ଚକର ହୁଏ ନାହିଁ, ମୁଁ ଜାଣିପାରେ ନାହିଁ । ଅନେକ ସମୟରେ ପତ୍ରିକା-ମାନଙ୍କରେ ଓ ବକ୍ତୃତା ମଞ୍ଚରେ ଦେଖାଯାଏ ଯେ ଆଦର୍ଶବାଦୀମାନେ ରୋମାଞ୍ଚକର ଘଟଣା (Romances)ର ବେଶୀ ପ୍ରିୟ; ସେମାନେ ଜୀବନର ରୁକ୍ଷ ନଗ୍ନ ବାସ୍ତବତାକୁ ଭୁଲି ଏବଂ ଅନ୍ୟମାନଙ୍କୁ ସେମାନଙ୍କ ସାହିତ୍ୟ ରୂପକ ଅହିଫେନ ସେବନ କରାଇ ସମାଜକୁ ଏକ ଗ୍ଲାନି ମହାଦେଶ ପ୍ରକାରରେ ପରିଣତ କରନ୍ତି । ଯଦି କୌଣସି ଆଦର୍ଶବାଦୀ ଏହା କରୁଥାନ୍ତି ତେବେ ସେ ପ୍ରକୃତରେ ଦୋଷୀ; କିନ୍ତୁ ଯଦି କୌଣସି ଜଡ଼ବାଦୀ ନିର୍ଲଜ୍ଜ 'ବାସ୍ତବତା' ଧରି ଛଡ଼ି, ଜୀବନର ଆଉ କୌଣସି ପ୍ରଚୁର, ମଧୁର, ଉନ୍ନତ, ଉଦାର ଜୀବନ-ନନ୍ଦନର ସ୍ୱାଦ ବାଦ ଦେଉ ଥାଆନ୍ତି; ତେବେ ସେମାନେ ମଧ୍ୟ ଜୀବନର ଏକ ରସ-ସ୍ୱାଦରୁ ବଞ୍ଚିତ ହୁଅନ୍ତି ନାହିଁକି ? ଏବଂ ତାଙ୍କ ସାହିତ୍ୟ-ଗ୍ରାହକମାନଙ୍କୁ ବଞ୍ଚିତ କରନ୍ତି ନାହିଁକି ?

ଆଦର୍ଶ-ବାଦ ଓ ବାସ୍ତବ-ବାଦ ମଧ୍ୟରେ କଳହ ଲଗାଇବା ପାଇଁ ମୁଁ ଏହା ଲେଖୁନାହିଁ; ଆମ ସମାଜର ଚିନ୍ତାଧାରାରେ ସମ୍ୟକ-ଦୃଷ୍ଟି ପ୍ରୟୋଗ କରିବାକୁ ମୁଁ ଚାହୁଁଅଛି । ମୁଁ ଆଦର୍ଶବାଦୀ; ମାତ୍ର ମୁଁ ପ୍ରାୟ ସକଳ ନଗ୍ନ, ରୁକ୍ଷ ବାସ୍ତବତା ମଧ୍ୟଦେଇ ଆଦର୍ଶବାଦୀ । ବାସ୍ତବତା-ଶୂନ୍ୟ ଆଦର୍ଶବାଦ, ଶୂନ୍ୟ ଆଦର୍ଶବାଦ ହୋଇପାରେ; ମାତ୍ର ତହିଁରେ ସମାଜର, ଜାତିର, ଦେଶର ବିଶେଷ ଉପକାର ହୁଏ ନାହିଁ । ଓ୍ୱାର୍ଡସ୍‌ଓ୍ୱାର୍ଥଙ୍କ ସ୍କାଇ-ଲାର୍କ ମୋର ଆଦର୍ଶ । କିନ୍ତୁ କଳ୍ପନା, ଆଦର୍ଶ, ବାସ୍ତବତା ମଧ୍ୟରେ ନାରୀର ସ୍ଥାନ ପାଶ୍ଚାତ୍ୟ ଦେଶରେ ଯେପରି ଏକ କ୍ରୀଡ଼ନକରେ ପରିଣତ ସେହିପରି ଭାରତରେ ନୁହେଁ । ପୁଣି ଭାରତରେ ଅବସ୍ଥା କଅଣ ? ସକଳ ଆଦର୍ଶବାଦର ଉଚ୍ଚ ସ୍ୱପ୍ନ, ଉଚ୍ଚ ଦୃଷ୍ଟାନ୍ତ ସତ୍ତ୍ୱେ ନାରୀ ଏ ଦେଶରେ ଅଶିକ୍ଷିତା, ଅବଗୁଣ୍ଠିତା, ନିର୍ଯ୍ୟାତିତା, ଇତ୍ୟାଦି । ହୁଏତ ମିସ୍ ମେଓ ମୋ ଅପେକ୍ଷା ଭାରତୀୟ ନାରୀଙ୍କ ଦୁର୍ଦ୍ଦଶା ବିଷୟରେ ବେଶୀ ଲେଖି ପାରିବେ, ତାହାଙ୍କ ନାରୀତ୍ୱର ଅଧିକାର ଯୋଗୁଁ ।

ମୁଁ ବି ଉତ୍କଳର ଏ ପାଖ, ସେ ପାଖ ବୁଲି ନାରୀ ଜୀବନର ପତନ ଲକ୍ଷ୍ୟ କରିଅଛି ଏବଂ ମୋତେ ଏହି ସମସ୍ୟା ଚିନ୍ତାମଗ୍ନ କରିଅଛି । ଭାରତୀୟ ଜୀବନରେ ନାରୀତ୍ୱ ମଧ୍ୟରେ 'ମାତୃତ୍ୱ' ଅପେକ୍ଷା ଏକ ବଡ଼ ପରିକଳ୍ପନା । ଯେ କୌଣସି ବାସ୍ତବବାଦୀ, ହେତୁବାଦୀ ବା ଜଡ଼ବାଦୀ ହୁଅନ୍ତୁ ନା କାହିଁକି; ମାତୃତ୍ୱ ବ୍ୟତୀତ ସୃଷ୍ଟିର କଳ୍ପନା କରିବେ କିପରି ? ଟେଷ୍ଟ୍‌ଟ୍ୟୁବ୍ କିମ୍ବା ରାସାୟନିକ ପ୍ରକ୍ରିୟାରେ ଶିଶୁ ଜନ୍ମ ଆଜିଯାଏ ସମ୍ଭବ ହୋଇନାହିଁ । ତେଣୁ ଯେତେବେଳେ ଋଷି ଗାଇଛନ୍ତି,

"ଯା ଦେବୀ ସର୍ବ ଭୂତେଷୁ
ମାତୃ ରୂପେଣ ସଂସ୍ଥିତା ।"

ସେତେବେଳେ ମନୁଷ୍ୟ ଅନୁଭବ କରେ ଅନ୍ତରରେ ମାତାଙ୍କୁ—ସଖୀ ବା ପ୍ରେୟସୀଙ୍କୁ ନୁହେଁ । ଇଉରୋପୀୟ ପରିକଳ୍ପନାରେ ଖ୍ରୀଷ୍ଟ ଧର୍ମରେ 'ଭରଜିନ ମେରୀଙ୍କ'ର କଳ୍ପନା ଅଛି; ମାତ୍ର ତାହା 'ମାତୃତ୍ୱ' ବିଭବର ସେତେ ପରିସ୍ଫୁଟ ଚିତ୍ର ନୁହେଁ । ଭାରତୀୟ ଚିନ୍ତାଧାରାରେ ଜୀବନର ବ୍ୟାପକତା, ଜଟିଳତା ଓ ବୈଚିତ୍ର୍ୟବୋଧ ଯେପରି ଗମ୍ଭୀର, ପ୍ରଚୁର ଓ ପ୍ରସାରିତ; ତାହା ଅନ୍ୟତ୍ର ସେପରି ହୋଇନାହିଁ । ହଁ; ଏହି ମାତୃତ୍ୱ-ବିଭବର ପୂଜା ଆଜି ମୁଁ ଗଭୀର ଭାବରେ ପ୍ରାଣରେ ଅନୁଭବ କରୁଛି ଏହି ଦୁର୍ଗା-ଉତ୍ସବରେ । ପୁରାଣ ପୃଷ୍ଠା ଲେଉଟାଇଲାବେଳେ 'ହର-ପାର୍ବତୀ'ଙ୍କ ସରଳ, ସୁଖମୟ ଦାମ୍ପତ୍ୟ ଜୀବନର ଚିତ୍ର ମୋ ପ୍ରାଣକୁ ସର୍ବଦା ସ୍ପର୍ଶ କରେ । ସତୀ ପାର୍ବତୀ ପ୍ରଶ୍ନ ପଚାରନ୍ତି, ବୁଝିବାକୁ ଚାହିଁଛନ୍ତି; ଆଉ 'ହର' ଉତ୍ତର



Digitized by srujanika@gmail.com

ହେଉଛନ୍ତି । ପାର୍ବତୀଙ୍କର 'ମାତୃତ୍ୱ' ମୂର୍ତ୍ତି ମୋତେ ମୁଗ୍ଧ କରୁଛି; ମୋ ପ୍ରାଣରେ ବାତ୍ସଲ୍ୟର ବିପୁଳ-ଧାର ବୁହାଉଛି । ପୁଣି ସେହି 'ପାର୍ବତୀ'ଙ୍କର ଅନ୍ୟ ଏକ ପରିକଳ୍ପନା ଆମ୍ଭେମାନେ ଦେଖୁଁ, ଏହି ଦୁର୍ଗାମୂର୍ତ୍ତିରେ । ଦୁର୍ଗାମୂର୍ତ୍ତି ଦୁଇଟି ବିଶିଷ୍ଟ ଭାବର ଏକ ସମ୍ମିଳିତ ମୂର୍ତ୍ତି । ମହିଷାସୁର ଆସୁରିକ ଚିନ୍ତାର ପ୍ରତୀକ । ଅସୁରର ମୃତ୍ୟୁ ହୁଏ 'କାମନା'ରେ; ଅଡ଼ି ଏହି 'କାମନା'କୁ ଯେଉଁ ନାରୀ ଜାଗ୍ରତ କରେ ସେହି ନାରୀ ପୁଣି ମାତା ରୂପେ ଅସୁରକୁ ମୃତ୍ୟୁ-ଦାନ ଦିଏ; ଏବଂ ମାନବ-ଜୀବନର ଗଭୀର ଅନୁଭୂତିରେ ଦେବତ୍ୱର ପବିତ୍ର ପ୍ରସାଦ ଅମୃତ ଅର୍ପଣ କରେ । ନାରୀ କେବଳ ସଖୀ, ପ୍ରେୟସୀ ନୁହେଁ; ସେ ମାତା, ପାଳନକାରିଣୀ, ପୁଣି ସଂହାରକାରିଣୀ; ତେଣୁ ଦୁର୍ଗାମୂର୍ତ୍ତି ଦେଖିଲାବେଳେ ମୋ ଚିତ୍ତରେ 'ମା'ର ସେହି ସ୍ନେହଭରା ପ୍ରଚଣ୍ଡ କରାଳମୂର୍ତ୍ତି ଆଖି ଆଗରେ ଭାସିଯାଏ, ନାରୀର ମୋହିନୀ ଶକ୍ତିରେ ନର ମୋହିତ ହୁଏ; କିନ୍ତୁ ନାରୀ କେବଳ ମୋହ-ଦାତ୍ରୀ ମାୟାବିନୀ ପ୍ରେମିକା ନୁହେଁ; ସେ ଆହୁରି କିଛି ଉନ୍ନତ, ବୃହତ୍—ତାହାହିଁ ମାତୃତ୍ୱରେ ପ୍ରତିଭାତ । ମାତୃତ୍ୱ ବଡ଼ ଜଟିଳ, ବଡ଼ ଗୁରୁତ୍ୱପୂର୍ଣ୍ଣ । ସ୍ନେହ, ଶ୍ରଦ୍ଧା, ପ୍ରୀତି, ବାତ୍ସଲ୍ୟ, ଭକ୍ତି, ଶାସନ, ପରିଚାଳନା, ପ୍ରଭୃତି ନାନା ଗୁଣର ସମଷ୍ଟିରେ 'ମାତୃତ୍ୱ' ଗଢ଼ା । ମନୁଷ୍ୟ ଜୀବନର ଜଟିଳତା ଭଳି ମାତୃତ୍ୱ ମଧ୍ୟ ଜଟିଳ । ମା କେବଳ ବିପୁଳ-ବାତ୍ସଲ୍ୟର ଉତ୍ସ ନୁହେଁ; ସେ ଶକ୍ତି, ସାନ୍ତ୍ୱନାର ଚିର ନିର୍ଝରିଣୀ ।

ହିନ୍ଦୁର ଏହି ମାତୃ-ମୂର୍ତ୍ତି ଦେଖି ମୁଁ ଚିନ୍ତା କରୁଛି; ମୋର ପ୍ରାଣ କେବଳ ଏହି ମୃଣ୍ମୟ ପ୍ରତିମାରେ ନାହିଁ । ପ୍ରତିମା ଏକ ପ୍ରତୀକ । ପ୍ରତିମା ଓ ପରମାତ୍ମାର ସମ୍ପର୍କ ଅନିବାର୍ଯ୍ୟ । ପ୍ରତିମା ପ୍ରାଣରେ ଯେଉଁ ପ୍ରତୀକ ପରିସ୍ଫୁଟେ, ସେତିକ ଧରି ନ ପାରିଲେ ପ୍ରତିମା-ପୂଜା ଏକ ପ୍ରତାରଣା । ଦୁର୍ଗା-ଉତ୍ସବର ବିପୁଳ ଜନତା, ବାଦ୍ୟରୋଳ, ଶିଶୁକୋଳାହଳ, ନାରୀମାନଙ୍କ ସୁନ୍ଦର କେଶ-ବିନ୍ୟାସ; ପୁରୁଷର ପୁଲକିତ ପ୍ରାଣ ଯେପରି ଅବଲୀଳାରତ ଦେଖି ମୁଁ ଚିନ୍ତା କରୁଛି; ମୁଁ ମାଟିର ମଧୁରତା ଭୁଲି ସ୍ୱର୍ଗର ସ୍ୱପ୍ନ ଦେଖୁଛି । ମୁଁ ଚିନ୍ତା କରୁଛି ଉତ୍କଳ ମାତାଙ୍କ ଶ୍ୟାମ ବନାନୀର ଆଭା, ଝରଣାର ଝର ଝର ନିନାଦ; ଗିରିଶିଖରର ନୀଳିମା, ପୁଣି ସର୍ବୋପରି ବିରାଟ ବ୍ୟୋମର ନକ୍ଷତ୍ର ବିମଣ୍ଡିତ ଶାରଦୀୟ ନୀଳ ନୈଶ ଶୋଭା—ପୁଣି ମନେ ପଡ଼ୁଛି, ଉତ୍କଳ ବେଳାଭୂମିର ଚିର ଗମ୍ଭୀର, ଗୁରୁ ଗର୍ଜନ ମୁଖରିତ ସିନ୍ଧୁର କଲ୍ଲୋଳ ନୃତ୍ୟ । ଆଜି ମୁଁ ମୂକ, ମୁଗ୍ଧହୋଇ ଭାବ-କାରାରୁଦ୍ଧ ବନ୍ଦୀ ଭଳି ଏହି ଜନତା ମଧ୍ୟରେ ଏଣେ ତେଣେ ବୁଲୁଛି । ଏକ ଆଡ଼େ ଆଜି ମାନବର ବିରାଟ ଇତିହାସର ପୃଷ୍ଠା ଓଲଟି ଯାଉଛି । ଇଉରୋପର ମାନଚିତ୍ର କ୍ଷଣକୁ କ୍ଷଣ ବଦଳି ଯାଉଛି । ଅନ୍ୟଆଡ଼େ ଦାସତ୍ୱ-ଲୌହ-ଶୃଙ୍ଖଳ କ୍ରମେ ଭଗ୍ନ ହୋଇ ଉଠୁଛି; ଆଉ ମୁଁ ମୋର ନିର୍ଜନ କୋଠରୀରେ ଚିନ୍ତାମଗ୍ନ ରହିଛି ।

ଯେଉଁମାନେ ଦେଶକୁ 'ପିତା' ବୋଲି କଳ୍ପନା କରି ନିଜର ପୁରୁଷତା ଜାହିର କରିବାକୁ ତତ୍ପର; ସେମାନେ ଏକଦେଶ-ଦର୍ଶୀ । ଯେଉଁମାନେ ମାତୃତ୍ୱ ମଧ୍ୟରେ ପିତୃତ୍ୱ ଏବଂ ପିତୃତ୍ୱ ମଧ୍ୟରେ ମାତୃତ୍ୱର ସନ୍ଧାନ ପାଇ ନାହାନ୍ତି; ସେମାନେ 'ସନ୍ତାନ' ପଦବାଚ୍ୟ ନୁହନ୍ତି । ଦେଶ ମାତା । ଏହା ମୋର ପ୍ରାଣକୁ ଉଦ୍‌ବୁଦ୍ଧ କରେ, ଉନ୍ନତ କରେ, ମୋର ପ୍ରାଣକୁ ପ୍ରସାରିତ କରେ, ମୋତେ ସ୍ନେହ, ଶ୍ରଦ୍ଧା, ଗଭୀର ଅନୁରାଗରେ ବନ୍ଧନ କରେ । ଆଜି ଏହି ଦୁର୍ଗା ଉତ୍ସବରେ ବିଶ୍ୱ-ମାତାର ବୃହତ୍ ସ୍ୱପ୍ନ ମୁଁ ଭୁଲି ଯାଉଛି, ମୋ ପ୍ରାଣରେ ଗମ୍ଭୀର ହୋଇ ବାଜି ଉଠିଛି—ଉତ୍କଳର ଛିନ୍ନ ଭିନ୍ନ ମାତୃ ଅଙ୍ଗର ବେଦନାଭରା କ୍ରନ୍ଦନ ରୋଳ; ଆଜି ମୋ ସମ୍ମୁଖରେ ଖର ଦର୍ପିଣୀ ଦୁର୍ଗା ନାହାନ୍ତି, ଆଜି ମୋର ଚିତ୍ତ ସମ୍ମୁଖରେ ଏକ ଚିତ୍ର ପରିସ୍ଫୁଟ ହୋଇଉଠିଛି, ତାହା ଛିନ୍ନମସ୍ତା ଉତ୍କଳ ଜନନୀର ମୂର୍ତ୍ତି ।

ଆଲୋକ ଅପସାରିତ ହୋଇ ଯାଇଛି । ଘନ ଅମାରାତ୍ରି ଘୋଟି ଆସିଛି । ଏହି ସନ୍ଧିଭୂମିରେ ବସି ବସି ମୁଁ ଧ୍ୟାନ ମଗ୍ନ ହୋଇଛି, ଏବଂ ଚିନ୍ତା କରୁଛି ମୋ ଦେଶ-ମାତାର ଛିନ୍ନ-ଭିନ୍ନ ଅଙ୍ଗକୁ, ତାହାର ଦୁଃଖ ଦୁର୍ଦ୍ଦଶାକୁ । ଆମ ଇତିହାସର ଜ୍ୱଳନ୍ତ, ଜୀବନ୍ତ ପୃଷ୍ଠା କେଉଁଦିନ ଏହି ଦେଶ-ବାସୀ ପ୍ରତି ଉଦ୍‌ବୁଦ୍ଧ ହେବେ, କେଉଁଦିନ ଯୁବ-ଶକ୍ତି ଜାଗ୍ରତ ହେବ? ବୃହତ୍-ଚିନ୍ତାରେ କ୍ଷୁଦ୍ରର ସ୍ଥାନ ଅଛି । କ୍ଷୁଦ୍ରକୁ ଯେନ ବୃହତ୍, ମୋ ଦେଶକୁ ଯେନ ବିଶ୍ୱ । ସ୍ୱଦେଶ-ଶୂନ୍ୟ ବିଶ୍ୱ-ଚିନ୍ତା ହବା-ସ୍ୱପ୍ନ, ଠକାମି ।

ପୁଣି ପୂଜା ସହିତ ପ୍ରାଣର ଏକ ଯୋଗସୂତ୍ର ସୃଷ୍ଟି ହୋଇଛି 'ବଳି' ପ୍ରକ୍ରିୟାରେ । ନିରୀହ ଛାଗ, କୁକ୍କୁଟର ବଳିକୁ ମୁଁ ଆଜି ଭୁଲି ଯାଇଛି । 'ବଳି' ପ୍ରଥାର ମୂଳରେ ପ୍ରାଣର 'ପାଶବିକ ଭାବ'ର ବଳିଭାବ ନିହିତ । ଆମଦେଶରେ ସେ 'ବଳି' କଥା ଅନେକେ ଭୁଲି ଯାଇଛନ୍ତି । ମାତ୍ର ଆଜି ବୃହତ୍ ଜାତୀୟତା, ଭାରତ-ପ୍ରୀତିରେ ମଧ୍ୟ ଉତ୍କଳ ପ୍ରାଦେଶିକତାର ବଳି ପଡ଼ିଅଛି । ପ୍ରାଦେଶିକତା ମନ୍ଦ ନୁହେ । ମାତ୍ର ଦେଶ-ଛିନ୍ନ-ପ୍ରାଦେଶିକତା ସ୍ପୃହଣୀୟ ନୁହେଁ । ଆଜି ଯେଉଁ ପଚିଶ ଲକ୍ଷ ଖାଣ୍ଟି ଓଡ଼ିଆ ଓଡ଼ିଶା ପ୍ରଦେଶ ବାହାରେ ଅଛନ୍ତି, ସେମାନଙ୍କ କଥା କିଏ ଭାବୁଛି ? ସେମାନେ ଆଜି ଯେ 'ଜାତୀୟ-ବେଦୀ'ରେ ବଳି ପାଇଛନ୍ତି, ତାହା କିଏ ଚିନ୍ତା କରୁଛି ? 'ମାତୃ-ପୂଜା' ଉତ୍ସବରେ ଆଜି ଏହି 'ଦେଶ-ମାତା'ର ପୂଜା ଓ ଏହି ମୋର 'ବିଚ୍ଛିନ୍ନ ଦେଶ-ବାସୀ'ଙ୍କ ବଳି ପ୍ରସଙ୍ଗ ମୋତେ ଚିନ୍ତାମଗ୍ନ କରିଅଛି ।

ସୁବର୍ଣ୍ଣରେଖା ନଦୀ ବହି ଯାଉଛି, ଦୂରରେ ଦକ୍ଷିଣ ରାଖା-ମାଇନସ କିମ୍ବା ମୟୂରଭଞ୍ଜ ଉତ୍ତର ସୀମାର ପାହାଡ଼ ଶ୍ରେଣୀ ଉଙ୍କି ମାରି ଯାଉଛନ୍ତି ମୋର ନୟନ କୋଣରେ; ମୋର 'ମାତୃ-ମନ୍ଦିର' କୁଡ଼ିଆ ମଧ୍ୟରେ ମୁଁ ବସି ଆଜି ଚିନ୍ତା କରୁଛି, ସ୍ୱପ୍ନ ଦେଖୁଛି । ଆଜି ଯେତେବେଳେ ଗ୍ରାମେ ଗ୍ରାମେ 'ଦେବୀ-ମାତା'ଙ୍କ ପୂଜା ହେଉଛି, ଯେତେବେଳେ ଗ୍ରାମ, ସହରରେ ଦୁର୍ଗାପୂଜା ଲାଗି ଜନତାର ଆନନ୍ଦ, ହାସ୍ୟ କୋଳାହଳ ଶୁଭୁଛି; ଆଜି ଯେତେବେଳେ



Digitized by srujanika@gmail.com

ଜୀବନପର୍ବର ମଧୁର ଉଚ୍ଛ୍ୱାସରେ ବ୍ୟକ୍ତ ମଗ୍ନ; ସେତେବେଳେ ମୁଁ ବ୍ୟଷ୍ଟି ଭୁଲି ସମଷ୍ଟି ଚିନ୍ତା କରୁଛି; ମୁଁ 'ବ୍ୟକ୍ତି' ଭୁଲି ମୋର ଜାତିକୁ ଚିନ୍ତା କରୁଛି । ଏକଆଡ଼େ ଇଉରୋପୀୟ ସମର ସମ୍ବାଦ, ପୋଲାଣ୍ଡର ସ୍ୱାଧୀନତା ନଷ୍ଟ, ପୁଣି ପଶ୍ଚିମ ସୀମାନ୍ତରେ ଇଂରେଜ, ଫରାସୀ ଓ ଜର୍ମାନୀ ମାନଙ୍କର କମାଣ, ଗୁଳି, ଏରୋପ୍ଲେନର ସମର-ସମ୍ଭାର । ଆଉ ଅନ୍ୟଆଡ଼େ ଭାରତୀୟ ଜାତୀୟ ଜୀବନର ମହା ସଙ୍କଟ ଅବସ୍ଥା ।

ମୁଁ ଚିନ୍ତା କରୁଛି, ସମସ୍ତ ସମସ୍ୟା-ଜଳଦ ମଧ୍ୟରେ ବିଜୁଳି ଭଳି ନାଚି ଯାଉଛି ମୋ ନିଜର ଦେଶ-ମାତା ଉତ୍କଳର ସମସ୍ୟା-ଚିନ୍ତା; ମୋ ଓଡ଼ିଆ ଭାଇମାନଙ୍କ ମଙ୍ଗଳ ଚିନ୍ତା । ମୁଁ ବିଶ୍ୱକୁ ଭୁଲିନାହିଁ, ମୁଁ ଭାରତକୁ ଭୁଲିନାହିଁ, ମାତ୍ର ମୁଁ ଭାରତ-ବିଶ୍ୱ-ଚିନ୍ତା ଭୋଳରେ ଉତ୍କଳ ଏବଂ ଓଡ଼ିଆମାନଙ୍କୁ ଭୁଲିନାହିଁ ।

ଅନ୍ଧାର ପରେ ଆଲୁଅ ଆସେ, ଘନ ବର୍ଷା ପରେ ଆକାଶ ନିର୍ମଳ ଓ ମୁକ୍ତ ହୁଏ, ଶୀତ ପରେ ବସନ୍ତର ମଧୁ ମଳୟ ବହେ, ରୁକ୍ଷ ବୈଶାଖ ପରେ ଧରଣୀ ଶସ୍ୟଶ୍ୟାମଳ ହୁଏ, ମହାଯୁଦ୍ଧ ପରେ ମହାଶାନ୍ତି ଆସେ, ଭଗ୍ନ ମନୋରଥ ପୂର୍ଣ୍ଣ ହୁଏ, ବିରହ-ବେଦନା ମିଳନ-ମାଧୁରୀ ଢାଳେ—ଏହି ଆଶା, ଏହି ବିଶ୍ୱାସ ମୋତେ ଦୃଢ଼ତା ଦେଉଛି, ମୁଁ ଆଶା ଘେନି ଏହି କ୍ଷୁଦ୍ର 'ମାତୃ-ମନ୍ଦିର' ପ୍ରକୋଷ୍ଠରେ ଧ୍ୟାନ ମଗ୍ନ ହୋଇଛି ।

# ଗୌରବର ଉଚ୍ଚତମ ଶିଖର*

## ଶ୍ରୀ ଚନ୍ଦ୍ରଚରଣ ପଟ୍ଟନାୟକ

ମା ଜନନୀ ଜନ୍ମଭୂମି ! ତୁମ୍ଭର କି ଶୁଭାଦୃଷ୍ଟ ! ପୃଥିବୀ ମହତ୍ତ୍ୱର ପରାକାଷ୍ଠାରେ ପହଞ୍ଚିବାର ଦୃଶ୍ୟ ତୁମ୍ଭେ ଦେଖିଲ । ସବୁ ସୁଖ-ସ୍ୱପ୍ନର ଅତୀତ ମଧୁମୟ ଭବିଷ୍ୟତ ରାଜ୍ୟକୁ ତୁମ୍ଭର ଗତି ହେଉଅଛି ।

କେତେଗୁଡ଼ିଏ ନବୀନତା ଏ ଯୁଗକୁ ଅମର କରି ରଖିବ । ପ୍ରଥମେ ମନୁଷ୍ୟ ଉପରି ଶୂନ୍ୟ ମାର୍ଗରେ ଆକାଶରେ ପକ୍ଷୀ ପରି ଉଡ଼ିଲା ଏ ଯୁଗ ଦେଖିଅଛି । ଏହି ଯୁଗରେ ମହାସମୁଦ୍ରର ଏକ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ମନୁଷ୍ୟର କଣ୍ଠୋଚ୍ଚାରିତ ଶବ୍ଦ ଶୁଣାଗଲା । ଏହି ଯୁଗରେ ଦେଖାଗଲା ପୃଥିବୀର ସର୍ବୋଚ୍ଚ ଗିରିଶୃଙ୍ଗକୁ ସ୍ପର୍ଶ କରିବାକୁ ଯୁବକ ଓ ତାଙ୍କର ସଙ୍ଗୀମାନେ ବାହାରିଲେ । ଏହି କଥା କାଳେ କାଳେ ଲୋକେ ଭୁଲିବେ ନାହିଁ, ଉପରି ମା ବସୁନ୍ଧରା ମନରେ ଗର୍ବ ପୋଷଣକରି ଅଜ୍ଞାତ ରାଜ୍ୟରେ ନବ ନବ ତତ୍ତ୍ୱ ଉଦ୍‌ଘାଟନ କରିବାକୁ ତାହାର ଶ୍ରେଷ୍ଠ ସନ୍ତାନମାନଙ୍କୁ ମରିବାକୁ ହସି ହସି ଛାଡ଼ିଦେଲା ।

ଏହା ଲୋକେ କାଳେ କାଳେ ଭୁଲିବେ ନାହିଁ, ଉପରି ଦୁଇ ଜଣ ଇଂରେଜ ଯୁବକ ଗୌରବର ଉଚ୍ଚତମ ଶିଖରକୁ ଯାଇ ସେହି ମହାଅନ୍ଧକାର ଭିତରେ ଲୁଚିଗଲେ ।

ସେମାନେ ହିମାଳୟର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟ ଶିଖରକୁ ଉଠୁଥିଲେ । ସେମାନେ ପୃଥିବୀର ସର୍ବୋଚ୍ଚ ଉଚ୍ଚତା ଦେଖିବାକୁ ଯାଉଥିଲେ । ତଳେ ତାଙ୍କର ବନ୍ଧୁମାନେ ଦେଖୁଥିଲେ ସେମାନେ କ୍ରମେ କ୍ରମେ ଊର୍ଦ୍ଧ୍ୱକୁ ଗତି କରୁଅଛନ୍ତି । ଉପରକୁ ଉଠୁ ଉଠୁ ଶେଷକୁ ସେମାନେ କ୍ଷୁଦ୍ର ବିନ୍ଦୁପରି ଦିଶିଲେ । ତା'ପରେ କଣ ଘଟିଲା ଆଉ ନର ନୟନ ଦେଖିଲା ନାହିଁ—ସେମାନେ ମେଘ ରାଜ୍ୟରେ ମିଶିଗଲେ; ଗୌରବର ଉଚ୍ଚତମ ଶିଖର ସେମାନଙ୍କୁ କୋଳକୁ ନେଇଗଲା । ଈଶ୍ୱରଙ୍କର ଆଦେଶ ମାନି ସେମାନେ ପର୍ବତର ଶିଖରକୁ ଯାଇଥିଲେ । ସେମାନେ ମେଘରେ ମିଶି ଚିରଦିନ ସେଠାରେ ରହିଗଲେ ।

ହେ ଯୌବନର ଯାତ୍ରୀଦଳ, ତୁମ୍ଭେମାନେ ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଅ ଯେ ତୁମ୍ଭେମାନେ ଏପରି ଯୁଗରେ ଜନ୍ମଗ୍ରହଣ କରିଅଛ ଯେପରି କି ଏସବୁ ଉନ୍ମାଦନାର ପ୍ରେରଣା ଲାଭ କରିବାକୁ ସୁଯୋଗ ପାଇଲ । ଏପରି ଗୌରବ ଏଥିପୂର୍ବେ ପୃଥିବୀ କେବେ ଦେଖି ନ ଥିଲା । ଅନ୍ଧକାରର ଛାୟା ଭିତରରୁ ପୃଥିବୀ ଉପର ଆଲୋକ ରାଜ୍ୟକୁ କ୍ରମେ କ୍ରମେ ଗତି କରୁଅଛି ଏ ଦୃଶ୍ୟ ଦେଖିବାର ସୌଭାଗ୍ୟ ତୁମ୍ଭମାନଙ୍କୁ ମିଳିବା କମ୍ ଆନନ୍ଦର କଥା ନୁହେଁ ।

ଏ ଯୁଗରେ ଆଶା ଭରସା ହରାଇ ବିଷର୍ଣ୍ଣ ବଦନରେ ବସି ରହିବାର ମଧ୍ୟ ଯଥେଷ୍ଟ କାରଣ ଅଛି । ନାନା ମିଥ୍ୟା, ପ୍ରବଞ୍ଚନା, କୁଟିଳର ମହାଶକ୍ତି ଓ ତାଣ୍ଡବ ଲୀଳା ଏ ଯୁଗରେ ଦେଖି ଦେଖି ମନୁଷ୍ୟ ମନ ସ୍ୱତଃ ଦୁଃଖଭାରରେ ଅବନତ ହୋଇ ପଡ଼ୁଅଛି । ନୀଚ ହୀନ ସ୍ୱାର୍ଥପରତା ଏ ସଂସାରକୁ ଗ୍ରାସିବାକୁ ବସିଅଛି । ଅମାନୁଷିକ ହତ୍ୟାକାଣ୍ଡ, ରକ୍ତାକ୍ତ ସମର ଲୀଳା ଏ ଯୁଗର ଦୈନନ୍ଦିନ କାର୍ଯ୍ୟ ହୋଇପଡ଼ୁଛି । ପୃଥିବୀ ହାହାକାର କରି ଶାନ୍ତି ପାଇଁ ଚିତ୍କାର କରୁଅଛି । କିନ୍ତୁ ତାହା ଭାଗ୍ୟରେ ଶାନ୍ତି ମିଳୁନାହିଁ । ପୃଥିବୀରେ ଇତସ୍ତତଃ ସୁନା ରୂପା ସ୍ତୂପୀକୃତ ହୋଇରହିଛି; ସହସ୍ର ସହସ୍ର ଲୋକେ ଅକର୍ମା ହୋଇ ବସି ରହିଛନ୍ତି; ସେମାନଙ୍କର କାର୍ଯ୍ୟର ବ୍ୟବସ୍ଥା କିଛି ନାହିଁ । ମନୁଷ୍ୟର ମନୁଷ୍ୟ ପ୍ରତି କର୍ତ୍ତବ୍ୟ-ଜ୍ଞାନ ଦିନକୁ ଦିନ କମିଗଲା ପରି ଲାଗୁଅଛି । ମନୁଷ୍ୟର ଦୁଃଖରେ

* From Arthur Mee's 'Talks to Boys'



Digitized by srujanika@gmail.com

ମନୁଷ୍ୟ ସ୍ୱର୍ଗୀୟ ସମବେଦନା ଦେଖାଇବ କିଏ, ସେ ଆଜ ଅଟ୍ଟହାସ କରୁଅଛି । ସେ କ୍ରୂର ହର୍ଷ ଦେଖି ଆଜ ମା ବସୁନ୍ଧରା "ରକ୍ଷାକର ରକ୍ଷାକର" ବୋଲି ହାହାରବ କରୁଅଛନ୍ତି ।

ଯୁଗର ଏସବୁ ବୀଭତ୍ସ ଓ ବିଭୀଷିକା ଦେଖି ଦେଖି ମନୁଷ୍ୟ ଯେ ଦୁଃଖରେ, ଶୋକରେ ଆଜ ମ୍ରିୟମାଣ, ଏଥିରେ ଆଶ୍ଚର୍ଯ୍ୟର କଥା କିଛି ନାହିଁ । ଆଜିର ଯୁବକ ଏ ଯୁଗର ଧନ ପ୍ରତି ଆସ୍ଥା ଓ ମସ୍ତିଷ୍କ ପ୍ରତି ଅନାସ୍ଥା କର୍ମହୀନ ପ୍ରତି କର୍ମ ଯୋଗାଇବାର ବ୍ୟବସ୍ଥା ଶୂନ୍ୟତା ଦେଖି ଯେ ଗଭୀର ମନୋବେଦନା ଅନୁଭବ କରୁଅଛି ଏଥିରେ ବିଶେଷତ୍ୱ କିଛି ନାହିଁ । ସେ ମନେ କରୁଅଛି ତାହାର ପିତା ପିତାମହମାନେ ତାହା ପ୍ରତି ତାହାର ସଂସାରଟିକୁ ସୁଖମୟ କରି ରଖି ଯାଇ ନାହାନ୍ତି ।

ଏସବୁ ସତ୍ତ୍ୱେ ଏକଥା ମଧ୍ୟ ସେଥି ସଙ୍ଗେ ସଙ୍ଗେ ସ୍ୱୀକାର କରିବାକୁ ହେବ ଯେ ଏପରି ଯୁଗ ଆଉ କେବେ ଆସି ନ ଥିଲା । ଏ ଯୁଗରେ କେତେ ସୁଯୋଗ ସୁବିଧା ଯେ ଅଛି ଆଗରୁ ଅନୁଅଛି ତାହାର କଳନା ନାହିଁ । ଏହି ଯୁଗର ଯେତେ ଦୋଷ ଦୁର୍ବଳତା ଥାଉ ପଛକେ ଏହା ଯେ ଗୋଟିଏ ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ବାଟ ଫିଟାଇ ଦେଉଅଛି ଏଥିରେ ଆଉ ସନ୍ଦେହ କରିବାର କିଛି ମାତ୍ର କାରଣ ନାହିଁ । ମହାମାନ୍ୟ ସକ୍ରେଟିସ ଓ ସାର୍ ଆଇଜାକ୍ ନିଉଟନ ଯେଉଁ ଜ୍ଞାନ ଲାଭ କରିବାକୁ ସେ ଯୁଗରେ ଅସମର୍ଥ ଥିଲେ ଆଜ ଯେ କୌଣସି ବାଳକ ସେହି ଜ୍ଞାନରାଜ୍ୟର ଅଧିକାରୀ ହୋଇ ପାରୁଅଛି । ପ୍ରସିଦ୍ଧ ବୈଜ୍ଞାନିକ ଜର୍ଜ ଷ୍ଟିଫେନସନ ଓ ମାଇକାଲ ଫାରାଡ଼େ ଯାହା ସ୍ୱପ୍ନରେ କଳ୍ପନା କରି ପାରି ନ ଥିଲେ ଆଜ ଯେ କୌଣସି ବାଳକ ସେସବୁ ତତ୍ତ୍ୱ ଆଲୋଚନା କରିବାର ସୁଯୋଗ ଲାଭ କରି ପାରୁଅଛି ।

ଏ ଯୁଗ ଜ୍ଞାନ-ବିଜ୍ଞାନର ଅମାନୁଷିକ ଶକ୍ତି ସବୁକୁ ବାଳକମାନଙ୍କ ଆଗରେ ଥୋଇ ସେ ସବୁର ସଦ୍‌ବ୍ୟବହାର କରିବାକୁ ଆହ୍ୱାନ କରୁଅଛି । ସେ ସବୁର ସଦ୍‌ବ୍ୟବହାର କରି ବିଖ୍ୟାତ ବୈଜ୍ଞାନିକ ମାର୍କନି, ଏଡ଼ିସନ ଓ ଜନହିତୈଷୀ ହେନ୍‌ରି ଫୋର୍ଡ଼ ଯେପରି ଜନସମାଜର ସୁଖ ସମୃଦ୍ଧି ବୃଦ୍ଧି କରି ପାରିଅଛନ୍ତି ସେହିପରି କରି ହେବାକୁ ଏହା ଏ ଯୁଗରେ ପିଲାମାନଙ୍କୁ ସଙ୍କେତ ଦେଉଅଛି । ଏ ଯୁଗ ଜ୍ଞାନକୁ ସମସ୍ତଙ୍କର କରାୟତ୍ତ ହେବାର ସୁବିଧା ପ୍ରଦାନ କରିଅଛି ଓ ସମସ୍ତଙ୍କୁ ଶିକ୍ଷାର ସୁଯୋଗ ଦେଇଅଛି । ପୂର୍ବ ଯୁଗମାନଙ୍କରେ ମନୁଷ୍ୟ କ୍ରୀତଦାସ ପରି ଆଖି କାନ ବୁଜି ଅନ୍ଧ ଲୋକ ପରି ଚାଲୁଥିଲା । ଏ ଯୁଗ ମନୁଷ୍ୟର ଚକ୍ଷୁରୁନ୍ମୀଳନ କରି ଦେଇଅଛି ଏବଂ ମସ୍ତିଷ୍କର ସଦ୍‌ବ୍ୟବହାର କରି ସୁଖ ସମୃଦ୍ଧି କିଣିବା ପାଇଁ ଓ ପୃଥିବୀର ଗୌରବ ବୃଦ୍ଧି କରିବା ପାଇଁ ନାନା ସୁଯୋଗ ଓ ସୁବିଧା ଦେଇଅଛି । ଏ ସୁଯୋଗ ଦାନରେ ଏ ଯୁଗ ନର ନାରୀର ଭେଦ ରଖି ନାହିଁ—ବାଳକ ପ୍ରତି ଯେପରି ଦୃଷ୍ଟି ଦେଇ-ଅଛି ଏ ଯୁଗ ବାଳିକା ପ୍ରତି ସେହିପରି ଦୃଷ୍ଟି ଦେଇଅଛି । ଯେଉଁମାନେ ପ୍ରକୃତଭାବରେ ସୁଯୋଗର ସଦ୍‌ବ୍ୟବହାର କରିବାକୁ ବ୍ୟାକୁଳ, ଏହା ସେମାନଙ୍କ ସମ୍ମୁଖରେ ବିବିଧ ସୁଯୋଗ ବାଢ଼ି ଦେଇଅଛି ।

ସବ୍‌ମେରିନ, ଟର୍ପେଡ଼ୋ ପ୍ରଭୃତି ଯୁଦ୍ଧର ଭୀଷଣ ଅସ୍ତ୍ରମାନ କ୍ଷିପ୍ରଗତିରେ ଧ୍ୱଂସଲୀଳା ଅଭିନୟ କରୁ ଥିବାରୁ ଏସବୁ ସୁଯୋଗ ଯେ ଅଛି ନାହିଁ, ଏହା ଅବଶ୍ୟ ସତ୍ୟ ନୁହେ । ଅବଶ୍ୟ ଯୁଦ୍ଧର ତୁରୀ ଭେରୀ ନାଦ ଭିତରେ ଏସବୁ ପ୍ରତି ବାଧା ପ୍ରତିବନ୍ଧକ ଆସୁଅଛି ।

ଗୋଟିଏ କଥା ଯୌବନର ପାର୍ଶ୍ୱଦଳ ମନେ ରଖନ୍ତୁ, ଯେପରି ହଠାତ୍ ଦିନେ ସକାଳେ ଉଠିବା ବେଳକୁ ଏ ସଂସାରରେ ଶୂନ୍ୟରୁ ସଙ୍ଗୀତର ପ୍ରଥମ ସ୍ୱର ଶୁଣା ଯାଇଥିଲା, ସେହିପରି ଦିନେ ମଧ୍ୟ ଶୁଣା ଯାଇପାରେ ଯେ ଏ ପୃଥିବୀ ବକ୍ଷରୁ ଚିରକାଳ ପାଇଁ ଯୁଦ୍ଧର ଅବସାନ ହେଲା । ଏପରି ଆଶା କରିବା କିଛି ଆଶ୍ଚର୍ଯ୍ୟର କଥା ନୁହେ ।

ସେତେବେଳେ ନୂତନ ସୃଷ୍ଟିର ସୂଚନା ମିଳିବ । ଈଶ୍ୱର ସେତେବେଳେ ମନୁଷ୍ୟର ପାଖେ ପାଖେ ରହିବେ ଏବଂ ଲୋକେ ଈଶ୍ୱରଙ୍କର ସାନ୍ନିଧ୍ୟ ଛାଡ଼ିବେ ନାହିଁ ।

ସେତେବେଳେ ଈଶ୍ୱର ମନୁଷ୍ୟର ନୟନରୁ ସବୁ ଲୋତକ ପୋଛି ଦେବେ ଏବଂ ମୃତ୍ୟୁର ଭୟ ଆଉ ରହିବ ନାହିଁ ।

ଏପରି ସ୍ୱପ୍ନମୟ ଦୃଶ୍ୟ କଳ୍ପନା କରିବା ସହଜ, କିନ୍ତୁ ଘଟିବା କଠିନ ବୋଧ ହୋଇପାରେ । ଯେଉଁମାନେ ଆଜ ଜନ୍ମ ହୋଇ ଅଛନ୍ତି ସେମାନେ ଗତ କାଳର ଘଟଣାମାନଙ୍କୁ ବିଶ୍ୱାସ କରୁ ନାହାନ୍ତି । ଯଦି ଆମ୍ଭର ପିତା ମାତାମହଙ୍କର କେତେକ ଦୋଷ ଦୁର୍ବଳତା ଥିଲା, ସେମାନଙ୍କର ମଧ୍ୟ ସେଥି ସଙ୍ଗରେ କେତେକ ପୁଣ୍ୟ ଓ ସଦ୍‌ଗୁଣ ଥିଲା । ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସେମାନେ ନାନାଭାବରେ କେତେ ତ୍ୟାଗ ସ୍ୱୀକାର କରିଅଛନ୍ତି, କେତେ କଷ୍ଟ ସହ୍ୟ କରିଅଛନ୍ତି । ସେମାନେ ବର୍ତ୍ତମାନର ସୁଖ ସ୍ୱାଚ୍ଛନ୍ଦ୍ୟ କିଛି ଭୋଗ କରି ନାହାନ୍ତି । ସେମାନେ କେତେ ପାପ, ଅତ୍ୟାଚାର, ରୋଗ, ଅଜ୍ଞତା, ଭୀଷଣ କୁସଂସ୍କାର, ଅସହ୍ୟ ନିଷ୍ଠୁରତା, ବର୍ବରତାର ମୂଳଚ୍ଛେଦନ କରି ଆଜିର ସୁଦିନର ପଥ ପରିଷ୍କାର କରି ଦେଇଅଛନ୍ତି । ସେମାନେ ଉଜ୍ଜ୍ୱଳ ଭବିଷ୍ୟତ ଆସିବ, ଏ ବିଷୟରେ ପୂର୍ଣ୍ଣ ବିଶ୍ୱାସ କରି ନିଜେ ତାହାର ଫଳ ଭୋଗ କରିବାର ଆଶା ପୋଷଣ ନ କରି କାର୍ଯ୍ୟ କରି ଯାଇଅଛନ୍ତି ।

ସେମାନେ କେତେ ଦୁଃଖ କଷ୍ଟ ନିର୍ଯ୍ୟାତନ ଭିତରେ କାର୍ଯ୍ୟ କରି ଆଜିର ଏ ସ୍ୱର୍ଣ୍ଣ ଯୁଗର ସୃଷ୍ଟି କରିଅଛନ୍ତି । ତେଣୁ ଆଜ ତୁମ୍ଭେମାନେ ଏ ଗୌରବର ଉଚ୍ଚତମ ଶିଖର ଦେଖୁଛ । ତୁମ୍ଭମାନଙ୍କ ପାଇଁ ଏ ସ୍ୱର୍ଣ୍ଣ ଯୁଗର ଉଷା ଆଜ ପ୍ରାଚୀ କୋଣରେ ଦେଖା ଦେଲାଣି । ଶକ୍ତି ସାମର୍ଥ୍ୟ ଲାଭ କରି ଏ ଯୁଗର ଯଥାର୍ଥ ଉତ୍ତରାଧିକାରୀ ହେବାର ସର୍ବଥା ଉପଯୁକ୍ତ ହୁଅ ।

# ଉତ୍କଳର ନାରୀ ସମସ୍ୟା ଓ ନାରୀ ପ୍ରଗତି

ଶ୍ରୀମତୀ ସରଳା ଦେବୀ

ଆମ ଦେଶରେ ନାରୀପ୍ରଗତି ବୋଲି ଯାହାକୁ ଭାବୁଛୁଁ, ତାହା ବାସ୍ତବିକ ପ୍ରଗତିଶୀଳ ରୂପ ସେତିକିବେଳେ ଧରିବ, ଯେତେବେଳେ ଏହି ପ୍ରଗତି ମୂଳରେ ରହିବ ରାଷ୍ଟ୍ରୀୟ କ୍ଷମତା। ରାଷ୍ଟ୍ର ଆଜି ନାରୀକୁ ଆଗ ପରି ଅସ୍ୱୀକାର କରୁ ନାହିଁ ସତ୍ୟ, କିନ୍ତୁ ନାରୀର ଦାବୀ ଯେତିକି ସ୍ୱୀକାର କରିଅଛି ତାହା ସମୁଦ୍ରରେ ଗୋଷ୍ପଦ ତୁଲ୍ୟ ଗଣନା ହତରେ ନୁହେଁ। ଇଉରୋପର ନାରୀ-ପ୍ରଗତିକୁ ରାଷ୍ଟ୍ର ପ୍ରଥମେ ବିରୋଧିତା କରିଥିଲା ସତ୍ୟ, କିନ୍ତୁ ୧୯୧୪ ମସିହାର ମହାସମର ପରେ ରାଷ୍ଟ୍ର ନାରୀର ଆଶ୍ଚର୍ଯ୍ୟ କର୍ମକୁଶଳତାର ତଥା ଭାବର ଅବଦାନକୁ ଅସ୍ୱୀକାର କରି ପାରି ନ ଥିଲା। ନାରୀ ସ୍ୱଦେଶ ଲାଗି ଯେ ପ୍ରାଣଦାନ କରିଛି ଏବଂ ନିଜର ପ୍ରିୟ ପୁତ୍ର ସ୍ୱାମୀ ପରିଜନଙ୍କୁ ଦେଶର ସମ୍ମାନରକ୍ଷା ନିମନ୍ତେ ଯୁଦ୍ଧକ୍ଷେତ୍ରକୁ ପଠାଇ ବର୍ତ୍ତମାନ ସମାଜ ଓ ଗୃହ ତଥା ରାଷ୍ଟ୍ର ରକ୍ଷା କରୁଅଛି, ଏହାର ପ୍ରମାଣ ଅନାବଶ୍ୟକ। ଇଉରୋପ କଥା ଛାଡ଼ିଦେଲେ ବର୍ତ୍ତମାନ ଏସିଆର ଦୁଇଟା ବଡ଼ ଜାତିର ନାରୀ ଚୀନ ଓ ଜାପାନରେ ସେମାନଙ୍କର ବ୍ୟବସାୟ, ବାଣିଜ୍ୟ, ଅଫିସ, କଳକାରଖାନା ଓ ଘରଦୁଆର ସବୁ ସମ୍ଭାଳି ପାରୁଛନ୍ତି। ସରକାର ସୈନ୍ୟ ସଂଗ୍ରହ କରୁଛନ୍ତି—ଚୀନ ଓ ଜାପାନ ମହିଳା ଆନନ୍ଦରେ ନିଜର ପୋଷଣାହାରୀ ଲୋକଙ୍କୁ ମୃତ୍ୟୁଭୂମିକୁ ପଠାଇ ଦେଉଛନ୍ତି। ଜର୍ମାନୀର ନାୟକନେତା ହିଟ୍‌ଲର କେତେବର୍ଷ ତଳେ ନାରୀପ୍ରଗତିକୁ ବିଷଦୃଷ୍ଟିରେ ଦେଖୁଥିଲେ ଓ ଇହୁଦୀ ନାରୀ ଓ ପିଲାମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର କରି ସେମାନଙ୍କର ସମ୍ପତ୍ତି ଘର ବାଜ୍ୟାପ୍ତ କରି ସେମାନଙ୍କୁ ଦେଶାନ୍ତର କରିଥିଲେ। ମାତ୍ର ଯେଉଁ ହିଟ୍‌ଲର ଜର୍ମାନ ଦେଶୀୟ ନାରୀଙ୍କୁ "back to the kitchen" ବା "ରୋଷେଇ ଶାଳକୁ ଫେରି ଯାଅ" ବୋଲି କହିଥିଲେ, ସେହି ହିଟ୍‌ଲର୍ ଆଜି ଦେଶର ଯୁଦ୍ଧବିଗ୍ରହ ବେଳେ କଣ କରୁଛନ୍ତି? ଦେଶର ଅଧିକାଂଶ ପୁରୁଷ ବର୍ତ୍ତମାନ ଯୁଦ୍ଧବିଗ୍ରହରେ ଲିପ୍ତ ଥିବାରୁ ଦେଶର ଗୃହବାସ ଅସମ୍ଭବ ହୋଇ ପଡ଼ିଛି। ଏଣୁ ପୁରୁଷ ଯେଉଁ କାର୍ଯ୍ୟ କରୁଥିଲେ, ତାହାକୁ ଜର୍ମାନୀର ହଜାର ହଜାର ନାରୀ ସମାଧା କରୁଛନ୍ତି। ଗଲା ଆବିସିନିଆ ଯୁଦ୍ଧବେଳେ ଆବିସିନିୟ ନାରୀ ମଧ୍ୟ ସଞ୍ଚିତ ଅର୍ଥ ଅଜାଡ଼ି ଶେଷକୁ ଯୁଦ୍ଧକ୍ଷେତ୍ରରେ ପୁରୁଷଙ୍କ ସହିତ କାର୍ଯ୍ୟ କରି ପ୍ରାଣ ଦେଇଥିଲେ। ଇଟାଲୀର ନାରୀ ମଧ୍ୟ ଶେଷକୁ ଯୁଦ୍ଧ ଖରଚ ଅନାଟନ ପଡ଼ିବାରୁ ଦେଶର ସରକାରଙ୍କୁ ନିଜର ବିବାହ ଅଙ୍ଗୁରୀୟ କାଢ଼ି ଦେଇଥିଲେ ଓ ଯୁଦ୍ଧବେଳେ ଗୃହସମାଜ ସମ୍ଭାଳି ଥିଲେ। ରୁଷ ଦେଶରେ ମଧ୍ୟ ନାରୀ କେବଳ ଯୁଦ୍ଧକାର୍ଯ୍ୟର ଅଂଶ ଗ୍ରହଣ କରିନାହିଁ, ଦେଶର ସମସ୍ତ ପ୍ରତିଷ୍ଠାନ, ବ୍ୟବସାୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କଳକାରଖାନା ସହିତ ସେ ପୁରୁଷଙ୍କ ସହିତ ସମାନ ଭାବରେ ସଂଶ୍ଳିଷ୍ଟ, କାରଣ ସରକାରୀ ନିୟମାନୁଯାୟୀ ଦିନରେ ନିର୍ଦ୍ଦିଷ୍ଟ ଘଣ୍ଟା କାମ କରି ନ ପାରିଲେ ତାର ଦୈନିକ ଭତ୍ତା ବନ୍ଦ। ଅବଶ୍ୟ ସିରିୟା, ପାଲେଷ୍ଟାଇନ୍, ମରକ୍କୋ ଓ ଅନ୍ୟାନ୍ୟ ଅନେକ ଦେଶରେ ଏବଂ ଭାରତରେ ନାରୀପ୍ରଗତି ପୁରୁଣା ସମାଜ ଓ ରାଷ୍ଟ୍ର ନିୟମାନୁସାରେ ସମ୍ଭବପର ହୋଇ ପାରିନାହିଁ। କିନ୍ତୁ ଏହିପରି ଅବସ୍ଥା ଯେ ଚିରଦିନ କାଏମ ରହିବ, ଏହା ଭାବିବା ଅଦୂର-ଦର୍ଶିତା ଛଡ଼ା ଆଉ କିଛି ନୁହେଁ।

ଜର୍ମାନୀରେ ହିଟ୍‌ଲର ନାରୀପ୍ରଗତିର ଗୋଟିଏ ପ୍ରତିକ୍ରିୟା-ଶୀଳ ଜୀବନ୍ତ ମୂର୍ତ୍ତି ବୋଲି ଲୋକେ ଭାବୁଛନ୍ତି। ଏହି ଧାରାରେ ବିଚାର କଲେ ମୁସୋଲିନୀ ମଧ୍ୟ ଦୋଷୀ ସାବ୍ୟସ୍ତ ହେବେ। କିନ୍ତୁ ବିଚାର କଲେ ଦେଖାଯାଏ, ଏହି ଡିକ୍ଟେଟରମାନେ ଅନ୍ୟ ଯାହା ହେଉନ୍ତୁ ପଛକେ ଏକଦିଗରୁ ଦେଖିଲେ ସେମାନେ ନାରୀ ପ୍ରଗତିର ପ୍ରତିକ୍ରିୟାଶୀଳ ନୁହନ୍ତି। ଏମାନେ ନିଜର ଦେଶର ଲକ୍ଷ ଲକ୍ଷ ଲୋକଙ୍କର ଭାଗ୍ୟ ନିୟନ୍ତ୍ରଣ କରିବାର ଦାୟିତ୍ୱ ନେଇ ଥିବାରୁ, ଏମାନଙ୍କୁ ସର୍ବଦା "ଦେଶରକ୍ଷା"ର "Safety" ଦେଖିବାକୁ ହୁଏ। ଏହି ଡିକ୍ଟେଟରମାନେ ଦେଶର ଧନ ଦୌଲତ କଳ କାରଖାନା, କୃଷି, ବ୍ୟବସାୟର ଉନ୍ନତି ଓ ରକ୍ଷା ପାଇଁ ସବୁବେଳେ National militia ବା ଜାତୀୟ ସେନା ଉପରେ କିମ୍ବା ଦେଶର ଲୋକସଂଖ୍ୟା (man factor) ଉପରେ ଷୋଳ ଅଣା ନିର୍ଭର କରି ଥାଆନ୍ତି! ସୁତରାଂ ଷ୍ଟାଲିନ୍, ମୁସୋଲିନୀଙ୍କ ପରି ହିଟ୍‌ଲର ନାରୀମାନଙ୍କୁ ଅଧିକ ସନ୍ତାନର ମାତା ହେଲେ ପୁରସ୍କାର ଓ ପେନ୍‌ସନ୍‌ର ବ୍ୟବସ୍ଥା କରିଛନ୍ତି। ତେବେ ଓଡ଼ିଆ କଥାରେ ଯେପରି 'ଖାଅ' 'ଭୁଞ୍ଜ' 'ଗିଳ' ତିନି ଶବ୍ଦର ଏକ ଅର୍ଥ ହୁଏ, ସେହି ଢଙ୍ଗରେ ଷ୍ଟାଲିନ୍, ମୁସୋଲିନୀ ଯାହା କାର୍ଯ୍ୟରେ କରିଛନ୍ତି, ହିଟ୍‌ଲର ତାହା କାର୍ଯ୍ୟରେ କରିବା ସଙ୍ଗେ ସଙ୍ଗେ ରୂଢ଼ ଭାବରେ Command କରିଛନ୍ତି, କାରଣ ହିଟ୍‌ଲର ମୂଳରୁ ସୈନିକ ଓ ଜୀବନରେ ନାରୀର କୋମଳତା ତାଙ୍କୁ ସ୍ପର୍ଶ କରିନାହିଁ। ତେଣୁ ଜର୍ମାନୀକୁ ସେ କୌଣସି ଜାତି, ସମାଜ ବା ପ୍ରତିଷ୍ଠାନ ହିସାବରେ ବିଚାର କରି ପାରନ୍ତି ନାହିଁ। ସେ ତାଙ୍କ ଦେଶକୁ ଗୋଟିଏ କ୍ରୀଡ଼ା ପୁତ୍ତଳିକା ରୂପେ ବ୍ୟବହାର କରନ୍ତି। ଦେଶର ମନୋବୃତ୍ତି ଅଗ୍ରାହ୍ୟ କରି ସର୍ବଦା ନିଜର ଖିଆଲ ବଜାୟ ରଖନ୍ତି। ଏଣୁ ନାରୀପ୍ରଗତି ପ୍ରତି ପ୍ରତିକ୍ରିୟାଶୀଳ ନ ହେବାରେ ତାଙ୍କର ସ୍ୱାର୍ଥ ଜଡ଼ିତ ରହିଅଛି। ନାରୀପ୍ରଗତି ପାଇଁ ସେ ଯେଉଁ ସୁବିଧା ଦେଇଛନ୍ତି ସେ ଗୁଡ଼ିକ ମୂଳରେ ମଧ୍ୟ ସେହି



Digitized by srujanika@gmail.com

ଲୋକଶକ୍ତି ବୃଦ୍ଧିର ଆଭାସ ମିଳିବ । ଦେଶରେ ଲୋକସଂଖ୍ୟା ନ ବଢ଼ିଲେ ବିଶେଷତଃ ପୁରୁଷ ସଂଖ୍ୟା ନ ବଢ଼ିଲେ ହିଟଲର ପୃଥିବୀରେ ଧ୍ୱଂସର ଲୀଳା ଦେଖାଇ ପାରନ୍ତେ ନାହିଁ । ସାମ୍ରାଜ୍ୟର ଶକ୍ତି ଜନବଳ ଉପରେ ଅନେକ ପରିମାଣରେ ନିର୍ଭର କରେ । ଏହି ଜନଶକ୍ତି ଅଭ୍ୟାଗ୍ରହର ପ୍ରସାରରେ ଯଥେଷ୍ଟ ସହାୟକ ହେବ ଏହି ଭାବ ଦ୍ୱାରା ଚାଳିତ ହୋଇ ସେ ନାରୀମାନଙ୍କୁ ବହୁ ସନ୍ତାନର ମାତା ହେବାପାଇଁ ବାଧ୍ୟ କରିଅଛନ୍ତି ଏବଂ ଏଥିପାଇଁ ମଧ୍ୟ ସେମାନଙ୍କର ପଢ଼ାଶୁଣା, ବ୍ୟାୟାମ ପ୍ରଭୃତି ଜୀବନର ବିକାଶ-ଦିଗ ରୁଦ୍ଧ ହୋଇନାହିଁ । ତାଛଡ଼ା ଯାହା ଜାତିରକ୍ଷା ବା ଜାତିର ସର୍ବାଙ୍ଗୀନ ଉନ୍ନତି ପକ୍ଷରେ ଅନୁକୂଳ, ତାହା ନାରୀର ଅନଭିପ୍ରେତ ନୁହେଁ । ସୁତରାଂ ହିଟ୍‌ଲରଙ୍କ ଉଦାହରଣ ଦେଇ ଯେଉଁମାନେ ଭାରତର ନାରୀ ଶିକ୍ଷା, ନାରୀ ପ୍ରଗତି ବିରୁଦ୍ଧରେ ମତ ପୋଷଣ କରନ୍ତି, ସେମାନେ ନିତାନ୍ତ ଭ୍ରମ କରନ୍ତି । କାରଣ ଭାରତରେ ଲୋକସଂଖ୍ୟା ବଢ଼ିବାର ଆବଶ୍ୟକତା ନାହିଁ । ଦେଶରେ ବହୁ ଯୁବକ ଯୁବତୀ ଯଦି ଲକ୍ଷ କୋଟି ହିସାବରେ ଅବିବାହିତ ରହନ୍ତି ବା ସନ୍ତାନ ନ ହେଉଥାନ୍ତି, ତେବେ ଏ ଦେଶର ହାନି ନ ହୋଇ ବରଂ ଲାଭ ହେବ ବୋଲି ଅର୍ଥନୀତିଜ୍ଞମାନଙ୍କ ମତ । ସୁତରାଂ ଜର୍ମାନ ଇତିହାସର ତୁଳନା ଭାରତରେ ଖଟିବ କାହିଁ ?

ଆମ ଓଡ଼ିଶାରେ ଓ ଓଡ଼ିଶାର ଗଡ଼ଜାତରେ ନାରୀଶିକ୍ଷା ବୋଲି ଯାହାକୁ କହନ୍ତି, ତାହା ସମ୍ଭବପର ହେଉ ନାହିଁ । କାରଣ ତାହାକୁ ଲୋକେ ଡବଲଖର୍ଚ୍ଚ ବୋଲି ଭାବୁଅଛନ୍ତି । କିନ୍ତୁ ବାସ୍ତବିକ ଏଥିରେ ଭ୍ରମ ହେଉଛି, ଗଛର ଅଗରେ ପାଣି ଢାଳିବାରେ ଯେପରି ଭ୍ରମ କରାହୁଏ । ଦେଶର ମାତୃଜାତି ଉପଯୁକ୍ତ ଶିକ୍ଷିତା ଓ ସୁଯୋଗ୍ୟା ହୋଇଥିଲେ ଆଜି ସରକାର ସାକ୍ଷରତା ଅଭିଯାନ ଚଳାଇବା ପାଇଁ ଯେତେ ଅର୍ଥ ବ୍ୟୟ କରୁଛନ୍ତି ତାହାର ପ୍ରୟୋଜନ ହୋଇନଥାନ୍ତା । ଓଡ଼ିଶାରେ ମୋଗଲବନ୍ଦୀରେ ୮୫ ଲକ୍ଷ ଲୋକଙ୍କ ଭିତରେ କେବଳ ଆଠ ଲକ୍ଷ ଶିକ୍ଷିତ ଓ ସାକ୍ଷର ! ଯଦି ବାଧ୍ୟତା ମୂଳକ ବାଳିକା ଓ ନାରୀଶିକ୍ଷା ପ୍ରବର୍ତ୍ତନ କରାଯାଇ କାର୍ଯ୍ୟ ହୋଇଥାନ୍ତା, ତେବେ ମନେ ହୁଏ ପ୍ରତି ସାକ୍ଷରା ଓ ଶିକ୍ଷିତା ମାତା ସେମାନଙ୍କୁ ମୂର୍ଖ କରି ରଖି ନ ଥାନ୍ତେ । ନିଜେ ଯେ ଜ୍ଞାନ ପାଇଛନ୍ତି, ସନ୍ତାନମାନଙ୍କୁ ଅନ୍ତତଃ ତାର ପ୍ରାଥମିକ ଆଲୋକ ଦେଖାଇ ଆଖି ଫିଟାଇ ପାରିଥାନ୍ତେ !

ଗଡ଼ଜାତ ହେଉ, ମୋଗଲବନ୍ଦୀ ହେଉ, ସବୁଠି ନାରୀର ଦାବୀକୁ ଆଜି ସରକାର, ରାଷ୍ଟ୍ର, ରାଜା, ସମସ୍ତେ ସ୍ୱୀକାର କରିଅଛନ୍ତି । ଦେଶୀୟ ରାଜା ମହାରାଜାମାନେ ନିଜ ନିଜ ଦେଶରେ ଏବେ ନାରୀ ଶିକ୍ଷାର ବିପୁଳ ଆୟୋଜନ କରି ପାରିଛନ୍ତି । ମହୀଶୂର, ତ୍ରିବାଙ୍କୁଡ଼, କୋଚିନ, ବରୋଦା, ହାଇଦ୍ରାବାଦ ଏହି ଦିଗରେ ଭାରତୀୟ ରାଜନ୍ୟମଣ୍ଡଳୀଙ୍କର ଦୃଷ୍ଟାନ୍ତ ସ୍ୱରୂପ ହୋଇ ପାରନ୍ତି ।

ସାଧାରଣତଃ ଆମ ଦେଶର ପିତା ମାତା ସହ-ଶିକ୍ଷା ବା Co-Education System ବିରୁଦ୍ଧରେ ମତ ପୋଷଣ କରି ଥାନ୍ତି । ସେମାନେ ନିଜ ଗୃହରେ ବାଳକ ବାଳିକାଙ୍କର ଅବାଧ ମିଳାମିଶାରେ ଆପତ୍ତି ଉଠାନ୍ତି ନାହିଁ ଅଥଚ ସେମାନଙ୍କର ବିଦ୍ୟାଳୟରେ ଏକତ୍ର ଅଧ୍ୟୟନର ପକ୍ଷପାତୀ ନୁହନ୍ତି । ଏହା କେବଳ ଅନ୍ଧ କୁସଂସ୍କାରର ପରିଚୟ । ଚରିତ୍ର ହାନିର ଦୋହାଇ ଦେଇ ସେମାନେ ସହଶିକ୍ଷା ପ୍ରବର୍ତ୍ତନର ଉପକାରିତା ହୃଦୟଙ୍ଗମ କରିପାରନ୍ତି ନାହିଁ ।

ନାରୀଶିକ୍ଷା ଅଭାବରେ ଜାତି ଉଠିବ ନାହିଁ, କୌଣସି ଦିଗରୁ ଦେଶର ଉନ୍ନତି ହେବ ନାହିଁ । ହିନ୍ଦୁ ଶାସ୍ତ୍ରକାରମାନେ ନାରୀକୁ ଆଦର୍ଶ ମାତା, ପତ୍ନୀ, ସଖୀ, ଗୃହିଣୀ, ମନ୍ତ୍ରୀ, ବନ୍ଧୁ, କର୍ମୀ ଓ ଧର୍ମସାଥି ଭାବରେ ଥୋଇଛନ୍ତି । କିନ୍ତୁ ମୂର୍ଖ, ଅଶିକ୍ଷିତା ନାରୀ ପକ୍ଷରେ କେଉଁ କ୍ଷେତ୍ରରେ ଏପରି କି କେବଳ ଗୃହର ସୀମାବଦ୍ଧ ପରିଧି ମଧ୍ୟରେ ପୁରୁଷର ସହକର୍ମୀ, ବନ୍ଧୁ, ମନ୍ତ୍ରୀ, ସୁମାତା, ଯୋଗ୍ୟା ପତ୍ନୀ ବା ସହଧର୍ମିଣୀ ହୋଇ ଜୀବନରେ ଏହି ଦିଗରେ କୃତିତ୍ୱ ଦେଖାଇବା କି ସମ୍ଭବପର ? ନା ସହଜ କଥା ? ଏହି ଶିକ୍ଷାର ସାଧନା ଯେଉଁ ନାରୀ ବାଲ୍ୟ ଓ ଯୌବନରେ ନ ପାଇଛି, ସେହି ନାରୀ ଜୀବନ-କ୍ଷେତ୍ର ତଥା ରାଷ୍ଟ୍ରରେ କି ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇ ପାରିବ ?

ଭାରତର ନାନା ପ୍ରଦେଶରେ ଭ୍ରମଣ କରି ମୁଁ ଦେଖିଛି, ଆମ ଓଡ଼ିଶାରେ ଶିକ୍ଷିତା ବା ପାଠୋଇ ବୋଲି ଯାହାଙ୍କୁ ଆମେ କହୁଁ, ସେମାନଙ୍କ ଜୀବନରେ ଶିକ୍ଷାର ପୂର୍ଣ୍ଣତା ଅଭାବରୁ ଯଥାର୍ଥ ଯୋଗ୍ୟତା ଆସିନାହିଁ । କାରଣ ନାରୀପ୍ରଗତି କହିଲେ କେବଳ ବିଶ୍ୱବିଦ୍ୟାଳୟ ଉପାଧିକୁ ବୁଝାଏ ନାହିଁ, ବୁଝାଏ ନାରୀର ସମସ୍ତ ସତ୍ତାର ବିକାଶ । କିନ୍ତୁ ଜ୍ଞାନ ସହିତ କର୍ମର ଉପଯୁକ୍ତ ସମନ୍ୱୟ ନ ହେଲେ ଏହି ବିକାଶ ସମ୍ଭବ ହୁଏ ନାହିଁ । ଏହି ଢଙ୍ଗର ସମନ୍ୱୟ ବଙ୍ଗାଳି ଘରେ, ମରହଟ୍ଟୀ ଘରେ, ଶିଖ ଘରେ, ଗୁଜୁରାଟୀ ଘରେ, ତେଲଗୁ ଓ ତାମିଲ ଘରେ ଦେଖିଛି, ଦେଖିନାହିଁ ଓଡ଼ିଆ ଘରେ । କାରଣ ଓଡ଼ିଆଝିଅ— ସ୍ୱାଧୀନତାର ଆଭାସ ମାତ୍ର ପାଇଛି, ଶୁଣା କଥାରେ ଭାସିଛି, କିନ୍ତୁ ସ୍ୱାବଲମ୍ବିନୀ ହେବାକୁ ଶିଖିନାହିଁ, ତାକୁ କେହି ବାଧା ଦେଇନାହିଁ, ଦେଇଛି ତାର ନିଜର ଅନ୍ତର, ନିଜର ସ୍ୱାଚ୍ଛନ୍ଦ୍ୟକାମୀ, ବିଳାସପ୍ରିୟ ଅଳସ ପ୍ରକୃତି ଓ କେତେଗୁଡ଼ିଏ ମାନ-ଅପମାନର ଭ୍ରାନ୍ତ ଧାରଣା ।

ଯେ କଲେଜରେ ପଢ଼ିବ ବା ହାଇସ୍କୁଲରେ ପଢ଼ିବ, ସେ ଯଦି ନିତି ଘର ନ ପହଁରିବ ବାସନ ନ ମାଜିବ, ନ ରାନ୍ଧିବ, ବଜାର ସଉଦା ନ କରିବ, ବିଛଣା ନ କରିବ, ଲୁଗାପଟା ନ ସଜାଡ଼ିବ, ଘର ସଫା ନ ରଖିବ, ଦରକାରୀ ଲୁଗାପଟା ଜାମା ହାତରେ ସିଲେଇ ନ କରିବ, ନିଜେ କୂଅରୁ ପାଣି ନ କାଢ଼ିବ, ହାତରେ ଲୁଗା ନ ଧୋଇବ, ବିଛଣା ନ ଉଠାଇବ, ନିଜ ପିଲାକୁ ନ ସମ୍ଭାଳିବ, ନିତି ଖବର କାଗଜ ନ ପଢ଼ିବ, ନିଜ ପଡ଼ାର ଗାଁର ଅପାଠୋଇ ମାଇପଙ୍କ ସଙ୍ଗେ ନ ବସିବ, ନ ହସିବ,



Digitized by srujanika@gmail.com

ନ ମିଶିବ, ପାଞ୍ଚ ଭଲକଥା, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ ସମ୍ବନ୍ଧରେ ନ ଶିଖାଇବ, ତେବେ ତାର ଜ୍ଞାନ କେବଳ ସିକାରେ ଝୁଲୁଥିବ । ସେ ପଢ଼ିଥିବ ଯେଉଁ ତମିରେ ସେହି ତମିରେ--ସମସ୍ତ ସମାଜର ଅଭିଶାପ ବହି । ବିଦ୍ୟାଳୟ ଓ ଜୀବନର ଅଭିଜ୍ଞତାଲବ୍ଧ ଜ୍ଞାନ ସହିତ କର୍ମର ମିଳନ ନ ଥିବାରୁ ଓଡ଼ିଆ ନାରୀର ଆତ୍ମବିଶ୍ୱାସ ନାହିଁ—ସାହସ ନାହିଁ, କିଛି କରିବାର ଆଗ୍ରହ ବା ପ୍ରେରଣା ନାହିଁ । ନାରୀର ସେବା-ଭାବ ଆସୁ ନ ଥିବାରୁ ସମାଜରେ ନାରୀଶିକ୍ଷା ପ୍ରତି ଜନସାଧାରଣଙ୍କର ସହାନୁଭୂତି ଆସୁନାହିଁ । ଆଉ ପାଠୋଈ ନାରୀଙ୍କୁ ସମାଜ ନିଜର କରିପାରୁ ନ ଥିବାରୁ ଏହି ନାରୀଶିକ୍ଷା ଦେଶରେ ଅକାମୀ ହୋଇ ଯାଉଛି । ଲୋକେ ଭାବୁଛନ୍ତି, "ମାଇପେ ତ ମାଇପେ ଚୁଲିମୁଣ୍ଡକୁ ଯୋଗ୍ୟ, ପାଠ ପଢ଼ାଇ ତାଙ୍କୁ କଣ ହେବ" ।

ସୃଷ୍ଟିର ଆନନ୍ଦ ନର ପକ୍ଷରେ ଯେପରି ନାରୀ ପକ୍ଷରେ ସେହିପରି । ଯେ ପ୍ରତିପତ୍ନୀ ନାରୀ, ତା' ଅନ୍ତରରେ ସୃଷ୍ଟିର ବେଦନା ଓ ଆଗ୍ରହ ନ ଥିଲେ ତାର ପ୍ରକୃତ ହୋଇନାହିଁ ବୋଲି ଧରିବାକୁ ହେବ । ଏହି ପ୍ରକୃତ ବାସ୍ତବିକେ ଆମ ଓଡ଼ିଶାର ଝିଅ ବୋହୂଙ୍କର ହୋଇନାହିଁ ବୋଲି ଆମ ଭିତରେ ନିଜକୁ ବଞ୍ଚେଇବା ଓ ରକ୍ଷା କରିବାର ଆନ୍ତରିକ ବା ବାହ୍ୟିକ ବଳ ଆମର ନାହିଁ । ସେହିହେତୁ ଆମେ ପର୍ଦ୍ଦା ଛାଡ଼ିବାର ପ୍ରମାଣ ଦେଉଁ ହୁଡ଼ ଖୋଲା ମଟରରେ, ଖୋଲା ବଗି ବା ଫିଟନ୍ ବା ରିକ୍ସାରେ ବସି; ଗ୍ଳାଲି କରି, କି ସାଇକେଲ୍‌ରେ ଦୌଡ଼ି ନୁହେଁ ! ଖେଳିବା, ପହଁରିବା, କୁଦିବା, ଦୌଡ଼ିବାକୁ ଆମେ ପାପ ଭାବୁ । ତଣ୍ଡି ଖୋଲି ଗୀତ ବୋଲିବାକୁ, ସପ୍ରତିଭ ଭାବରେ କଥା କହିବାକୁ ଓ ପ୍ରାଣ ଖୋଲି ହସିବାକୁ ମଧ୍ୟ ଆମର ଅନ୍ତର ବାଧେ । ଏହି କୁଣ୍ଠା ଭାବ ତଥାକଥିତ ବି. ଏ., ଏମ୍. ଏ. ବା ପାଠୋଈ ଝିଅଙ୍କ ଭିତରେ ଯେତେ; ମଫସଲି, କୈବର୍ତ୍ତ, ଗଉଡ଼, ବାଉରି, ତେଲି, ଧୋବା, ଭଣ୍ଡାରୀ ଘରର ଝିଅ ବୋହୂଙ୍କର ସେତେ କି ?

ସବୁବେଳେ ସମସ୍ତେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ସମ୍ଭବ ନୁହେଁ । ନିର୍ଭରତାର ମଧ୍ୟ ଏକ ସୀମା ଅଛି । ପୁରୁଷ ଜୀବନରେ ନାରୀ ଏବେ ଗଳଗ୍ରହ ହୋଇ ପଡ଼ିଥିବାରୁ ଦେଶର ଆର୍ଥିକ ସଙ୍କଟ ଅବସ୍ଥାରୁ ତ୍ରାଣ ପାଇବା ନିମନ୍ତେ ପୁରୁଷ ଆଗଭଳି ନାରୀଙ୍କୁ ସଙ୍ଗିକ କରି ବିବାହ ହେବାକୁ ରାଜି ନୁହେଁ । ଦେଶର ଶହ ଶହ ଯୁବତୀ ଅନୂଢ଼ା ଝିଅ ବସି ରହିଛନ୍ତି । ବିଧବାଙ୍କ ଠାରୁ ଏମାନଙ୍କ ଦୁର୍ଦ୍ଦଶା ବଳିଛି । ବାପ ମା, ଭାଇ ଭାଉଜ, କୌଣସି ଆତ୍ମୀୟ କୁଟୁମ୍ବଙ୍କ ଦୟା ଉପରେ ଏମାନଙ୍କ ଗ୍ରାସାଚ୍ଛାଦନ ନିର୍ଭର କରେ । ଏମାନଙ୍କ ପାଇଁ ସମାଜ ବା ରାଷ୍ଟ୍ର କି ସାହାଯ୍ୟ କରିବ, ତାହା ଭାବିବା କଣ କେବଳ ପୁରୁଷ ଜାତିର ଠିକା ?

ଏ ଦିଗରେ ଓଡ଼ିଆ ଦେଶର ଶିକ୍ଷିତା ଅଳଙ୍କୃତା, ଠଙ୍କା କମାଉଥିବା ଭଉଣୀ ଓ ନାରୀ ସମିତି ଏବଂ ସଙ୍ଘମାନଙ୍କର ଭାବିବାକୁ କଣ ଦିନ ଆସିନାହିଁ ?

# ଶିଶୁ-ପାଳନ

ଡାକ୍ତର ରାଧାଚରଣ ପଣ୍ଡା

ବର୍ତ୍ତମାନ ଦେଶରେ ଯେଉଁ ସବୁ ସମସ୍ୟା ଉପସ୍ଥିତ ହୋଇଅଛି ତନ୍ମଧ୍ୟରୁ "ଶିଶୁପାଳନ" ଅତି ଗୁରୁତର ସମସ୍ୟା ବୋଲି କୁହା ଯାଇପାରେ । ଜାତିର ସକଳ ଉନ୍ନତି ତାହାର ସୁସ୍ଥ ଓ ସବଳକାୟ ଶିଶୁମାନଙ୍କ ଉପରେ ନିର୍ଭର କରେ । ଶିଶୁ ସୁସ୍ଥ ରହିଲେ ଭବିଷ୍ୟତରେ ଶିଶୁହିଁ ଜାତିର ନେତା ହେବ, ଦେଶ ସେବକ ହେବ, ଶିକ୍ଷାଗୁରୁ ହେବ ଏବଂ ରାଜନୀତିଜ୍ଞ ହେବ । ଏଥିପାଇଁ ଶିଶୁମାନଙ୍କୁ ସୁସ୍ଥ ଓ ସବଳ କରି ବଢ଼ାଇବା ପ୍ରତ୍ୟେକ ଲୋକର ପ୍ରଧାନ କର୍ତ୍ତବ୍ୟ । ସେମାନଙ୍କୁ ଆଦର୍ଶ ଶିକ୍ଷାଦେବା ଏବଂ ଆଦର୍ଶ ମନୁଷ୍ୟ ହେବାପାଇଁ ପଥ ଦେଖାଇବା ପରବର୍ତ୍ତୀ କର୍ତ୍ତବ୍ୟ ।

ପୃଥିବୀର ସବୁ ପ୍ରାଣୀଙ୍କ ମଧ୍ୟରେ ମନୁଷ୍ୟ 'ବଡ଼' ବୋଲି ନିଜକୁ ଗର୍ବିତ ମନେକରେ । ସେ ଆହାର, ନିଦ୍ରା, ପ୍ରଭୃତିରେ ଇତର ପ୍ରାଣୀଙ୍କ ଅପେକ୍ଷା ଅଧିକ ନୁହେ । ପଶୁ, ପକ୍ଷୀ, କୀଟ ଓ ପତଙ୍ଗଙ୍କ ପରି ମନୁଷ୍ୟ ମଧ୍ୟ ଏସବୁ କାର୍ଯ୍ୟ କରେ, କିନ୍ତୁ କଥା କହିବା, ଲେଖିପଢ଼ି ଜାଣିବା ଏବଂ ନିଜ ବୁଦ୍ଧିବଳରେ ଜଳସ୍ଥଳ ଓ ଆକାଶରେ ବିଚରଣ କରିବା ଦିଗରେ ମନୁଷ୍ୟ ଯେଉଁ ସବୁ ସୁବିଧା ପାଇଛି କେବଳ ସେଇଥିପାଇଁ ଅନ୍ୟସବୁ ପ୍ରାଣୀଙ୍କଠାରୁ ମନୁଷ୍ୟ 'ବଡ଼' ବୋଲାଏ ।

ତଥାପି, 'ଶିଶୁପାଳନ' ଦିଗରେ ଆମ ଦେଶର ଲୋକମାନେ ପଶୁପକ୍ଷୀଙ୍କଠାରୁ ଅତି ନିକୃଷ୍ଟ ଥିବାର ମୋର ଗତ ୧୫ ବର୍ଷର ଅନୁଭୂତିରୁ ମୁଁ ସ୍ପଷ୍ଟ କହିପାରେ ।

ପଶୁ ଓ ପକ୍ଷୀ ନିଜର ଶିଶୁମାନଙ୍କୁ କିପରି ଲାଳନ ପାଳନ କରନ୍ତି ତାହା ଆମ୍ଭେମାନେ ପ୍ରତିଦିନ ଦେଖିଥାଉଁ । ଗାଈ ତାର ଛୁଆକୁ ପ୍ରତିଦିନ ଜିଭରେ ଲେହି ପରିଷ୍କାର କରେ । ଏପରି ଲେହିବା ଦ୍ୱାରା ବାଛୁରୀର ସର୍ବାଙ୍ଗ ସବଳ ହୁଏ ଏବଂ ଫୁର୍ତ୍ତିରେ ଧାଁ ଦୌଡ଼ କରିବା ପାଇଁ ସେ ଇନ୍ଧନ ପାଏ । କାଉ,



Digitized by srujanika@gmail.com

ଚଢ଼ିଆ ଏବଂ ବଣିଚଢେଇ ମଧ୍ୟ ନିଜର ଥଣ୍ଟରେ ଖାଦ୍ୟ ଆଣି ଛୁଆଙ୍କୁ ଖୁଆନ୍ତି ଏବଂ ଥଣ୍ଟ ମୁନରେ ନିଜ ଶାବକଙ୍କ ଦେହରୁ ଟିଂକ, ପୋକ ଓ ମଇଳା ପ୍ରଭୃତି ଖୁଣ୍ଟି ସଫା କରନ୍ତି । ଯେଉଁମାନଙ୍କୁ ଆମେ "ଅଜ୍ଞାନ ପଶୁ ପକ୍ଷୀ" କହୁଁ ସେମାନେ ମଧ୍ୟ ନିଜର ଶିଶୁଙ୍କ ପାଳନ ଦିଗରେ ବିଶେଷ ଯତ୍ନ ନିଅନ୍ତି—ଏ ଦୃଶ୍ୟ ଆମେ ପ୍ରତିଦିନ ଦେଖିଥାଉଁ । କିନ୍ତୁ ଏତେ ଦେଖି ସୁଦ୍ଧା ଆମ ଦେଶର କେତେଜଣ ପିତାମାତା ଶିଶୁମାନଙ୍କ ପ୍ରତି ନିଜ କର୍ତ୍ତବ୍ୟ ପାଳନ କରନ୍ତି ? ମୋ ମତରେ ଶତକରା ଜଣେ ଦୁଇଜଣ ଅଛନ୍ତି କି ନାହିଁ ସନ୍ଦେହ ।

ପିଲାଟି ଜନ୍ମ ହେବା ପାଇଁ ଏ ଦେଶର ମା-ବାପ କେତେ ଦିଅଁ ଦେବତା ପୂଜା କରନ୍ତି । କେତେ ତୁଳସୀ ବେଲପତ୍ରି ଚଢ଼ାନ୍ତି । କେତେ ବ୍ରାହ୍ମଣ, ବୈଷ୍ଣବଙ୍କୁ ଭୋଜି ବାଣ୍ଟନ୍ତି—କେତେ ହୋମ, ଯଜ୍ଞ ମଧ୍ୟ କରନ୍ତି ! କିନ୍ତୁ, ସେଇ ଶିଶୁ ଜନ୍ମ ହେବା ପରେ ତାର ଦୈନିକ ସେବା ଶୁଶ୍ରୂଷା କିପରି କରିବାକୁ ହେବ ସେ କଥା କେତେ ଜଣ ଜାଣନ୍ତି ? ରାତି ପାହିଲେ ନିଜ ପିଲାଙ୍କୁ ଶେଯରୁ ଉଠାଇ ସେମାନଙ୍କର ଆଖି, ନାକ, କାନ, ତୁଣ୍ଡ ଓ ହାତଗୋଡ଼ ପ୍ରଭୃତି ସଫାକରି, ମୁଣ୍ଡ ବାଳକୁ ଉତ୍ତମରୂପେ କୁଣ୍ଡାଇ—ସେମାନଙ୍କୁ ଅଳ୍ପ ଉଷୁମ ପାଣିରେ ଧୋଇ କିମ୍ବା ଗାଧୋଇ ଗଣ୍ଡାଏ ଖାଇବାକୁ ଦେଇ ଖଣ୍ଡେ ଲୁଗା ପିନ୍ଧାଇ ଦାଣ୍ଡକୁ ଛାଡ଼ିବା ପାଇଁ କେତେଜଣ ମା-ବାପ ପ୍ରତିଦିନ ଯତ୍ନ କରନ୍ତି ?

ଅଧିକାଂଶ ପିଲା ରାତିର ବାସି ଶେଯରେ ଶୋଇ ପଡ଼ନ୍ତି । ସେମାନଙ୍କ ଆଖିରେ ଲେନ୍ଧରା ହୋଇ ଆଖିପତା ଗୁଡ଼ିକ ଲାଗିରହି-ଥାଏ, ନାକରୁ ସିଙ୍ଘାଣି ଏବଂ କାନରୁ ପୂଜ ପଡ଼ୁଥାଏ, ମୁଣ୍ଡ ବାଳରେ ଉକୁଣୀ ରହି ଘା କରନ୍ତି । ଏଇ ଘା ଯୋଗୁଁ ପିଲାଙ୍କ କାନପଛ ବେକରେ ବଡ଼ ବଡ଼ ବ୍ରଣ, ଘା ବାହାରି ଥାଏ । ଅନେକ ପିଲା ମୁଣ୍ଡଘାରେ ସଢ଼ୁଥାନ୍ତି । ଜିଭ ଓ ଦାନ୍ତ ସଫା ନ ହେବାରୁ ତୁଣ୍ଡ ଗନ୍ଧାଏ, ଜିଭରେ ବିଶେଷ ମଇଳା ଥାଏ । ଦାନ୍ତ ଗୁଡ଼ିକ ପୋକା ହୋଇ କଟ୍ କଟ୍ ବିନ୍ଧେ । ହାତର ନଖ ଗୁଡ଼ିକ ବଢ଼ିଥିବାରୁ ତହିଁରେ ମେଞ୍ଚା ମେଞ୍ଚା ମାଟି ଓ ମଇଳା ଜମିଥାଏ । ଆଙ୍ଗୁଠି ସନ୍ଧିରେ ମଳ ରହି କାଛୁ ଓ ଘା ବାହାରି ଥାଏ । କେତେ ପିଲା ଜ୍ୱରରେ ସଢ଼ି କତରା ଧରିଥାନ୍ତି—କାହାର ପେଟରେ ଅତିବଡ଼ ଅମ୍ଳଗୁଳ୍ମ (ପ୍ଳୀହା) ଥାଏ—କେତେ ପିଲା ହଗି ହଗି ନୁରୁରା ହୋଇ-ଥାନ୍ତି—ଆଉ କେତେ ଶିଶୁ ଅନ୍ଧ, କାଲ, ମୂକ ଓ ବିକଳାଙ୍ଗ ମଧ୍ୟ ହୁଅନ୍ତି; ଏ ସବୁ ଦୃଶ୍ୟ ଆମ ଦେଶର ଅଧିକାଂଶ ପୁରପଲ୍ଲୀରେ ଥିବା ପ୍ରାୟ ପ୍ରତ୍ୟେକ ଘରେ ଦେଖିବାକୁ ପାଉଁ ! ମୁଁ ଦେଖିଥିବା ହଜାର ହଜାର ଶିଶୁଙ୍କର ଠିକ୍ ଏଇ ଅବସ୍ଥା ! ଏସବୁ ଦୃଶ୍ୟ ଦେଖି କିଏ ସାହସ କରି କହିବ—ଆମଦେଶର ପିତା-ମାତା "ଶିଶୁପାଳନ"ର ସାଧାରଣ ନିୟମ ଜାଣନ୍ତି ?

ଶିଶୁ ଜନ୍ମପରେ ତା'ର ଏକୋଶିଆ, ମାସପୂରାଣୀ, ବର୍ଷପୂରାଣୀ, ବ୍ରତ, ବିବାହରେ ଏବଂ ବାରମାସର ଢେର ପର୍ବରେ ତା ପାଇଁ ନୂଆ ଲୁଗା, ପିଠା-ପଣା ପ୍ରସ୍ତୁତ କରିବା ପାଇଁ ମା ବାପ କେତେ ଖର୍ଚ୍ଚ କରନ୍ତି । ପଇସା ନଥିଲେ ଧାର ଉଧାର ମଧ୍ୟ ଏଥିପାଇଁ ହୁଏ । କିନ୍ତୁ କିପରି ପୁଷ୍ଟିକର ଖାଦ୍ୟ ଖାଇଲେ ଶିଶୁଟି ସୁସ୍ଥ ଓ ସବଳ ହେବ, ସ୍ୱାସ୍ଥ୍ୟର କେଉଁ ନିୟମ ସବୁ ପାଳନ କଲେ ଶିଶୁଟି ନୀରୋଗ ହେବ—ଏକଥା ଆମ ଦେଶବାସୀ ଜାଣନ୍ତି ନାହିଁ । ନିଜ ଶିଶୁକୁ ପୁଷ୍ଟିକର ଖାଦ୍ୟ ଦେବା ପାଇଁ କହିଲେ ଏମାନେ କହନ୍ତି—"ଗରିବ ଲୋକ—ପଇସା କାହୁଁ ପାଇବୁ ଯେ ପିଲାଙ୍କୁ ଏପରି ଖାଦ୍ୟ ଦେବୁଁ ?" ପିଲାଙ୍କ ଦେହ ସଫା ସୁତୁରା କରିବା ପାଇଁ କହିଲେ ଏମାନେ କହନ୍ତି—"ଅଜ୍ଞାନ ପିଲା—ତା ପାଇଁ ଏତେ କରିବା ଦରକାର କଣ ? ତା ଛଡ଼ା ସେ ବଢ଼ୁ" ।

ଏଇଠାରେହିଁ ମୁଁ କହେଁ ଯେ ଆମଦେଶର ପିତା-ମାତା ସାଧାରଣ ପଶୁପକ୍ଷୀଙ୍କଠାରୁ "ଶିଶୁପାଳନ"ର ଅତି ସାମାନ୍ୟ ନିୟମ ମଧ୍ୟ ଜାଣନ୍ତି ନାହିଁ । ସେମାନଙ୍କର ଏହି ଅଜ୍ଞାନତା ଯୋଗୁହିଁ ଆଜି ଆମଦେଶର ହଜାର ହଜାର ଶିଶୁ ଜନ୍ମ ହେଉଁ ହେଉଁ କିମ୍ବା ଜନ୍ମ ହେବାର ଏକବର୍ଷ ମଧ୍ୟରେ ମୃତ୍ୟୁ ମୁଖରେ ପଡ଼ନ୍ତି—କେବଳ ପିତାମାତାଙ୍କ ଅବହେଳା ଫଳରେ । ଏ ଦେଶର ହଜାର ହଜାର ଶିଶୁ ଅନ୍ଧ, କାଲ, ମୁକ ଓ ବିକଳାଙ୍ଗ ହୁଅନ୍ତି— ଏସବୁ କଥା ବୁଝାଇ କହିଲେ ଏମାନେ କହନ୍ତି—'କପାଳ ଦୋଷ' ଓ 'କର୍ମ ଦୋଷରୁ' ଏପରି ଘଟୁଛି !" ଏହା କି କମ୍ ଦୁଃଖର କଥା ? ଦିଅଁ ଦେବତା ପୂଜା କରି ପିଲାଙ୍କୁ ଜନ୍ମ କଲା ପରେ ସେଇ ପିଲାଙ୍କର ଲାଳନ ପାଳନ କଥା ନଜାଣି ସେମାନଙ୍କୁ କେବଳ ଲାଞ୍ଜ କଖାରୁ ପରି ଗଡ଼ାଇ ଦେଲେ କଣ ଏ ଦେଶର ଶିଶୁମାନେ ସୁସ୍ଥ ଓ ସବଳ ହୋଇ ପାରନ୍ତି ? ଏଭଳି ରୁଗ୍ଣ ଶିଶୁମାନେ କଣ ଦିନେ ସବଳ ହୋଇ ଏ ଦେଶର ରକ୍ଷା କରିପାରନ୍ତି ?— ବର୍ତ୍ତମାନ, "ଶିଶୁପାଳନ" ଦିଗରେ ପ୍ରତ୍ୟେକ ପିତାମାତାଙ୍କର କଣ କର୍ତ୍ତବ୍ୟ ସେ ସମ୍ବନ୍ଧରେ କେତେ କଥା ଏଠାରେ ବର୍ଣ୍ଣନା କରିବ ।

୧ । ମାତୃଗର୍ଭରୁ ଆସି ଭୂମିରେ ପଡ଼ିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଶିଶୁର ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକୁ ଉତ୍ତମରୂପେ ପରୀକ୍ଷା କରିବ । ଏପରି ପରୀକ୍ଷାର ସୁବିଧା ପାଇଁ ଉତ୍ତମ ଆଲୋକ ଓ ବାୟୁ ଯା'ଆସ କରିବାଭଳି ସ୍ଥାନରେ ଅନ୍ତୁଡ଼ିଶାଳ ଠିକ କରିବ । ପଲ୍ଲିବାସୀ ଯେପରି ଅତି ସନ୍ତସନ୍ତିଆ ଓ ଅନ୍ଧକାର ଘରେ ନିଜର ସ୍ତ୍ରୀମାନଙ୍କୁ ପ୍ରସବ କରିବାପାଇଁ ସ୍ଥାନର ସୁବିଧା କରନ୍ତି ତାହା ବନ୍ଦ କରିବାକୁ ହେବ । 'ଶିଶୁ ଜନ୍ମ' ଅତି ପବିତ୍ର କାର୍ଯ୍ୟ । ଏଥିପାଇଁ ଅତି ଅନ୍ଧାର ଘର ହେବା ଦରକାର କଣ ? ପୁଣି ପ୍ରସୂତୀଙ୍କୁ ଘରର ସ୍ତ୍ରୀମାନେ ସେବା ଶୁଶ୍ରୂଷା ନ କରି ନୀଚଜାତି ଅପରିଷ୍କୃତା ଅନ୍ୟ ସ୍ତ୍ରୀମାନଙ୍କଦ୍ୱାରା ସେବା କରାଇବା ଅନୁଚିତ ।



Digitized by srujanika@gmail.com

୨ । ଜନ୍ମ ହେଲାକ୍ଷଣି ପ୍ରତ୍ୟେକ ଶିଶୁର ଆଖି, ନାକ, କାନ, ତୁଣ୍ଡ ଓ ମଳମୂତ୍ର ଦ୍ୱାର ପ୍ରଭୃତି ଉତ୍ତମ ରୂପେ ପରୀକ୍ଷା କରିବ - ଏସବୁ ସ୍ଥାନକୁ ସଫା କନା ଖଣ୍ଡିରେ ପୋଛିଦେବ ।

୩ । ପରିଷ୍କୃତ ଉଷୁମ ପାଣିରେ ଶିଶୁକୁ ସ୍ନାନ କରାଇବ । ତା ଦେହର ସବୁ ମଇଳା ଦୂର ହେବାପାଇଁ 'ମୁଗଚୁନା' ଘୋଟି ଲଗାଇବ । ତଦ୍ୱାରା ଶିଶୁର ଦେହ ସଫା ରହିବ ।

୪ । ମା' କ୍ଷୀର ଶିଶୁମାନଙ୍କର ଏକମାତ୍ର ପ୍ରଧାନ ଖାଦ୍ୟ ଅଟେ । ଏକ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁ ମା କ୍ଷୀର ଖାଇବା ଦରକାର କରେ । ଆମ ଦେଶର ପଲ୍ଲୀବାସୀ ଛଅ ଗୁର ମାସର ଶିଶୁକୁ 'ଗଇଣ୍ଠା' ଓ 'ଭାତ ଚକଟା' ପ୍ରଭୃତି ଖୁଆନ୍ତି, ମାତ୍ର ଏପରି ଖାଦ୍ୟ ଶିଶୁମାନଙ୍କ ପକ୍ଷରେ ଆଦୌ ଉପଯୁକ୍ତ ନୁହେ । ଯେଉଁ ମାର କ୍ଷୀର ନ ଥାଏ ସେ ଅନ୍ୟ କୌଣସି ସ୍ତ୍ରୀର କ୍ଷୀର ଦେଇପାରେ କିନ୍ତୁ ସେପରି ସ୍ତ୍ରୀ ସୁସ୍ଥ ଓ ସବଳ ହେବା ଏବଂ ତା-ଠାରେ କୌଣସି ଉତ୍କଟ ରୋଗ ନ ଥିବା ଆବଶ୍ୟକ । ଧାଈ କ୍ଷୀର ଅଭାବରେ ଗାଈ କ୍ଷୀର ଶିଶୁକୁ ଦିଆ ଯାଇପାରେ । କେବଳ ଗାଈ କ୍ଷୀର ଖାଇ ପ୍ରାୟ ଦୁଇ ବର୍ଷ ଯାଏ ପିଲା ବେଶ୍ ହୃଷ୍ଟ ପୁଷ୍ଟ ହୋଇ ଚଳପାରନ୍ତି ।

୫ । ଛୋଟ ଶିଶୁମାନେ ବିଛଣା ଓ କନାରେ ମଳମୂତ୍ର ତ୍ୟାଗ କରନ୍ତି । ଏଣୁ ସେମାନଙ୍କର କନା ଓ ବିଛଣା ପ୍ରଭୃତି ବରାବର ସଫା କରି ଧୋଇବାକୁ ହେବ । ସେ ଗୁଡ଼ିକ ଗରମ ପାଣିରେ ଧୋଇ ଖରାରେ ଶୁଖାଇ ପୁଣି ବ୍ୟବହାର କରିବା ଭଲ କିମ୍ବା ମଧ୍ୟେ ମଧ୍ୟେ ଧୋବା ଘରେ ଦେବା ଉଚିତ ।

୬ । ଶିଶୁମାନେ ଦିନରେ ୫।୬ ଘଣ୍ଟା ଏବଂ ରାତିରେ ୮।୧୦ ଘଣ୍ଟା ଶୋଇବା ଦରକାର । ଶୋଇଥିଲା ସମୟରେ ସେମାନଙ୍କୁ ହଠାତ୍ ଉଠାଇବା ଉଚିତ ନୁହେ । ସେପରି ଉଠାଇଲେ ଶିଶୁମାନେ ହଠାତ୍ ଚମକି ଯାଇ କାନ୍ଦନ୍ତି ।

୭ । ନିୟମିତରୂପେ ଦିନରେ ୫।୬ ଥର ଖାଦ୍ୟ ଦେଲେ ଅଧିକାଂଶ ଶିଶୁ ବେଶ୍ ସୁସ୍ଥ ହୋଇ ବଢ଼ନ୍ତି । ଖାଦ୍ୟ ସଙ୍ଗେ ସଙ୍ଗେ ସେମାନଙ୍କୁ ମୁକ୍ତ ବାୟୁ ଓ ସୂର୍ଯ୍ୟାଲୋକରେ ପ୍ରତିଦିନ କିଛି ସମୟ ଶୁଆଇବାକୁ ହେବ । ତଦ୍ୱାରା ସେମାନେ ଅଧିକ ଫୂର୍ତ୍ତି ପାନ୍ତି ଓ ସେମାନଙ୍କ ଦେହ ସତେଜ ରହେ ।

୮ । ଛୋଟ ଶିଶୁଙ୍କ ପାଇଁ କୌଣସି ଔଷଧ ବ୍ୟବହାର କରିବା ଦରକାର ନାହିଁ । ପ୍ରକୃତି ସେମାନଙ୍କୁ ଯଥେଷ୍ଟ ସାହାଯ୍ୟ କରେ । କେବଳ ଅଜ୍ଞାମାନଙ୍କ କୁମନ୍ତ୍ରଣାରେ ପଡ଼ି ଅନେକ ମା ପିଲାଙ୍କୁ ଅଫିମ, ଚେର ମୂଳ ଓ ବିଷାକ୍ତ ଔଷଧ ଦେଇ ନଷ୍ଟ କରନ୍ତି । ସେପରି କୌଣସି ଔଷଧ ଦେବା ପୂର୍ବରୁ ଶିଶୁଠାରେ ଥିବା ରୋଗର ନିଦାନ ପାଇଁ ସୁଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ ।

୯ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଶିଶୁମାନଙ୍କର ବୁଦ୍ଧି ଏବଂ ସ୍ମରଣ ଶକ୍ତି ବୃଦ୍ଧି ହୁଏ । ଏହି ସମୟରେ ସେମାନଙ୍କୁ ଭଲ ଉପଦେଶ ଦେବ—କୌଣସି ଦୁଷ୍ଟ ପିଲାଙ୍କ ସହ ମିଶି ଅସତ୍ ବ୍ୟବହାର ଯେପରି ନ କରେ ସେ ଦିଗରେ ବିଶେଷ ଦୃଷ୍ଟି ଦେବ ।

୧୦ । ଆମ ଦେଶର ଲୋକେ ଶିଶୁମାନଙ୍କୁ ମିଛରେ 'କୋକବାୟା' ଓ 'ଭୂତ ପ୍ରେତ', କଥା [illegible] ଡରାନ୍ତି । ଏପରି ଡରାଇବାଦ୍ୱାରା ଛୋଟ ଶିଶୁମାନେ ଅତି ଭୀରୁ ହୋଇ ଡରକୁଳା ହୁଅନ୍ତି । ମିଛରେ ସେମାନଙ୍କୁ ସେପରି ଡରାଇବା ଆଦୌ ଉଚିତ ନୁହେ ।

୧୧ । ଅଧିକାଂଶ ମା ନିଜ ଶିଶୁକୁ ଜନ୍ମରୁ ଅଭିଶାପ ଦିଅନ୍ତି । ପୁଅ ଜନ୍ମହେଲେ କହନ୍ତି—"ବଞ୍ଚିଥାଉ, କଉଡ଼ି ଧରି ମାଗି ଚଳିବ," ଝିଅକୁ କହନ୍ତି—"ବଞ୍ଚିଥାଉ, ପର ହାଣ୍ଡି କୋର ଖାଇବ ।" କିନ୍ତୁ କୌଣସି ମା କହେନାହିଁ ଯେ ମୋ ପୁଅ ବଡ଼ହେଲେ ବୋଡ-ବାଣିଜ୍ୟ କରିବ କିମ୍ବା ଧର୍ମପଦ ପରି ନା'କରିବ । ଏପରି ଅଶିକ୍ଷିତା ମା ମାନଙ୍କ ଯୋଗୁଁ ସିନା ଆମଦେଶର ପିଲାମାନେ ଏପରି ଦୁର୍ବଳ ହୁଅନ୍ତି ।

କଥାରେ ଅଛି "ଯାହା ନୋହିବ ବାଳକାଳେ, ତାହା ନହେବ କାଳେ କାଳେ" ଏହି ନୀତି ଅନୁସରି ପ୍ରତ୍ୟେକ ପିତା-ମାତା ନିଜ ଶିଶୁମାନଙ୍କୁ ଅତି ଅଳ୍ପ ବୟସରୁ ଆଦର୍ଶ ସ୍ତ୍ରୀ ପୁରୁଷ ଗଢ଼ିବାପାଇଁ ଯତ୍ନ କରନ୍ତୁ ।

# ଛାୟା-କାୟା

ଶ୍ରୀ—

ସକାଳ କଦେଶ୍ୱରୁ ଆସି ଝିଅପିଅ ସାର ଖଟ ଖଣ୍ଡିକ ଉପରେ ଗଡ଼ ପଡ଼ିଲା ବେଳକୁ ସେହି ପରିଚିତ ସ୍ୱର ଓ ଗୀତ ଝରକା ଅଡୁ ଭାସି ଆସିଲା 'ଅଯୋଧ୍ୟାରାଜନ, କରନ୍ତି ରୋଦନ...' । ଏକା ରାଗିଣୀ ଏକା ଗାଢ—ଏକତାରର ସେହି ଶତବର୍ଷୀନ ଟିଂ, ଟିଂ ଶବ୍ଦ । କିଛି ପରିବର୍ତ୍ତନ ନାହିଁ । କେତେ ଭିଖାରୀ ମୁହଁରୁ ଏ ଗୀତ ଶୁଣିଛି, ଆଉ ବେଉସାକାରୀ ଭିଖାରୀ ପ୍ରତି ଗୋଟାଏ ବିତୃଷ୍ଣା ମଧ୍ୟ ଜନ୍ମି ଯାଇଛି । ତଥାପି କାହିଁକି କେଜାଣି ସେ ଦିନ ପଚାରିଲି "କିଏ ଗାଉଛି ?" ପାଖ ଘରୁ ପ୍ରସନ୍ନ କହିଲା "ଗୋଟାଏ ବୁଢା ଦୁର୍ଯ୍ୟୋଧନ ବାବୁ ଘରେ ଭିକ ମାଗୁଛି ।" ଗାୟକର ସ୍ୱରଟା ବୁଢାଳିଆ ଜଣା ପଡୁଥିଲା କିନ୍ତୁ



Digitized by srujanika@gmail.com

ପ୍ରସନ୍ନର 'ବୁଢା' ଶବ୍ଦ ଉଚ୍ଚାରଣରେ ଟିକିଏ ବିଶେଷତ୍ୱ ଥିଲା ଭଳି ଲାଗିଲା । ପ୍ରସନ୍ନକୁ କହିଲି "ତାକୁ ଆମ ଦୁଆରକୁ ଡାକ" ।

ଜଜବାପା ମଲାଦିନୁ ଆମ ଘରର ଅଧେ ହସ ଓ ଆନନ୍ଦ ଚାଲି-ଯାଇଛି । ସେ ମଲାବେଳେ ମୁଁ ଥାଏଁ କଟକରେ । ୯୫ ବର୍ଷ ବୟସରେ ଗଙ୍ଗା ପ୍ରନେଇ ଦିନ ବ୍ୟା । ସଂସାର ଛାଡ଼ି ଚାଲିଗଲେ । ସେ ମଲା ଦିନରୁ ସବୁ ଗରିବ, ମୋଫସଲି ବୁଢା ମୋତେ ଚେହେରାରେ ଜଜବାପାଙ୍କ ଭଳି ଦିଶନ୍ତି ଓ ସେମାନଙ୍କ ସହିତ କଥାବାର୍ତ୍ତା କରିବାରେ ମୋ ମନରେ ଶାନ୍ତି ଅସେ, ସେମାନଙ୍କୁ ଯଥାଶକ୍ତି ଦାନ କରିପାରିଲେ ମୁଁ ଗର୍ବ ମଧ ଅନୁଭବ କରେଁ । କଲେଜ୍‌ରେ ପଢୁଥିଲା ବେଳେ 'ବାବୁ, ଦାନ୍ତକାଠି' ଡାକ ଡାକ ବୁଢାଟିଏ ଯେବେ ଯେମିତି ଆସୁଥିଲା । ତାର ସରଳତା ଓ ସୁସ୍ଥତାରେ ଜଜବାପାର ପ୍ରତିମୂର୍ତ୍ତି ମୁଁ ଦେଖି ପାରୁଥିଲି । କଲେଜ ଛାଡ଼ିଲା ବେଳକୁ ବୁଢାର ଅବସ୍ଥା ଟିକିଏ ଖରାପ ହୋଇ ପଡ଼ିଥିଲା, ଅଜକୁ ବୋଧହୁଏ ସେ ନ ଥିବ ।

"ନନା, ବୁଢା ଅସିଲାଣି" ପ୍ରସନ୍ନ ଡାକିଲା । ମୁଁ ଉଠିଯାଇ ଦେଖିଲି ବୁଢା ଖଟରେ ବସିଛି ।

'ଖବର କାହିଁକି, ବୁଢା'?

"ହଃ, ଚମଡ଼ା କାଲେଇ ଯାଇଛି, ଗରିବ ମନୁଷ୍ୟର ଖବର ବର୍ଷା କ'ଣ" ତାଚ୍ଛଲ୍ୟ ହସ ମିଶା ସ୍ୱରରେ କହିଲା । ଏହା ଭିତରେ ମୁଁ ମନେ ମନେ ଜଜବାପାଙ୍କ ସହିତ ବୁଢାର ସାଦୃଶ୍ୟ ମିଳାଇ ନେଲି । ମନରେ ବଡ଼ ଆନନ୍ଦ ଅସିଲା ।

"ଯୋତା ହଓଟି କେଉଁଠୁ ପାଇଲ ?" ତଳପା ଆଡ଼କୁ ନଜର ପକାଇ ପଚାରିଲି । ବୁଢା ଡାହାଣ ତଳପାର ଚଟି ଖଣ୍ଡିକ ଆଡ଼କୁ ଅଙ୍ଗୁଳି ଦେଖାଇ କହିଲା 'ଏଠା ବଜାରରେ ପଡ଼ିଥିଲା, ଆଣି ସିଲାଇ କରିଛି' । ବାଁ ତଳପାର କେନ୍‌ଭାସ୍ ଅଧା-ଯୋତା ଖଣ୍ଡିକ ପୋଲସ୍‌ଲାଇନ ପଡ଼ିଆରୁ ମିଳିଥିବାର ଫଧାନ ମଧ ଦେଲା । ଯୋତାର ଅସାମଞ୍ଜସ୍ୟରେ ଅନ୍ୟ କୌଣସି କାରଣ ଥିବାର ଅନୁମାନ କରି ପଚାରିଲି "ଯୋତା ନ ହେଲେ ହୁଅନ୍ତା ନ ?"

"କାଲ କାଲକ କଣ୍ଟିଗଲା, ଖାଲି ଗୋଡ଼ରେ, ତାତଲା ବାଲି ଫଟା ଗୋଡ଼ରେ ବଡ଼ କାଟେ ବୋଲି ଯେମିତି ସେମିତି ମରାମତି କରି ଲଗେଇ ଦେଇଛି । ଖରା ଦୁଇମାସ ଗଲେ ଘରେ ଠାଙ୍ଗି ରଖି ଦେବି ଯେ ।"

"ବୁଢାର ଶାର୍ଟଟାକୁ ନଜର କରିତ" ପ୍ରସନ୍ନ କହିଲା । ମୁଁ ଦେଖି ପସନ୍ଦ କଲି ଶାର୍ଟଟିରେ ପ୍ରାୟ ତିନଗଜ ଉପରେ କନା ଲାଗିଥିବ । ପାଣି ନ ଗଳିବା ଭଳି ମୋଟା କନା ଦେଖି ଭାବିଲି ବୋଧହୁଏ ବୁଢା ନିଜେ ବୁଣି ନିଜ ହାତରେ ସିଇଁଥିବ । ଫେସନର ଷଡ ପୂରଣ ଅଧିକା କନାରେ ।

ଲତା ମା ପଛରୁ ବାହାରି ଦରହସା ହୋଇ କହିଲା, "ବୁଢା, କୁର୍ତ୍ତାଟା କାହୁଁ ଅଣିଲ ?" ସ୍ତ୍ରୀ ଜାତିର ପୋଷାକ ପରିଚ୍ଛଦ ଉପରେ ବୋଧହୁଏ ଆଗେ ନଜର ପଡ଼େ ।

"ଏହା ଭିତରେ ଗୋଟାଏ କଥା ଅଛି" ବୁଢା ଦୀର୍ଘ ନିଃଶ୍ୱାସଟିଏ ପକାଇ ଅରମ୍ଭ କଲା "ଜାଣିଥିବ, ନଈ ଅରପାଖରେ ଝୁଲୁନୁନାଁରେ ଜମାଦାର ଥିଲା ; (ବୁଢାର ଧାରଣାରେ ଝୁଲୁନୁକୁ ଜାଣି ନ ଥିବା ଲୋକ ନାହାନ୍ତି) ତାର ବଗିଚ ଥିଲା—ଘରର ସବୁଠୁ ବଡ଼ କୁକୁଡ଼ାଟା ତା'କୁ ମୁଁ ଦେଇଥିଲି—ଟଂକାଏ ହେବ । ଏ ଅଂଗାଟା ସେ ମୋତେ ଦେଇଥିଲା ତିନିବରଷ ଆଗରେ ।"

ଲତା ଏତିକିବେଳକୁ ଏକତାରା ଆଡ଼କୁ ଦୃଷ୍ଟି ରଖି ମା କାଖରୁ ତଳକୁ ଖସିବା ପାଇଁ ଚେଷ୍ଟାକଲା । ଯନ୍ତ୍ରଟା ଟିକିଏ ନୂଆ ଦେଖି ମୁଁ ପଚାରିଲି "ଏକତାରାଟି ନୂଆ ସାଜିଛ କି ?" ଟିକିଏ ହସି ବାଦ୍ୟଯନ୍ତ୍ରଟିର (ବୁଢାର ନାମକରଣ ଗୋପୀଯନ୍ତ୍ର) ଇତିହାସ କହିବାକୁ ଲାଗିଲା । ନିଜ ବାଡ଼ିର ଗୋଲ ଲାଉ, ଦୁଇ ପଇସାର ତମ୍ବା ତାର ଆଉ ଚାରି ପଇସାର ଛେଳି ଚମଡ଼ାରେ ତାର କାରସାଦ କଥା ବର୍ଣ୍ଣନା କରି ଯନ୍ତ୍ରଟିର ଅବାଜର ପରିଚୟ ଦେବା ଉଦ୍ଦେଶ୍ୟରେ ଦୁଇ ଥର ଟିଂ ଟିଂ ବଜାଇ ଦେଲା ।

ଲତା ଆଉ ସମ୍ଭାଳି ପାରିଲା ନାହିଁ । ଯନ୍ତ୍ର ପାଖକୁ ଯିବାକୁ ବଡ଼ ବ୍ୟତିବ୍ୟସ୍ତ ହେଲା । ମୁଁ ତା ମା ପାଖରୁ ତାକୁ ଅଣି ବୁଢା ପାଖରେ ବସାଇଲି, ବୁଢା ଅରମ୍ଭ କଲା "ଅଯୋଧା ରାଜନ କରନ୍ତି ରୋଦନ ।" ରାମଙ୍କର ବନବାସଠାରୁ ଅଯୋଧା ଫେରିବା ପର୍ଯ୍ୟନ୍ତ । ଛିଟିପିଟିଆ ଲତା ଥରେ ବୁଢା ମୁହଁକୁ ଥରେ ଏକତାରା ଆଡ଼କୁ ଚାହିଁ ଏକ ପ୍ରଶ୍ନସୂଚକ ଚାହାଣି ଦେଉଥାଏ । ତା ମା ଗୀତର ଗଳ୍ପ ଅଂଶଟି ବୁଝୁଥାଏ । ପ୍ରସନ୍ନ ଓ ମୁଁ ଗୀତର ଭାବ ଓ ଭାଷାର ସରଳତା ପ୍ରତି ଲକ୍ଷ୍ୟ କରି ପ୍ରାଚୀନ ଗୀତର ମହତ୍ତ୍ୱ ସହିତ ଗଣ-ସାହିତ୍ୟର କଥା ଭାବୁଥାଉଁ । ବୁଢା ଭାବୁଥାଏ କେତେବେଳେ ସେ ବିଦାୟ ପାଇବ ଓ ତାର ଏତେ ସମୟ ବିନିମୟରେ ପୁରସ୍କାର କ'ଣ ପାଇବ ।

ଦଶମିନିଟରେ ରାମାୟଣ ଶେଷ ହୋଇ ଭଣିତା ହେଲା । ତା ପରେ ବୁଢା ଏକତାରାଟି ରଖି ସତୃଷ୍ଣ ନୟନରେ ମୋ ଆଡ଼କୁ ଚାହିଁଲା । ସଂସାରରେ କେହି କାହାର ଦୁଃଖ ବୁଝେ ନାହିଁ, ସମସ୍ତେ ଯେ ଯାହାର ସ୍ୱାର୍ଥ ନେଇ ବ୍ୟସ୍ତ । ଏହି କଥାକୁ ସମର୍ଥନ କରି ପ୍ରସନ୍ନ ବରାଦ କଲା ଗୋଟିଏ ଚୌପଦୀ ଶୁଣାଇବାକୁ । ବୁଢା ଚୌପଦୀ ଗାଇବାର ବୋଧହୁଏ ସେ ଆଗରୁ ଶୁଣିଥିବ ।

କ୍ଳାନ୍ତିର ଲେଶ ମାତ୍ର ପରିଚୟ ନ ଦେଇ ବୁଢା ପୁଣି ଅରମ୍ଭ କଲା ଗୋଟାଏ ଚୌପଦୀ—ଏଣୁ ପଦେ ତେଣୁ ପଦେ । ପଦକୁ ପଦ ନ ପଶିବାର ଦେଖି ଆମକୁ ହସ ମାଡ଼ିଲା ।

ବୁଢା 'ବେସ୍ମରଣ ହୋଇ ଯାଉଛି, ବୁଢା ହେଲିଣି,' କହି ଏକତାରାଟି ରଖିଦେଲା ।

କହିଲା "କିଏ ବୁଝୁଛି ପଦ ପଶିବା ନ ପଶିବା କଥା, ଲୋକ ଶୁଣିଲେତ ଗାଇଲାବାଲା ପଦ କଥା ବୁଝିବ । ଆଗେ ଲୋକେ ଘରକୁ ଡାକନେଇ ଗୀତ ଶୁଣୁଥିଲେ, ମନ ଖୁସିରେ ବିଦାକ ଦେଉଥିଲେ, ଏବେ ଗାଇ ଗାଇ ତଣ୍ଟି ଶୁଖିଲେ, ବଜାଇ ବଜାଇ ହାତ ବଥା



Digitized by srujanika@gmail.com

କଲେ ବି ଲୋକେ ଘରୁ ବାହାରିବେ ନାହିଁ । କିଏ କହିବ ଗୋରୁ ଜଗ, କିଏ କହିବ କାମ କରି ଖା, ଭିକ ମାଗୁଛୁ କାହିଁକି ? ମାଗିଲେ ବି ସେଇ ଅଠଦିନକୁ ଦିନେ, ସେଇ ପାଳକୁ ପାଳ......।"

ଆହୁରି କ'ଣ କହିବାକୁ ଯାଉଥିଲା ନ କହି ପୁଣି ଏକତାରାଟି ଧରି କୌଣସି ପ୍ରକାର ଦୁଇ ଚାରି ପଦ ମନଇଚ୍ଛା ଗାନ ଗାଇ ଶୁଣାଇଲା ଓ ଅନୁବନ୍ଧ କରି ନିଜ ଭାଷାରେ ଭଣିତା ଦେଲା ।

ବୁଢା ଏକତାରାଟି ରଖି ଦେଉ ନ ଦେଉଣୁ ପଲ୍ଲୀ ପଥ ସଡ଼କରେ କ୍ଲାରିଓନେଟ୍ ଡ୍ରାମ୍ ବଜାଇ ହେଣ୍ଡବିଲ ବାଣ୍ଟି ବାଣ୍ଟି ଗୋଟିଏ ଛକଡ଼ା ଘୋଡ଼ା ଗାଡ଼ିରେ ପ୍ରଶେସନ ଆସିଲା । ଆମେ ସମସ୍ତେ ସେ ଆଡ଼କୁ ଆଖି ପକାଇଲୁଁ । ପ୍ରଶେସନ 'ବିଦ୍ରୋହୀ' ଫିଲ୍ମର ଅଭିନୟ ଘୋଷଣା କରି ଚାଲିଗଲା । ବାଦ୍ୟଯନ୍ତ୍ରାଦିର ସ୍ୱର କ୍ରମେ କ୍ଷୀଣ ହୋଇ ଆସିଲା । "କାହିଁକି ବାଜା ବାଜୁଥିଲା ଜାଣ ?" ବୁଢାକୁ ପଚାରିଲି ।

"କଥା-କୁହା ବାଇସ୍କୋପ ହେବ, ବାବୁ," ବୁଢା ବ୍ୟଙ୍ଗ-ସୂଚକ ହସ ହସି ଉତ୍ତର ଦେଲା ।

"କେବେ ଦେଖିଛ ?"

ବୁଢା ବୋଧହୁଏ ମୋର ପ୍ରଶ୍ନର ଉତ୍ତର ଦେବାକୁ ଯାଉଥିଲା ଏମିତି ସମୟରେ ଲତାର ମା ପ୍ରଶ୍ନ କଲା ।

"ବୁଢା ତୁମର ଆଉ କିଏ ଅଛି ?"

"କିଏ ଆଉ ଥିବ, ଅପନ୍ତରା ବୁଢୀଟା ଅଛି ଘରକୁ ଗଲେ ମୁଠିଏ ଫୁଟେଇ ଦିଏ ।"

"ଛୁଆ ପିଲା ?"

"ଗୋଟିଏ ଟୁଅ" ଅଧିକା ପ୍ରଶ୍ନକୁ ଅପେକ୍ଷା ନ କରି ପୁଣି କହିଲା "ସେ ଭିନେ ଅଛି" ଆଜିକାଲିକା ଢଙ୍ଗ ଇମିତି, ଘୋର କଳିକାଳ ପରା, ଖୁଆଇ ପିଆଇ ବଡ଼ କଲି; ବଳଦ ଗାଡ଼ି ବିକି ଚାରି ଗଣ୍ଡା ଠିକାରେ ବାହା କଲି । ବହୁ ଆସିଲା । ବୁଢା ବାପା ମା କିଏ ପୋଷନ୍ତା କିଣ, ଭାବୁଛି ବୁଢାଟା ମରନ୍ତା କି?"

ଦୁଃଖର କାହାଣୀ ଆଡ଼କୁ ବୁଢ଼ାର ମନ ଅଧିକ ଦୂରକୁ ଟାଣି ନ ହେବା ଉଦ୍ଦେଶ୍ୟରେ ମୁଁ ମୋର ପୂର୍ବର ପ୍ରଶ୍ନ ଆଉଥରେ ପଚାରିଲି "କଥାକୁହା ବାଇସ୍କୋପ୍ ଦେଖିଛ ?" ଏତେବେଳକୁ ଲତା ବୁଢ଼ା ସହିତ ପରିଚୟ କରି ନେଇ ଏକତାରା ଉପରେ ଗୋଟିଏ ହାତର ଭରା ଦେଇ ଅନ୍ୟ ହାତଟି ବୁଢ଼ାର ଦାଢ଼ି ଆଡ଼କୁ ବଢ଼ାଇଲା । ନିଜର ଜୀବନ ନିର୍ବାହର ଯନ୍ତ୍ର ଉପରୁ ଧୀର ଭାବରେ ଲତାର ଗୋଡ଼କୁ ଉଠାଇ ଦେଇ କହିଲା "ଦିନେ ଯାଇଥିଲି, ଯେତେହେଲେ, ବାବୁ, ଛାୟା ଆଉ କାୟା ।"

ଲତାର ମା ଛାୟା ଓ କାୟା ଆଡ଼କୁ କଥା ଚାଲିବାର ଦେଖି ଲତାକୁ ଧରି ଘର ଭିତରକୁ ଚାଲିଗଲା । ଏ ପ୍ରକାର ଗୂଢ଼ତତ୍ତ୍ୱ ଆଲୋଚନାରେ ସେ ବିରକ୍ତ ହୁଏ । ବୁଢ଼ା ପାଖରୁ ତା'ର ଯେତିକି ଖବର ଜାଣିବା କଥା ସେ ସେତିକି ଜାଣି ବୁଢ଼ା ସହିତ ସମ୍ପର୍କ ତୁଟାଇବାକୁ ଚାହେଁ । ବୁଢ଼ାର ଜୀବନ ତା ପକ୍ଷରେ ବୈଚିତ୍ର୍ୟହୀନ ।

ବୁଢ଼ାକୁ ବିଦାୟ ଦେବା କଥା ମୁଁ ବି ମନେ ମନେ କଳ୍ପନା କରୁଥିଲି, ମାତ୍ର ଏ ଛାୟା-କାୟା କଥାଟା ବୁଝିବାକୁ କୌତୂହଳ ଲାଗିଲା । ବୁଢ଼ାର କଥା ଶୁଣିଲା ମାତ୍ରକେ ମୋତେ ଜଣା ପଡ଼ିଲା ଯେମିତି ବୁଢ଼ା କ୍ରମେ କ୍ରମେ ଆଖି ଆଗରୁ ଉଭେଇ ଯାଉଛି ଓ ତା'ର ସ୍ଥାନ ଜେଜେବାପା ଦଖଲ କରିବାକୁ ଯାଉଛନ୍ତି । ପାଞ୍ଚ ବର୍ଷ ପୂର୍ବେ ଆଧୁନିକ ଶିକ୍ଷା ଓ ପ୍ରାଚୀନ କାଳର ଶିକ୍ଷା ସମ୍ବନ୍ଧରେ ଯୁକ୍ତିତର୍କ କରୁଁ କରୁଁ ଜେଜେବାପା ଠିକ୍ ଏଇ ଛାୟା-କାୟା କଥା କହିଥିଲେ । ତାଙ୍କ ମତରେ ଆଧୁନିକ ଶିକ୍ଷା ପ୍ରକୃତ ନ ହୋଇ ଗୋଟାଏ ଛାୟା ମାତ୍ର । ଶିକ୍ଷାର ବିଷୟବସ୍ତୁ ଜାତି ପକ୍ଷରେ ବଡ଼ ଅହିତ ଓ ଜାତୀୟ ଜୀବନର ଗୋଟାଏ ମାୟାମୃଗ । ଆର୍ଯ୍ୟଋଷି ଆମଳର ଗୁରୁକୁଳ ଶିକ୍ଷା ପଦ୍ଧତି ପ୍ରକୃତ ଓ ତାର ପ୍ରଭାବ ଚିରସ୍ଥାୟୀ । "ପୁରୁଣା କାଳିଆ ଲୋକ ସବୁ ନୂଆ କଥା ଦେଖିଲେ ନାକ ଟେକନ୍ତି, ତୁମେ ମରିହଟିଆ" ଏହା କହି ଯୁକ୍ତି ଶେଷରେ ଜେଜେବାପାଙ୍କୁ ବିରକ୍ତ କରିବା କଥା ମୋର ବେଶ ମନେ ପଡ଼ିଗଲା । ମାତ୍ର ସଙ୍ଗେ ସଙ୍ଗେ ମୋର ମନେ ହେଲା ବୁଢ଼ା ଯେମିତି ଆଉ ଏକ ବୁଢ଼ା ରୂପରେ ମୋର ଯୁକ୍ତି ପ୍ରତି ଅବହେଳା ଦେଖାଇ ସେହି ଛାୟା-କାୟା କଥା ଆଉ ଏକ ଦୃଷ୍ଟାନ୍ତ ସାହାଯ୍ୟରେ ବୁଝାଇବାକୁ ଆସିଛନ୍ତି ।

ଅପ୍ରତ୍ୟାଶିତ କଥା ବୁଢ଼ା ମୁହଁରୁ ଶୁଣି ଟିକିଏ ସ୍ତବ୍ଧ ହୋଇ ଛାୟା-କାୟା ସମ୍ବନ୍ଧରେ ବିଶ୍ଳେଷଣ କରିବା ପାଇଁ ବୁଢ଼ାକୁ ଅନୁରୋଧ କଲି । କଥାବାର୍ତ୍ତା ନୀରସ ହେବାର ଦେଖି ପ୍ରସନ୍ନ 'ଆଜି ମୁଣ୍ଡଟା କାହିଁକି ଘୂରିଉଛି' କହି ବାହାର କୋଠରୀର ବିଛଣାଟା ଉପରେ ଦଣ୍ଡେ ବସିଲା, ଦଣ୍ଡକ ବାଦ୍ ଘୁଙ୍ଗୁଡ଼ି ମଧ୍ୟ ମୁଁ ଶୁଣି ପାରିଲି ।

"ଏସବୁ ଖାଲି ଆଜି ଭେଲକି ଖେଳ, ବାବୁ । ଏ ହେଲା ବଡ଼ବଡ଼ଆଙ୍କ କଥା, ଯାହାର ପଇସା ଅଛି ତାହାର ମଉଜ ମଜଲିସ୍ ପାଇଁ ଏ ସବୁ । ଗରିବ ଲୋକଙ୍କର ଏ ସବୁକୁ ବେଳ କାହିଁ ନା ପଇସା ଅଛି । ଗାଁରେ ପାଲା ଗାଆଣ, ନାଟ ତାମସା ବିନା ପଇସାରେ ରାତି ସାରା ବସି ଦେଖ, କେହି 'ଉଠ୍' ବୋଲି କହିବାକୁ ନାହିଁ । ବାଇସ୍କୋପ ଦେଖିଲେ ପଇସା ପଡ଼େ, ନୋହିଲେ ମାରପିଟ୍, ଉଠାବସା, ଧରପଗଡ଼ । ନା ଅଛି ଆମ କଥା, ନା ଅଛନ୍ତି ଆମ ଲୋକେ । ତେବେ ବାବୁ, ଏତିକି ଦୁଃଖ ଯେ ଆମ ଗାଁରେ ଆଉ ପରବ ପୁନେଇ ନାହିଁ କି ନାଟ ତାମସା ନାହିଁ—ଏବେ ଖାଲି କଳିତକରାଳ ।"

ବୁଢ଼ା ଉଠିବାକୁ ବସିଲା ତାର ତାଳପକା ଥଳୀ ଖଣ୍ଡିକ ଓ ଜୀବନ ନାର୍ଡ଼ୀ ଏକତାରା ଖଣ୍ଡିକ ଧରି । ଅଣ୍ଟାରୁ ବାହାର କରି ପଇସାଟିଏ ଦେଲି—ବୁଢ଼ା ନମସ୍କାରଟିଏ କରି ଫେରିପଡ଼ିଲା ।

ନମସ୍କାର ପାଇଁ ମୁଁ ଆଦୌ ପ୍ରସ୍ତୁତ ନ ଥିଲି । ପ୍ରକୃତିସ୍ଥ ହୋଇ ପଛଆଡ଼ୁ ଡାକ ଦେଲି "ପାଳକୁ ପାଳ ଆସୁଥିବ, ବୁଝିଲ ।" କନଅର ଗଛର ଅନ୍ତରାଳରୁ ଗୋଟାଏ କ୍ଷୀଣ 'ହୁଁ' ଶୁଭିଲା ।

ତିନପାଳ ଏ ମଧ୍ୟରେ କଟିଗଲାଣି, ବୁଢ଼ା ଆସି ନାହିଁ । କିନ୍ତୁ ତାର ସେହି ଛାୟା—କାୟା କଥାଟା............।



Digitized by srujanika@gmail.com

# ସଂକ୍ଷିପ୍ତ ସାର

( ଅନାତୋଲ୍ ଫ୍ରାନ୍ସ୍-ରୁ )

**ଶ୍ରୀ ଜଗତ୍ ମୋହନ ସେନ**

ରାଜା କହିଲେ ମନ୍ତ୍ରୀ, ମନରେ ବଡ଼ ଅକ୍ଷେପ ରହିଗଲା— ପୃଥିବୀର ଇତିହାସଟା ଆଜି ମୁଁ ପଢ଼ି ପାରିଲି ନାହିଁ । ଜୀବନରୁ ତ ଅଧାଅଧି କଟିଗଲା, ଏବେ ବହି ପଢ଼ିବି ଭଲା କେବେ !

ମନ୍ତ୍ରୀ କହିଲେ, କଛି ଚିନ୍ତା ନାହିଁ ମହାରାଜ, ମୁଁ ପଣ୍ଡିତମାନଙ୍କୁ କହି ଚୁମ୍ବକରେ ସବୁ ଲେଖେଇ ଦେଉଛି । ଅପଣ ଅଳ୍ପରେ ସବୁ ପଢ଼ିବେ ।

ପଣ୍ଡିତମାନଙ୍କୁ ହୁକୁମ ହେଲା ସାଙ୍ଗେ ସାଙ୍ଗେ ।

କୋଡ଼ିଏ ବର୍ଷ ଲାଗିପଡ଼ି, ବହୁତ ମୁଣ୍ଡ ଖୁଆଇ, ବହୁତ ଖତଣ୍ଡା କରି ପଣ୍ଡିତମାନେ ବିଶ୍ୱ-ଇତିହାସର ନିର୍ଯ୍ୟାସ କାଢ଼ି କୋଡ଼ିଏ ଖଣ୍ଡ ବହିରେ ଭର୍ତ୍ତି କଲେ ।

ରାଜା ଶୁଣି ହସିଲେ, କହିଲେ କରେ କୋଡ଼ିଏ ବର୍ଷ ତ ବହି ଲେଖାରେ ଗଲା ; ଆଉ କେତେଟା ଦିନ କ? କୋଡ଼ିଏ ଖଣ୍ଡ ବହି ପଢ଼ିବାକୁ ଦିନ କାହିଁ ମୋତେ ! ଏ ପଟିବ ନାହିଁ, ବହି ଆହୁରି ସଂକ୍ଷିପ୍ତ କର ।

ପଣ୍ଡିତ ସମ୍ପ୍ରଦାୟ ଫେରିଗଲେ । ପୁଣି ଦଶ ବର୍ଷ ଖଟିଲେ, କୋଡ଼ିଏ ଖଣ୍ଡର ମାଲ-ମସଲା ଧୋଇ-ପାଛୁଡ଼ି ଦଶଖଣ୍ଡ ପୋଥିରେ ଥୋଇ ପୁଣି ରାଜ-ସଭାକୁ ଅସିଲେ ।

ମହାରାଜ, ଏଥର ଟିକିଏ ପା ମିଳିବାକୁ ହୁକୁମ ହେଉ ।

ରାଜା କହିଲେ, ହା ମୂର୍ଖ, ମୋର କ ଆଉ ଖେଳ-କାଳ ଅଛି ! ବହି ଆହୁରି ସଂକ୍ଷିପ୍ତ କର ।

ପୁଣି ପାଞ୍ଚ ବର୍ଷ ଗଲା । କାଳର ଜାଲରେ କ୍ଷୀରରୁ ମାର ମାର ଦଶଟା ପୋଥିର ବିଷୟ ପାଞ୍ଚଖଣ୍ଡରେ ସମାପ୍ତ କରି ପଣ୍ଡିତମାନେ ପୁଣି ଅସିଲେ ।

ସେତେବେଳେ ରାଜାଙ୍କର ଶେଷ ସମୟ ଉପସ୍ଥିତ । ନାଡ଼ିଶ୍ୱାସ ଉଠିଲାଣି; କହିଲେ, ତଳ ଦଅ ଏ ମୂର୍ଖଗୁଡ଼ାକୁ, ଖାଲି ଲୁଣ୍ଠା ଦେଇ ପାଠ ପଢ଼ିଥିଲେ । କରେ ଏତେବେଳେ ହରିନାମ ଶୁଣିବି କ ପୋଥିର ପନ୍ନ ଗଣିବି !

ରାଜାଙ୍କ ପାଖରେ ପିଲାଟିଏ ଥିଲା । ସେ ଉଠି ଅସି ରାଜାଙ୍କ କାନ ପାଖରେ କହିଲା, ମହିମା, ବିଶ୍ୱ-ଇତିହାସର ସଂକ୍ଷିପ୍ତ-ସାର ମୁଁ କହି ଦଉଛ ଶୁଣନ୍ତୁ,—ମଣିଷ ଗୁଡ଼ାକ ଜନ୍ମିବା ପରେ କଛି ଦିନ ଗୁଡ଼ାଏ ଦୁଃଖ ଭୋଗନ୍ତି, ତା'ପରେ ବୋବାଙ୍କ ପରି ଦାନ୍ତ ନିକଟି ମରି ଯାଆନ୍ତି ।

# ହସ କୌତୁକ

କୌଣସି ଭଦ୍ରଲୋକ ରାସ୍ତାରେ ଯାଉଁ ଯାଉଁ ହଠାତ୍ ଜଣେ ମହିଳାଙ୍କ ସଙ୍ଗେ ତାଙ୍କର ସାକ୍ଷାତ୍ ହେଲା । ମହିଳାଙ୍କର ପରିଚୟ ପାଇବାର ଅନ୍ୟ କୌଣସି ସୁବିଧା ନ ଦେଖି ସେ ପ୍ରଶ୍ନକଲେ— "ମାଫ୍ କରିବେ—ମୋର ବୋଧହୁଏ ଅପଣଙ୍କ ସଙ୍ଗେ କେଉଁଠାରେ ଦେଖା ହୋଇଥିଲା ନା ? ହିଁ—ବରହମପୁରରେ ନା' କଣ !"

ମହିଳା – "ମୁଁ ତ କେବେ ବରହମପୁର ଯାଇନାହିଁ"

ଭଦ୍ରଲୋକ—"ଓ, ମୁଁ ମଧ ବରହମପୁର ଦେଖି ନାହିଁ ତ ! ତା'ହେଲେ ସେ ଦୁଇଜଣ ଆଉ କେହି ହୋଇଥିବେ"

* * * *

ଶିକ୍ଷକ—"ଯଦୁ—ତମେ କାହିଁକି କାଲି ସ୍କୁଲକୁ ଅସି ନ ଥିଲ" ?

ଯଦୁ—"ମହାଶୟ, କାଲି ବର୍ଷା ହେଉଥିବାରୁ ମୋ ମା ଅସିବା ପାଇଁ ମନାକଲେ ।"

ଶିକ୍ଷକ—"ତାହାହେଲେ ଅନ୍ୟ ପିଲାମାନେ ଅସିଲେ କପରି ?"

ଯଦୁ—"ସେମାନଙ୍କର ନିଶ୍ଚୟ ସାବତ ମା ଥିବେ" ।

* * * *

ରାଧାମା—"ହଲୋ ସୁଶୀଳା—ଏତେବେଳଯାଏ ବାରିଅଡ଼େ ସେ ଭେଣ୍ଡିଅଟା ସଙ୍ଗରେ କ'ଣ କରୁଥିଲୁ ।"

ସୁଶୀଳା—"ଅମେ ପରା ତାରା ଗଣୁଥିଲୁଁ",

ରାଧାମା—"ହଲୋ, ମେଘ ତ ଘୋଟି ରହିଛି—ତାରା ଗଣୁଥିଲ କିମିତି ?

ସୁଶୀଳା—"ଅମକୁ କ'ଣ ସେ କଥା ଜଣା ଥିଲା କ ?"



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ହାଇଦ୍ରାବାଦ

### ଯୁଦ୍ଧ ପାଇଁ ନିଜାମଙ୍କ ଦାନ

ରାଜ୍ୟର ବାହାରେ କାର୍ଯ୍ୟ କରିବାପାଇଁ ହାଇଦ୍ରାବାଦରେ ଯେଉଁ ପଦାତିକ ଓ ଅଶ୍ୱାରୋହୀ ସୈନ୍ୟ ଅଛନ୍ତି ସେମାନଙ୍କର ବ୍ୟୟ ନିର୍ବାହ ନିମନ୍ତେ ହାଇଦ୍ରାବାଦ ଓ ବେରାରର ନିଜାମ ମହାମାନ୍ୟ ବଡ଼ଲାଟଙ୍କୁ ମାସିକ ଟ ୧,୫୦,୦୦୦ ଙ୍କା ଲେଖାଏଁ ଦେବାର ପ୍ରତିଶ୍ରୁତି ଦେଇ ଅଛନ୍ତି । ଏତଦ୍‌ବ୍ୟତୀତ ନିଜାମ ବ୍ୟୋମ ଯୁଦ୍ଧ ଉଦ୍ଦେଶ୍ୟରେ ନଗଦ ୧୦୦,୦୦୦ ପାଉଣ୍ଡ ମଧ୍ୟ ଦାନ କରିଅଛନ୍ତି । ୧୯୨୭ ମସିହାରେ ସେ ସେତିକି ମୁଦ୍ରା ଜଳଯୁଦ୍ଧ ପାଇଁ ଦାନ କରିଥିଲେ । ବ୍ୟୋମ-ବିଭାଗ ଗୋଟିଏ ନୂତନ ବିମାନ-ବାହିନୀ ଗଠନରେ ଉକ୍ତ ଅର୍ଥ ବ୍ୟୟ କରିବାର ସ୍ଥିର କରିଅଛନ୍ତି । ଏହି ବିମାନ-ବାହିନୀ ଶୀଘ୍ର ଗଠିତ ହେବ ଓ ଏହାର ନାମ "ହାଇଦ୍ରାବାଦ ବିମାନ-ବାହିନୀ" ରଖାଯିବ ।

### ପ୍ରାଥମିକ ଶିକ୍ଷା

ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି କଳ୍ପେ ରାଜସରକାର ଯେଉଁ ବ୍ୟବସ୍ଥାମାନ ମଞ୍ଜୁର କରିଥିଲେ ତାହାର ଫଳରେ ଗତ ଦଶବର୍ଷ ମଧ୍ୟରେ ହାଇଦ୍ରାବାଦ ରାଜ୍ୟରେ ଶିକ୍ଷାର ପ୍ରସାର ଯଥେଷ୍ଟ ବର୍ଦ୍ଧିତ ହୋଇଅଛି । ଏହି ବ୍ୟବସ୍ଥା ସମୂହରେ ଅବୈତନିକ ପ୍ରାଥମିକ ଶିକ୍ଷାର ବହୁଳ ଉନ୍ନତି ନିମନ୍ତେ ଓ ତାହା ଯେପରି ଜନ-ସାଧାରଣଙ୍କର ବିଶେଷତଃ ପଲ୍ଲିବାସୀଙ୍କର ଦୈନନ୍ଦିନ ପ୍ରୟୋଜନରେ ଲାଗି ପାରିବ ସେଥିପ୍ରତି ସବିଶେଷ ଦୃଷ୍ଟି ଦିଆ ଯାଇଅଛି ।

ଶିକ୍ଷାର ପ୍ରସାର ନିମନ୍ତେ ଆପାତତଃ ଏକ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରା ଯାଇଅଛି । ଏକ ହଜାର କମ୍ବା ତହିଁରୁ ଅଧିକ ଲୋକ ବାସ କରୁଥିବା ଗ୍ରାମମାନଙ୍କରେ ଗୋଟିଏ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବା ଏହି ଯୋଜନାର ଲକ୍ଷ୍ୟ । ଏଥିପାଇଁ ଅଧିକା ଟ ୭,୫୦,୦୦୦ ଙ୍କା ଚଳିତ ବର୍ଷ ବଜେଟରେ ମହଜୁତ ରଖା ଯାଇଅଛି ଓ ପାଞ୍ଚବର୍ଷ ମଧ୍ୟରେ ଏହାକୁ ଟ ୧୨,୫୦,୦୦୦ ଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯିବ ।

### ନାରୀ-ଶିକ୍ଷା

ଓସମାନିଆ ବିଶ୍ୱବିଦ୍ୟାଳୟର ଗତ ବାର୍ଷିକ ବିବରଣୀରୁ ଜଣାଯାଏ ଯେ ନାରୀ-ଶିକ୍ଷା ସମ୍ବନ୍ଧରେ ୧୯୩୭ ସାଲ୍ ଫସଲି ବା ୧୯୩୭-୩୮ରେ ଏକ ବିଶେଷ ବ୍ୟବସ୍ଥା ଅବଲମ୍ବନ କରା ଯାଇଅଛି । ଓସମାନିଆ ବିଶ୍ୱବିଦ୍ୟାଳୟରେ ନାରୀମାନଙ୍କ ପାଇଁ ଏମ୍. ଏସ୍. ସି. ଶ୍ରେଣୀମାନ ଖୋଲା ଯାଇଅଛି ଓ ବାଳିକାମାନଙ୍କର ପ୍ରବେଶିକା, ଆଇ. ଏ. ଏବଂ ବି. ଏ. ପରୀକ୍ଷାପାଇଁ ଗାର୍ହସ୍ଥ୍ୟ-ବିଜ୍ଞାନ ଶ୍ରେଣୀ ଖୋଲା ଯାଇଅଛି । ସେମାନେ ଅନ୍ୟ ବିଷୟ ପରିବର୍ତ୍ତରେ ଏହି ବିଜ୍ଞାନ ଅଧ୍ୟୟନ କରି ପାରିବେ ।

### ଭେଷଜ ବୃକ୍ଷର ଗବେଷଣା

ଇଉନାନି ଓ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ ନିମନ୍ତେ ସ୍ଥାନୀୟ ବଜାରରେ ଖାଣ୍ଟି ଓ ଟଟକା ଚେର ମୂଳ ପ୍ରଭୃତି ମିଳୁ ନ ଥିବାରୁ ରାଜ୍ୟ ମଧ୍ୟରେ ଏ ଗୁଡ଼ିକର ଆବଶ୍ୟକତା ପରିପୂରଣ କରିବାପାଇଁ ନିଜାମଙ୍କ ରାଜ୍ୟର କୃଷି ବିଭାଗ କିପରି ମାଟିରେ ଏହିସବୁ ବୃକ୍ଷ ଓ ଲତା ସହଜରେ ଜନ୍ମିବ ଏବଂ କେଉଁ କେଉଁ ପ୍ରଧାନ ଭେଷଜ ଉଦ୍ଭିଦ ରାଜ୍ୟ ମଧ୍ୟରେ ହୋଇ ପାରିବ ସେ ସମ୍ବନ୍ଧରେ ଗବେଷଣା କରୁଅଛନ୍ତି । ରାଜ୍ୟ ମଧ୍ୟରେ ଥିବା କୃଷି ଫାର୍ମମାନଙ୍କରେ ସ୍ଥାନୀୟ ବୀଜ ସଂଗ୍ରହ କରି ଏ ସମସ୍ତ ଗବେଷଣା ଆରମ୍ଭ କରା ଯାଇଅଛି ।

### ଖଜଣା ଛାଡ଼

ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳର କୃଷକମାନଙ୍କର ଦୁରବସ୍ଥା ଦୂର କରିବା ନିମନ୍ତେ ହାଇଦ୍ରାବାଦ ରାଜସରକାର ୧୯୩୯-୪୦ ମସିହା ପାଇଁ ପ୍ରାୟ ୫୦ ଲକ୍ଷ ଟଙ୍କା ଖଜଣା ମାଫ୍ ଦେଇଅଛନ୍ତି ।

## ମହୀଶୂର

### ନୂତନ ସଂସ୍କାର

ଗତ ନଭେମ୍ବର ୭ ତାରିଖରେ ପ୍ରକାଶିତ ଏକ ଘୋଷଣାରେ ମହୀଶୂରର ମହାରାଜା ତାଙ୍କ ରାଜ୍ୟରେ ନିମ୍ନଲିଖିତ ସଂସ୍କାରମାନ ପ୍ରବର୍ତ୍ତନ କରିଥିବାର ଜଣାଯାଏ:—କାର୍ଯ୍ୟ ନିର୍ବାହକ ସଭା (Executive Assembly) ର ପରିସର ବୃଦ୍ଧି, ବ୍ୟବସ୍ଥାପକ ସଭାରେ ନିର୍ବାଚିତ ସଭ୍ୟ ସଂଖ୍ୟାର ଆଧିକ୍ୟ, ପ୍ରତିନିଧି ପରିଷଦ୍ (ନିମ୍ନ ସଭା) ପାଇଁ ନିର୍ବାଚନ ମଣ୍ଡଳୀର ପ୍ରସାରଣ ଓ ମୁସଲମାନ-ମାନଙ୍କ ପାଇଁ ପୃଥକ ନିର୍ବାଚନ ମଣ୍ଡଳୀର ବ୍ୟବସ୍ଥା ।



Digitized by srujanika@gmail.com

ଉଭୟ ବ୍ୟବସ୍ଥାପକ ସଭାର କ୍ଷମତା ଓ କାର୍ଯ୍ୟ ପ୍ରଣାଳୀ ବଢାଇ ଦିଆ ଯାଇଅଛି । ଦେୱାନ ଏବଂ ଚାରିଜଣ ମନ୍ତ୍ରୀଙ୍କୁ ନେଇ କାର୍ଯ୍ୟନିର୍ବାହକ ସଭା ଗଠିତ ହେବ ଏବଂ ୪ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ଅନ୍ତତଃ ଦୁଇଜଣ ବ୍ୟବସ୍ଥାପକ ସଭାର ନିର୍ବାଚିତ ସଭ୍ୟ ହୋଇଥିବେ ।

ଶାସନ-ସଂସ୍କାର କମିଟିର (Constitutional Reform Committee) ସୁପାରିସ ଅନୁଯାୟୀ ରାଜସରକାର ଏହି ଆଦେଶ ଜାରି କରିଅଛନ୍ତି ଓ ତନ୍ମଧ୍ୟରେ ଏହି ବ୍ୟବସ୍ଥାଗୁଡ଼ିକ ସନ୍ନିବେଶିତ ହୋଇଅଛି ।

## ଶିଳ୍ପ ସମ୍ବନ୍ଧୀୟ ଗବେଷଣା

ରାଜ୍ୟର ଶିଳ୍ପଦିଗରେ ଦ୍ରୁତ ଉନ୍ନତି ଲକ୍ଷ୍ୟ କରି ମହୀଶୂର ରାଜସରକାର ଶିଳ୍ପବିଭାଗ ଗୁଡ଼ିକର ସମନ୍ୱୟ ନିମନ୍ତେ ଓ ଶିଳ୍ପ ବିଷୟରେ ନୂତନ ସମସ୍ୟା ଆଲୋଚନା କରିବା ପାଇଁ ଗୋଟିଏ "କେନ୍ଦ୍ର ଶିଳ୍ପ ଗବେଷଣା ସଂଘ" ସ୍ଥାପନ କରିବାର ସଂକଳ୍ପ କରିଅଛନ୍ତି । ଏହି ସଂଘ ଗୋଟିଏ ସ୍ୱତନ୍ତ୍ର ବିଭାଗରୂପେ ରାଜ-ସରକାରଙ୍କ ଦ୍ୱାରା ଗଠିତ ହେବ ଏବଂ ସମସ୍ତ ଶିଳ୍ପ ବିଭାଗର ଉଚ୍ଚପଦସ୍ଥ କର୍ମଚାରୀ, ଗବେଷଣାରେ ବ୍ୟାପୃତ ଥିବା ବୈଜ୍ଞାନିକ ଓ ଶିଳ୍ପାନୁଷ୍ଠାନର ପ୍ରତିନିଧିମାନେ ଏହି ବିଭାଗରେ ରହିବେ । ବାହାରର ରାଜ୍ୟରୁ ଯେଉଁ ସମସ୍ତ କଞ୍ଚା ବା ଅପରିଣତ ମାଲ ଆମଦାନି ହେଉଅଛି ଓ ଯୁଦ୍ଧ ଯୋଗୁଁ ସେ ସମସ୍ତ ଆମଦାନି କରିବାର ଯେଉଁ ଅସୁବିଧା ଘଟୁଅଛି ତାହା ଏହି ବିଭାଗର ପ୍ରଧାନ ଆଲୋଚ୍ୟ ବିଷୟ ହେବ ।

## ଚିକିତ୍ସାର ବ୍ୟବସ୍ଥା

ମହୀଶୂର ବିଶ୍ୱବିଦ୍ୟାଳୟ ଇଉନିଅନର ସଭ୍ୟମାନଙ୍କୁ ଦିଆ ଯାଇଥିବା ଏକ ଅଭିଭାଷଣରେ ଅଧ୍ୟାପକ ରାଧାକୁମୁଦ ମୁଖାର୍ଜି କହିଥିଲେ :—

"ଚିକିତ୍ସାର ବ୍ୟବସ୍ଥା ସମ୍ବନ୍ଧରେ ମହୀଶୂର ତାହାର ପଡ଼ୋଶୀ ମାନ୍ଦ୍ରାଜ ଏବଂ ବୋମ୍ବାଇ ଏହି ଦୁଇ ପ୍ରଦେଶ ଅପେକ୍ଷା ଯେ ଯଥେଷ୍ଟ ଆଗେଇ ଚାଲିଛି ଏହା ବୋଧହୁଏ ସମସ୍ତଙ୍କୁ ଜଣା ନାହିଁ ।

ମାନ୍ଦ୍ରାଜ ଓ ବୋମ୍ବାଇ ଏହି ଦୁଇ ପ୍ରଦେଶ ଯଥାକ୍ରମେ ଲୋକ ପିଛା ଟ°୩୯ ଓ ଟ°୩୬ ଚିକିତ୍ସା ପାଇଁ ଖର୍ଚ୍ଚ କରୁଥିବା ସ୍ଥଳେ ମହୀଶୂର ପ୍ରତ୍ୟେକ ଲୋକ ପାଇଁ ଟ°।୬ ଖର୍ଚ୍ଚ କରେ ।

ମହୀଶୂରରେ ୩°୫ ଗୋଟି ଡାକ୍ତରଖାନା ଅଛି । ପ୍ରତି ୨୧,°୫୯ ଜଣ ଲୋକ ପାଇଁ ବା ପ୍ରତି ୯୬ ବର୍ଗ ମାଇଲ ମଧ୍ୟରେ ଗୋଟିଏ ଲେଖାଏଁ ଡାକ୍ତରଖାନା ଅଛି । ମାତ୍ର ବୋମ୍ବାଇରେ ପ୍ରତି ୬୨,୯°୮ ଲୋକ ପାଇଁ ବା ପ୍ରତି ୩୫୮ ବର୍ଗ ମାଇଲ ପାଇଁ ଏବଂ ମାନ୍ଦ୍ରାଜରେ ପ୍ରତି ୩୬,୭୮୩ ଲୋକ ପାଇଁ ବା ପ୍ରତି ୧୧୧ ବର୍ଗ ମାଇଲରେ ଗୋଟିଏ ଲେଖାଏଁ ଡାକ୍ତରଖାନା ଅଛି । ମହୀଶୂରର ପ୍ରତ୍ୟେକ ଡାକ୍ତରଖାନାରେ ରହି ଚିକିତ୍ସା ଲାଭ କରୁଥିବା ରୋଗୀଙ୍କର ଦୈନିକ ହାରାହାରି ସଂଖ୍ୟା ମାନ୍ଦ୍ରାଜର ସେହି ସଂଖ୍ୟାର ପ୍ରାୟ ୭ ଗୁଣ ହେବ ।

ଗତ ବର୍ଷ ମହୀଶୂର ରାଜ୍ୟରେ ୯୧,୨୮୭ ଗୋଟି ଅସ୍ତ୍ର ଚିକିତ୍ସା ହୋଇଥିବାର ଆମ୍ଭେମାନେ ଦେଖୁଁ । ମହୀଶୂରର ଏହି ସଂଖ୍ୟା ସହିତ ମାନ୍ଦ୍ରାଜ କିମ୍ବା ବୋମ୍ବାଇର ସଂଖ୍ୟା ତୁଳନା କରି ଯାଇ ନ ପାରେ । ସମସ୍ତ ମାନ୍ଦ୍ରାଜ ଓ ବୋମ୍ବାଇ ପ୍ରଦେଶରେ ଯଥାକ୍ରମେ ୬୯,୮୭୪ ଓ ୧°,°୩୪ ଗୋଟି ଚକ୍ଷୁ ଅସ୍ତ୍ର-ଚିକିତ୍ସା ହୋଇଥିବା ସ୍ଥଳେ କେବଳ ମହୀଶୂରର ୧୩ ଗୋଟି ପ୍ରଧାନ ଡାକ୍ତର-ଖାନାରେ ୨୧,୫୬୯ ଗୋଟି ଅସ୍ତ୍ରୋପଚାର ହୋଇଥିଲା । ଉକ୍ତ ଅସ୍ତ୍ରୋପଚାର ଗୁଡ଼ିକରେ ମାନ୍ଦ୍ରାଜରେ ଶତକଡ଼ା ୬୬ ଓ ମହୀଶୂରରେ ୨୪ ଜଣ ମରିଥିଲେ ।"

# ଗୋଆଲିୟର

## ଗ୍ରାମ ସଂଗଠନ ଉଦ୍ୟମ

ଗ୍ରାମ ସଂଗଠନ କାର୍ଯ୍ୟର ପ୍ରାଥମିକ ବ୍ୟବସ୍ଥାରୂପେ ଗୋଆଲିୟର ରାଜ୍ୟରେ ଥିବା ସମବାୟ ସମିତିଗୁଡ଼ିକର ପୁନର୍ଗଠନ କରାଯାଇ ନୂତନ ପ୍ରେରଣା ଦିଆ ଯାଇଅଛି । କେତେକ କର୍ମଚାରୀଙ୍କୁ ସମବାୟ ଓ ଗ୍ରାମ ସଂଗଠନ ସମ୍ବନ୍ଧରେ ବିଶେଷ ଶିକ୍ଷା ଦିଆ ଯାଇଅଛି ଓ ଏହି ଶିକ୍ଷାପ୍ରାପ୍ତ କର୍ମୀମାନଙ୍କ ସାହାଯ୍ୟରେ ୧୯୪° ମସିହାଠାରୁ ଶିବପୁରୀଠାରେ ଗୋଟିଏ ପଲ୍ଲୀ-ସେବା-ସଦନ ଖୋଲା ଯାଇଅଛି ।

ସରକାର ଗ୍ରାମ ସଂଗଠନ ପାଇଁ ଯେଉଁ ଏକକୋଟି ଟଙ୍କାର ଗୋଟିଏ ପାଣ୍ଠିର ପ୍ରତିଷ୍ଠା କରିଥିଲେ ତାହା ଚଳିତବର୍ଷ ପୂର୍ଣ୍ଣାବୟବ ପ୍ରାପ୍ତ ହୋଇଅଛି । ଗୋଟିଏ କମିଟିଦ୍ୱାରା ପ୍ରସ୍ତାବିତ ଗ୍ରାମ ସଂଗଠନର ଯୋଜନାକୁ ଦରବାର ମଞ୍ଜୁର କରିଅଛନ୍ତି । ଏହି ବିରାଟ ଦାନ ମଧ୍ୟରେ ମହାରାଜାଙ୍କର ଯେଉଁ ଉଦ୍ଦେଶ୍ୟ ନିହିତ ଅଛି ତାହା କାର୍ଯ୍ୟରେ ପରିଣତ କରିବା ପାଇଁ ରାଜ୍ୟର ବିଭିନ୍ନ ଲୋକ-ହିତକର କାର୍ଯ୍ୟ ଗୁଡ଼ିକୁ ଏକ ଶ୍ରେଣୀଭୁକ୍ତ କରି ପ୍ରତ୍ୟେକ ଗ୍ରାମବାସୀଙ୍କୁ ଯଥାର୍ଥ ଓ ବ୍ୟକ୍ତିଗତ ଭାବରେ ଉପକୃତ କରିବା ପାଇଁ ଯୋଜନାରେ ନିର୍ଦ୍ଦେଶ ରହିଛି । ଗ୍ରାମ ସଂଗଠନ କାର୍ଯ୍ୟ ଯୋଗୁଁ ବର୍ତ୍ତମାନ ଚାଲୁଥିବା ବିଭାଗୀୟ କାର୍ଯ୍ୟସମୂହର ପ୍ରୟୋଜନୀୟତା ପୂର୍ବାପେକ୍ଷା ବହୁତ ବଢ଼ି ଯାଇଅଛି ଏବଂ ତାହା ସମଗ୍ର ଶାସନ ପରିଚାଳନା ପ୍ରତି ନୂତନ ଆଦର୍ଶ ଓ ନୂତନ କର୍ମପନ୍ଥା ଯୋଗାଉଅଛି । ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରେ ଅଧିକତର ସହଯୋଗ ଓ ସହାନୁଭୂତି ଜାଗ୍ରତ କରିବା ପାଇଁ ଗୋଟିଏ ସହଯୋଗ ସଂଘ ସ୍ଥାପିତ ହୋଇଅଛି । ପ୍ରତ୍ୟେକ ସୁବାତ ଓ ପ୍ରଗନାରେ ଗୋଟିଏ ଗୋଟିଏ ସହଯୋଗ ସଂଘ ରହିବ । ୧୧ ଗୋଟି ଜିଲ୍ଲାରେ ଓ ପ୍ରଗନା-



Digitized by srujanika@gmail.com

ମାନଙ୍କରେ ଜିଲ୍ଲା ପ୍ରତି ଓ ପ୍ରଗନା ପ୍ରତି ଗୋଟିଏ ଲେଖାଏଁ କେନ୍ଦ୍ର ସ୍ଥାପନ କରି କାର୍ଯ୍ୟ ଆରମ୍ଭ କରିବାର ସ୍ଥିର ହୋଇଅଛି ।

ଗ୍ରାମ ସଂଗଠନ କାର୍ଯ୍ୟକୁ ଚାରି ଶ୍ରେଣୀରେ ବିଭକ୍ତ କରାଯାଇ-ଅଛି ଯଥା:—ଆର୍ଥିକ, ସାମାଜିକ, ନୈତିକ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ । କୃଷକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ନିମନ୍ତେ ଅନେକ ବିଭିନ୍ନ ବ୍ୟବସ୍ଥା କରାଯାଇଅଛି ।

ଯେଉଁ ଦମ୍ପତି ସାମାଜିକ ଓ ଆର୍ଥିକ ଉନ୍ନତି ବିଷୟରେ ନିଜକୁ ନିୟୋଜିତ କରିପାରିବେ ସେମାନେ ଗ୍ରାମର ପ୍ରକୃତ କର୍ମୀ ହେବେ । ଗ୍ରାମ ସଂଗଠନର ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରେ ସର୍ବ-ସାଧାରଣ ଓ ନାରୀମାନଙ୍କର ନିରକ୍ଷରତା ଦୂରୀକରଣ ଏକ ପ୍ରଧାନ ବ୍ୟବସ୍ଥା ହୋଇଅଛି । ବିଦ୍ୟାଳୟ ଓ ପାଠାଗାର ପାଇଁ ପୃଥକ ଭାବରେ ବଡ଼ ବଡ଼ ପାଣ୍ଠିମାନ ରଖାଯିବ । ପଲ୍ଲିବାସୀଙ୍କର ସାକ୍ଷରତା ଓ ଆତ୍ମୋନ୍ନତିର ଉତ୍ସାହ ଜାଗ୍ରତ ରଖିବାକୁ ହେଲେ ପାଠାଗାର ନିତାନ୍ତ ଆବଶ୍ୟକ । ଲସଖରଠାରେ ଗୋଟିଏ 'କେନ୍ଦ୍ର ଗ୍ରାମୋନ୍ନତି ସଂଘ' ଓ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ 'ଜିଲ୍ଲା ସଂଗଠନ ସଂଘ' ରହିବାର ବନ୍ଦୋବସ୍ତ ହେଉଅଛି ।

ଉନ୍ନତ ଧରଣର କୃଷି, ସମବାୟ ଓ ସାଧାରଣ ସ୍ୱାସ୍ଥ୍ୟର ଉନ୍ନତି ସମ୍ବନ୍ଧରେ ପ୍ରଚାର କରିବାପାଇଁ ଉପଯୁକ୍ତ ନାରୀକର୍ମୀ ଓ ବିଶିଷ୍ଟ କର୍ମଚାରୀମାନଙ୍କୁ ନିଯୁକ୍ତ କରାଯିବ । ଏହାଛଡ଼ା ଗ୍ରାମ୍ୟ କେନ୍ଦ୍ରମାନଙ୍କରେ ଥିବା ଗ୍ରାମ୍ୟ ପ୍ରତିନିଧିମାନେ ଗ୍ରାମୋନ୍ନତି କାର୍ଯ୍ୟର ପ୍ରଧାନ କର୍ମୀ ହେବେ । ମୃତ ବା ମୁମୂର୍ଷୁ କୁଟୀରଶିଳ୍ପ ଗୁଡ଼ିକର ପୁନରୁଦ୍ଧାର ଏବଂ ନୂତନ ଶିଳ୍ପର ପ୍ରଚାର କରିବା ପାଇଁ ଯତ୍ନ କରାଯିବ ।

ଉପରୋକ୍ତ ଭାବରେ ଶିକ୍ଷାଲାଭ କରିଥିବା ପୁରୁଷ ଓ ନାରୀମାନଙ୍କ ସାହାଯ୍ୟରେ ଗ୍ରାମ-ସଂଗଠନ କାର୍ଯ୍ୟ ଅଳ୍ପ କେତେକ ବର୍ଷ ମଧ୍ୟରେ ସମଗ୍ର ରାଜ୍ୟରେ ପ୍ରସାର ଲାଭ କରିବାର କର୍ତ୍ତୃପକ୍ଷ ଆଶା କରନ୍ତି ।

## ବରୋଦା

### ସାମାଜିକ ଅକ୍ଷମତା ଦୂରୀକରଣ ଆଇନ

ସମାଜର ଉନ୍ନତି ସଙ୍ଗେ ରାଜ୍ୟର ଶାସନ ନୀତି ଯେପରି ପାଦ-ମିଳାଇ ଗତିକରି ପାରିବ ସେଥିପାଇଁ ବରୋଦାର ମହାରାଜା ଗାଇକୋବାଡ଼ "୧୯୩୯ ସାଲର ସାମାଜିକ ଅକ୍ଷମତା ଦୂରୀକରଣ ଆଇନ" ନାମରେ ଏକ ଆଇନ ଜାରି କରିଅଛନ୍ତି । ଉକ୍ତ ଆଇନ ବଳରେ କୌଣସି ବ୍ୟକ୍ତି ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ହରିଜନ, ଅସ୍ପୃଶ୍ୟ ବା ଅନୁନ୍ନତ ଶ୍ରେଣୀର ଅନ୍ତର୍ଭୁକ୍ତ ବୋଲି କୌଣସି ସରକାରୀ ଚାକିରି ପାଇବାରେ ଅନୁପଯୁକ୍ତ ହେବେନାହିଁ ବା କୌଣସି ସାଧାରଣ ସ୍ଥାନ, ଜଳାଶୟ, ରାସ୍ତା, ଯାନ ଓ ଧର୍ମ ସମ୍ବନ୍ଧ ବ୍ୟତୀତ ଅନୁଷ୍ଠାନ ଗୁଡ଼ିକରେ ସମସ୍ତ ହିନ୍ଦୁ ସମ୍ପ୍ରଦାୟ ପ୍ରତି ଯେଉଁ ସୁବିଧା ଦିଆଯାଇଅଛି ତାହା ଉପଭୋଗ କରିବାରୁ ବା ସେହି ସମସ୍ତ ସ୍ଥାନରେ ପ୍ରବେଶ ଲାଭ କରିବାରୁ ବଞ୍ଚିତ ହେବେନାହିଁ । ଯେଉଁ ସମସ୍ତ ସ୍ଥାନ ସର୍ବସାଧାରଣଙ୍କର ଉପକାର ପାଇଁ ପ୍ରତିଷ୍ଠିତ ବା ଯେଉଁ ସମସ୍ତ କାର୍ଯ୍ୟ ସର୍ବସାଧାରଣଙ୍କ ବ୍ୟୟରେ ପରିଚାଳିତ ସେଠାରେ ସେମାନେ ସମାନ ଅଧିକାର ପାଇ ପାରିବେ ।

ସରକାରୀ କର୍ମଚାରୀ ବା ସ୍ଥାନୀୟ ଜନସାଧାରଣଙ୍କ ଉପରେ ନ୍ୟସ୍ତ ଥିବା ସମସ୍ତ କାର୍ଯ୍ୟରେ ଏବଂ ଦେବାନ, ଫୌଜଦାରୀ ଓ ରାଜସ୍ୱ ବିଚାରାଳୟମାନଙ୍କର ନିଷ୍ପତ୍ତି ମାନଙ୍କରେ ଉକ୍ତ ଆଇନ ପ୍ରତି ଲକ୍ଷ୍ୟ ରଖିବାର ଆଦେଶ ହୋଇଅଛି ।

### କୃଷି

ଆଧୁନିକ ପ୍ରଣାଳୀରେ କୃଷି କାର୍ଯ୍ୟ କରିବା ପାଇଁ କୃଷକ-ମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ କୃଷି ବିଭାଗ ରାଜ୍ୟର ବିଭିନ୍ନ ଅଞ୍ଚଳମାନ ସମୟ ସମୟରେ ପରିଦର୍ଶନ କରିବା ପାଇଁ ଭ୍ରମଣକାରୀ ଶକଟର ବ୍ୟବସ୍ଥା କରିଅଛନ୍ତି ଓ ନୂତନ ପ୍ରଣାଳୀ ଏବଂ ଆଧୁନିକ ସାଜ ସରଞ୍ଜାମ ବ୍ୟବହାର ସମ୍ବନ୍ଧରେ କୃଷକମାନଙ୍କୁ ଶିକ୍ଷା ଦେଉଅଛନ୍ତି ।

### ସାକ୍ଷରତା ପ୍ରସାର

ବରୋଦା ରାଜସରକାର ସାକ୍ଷରତାର ପ୍ରସାର ପାଇଁ ଟ ୧୦,୦୦୦ ଙ୍କା ମଞ୍ଜୁର କରିଅଛନ୍ତି । ତନ୍ମଧ୍ୟରୁ ଟ ୫,୦୦୦ ଙ୍କା ଅନୁନ୍ନତ ଅଞ୍ଚଳମାନଙ୍କରେ ବ୍ୟୟିତ ହେବାର ନିର୍ଦ୍ଧାରିତ ହୋଇଅଛି ।

## ନବନଗର

### ଯୁଦ୍ଧ ପାଇଁ ଦାନ

ନବନଗରର ଜାମ୍ ସାହେବ ଭାରତରେ କିମ୍ବା ଭାରତ ବାହାରେ ଯେ କୌଣସି କାର୍ଯ୍ୟରେ ତାଙ୍କର ବ୍ୟକ୍ତିଗତ ସାହାଯ୍ୟ ଦେବାର ପ୍ରତିଶ୍ରୁତି ଦେବା ସଙ୍ଗେ ସଙ୍ଗେ ତାଙ୍କ ରାଜ୍ୟର ସମସ୍ତ ଆୟର ଏକ ଦଶମାଂଶ ଯୁଦ୍ଧ ଚାଲୁଥିବା ପର୍ଯ୍ୟନ୍ତ ସାମ୍ରାଜ୍ୟ ରକ୍ଷାର ବ୍ୟୟ ନିର୍ବାହ ସକାଶେ ମହାମାନ୍ୟ ବଡ଼ଲାଟଙ୍କ ହସ୍ତରେ ପ୍ରତ୍ୟେକ ବର୍ଷ ଅର୍ପଣ କରିବାର ଇଚ୍ଛା ପ୍ରକାଶ କରିଅଛନ୍ତି ।

### ଦୁର୍ଭିକ୍ଷ ପ୍ରତିକାର ବ୍ୟବସ୍ଥା

ସାଧାରଣ ହିତକର କାର୍ଯ୍ୟମାନଙ୍କ ମଧ୍ୟରୁ କେବଳ ଦୁର୍ଭିକ୍ଷ ନିବାରଣ କାର୍ଯ୍ୟ ପାଇଁ ମାନ୍ୟବର ଜାମ୍ ସାହେବ ଟ୧୦,୦୦,୦୦୦( ମଞ୍ଜୁର କରିଅଛନ୍ତି । ନୂତନ କେନାଲ ଓ ବନ୍ଧ ନିର୍ମାଣ ଏବଂ ପୁନରୁଦ୍ଧାର କାର୍ଯ୍ୟ ମଞ୍ଜୁର ହୋଇଥିବା ବ୍ୟବସ୍ଥାର ଅନ୍ତର୍ଭୁକ୍ତ । ଆବଶ୍ୟକୀୟ ଜିନିଷପତ୍ର ପାଇବାରେ ଶ୍ରମଜୀବୀମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ତାଙ୍କର ମଜୁରୀ ବାବଦ୍ ନଗଦ ପଇସା ଓ ଜିନିଷ ଉଭୟ ଦିଆଯାଉଅଛି । ସୁବିଧାଜନକ କେନ୍ଦ୍ରମାନଙ୍କରେ ଶସ୍ୟ ଗୋଲାମାନ ଖୋଲାଯାଇ ସେଠାରେ ବଜାର ଦର ଅପେକ୍ଷା କମ୍ ମୂଲ୍ୟରେ ଶସ୍ୟ ବିକ୍ରି କରାଯାଉଅଛି ।



Digitized by srujanika@gmail.com

## କୋଚିନ

### ବେକାରମାନଙ୍କପାଇଁ ବ୍ୟବସ୍ଥା

ରାଜ୍ୟର ଶିକ୍ଷିତ ପ୍ରଜାମାନଙ୍କ ମଧ୍ୟରେ ବେକାର ସଂଖ୍ୟା ହ୍ରାସ କରିବା ପାଇଁ ପଲ୍ଲି-ମଙ୍ଗଳ ବିଭାଗର ମନ୍ତ୍ରୀ ଡକ୍ଟର ଏ. ଆର୍. ମେନନ୍ ଉପନିବେଶ ସ୍ଥାପନ ସମ୍ବନ୍ଧରେ ଯେଉଁ ବ୍ୟବସ୍ଥା ପେଶ କରିଥିଲେ ତାହା କୋଚିନ ରାଜସରକାର ମଞ୍ଜୁର କରିଅଛନ୍ତି ।

ସରକାର ପ୍ରତ୍ୟେକ ତାଲୁକରେ ୫୦ ଏକର ଲେଖାଏଁ ଜମି ଗୋଟିଏ ଶିକ୍ଷିତ ବେକାର ଦଳକୁ ଏହି ସର୍ତ୍ତରେ ଦେବାର ଇଚ୍ଛା କରନ୍ତି ଯଦି ସେମାନଙ୍କ ମଧ୍ୟରୁ ଅନ୍ତତଃ ୧୦ ଜଣ ସମବାୟ ନୀତିରେ ଉକ୍ତ ଜମି ଚାଷ କରିବେ । ସରକାର ଉକ୍ତ ପତିତ ଜମି ଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ସମସ୍ତ ସୁବିଧା ଦେବାପାଇଁ ପ୍ରସ୍ତୁତ ଅଛନ୍ତି ଓ କିଛି କାଳ ଲାଗି ତାହାର ଖଜଣା ମଧ୍ୟ ଛାଡ଼ି କରି ଦେବାର ବ୍ୟବସ୍ଥା କରିଅଛନ୍ତି । ଦୁଇ ବର୍ଷ ବିତିଲା ପରେ ଜମିର ମୂଲ୍ୟ ସ୍ଥିର ହେବ ଓ ତାହା ଅଦାୟ ଦେବାକୁ ଦୀର୍ଘ କାଳ ବ୍ୟାପୀ ସୁବିଧା କିସ୍ତି କରି ଦିଆଯିବ ।

## ଗୋଣ୍ଡଲ

### ରିଲିଫ୍ ବ୍ୟବସ୍ଥା

ଶ୍ରମଜୀବୀମାନଙ୍କ ମଧ୍ୟରେ ବେକାର ସମସ୍ୟା ଦୂର କରିବା ପାଇଁ ଗୋଣ୍ଡଲର ମହାରାଜା ମହୋଦୟ ରାସ୍ତା ନିର୍ମାଣ, କୂପ ଖନନ ଇତ୍ୟାଦି ପାଇଁ ଟ ୫୦,୦୦,୦୦୦ ମଞ୍ଜୁର କରିଅଛନ୍ତି ।

ଗୃହପାଳିତ ପଶୁମାନଙ୍କର ଖାଦ୍ୟ ପାଇଁ ଟ ୨୫,୦୦,୦୦୦ଙ୍କା ଦିଆ ଯାଇଅଛି । ସେମାନଙ୍କର ସଂଖ୍ୟା ସେପ୍ଟେମ୍ବର ମାସରେ ୧,୨୭,୦୦୦ ଥିବା ସ୍ଥଳେ ଅକ୍ଟୋବର ମାସରେ ତାହା ୨,୭୭,୦୦୦ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି ।

## ପାଟନା

### ପାଟନା ଷ୍ଟେଟ୍ ପ୍ରଜାସଭା

ଗତ ଏପ୍ରିଲ ମାସରେ ପାଟନାର ମହାରାଜା ତାଙ୍କର ଜନ୍ମଦିନ ଉପଲକ୍ଷରେ ଗୋଟିଏ ଘୋଷଣାରେ ଶାସନନୀତି ସମ୍ପର୍କରେ ଯେଉଁ ସୂଚନା ଦେଇଥିଲେ, ତାହାର ଫଳରେ ପାଟନା ଷ୍ଟେଟ୍ ପ୍ରଜାସଭା ନିୟମାବଳି ଗଠିତ ହୋଇ ଅଳ୍ପଦିନ ହେଲା ମଞ୍ଜୁର ହୋଇଅଛି । ଏହି ନିୟମାବଳିରେ ପ୍ରଜାସଭାମାନଙ୍କର ନିର୍ବାଚନ ଧାରା ଓ କାର୍ଯ୍ୟ ପ୍ରଣାଳୀର ବିଧାନ ହୋଇଅଛି । ମନୋନୀତ ସଭ୍ୟ ସଂଖ୍ୟା ନିର୍ବାଚିତ ସଭ୍ୟ ସଂଖ୍ୟା ସହିତ ସମାନ ହେବ । ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରେ ଜମିଦାର, ଖୋରପୋଷଦାର, ଜମିରାଓ ଓ ବଣିକ ଦଳର ପ୍ରତିନିଧିମାନେ ରହିବେ । ଏହି ପ୍ରଜାସଭା ଗୁଡ଼ିକ ପରାମର୍ଶ ଦାତା ଦଳରୂପେ ଗଠିତ ହେବେ ଓ ସେମାନେ ଜଳସରବରାହ; ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ବିଦ୍ୟାଳୟ ପରିଚାଳନା; ସର୍ବସାଧାରଣ ସମ୍ପତ୍ତି ମାନଙ୍କର ରକ୍ଷଣାବେକ୍ଷଣ; କୃଷି, କୁଟୀର ଶିଳ୍ପ ଓ ଗବାଦି ପଶୁଙ୍କର ଉନ୍ନତି; ଅପରାଧର ନିବାରଣ, ସଂକ୍ରାମକ ରୋଗ ଗୁଡ଼ିକର ପ୍ରତିଷେଧ; ସାମାଜିକ ବିଶୃଙ୍ଖଳା ଦୂରୀକରଣ; ଏପରି ଲୋକ ପ୍ରଭୃତି ଯେ କୌଣସି ସାଧାରଣ ହିତକର କାର୍ଯ୍ୟ ସମ୍ବନ୍ଧରେ ବିଚାର କରିବେ । ସଭ୍ୟମାନଙ୍କର ପ୍ରଶ୍ନ ପଚାରିବା ଓ ପ୍ରସ୍ତାବ ଆଗତ କରିବାର ଅଧିକାର ରହିବ । ରାଜ୍ୟର ପଞ୍ଚାୟତ ଗୁଡ଼ିକରୁ ଅଧିକାଂଶ ସଭ୍ୟ ନିର୍ବାଚିତ ହେବେ ।

## ଓଡ଼ିଶା ଷ୍ଟେଟ୍

### ରାଜାମାନଙ୍କର ବ୍ରିଟେନ ପ୍ରତି ସାହାଯ୍ୟ

ବର୍ତ୍ତମାନ ଯୁଦ୍ଧର ଆରମ୍ଭ ସଙ୍ଗେ ସଙ୍ଗେ ସୋନପୁରର ମହାରାଜା ମହୋଦୟ ତାଙ୍କର ବ୍ୟକ୍ତିଗତ ସେବା ଏବଂ ରାଜ୍ୟର ସମସ୍ତ ଶକ୍ତି ଓ ସମ୍ବଳ ମହାମହିମ ସମ୍ରାଟଙ୍କଠାରେ ଅର୍ପଣ କରିବାର ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଓଡ଼ିଶାର ରାଜନ୍ୟ ଭ୍ରାତୃବୃନ୍ଦଙ୍କୁ ପାଞ୍ଚ ଗୋଟି ପୂର୍ଣ୍ଣାଙ୍ଗ ଆମ୍ବୁଲେନ୍ସ (ଆହତ ସୈନିକମାନଙ୍କର ସେବା କରିବା ପାଇଁ ବ୍ୟବହୃତ ହେଉଥିବା ଶକଟ) ବ୍ରିଟିଶ ସରକାରଙ୍କୁ ଯୋଗାଇବା ପାଇଁ ଅନୁରୋଧ କରିଅଛନ୍ତି ।

ମହାରାଜା ମହୋଦୟ ନିଜେ ଗୋଟିଏ ଆମ୍ବୁଲେନ୍ସ ଯୋଗାଇ ଅଛନ୍ତି ଏବଂ ତାଙ୍କର ଅନୁରୋଧ ଫଳରେ ପ୍ରତିଷ୍ଠିତ ଓଡ଼ିଶା ଷ୍ଟେଟସ୍ ଆମ୍ବୁଲେନ୍ସ କୋର୍ ଫଣ୍ଡ ପାଇଁ ନିମ୍ନଲିଖିତ ରାଜ୍ୟର ରାଜାମାନଙ୍କଠାରୁ ପାର୍ଶ୍ୱଲିଖିତ ପରିମାଣରେ ସାହାଯ୍ୟ ମିଳିଅଛି ।

କେନ୍ଦୁଝର ଟ ୧୦,୦୦୦, ତାଳଚେର ଟ ୫,୦୦୦, ନୟାଗଡ଼ ଟ ୨,୦୦୦, ଦଶପଲ୍ଲା ଟ ୨,୦୦୦, ବୌଦ ଟ ୨,୦୦୦, ସରାଇକଲା ଟ ୨,୦୦୦, ଆଠଗଡ଼ ଟ ୬୦୦, ଖଣ୍ଡପଡ଼ା ଟ ୫୦୦, ଖରସୁଆଁ ଟ ୪୦୦, ନରସିଂହପୁର ଟ ୪୦୦, ରେଢ଼ାଖୋଲ୍ ଟ ୨୫୦, ପାଲଲହଡ଼ା ଟ ୨୦୦, ତିଗିରିଅ ଟ ୨୦୦ ଓ ଗାଙ୍ଗପୁର ଟ ୧୦,୦୦୦ ।

## ଆଠମଲ୍ଲିକ

ଆଠମଲ୍ଲିକର ରାଜା ମହୋଦୟ ତାଙ୍କର ବିଂଶ ଜନ୍ମଦିନ ଉତ୍ସବ ଉପଲକ୍ଷରେ ପ୍ରଜାମାନଙ୍କୁ କେତେକ ସୁବିଧା ଦେବାର ଘୋଷଣା କରିଅଛନ୍ତି । ତନ୍ମଧ୍ୟରୁ ଟ ୫୦,୦୦୦ ମୂଳଧନରେ ଗୋଟିଏ ଦୁର୍ଭିକ୍ଷ ନିବାରଣ ପାଣ୍ଠି ଗଠନ; ଭବିଷ୍ୟତ ଜଳସେଚନର ଉନ୍ନତି ପାଇଁ ଟ ୧୦୦,୦୦୦ ଙ୍କାର ଗୋଟିଏ ଜୀବନବୀମା ଅର୍ପଣ; ଶିଳ୍ପର ଉନ୍ନତି ପାଇଁ କରଜ ଦେବା ସକାଶେ ଟ ୨୦,୦୦୦ ଙ୍କା ମୂଳଧନର ଗୋଟିଏ ପୃଥକ ପାଣ୍ଠି ସ୍ଥାପନ; ଷ୍ଟେଟ୍‌ର ଶିକ୍ଷିତ ଯୁବକମାନଙ୍କୁ ଶିଳ୍ପଶିକ୍ଷା ଦେବାପାଇଁ ବୃତ୍ତି ପ୍ରଦାନ; ହାଟକର ଓ ଅନ୍ୟାନ୍ୟ ବ୍ୟବସାୟ ଉପରେ ଧରା ଯାଇଥିବା କର ଉଠାଇ ଦେବା; ରାଜ୍ୟର କୃଷି ସାମଗ୍ରୀ ଗୁଡ଼ିକର ବିକ୍ରିର ବନ୍ଦୋବସ୍ତ କରିବା ପାଇଁ ଗୋଟିଏ କାରବାର ସଂଘ ସ୍ଥାପନ ପ୍ରଧାନ ।

# ସମ୍ବାଦ ଓ ସଙ୍କେତ

## ସନ୍ଧି-ଦିବସ

ମୟୂରଭଞ୍ଜର ରାଜଧାନୀ ବାରିପଦାରେ ଗତ ନଭେମ୍ବର ୧୧ ତାରିଖ ଦିନ ସନ୍ଧିଦିବସ ଯଥାବିଧି ପାଳିତ ହୋଇଥିଲା । ସ୍ଥାନୀୟ କର୍ମଚାରୀମାନେ ପୋଲିସ ପଡିଆରେ ସମବେତ ହୋଇଥିଲେ ଓ ସେଠାରେ ବ୍ରିଟିଶ ପତାକା ଉତ୍ତୋଳନ କରାଯାଇଥିଲା । ଶାନ୍ତିସୂଚକ ନୀରବତାର ଆରମ୍ଭ ଓ ଶେଷର ସୂଚନା ବନ୍ଧୁକ ଆଓ୍ଵାଜ ସାହାଯ୍ୟରେ ଜଣାଇ ଦିଆଯାଇଥିଲା ଏବଂ ସମସ୍ତେ ନିସ୍ତବ୍ଧ ଭାବରେ ଦଣ୍ଡାୟମାନ ରହିଥିଲେ । ତତ୍ପରେ ପୋଲିସ ଫୌଜ ପତାକା ନିକଟରେ ପେରେଡ଼ କରିଥିଲେ ଏବଂ ଷ୍ଟେଟ୍ ବ୍ୟାଣ୍ଡ ବାଦ୍ୟରେ ଜାତୀୟ ସଙ୍ଗୀତ ବାଜିଥିଲା ।

## ପୁଷ୍ୟାଭିଷେକ ଉତ୍ସବ

ପୌଷ ପୂର୍ଣ୍ଣିମା ଦିନ ଅର୍ଥାତ୍ ଜାନୁଆରୀ ୨୫ ତାରିଖ ଆମ୍ଭମାନଙ୍କର ଶ୍ରଦ୍ଧେୟ ମହାରାଜାଙ୍କର ଅଭିଷେକୋତ୍ସବ ଏଠାରେ କୌଳିକ ପ୍ରଥାନୁଯାୟୀ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ ମହାରାଜା ମହୋଦୟ ଗଡ଼ରେ ଉପସ୍ଥିତ ଥାଇ ସମସ୍ତ ପୂଜାଦିରେ ଯୋଗ ଦେଇଥିଲେ । ରାଜକର୍ମଚାରୀ ଓ ବିଶିଷ୍ଟ ଭଦ୍ରବ୍ୟକ୍ତିମାନେ ରାଜପ୍ରାସାଦରେ ଏକ ଭୋଜିକୁ ନିମନ୍ତ୍ରିତ ହୋଇଥିଲେ ।

## ବିଚାରାଳୟର ସଂସ୍କାର

୧୯୪୦ ମସିହା ଜାନୁୟାରୀ ଏକ ତାରିଖରେ ଦେବାନ ହାଇକୋର୍ଟର ପ୍ରଧାନ ବିଚାରପତି କାର୍ଯ୍ୟରୁ ଅବ୍ୟାହତି ନେବାରୁ ଓ ସିନିଅର ପୁଇନ୍ ଜଜ୍ ରାୟ ବାହାଦୁର ଏମ୍. ଏନ୍. ଦାସ ପ୍ରଧାନ ବିଚାରପତିର କାର୍ଯ୍ୟ ଗ୍ରହଣ କରିବାରେ ରାଜ୍ୟର ବିଚାର ବିଭାଗରେ ଏକ ଉଲ୍ଲେଖଯୋଗ୍ୟ ସଂସ୍କାର ଘଟି ଅଛି ।

ଏ ସମ୍ପର୍କରେ ବୋଲା ଯାଇପାରେ ଯେ ଶ୍ରୀମନ୍ ମହାରାଜାଙ୍କର ୧୯୩୭ ମସିହା ମଇ ୧୦ ତାରିଖର ଆଦେଶାନୁଯାୟୀ ଏହି ହାଇକୋର୍ଟ ଗଠିତ ହୋଇଅଛି । ଏହି ଆଦେଶାନୁସାରେ ପୂର୍ବର ସୀମାବଦ୍ଧ ଶକ୍ତିବିଶିଷ୍ଟ ଜୁଡିସିଏଲ କମିଟି ଉଠାଇ ଦିଆ ଯାଇଅଛି ଓ ନବଗଠିତ ହାଇକୋର୍ଟ ଉଭୟ ଦେବାନି ଓ ଫୌଜଦାରୀ ମୋକଦ୍ଦମା ଗୁଡିକର ଅପିଲ ଶୁଣିବା ବା ପୁନର୍ବିଚାର କରିବା ବିଷୟରେ ମୟୂରଭଞ୍ଜର ସର୍ବଶ୍ରେଷ୍ଠ ବିଚାରାଳୟରେ ପରିଗଣିତ ହୋଇଅଛି ।

## ସାକ୍ଷରତା ଓ ଶିକ୍ଷାର ପ୍ରଚାର

ମୟୂରଭଞ୍ଜ ଷ୍ଟେଟ୍ ଶିକ୍ଷା ବିଭାଗର ଏକ ବିବରଣୀରୁ ଜଣାଯାଏ ଯେ ସରକାର ପ୍ରାଥମିକ ଶିକ୍ଷାର ଭବିଷ୍ୟତ୍ ପ୍ରସାର ପାଇଁ ରାଜ୍ୟର ଅନୁନ୍ନତ ଅଞ୍ଚଳମାନଙ୍କରେ ନୂଆ ନୂଆ ବିଦ୍ୟାଳୟ ବସାଇବାର ଉଦ୍ୟମ କରୁଅଛନ୍ତି । ଏହାଛଡ଼ା ସ୍ଥାନବିଶେଷରେ ଲୋକ-ସାଧାରଣଙ୍କ ଉଦ୍ୟମରେ ନୂତନ ବିଦ୍ୟାଳୟମାନ ପ୍ରତିଷ୍ଠିତ ହେଲେ ସେଗୁଡିକୁ ଆର୍ଥିକ ସାହାଯ୍ୟଦ୍ୱାରା ଉତ୍ସାହିତ କରାଯାଉଅଛି । ଶୁଣାଯାଏ ଏହି ଉଦ୍ଦେଶ୍ୟରେ ସରକାର ଚଳିତ ବର୍ଷ ଅନୁନ୍ନତ ଅଞ୍ଚଳମାନଙ୍କରେ ୧୦ ଗୋଟି ବିଦ୍ୟାଳୟ ବସାଇଅଛନ୍ତି ଓ ୧୧ ଗୋଟି ବିଦ୍ୟାଳୟକୁ ସାହାଯ୍ୟ ଦେଇଅଛନ୍ତି ।

ବୟସ୍କ ବ୍ୟକ୍ତିମାନଙ୍କର ନିରକ୍ଷରତା ଦୂରୀକରଣ ପାଇଁ ସରକାର ୧୯୩୮-୩୯ ମସିହାରେ ରାଜ୍ୟ ମଧ୍ୟରେ ୬୦ ଗୋଟି ନୈଶ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ଚଳିତ ବର୍ଷ ଆହୁରି ୧୦ ଗୋଟି ବିଦ୍ୟାଳୟ ବଢାଇ ଦିଆ ଯାଇଅଛି । ଏହି ସମସ୍ତ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ବୟସ୍କ ବ୍ୟକ୍ତି-ମାନଙ୍କର ସଂଖ୍ୟା ପ୍ରାୟ ଏକ ହଜାର । ପ୍ରତ୍ୟେକ ବିଦ୍ୟାଳୟ ପାଇଁ ବାର୍ଷିକ ୪୫୦୯ ଲେଖାଏ ସାହାଯ୍ୟ ମଞ୍ଜୁର ହୋଇଅଛି । ବୟସ୍କ ବ୍ୟକ୍ତିମାନଙ୍କର ଉପଯୋଗୀ ଗୋଟିଏ ପାଠମାଳା ଲେଖା ଯାଇଅଛି ଓ ସରକାର ତାହାର ମୁଦ୍ରଣ କରୁଅଛନ୍ତି । ଯଥାସମ୍ଭବ ସୁବିଧା ମୂଲ୍ୟରେ ଏହା ସେମାନଙ୍କୁ ଯୋଗାଇବାର ମଧ୍ୟ ବ୍ୟବସ୍ଥା କରାଯାଉଅଛି । ଶୁଣାଯାଏ ଏହି ବିଦ୍ୟାଳୟ ଗୁଡ଼ିକର ସଂଖ୍ୟା କ୍ରମେ କ୍ରମେ ବୃଦ୍ଧି କରାଯିବ ।

ପାଞ୍ଚପୀଢ଼ ଓ ବ୍ରାହ୍ମଣଘାଟୀ ସବଡିଭିଜନ ଦ୍ୱୟର କୌଣସି ସୁବିଧା ଜନକ ସ୍ଥଳରେ ଗୋଟିଏ ଉଚ୍ଚଇଂରାଜୀ ବିଦ୍ୟାଳୟ ସ୍ଥାପନର ସିଦ୍ଧାନ୍ତ ହୋଇଅଛି । ଏହାଦ୍ୱାରା ରାଜ୍ୟରେ ଶିକ୍ଷାର ପ୍ରସାର ଓ ଉଚ୍ଚଶିକ୍ଷାଲାଭର ସୁବିଧା ବଢ଼ିବ, ଏଥିରେ ସନ୍ଦେହ ନାହିଁ । ଉକ୍ତ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଶୀଘ୍ର ବିହିତ ବ୍ୟବସ୍ଥା କରାଯିବ ବୋଲି ଶୁଣାଯାଏ । ଏହାଛଡ଼ା ଲୋକ-ସାଧାରଣଙ୍କ ଉଦ୍ୟମରେ ସଦର କିମ୍ବା କପ୍ତିପଦା ସବଡିଭିଜନରେ ଆଉ ଗୋଟିଏ ଉଚ୍ଚଇଂରାଜୀ ବିଦ୍ୟାଳୟ ସ୍ଥାପିତ ହେଲେ ସରକାର ସେଥିପାଇଁ ସମୁଚିତ ସାହାଯ୍ୟ ଦେବାପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ମଧ୍ୟ ଜଣା ଯାଇଅଛି ।



Digitized by srujanika@gmail.com

## ଲାଭଜନକ ଉଦ୍ଭିଦ ସମ୍ବନ୍ଧୀୟ ଗବେଷଣା

ମୟୂରଭଞ୍ଜରେ ଉତ୍ପନ୍ନ ହେଉଥିବା ଲାଭଜନକ ଉଦ୍ଭିଦ ଗୁଡ଼ିକ ସମ୍ବନ୍ଧରେ ସରକାର ଏକ ଗବେଷଣା ଚଳାଇ ଅଛନ୍ତି । ବର୍ତ୍ତମାନ ପରୀକ୍ଷା ସ୍ୱରୂପ ଯେଉଁ ସମସ୍ତ ଉଦ୍ଭିଦ ରୋପଣ କରାଯାଇଛି ତାହା ଲାଭଜନକ ହେବ ବୋଲି ଆଶା କରାଯାଏ । ବସ୍ତା, ଥଳି ଓ ଦଉଡ଼ି ତିଆରି ପାଇଁ ମାଳଦା ପାଟ, ମାଲୟ ଷ୍ଟେଟ୍ସରୁ ମିଳିଥିବା ଏକ କାଠଭୃକ୍ ଉଦ୍ଭିଦ, ଜାପାନରେ କାଗଜ ତିଆରି ପାଇଁ ବ୍ୟବହୃତ ହେଉଥିବା ତୁତ ଗଛ, ଘୋଡ଼ାମାନଙ୍କର ଖାଦ୍ୟ-ରୂପେ ବ୍ୟବହୃତ ହେଉଥିବା ଏକ ଉଦ୍ଭିଦ ଓ ଔଷଧ ରୂପେ ବ୍ୟବହୃତ ହେଉଥିବା ଗୁଜିଲମୁଗୁରା ଗଛ ଇତ୍ୟାଦି ଏଠାରେ ରୋପଣ କରାଯାଉଅଛି ଏବଂ ସେ ଗୁଡ଼ିକ ବେଶ୍ ବଢ଼ୁଅଛି । କୁଡ଼ୁଚି, କାଳମେଘ ଓ ଅର୍ଜୁନ ପ୍ରଭୃତି ଔଷଧ ବୃକ୍ଷ ଓ ତୃଣ ପରବର୍ତ୍ତିରେ ବ୍ୟବହାର କରାଯାଇ ପାରିବା ଯେପରି ତନ୍ତୁ ଇତ୍ୟାଦି ଏଣେ ତେଣେ ଅଯତ୍ନରେ ଜନ୍ମୁଥିବା କେତେକ ଉଦ୍ଭିଦର ଉପଯୁକ୍ତ ବ୍ୟବହାର ସକାଶେ ସରକାର ହୃତନ୍ତ ବ୍ୟବସ୍ଥା କରୁଅଛନ୍ତି । ଆୟୁର୍ବେଦୀୟ ଔଷଧର ଉପାଦାନରୂପେ ବ୍ୟବହୃତ ହେଉଥିବା ଅନେକ ଉଦ୍ଭିଦ ଏହି ଷ୍ଟେଟରେ ପ୍ରଚୁର ପରିମାଣରେ ଦେଖାଯାଏ । ଉକ୍ତ ଉଦ୍ଭିଦ ଗୁଡ଼ିକ ଚାଷ କଲେ କେତେକ ଶ୍ରେଣୀର ଲୋକଙ୍କର ଏହା ଦ୍ୱାରା ଅଧିକା କିଛି ଆୟ ହେବ, ଏଥିରେ ସନ୍ଦେହ ନାହିଁ ।

## ଭାରତୀୟ ଐତିହାସିକ କଂଗ୍ରେସ

ଗତ ଡିସେମ୍ବର ମାସ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ କଲିକତାରେ ଭାରତ ଇତିହାସ କଂଗ୍ରେସର ତୃତୀୟ ଅଧିବେଶନ ହୋଇଥିଲା । ଏହି ଅଧିବେଶନରେ ଯୋଗ ଦେବା ପାଇଁ ମୟୂରଭଞ୍ଜ ଦରବାର ଡକ୍ଟର ଏସ୍. ମୁଖାର୍ଜି ଓ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟଙ୍କୁ ପ୍ରତିନିଧିରୂପେ ପଠାଇଥିଲେ । ଡକ୍ଟର ମୁଖାର୍ଜି 'ଭାରତୀୟ ସଂସ୍କୃତ ମୂଳକ ଇତିହାସ' ଶୀର୍ଷକ ଏକ ପ୍ରବନ୍ଧ ସେଠାରେ ପାଠ କରିଥିଲେ । ଉକ୍ତ ପ୍ରବନ୍ଧ ଆମ୍ଭମାନଙ୍କର ଅକ୍ଟୋବର ସଂଖ୍ୟା ମୟୂରଭଞ୍ଜ କ୍ରନିକଲରେ ପ୍ରକାଶିତ ହୋଇ-ଥିଲା । ଶ୍ରୀଯୁକ୍ତ ଆଚାର୍ଯ୍ୟ ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିରର ଶିଳାଲିପି ସମ୍ବନ୍ଧରେ ଏକ ପ୍ରବନ୍ଧ ପାଠ କରିଥିଲେ ଓ ସେଥିରେ ସେ ପ୍ରମାଣିତ କରିଥିଲେ ଯେ ଦକ୍ଷିଣ ରାଢ଼ ଅନ୍ତର୍ଗତ ସିଦ୍ଧଲ ଗ୍ରାମର ଭଟ୍ଟ ବାସୁଦେବଙ୍କର ଶିଳାଲିପିଟି ଭ୍ରମବଶତଃ ବଙ୍ଗୀୟ ଏସିଆଟିକ ସୋସାଇଟି ମିଉଜିଅମର ପରିଚାଳକ( Curator )ଙ୍କ ଦ୍ୱାରା ୧୮୩୭ ମସିହାରେ ଭୁବନେଶ୍ୱରକୁ ପଠା ଯାଇଥିଲା । ଅନନ୍ତ ବାସୁଦେବ ମନ୍ଦିରର ପ୍ରକୃତ ଶିଳାଲିପିଟି କଲିକତାର ଏସିଆଟିକ ସୋସାଇଟି ଗୃହରେ ସୁରକ୍ଷିତ ଅଛି । ବଙ୍ଗଳା ଓ ଓଡ଼ିଶାର ଇତିହାସରେ ଏଏ ବ... ଧରି ଯେଉଁ ଭ୍ରାନ୍ତ ସିଦ୍ଧାନ୍ତ ଚଳି ଆସୁଥିଲା ତାହା ଏହି ପ୍ରବନ୍ଧଦ୍ୱାରା ଦୂରୀକୃତ ହୋଇଅଛି ।

ଏହାଛଡ଼ା ଶ୍ରୀଯୁକ୍ତ ଆଚାର୍ଯ୍ୟ ଗତ ଡିସେମ୍ବର ମାସ ୧୩ ଓ ୧... ତାରିଖରେ ହୋଇଥିବା ଭାରତୀୟ ଐତିହାସିକ ରେକର୍ଡ କମିଶନର ଷୋଡ଼ଶ ଅଧିବେଶନରେ ଯୋଗ ଦେଇଥିଲେ ଏବଂ ସେଠାରେ ମୟୂରଭଞ୍ଜ ଏବଂ ପିପିଲି ଓ ବାଲେଶ୍ୱରରେ ଥିବା ଇଙ୍ଗରେଜୀୟ କାରଖାନା ସମ୍ବନ୍ଧରେ ଏକ ପ୍ରବନ୍ଧ ପଢ଼ିଥିଲେ ।

ଭାରତୀୟ ପ୍ରାଚୀନ ମୁଦ୍ରା ସମ୍ବନ୍ଧୀୟ ଗବେଷଣା ସଭାର ସଭ୍ୟରୂପେ ଶ୍ରୀଯୁକ୍ତ ଆଚାର୍ଯ୍ୟ ଡିସେମ୍ବର ୧୭ ଓ ୧୮ ତାରିଖରେ ଏହି ସଭାର ବାର୍ଷିକ ଅଧିବେଶନରେ ଯୋଗ ଦେଇଥିଲେ ଏବଂ ମୟୂରଭଞ୍ଜର ପ୍ରାଚୀନ ମୁଦ୍ରା ସମ୍ବନ୍ଧରେ ଏକ ବିବୃତି ପାଠ କରିଥିଲେ । ଶ୍ରୀଯୁକ୍ତ ଆଚାର୍ଯ୍ୟ ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତ ମାନଙ୍କର ମୁଦ୍ରା ସଭାର ସେକ୍ରେଟେରୀ ନିଯୁକ୍ତ ହୋଇଅଛନ୍ତି ।

## ମୟୂରଭଞ୍ଜରେ ପ୍ରସ୍ତର-ଯୁଗ ଇତିହାସର ନିଦର୍ଶନ

୧୯୩୯ ଅପ୍ରେଲ ମାସରେ ମୟୂରଭଞ୍ଜ ଅନ୍ତର୍ଗତ କୁଳିଅଣା ଗ୍ରାମର ଦୁଇଟି ପୋଖରୀରୁ ପ୍ରାଚୀନ ପ୍ରସ୍ତର-ଯୁଗର କେତେକ ହାତ ହତିଆର ମିଳିଅଛି । ଏଥିରୁ ଜଣାଯାଏ ଯେ ପ୍ରସ୍ତର-ଯୁଗରେ ଏହି ଗ୍ରାମରେ ସବୁ ପ୍ରାଚୀନ ମାନବର ବସତି ଥିଲା । କୁଳିଅଣାରେ ପ୍ରତ୍ନ ପ୍ରସ୍ତର ଯୁଗର କ୍ଷେତ୍ର ଅବିଷ୍କୃତ ହେବାର ଜାଣି କଲିକତା ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ସେଠାରେ ବୈଜ୍ଞାନିକ




ପ୍ରତ୍ନ-ପ୍ରସ୍ତରଯୁଗରେ ହତିଆର ମିଳିବାର ସ୍ଥାନ—କୁଳିଅଣା
(ମାଙ୍କଡ଼ା ପଥରିଆ ମାଟିରେ ଖୋଳା ହୋଇଥିବା ପୋଖରୀର ତଳ)

ଗବେଷଣା କରିବା ପାଇଁ ଅନୁମତି ମାଗିବାରୁ ମୟୂରଭଞ୍ଜ ପ୍ରତ୍ନତତ୍ତ୍ୱ ବିଭାଗର ସହଯୋଗରେ କାର୍ଯ୍ୟ କରିବାର ବ୍ୟବସ୍ଥା



Digitized by srujanika@gmail.com

ହୋଇଥିଲା । ଶ୍ରୀଯୁକ୍ତ ନିର୍ମଳକୁମାର ବୋଷ ଓ ଶ୍ରୀଯୁକ୍ତ ଧରଣୀଧର ସେନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏଠାକୁ ଆସିଥିଲେ । ପ୍ରତ୍ନତତ୍ତ୍ୱ ବିଭାଗର ପରାମର୍ଶ ଅନୁସାରେ ସେମାନେ କେତୋଟି ନୂତନ କ୍ଷେତ୍ରର



କୁଳିଅଣାରେ ଖୋଳା ହେଉଥିବା ପୋଖରୀରୁ ସଂଗୃହୀତ
ପ୍ରତ୍ନ-ପ୍ରସ୍ତରଯୁଗର ହତିଆର ଗୁଡ଼ିକର ଚିତ୍ର ।

ସନ୍ଧାନ ପାଇଥିଲେ । ଏହି ହତିଆର ଗୁଡ଼ିକ ଗୋଡ଼ମାଟି ଭିତରେ ପୋତି ରହିଥିବା ଅବସ୍ଥାରେ ମିଳେ । ସଡ଼କ ମରାମତି ପାଇଁ ଗୋଡ଼ ଖୋଳା ହୋଇଥିବା ଗାତରେ ଏହି ହତିଆରଗୁଡ଼ିକ ପଡ଼ିଥିବାର ଓ କେତେକ ମଧ୍ୟ ମାଟି ସାଙ୍ଗରେ ଲାଗି ରହିଥିବାର ଦେଖାଯାଏ । ଏଠାରେ ମିଳିଥିବା ହତିଆର ଗୁଡ଼ିକର ଆକାର କୁରାଢ଼ି ପରି । ଫ୍ରାନ୍ସର ଏଚେଲିଅନ ଅଞ୍ଚଳର ହତିଆରର ଆକାର ଏବଂ ଗଠନ ସହିତ ଏଗୁଡ଼ିକର ଯଥେଷ୍ଟ ସାଦୃଶ୍ୟ ଅଛି । କୁଳିଅଣା ଓ ତନ୍ନିକଟବର୍ତ୍ତୀ କେତେକ ଗ୍ରାମରେ ଏବଂ କୁଳିଅଣାର ଦୁଇ ମାଇଲ ଦୂରବର୍ତ୍ତୀ କଳାବାଡ଼ିଆ ଗ୍ରାମରେ ହତିଆର ଗୁଡ଼ିକ ବହୁ ସଂଖ୍ୟାରେ ମିଳେ । ବୈଜ୍ଞାନିକ ଗବେଷଣା ଫଳରେ ଏଗୁଡ଼ିକର ଐତିହାସିକ ତଥ୍ୟ ଆବିଷ୍କୃତ ହେବାର ଆଶା କରାଯାଏ ।

ଏହିସବୁ ସ୍ଥାନର ପ୍ରାୟ ଏକ ମାଇଲ ଦୂରରେ ବୁଢ଼ାବଳଙ୍ଗ ନଦୀ ବହି ଯାଉଅଛି । ଏ ସମସ୍ତ ଗ୍ରାମ ନଦୀକୂଳ ଅପେକ୍ଷା ଉଚ୍ଚ ସ୍ଥାନରେ ଅବସ୍ଥିତ । ଏତେ ଅଧିକ ପଥର ହତିଆର ଏଠାରେ ମିଳୁଥିବାରୁ ଅନୁମାନ କରାଯାଉଅଛି ଯେ ପ୍ରାଚୀନ ପ୍ରସ୍ତର-ଯୁଗର ଲୋକମାନେ ଏଠାରେ ବାସ କରୁଥିଲେ । ସେମାନେ କିପରି ଭାବରେ ଜୀବନ ଯାପନ କରୁଥିଲେ ତାହା ବର୍ତ୍ତମାନ ବୋଲିଯାଇ ପାରିବ ନାହିଁ । ତେବେ ଏତିକି ଜଣାଯାଉଅଛି ଯେ ସେମାନେ ନଦୀକୂଳବର୍ତ୍ତୀ ଉଚ୍ଚ ସ୍ଥାନରେ ବାସ କରୁଥିଲେ ଏବଂ କାଟିବା, ଖୋଳିବା ଓ ଚମଡ଼ା ଉତାରି ମାଂସ ବାହାର କରିବା ପାଇଁ ସେମାନେ ପଥରର ହତିଆର ମାନ ବ୍ୟବହାର କରୁଥିଲେ ।

## ଗ୍ରାମ୍ୟ ପ୍ରଦର୍ଶନୀ

ଗତ ରାସପୂର୍ଣ୍ଣିମା ଉପଲକ୍ଷରେ ସଦର ସବ୍-ଡିଭିଜନ ଅନ୍ତର୍ଗତ ବଡ଼ସାହି ଗ୍ରାମରେ ଷ୍ଟେଟର ଡେଭେଲପ୍‌ମେଣ୍ଟ୍ ବିଭାଗର ଉଦ୍ୟମରେ ଗୋଟିଏ ଶିଳ୍ପ ଓ କୃଷି ପ୍ରଦର୍ଶନୀ ଖୋଲା ଯାଇଥିଲା । ସୁଖର ବିଷୟ ଯେ ଉକ୍ତ ପ୍ରଦର୍ଶନୀର ଉଦ୍ୟମର ସୂତ୍ରପାତ ପ୍ରଥମେ ଲୋକସାଧାରଣଙ୍କ ତରଫରୁ ହୋଇଥିଲା ଓ ପ୍ରଦର୍ଶନୀଟି ସୁସମ୍ପନ୍ନ ହୋଇଥିଲା ।

## ଷ୍ଟେଟ୍ ଗେଜେଟର କ୍ରୋଡ଼ପତ୍ର

ମୟୂରଭଞ୍ଜର ପାକ୍ଷିକ 'ମୟୂରଭଞ୍ଜ ଷ୍ଟେଟ୍ ଗେଜେଟ୍' ସହିତ ସରକାର ଏକ ଓଡ଼ିଆ କ୍ରୋଡ଼ପତ୍ର ପ୍ରକାଶ କରୁଅଛନ୍ତି । ଗ୍ରାମର ଉନ୍ନତି ଓ ମଙ୍ଗଳ ସମ୍ବନ୍ଧରେ ଗ୍ରାମର ଲୋକମାନଙ୍କୁ ନାନା ଉପଦେଶ ଓ ଉପାୟମାନ ଜଣାଇ ଦେବା ଏହାର ଉଦ୍ଦେଶ୍ୟ । ଏଥିରେ ସାଧାରଣ ଉତ୍ସବ ଓ ଆମୋଦ ପ୍ରମୋଦର ବିବରଣ ପ୍ରକାଶିତ ହୁଏ । ଏହାଛଡ଼ା ଏଥିରେ ପ୍ରବନ୍ଧ ଓ ଲୋକସାଧାରଣଙ୍କର ଅବଶ୍ୟଜ୍ଞାତବ୍ୟ ନାନାବିଧ ସମ୍ବାଦ ଓ ସଙ୍କେତ ସନ୍ନିବେଶିତ ହୋଇଥାଏ । ମଧ୍ୟେ ମଧ୍ୟେ ସରକାର ଶାସନ ଶୃଙ୍ଖଳା ଓ



Digitized by srujanika@gmail.com

ପରିଚାଳନା ସମ୍ବନ୍ଧରେ ଯେଉଁ ବ୍ୟବସ୍ଥାମାନ କରୁଅଛନ୍ତି ତାହା ଏହି କ୍ରୋଡ଼ପତ୍ରଦ୍ୱାରା ସାଧାରଣଙ୍କୁ ବୁଝାଇ ଦିଆ ଯାଉଥିବାରୁ ଆବଶ୍ୟକୀୟ ସମ୍ବାଦ ଜାଣିବା ପକ୍ଷରେ ଏହା ବିଶେଷ ଉପାଦେୟ ହୋଇଅଛି । ଶୁଣାଯାଏ, ଏହି କ୍ରୋଡ଼ପତ୍ର ରାଜ୍ୟର ସମସ୍ତ ଅନୁଷ୍ଠାନ ଗୁଡ଼ିକୁ ବିନା ମୂଲ୍ୟରେ ଦିଆଯାଏ ଓ ଦରକାର ହେଲେ ବହୁଳ ସଂଖ୍ୟାରେ ତାହା ପ୍ରଜାସାଧାରଣଙ୍କ ମଧ୍ୟରେ ବିତରିତ ହୁଏ ।

## କୁଷ୍ଠ ନିବାରଣ

କୁଷ୍ଠ ବ୍ୟାଧି ସମ୍ବନ୍ଧରେ ନାନା ଅନୁସନ୍ଧାନ କରି ତାହାର ବିହିତ ପ୍ରତିକାର କରିବା ନିମନ୍ତେ ୧୯୫୦ ମସିହାରେ ବାରିପଦାରେ ଏକ ବିଭାଗ ଖୋଲା ଯାଇଥିଲା । ସେହି ଦିନଠାରୁ ରୋଗୀଙ୍କର ସଂଖ୍ୟା ନିର୍ଣ୍ଣୟ, ରୋଗର ମାରାତ୍ମକତା ଓ ନିବାରଣ ସମ୍ବନ୍ଧରେ ପ୍ରଚାର ଏବଂ ଚିକିତ୍ସା ଇତ୍ୟାଦି ବିଷୟରେ ଉକ୍ତ ବିଭାଗ ବିଶେଷ ଅଗ୍ରସର ହୋଇଅଛନ୍ତି ।

ପ୍ରଥମେ ସଦର ଥାନା ଅନ୍ତର୍ଗତ ଗ୍ରାମମାନଙ୍କରେ ରୋଗୀ ସଂଖ୍ୟା-ନିର୍ଣ୍ଣୟର କାର୍ଯ୍ୟ ଆରମ୍ଭ କରା ଯାଇଥିଲା ଓ ତାହା ବର୍ତ୍ତମାନ ଆଠଗୋଟି ଥାନାର ୧୯୯୬ ଗୋଟି ଗ୍ରାମ ପର୍ଯ୍ୟନ୍ତ ବିସ୍ତୃତ ହୋଇ-



ଆଶ୍ରମରେ ଆରୋଗ୍ୟଲାଭ କରିଥିବା ଯୋଡ଼ିଏ ବାଳକ

ଅଛି । ଉକ୍ତ ଗ୍ରାମମାନଙ୍କରୁ ୬୫୦୦ କୁଷ୍ଠ ରୋଗୀ ମିଳିଅଛନ୍ତି ଅର୍ଥାତ୍ ପ୍ରତ୍ୟେକ ଏକ ଲକ୍ଷ ଲୋକଙ୍କ ମଧ୍ୟରେ ୪୬୧ ଜଣ କୁଷ୍ଠ ରୋଗୀ ଥିବାର ଦେଖା ଯାଇଅଛି ।

ଏହି ଉଦ୍ୟମ ଫଳରେ ଷ୍ଟେଟ୍‌ର ସ୍ୱାସ୍ଥ୍ୟ ବିଭାଗ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏ ପର୍ଯ୍ୟନ୍ତ ଛଅଗୋଟି କୁଷ୍ଠ ଚିକିତ୍ସାଳୟ ଖୋଲିଅଛନ୍ତି । ସମସ୍ତ ସଂକ୍ରାମକ ଅବସ୍ଥାର ରୋଗୀମାନଙ୍କୁ ପୃଥକ୍ ଭାବରେ ରଖିବା-ପାଇଁ ଗୋଟିଏ ଉପନିବେଶ ସ୍ଥାପନର ପ୍ରସ୍ତାବ ବର୍ତ୍ତମାନ ବିଚାରାଧୀନ ଅଛି ।



କୁଷ୍ଠାଶ୍ରମର ଗୋଟିଏ ଦୃଶ୍ୟ ।
ଅନ୍ତେବାସୀମାନେ କ୍ରୀଡ଼ା କୌତୁକରେ ମାତିଛନ୍ତି ।

ବାରିପଦାର କୁଷ୍ଠାଶ୍ରମ ମହାରାଜକୁମାରୀ ଶ୍ରୀପଦ୍ମମଞ୍ଜରୀ ଦେବୀଙ୍କର ସ୍ମୃତିରକ୍ଷା ନିମନ୍ତେ ୧୮୯୬ ମସିହାରେ ସ୍ଥାପିତ ହୋଇ-ଥିଲା । ଏହି ଆଶ୍ରମ ଅଷ୍ଟ୍ରେଲିଆନ୍ ଏଭାଞ୍ଜେଲିକେଲ ମିସନ୍ ଦ୍ୱାରା ପରିଚାଳିତ ଓ ସରକାର ଏହାର ଆର୍ଥିକ ବ୍ୟୟଭାର ବହନ ପାଇଁ ବାର୍ଷିକ ମୋଟାମୋଟି କିଛି ସାହାଯ୍ୟ ଦିଅନ୍ତି । ଉକ୍ତ ଆଶ୍ରମରେ ଗୋଟିଏ ଚିକିତ୍ସାଳୟ ଅଛି ଓ ଷ୍ଟେଟର ଲେପ୍ରୋସି ଅଫିସର ଆଶ୍ରମର ରୋଗୀମାନଙ୍କୁ ସେଠାରେ ଚିକିତ୍ସା କରନ୍ତି ।

ବାରିପଦାର କୁଷ୍ଠ ଚିକିତ୍ସାଳୟ ପ୍ରଥମେ ୧୯୫୦ ମସିହାରେ ସ୍ଥାପିତ ହୋଇଥିଲା ଓ ବର୍ତ୍ତମାନ ଗୋଟିଏ ଆଧୁନିକ ରାସାୟନିକ ପରୀକ୍ଷାଗାର ସହିତ ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରାପ୍ତ ହୋଇଅଛି । ଏ ପର୍ଯ୍ୟନ୍ତ ଏହି ଚିକିତ୍ସାଳୟରୁ ୧୪ ଜଣ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ କୁଷ୍ଠ ସମ୍ବନ୍ଧରେ ଶିକ୍ଷାଲାଭ କରିଅଛନ୍ତି ।

ଓଡ଼ିଶାର ମହାମାନ୍ୟ ଗଭର୍ଣ୍ଣର ଓ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ରେସିଡେଣ୍ଟ୍ ଏହି ଚିକିତ୍ସାଳୟ ପରିଦର୍ଶନ କରି ଏହାର କାର୍ଯ୍ୟ ପ୍ରଣାଳୀରେ ପ୍ରୀତ ହୋଇଅଛନ୍ତି ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।



Digitized by srujanika@gmail.com

# CALCITHRIC VITAMIN 'D'

*Triple Salts of Calcium with 25 Units of Vitamin 'D'*

*for*

RICKETS, SCROFULA, TUBERCULOSIS AND

**ALL WASTING DISEASES**

# EDWARD'S TONIC

*Specific for*

MALARIA & ALL OTHER FEVERS

# BUTTO KRISTO PAUL & Co., Ltd.

*Manufacturing Chemists, Calcutta.*

DIVINE MEDICINE OF

# H E R N I A

WONDERFUL CURE BY OUTWARD APPLICATION.

Why do you suffer from Hernia? Come to us, we shall make a contract with you and cure you of the disease. If you fail to see us, send two annas postal stamp, have the testimonials and directions and get yourself radically cured from afar. Phone B. B. 314.

*Apply to:*—Dr. H. C. ROY

*DIVINE TREATMENT HALL, 118, Upper Circular Road,* CALCUTTA.

# BHOLANATH DUTT & SONS

THE PREMIER PAPER HOUSE OF INDIA

*Tel:*—"PRIVILEGE" CALCUTTA. - PHONE B.B. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

*Branches:*—134 & 135 Old China Bazar Street, Calcutta. 64 Harrison Road, Calcutta, 1 Hewet Road, Allahabad, Chawk Benares. 58 Patuatuly, Dacca.


Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

### ମୟୂରଭଞ୍ଜର ବୁଣା କାମ

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ ଓ ସୂତା** ନିର୍ମିତ ପଦାର୍ଥମାନ

### କୁଟୀର ଶିଳ୍ପ

୧। ଦୀର୍ଘକାଳ **ସ୍ଥାୟୀ,** ସୁନ୍ଦର ଓ ମଜବୁତ **ଦରୀ**

୨। ହାତ ବୁଣା **ଚୌକି ଗଦି ଏବ ବିଛଣା ଗଦି**

୩। କପାସୂତାର **ଗାଲିଚା** ଓ ଅଭଙ୍ଗା କଟେଇ

୪। ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

### ବନ୍ୟଜାତ ଦ୍ରବ୍ୟ

୧। **ହାତୀଦାନ୍ତ**

୨। **ବୋଟେଇ ଟସର**

୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ କେନ୍ଦୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦ

Digitized by srujanika@gmail.com

# ଭଞ୍ଜପ୍ରଦୀପ

ବାରିପଦା, ଚୈତ୍ର ୧୩୪୭


ଉତ୍କଳ-ପ୍ରଭା — ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ

ସଂସ୍କୃତିର ସଂଗଠନ — ଶ୍ରୀ ନବକିଶୋର ଦାସ

ଧର୍ଷିତା — ଶ୍ରୀ କାଳୀପ୍ରସନ୍ନ ଦବ

ଅଭିଭାଷଣ — ଶ୍ରୀ ରାଧାଗୋବିନ୍ଦ ଦାସ

ଅପରାଜିତ — ଶ୍ରୀ ମହେଶ୍ୱର ନାୟକ

ନାୟକ-କବି — ଶ୍ରୀ ଶଶିଭୂଷଣ ରାୟ

ସଙ୍ଗୀତ — ଶ୍ରୀ ଜଗତ୍ ମୋହନ ସେନ୍

ଦେଶୀୟ ରାଜ୍ୟ ସମାଚାର

ସମ୍ବାଦ ଓ ସଙ୍କେତ


Digitized by srujanika@gmail.com

PHONE 2492 CAL. GRAM "LAVATORY"

# SANITATION

PLUMBING
DRAINAGE
& WATER-WORKS.

CONSULT.

## S. K. CHAKRAVARTI LTD.

MISSION ROW SANITARY ENGINEERS CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.
It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS.

14/2 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chrcnicle.*

SUBSCRIPTION

| | | |
|---|---|---|
| *Annual* - | *Rs. 0-12-0* | *(post free)* |
| | *1-4-0* | *(with postage)* |
| *Price per copy* ,, | *0-3-0* | *(post free)* |
| | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA

Digitized by srujanika@gmail.com


# M·B·SIRKAR & SONS

Son and grandsons of Late **B. SIRKAR.**


MANUFACTURING JEWELLERS

DEALERS IN GUINEA ( 22 CT. ) GOLD ONLY.

124 & 124/1, BOWBAZAR STREET, CALCUTTA.



A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.





PHONE:-B.B.1761. TEL:-BRILLIANTS.

# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଆୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।



ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୯ ବହୁବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଡରକିଲ୍ଲା, ଚଟ୍ଟଗ୍ରାମ (୪) ପାଟୁଆଟୋଲି ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୭୨/୪ ଷ୍ଟ୍ରାଣ୍ଡରୋଡ୍, ବଡ଼ବଜାର, କଲିକତା । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ଗ୍ୟାରେଣ୍ଟି ଦିଆଯିବ ।

କ୍ୟାଟଲଗ ପାଇଁ ଲେଖନ୍ତୁ:—ରୋଗର ବିଶଦ ବିବରଣୀ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୂର ) ଏକ ତୋଳାକୁ—ଟ ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୪ ଅଣା**

ଏହା ଚର୍ମରୋଗନାଶକ, ରସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।

# ଭଞ୍ଜପ୍ରଦୀପ

**ନବମ ଭାଗ** **୩ୟ ସଂଖ୍ୟା**

## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଉତ୍କଳ-ପ୍ରଭା | ଶ୍ରୀ ଗୋକୁଳଚନ୍ଦ୍ର ଶତପଥୀ, ବି.ଏ., (ଲଣ୍ଡନ) | ୮ |
| ୨ । | ସମ୍ପୁଟର ସଗଠନ | ଶ୍ରୀ ନବକିଶୋର ଦାସ, ବି.ଏ. | ୧୦ |
| ୩ । | ଝର୍ଷିତା (ଗଳ୍ପ) | କବିଚନ୍ଦ୍ର ଶ୍ରୀ କାଳିପ୍ରସନ୍ନ କର | ୧୩ |
| ୪ । | ଅଭିବୃଷଣ | ଶ୍ରୀ ରାଧାଗୋବିନ୍ଦ ଦାସ, ଏମ୍.ଏ., ବି.ଏଲ୍. | ୧୬ |
| ୫ । | ଅପରାଜିତ | ଶ୍ରୀ ଦେବେଶ୍ୱର ନାୟକ, ବି.ଏ. | ୧୯ |
| ୬ । | ନାୟକ-କବି | ଶ୍ରୀ ଶଶିଭୂଷଣ ରାୟ | ୨୨ |
| ୭ । | ସଙ୍ଗୀତ | ଶ୍ରୀ ଜଗତ୍ ମୋହନ ସେନ୍, ବି.ଏସ୍‌ସି., ଡ.ଇଡ. | ୨୪ |
| ୮ । | ଦେଶୀୟ ରାଜ୍ୟ ସମାଚାର | | ୨୫ |
| ୯ । | ସମ୍ବାଦ ଓ ସଙ୍କେତ | | ୨୬ |


## ଚିତ୍ର-ସୂଚୀ


| | | |
|---|---|---|
| ୧ । | ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀ ତୋରଣର ସମ୍ମୁଖ ଦୃଶ୍ୟ | ୨୦ |
| ୨ । | କୃଷି-ଶିଳ୍ପ ପ୍ରଦର୍ଶନୀ ଭିତରେ ସାଧାରଣ ଦୃଶ୍ୟ | ୨୮ |
| ୩ । | କୃଷି-ଶିଳ୍ପ ପ୍ରଦର୍ଶନୀରେ ପ୍ରଦର୍ଶିତ ପୁଷ୍ପ ସମ୍ଭାର | ୨୯ |
| ୪ । | କୃଷି-ଶିଳ୍ପ ପ୍ରଦର୍ଶନୀକୁ ଆଗତ କେତେକ କୃଷିଜାତ ଦ୍ରବ୍ୟର ଦୃଶ୍ୟ | ୩୦ |
| ୫ । | ଷେଠମୋହନ ବିଦ୍ୟାମନ୍ଦିରର ଦ୍ୱାରୋଦ୍ଘାଟନ ଉତ୍ସବ ଉପଲକ୍ଷରେ ନିମନ୍ତ୍ରିତ ବିଶିଷ୍ଟ ଭଦ୍ରମଣ୍ଡଳୀ | ୩୨ |


Digitized by srujanika@gmail.com



ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ        ସହକାରୀ ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ

## ଚୈତ୍ର ପର୍ବ ସଂଖ୍ୟା

ନବମ ଭାଗ } ଚୈତ୍ର, ସନ ୧୩୪୭ ସାଲ { ୩ୟ ସଂଖ୍ୟା

# "ଉତ୍କଳ ପ୍ରଭା"

ଶ୍ରୀ ଗୋକୁଳ ଚନ୍ଦ୍ର ଶତପଥୀ, ବି.ଏ. ( ଲଣ୍ଡନ )

ପ୍ରାୟ ଅଠ ମାସ ପୂର୍ବେ ମୟୂରଭଞ୍ଜ ଷ୍ଟେଟ୍ ସେକ୍ରେଟେରିଏଟ୍‌ରେ "ଉତ୍କଳ-ପ୍ରଭା" ନାମରେ ଗୋଟିଏ ଓଡ଼ିଆ ମାସିକ ପତ୍ରିକା ପଢ଼ିବାର ସୁବିଧା ମୁଁ ପାଇଥିଲି । ପତ୍ରିକାଟିକୁ ପ୍ରଥମେ ଦେଖି ମୁଁ ଯେତେ ଆନନ୍ଦ ଅନୁଭବ କଲି ତାହା ଲେଖାରେ ପ୍ରକାଶ କରିବା ଅସମ୍ଭବ । ବହୁଦିନ ଆଗରୁ ମୁଁ ଏହାର ନାମ ଶୁଣିଥିଲି, ମାତ୍ର ପଢ଼ିବାର ସୁବିଧା ଇତିପୂର୍ବେ କେବେହେଲେ ପାଇ ନ ଥିଲି, କାରଣ ଓଡ଼ିଶାରେ ଏ ପତ୍ରିକାଟି ପୂର୍ଣ୍ଣାଙ୍ଗ ଅବସ୍ଥାରେ କୌଣସି ସ୍ଥାନରେ ଥିବାର ଶୁଣା ଯାଏନାହିଁ । ମୟୂରଭଞ୍ଜରୁ ଦୀର୍ଘ ପାଞ୍ଚବର୍ଷ କାଳ ପ୍ରକାଶିତ ହୋଇଥିଲେହେଁ ଏହା ତତ୍ରତ୍ୟ ଷ୍ଟେଟ୍ ପ୍ରେସରେ ଆଜିକାଲି ଦେଖିବାକୁ ମିଳେନାହିଁ । ମୟୂରଭଞ୍ଜର ବର୍ତ୍ତମାନ ମହାରାଜାଙ୍କର ଆଗ୍ରହ ଏବଂ ବଦାନ୍ୟତାରେ ପୁଣି ତତ୍ରତ୍ୟ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟଙ୍କ କଠୋର ଅନ୍ୱେଷଣରେ ଏ ପତ୍ରିକାଟିର ଅଧିକାଂଶ ଅଂଶ ପାଇ ଆମ୍ଭେମାନେ ଧନ୍ୟ ହୋଇଅଛୁଁ ।

ହେଲେ ଏ ପତ୍ରିକାଟିର ପ୍ରଚାର କମ୍ ନ ଥିଲା । ଅନେକ ଲୋ[କ] ଏହାକୁ ଆଗ୍ରହରେ କିଣୁଥିଲେ । ବିଶେଷତଃ ଓଡ଼ିଶାରେ ଅନେକ ଦେଶସେବୀ ସାହିତ୍ୟସେବୀଙ୍କ ଗୃହରେ ଏହା ଥିଲ[ା] ମାତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ଆମର ଏ ଓଡ଼ିଶା ଦେଶରେ ଭଲ ବହିର ମୂଲ୍ୟ ଖୁବ୍ କମ୍ ଲୋକେ ବୁଝନ୍ତି । ଶିକ୍ଷା ଅଭାବ[ରୁ] ହେଉ, ଅର୍ଥ ଅଭାବରୁ ହେଉ, ଅଥବା ଆଳସ୍ୟ ବଶ[ତଃ] ହେଉ, ସାଧାରଣ ଲୋକେ ଅତି ଦରକାର ନ ପଡ଼ିଲେ ବ[ହି] କିଣନ୍ତି ନାହିଁ । କିଣିଲେ ମଧ୍ୟ ଯେ କୌଣସି ପ୍ରକାରରେ ବହିଟି[କୁ] ପଢ଼ିଦେଇ ଦୂରକୁ ଫିଙ୍ଗି ଦିଅନ୍ତି । ଶିକ୍ଷିତ ଲୋକ ଯ[ଦି] ବହିର ଏ ବ୍ୟବହାର କରନ୍ତି ତେବେ ଅନ୍ୟମାନେ ଅ[...] କ'ଣ ନ କରିବେ ?

"ଆମି ଯେଠା ନାଇ ବୁଝି ସେଠା ଜାନ ଛାର
ଅଗାଗୋଡ଼ା କେଟେକୁଟେ କରି ଛାରଖାର"

ତେଣୁ ପ୍ରକୃତିର କରାଳ ଗ୍ରାସରେ ହେଉ ବା ମାନବର ନି[...]

Digitized by srujanika@gmail.com

ହସ୍ତରେ ହେଉ ଅନେକ ଦରକାରୀ ବହି ନଷ୍ଟ ହୋଇଯାଇଛି । ଯାହା କିଛି ସ୍ଥଳବିଶେଷରେ ଅଛି ତାହା ମଧ ନଷ୍ଟ ହେବା ଉପରେ । ଏ ଗୁଡ଼ିକ ଅନ୍ତତଃ ସଂଗ୍ରହ କରି ଯତ୍ନପୂର୍ବକ ନ ରଖିଲେ ଆମ ଉନ୍ନତିର ଗତି ଏକା ପଛକୁ ହେବ । ସମାଜର ଉନ୍ନତି ଦେଶର ସାହିତ୍ୟ ଉପରେ ବହୁ ପରିମାଣରେ ନିର୍ଭର କରେ । ଯେଉଁ ଦେଶର ସାହିତ୍ୟ ଯେତେ ଉନ୍ନତ, ସେ ଦେଶର ସମାଜ ସେତେ ଉନ୍ନତ । ସାହିତ୍ୟ ଦେଶର ମାନସିକ ପରିକଳ୍ପନାର ଆଦର୍ଶ, ସଭ୍ୟତାର କଷଟିପଥର । ଏଥିରେ ଦେଶର ତଥା ସମାଜର ଧର୍ମ, ଦର୍ଶନ, ବିଜ୍ଞାନ, ଲୋକାଚାର ପ୍ରଭୃତି ମାନବ ଜୀବନର ଯାବତୀୟ ବିଷୟ ଲିପିବଦ୍ଧ ହୁଏ । ସାହିତ୍ୟ ଦେଶର ଜୀବନ ଏବଂ ଏହାର ଅଭାବ ସମାଜର ମୃତ୍ୟୁ ।

ଆଧୁନିକ ଓଡ଼ିଆ ସାହିତ୍ୟ ବୋଇଲେ ସ୍ଥୂଳତଃ ରାଧାନାଥ, ମଧୁସୂଦନ, ଫକୀରମୋହନ ଏବଂ ଗଙ୍ଗାଧରଙ୍କ ରଚନା । ଏମାନେ ସ୍ୱୀୟ ଅଦମ୍ୟ ଉତ୍ସାହ ଏବଂ ଅମର ଲେଖନୀରେ ଓଡ଼ିଆ ସାହିତ୍ୟ ଇତିହାସରେ ଗୋଟିଏ ନୂଆ ଯୁଗ ସୃଷ୍ଟି କରିଥିଲେ । ଏ ଯୁଗରେ ଯେଉଁ ଶକ୍ତି ଓଡ଼ିଆ ସାହିତ୍ୟକୁ ଆନ୍ଦୋଳିତ କରିଥିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଆମ ସମାଜରୁ ଯାଇନାହିଁ । ତେଣୁ ଆଜିକାଲି ଯେ ଓଡ଼ିଆ ସାହିତ୍ୟ ଲେଖାହେଉଛି ତାହା ରାଧାନାଥ ଯୁଗର ଶକ୍ତିରେ ପରିଚାଳିତ ବୋଲି କହିବାକୁ ହେବ । ଓଡ଼ିଶାକୁ ଏ ଯୁଗ ଆସିଥିଲା ଊନବିଂଶ ଶତାବ୍ଦୀର ଶେଷ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଭାଗ ଅଡ଼ିକି । ଏ ସମୟରେ ସାରା ଦେଶରେ ଗୋଟିଏ ନୂତନ ଜାଗରଣ ଖେଳି ଯାଇଥିଲା ।

"ମାତୃଭୂମି ମାତୃଭାଷା ଉଭୟେ ଜନନୀ,
ସେବ ତାଙ୍କୁ ଭକ୍ତିଭରେ ଦିବସ-ରଜନୀ ।"

ପ୍ରତ୍ୟେକ ଦେଶହିତକାମୀ ଓଡ଼ିଆର ଏହା ଆଦର୍ଶ ଥିଲା । ଅବଶ୍ୟ ଏ ଯୁଗ ହଠାତ୍ ଆସିଥିଲା ବୋଲି କୁହାଯାଇ ନ ପାରେ । ୧୮୩୭ ଖ୍ରୀ: ଅ: ଅର୍ଥାତ୍ କଟକରେ କ୍ରିଶ୍ଚିଆନ୍ ମିସନାରୀମାନେ ଓଡ଼ିଆ ଛାପାଖାନା ବସାଇଲା ଦିନରୁ ୧୮୯୦ ଖ୍ରୀ: ଅ: ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଏବଂ ଭାଷାର ଉନ୍ନତି କରିବା ପାଇଁ ଏ ଦେଶରେ କେତେ ସଭା, ସମାଜ, ସମ୍ମିଳନୀ, ସଂଘ ଗଠିତ ହୋଇଯାଇଛି ତା'ର ଇୟତ୍ତା ନାହିଁ । କେତେ ସାହିତ୍ୟସେବୀ ଦେଶପ୍ରେମୀ ଏ ଯୁଗର ଆଗମନ ପାଇଁ ଅସୀମ କଷ୍ଟ ପାଇଅଛନ୍ତି ତା'ର ସୀମା ନାହିଁ । ମାତ୍ର ଅତି ଦୁଃଖର ବିଷୟ ଯେ ସେମାନଙ୍କର ମହତ୍ ଚେଷ୍ଟାକୁ ଆମ୍ଭେମାନେ ଏପର୍ଯ୍ୟନ୍ତ ଭଲରୂପେ ବୁଝି ପାରି ନାହୁଁ, ବୁଝିବାର ମଧ ଚେଷ୍ଟା କମ୍ । ସେଥିପାଇଁ 'ଉତ୍କଳୋଲ୍ଲାସିନୀ', 'ଉତ୍କଳ ହିତୈଷିଣୀ', 'ଉତ୍କଳ-ଦର୍ପଣ', 'ଉତ୍କଳ-ପୁତ୍ର', ଏବଂ 'ଉତ୍କଳ ଦୀପିକା' ପ୍ରଭୃତି ସମ୍ବାଦପତ୍ରମାନଙ୍କର ପ୍ରକୃତ ସାଧନା ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ ଭଲରୂପେ ଜଣା ନାହିଁ* । ଆଉ ରାଧାନାଥ ଯୁଗର କେତେ ବିଷୟ ଅବା ଆମ୍ଭମାନଙ୍କୁ ଜଣା ? ପ୍ରାଚୀନ ଓଡ଼ିଆ ସାହିତ୍ୟର ଇତିହାସ ଲେଖିବାକୁ ଗଲେ ଜୀବନବ୍ୟାପୀ ସାଧନା ଏବଂ ଗବେଷଣା ଦରକାର । ରାଧାନାଥ ଯୁଗର ଓଡ଼ିଆ ସାହିତ୍ୟର ଇତିହାସ ଲେଖିବା ପାଇଁ ମଧ କମ୍ ଗବେଷଣା ଆବଶ୍ୟକ ନୁହେଁ । ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର ପ୍ରଭୃତି ଯୁଗ-ପ୍ରବର୍ତ୍ତକମାନଙ୍କ ପୂର୍ଣ୍ଣ ଇତିହାସ ଏପର୍ଯ୍ୟନ୍ତ ଏ ଦେଶରେ ଲେଖାହୋଇ ପାରିଲା ନାହିଁ । ଇତିହାସ କଥା ତେଣିକି ଥାଉ, ସେମାନଙ୍କର ସମ୍ପୂର୍ଣ୍ଣ ପଦ୍ୟାବଳୀ ଏବଂ ଗଦ୍ୟାବଳୀ ମଧ ପ୍ରକାଶ ପାଇ ନାହିଁ । ତା'ର କାରଣ କେବଳ ବିଷୟ ଏବଂ ଅର୍ଥର ଅଭାବ ନୁହେଁ, ଆମ୍ଭମାନଙ୍କର ଅଯୋଗ୍ୟପଣ ମଧ । କେବେ ଯେ ଏ ଦୁରବସ୍ଥା ଆମ୍ଭମାନଙ୍କ ମଧରୁ ଯିବ ତାହା ଭଗବାନ ଜାଣନ୍ତି ।

ପ୍ରାୟ ୧୮୯୦ ଖ୍ର: ଅ: ଅଡ଼ିକି ରାଧାନାଥ ଯୁଗର ଆରମ୍ଭ ବୋଲି କୁହା ଯାଇପାରେ । ଏ ସମୟରେ ଉଲ୍ଲିଖିତ ଚାରିଜଣ କବି ନବୀନ ଉତ୍ସାହରେ କବିତା ଲେଖୁଥିଲେ. ଆଉ ରାମଚନ୍ଦ୍ର, ମୁରଲିଦେବ ପ୍ରଭୃତି ଦେଶପ୍ରେମୀ ସାହିତ୍ୟରସିକମାନେ ନବ-ଯୁଗର ନବସାହିତ୍ୟରେ ଅସୀମ ଆନନ୍ଦ ଏବଂ ଗର୍ବ ଅନୁଭବ କରୁଥିଲେ । ମହାରାଜା ଶ୍ରୀରାମଚନ୍ଦ୍ରଙ୍କର ରାଜନୀତିରେ ଯେପରି ଦକ୍ଷତା ଥିଲା, ବେଦ, ବେଦାନ୍ତ, ନ୍ୟାୟ, ଦର୍ଶନରେ ସେହିପରି ପାଣ୍ଡିତ୍ୟ ଏବଂ ଓଡ଼ିଆ ସାହିତ୍ୟରେ ସେହିପରି ଅଗାଧ ପ୍ରୀତି ଏବଂ ଜ୍ଞାନଲିପ୍ସା ଥିଲା । ସେ ଥିଲେ ଜଣେ ପୂର୍ଣ୍ଣମାନବ, କାରଣ ମାନବ ଜୀବନର ପ୍ରତ୍ୟେକ ବିଭାଗରେ ତାହାଙ୍କର ଯଥେଷ୍ଟ ସଦ୍‌ଜ୍ଞାନ ଏବଂ ମହାନୁଭୂତି ଥିଲା । ସେ ଯଦି ରାଜା ନ ହୋଇ ଜଣେ ସାହିତ୍ୟକ ହୋଇଥାନ୍ତେ ତେବେ ବି ତାଙ୍କ ମହତ୍ତ୍ୱ ଅଣୁମାତ୍ର କମି ନ ଥାନ୍ତା । ଓଡ଼ିଆ ସାହିତ୍ୟରେ ତାହାଙ୍କର ପ୍ରୀତିକୁ କବିବର ରାଧାନାଥ ଭୂରି ଭୂରି ପ୍ରଶଂସା କରି ଯାଇଅଛନ୍ତି । "ଉତ୍କଳ-ପ୍ରଭା" ତାହାଙ୍କର ଏହି ପ୍ରୀତିର ଜ୍ୱଳନ୍ତ ନିଦର୍ଶନ ।

୧୨୯୮ ସାଲ ବୈଶାଖ ମାସରେ ( ୧୮୯୨ ଖ୍ର: ଅ: ଏପ୍ରିଲ ମାସରେ) "ଉତ୍କଳ-ପ୍ରଭା"ର ପ୍ରଥମ ଭାଗର ପ୍ରଥମ ସଂଖ୍ୟା ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରୁ ବାହାରି ଥିଲା ଏବଂ ୧୩୦୩ ସାଲ ବୈଶାଖ ମାସରେ ( ୧୮୯୭ ଖ୍ର: ଅ: ଏପ୍ରିଲ ମାସରେ ) ଏହାର ପଞ୍ଚମ ଭାଗ ଶେଷ ପରେ ଆଉ ବାହାରି ଥିବାର ଅନୁମାନ ହୁଏନାହିଁ † । ଏହି

* ଉତ୍କଳ ସାହିତ୍ୟ ୧୯୧୭ ମୃତ୍ୟୁଞ୍ଜୟ ରଥଙ୍କର "ଊନବିଂଶ ଶତାବ୍ଦୀର ଉତ୍କଳ ପତ୍ରିକା" ।

† ଏହା କେବଳ ଲେଖକଙ୍କର ଅନୁମାନ ମାତ୍ର । ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟଙ୍କ ଦ୍ୱାରା ସଂଗୃହୀତ ବାରିପଦା କ୍ଲବ୍‌ର ଲାଇବ୍ରେରୀର ପୁସ୍ତକ ତାଲିକାର ଗୋଟିଏ ପୃଷ୍ଠାରେ କେତେଗୁଡ଼ିଏ Oriya Journals & Magazinesର ନାମ ଲେଖାଅଛି । ସେଥିରୁ ଉତ୍କଳ ପ୍ରଭା Vol.—VI.—No. 12. ପର୍ଯ୍ୟନ୍ତ ବାହାରି ଥିବାର ଜଣାଯାଏ । ମାତ୍ର ଏହା ଛପାର ଭୁଲ ବୋଲି ଅନୁମାନ ହୁଏ,' କାରଣ "ପ୍ରଭା" ଚତୁର୍ଥ ଭାଗର ଚତୁର୍ଥ ସଂଖ୍ୟାଠାରୁ ଅନିୟମିତ । ଏହା ଯେ ଅଧିକ ପ୍ରାୟ ତିନି ବର୍ଷ ବଞ୍ଚି ରହିଥିବ ଏହା ଭାବିବା ବଡ଼ କଠିନ ।



Digitized by srujanika@gmail.com

ପାଞ୍ଚ ବର୍ଷ ମଧ୍ୟରେ ଏହା ଓଡ଼ିଆ ସାହିତ୍ୟ ପାଇଁ କ'ଣ କରିଥିଲା ତାହା ପରେ ଆଲୋଚନା କରାଯିବ । ବର୍ତ୍ତମାନ ମୟୂରଭଞ୍ଜ ଷ୍ଟେଟ୍ ସେକ୍ରେଟେରିଏଟ୍‌ରେ ଥିବା "ଉତ୍କଳ-ପ୍ରଭା"ର ବନ୍ଧା ବହିମାନଙ୍କ ବିଷୟରେ ପଦେ ଅଧେ ଲେଖିବା ଦରକାର । ଏ ବହିମାନଙ୍କରେ ଅନେକ ସଂଖ୍ୟାର ଅଭାବ ଅଛି । ମାତ୍ର ଏ ସଂଖ୍ୟା ଗୁଡ଼ିକରେ କି କି ବିଷୟ ବାହାରି ଥିଲା ତାହା ପାଠକ ଇଚ୍ଛା କଲେ ସହଜରେ ଧରି ପାରିବେ । ଉଦାହରଣ ସ୍ୱରୂପ ପ୍ରଥମ ଭାଗ ବନ୍ଧା ବହିରେ ପତ୍ରିକାର ନବମ ସଂଖ୍ୟାର ଅଭାବ । ମାତ୍ର ଦ୍ୱିତୀୟ ଭାଗ ଦ୍ୱିତୀୟ ସଂଖ୍ୟାରେ ଥିବା ସୂଚୀପତ୍ରରୁ ଜଣାଯାଏ ଯେ ଉକ୍ତ ସଂଖ୍ୟାଟିରେ ଅନ୍ତତଃ ଦୁଇଟି ପ୍ରବନ୍ଧ ବାହାରିଥିଲା, ଯଥା:—ଅଜିନ ନାୟକଙ୍କର "ଉତ୍କଳ କାବ୍ୟ ସମାଲୋଚନା" ଏବଂ ଲାଲ ରାମନାରାୟଣ ରାୟଙ୍କର "କବି ଉପେନ୍ଦ୍ରଭଞ୍ଜ" ।

ସେହିପରି ଦ୍ୱିତୀୟ ଭାଗ ବନ୍ଧା ବହିରେ ପତ୍ରିକାର ଚତୁର୍ଥ ସଂଖ୍ୟାର ଅଭାବ । ଏଥିରେ ଅନ୍ତତଃ କବିବର ରାଧାନାଥଙ୍କ "ମହାଯାତ୍ରା"ର ୬ଷ୍ଠ ଏବଂ ୭ମ ସର୍ଗ ଏବଂ ରାମଶଙ୍କର ରାୟଙ୍କର "ବିବାସିନୀ"ର ୧୬ଶ ଏବଂ ୧୭ଶ ଅଧ୍ୟାୟ ବାହାରିଥିଲା । ତୃତୀୟ ଭାଗର ବାରଟିଯାକ ସଂଖ୍ୟା ଏକତ୍ର ବନ୍ଧା ହୋଇଅଛି * । ଚତୁର୍ଥ ଭାଗର ୫ମ, ୬ଷ୍ଠ, ୭ମ, ୮ମ ଏବଂ ପଞ୍ଚମ ଭାଗର ୫ମ ଠାରୁ ୧୨ଶ ପର୍ଯ୍ୟନ୍ତ ସଂଖ୍ୟା ଗୁଡ଼ିକର ଅଭାବ । ଏ ସଂଖ୍ୟା ଗୁଡ଼ିକରେ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କର ସଂସ୍କୃତ ମହାଭାରତର ଆଦିପର୍ବ ଏବଂ ସଭାପର୍ବର ଓଡ଼ିଆ ଅନୁବାଦ କ୍ରମଶଃ ବାହାରିଥିଲା । "ଉତ୍କଳ-ପ୍ରଭା"ର ଚତୁର୍ଥ ଭାଗର ଚତୁର୍ଥ ସଂଖ୍ୟାଠାରୁ ଗୋବିନ୍ଦ-ବାବୁଙ୍କ ଛଡ଼ା ଅନ୍ୟାନ୍ୟ ଲେଖକ ପ୍ରାୟ ଦେଖାଯାନ୍ତି ନାହିଁ । ଗୋବିନ୍ଦ ବାବୁ ତାଙ୍କ ନିଜ ଲେଖାରେ ପତ୍ରିକାର ଅବଶିଷ୍ଟ ୨୧ଟି ସଂଖ୍ୟା ବାହାର କରାଇଥିଲେ । ସେ ଥିଲେ ମୟୂରଭଞ୍ଜ ଷ୍ଟେଟ୍‌ର ସହକାରୀ ଦେବାନ ଏବଂ ଷ୍ଟେଟ୍ ପ୍ରେସ୍‌ର ସୁପରିଣ୍ଟେଣ୍ଡେଣ୍ଟ । ସୁତରାଂ ତାଙ୍କ ପକ୍ଷରେ ଏପରି ମହତ୍ କାର୍ଯ୍ୟ ସମ୍ଭବ ହୋଇଥିଲା, ଅନ୍ୟ କେହି ଏପରି କରି ପାରନ୍ତା କି ନାହିଁ ସନ୍ଦେହ । ଜଣେ ଲେଖକର ଲେଖାରେ "ଉତ୍କଳ-ପ୍ରଭା" ସଦୃଶ ଗୋଟିଏ ମାସିକ ପତ୍ରିକା ନିୟମିତ ଭାବେ ପ୍ରକାଶ କରିବା ପ୍ରାୟ ଅସମ୍ଭବ । ତେଣୁ ଏହାର ଆସନ୍ନ ପତନ ସହଜରେ ଅନୁମେୟ ।

"ଉତ୍କଳ-ପ୍ରଭା"ର ଆକାର ପ୍ରାୟ ଆଜିକାଲିର "ଉତ୍କଳ-ସାହିତ୍ୟ" ପରି । ଆଗପାଖ ମଲାଟରେ ଲିଖିତ ବିଷୟ ନିମ୍ନୋଦ୍ଧୃତ ଉଦାହରଣରୁ ବୁଝାଯିବ ।

ପ୍ରଥମ ଭାଗ                                        ପ୍ରଥମ ସଂଖ୍ୟା

**ଉତ୍କଳ ପ୍ରଭା**

ମାସିକ ପତ୍ରିକା ଓ ସମାଲୋଚନା

ବୈଶାଖ—ସନ ୧୨୯୮

———()———

ମୟୂରଭଞ୍ଜାଧିପତି ଶ୍ରୀମନ୍ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଅନୁମତ୍ୟାନୁସାରେ

ଶ୍ରୀ ଚୈତନ୍ୟ ପ୍ରସାଦ ରାୟଙ୍କ ଦ୍ୱାରା ସମ୍ପାଦିତ

ବିଷୟ                                        ପୃଷ୍ଠା

ପ୍ରବନ୍ଧମାନଙ୍କର ମତାମତ ନିମନ୍ତେ ଲେଖକମାନେ ଦାୟୀ

( ତପରେ ବିଷୟଗୁଡ଼ିକର ନାମ ଏବଂ ସେଗୁଡ଼ିକର ଲେଖକ )

BARIPADA

Printed at the Raj Press, Mayurbhanj

Via Balasore †

ପଛପାଖ ମଲାଟରେ ପ୍ରତି ମାସର ନୂତନ ଗ୍ରାହକଙ୍କ ନାମ ଏବଂ ଠିକଣା, ମୂଲ୍ୟ ପ୍ରାପ୍ତି ସ୍ୱୀକାର, ବିଜ୍ଞାପନ ଏବଂ ଶୁଦ୍ଧିପତ୍ର ଇତ୍ୟାଦି ବିଷୟମାନ ଛପା ହୋଇଥାଏ । ଅନେକ ସମୟରେ ସମ୍ପାଦକଙ୍କ ମନ୍ତବ୍ୟ ମଧ୍ୟ ଦିଆ ଯାଇଥାଏ ।

୧୮୯୨ ଖ୍ରୀ: ଅ:ରେ ଓଡ଼ିଆରେ ପତ୍ର ପତ୍ରିକାର ବିଶେଷ ଅଭାବ ନ ଥିଲା । "ସମ୍ବଲପୁର ହିତୈଷିଣୀ" ଏବଂ "ଉତ୍କଳ ଦୀପିକା" ପତ୍ରିକାଦ୍ୱୟ ସୁଯୋଗ୍ୟ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ଚାଲିତ ହେଉଥିଲା । ମାତ୍ର ସେ ସମୟରେ ଓଡ଼ିଶାରେ ଏପରି ଏକ ମାସିକ ପତ୍ରିକା ନ ଥିଲା ଯହିଁରେ ଦେଶ ବିଦେଶର ନୂତନ ପୁରାତନ ସାହିତ୍ୟ, ଧର୍ମ, ଦର୍ଶନ, ବିଜ୍ଞାନ, ଶିକ୍ଷା, ସଂସ୍କୃତ ପ୍ରଭୃତି ବିଷୟମାନ ବିଶଦଭାବରେ ଆଲୋଚିତ ହୋଇପାରେ । ମହାନୁଭବ ମହାରାଜା ଶ୍ରୀରାମଚନ୍ଦ୍ର ଏ ଅଭାବ ଅନୁଭବ କରିଥିଲେ ଏବଂ ଏହାର ଆଶୁ ପ୍ରତିକାର ପାଇଁ "ଉତ୍କଳ ପ୍ରଭା" ନାମରେ ମାସିକ ପତ୍ରିକା ନିଜ ଷ୍ଟେଟରୁ ପ୍ରକାଶିତ ହେବା ପାଇଁ ଅନୁମତି ଦେଇ-ଥିଲେ । ଖାଲି ସେତିକି ନୁହେଁ; ଷ୍ଟେଟରୁ ହେଉ, ବା ନିଜ ପାଣ୍ଠିରୁ ହେଉ ଏହାର ଯାବତୀୟ ବ୍ୟୟ ଭାର ବହନ କରିବା ପାଇଁ ପ୍ରତିଶ୍ରୁତ ହୋଇଥିଲେ । ସ୍ଥୂଳତଃ କହିବାକୁ ଗଲେ "ଉତ୍କଳ ପ୍ରଭା" ଉତ୍କଳସେବୀ ଶ୍ରୀରାମଚନ୍ଦ୍ରଙ୍କର କଠୋର ଉଦ୍ୟମ ଏବଂ ଓଡ଼ିଆ-ସାହିତ୍ୟ-ପ୍ରୀତିର ଫଳ § । ୧୮୯୨-୯୩ ଖ୍ରୀ: ଅ:ରେ

* "ଉତ୍କଳ ପ୍ରଭା"ର ଯେଉଁ ଚାରି ଖଣ୍ଡ ବନ୍ଧା ବହି ମିଳିଛି ସେଗୁଡ଼ିକ ମଧ୍ୟରୁ ତୃତୀୟ ଭାଗଟି ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କର । ଏଥିରେ ସେ ତାଙ୍କର ନାମ ଲେଖିଅଛନ୍ତି । ଏ ବହିଟି ତାଙ୍କ ପୁଅ ୧୯୧୧ରେ ପଣ୍ଡିତ ନୀଳକଣ୍ଠ ଦାସ ମହାଶୟଙ୍କୁ ଦେଇଥିଲେ । ଏବେ ପଣ୍ଡିତ ମହାଶୟଙ୍କଠାରୁ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ମହାଶୟ ଆଣି ଥିବାରୁ ଆମ୍ଭେମାନେ ତାହା ପାଇଅଛୁଁ । ଅବଶିଷ୍ଟ ୩ ଖଣ୍ଡ ଅନେକଦିନ ଯାବତ୍ ବାଲେଶ୍ୱରର ରାଧାନାଥ ପୁସ୍ତକାଳୟରେ ଥିଲା । ପ୍ରାୟ ୩ ବର୍ଷ ପୂର୍ବରୁ ଶ୍ରୀଯୁକ୍ତ ଶଶିଭୂଷଣ ରାୟ ମହାଶୟଙ୍କ ଦ୍ୱାରା ଅର୍ଥ ବିନିମୟରେ ମୟୂରଭଞ୍ଜକୁ ଅଣା ହୋଇଅଛି ।

† "ଉତ୍କଳ ପ୍ରଭା"ର ପ୍ରଥମ ଭାଗ ନବମ ସଂଖ୍ୟାଠାରୁ ଦ୍ୱାଦଶ ସଂଖ୍ୟା ପର୍ଯ୍ୟନ୍ତ ବାଲେଶ୍ୱରର ଉତ୍କଳ ପ୍ରିଣ୍ଟିଂ କମ୍ପାନି ପ୍ରେସରେ ମୁଦ୍ରିତ ହୋଇଥିଲା । ଏଥିପାଇଁ ୯ମ ସଂଖ୍ୟାର ପୃଷ୍ଠାଙ୍କ ଉପରେ ୮ମ ସଂଖ୍ୟାର ପୃଷ୍ଠାଙ୍କ ସହିତ ଏକ ଥିବାର ଦେଖାଯାଏ । ଏହି ହେତୁରୁ ସମ୍ଭବତଃ ୯ମ ସଂଖ୍ୟାଟି ୧ମ ଭାଗ ବନ୍ଧା ବହିରେ ସ୍ଥାନ ପାଇ ନ ଥିବ ।

§ ଉତ୍କଳ ଦୀପିକା ୧୮୯୧ ଜାନୁୟାରୀ ।



Digitized by srujanika@gmail.com

" ଉତ୍କଳ ପ୍ରଭା "ର ବକ୍ରିଧନ ଟ ୫୪୮ ମୟୂରଭଞ୍ଜ ଷ୍ଟେଟ୍ ଟ୍ରେଜାରିରେ ଦାଖଲ କରା ହୋଇଥିଲା* । ଏଥିରେ ପତ୍ରିକା ଛପାଇବା ପାଇଁ କାଗଜ, କାଳି ପ୍ରଭୃତି ଅବଶ୍ୟକ ଜିନିଷମାନ କଣା ହୋଇଥିଲା । " ଉତ୍କଳ ପ୍ରଭା "ର ବାର୍ଷିକ ମୂଲ୍ୟ ବାରିପଦା ସକାଶେ ଟ ୧୷, ଅନ୍ୟ ସ୍ଥାନ ନିମନ୍ତେ ଡାକମାସୁଲ ସହ ଟ୨୯ । ପ୍ରତି ସଂଖ୍ୟାର ମୂଲ୍ୟ ବାରିପଦା ପାଇଁ ଟ୦୵, ଅନ୍ୟତ୍ର ଟ୦୵୬ । ୧୮୯୪ ଖ୍ରୀ: ଅ: ଏପ୍ରିଲ୍ମାସ ପତ୍ରିକାର ତୃତୀୟ ଭାଗ ପ୍ରଥମ ସଂଖ୍ୟାଠାରୁ ଏହାର ମୂଲ୍ୟ କମାଇ ଦିଆ ଯାଇଥିଲା । ନଗଦ ଟ୧୯; ପରେ ଦେଲେ ଟ୧୷ । ମଫସଲ ନିମନ୍ତେ ଟ୦୷ ଅଧିକ; ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଡାକମାସୁଲ ସହ ଟ୦୵ । ଶିକ୍ଷା ବିଭାଗର ମାସିକ ଟ ୧୦୯ ନ୍ୟୂନ ବେତନଧାରୀ ଏବଂ ସଂଗତିହୀନ ଛାତ୍ରମାନେ "ଉତ୍କଳ ପ୍ରଭା" ବିନା ମୂଲ୍ୟରେ ପାଉଥିଲେ । ଗୋବିନ୍ଦ ବାବୁଙ୍କ ଲିଖିତ ବିବରଣୀରୁ ଜଣାଯାଏ ଯେ " ଉତ୍କଳ ପ୍ରଭା "ର ବକ୍ରିଧନ କେବେହେଲେ ଏହାର ବ୍ୟୟ ପାଇଁ ଯଥେଷ୍ଟ ହୋଇ ନ ଥିଲା । ଯାହାହେଉ, ଏହାର ସଂକଳନ ଖର୍ଚ୍ଚ ବାଦ୍ ମହାରାଜା ଶ୍ରୀରାମଚନ୍ଦ୍ର ସୁଦକ୍ଷ ଲେଖକମାନଙ୍କୁ ପୁରସ୍କାର ଦେବା ନିମନ୍ତେ ପ୍ରତିବର୍ଷ ଟ୩୦୦୯ ନିଜ ପାଣ୍ଠିରୁ ଦେଉଥିଲେ । ମୋଟରେ କହିବାକୁ ଗଲେ " ଉତ୍କଳ ପ୍ରଭା "ର ଆର୍ଥିକ ଅବସ୍ଥା ବେଶ୍ ସଚ୍ଛଳ ଥିଲା । ମହାରାଜା ଶ୍ରୀରାମଚନ୍ଦ୍ର କୌଣସି ସତ୍କାର୍ଯ୍ୟରେ, ଦେଶହିତକର କାମରେ, ଅର୍ଥ ବ୍ୟୟ କରିବାକୁ କେବେହେଲେ କୁଣ୍ଠିତ ହେଉ ନ ଥିଲେ । "ଉତ୍କଳ ପ୍ରଭା"ର ପ୍ରଥମ ସମ୍ପାଦକ ଚୈତନ୍ୟ ପ୍ରସାଦ ରାୟଙ୍କ କଥାରେ କହିବାକୁ ଗଲେ " ଝାଡ଼ଖଣ୍ଡ ବାଦଶା ମୟୂରଭଞ୍ଜାଧିପତି ଯାହାର ପୋଷଣକର୍ତ୍ତା ତାହାର ଅର୍ଥାଭାବ ହେବାର ସମ୍ଭାବନା ଅଳ୍ପ । "

" ଉତ୍କଳ ପ୍ରଭା "ର ସମ୍ପାଦକମାନେ ବେଶ ସୁଦକ୍ଷ ଥିଲେ । ପ୍ରଥମ ଭାଗ ପ୍ରଥମ ସଂଖ୍ୟାଠାରୁ ପଞ୍ଚମ ସଂଖ୍ୟା ଅବଧି ସମ୍ପାଦକ ଥିଲେ ଚୈତନ୍ୟ ପ୍ରସାଦ ରାୟ । ଅନେକ ଦିନ ଯାବତ୍ ମୟୂରଭଞ୍ଜରେ ଶିକ୍ଷକତ୍ୱ କରି ଶିକ୍ଷାରେ ତାଙ୍କର ଯେତେ ଅନୁରକ୍ତି ଥିଲା, ତା' ଅପେକ୍ଷା ବେଶୀ ଥିଲା ସାହିତ୍ୟ ଚର୍ଚ୍ଚାରେ । ତାଙ୍କର ପାଣ୍ଡିତ୍ୟ " ହିନ୍ଦୁ ଆର୍ଯ୍ୟମାନଙ୍କର ପ୍ରାଚୀନ ସଭ୍ୟତାର ଇତିହାସ " ନାମକ ପ୍ରବନ୍ଧରେ ପରିସ୍ଫୁଟ ହୋଇଅଛି । ସେ ଯେପରି ଉଦ୍‌ଯୋଗୀ, ସେହିପରି କାର୍ଯ୍ୟଦକ୍ଷ । ଏପରି ଲୋକଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ସର୍ବଦା ଆଦର କରୁଥିଲେ । " ଉତ୍କଳ ପ୍ରଭା "ର ପ୍ରଥମ ଭାଗ ଷଷ୍ଠ ସଂଖ୍ୟାଠାରୁ ଅଷ୍ଟମ ସଂଖ୍ୟା ପର୍ଯ୍ୟନ୍ତ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ ସମ୍ପାଦକତ୍ୱରେ ଚଳିଥିଲା । ଗୋବିନ୍ଦ ବାବୁ ଯେପରି ପଣ୍ଡିତ ସେହିପରି କାର୍ଯ୍ୟତତ୍ପର । ତାହାଙ୍କର ପ୍ରତିଭା ଓ ମହାନୁଭୂତି ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କୁ ଆକର୍ଷଣ କରିଥିଲା ଏବଂ ସେ ତାହାଙ୍କୁ ସେ ସମୟର ଟିକାୟତ ଶ୍ରୀରାମଚନ୍ଦ୍ରଙ୍କର ଗୁରୁପଦରେ ନିଯୁକ୍ତ କରିଥିଲେ । ଶ୍ରୀରାମଚନ୍ଦ୍ରଙ୍କର ରାଜତ୍ୱ କାଳରେ ସେ ଉଚ୍ଚ କର୍ମଚାରୀ ହୋଇଥିଲେ । ସେ " ଉତ୍କଳ ପ୍ରଭା "ର ଜଣେ ପ୍ରଧାନ ଲେଖକ ଓ ସମ୍ପାଦକ । ତତ୍ପରେ ନବମ ସଂଖ୍ୟାଠାରୁ ପଞ୍ଚମ ଭାଗ ଦ୍ୱାଦଶ ସଂଖ୍ୟା ପର୍ଯ୍ୟନ୍ତ ରାଜେଶ୍ୱର ମହାପାତ୍ର 'ପ୍ରଭା'ର ସମ୍ପାଦକ ହେଲେ । ମାତ୍ର ଗୋବିନ୍ଦ ବାବୁ ଥିଲେ ଏହାର ପ୍ରଧାନ କର୍ମୀ, ଲେଖକ ଓ ପୁରସ୍କାର ବିତରଣୀ କମିଟିର ସଭ୍ୟ ।

"ଉତ୍କଳ-ପ୍ରଭା" ଗୋଟିଏ ମାସିକ ପତ୍ରିକା ଏବଂ ସମାଲୋଚନୀ । ଶ୍ରୀଯୁକ୍ତ ଶଶିଭୂଷଣ ରାୟ ଏହାକୁ "ମାସିକ ସମ୍ବାଦପତ୍ର" ଆଖ୍ୟା ଦେଇ ଅଛନ୍ତି, ମାତ୍ର ଏହା ସମ୍ବାଦପତ୍ର ନୁହେଁ § । ଏହାର ପ୍ରଧାନ ଉଦ୍ଦେଶ୍ୟ ଓଡ଼ିଆ ସାହିତ୍ୟର ତଥା ସମାଜର ସର୍ବତୋଭାବେ ଉନ୍ନତି ସାଧନ । ମାତ୍ର ଏହାର ବିଷୟ ସୀମାବଦ୍ଧ । ଏଥିରେ ରାଜନୀତି ଅଥବା ଧର୍ମର ସମାଲୋଚନା ହେଉ ନ ଥିଲା; ଦେଶ ବିଦେଶର ସମ୍ବାଦ ଦିଆ ଯାଉ ନ ଥିଲା । ପ୍ରଥମ ଭାଗ ପ୍ରଥମ ସଂଖ୍ୟା ବାହାରିଲା ପରେ କେତେକ ଗ୍ରାହକ ପତ୍ରିକାରେ ସ୍ଥାନୀୟ ସମ୍ବାଦ ଦେବା ନିମନ୍ତେ ସମ୍ପାଦକଙ୍କୁ ଅନୁରୋଧ କରିଥିଲେ । ସମ୍ପାଦକ ମଧ ଏହାର ବିଚାର କରିବେ ବୋଲି କହିଥିଲେ ମାତ୍ର କୌଣସି କାରଣ ବଶତଃ ସ୍ଥାନୀୟ ସମ୍ବାଦ ଏ ପତ୍ରିକାରେ ଦିଆଯାଇ ନ ଥିଲା † । ତେଣୁ "ଉତ୍କଳ-ପ୍ରଭା" ଏକାବେଳକେ ସଂସ୍କୃତି-ମୂଳକ ପତ୍ରିକା । ରାଜନୀତି ଏବଂ ଧର୍ମ ବାଦ୍ ବାକି ଯାବତୀୟ ସାମାଜିକ ବିଷୟ ଏଥିରେ ଆଲୋଚିତ ହେଉଥିଲା । ଏହା ନୂତନ ଲେଖକମାନଙ୍କୁ ଉତ୍ସାହ ଦେଉଥିଲା, ପୁରାତନ ଲେଖକଙ୍କୁ ପ୍ରେରଣା ଦେଉଥିଲା, ଏବଂ ଉପଯୁକ୍ତ ଲେଖା ପାଇଁ ଲେଖକମାନଙ୍କୁ ଯଥୋଚିତ ଆର୍ଥିକ ପୁରସ୍କାର ଦେଉଥିଲା । ପ୍ରବନ୍ଧମାନଙ୍କର ଦୋଷଗୁଣ ବାଛିବା ନିମନ୍ତେ "ସମ୍ବଲପୁର ହିତୈଷିଣୀ" ଏବଂ "ଉତ୍କଳ-ଦୀପିକା"ର ସମ୍ପାଦକମାନେ ଏବଂ ତଦାନୀନ୍ତନ ଉତ୍କଳର ଅନେକ ସୁଧୀ ଭାର ନେଇଥିଲେ । ସମୟ ସମୟରେ ସମ୍ପାଦକ ଉତ୍କୃଷ୍ଟ ଲେଖାମାନଙ୍କର ସଂକ୍ଷିପ୍ତ ସମାଲୋଚନା ଦେଉଥିଲେ । ଉଦାହରଣ ସ୍ୱରୂପ ପ୍ରଥମ ଭାଗ ଷଷ୍ଠ ସଂଖ୍ୟାରେ ସମ୍ପାଦକ ଗୋବିନ୍ଦଚନ୍ଦ୍ର ମହାପାତ୍ର ରାଧାନାଥଙ୍କ "ପାର୍ବତୀ"ର ସଂକ୍ଷିପ୍ତ ସମାଲୋଚନା ଲେଖିଥିଲେ । ପୁରସ୍କାର ବିତରଣୀ କମିଟିରେ ତିନି ଜଣ ସଭ୍ୟ ଥିଲେ—ମୟୂରଭଞ୍ଜର ତତ୍କାଳୀନ ଦେବାନ ମୋହିନୀ ମୋହନ ଧର, ସହକାରୀ ଦେବାନ ଗୋବିନ୍ଦଚନ୍ଦ୍ର ମହାପାତ୍ର ଏବଂ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟର ହେଡ଼ମାଷ୍ଟର ବୃନ୍ଦାବନ ପଣ୍ଡା । ଏମାନେ ପୁରସ୍କାର ଦେବାର ସମ୍ପୂର୍ଣ୍ଣ ଭାର ନେଇଥିଲେହେଁ ସୁଧୀବୃନ୍ଦଙ୍କ ମତକୁ ସର୍ବଦା ସମ୍ମାନ ଦେଖାଉଥିଲେ ।

---

* ୧୮୯୬-୯୭ ଖ୍ରୀ: ଅ:ର ମୟୂରଭଞ୍ଜ ଷ୍ଟେଟ୍‌ର ବାର୍ଷିକ ରିପୋର୍ଟ ।

§ "ରସଲହରୀ" ମୁଖବନ୍ଧ ।

† ୧୮୭୮-୧୮୮୧ ପର୍ଯ୍ୟନ୍ତ 'ମୟୂରଭଞ୍ଜ ପାକ୍ଷିକ ପତ୍ରିକା' ବାରିପଦାରୁ ବାହାରୁଥିଲା ଆଉ 'ମନୋରମା', 'ଉତ୍କଳ ପ୍ରଭା' ପତନର କିଛି କାଳ ପରେ ପ୍ରଥମେ ବୈଦ୍ୟନାଥ ଦାସ ଏବଂ ତତ୍ପରେ ଶ୍ରୀଯୁକ୍ତ ଚିନ୍ତାମଣି ମହାନ୍ତିଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ହେଉଥିଲା ।



Digitized by srujanika@gmail.com

"ଉତ୍କଳ-ପ୍ରଭା"ର ଉଦ୍ଦେଶ୍ୟ ଯେପରି ମହତ୍, ଆଦର୍ଶ ସେହିପରି ଉଚ୍ଚ । ଏହା ସମାଜର ନୈତିକ ଉନ୍ନତି ଉପରେ ପ୍ରତିଷ୍ଠିତ । "ଯେଉଁ ଗ୍ରନ୍ଥ ପାଠ କଲେ ସମାଜସ୍ଥ ସାଧାରଣ ଲୋକର ସ୍ୱ ସ୍ୱ କର୍ତ୍ତବ୍ୟବୋଧ ଜନ୍ମେ, ଏବଂ ଯାହା ସମସ୍ତଙ୍କୁ ନୀତିଶିକ୍ଷା, ଚରିତ୍ର ଗଠନ ଓ ସାମାଜିକତା ଶିକ୍ଷା ନିମନ୍ତେ ସାହାଯ୍ୟ କରିପାରେ ତାହା ପ୍ରକୃତ ସାହିତ୍ୟ ଅଟେ । ଏଭଳି ସାହିତ୍ୟ ଓଡ଼ିଆଙ୍କର ନାହିଁ । ସୁତରାଂ ଉତ୍କଳ ସମାଜର ଉନ୍ନତିର ଉପାୟ ନାହିଁ । ଏହି ଅଭାବ ପୂରଣ କରିବା ଉଦ୍ଦେଶ୍ୟରେ ଉତ୍କଳ-ପ୍ରଭାର ଉତ୍କଳ-କ୍ଷେତ୍ରରେ ଆବିର୍ଭାବ (୧) ।" ଚୈତନ୍ୟବାବୁଙ୍କର ପ୍ରକୃତ ସାହିତ୍ୟର ସଂଜ୍ଞା କେତେଦୂର ସମୀଚୀନ ତାହା ସୁଧୀବୃନ୍ଦ ବିଚାର କରିବେ । ଏଠାରେ କେବଳ ଏତିକି ବକ୍ତବ୍ୟ ଯେ "ଉତ୍କଳ-ପ୍ରଭା" ଉଲ୍ଲିଖିତ ଆଦର୍ଶ ଲାଭ ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲା ଏବଂ ଅନେକ ପରିମାଣରେ ମଧ୍ୟ କୃତକାର୍ଯ୍ୟ ହୋଇ ଥିଲା । ଏହାର ପାଞ୍ଚ ବର୍ଷ ଜୀବନକାଳ ମଧ୍ୟରେ ଏଥିରେ କୌଣସି ଅଶ୍ଳୀଳ ଭାଷା, ଗଳ୍ପ, ପ୍ରହସନ ଇତ୍ୟାଦି ସ୍ଥାନ ପାଇ ନ ଥିଲା । ଏଥିରେ ଯେତେ ପ୍ରବନ୍ଧ ପ୍ରକାଶିତ ହୋଇଥିଲା ପ୍ରତ୍ୟେକରେ ଯଥେଷ୍ଟ ନୈତିକ ମୂଲ୍ୟ ରହିଛି । "ଭଞ୍ଜକବି ପ୍ରଣୀତ ଗ୍ରନ୍ଥମାନଙ୍କରେ ଆଦିରସ ରୂପ ହଳାହଳ ସମୁଦ୍ର ମନ୍ଥନ କରିଅଛନ୍ତି । ଏଭଳି ଗ୍ରନ୍ଥ ସମାଜର ବୈଗୁଣ୍ୟ ଜନ୍ମାଇବାକୁହିଁ ସକ୍ଷମ (୨) ।" ତେଣୁ ଆଦିରସାତ୍ମକ କବିତା ବା ପ୍ରହସନ ଏଥିରେ ସ୍ଥାନ ପାଉ ନ ଥିଲା, ଏବଂ ଉତ୍କଳର ପ୍ରାଚୀନ କବିମାନଙ୍କର ଏତାଦୃଶ କବିତାର ଉତ୍କଟ ସମାଲୋଚନା ହୋଇଥିଲା । ସୁତରାଂ ଏହାର ବିଷୟଗୁଡ଼ିକ ତତ୍କାଳୀନ ମାର୍ଜିତ ରୁଚିର ଅନୁକୂଳ ଏବଂ ଭାଷା ତଥା ଲେଖନଶୈଳୀ ମଧ୍ୟ ମାର୍ଜିତ । ପୂର୍ଣ୍ଣ ଅମିତ୍ରାକ୍ଷର କିମ୍ବା ଶୁଦ୍ଧ ମିତ୍ରାକ୍ଷରୀ କବିତା ଏଥିରେ ପ୍ରକାଶ କରି ଯାଉଥିଲା, ମାତ୍ର ଅସମ୍ପୂର୍ଣ୍ଣ ମିତ୍ରାକ୍ଷରୀ ବା ଅସମ୍ପୂର୍ଣ୍ଣ ଅମିତ୍ରାକ୍ଷର କବିତା ପ୍ରକାଶରେ ବହୁତ କୁଣ୍ଠାଥିଲା । ଅବଶ୍ୟ ଏ ନିୟମ ନୂତନ ଲେଖକମାନଙ୍କ ମଧ୍ୟରେ ସୀମାବଦ୍ଧ, ପ୍ରସିଦ୍ଧ ଲେଖକମାନେ ଏ ନିୟମର ବାହାରେ ଥିବାର ଅନୁମାନ ହୁଏ ।

"ଉତ୍କଳ-ପ୍ରଭା"ରେ ପ୍ରକାଶିତ ବିଷୟ ଗୁଡ଼ିକ ନିମ୍ନଲିଖିତ ପାଞ୍ଚ ଭାଗରେ ବିଭକ୍ତ କରି ଯାଇପାରେ:—

(କ) କବିତା, କାବ୍ୟ;
(ଖ) ଉପନ୍ୟାସ, ଆଖ୍ୟାୟିକା, ଗଳ୍ପ;
(ଗ) ସମାଲୋଚନା:—ସାହିତ୍ୟିକ, ଐତିହାସିକ, ଦାର୍ଶନିକ ଏବଂ ଶିକ୍ଷାସମ୍ବନ୍ଧୀୟ;
(ଘ) ପୁରାତନ ଓଡ଼ିଆ ସାହିତ୍ୟର ପ୍ରଚାର ଓ ସମାଲୋଚନା;
(ଙ) ଅନୁବାଦ;

"ଉତ୍କଳ-ପ୍ରଭା"ରେ ଓଡ଼ିଶାର ତତ୍କାଳୀନ ଅଧିକାଂଶ କବିଙ୍କର କେତେକ ଶ୍ରେଷ୍ଠ କବିତା ପ୍ରକାଶିତ ହୋଇଅଛି । ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର ଓ ଚନ୍ଦ୍ରମୋହନ । ରାଧାନାଥଙ୍କ 'ଚିଲିକା'ର (୩) ପ୍ରକୃତ ସମାଲୋଚନା କରିବାକୁ ଗଲେ "ଉତ୍କଳ-ପ୍ରଭା"ରେ ପ୍ରକାଶିତ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କର 'ହିମାଚଳ' (୪) ଏବଂ 'ଦୃଶ୍ୟରାଜି' (୫) ନାମକ ଦୁଇଟି ପଦ୍ୟ ଭଲ ଭାବରେ ପଢ଼ିବା ଉଚିତ । ଏ ପଦ୍ୟ ଦୁଇଟି ରାଧାନାଥଙ୍କ 'ଚିଲିକା' ପ୍ରକାଶିତ ହେବା ଆଗରୁ ଲିଖିତ ହୋଇ-ଥିଲା । ଏ ଦୁଇ ପଦ୍ୟ ସହିତ 'ଚିଲିକା'ର ସାମଞ୍ଜସ୍ୟ ଅନେକ, ବିଶେଷତଃ 'ହିମାଚଳ'ର ଭାବ ଏବଂ ଭାଷା ସହିତ 'ଚିଲିକା'ର ସମ୍ବନ୍ଧ ଅନେକ । ଗୋବିନ୍ଦବାବୁ ହିମାଳୟ ପର୍ବତ ଦେଖିବା ପରେ 'ହିମାଚଳ' ଏବଂ ରାଧାନାଥ ଚିଲିକା ଭ୍ରମଣ ପରେ 'ଚିଲିକା' ଲେଖିଥିଲେ । ଏ ଦୁଇ ପଦ୍ୟ ମଧ୍ୟରେ ଭାବ ଏବଂ ଭାଷାଗତ ସାମଞ୍ଜସ୍ୟ ନିମ୍ନଲିଖିତ କତିପୟ ପଂକ୍ତିରୁ ବୁଝାଯିବ ।

ଜଗତ ଜନନୀ ମାୟାମୂର୍ତ୍ତି ଶୁଭବର,
ସମସ୍ତ ଜଗତ ଉଚ୍ଚତମ ମହୀଧର,
ସର୍ବ ସିନା ମିଳାଇଛୁ ବିଧାତା ସୁନ୍ଦର । ହିମାଚଳ, (୨)

ଉତ୍କଳ କମଳା ବିଳାସ ଦୀର୍ଘିକା,
ମରାଳ ମାଳିନୀ ନୀଳାମ୍ବୁ ଚିଲିକା,

*　　*　　*　　*

ଏତେ ଛବି ଯେଣୁ ଏକାଧାରେ ଠୁଳ
ଛବିଳ ଉତ୍କଳେ ତୋ ଛବି ଅତୁଳ । ଚିଲିକା

ଏକ ଏକ ଗିରି ଶୋଭା ଏକ ଶୃଙ୍ଗ ଶୋଭା,
ହୃଦୟ ଫୁଲାଇ ଦିଏ କେଡ଼େ ମନୋଲୋଭା ।
ଏକ ଶୃଙ୍ଗ ପଦତଳେ ଏକ ଶୃଙ୍ଗ ତାରି କୋଳେ,
ତାରି ପାଶେ ଆଉ ଏକ ନିଜ ମଥା ଟେକେ । ହିମାଚଳ

ଶୃଙ୍ଗୋପରି ଶୃଙ୍ଗ, ଶୃଙ୍ଗ ତଦୁପରି
ନୀଳ ବ୍ୟୋମପଟେ ଚିତ୍ର ହେଲାପରି । ଚିଲିକା

ଧନ୍ୟ ସେହି ଧନ୍ୟ ନେତ୍ର ଦେଖିଲା ପର୍ବତ,
ହିମାଗାରେ ଗିରିଜାଙ୍କ ନିକେତନ ଚିତ୍ର । ହିମାଚଳ

ମନେ ମନେ କହି ନମିଲି ନୀରବେ
"ନମୋ ଦେବାତ୍ମନେ ଶ୍ରୀଗୌରୀଗୁରବେ ।" ଚିଲିକା

---

୧ । ସୂଚନା, ସମ୍ପାଦକ, ୧—୧—୧
ଅନ୍ୟ କୌଣସି ବହିର ନାମ ବିଶେଷ ଭାବରେ ଲେଖା ନ ହେଲେ ଏ ସଂଖ୍ୟାଗୁଡ଼ିକୁ "ଉତ୍କଳ ପ୍ରଭା"ର (କ) ଭାଗ, (ଖ) ସଂଖ୍ୟା, (ଗ) ପୃଷ୍ଠା ବୋଲି ବୁଝିବାକୁ ହେବ ।
୨ । ସୂଚନା, ସମ୍ପାଦକ, ୧—୧—୪
୩ । ୧—୭—୧୪୪ ; ୪ । ୧—୧—୫ ; ୫ । ୧—୫—୧୩୦ ।

ଇତ୍ୟାଦି । ମାତ୍ର ରାଧାନାଥ ଥିଲେ କବି, ଗୋବିନ୍ଦବାବୁ ଥିଲେ ପଣ୍ଡିତ । ରାଧାନାଥ ତାଙ୍କର ଅସାଧାରଣ କଳ୍ପନା ଶକ୍ତିବଳରେ ଏବଂ ଲଳିତ ଭାଷାଛଟାରେ ଯେଉଁ "ଶୋକ-ପାଶୋରା ଅପୂର୍ବ-ଭୁବନ" ଛିଆରି କରିଯାଇଛନ୍ତି ତାହା ଦେଖି ଗୋବିନ୍ଦ ବାବୁଙ୍କର "ବମ୍ବୁଡ଼ି ହୁଅଇ ବୃଦ୍ଧି ମାନ ପରିଚ୍ଛଦ" । ମାତ୍ର ଅନେକ ସମୟରେ ସାମାନ୍ୟ ଗୁଣ୍ଡୁଚି ମୂଷା ମଧ୍ୟ ସେତୁବନ୍ଧ କର୍ମଣରେ ସାହାଯ୍ୟ କରିଥାଏ । କବିବର ରାଧାନାଥ 'ହିମାଚଳ'ର ବିଭିନ୍ନ ଭାବ ଏବଂ ଭାଷାଠାରେ ଋଣୀ ବୋଲି ଠିକ୍‌ରୂପେ କହି ହେବ ନାହିଁ, ମାତ୍ର ଏହା ସଦୃଶ ଗୋଟିଏ କବିତା ଲେଖିବାର ଇଚ୍ଛା ଉଦ୍ରେକ ହେବା ସ୍ୱାଭାବିକ । 'ହିମାଚଳ' କବିତା ହିସାବରେ ଅତି ଉଚ୍ଚ ଆସନ ଗ୍ରହଣ କରିବାର ଉପଯୁକ୍ତ ବୋଲି ମନେହୁଏ ନାହିଁ ମାତ୍ର ଏ ବିଷୟରେ ରାଧାନାଥଙ୍କ ମତ ଅତି ଭିନ୍ନ । "This is a composition far above the average and deserves a permanent place in the Oriya Literature. It is a piece less seen, and one ought to see the Himalayas to be able to appreciate this truly beautiful poem (୬)." 'ଚିଲିକା'ର କବି 'ହିମାଚଳ' ବିଷୟରେ ଯେ ମତ ବ୍ୟକ୍ତ କରିଅଛନ୍ତି ତାହା ପଢ଼ିଲେ ମନରେ ଅସୀମ କୌତୂହଳ ଜାତ ହେବାର କଥା ।

ଆଧୁନିକ ଓଡ଼ିଆ କବିତାରେ ରାଧାନାଥ ବିଭିସକେଦାର ବା ନାଟକୀୟ ଶୈଳୀକୁ 'ଚିଲିକା' 'ଦରବାର' ପ୍ରଭୃତି କବିତା ମାନଙ୍କରେ ବ୍ୟବହାର କରି ଯେପରି ଲୋକପ୍ରିୟ କରିଥିଲେ ଅମିତ୍ରାକ୍ଷର ଛନ୍ଦକୁ ମଧ୍ୟ ସେହିପରି ଉନ୍ନତ କରିଥିଲେ । ମାଇକେଲ ମଧୁସୂଦନ ପ୍ରଥମେ ବଙ୍ଗଭାଷାରେ ଅମିତ୍ରାକ୍ଷର ଛନ୍ଦ ବ୍ୟବହାର କରିଥିଲେ । ତାହାଙ୍କର 'ବୀରାଙ୍ଗନା' କାବ୍ୟ ଏହି ଛନ୍ଦରେ ଲିଖିତ । ରାଧାନାଥ ୧୮୭୮ ଖ୍ରୀ: ଅ:ରେ ତାଙ୍କର ତରୁଣ ବୟସରେ 'ଲେଖାବଳୀ' ନାମକ ଅମିତ୍ରାକ୍ଷର କବିତାଗୁଚ୍ଛ ବଙ୍ଗ-ଭାଷାରେ ଲେଖିଥିଲେ ଏବଂ ତାହା ୧୮୮୧ ଖ୍ରୀ: ଅ:ରେ କଲିକତା ହେୟାର ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା । ଓଡ଼ିଆ ଭାଷାରେ ଅମିତ୍ରାକ୍ଷର ଛନ୍ଦର ଇତିହାସ ଲେଖିବାକୁ ଗଲେ 'ଉତ୍କଳ-ପ୍ରଭା' ସର୍ବାଦୌ ଦରକାର, କାରଣ ଏଥିରେ ପ୍ରଥମେ ଓଡ଼ିଆରେ ଅମିତ୍ରାକ୍ଷର କବିତା ପ୍ରକାଶିତ ହୋଇଥିଲା । ରାମଶଙ୍କର ରାୟ ୧୮୮୦ ଖ୍ରୀ: ଅ:ରେ ରଚିତ ତାହାଙ୍କର 'କାଞ୍ଚିକାବେରୀ' ନାଟକରେ ଅମିତ୍ରାକ୍ଷର ଛନ୍ଦ ସ୍ଥାନେ ସ୍ଥାନେ ବ୍ୟବହାର କରିଥିଲେ । ମାତ୍ର ଓଡ଼ିଆ କବିତା ଏବଂ କାବ୍ୟରେ ଏ ଛନ୍ଦର ବ୍ୟବହାର ପ୍ରଥମେ "ଉତ୍କଳ ପ୍ରଭା"ରେ ଦେଖାଯାଏ । ରାଧାନାଥଙ୍କ 'ମହାଯାତ୍ରା' ପ୍ରକାଶିତ ହେବା ଆଗରୁ ମଣିରେଣ ମହାପାତ୍ରଙ୍କ 'ଗୋଟିଏ କବିତା' (୭) ଏବଂ କନେଷ୍ଟାବଲ ବାବୁଙ୍କର 'ବୈଦେହୀ-ବିଳାପ' (୮) "ଉତ୍କଳ-ପ୍ରଭା"ରେ ପ୍ରକାଶିତ ହୋଇଥିଲା ଏବଂ ଏହା ପରେ ଦୈତ୍ୟାରି ପ୍ରସାଦ ଶଙ୍ଖୁଆଙ୍କ 'ବର୍ତ୍ତମାନ' (୯) ଏବଂ ଶ୍ରୀନାଥ ଗୁପ୍ତଙ୍କର 'କରୁଣାକାବ୍ୟ' (୧୦) "ଉତ୍କଳ-ପ୍ରଭା"ର ପରବର୍ତ୍ତୀ ସଂଖ୍ୟାମାନଙ୍କରେ ବାହାରି ଥିଲା । 'ମହାଯାତ୍ରା'ରେ (୧୧) ଅମିତ୍ରାକ୍ଷରର ବ୍ୟବହାର ଅତି ଉନ୍ନତ ଧରଣର, ମାତ୍ର ଏହା ଓଡ଼ିଆରେ ପ୍ରଥମ ଅମିତ୍ରାକ୍ଷରୀ କବିତା ନୁହେଁ । ରାଧାନାଥଙ୍କ ଆଉ ଗୋଟିଏ ଶ୍ରେଷ୍ଠ କବିତା "ଉତ୍କଳ-ପ୍ରଭା"ରେ ପ୍ରକାଶିତ ହୋଇଥିଲା—ତାହା ହେଉଛି 'ଯଯାତି-କେଶରୀ' (୧୨) । ଏଥିରେ ଲେଖକଙ୍କ ନାମ ଦିଆଯାଇ ନ ଥିଲା, ମାତ୍ର ଯେଉଁମାନେ ଆଗରୁ ତାଙ୍କର 'ଚିଲିକା' 'ମହାଯାତ୍ରା' ପଢ଼ିଥିଲେ ସେମାନେ ଯେ 'ଯଯାତି'ର କବିଙ୍କୁ ଜାଣିଥିବେ ଏଥିରେ ସନ୍ଦେହ ନାହିଁ । ରାଧାନାଥ ବୋଧହୁଏ ଏକାଧିକ କାରଣ ବଶତଃ ତାଙ୍କର ନାମ ଲୁଚାଇଥିଲେ ।

"ଉତ୍କଳ-ପ୍ରଭା"ରେ ରାଧାନାଥଙ୍କ ଲେଖା ଅନୁପାତରେ ମଧୁସୂଦନଙ୍କ ଲେଖା ଅଳ୍ପ । ଉତ୍କଳକବିଙ୍କର ଶତ ଶତ କବିତାରାଶିରୁ କେବଳ ଦୁଇଟି ମାତ୍ର ଏ ପତ୍ରିକାରେ ସ୍ଥାନ ପାଇଥିଲା—'ଋଷି ପ୍ରାଣେ ଦେବାବତରଣ' (୧୩) ଏବଂ 'ଶ୍ରୀରାମ ବନବାସ' (୧୪); ମାତ୍ର ଏ ଦୁଇଟି ତାଙ୍କର କବିତା ଭଣ୍ଡାରରେ ଦୁଇଟି ଅମୂଲ୍ୟ ରତ୍ନ । 'ଦେବାବତରଣ'ର ଋଷି-ପ୍ରାଣସ୍ପର୍ଶୀ ଭାବ ଏବଂ ପ୍ରଶାନ୍ତ ଗମ୍ଭୀର ଭାଷା ଓଡ଼ିଆ ସାହିତ୍ୟରେ ଦୁର୍ଲ୍ଲଭ, ଆଉ 'ଶ୍ରୀରାମ ବନବାସ'ରେ ସଂସାରିକ ମାନବ ଜୀବନର କରୁଣଚିତ୍ର ଖୁବ୍ କମ୍ ଓଡ଼ିଆ କବିଙ୍କ ଦ୍ୱାରା ଏପରି ସୁନ୍ଦର ସରଳ ଭାବରେ ପ୍ରକାଶିତ ହୋଇଅଛି । ପ୍ରଥମ କବିତାଟି ପାଇଁ ସେ ଟ ୫୦୦ ଏବଂ ଦ୍ୱିତୀୟଟି ପାଇଁ ଟ ୨୦୦ ପୁରସ୍କାର ପାଇଥିବାର କଥା "ଉତ୍କଳ-ପ୍ରଭା"ରେ ଲେଖାଅଛି ।

---

୬ । ୧—୮—୬

ରାଧାନାଥ 'ହିମାଚଳ'କୁ କବିତା ହିସାବରେ ବହୁତ ପ୍ରଶଂସା କରିଥିଲେହେଁ 'ଚିଲିକା' ତୁଳନାରେ ଏହାର ମୂଲ୍ୟ ଯେ ବଡ଼ କମ୍ ଏ କଥା ଜାଣିଥିଲେ । ସେଥିପାଇଁ ପୁରସ୍କାର ବିତରଣୀ କମିଟି ଯେତେବେଳେ ଉଭୟ କବିଙ୍କର ପଦ୍ୟଦ୍ୱୟ ପାଇଁ ଟ ୧୦୦ଙ୍କା ଲେଖାଏଁ ପୁରସ୍କାର ଦେଲେ ରାଧାନାଥ ସେଥିରେ ମନେ ମନେ ଅସନ୍ତୁଷ୍ଟ ହୋଇ ତାହାଙ୍କର 'ମହାଯାତ୍ରା' ଓ 'ଯଯାତିକେଶରୀ' ପାଇଁ ପୁରସ୍କାର ନେଲେ ନାହିଁ ।

୭ । ୧—୧—୧୧; ୮ । ୧—୨—୩୪; ୯ । ୨—୧—୧୪; ୧୦ । ୩—୬—୧୧୭; ୧୧ । ୨—୩—୭୪; ୨—୪—+; ୨—୪—୧୨୯ ୩—୨—୩୩; ୩/୪—୮୪; ୧୨; ୪—୩—୮୨ ।

୧୩ । ୧—୮—୨୦୩; ଏହା ପ୍ରଥମେ ବଙ୍ଗ ଭାଷାରେ ମୁଦ୍ରିତ ହୋଇଥିଲା । ୧୪ । ୩—୩/୪—୭୪ ।



Digitized by srujanika@gmail.com

ଫକୀରମୋହନଙ୍କର ସାନ ବଡ ଅନେକ ଗୁଡ଼ିଏ କବିତା "ଉତ୍କଳ-ପ୍ରଭା"ରେ ପ୍ରଥମେ ପ୍ରକାଶିତ ହୋଇଥିଲା । ପ୍ରଥମ ଭାଗ ଏକାଦଶ ସଂଖ୍ୟାଟିକୁ ଫକୀରମୋହନ ସଂଖ୍ୟା କୁହା ଯାଇପାରେ, କାରଣ ଏଥିରେ କବିଙ୍କର ତିନୋଟି କବିତା ପ୍ରକାଶିତ ହୋଇଥିଲା:—'ଜନ୍ମମାଟି' 'ନିଦାଘ ନିଶୀଥ ସ୍ୱପ୍ନ' ଏବଂ 'ସନ୍ଧ୍ୟା ସମୟରେ ବିଦେଶୀର ଚିନ୍ତା ।' ଏ କବିତାଗୁଡ଼ିକର ସୌନ୍ଦର୍ଯ୍ୟ କୌଣସି ପାଠକଙ୍କୁ ବୁଝାଇବାକୁ ହେବନାହିଁ, କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଆମ ଗାଁମାନଙ୍କରେ ପିଲାଏ ଏ ଗୀତଗୁଡ଼ିକୁ ଗାଇବାର ଶୁଣାଯାଏ । ଏହା ଛଡ଼ା ଫକୀରମୋହନଙ୍କର 'ନେପୋଲିୟନ ବୋନାପାର୍ଟ ବାରେନ୍ଦ୍ର କେଶରୀ' (୧୫) 'ଜୀବନ ନଦୀ' (୧୬) 'ପାପୀ ଏବଂ ଧାର୍ମିକ' (୧୭) 'ପ୍ରାର୍ଥନା' (୧୮) 'ବୈଶାଖ ସନ୍ଧ୍ୟାର' (୧୯) 'ବିଭୂତ ବିଗିଣୀ' (୨୦) ପ୍ରଭୃତି କବିତାମାନ "ଉତ୍କଳ-ପ୍ରଭା"ର ବିଭିନ୍ନ ସଂଖ୍ୟାମାନଙ୍କରେ ପ୍ରକାଶିତ ହୋଇଥିଲା ଏବଂ ପ୍ରତ୍ୟେକ ପଦ୍ୟ ପାଇଁ ସେ ଯଥୋଚିତ ଆର୍ଥିକ ପୁରସ୍କାର ପାଇଥିବାର କଥା ଏ ପତ୍ରିକାରେ ଲେଖାଅଛି ।

ଗଙ୍ଗାଧରଙ୍କର କେବଳ 'ଇନ୍ଦୁମତୀ' (୨୧) "ଉତ୍କଳ-ପ୍ରଭା"ରେ ପ୍ରକାଶିତ ହୋଇଥିଲା । ଇନ୍ଦୁମତୀଙ୍କର ଅଜ ସହିତ ସ୍ୱୟଂବର, ବାଟରେ ଅନ୍ୟାନ୍ୟ ରାଜକୁମାରମାନଙ୍କ ସହିତ ଯୁଦ୍ଧ, ଗୃହପ୍ରବେଶ, ନଗରର ଆନନ୍ଦ, ଦଶରଥଙ୍କର ଜନ୍ମ, ଇନ୍ଦୁମତୀଙ୍କର ସ୍ୱର୍ଗାରୋହଣ ଏବଂ କିଛିଦିନ ପରେ ଅଜଙ୍କର ପରଲୋକ ପ୍ରସ୍ଥାନ ଇତ୍ୟାଦି ବିଷୟଗୁଡ଼ିକରେ କିଛି ନୂତନତ୍ୱ ନାହିଁ । ଗଳ୍ପଟି ରାମାୟଣରେ ଅଛି । ମାତ୍ର ଗଙ୍ଗାଧରଙ୍କର ଲେଖା ନୂତନ । ରାଧାନାଥ ସଦୃଶ ଗଙ୍ଗାଧର ସୌନ୍ଦର୍ଯ୍ୟର ଉପାସକ, ତେଣୁ ସେ କବିତାରେ ସୌନ୍ଦର୍ଯ୍ୟ ସୃଷ୍ଟି ପାଇଁ ଯେତେ ଉପାୟ ପ୍ରୟୋଗ କରାଯାଇପାରେ ସେ ତାହା କରିବାକୁ ଚେଷ୍ଟା କରିଅଛନ୍ତି । ଚନ୍ଦ୍ରମୋହନଙ୍କର 'ଖଣ୍ଡଚିତ୍ର' (୨୨) 'ଯେ ଗଲାଣି ସେତ ନୁହେ ଫେରିବାର' (୨୩) ଏବଂ 'କପିଳାସ' (୨୪) ଏହି ତିନୋଟି କବିତା ଏ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏକ ସମୟରେ ଚନ୍ଦ୍ରମୋହନଙ୍କର କବିତା ଓଡ଼ିଶାରେ ବଡ଼ ଲୋକପ୍ରିୟ ଥିଲା । ପ୍ରାଇମେରି ସ୍କୁଲ-ମାନଙ୍କରେ ତାଙ୍କର 'କଥାବଳୀ' ପାଠ୍ୟପୁସ୍ତକରୂପେ ବ୍ୟବହୃତ ହେଉଥିଲା । ମାତ୍ର ବର୍ତ୍ତମାନ ତାଙ୍କର ଆଦର କମ୍, ତାର କାରଣ ଅନେକ ଅଛି, ତେବେ ପ୍ରଧାନ କାରଣ ହେଉଛି ଅଧୁନିକ ଓଡ଼ିଶାରେ ଏକା ରାଧାନାଥଙ୍କୁ ଛାଡ଼ିଦେଲେ ବାକି ସବୁ କବିଙ୍କର ଆଦର କମ୍ ।

ଏ କବିତାଗୁଡ଼ିକ ବ୍ୟତୀତ ଦୁଇଟି ପୂର୍ଣ୍ଣ କାବ୍ୟ "ଉତ୍କଳ-ପ୍ରଭା"ରେ ସ୍ଥାନ ପାଇଥିଲା; ପ୍ରଥମେ ବାମଣ୍ଡାର ରୁଦ୍ରନାରାୟଣ ଷଡ଼ଙ୍ଗୀଙ୍କର 'ଜରାସନ୍ଧ ବଧ' (୨୫) ଦ୍ୱିତୀୟତଃ ମୟୂରଭଞ୍ଜର ଶ୍ରୀନାଥ ଗୁପ୍ତଙ୍କର 'କରୁଣା କାବ୍ୟ' (୨୬) । ଜରାସନ୍ଧ ଗଳ୍ପଟି ମହାଭାରତରୁ ନିଆ ହୋଇଅଛି । 'କରୁଣା କାବ୍ୟ'ଟି କିନ୍ତୁ ମୌଳିକ । ଓଡ଼ିଆ ସାହିତ୍ୟରେ ଏ କାବ୍ୟ ଦ୍ୱୟର ସ୍ଥାନ ଅତି ଉଚ୍ଚ ନ ହେଲେହେଁ କୌଣସି ପ୍ରକାରେ ନିମ୍ନ ନୁହେଁ । ଏଗୁଡ଼ିକର ଭାଷା ଅଳ୍ପ ଜଟିଳ, ମାତ୍ର ଦୁର୍ବୋଧ ନୁହେଁ । ଏ କାବ୍ୟ ଦୁଇଟି ସମ୍ବନ୍ଧରେ ଅନ୍ୟତ୍ର କିଛି କହିବାର ଆଶା ରହିଲା ।

ଊନବିଂଶ ଶତାବ୍ଦୀର ଶେଷ ଏବଂ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଅର୍ଥାତ୍ ରାଧାନାଥ ଯୁଗରେ ଓଡ଼ିଆ କବିତା ରଚନାରେ ଦୁଇଟି ବିଭିନ୍ନ ଲେଖନଶୈଳୀ ଥିଲା ପରି ମନେହୁଏ । ପ୍ରଥମଟିରେ ଓଡ଼ିଆ 'ତତ୍ସମ' ଏବଂ 'ତଦ୍ଭବ' ଶବ୍ଦର ବହୁଳ ପ୍ରଚାର, କବିତାରେ ସନ୍ଧି, ସମାସର ବ୍ୟବହାର ଏବଂ ଯତିପାତ ପାଇଁ ସମୟ ସମୟରେ 'ଅଭୁତ' ଶବ୍ଦମାନଙ୍କର ପ୍ରୟୋଗ ଲକ୍ଷିତ ହୁଏ । ଦ୍ୱିତୀୟଟିରେ ଦେଶଜ ଶବ୍ଦମାନଙ୍କର ସୁନ୍ଦର ପ୍ରୟୋଗ ଦେଖାଯାଏ । ରାଧାନାଥ, ମଧୁସୂଦନ, ଚନ୍ଦ୍ରମୋହନ ଏବଂ ଗଙ୍ଗାଧର ପ୍ରଥମ ଶ୍ରେଣୀର ଲେଖକ; ଆଉ ଫକୀରମୋହନ ଦ୍ୱିତୀୟ ଶ୍ରେଣୀର । ରାଧାନାଥ ପ୍ରଭୃତିଙ୍କ ଶବ୍ଦଯୋଜନା ମଧୁର, ଲଳିତ ଏବଂ ଅନେକ ସମୟରେ ସରଳ, ମାତ୍ର ଏହା ଖାଣ୍ଟି ଓଡ଼ିଆ ବୋଲି କୁହା ଯାଇ ନ ପାରେ । ଅନ୍ୟ ପକ୍ଷରେ ଫକୀରମୋହନଙ୍କ ଓଡ଼ିଆ ସରଳତାରେ ଅତୁଳନୀୟ, ତେବେ ବି ଏହାର ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ରହିଛି ।

"ଆକାଶ ମଝିରେ ଚନ୍ଦ୍ର ହେଲେଣି ଯେ ଆସି ।
ଭୂଇଁହୋଇ ଢାଳି ଦେଉଛନ୍ତି ସୁଧାରାଶି ॥
ମଲ୍ଲୀଫୁଲ ପରି ବୁଣି ପଡ଼ିଛନ୍ତି ତାରା ।
ଆକାଶରେ ସଭା କରି ବସିଛନ୍ତି ପରା ॥"

ନିଦାଘ ନିଶୀଥ ସ୍ୱପ୍ନ ।

ରାଧାନାଥ ଏବଂ ମଧୁସୂଦନ କେବଳ ବେଳେ ବେଳେ ଏପରି ସରଳ ଭାଷା ଲେଖି ପାରିଛନ୍ତି । ଚନ୍ଦ୍ରମୋହନଙ୍କ ଗଦ୍ୟର ଭାଷା ଅନେକ ସମୟରେ ସରଳ, ମାତ୍ର ପଦ୍ୟ ଭାଷା ଖାଣ୍ଟି ଓଡ଼ିଆ ବୋଲି କହି ହେବନାହିଁ ।

---

୧୫ । ୧—୧୦—୨୪୨ ; ୧୬ । ୨—୭—୨୧୭ ; ୧୭ । ୨—୧୧—୩୪୧ ; ୧୮ । ୨—୧୨—୩୭୦ ; ୧୯ । ୩—୧୨—୩୯୭ ;
୨୦ । ୨—୭—୧୮୫ ; ୨୧ । ୩—୧୧—୩୬୫ ; ୪—୧—୧ ।
୨୨ । ୧—୧—୨୪ ; ୨୩ । ୧—୪—୯୧ ; ୨୪ । ୨—୧—୧ ; ୨୫ । ୨—୮—୨୨୫ ; ୨—୧୦—୨୯୩ ; ୩—୩/୪—୭୧ ; ୩—୭—୨୦୯ ;
୨୬ । ୩—୭—୧୯୭ ; ୩—୮—୨୪୭ ; ୩—୯/୧୦—୨୮୫ ; ୩—୧୧/୧୨—୪୧୯ ;

ଅଦୃଶ୍ୟ ସ୍ଥାନରୁ ଆସି ଲଳିତ ସଙ୍ଗୀତ,
ଯଥାଚିତ କରୁଅଛି ମାନସ ମୋହିତ;
ଯଥା ସେ ମଥୁରାବଧୂ ଅବଗୁଣ୍ଠନରେ,
ଆବୃତ ବଦନ-ଶଶୀ କଳସୀ କାଙ୍ଖରେ;
ଅଧୋମୁଖୀ ଚାଲି ହଏ ଗୀତ ସୁଧା-ରସ,
ପଥିକ ପିଇଣ ଲଭେ ଅପୂର୍ବ ହରଷ । ଖଣ୍ଡଗିରି ।

ତଥାପି ଏ ଭାଷାର ସୌଷ୍ଠବ ବର୍ଣ୍ଣନା କରିବା ଅସମ୍ଭବ । ଏହା କେବଳ କର୍ଣ୍ଣରେ ଏବଂ ହୃଦୟରେ ଅନୁଭବ କରି ଯାଇପାରେ ।

"ଉତ୍କଳ-ପ୍ରଭା"ରେ ଆଉ ଯେଉଁ ଲେଖକମାନେ ପଦ୍ୟ ଲେଖିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଜାଣିକି ହେଉ ବା ଅଜାଣତରେ ହେଉ ଉପରୋକ୍ତ ଦୁଇ ଶ୍ରେଣୀର ଲେଖନ ରୀତିର ଏକ କମ୍ବା ଉଭୟକୁ ଅନୁସରଣ କରିଥିଲେ । ଉଦାହରଣ ସ୍ୱରୂପ ସାଧୁଚରଣ ରାୟଙ୍କର 'ଆକାଶ' (୨୭) ପଦ୍ୟ ମଧୁସୂଦନଙ୍କ 'ଋଷି-ପ୍ରାଣେ ଦେବାବତରଣ'ର ଲେଖନରୀତି ମନେ ପକାଇ ଦିଏ ଏବଂ ରମାନାଥ ଦାସଙ୍କର 'ପ୍ରକୃତିରେ ବ୍ରହ୍ମଦର୍ଶନ' (୨୮), ରାମକୃଷ୍ଣ ସାହୁଙ୍କର 'କହ୍ଲଗଲ୍' (୨୯) ଏବଂ 'ଲକ୍ଷ୍ମୀ' (୩୦) ପଦ୍ୟଦ୍ୱୟ ଫକୀର-ମୋହନଙ୍କ ସରଳ ଲେଖନ ରୀତିର ଅନୁସରଣରେ ଲିଖିତ ବୋଲି କୁହା ଯାଇପାରେ । ଓଡ଼ିଆ କବିତାରେ କିପରି ଏବଂ କେଉଁ ଶବ୍ଦ ପ୍ରୟୋଗ କରିବା ଉଚିତ ଏ ବିଷୟରେ କେହି ଠିକ୍ ନିୟମ ଦେଇ ପାରିବ ନାହିଁ । କବିତାର ଉଦ୍ଦେଶ୍ୟ ଯଦି ସୌନ୍ଦର୍ଯ୍ୟ ସୃଷ୍ଟି ହୁଏ ତେବେ ଯେଉଁ ଶବ୍ଦ ବ୍ୟବହାର କଲେ ତାହା ଲାଭ ହୋଇ ପାରିବ ତାହା କରିବା ଉଚିତ ।

"ଉତ୍କଳ-ପ୍ରଭା"ର ପ୍ରାୟ ପ୍ରତ୍ୟେକ ସଂଖ୍ୟାରେ ରାମଶଂକର ରାୟଙ୍କ "ବିବାସିନୀ"ର କେତେକ ଅଂଶ ପ୍ରକାଶିତ ହୋଇଥିଲା ଏବଂ ଉପନ୍ୟାସଟି ଏ ପତ୍ରିକାରେ ସମ୍ପୂର୍ଣ୍ଣ ହୋଇଥିଲା । ରାୟ ମହାଶୟ ଆଧୁନିକ ଓଡ଼ିଆ ନାଟକ ଏବଂ ଉପନ୍ୟାସରେ ଜଣେ ପ୍ରଥମ ଏବଂ ପ୍ରଧାନ ଲେଖକ (୩୧) । 'ବିବାସିନୀ'ର ଭାଷା ସରଳ ବୋଲି କୁହା ଯାଇ ନ ପାରେ । ରାଧାନାଥ ଯୁଗରେ ଓଡ଼ିଆ ଗଦ୍ୟ ଲେଖନ ରୀତି ପ୍ରାୟ ଏହିପରି ଥିଲା । ପରେ "ଉତ୍କଳ-ସାହିତ୍ୟ"ର ଉତ୍ଥାନ ସଙ୍ଗେ ସଙ୍ଗେ ଫକୀରମୋହନ, ଗୋପାଳଚନ୍ଦ୍ର ପ୍ରହରାଜ ମହାଶୟ ପ୍ରଭୃତି ଲେଖକମାନେ ସରଳ ସୁନ୍ଦର ଖାଣ୍ଟି ଓଡ଼ିଆ ଛନ୍ଦରେ ଗଦ୍ୟ ଲେଖିଥିଲେ । ଏହାର ଆବିର୍ଭାବ ପୂର୍ବରୁ ଢେଙ୍କାନାଳର ଉମେଶଚନ୍ଦ୍ର ସରକାରଙ୍କର 'ପଦ୍ମମାଳୀ' ନାମକ ଓଡ଼ିଆ ଐତିହାସିକ ଉପନ୍ୟାସ ପ୍ରକାଶିତ ହୋଇଥିଲା । 'ବିବାସିନୀ' ଓଡ଼ିଆରେ ପ୍ରଥମ ଉପନ୍ୟାସ ନ ହେଲେହେଁ, ଓଡ଼ିଆ ସାହିତ୍ୟ ଇତିହାସରେ ଏହାର ସ୍ଥାନ ଉଚ୍ଚ ।

"ଉତ୍କଳ-ପ୍ରଭା" ପ୍ରକାଶିତ ହେବା ସମୟରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ବିଷୟରେ ସାଧାରଣ ଲୋକଙ୍କର ବିଶେଷ ଜ୍ଞାନ ନ ଥିଲା । ମହାଭାରତ, ଭାଗବତ, ହରିବଂଶ ପ୍ରଭୃତି ପ୍ରଧାନ ପ୍ରଧାନ ଓଡ଼ିଆ ରଚନାମାନ ଭାଗବତ ଟୁଙ୍ଗୀରେ ପୂଜା ପାଉଥିଲା ଏବଂ ଉପେନ୍ଦ୍ର, ଦୀନକୃଷ୍ଣ ପ୍ରଭୃତି ଓଡ଼ିଆ କବିମାନେ ପାଲାବାଲା ପ୍ରଭୃତି ଅଳ୍ପ ସଂଖ୍ୟକ ଲୋକଙ୍କ ମଧ୍ୟରେ ବିଦିତ ଥିଲେ । ତା' ହୋଇ ନ ଥିଲେ ଚୈତନ୍ୟବାବୁଙ୍କ ଭଳିଆ ଲୋକ ଲେଖି ନ ଥାନ୍ତେ "ଓଡ଼ିଆ ଭାଷାରେ ପ୍ରକୃତତଃ ସାହିତ୍ୟ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଉତ୍କଳ ସାହିତ୍ୟ ମଧ୍ୟରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, କବିସୂର୍ଯ୍ୟ ବ୍ରହ୍ମା ପ୍ରଭୃତିଙ୍କ ରଚିତ ଦଶ ଖଣ୍ଡ କାବ୍ୟ, ଜଗନ୍ନାଥ ଦାସଙ୍କ ଭାଗବତ ଏବଂ ସାରଳା ଦାସଙ୍କ ରାମାୟଣ ଓ ମହାଭାରତ; ଏହା କି ଗୋଟିଏ ଜାତିର ସାହିତ୍ୟକୁ ଲକ୍ଷ୍ୟ ?" (୩୨) ଯାହାହେଉ ଗୋବିନ୍ଦ ବାବୁ ଏ ଦିଗରେ ଯଥେଷ୍ଟ ସାମାନ୍ୟ କାର୍ଯ୍ୟ କରିଥିଲେ । ସେ ନିଜେ ଖୋରଧା ନିକଟସ୍ଥ କୋରାମଲ୍ ଗ୍ରାମକୁ ଯାଇ ଓଡ଼ିଶା ମହାରାଜାଙ୍କ ଭୂତପୂର୍ବ ଦେବାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ମହାଶୟଙ୍କ ଗୃହରେ ଥିବା "ମାଦଳା ପାଞ୍ଜି ସମାନ ଗ୍ରନ୍ଥ"ରୁ କିୟଦଂଶ ଉଦ୍ଧାର କରି "ଉତ୍କଳ-ପ୍ରଭା"ରେ ପ୍ରକାଶ କରିଥିଲେ (୩୩) । ଅଜକୁ ୫୦ ବର୍ଷ ପୂର୍ବରୁ ମାଦଳା ପାଞ୍ଜିରେ ଓଡ଼ିଆଙ୍କର ଏପରି ଆଗ୍ରହ ଶୁଭସୂଚକ ଏବଂ ପ୍ରଶଂସନୀୟ ।

"ଉତ୍କଳ-ପ୍ରଭା" ସବୁଠାରୁ ବେଶୀ କାମ କରିଥିଲା ସମାଲୋଚନାରେ । ସାହିତ୍ୟ ସମାଲୋଚନାରେ ଲାଲା ରାମନାରାୟଣ-ରାୟଙ୍କର "କବି ଉପେନ୍ଦ୍ର ଭଞ୍ଜ"(୩୪) ନାମକ ପ୍ରବନ୍ଧ ସର୍ବାଦୌ ବର୍ଣ୍ଣନୀୟ । ରାୟ ମହାଶୟ ଉପେନ୍ଦ୍ର ଭଞ୍ଜଙ୍କର 'ବୈଦେହୀଶ-ବିଳାସ' ପ୍ରଭୃତି କାବ୍ୟମାନଙ୍କୁ ନିମ୍ନଲିଖିତ ବିଷୟମାନଙ୍କରେ ଭାଗ କରି ପ୍ରତ୍ୟେକକୁ ବିଶଦଭାବରେ ସମାଲୋଚନା କରିଅଛନ୍ତି । (କ) କାବ୍ୟ (ଖ) ଛନ୍ଦ (ଗ) ଅଳଂକାର (ଘ) ରସ (ଙ) ରୁଚି (ଚ) କାବ୍ୟଶିଳ୍ପ (ଛ) କଳ୍ପନା; ମାତ୍ର ପ୍ରତ୍ୟେକ ବିଷୟରେ ସେ

---

୨୭ । ୧—୧୧—୨୬୮ ; ୨୮ । ୨—୭—୨୧୮; ୨୯ । ୨—୧୦—୩୦୪ ; ୩୦ । ୧—୧୨—୩୧୫ ୨—୩—୪୮ ୨—୭—୧୯୯ ; ୩—୯/୧୦—୩୪୦ ;

୩୧ । ରାମଶଙ୍କର ଗ୍ରନ୍ଥାବଳୀର 'ଭୂମିକା'

୩୨ । ୧—୧—୩ ;

୩୩ । ୧—୧୨—୨୧୧ ; ୨—୨—୫୧ ; ୨—୩—୧୪ ; ୩୪ । ୧—୯—୨୩୩ ; ୨—୪—୧୪୦ ; ୨—୮—୨୪୪ ; ୨—୯—୨୪୭ ; ୩—୧—୩୮୪ ; ୩—୩/୪—୧୦୪



Digitized by srujanika@gmail.com

ଉପେନ୍ଦ୍ର ଭଞ୍ଜଙ୍କଠାରେ ଗୁଣ ଅପେକ୍ଷା ବେଶୀ ଦୋଷ ଦେଖିଅଛନ୍ତି । ଭଞ୍ଜ କବିଙ୍କର ତଥାକଥିତ ଅଶ୍ଳୀଳତା "ଉତ୍କଳ-ପ୍ରଭା" କାଳର ରୁଚିବିରୁଦ୍ଧ; ସୁତରାଂ ରାୟ ମହାଶୟ ଏହି ବିଷୟଟିକୁ ବିଶେଷ-ଭାବରେ ଆଲୋଚନା କରିଅଛନ୍ତି । ସମାଲୋଚନାଟି ଭଞ୍ଜ କବିତାର ଉପଯୁକ୍ତ ନ ହେଲେହେଁ ନିନ୍ଦନୀୟ ନୁହେଁ । କବିଙ୍କ ବିଷୟରେ ଅନେକ ଜାଣିବାର କଥା ଏଥିରେ ଅଛି । ଦ୍ୱିତୀୟତଃ ଏହା ଗୋଟିଏ ହାସ୍ୟ-ରସାତ୍ମକ ପ୍ରବନ୍ଧ, ଅନ୍ତତଃ ବର୍ତ୍ତମାନ ଯୁଗରେ ଏ ସମାଲୋଚନାଟିକୁ ପଢ଼ି ନ ହସିବାର ଲୋକ ଖୁବ୍ କମ୍ । ଗୋବିନ୍ଦବାବୁଙ୍କର 'ପ୍ରାଚୀନ କବିଙ୍କ ବୃତ୍ତାନ୍ତ'ରେ(୩୫) ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର, ବିଶ୍ୱନାଥ ଖୁଣ୍ଟିଆ, ଜଗନ୍ନାଥ ହରିଚନ୍ଦନ, କୃଷ୍ଣ ସିଂହ, ଜଗନ୍ନାଥ ଦାସ, ଲୋକନାଥ ବିଦ୍ୟାଧର, ପୀତାମ୍ବର କବିଚନ୍ଦ୍ରଙ୍କର ସଂକ୍ଷିପ୍ତ ଜୀବନୀ ଏବଂ ଲେଖା ବର୍ଣ୍ଣିତ ହୋଇଅଛି । ଗୋବିନ୍ଦ ବାବୁଙ୍କର ଏପରି ଉଦ୍ୟମ ତାହାଙ୍କ ପାଣ୍ଡିତ୍ୟର ଯଥେଷ୍ଟ ପରିଚୟ ଦେଉଅଛି । ଆଧୁନିକ ପଣ୍ଡିତମାନେ ଗୋବିନ୍ଦ ବାବୁଙ୍କ ଲେଖା ସହିତ ଏକମତ ନ ହେଲେ ମଧ୍ୟ ତାଙ୍କର ଗବେଷଣା ଭ୍ରମପୂର୍ଣ୍ଣ କିମ୍ବା ନିରର୍ଥକ ବୋଲି କୁହା ଯାଇ ନ ପାରେ । ବିଜୟଚନ୍ଦ୍ର ମଜୁମଦାର ମହାଶୟଙ୍କର 'ସାହିତ୍ୟ ଚର୍ଚ୍ଚା'(୩୬) ଏବଂ 'ବିପ୍ଳବ ଓ ସମାଲୋଚନା'(୩୭) ନାମକ ଦୁଇଟି ପ୍ରବନ୍ଧ ଭାବପୂର୍ଣ୍ଣ. ମାତ୍ର ଏଥିରୁ ବିଜୟବାବୁଙ୍କର ସମାଲୋଚନାଶକ୍ତି ଏବଂ ସାହିତ୍ୟିକତା ବିଚାର କରିବା ଭୁଲ । ବଙ୍ଗ ସାହିତ୍ୟରେ ତାଙ୍କର ସ୍ଥାନ ଅତି ମହତ୍, ଆଉ ଓଡ଼ିଆ ସାହିତ୍ୟରେ ସେ ଜଣେ ବିଶିଷ୍ଟ କର୍ମୀ ।

ଏ ଗଲା ସାହିତ୍ୟ ସମାଲୋଚନା । ବିଜ୍ଞାନ, ଦର୍ଶନ, ଶିକ୍ଷା, ଧର୍ମ ପ୍ରଭୃତିରେ ଅନେକ ସମାଲୋଚନା "ଉତ୍କଳ-ପ୍ରଭା"ରେ ପ୍ରକାଶିତ ହୋଇଥିଲା । ଏଗୁଡ଼ିକ ମଧ୍ୟରୁ ଗଣପତି ଦାସଙ୍କର 'ହିତବାଦ କି ?' (୩୮) ଏବଂ ମହାରାଜା ଶ୍ରୀରାମଚନ୍ଦ୍ରଙ୍କର 'ଦେଶର ଆଧ୍ୟାତ୍ମିକ ଉନ୍ନତି ରାଜଶିକ୍ଷା ସାପେକ୍ଷ' (୩୯) ପ୍ରବନ୍ଧ ଦୁଇଟି ସର୍ବାଦୌ ବର୍ଣ୍ଣନୀୟ । ମହାରାଜା ଶ୍ରୀରାମଚନ୍ଦ୍ର ନିଜର ନାମ ନ ଦେଇ 'Novice' ଆଖ୍ୟାରେ ପ୍ରବନ୍ଧ ଗୁଡ଼ିକୁ ପ୍ରକାଶ କରାଉଥିଲେ* । ମାତ୍ର ଯେଉଁମାନେ ତାହାଙ୍କୁ ଭଲରୂପେ ଚିହ୍ନିଥିଲେ ଏବଂ ତାଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଥିଲେ ସେମାନେ ପ୍ରକୃତ ଲେଖକଙ୍କୁ ନିଶ୍ଚୟ ଜାଣିଥିବେ ।

ଶେଷରେ ଅନୁବାଦ । ଆଜକାଲି ଓଡ଼ିଶାର ମାସିକ ପତ୍ର-ପତ୍ରିକାମାନଙ୍କରେ ଅନୁବାଦ ଗୋଟିଏ ପ୍ରଧାନ ବିଷୟ ହୋଇଅଛି । ଅନ୍ୟାନ୍ୟ ଦେଶର ସାହିତ୍ୟରୁ ସୁଗନ୍ଧ ପୁଷ୍ପମାନ ଆହରଣ କରି ନିଜ ସାହିତ୍ୟରେ ମିଶାଇବା ଅତି ମହତ୍ କଥା; ମାତ୍ର "ପ୍ରଭା" ଯେ ସମୟରେ ବାହାରୁଥିଲା ସେ ସମୟରେ ଇଂରେଜୀରୁ କିମ୍ବା କୌଣସି ପାଶ୍ଚାତ୍ୟ ଭାଷାରୁ ଅନୁବାଦ ଆଦୌ ହେଉ ନ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର କାରଣ ଅନେକ, ମାତ୍ର ପ୍ରଧାନ କାରଣ ହେଉଛି ଲେଖକମାନଙ୍କର ଚେଷ୍ଟାର ଅଭାବ । "ଉତ୍କଳ ପ୍ରଭା"ରେ କେବଳ ଦୁଇଟି ଅନୁବାଦ ପ୍ରକାଶିତ ହୋଇଥିଲା; ପ୍ରଥମଟି ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କର ସଂସ୍କୃତ ମହାଭାରତର ଓଡ଼ିଆ ଗଦ୍ୟାନୁବାଦ, ଦ୍ୱିତୀୟଟି ଶ୍ରୀମତୀ ରେବା ରାୟଙ୍କର ଗୋଟିଏ ବଙ୍ଗଳା କବିତାର ଓଡ଼ିଆ ଅନୁବାଦ । ଗୋବିନ୍ଦ ବାବୁ ଯେ କାହିଁକି ଏତେ ଶ୍ରମ ସ୍ୱୀକାର କରି ଏ କାର୍ଯ୍ୟ କରିଥିଲେ ତାହା ବୁଝିବା କଠିନ, କାରଣ ତାଙ୍କ ମହାଭାରତର ଭାଷା ପ୍ରାୟ ଅନୁସ୍ୱାର ବିସର୍ଗହୀନ ସଂସ୍କୃତ । ସାରଳାଙ୍କର ସରଳ ମହାଭାରତ ଥାଉଁ ଥାଉଁ ସେକାଳର ଓଡ଼ିଆ ଯେ ଏପରି ଏକ ଜଟିଳ ଦୁର୍ବୋଧ ଗ୍ରନ୍ଥ ଦରକାର କରିଥିବ ଏହା ଅସମ୍ଭବ । ଯାହାହେଉ ତାଙ୍କ ଅନୁବାଦର କିୟଦଂଶ ସନେ ଓଡ଼ିଶାର ସ୍କୁଲମାନଙ୍କରେ ପାଠ୍ୟ ବିଷୟରୂପେ ପ୍ରଚଳିତ ଥିଲା । ଗୋବିନ୍ଦ ବାବୁ ଅଷ୍ଟାଦଶ ପର୍ବ ଯାକ ଅନୁବାଦ କରିଥିବାର ଶୁଣାଯାଏ । ଏଥିରୁ କେବଳ 'ଆଦିପର୍ବ' ଏବଂ 'ସଭାପର୍ବ' "ଉତ୍କଳ-ପ୍ରଭା"ରେ ପ୍ରକାଶିତ ହୋଇଥିଲା । ଏ ଦୁଇଟି ପର୍ବ ପୃଥକ୍ ବହିରୂପେ ମୟୂରଭଞ୍ଜ ଷ୍ଟେଟ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା । ଓଡ଼ିଶାରେ ଅଳ୍ପ ଲୋକଙ୍କ ପାଖରେ ବର୍ତ୍ତମାନ ଏ ବହି ଦେଖିବାକୁ ମିଳେ ।

"ଉତ୍କଳ-ପ୍ରଭା"ର ପତନର କାରଣ ଅନୁସନ୍ଧାନ କରିବାକୁ ଗଲେ ମନରେ ଅସୀମ କୌତୁହଳ ଜାତହୁଏ । ପୂର୍ବେ କୁହା-ଯାଇଛି ଯେ ଏହାର ସଙ୍କଳନ ପାଇଁ ଟଙ୍କାପଇସାର ଅଭାବ ନ ଥିଲା । ଲେଖକମାନେ ଉପଯୁକ୍ତ ଲେଖାପାଇଁ ଯଥେଷ୍ଟ ପୁରସ୍କାର ପାଉଥିଲେ । ତେବେ ଏହାର ପତନର କାରଣ କ'ଣ ? 'ଉତ୍କଳ-ପ୍ରଭା'ର ଜଣେ ପ୍ରଧାନ ଲେଖକ ଗଣପତି ଦାସ କହିଛନ୍ତି "ମୟୂରଭଞ୍ଜାଧିପ ବର୍ତ୍ତମାନ ପ୍ରବନ୍ଧ ଲେଖକଙ୍କୁ ପୁରସ୍କୃତ କରୁ-ଅଛନ୍ତି, ତଥାପି ଶିକ୍ଷିତ ଯୁବକ ମଣ୍ଡଳୀ ଜାଗ୍ରତ ହେଉ ନାହାନ୍ତି କାହିଁକି ? କି ହେତୁରୁ ଉତ୍କୃଷ୍ଟ ପ୍ରବନ୍ଧମାନ ଉତ୍କଳ-ପ୍ରଭାର କଳେବର ମଣ୍ଡିତ କରୁନାହିଁ? କି ହେତୁରୁ ଉତ୍କଳ-ପ୍ରଭା ପ୍ରଭା ହୀନ ? ଦୈନିକ ନୁହେଁ, ସାପ୍ତାହିକ ନୁହେଁ, କି ପାକ୍ଷିକ ନୁହେଁ, ସମଗ୍ର ଓଡ଼ିଶାରେ ଖଣ୍ଡେମାତ୍ର ମାସିକ ପତ୍ରିକା; ତହିଁରେ ପୁଣି ପୁରସ୍କାର ଦାନ, ଅଥଚ ପ୍ରଭା କ୍ଷୀଣପ୍ରଭା ! ଯଥାନିୟମରେ ପ୍ରକାଶିତ ହୁଏ ନାହିଁ, ଉତ୍କୃଷ୍ଟ ଆଲୋକ ଦାନ କରେନାହିଁ ; ଏହାର କାରଣ କି ? ସଂକ୍ଷେପରେ କହିବାକୁ ଗଲେ ପାଠକ ଶ୍ରେଣୀର ସଙ୍କୀର୍ଣ୍ଣତା ଓ ସହୃଦୟତାର ଅଭାବ; ଲେଖକମାନଙ୍କର ଅନାସ୍ଥା, ଅକ୍ଷମତା,

---

୩୫ । ୩—୪—୧୪୮ ; ୩୬ । ୧—୬—୧୬୩ ; ୩୭ । ୪—୩—୧୨୪ ;
୩୮ । ୧—୮—୨୧୧ ; ୧—୧୦—୨୩୩ ; ୨—୨—୩୩ ; ୨—୧—୨୬୪ ; ୨—୧୦—୨୮୧ ; ୩୯ । ୧—୧—୨୦ ; ୧—୨—୪୦ ;
* ଶଶିଭୂଷଣ ରାୟ ମହାଶୟଙ୍କର 'ଗୀତ ଲହରୀ' ମୁଖବନ୍ଧ ।

ଅଳସ୍ୟତା, ଅଦୂରଦର୍ଶିତା; ଶିକ୍ଷିତ ସମ୍ପ୍ରଦାୟର ଦରିଦ୍ରତା, ବିଳାସ-ପ୍ରିୟତା, ନିଶ୍ଚେଷ୍ଟତା, କର୍ତ୍ତବ୍ୟହୀନତା, ଅର୍ଥାତ୍ ଏକ କଥାରେ ସମାଜର ଅନୁନ୍ନତାବସ୍ଥା ଏହାର କାରଣ (୪୦) ।" ଏଥିରୁ ଜଣାଯାଏ ଉତ୍କୃଷ୍ଟ ପ୍ରବନ୍ଧର ଅଭାବହିଁ ଏ ପତ୍ରିକାର ପତନର କାରଣ । ୧୩୦୧ ସାଲ ଆଷାଢ଼ ସଂଖ୍ୟାରେ ସମ୍ପାଦକଙ୍କର ଗୋଟିଏ ମନ୍ତବ୍ୟରେ ଲେଖାଅଛି "ଶିକ୍ଷିତମଣ୍ଡଳୀଠାରେ ନିବେଦନ ଯେ ସେମାନେ ଉତ୍କଳ-ପ୍ରଭା ନିମନ୍ତେ ଉପଯୁକ୍ତ ପ୍ରବନ୍ଧମାନ ପଠାଇବେ, ଅନ୍ୟଥା ତାହାର ପ୍ରକାଶ ବାଧ୍ୟ ହୋଇ ସ୍ଥଗିତ କରିବାକୁ ହେବ ।" ଏଥିରୁ "ପ୍ରଭା"ର ଅସମୟପତନ ସହଜରେ ଅନୁମେୟ ।

"ପ୍ରଭା"ରେ ପ୍ରକାଶିତ କେତେକ ପ୍ରସିଦ୍ଧ କବିତାରେ ପାଠାନ୍ତର ଦେଖାଯାଏ । ଉଦାହରଣ ସ୍ୱରୂପ ମଧୁସୂଦନଙ୍କ 'ଶ୍ରୀରାମ ବନବାସ' । ଏହାର ପ୍ରଥମ ଦୁଇଟି ଶ୍ଳୋକ ନିମ୍ନଲିଖିତ ମତେ ପ୍ରକାଶିତ ହୋଇଥିଲା ।

ତୁହି ତ ଅଯୋଧ୍ୟା ନଗରୀ-ବର୍ଣ୍ଣା,
ଦେବସଭା ମଧ୍ୟେ ଯେହ୍ନେ ଇନ୍ଦ୍ରାଣୀ,
ସିନ୍ଧୁବକ୍ଷେ ଯଥା ରମା-ଚୁନ୍ଦରୀ,
ସରଯୂର ଅଙ୍କେ ତୁହି ନଗରୀ,
ବିରାଜିତ ଲୀଳା ରଙ୍ଗେ,
ଲୋଚନ-କୌମୁଦୀ ତୋହର ପ୍ରତିମା ଖେଳଇ ଶୋଭା-ତରଙ୍ଗେ ।
ସ୍ୱଭାବରେ ତୁହି ଆନନ୍ଦମୟୀ,
ଯେଣୁ ତୋର ଚୁଡେ ବିଶ୍ୱ-ବିଜୟୀ,
ଅଜ ପୁଣି ତୋର ପ୍ରାଣର ରାମ,
ସର୍ବ ଗୁଣାକର କରୁଣା ଧାମ,
ହେବେ ବୋଲି ଯୁବରାଜ,
ଘରେ ଘରେ ତୋର ମହାମହୋତ୍ସବ ଲାଗିଅଛି ଆହା ଆଜ ।

ପରେ ମଧୁସୂଦନ ଏଥିରେ କେତେକ ଶବ୍ଦର ପରିବର୍ତ୍ତନ କରିଥିଲେ । ପ୍ରଥମ ଶ୍ଳୋକରେ 'ତୁହି ତ' ସ୍ଥାନରେ 'ଏବେ ତ' 'ତୁହି' ସ୍ଥାନରେ 'ରମ୍ୟ' ଏବଂ 'ତୋହର' ସ୍ଥାନରେ 'ତାହାର' ବ୍ୟବହାର କରି ଶ୍ଳୋକଟିର ସୌନ୍ଦର୍ଯ୍ୟ ଏବଂ କବିତାର କରୁଣ ଭାବ ଅନେକ ପରିମାଣରେ ବଢ଼ାଇ ଅଛନ୍ତି । ସେହିପରି ଦ୍ୱିତୀୟ ଶ୍ଳୋକରେ ଦ୍ୱିତୀୟ ପୁରୁଷ ପରିବର୍ତ୍ତେ ତୃତୀୟ ପୁରୁଷ ପ୍ରୟୋଗ କରିବା ଦ୍ୱାରା କବିତାଟିର ସୌଷ୍ଠବ ଅନେକ ବଢ଼ିଅଛି । ଯେ କୌଣସି ପାଠକ କବିତାଟିର ଦୁଇଟି ପାଠ ପଢ଼ିଲେ କବିଙ୍କର ନୂତନ ପାଠର ଉପାଦେୟତା ଅନୁଭବ କରିପାରିବେ ।

ଓଡ଼ିଆ ସାହିତ୍ୟରେ "ଉତ୍କଳ-ପ୍ରଭା"ର ସ୍ଥାନ ଅତି ମହତ୍ । ସଂକ୍ଷେପରେ କହିବାକୁ ଗଲେ ଏହା ଆଧୁନିକ ଓଡ଼ିଆ ସାହିତ୍ୟ ସୃଷ୍ଟି କରିଅଛି । ରାଧାନାଥ, ମଧୁସୂଦନ, ଗଙ୍ଗାଧର ଏବଂ ଫକୀରମୋହନ ପ୍ରଭୃତି କବିମାନେ ଏବଂ ଲାଲା ରାମନାରାୟଣ ରାୟ, ଗୋବିନ୍ଦଚନ୍ଦ୍ର ମହାପାତ୍ର, ଅଭିମନ୍ୟୁଚନ୍ଦ୍ର ନାୟକ, ବିଶ୍ୱନାଥ କର ପ୍ରଭୃତି ସାହିତ୍ୟିକମାନେ ଏହାର ଉତ୍ସାହ ଓ ସହାନୁଭୂତି ପାଇ ନିଜ ନିଜର ଲେଖାଦ୍ୱାରା ଓଡ଼ିଆ ସାହିତ୍ୟକୁ ଉନ୍ନତ କରି ଯାଇଅଛନ୍ତି । "ଉତ୍କଳ-ପ୍ରଭା" 'ଉତ୍କଳ-ସାହିତ୍ୟ'ର ଜନ୍ମଦାତା ଏବଂ 'ଇନ୍ଦ୍ରଧନୁ' ଓ 'ବିଜୁଳି'ର ନିର୍ମାତା । ଏହାର ପତନ ପରେ 'ଉତ୍କଳ-ସାହିତ୍ୟ' ତାହାର ସ୍ଥାନ ପୂରଣ କରିଥିଲା, ଏବେ ତାହା ମଧ୍ୟ ଗଲା । ମାତ୍ର ଏ ଦୁଇ ପତ୍ରିକା ଯେ ସାହିତ୍ୟ ତିଆରି କରିଗଲେ ଏବଂ ଓଡ଼ିଆ ସାହିତ୍ୟକୁ ଯେଉଁ ଅମୂଲ୍ୟ ରତ୍ନ ଦେଇଗଲେ ତାହା ଓଡ଼ିଆ ଜାତି ଜୀବିତ ଥିବା ପର୍ଯ୍ୟନ୍ତ ରହିଥିବ * ।

# ସଂସ୍କୃତିର ସଂଗଠନ

**ଶ୍ରୀ ନବକିଶୋର ଦାସ**

ସଂସ୍କୃତି ଶବ୍ଦଟି ବଡ଼ ବ୍ୟାପକ । ସଭ୍ୟତା ବାହାରର, ମାତ୍ର ସଂସ୍କୃତି ସମାଜର ଅଭ୍ୟନ୍ତରୀଣ ବିକାଶ । ମନୁଷ୍ୟର ଆର୍ଥିକ, ରାଜନୀତିକ ପରିସ୍ଥିତି ଯେପରି ସଭ୍ୟତା । ସଂସ୍କୃତି ଯେତିକି ଅନ୍ତର-ମାନବକୁ ପ୍ରଭାବିତ କରେ, ସେତିକି ଏହାର ବିକାଶ, ପ୍ରଚାର, ପ୍ରସାରରେ ଆନ୍ତରିକତାର ପ୍ରୟୋଜନ ହୁଏ । ସାହିତ୍ୟ, ସଙ୍ଗୀତ, କଳା, ନୀତି ସବୁ ସଂସ୍କୃତି ଅନ୍ତର୍ଗତ । ସାଧାରଣ ଇତିହାସରେ ଆମ୍ଭେମାନେ ଦେଶ, ତଥା ଜାତିର ରାଜନୀତିକ ଜାଗରଣ, ରାଜ୍ୟ ପରିଚାଳନା, ଆର୍ଥନୀତିକ ଅବସ୍ଥା ବୃତ୍ତାନ୍ତ ପଢ଼ୁଁ । ରାଜନୀତିକ ଗଣରାଷ୍ଟ୍ର ମଧ୍ୟରେ ରାଜ୍ୟର ଆର୍ଥିକ, ରାଜନୀତିକ ସଂଗଠନ ପ୍ରତି ବିଶେଷ ଦୃଷ୍ଟି ଦିଅନ୍ତି । ମାତ୍ର ସବୁ ଯୁଗରେ

---

୪୦ । ୨—୭—୮୨ ;

* ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ମହାଶୟ ଦୟା ସ୍ୱୀକାର କରି ଏ ପ୍ରବନ୍ଧଟି ପାଠକରି ଥିବାରୁ ଏବଂ ନୂତନ ତଥ୍ୟ ଦେଇ ଥିବାରୁ ଲେଖକ ତାହାଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।



Digitized by srujanika@gmail.com

ଅମ୍ଭମାନଙ୍କ ସଂସ୍କୃତି ସଂଗଠିତ ନ ହୋଇଛି; ସେତେଦିନ ଆମ ଜାତୀୟତା ମଧ୍ୟ ପରିପୁଷ୍ଟ କିମ୍ବା ବଳଶାଳୀ ହେବ ନାହିଁ। ସଂସ୍କୃତିର ବିକାଶ ବ୍ୟତୀତ କୌଣସି ଜାତି ବଳିଷ୍ଠ ହୋଇ ନ ପାରେ। ଏହି ସଂସ୍କୃତି-ସଂଗଠନରେ ତିନି ପ୍ରକାରର ବ୍ୟକ୍ତି କାର୍ଯ୍ୟ କରି ପାରିବେ। ପ୍ରଥମେ କବି, କଳାବିତ୍, ଲେଖକ, ଭାବୁକମାନେ, ଦ୍ୱିତୀୟରେ ଦେଶର ଶିକ୍ଷିତ ଭଦ୍ରବ୍ୟକ୍ତି ବା "ଚିନ୍ତାଗ୍ରାହକଗଣ"; ବିଶେଷତଃ ଶିକ୍ଷକ, ଅଧ୍ୟାପକ, ସଂସ୍କୃତିମୂଳକ ପ୍ରଚାରକଗଣ; ତୃତୀୟରେ ସାଧାରଣ ନାଗରିକମାନେ। ପ୍ରତ୍ୟେକ ଆନ୍ଦୋଳନରେ ତିନୋଟି ବିଷୟ ଲୋଡ଼ା ହୁଏ;—ଧନ, ଜନ ଓ ମନ। ଯେଉଁମାନେ ଦେଶର ଚିନ୍ତା-ନାୟକ ଓ 'ଚିନ୍ତାଗ୍ରାହକ' ସେମାନେ ସେମାନଙ୍କ ମନ ଦେବେ। ଅତି, ଜନ ପାଇଁ ତ ସାରା ଦେଶ ପଡ଼ିଅଛି। ଧନ କଥାଟା ଟିକିଏ ଅଡ଼ୁଆ। ଧନ ଦୁଇ ଆଡ଼ୁ ମିଳିବ—(୧) ରାଜ୍ୟ କିମ୍ବା ରାଜା, ମହାରାଜା ଓ ଧନୀ ସୌଦାଗର ମାନେ; (୨) ଦେଶର ସାଧାରଣ ବ୍ୟକ୍ତି ବା ଶିକ୍ଷିତ ଅବସ୍ଥାପନ୍ନ ବ୍ୟକ୍ତିଗଣ। ଏହିପରି ପରସ୍ପର ସହଯୋଗ, ସାହାଯ୍ୟରେ ଅମ୍ଭମାନଙ୍କୁ ଓଡ଼ିଆ ସଂସ୍କୃତି-ସଂଗଠନକୁ ସୁଦୃଢ଼ୀଭୂତ କରିବାକୁ ପଡ଼ିବ। କିନ୍ତୁ ଏହି ଧନ, ଜନ, ମନ କେବଳ ଏକାଠି ହୋଇଗଲେ ସଂସ୍କୃତି-ସଂଗଠନ ହେବନାହିଁ। ଏଥିପାଇଁ ଅମ୍ଭମାନଙ୍କୁ ଅନୁଷ୍ଠାନ ଗଢ଼ିବାକୁ ହେବ, ସଂସ୍କୃତି-କେନ୍ଦ୍ରମାନ ସ୍ଥାପନ କରିବାକୁ ହେବ, ସଂସ୍କୃତି-ମୂଳକ ପ୍ରଚାରକ ନିଯୁକ୍ତ କରିବାକୁ ହେବ।

ସଂସ୍କୃତି-ସଂଗଠନରେ ସ୍ରଷ୍ଟାମାନଙ୍କର କଳା-ସୃଷ୍ଟି ଯେପରି ଏକ ଗୁରୁଦାୟିତ୍ୱ, ଏହାର ପ୍ରଚାର, ପ୍ରସାର. ପାଇଁ ପ୍ରଚେଷ୍ଟା ମଧ୍ୟ ଏକ ବଡ଼ କଥା। ଅଶୋକଙ୍କ ସମୟରେ ବୌଦ୍ଧ ଧର୍ମର ପ୍ରଚାର ଅଶୋକଙ୍କର 'ପ୍ରଚାରକ ସଙ୍ଘ' ଯୋଗୁଁ। ସୁଦୂର ପାଶ୍ଚାତ୍ୟ ଦେଶରୁ ଖ୍ରୀଷ୍ଟୀୟ ପ୍ରଚାରକମାନେ ଆସି ଏଦେଶରେ ସେମାନଙ୍କ ଧର୍ମ ସଂସ୍କୃତିର ପ୍ରଚାର କରୁ ଅଛନ୍ତି; ସେଥିପାଇଁ ସେମାନଙ୍କ ଜାତି ଓ ଦେଶ ସେମାନଙ୍କୁ ଯଥେଷ୍ଟ ସାହାଯ୍ୟ ମଧ୍ୟ କରୁଅଛି। ମାତ୍ର ଏହି ପ୍ରାଚୀନ ଓଡ଼ିଆ ଜାତିର ସଂସ୍କୃତି ଯେ କାହିଁକି, ବିଶେଷ ବିକାଶ ପାଉନାହିଁ ଓ ପ୍ରସାରିତ ହେଉନାହିଁ ଏଥିପାଇଁ କେହି ନାଗରିକ କଅଣ ଗମ୍ଭୀର ଭାବରେ ଭାବିବା ଉଚିତ ନୁହେଁ ?

ପୁଣି ଏହି ସଂସ୍କୃତି-ସଂଗଠନ ସମସ୍ୟା ଚିନ୍ତା କଲାବେଳେ ଅମ୍ଭେମାନେ ସାଧାରଣ ଲୋକଙ୍କୁ ଭୁଲି ନ ଯିବା ଉଚିତ। ଆମ ସଂସ୍କୃତି କେବେ ଇଟା, ପଥର କାନ୍ଥରେ ଆବଦ୍ଧ ନ ଥିଲା। ଆମ ସଂସ୍କୃତିରେ ଆଧ୍ୟାତ୍ମିକ ବାଣୀ ଯେପରି ଗମ୍ଭୀର, ଏହାର ପ୍ରଚାର ମଧ୍ୟ ସେପରି କୁଟୀର ଠାରୁ ପ୍ରାସାଦ ଯାଏ ହୋଇଥିଲା। ବିଦଗ୍ଧଚିନ୍ତାମଣି କିମ୍ବା ଗୋପାଳକୃଷ୍ଣଙ୍କ ଗୀତ କେବଳ ଏମ୍. ଏ. ପାସ କରିଥିବା ନାଗରିକଙ୍କ ଘରେ ବୋଲାଯାଏ ନାହିଁ; ଉପେନ୍ଦ୍ରଭଞ୍ଜଙ୍କ "ବିତଳକୁ ଅଳିଙ୍ଗନ" ଛନ୍ଦ ପର୍ବରେ ନାଉରିଆ ମଧ୍ୟ ଗାଏ। ସଂସ୍କୃତିର ଏହି ପ୍ରସାର ଯୋଗୁଁ ଏହା ଆଜିଯାଏ ନାନା ରାଜନୀତିକ ଦୁର୍ଯ୍ୟୋଗରେ ମଧ୍ୟ ବଞ୍ଚି ରହି ପାରିଅଛି। ସଂସ୍କୃତିମୂଳକ ଆନ୍ଦୋଳନ ସର୍ବଦା ରାଜନୀତିରୁ ଅଲଗା ରହିବା ଉଚିତ। ରାଜନୀତି ଯୁଗକୁ ଯେନ। ସଂସ୍କୃତି ଅନ୍ତର-ମାନବର ଏକ ଅବିଚ୍ଛିନ୍ନ ଧାରା। ଏହାର ପ୍ରଭାବ ଯେପରି ଦେଶର ସକଳ ଶ୍ରେଣୀର ଅନ୍ତରତମ ପ୍ରଦେଶରେ ପହଞ୍ଚେ, ଏଥିପାଇଁ ସଜାଗ ରହିବା ବିଧେୟ। ଓଡ଼ିଶା ଗଡ଼ଜାତରେ ବୁଲିଲାବେଳେ ନାନା କୌତୁକପୂର୍ଣ୍ଣ ସ୍ମୃତି ମୋର ମନେ ପଡ଼ୁଅଛି। କଳାହାଣ୍ଡିର ଗୋଟିଏ କନ୍ଧ ଗ୍ରାମରେ ଲୋକେ ମୋଠାରୁ ଓଡ଼ିଆ ଗୀତ ଶୁଣିବାକୁ ଚାହୁଁ ଥିଲେ। ଯେଉଁମାନେ ଓଡ଼ିଆ ଅକ୍ଷର ଚିହ୍ନିନ୍ତି ସେମାନେ ଓଡ଼ିଆ ବହି ଖଣ୍ଡିଏ ଦେଖି କୋଟିନିଧି ଭଳି ଘେନିଲେ। କେନ୍ଦୁଝରର ଗୋନାସିକା ନିକଟସ୍ଥ 'ଜୁଆଙ୍ଗ'ମାନେ ମୋଠାରୁ ଧର୍ମ-ଉପଦେଶ ଶୁଣିବାକୁ ଉତ୍ସୁକ ଥିଲେ। ସିଂହଭୂମିରେ ଅନେକ 'ହୋ' ମୋର ଗୀତ, ଧର୍ମ-ଉପଦେଶ ଶୁଣିବାକୁ ବ୍ୟଗ୍ର ହୋଇଛନ୍ତି। କେତେ ପର୍ବରେ ସେମାନେ ମୋର ସ୍ନେହ, ସେବା ନେଉଛନ୍ତି। କିନ୍ତୁ ଆମ ଦେଶରେ ଏହି ସବୁ ଶ୍ରେଣୀର ଯେ ଆଦିମ ନର, ନାରୀ ଅଛନ୍ତି ସେମାନଙ୍କ ପାଇଁ ଅମ୍ଭେମାନେ କଅଣ କରୁଛୁଁ।

ସେବା ବିନା ସଂସ୍କୃତି ସମ୍ଭବପର ନୁହେଁ। ସଂଗଠନ ବ୍ୟତୀତ ସଂସ୍କୃତି ସୁଦୃଢ଼ ହେବ ନାହିଁ। ଆମ ପ୍ରାକୃତିକ ଉତ୍କଳରେ ଏହିପରି ନାନା ସଂସ୍କୃତି ମୂଳକ ସମସ୍ୟା ଅଛି। ସେବା କରିବାକୁ ଇଚ୍ଛା କଲେ ସେବକ ନିଜେ ନିଜେ ସେବା ପାଇଁ ବା ସଂସ୍କୃତି-ମୂଳକ ପ୍ରଚାର ପାଇଁ ନାନା କ୍ଷେତ୍ର ପାଇ ଯିବେ। କିନ୍ତୁ ଏହି ସମସ୍ତ ସମସ୍ୟା ପ୍ରତି ଆମ ଶିକ୍ଷିତ ନାଗରିକ ତଥା ଯୁବକ ସମାଜର ଦୃଷ୍ଟି ପଡ଼ିବା ଉଚିତ। ଆଲୋକ ଦାନ ଆଲୋକର ଧର୍ମ। ଆମ ସମାଜରେ ଯେଉଁମାନେ ଶିକ୍ଷିତ, ଆଲୋକ-ପ୍ରାପ୍ତ, ସେମାନେ କଅଣ ସେମାନଙ୍କ ଶିକ୍ଷା-ସଂସ୍କୃତିର ଆଲୋକ ଅନ୍ୟକୁ ଦେବେ ନାହିଁ ? ସମାଜରେ ଏହି ସଂସ୍କୃତିମୂଳକ ଆଦାନ ପ୍ରଦାନ, ମିଳନ ବ୍ୟତୀତ ଦେଶ, ଜାତି ସର୍ବାଙ୍ଗସୁନ୍ଦର ହେବ କିପରି ? ଏଥିପାଇଁ ଯଦି ଦେଶର ସଂସ୍କୃତି-ପ୍ରେମିକ ନାଗରିକମାନେ ଗଭୀର ଚିନ୍ତା କରି ସଂସ୍କୃତି-ମୂଳକ ସଂଗଠନକୁ ସାହାଯ୍ୟ ଓ ସହାନୁଭୂତି ଦେଖାନ୍ତି ତେବେ ମୋର ବିଶ୍ୱାସ ଏ ଦେଶରେ ସଂସ୍କୃତିମୂଳକ ବିକାଶ, ପ୍ରଚାର ପ୍ରସାର ପୂର୍ଣ୍ଣସମ୍ଭବ ହୁଅନ୍ତା।



Digitized by srujanika@gmail.com

# ଧର୍ଷିତା

କବିଚନ୍ଦ୍ର ଶ୍ରୀ କାଳିପ୍ରସନ୍ନ ଦାଶ

ଜନକପୁର ଯିବା ବାଟରେ ହାଟ ମଝିରେ ଥିବା ଦରଭଙ୍ଗା ଛୁଡ଼ିଆଟିର କଥା କେବେହେଲେ ଭୁଲି ପାରିବି ନାହିଁ। ଆଷାଢ଼ର ୨୯ ତାରିଖରେ ବିନୋଦର ବିଭାଘର। ବିନୋଦ ମୋର ସତୀର୍ଥ ବନ୍ଧୁ। ଚାରି ବର୍ଷ କାଳ ଏକାଠି ଥାଇ ପାଠ ପଢ଼ିଛୁଁ କଟକରେ। ଏହି ଚାରିବର୍ଷ ମଧ୍ୟରେ ପୂଜା ଛୁଟି ଛଡ଼ା ଦିନେ ଅଧେ ହେଲେ ଛଡ଼ାଛଡ଼ି ହୋଇନାହୁଁ। ଦୁହିଁଙ୍କର ଖରା ଛୁଟିର ଦିନ ଗୁଡ଼ାକ ସମୁଦ୍ର କୂଳରେ କଟିଯାଏ। କଲେଜ ପିଲାଏ ଥଟ୍ଟାକରି ଆମ ନାମ ଦେଇଥିଲେ ମାଣିକଯୋଡ଼ି। ସେହି ବିନୋଦର ବିଭା—ମୁଁ କଣ ଦୂର ହୋଇ ରହିପାରେ? ତାର ନିମନ୍ତ୍ରଣ ପାଇ ୨୮ ତାରିଖ ଓପର ଓଳି ବାଇକ୍ ଖଣ୍ଡେ ନେଇ ବାହାରି ପଡ଼ିଲି। ଆମ ଘରଠାରୁ ବିନୋଦର ଘର ବେଶୀ ଦୂର ବାଟ ନୁହେଁ; ପ୍ରାୟ ୧୬ ମାଇଲ ହେବ।

୩୦ ତାରିଖ ବାହାରି ବସିଲା ବେଳେ ବିନୋଦ ବଡ଼ ଜିଗର ଧରି କହିଲା, "କାଲି ରାତିଯାକ ଉଜାଗର; ଆଜି ଝିଅ ପିଅ ସରିଲା ବେଳକୁ ୨ଟା ୨୳ଟା ବାଜିଲା; ଆଜି ରାତିକ ବିଶ୍ରାମ ନେଇ କାଲି ଓପର ଓଳି ଯିବୁ।" ମୋର କିନ୍ତୁ ଆଉ ଛୁଟି ନାହିଁ। କେତେଗୁଡ଼ିଏ ଜରୁରି କାମ ମୋ ହାତରେ ଅଛି। ତେଣୁ ବାଧ-ହୋଇ ୩୦ ତାରିଖ ବେଳ ୪ଟା ବେଳେ ବାହାରି ପଡ଼ିଲି। ୯ ମାଇଲ ଖଣ୍ଡେ ବାଟ ଆସିଛି ଏମିତି ସମୟରେ ବାଇକର ଟିଉବ୍‌ଟିଏ ଫାଟିଗଲା। ଚାରିଆଡ଼େ ଜଙ୍ଗଲ, ବେଳ ବୁଡ଼ିଗଲେ ମହାହଇରାଣରେ ପଡ଼ିବି, ବାଇକ୍‌ରେ ଲାଇଟ୍ ନାହିଁ, ବଡ଼ ମୁସ୍କିଲରେ ପଡ଼ିଲି। ପ୍ରାଣପଣ ଚେଷ୍ଟାକରି ସୁଦ୍ଧା ଘଣ୍ଟାକରେ ବାଇକ୍‌ଟି ଠିକ କରି ପାରିଲି ନାହିଁ।

ଈଶାନ କୋଣରୁ କଜଳକଳାମେଘ ଦୈତ୍ୟପରି ନୀଳ ଆକାଶଟି ଗ୍ରାସିବା ପାଇଁ ଧାଇଁ ଆସୁଛି। ସମସ୍ତ ଶକ୍ତି ଲଗାଇ ଯାତ୍ରା ଆରମ୍ଭ କଲି ଜନକପୁର ବସ୍ତିରେ ପହଞ୍ଚିବାକୁ। ଅଳ୍ପବାଟ ବାକିଥାଏ, ମୁଷଳଧାରାରେ ବୃଷ୍ଟି ଆରମ୍ଭ ହେଲା। ଥରକୁଥର ବିଜୁଳିର ଝଲକ ଅନ୍ଧାରିଆ ବାଟ ଉପରେ ଦଣ୍ଡକ ପାଇଁ ଆଲୋକ ଢାଳିଦେଇ ଚାଲି ଯାଉଛି—ପୁଣି ଚାରିଆଡ଼ୁ କଟି କଟିଆ ଅନ୍ଧାର ମାଡ଼ି ଆସୁଛି। ପାଦେ ଅଧେ ଯିବାର ଉପାୟ ନାହିଁ। ବାଧ ହୋଇ ହାଟ ମଝିରେ ଲଙ୍ଗା ଛୁଡ଼ିଆରେ ଆଶ୍ରୟ ନେଲି। ପ୍ରାୟ ୪୫ ମିନିଟ ପରେ ବର୍ଷାର ବେଗ କମିଯିବାରୁ ଘରକୁ ବାହାରି ପଡ଼ିଲି। ସେତେବେଳେ ଘରେ ଘରେ ସାନ୍ଧ୍ୟ ଆରତିର ପ୍ରଦୀପଶିଖା ଜଳି ଉଠିଲାଣି—ଗ୍ରାମ୍ୟ ବଧୂର ମଧୁର ଅଧରରୁ ଶଙ୍ଖଧ୍ୱନି ଦିଗେ ଦିଗେ ବିଲୀନ ହୋଇ ଯାଉଥାଏ। ଘରକୁ ଆସି ଡାକିଲି 'ମା'। ମା ସେତେବେଳେ ମାଳା ଜପିବା ଶେଷକରି ଉଠିବ ଉଠିବ ହେଉଛନ୍ତି—କବାଟ ଠେଲି ଦେବାମାତ୍ରକେ ମାଳାଟି ମଥାରେ ଛୁଆଁଇ ଉଠି ବସିଲେ। ଚମକି ଉଠି କହିଲେ "ଯା, ଯା, ଉପରକୁ ଯା, ଲୁଗାପଟା ପାଲଟି ଦେ,—ଯା, ଯା, ଯା; ତୋ ପାଇଁ ମୁଁ ମଲି। ହଇରେ, ବର୍ଷାରେ ତିନ୍ତିଲେ ଯେ ଅସୁଖ ହେବ।" ହସି ହସି କହିଲି, "ମୋ ଜ୍ଞାନ ହେଲା ଦିନଠାରୁ କେବେ ମୋର ଅସୁଖ କରିଛି! ଦେହରେ ଯେଉଁ ଗରମ ରକ୍ତର ପ୍ରାଚୁର୍ଯ୍ୟ, ରୋଗ ପାଖକୁ ଆସି ଚମକି ଫେରିଯିବ।" "ଆରେ ଯା, ଉପରକୁ ଯା, ଯେତେସବୁ ଅଲକ୍ଷଣିଆ କଥା—ଦେହ ଉପରେ ନଜର ଦିଅନ୍ତି? ଯା, ଉପରକୁ ଯା ଚଞ୍ଚଳ; ବସନ୍ତ ଆସିଛନ୍ତି।"

ବସନ୍ତ ମୋର ମଧୁ-ଅର୍ଦ୍ଧାଙ୍ଗୀ। ମୋଠାରୁ ମୋଟେ ୪।୫ ମାସର ବଡ଼ ବୋଲି ଗୁରୁଜନର ସମ୍ମାନ ନେବାକୁ କେବେ ସେ ରାଜି ନୁହନ୍ତି। ପ୍ରଥମରୁ ବାନ୍ଧିଛନ୍ତି ବନ୍ଧୁତ୍ୱର ନିଗୂଢ଼ ବନ୍ଧନରେ। କିନ୍ତୁ ମୁଁ କୋଠରୀକୁ ପଶିବା ମାତ୍ରକେ ଭଉଣୀ ଜଣା ବଡ଼ ଭାଇଙ୍କ ସମ୍ମାନ ଲାଘବ ଭୟରେ ଓଢ଼ଣା ଟାଣି ଝପକିନା ବସିପଡ଼ି ପାନ ଭାଙ୍ଗିବାକୁ ଲାଗିଲେ। ବୁଝିଲି ଭାଇ ଭଉଣୀର ଗୋପନ ପରାମର୍ଶରେ ବାଧା ଦେଇ ବଡ଼ ଅନ୍ୟାୟ କରିଛି। ଯାହା ହେବାର ହେଲାଣି। ଆଲଣାରୁ ଲୁଗାଟି ଟାଣୁ ଟାଣୁ ପଚାରିଲି, "ତମେ କେବେ ହୋ?" ବସନ୍ତ କହିଲେ, 'କାଲି ସଞ୍ଜରେ'। "ଘର ଖବର?" ମୁଁ ପଚାରିଲି।

"ଭଲ ନିଶ୍ଚୟ, ତା ନ ହେଲେ ଘର ଛାଡ଼ି ବା କାହିଁକି ଆସନ୍ତି?"

ଦୁଇଟି ରେକାବିରେ ପୁରି, ହାଲୁଆ, ସନ୍ଦେଶ ନେଇ ମା ଆସିଲେ। ତାଙ୍କର ଆଦେଶମତେ ଦୁହେଁ ଯାକ ଖାଇବାକୁ ବସି ପଡ଼ିଲୁଁ। ପର୍ଦ୍ଦା ଜଣା ଦେଇ ଟିକିଏ ଦୂରରେ ବସି ପାନ ଭାଙ୍ଗୁ ଭାଙ୍ଗୁ ମଝିରେ ମଝିରେ ବିଜୁଳି ମାରିଲା ଭଳି ଚୋରା ଚାହାଣିରେ ଚଟ୍‌କିନା ଅନାଇ ସଙ୍ଗେ ସଙ୍ଗେ ଦୃଷ୍ଟି ଫେରାଇ ନେଉଥାନ୍ତି। ମା ପଚାରିଲେ, "ହଇରେ ପ୍ରମଥ, ବିନୋଦର ବୋହୂଟି କିମିତି? ଦେଖିବାକୁ ଗୋଟାଏ ତେଣାକଟା ପରୀ, ନୁହେଁ?"

"ବିନୋଦର ମନକୁ ପାଇଛି ତ? ତାକୁ ସେ ପିଲାଟି ଦିନରୁ ଜାଣେ, ସେ କେଡ଼େ ଛାଇ ବାହୁନିଆ।"

"ବିନୋଦର ପରୋକ୍ଷ ଇଙ୍ଗିତରେହିଁ ଏ ବିବାହ।"

"ଭଗବାନ ସେମାନଙ୍କୁ ସୁଖୀ କରନ୍ତୁ। ହଇରେ, ଘଡ଼ଘଡ଼ି ମାରିଲାବେଳେ କେଉଁଠି ଥିଲୁ?"

"ହାଟର ଛୁଡ଼ିଆ ଘରଟିକୁ ପଶିବା ମାତ୍ରକେ ଘଡ଼ଘଡ଼ି ଚଡ଼ଚଡ଼ି ଆରମ୍ଭ ହେଲା।"

"ମୁଁ ଜାଣେ ତୁ ଆଜି ନିଶ୍ଚୟ ଆସିବୁ। ସେଥିପାଇଁ ଘଡ଼ଘଡ଼ି ମାରିଲା ବେଳେ ଥରି ଉଠିଲି।"



Digitized by srujanika@gmail.com

"ଘଡ଼ଘଡ଼ି ମାଇଲେ ଯେ ମୋହର ଉପରେହିଁ ପଡ଼ିବ, ଇମିତ କଣ କଥା ଅଛି ମା !"

"ତୋର ଯେତେ ସବୁ ଅଲକ୍ଷଣିଆ କଥା—ତୋ ଶତ୍ରୁ ମୁଣ୍ଡରେ ପଡ଼ୁ। ମୁଁ ତ ଆଗରୁ କହୁଥିଲି, ଘରର ଗାଡ଼ିଟି ଯଦି ମରାମତି ହୋଇ ନ ଥାଏ, କନକପୁରରେ କଣ ଟେକ୍ସିର ଅଭାବ ଅଛି ? କଥା ଶୁଣିବୁ ନାହିଁ, ସାଇକେଲରେ ଧାଇଁଲୁ—ଟେକ୍ସିଟାଏ ନେଇଥିଲେ ତୋର କଣ କ୍ଷତି ହୁଅନ୍ତା ?"

ବସନ୍ତ ସୁବିଧା ପାଇ କାଣ୍ଡେ ମାରିବାକୁ ଛାଡ଼ିଲେ ନାହିଁ। ଛାପଟା ଭୂଇଁରେ ରଖିଦେଇ କହିଲେ, "ପ୍ରମଥ ଯେମିତି ହିସାବୀ ହୋଇ ଉଠୁଛନ୍ତି—ଆଉ ବର୍ଷେ ଖଣ୍ଡେ ଗଲେ ବେଙ୍କରେ ଶୂନ୍ୟ ସଂଖ୍ୟା ଛ ଗୁଣ ବଢ଼ିଯିବ। ସଙ୍ଗେ ସଙ୍ଗେ ସକାଳରୁ ନାମ ଧରିଲେ ସେଦିନ ପେଟରେ ଓଦାକନା ଦେଇ କଟିଯିବ।"

କହିଲି, "କାର୍ ନେଇ ଯାଇଥିଲେ, ହାଟ କୁଡ଼ିଆରେ ଏ ଅପୂର୍ବ କାହାଣୀ ଶୁଣିବାର ସୁଯୋଗ ପାଇଥାନ୍ତି ?"

"କାହାଣୀ !"

"କାହାଣୀଠାରୁ ଲୋଭନୀୟ, କିନ୍ତୁ ମିଥ୍ୟା ନୁହେଁ ଜୀବନ୍ତ ସତ୍ୟ।"

କାହାଣୀର ନାମ ଶୁଣି ପତ୍ନୀ ନଣନ୍ଦ ଟିକିଏ ଉଦ୍‌ଗ୍ରୀବ ହୋଇ ଥରେ ମୁହଁକୁ ଅନାଇ ମୁଣ୍ଡ ପୋତି ନିଜ କାମରେ ବ୍ୟାପୃତା ରହିଲେ। ମା ବସି ପୋଇଲି ରମା ମା ଆଣିଥିବା ଫଳ ଗୁଡ଼ିକ ଗଣ୍ଠିବାକୁ ଲାଗିଲେ। ଖାଇବା ପରେ କିଛି ଫଳ ନ ପାଇଲେ ଖାଇବାର ଜମା ତୃପ୍ତି ହୁଏନାହିଁ। ବସନ୍ତ ବାବୁ ପଚାରିଲେ "ବ୍ୟାପାର କଣ ହୋ ?"

"ମୁଁ ସାଇକେଲ୍ ନେଇ ହାଟ କୁଡ଼ିଆରେ ଅଶ୍ରା ନେଇଥାଏଁ। ଭୀଷଣ ଅନ୍ଧାର—ମୁହଁକୁ ମୁହଁ ଦିଶୁ ନଥାଏ। ଘଡ଼ଘଡ଼ି ଚଡ଼ଚଡ଼ି ମାରିବା ପ୍ରାୟ ୫।୭ ମିନିଟ୍ ପରେ ଧାଇଁ ଧାଇଁ 'ଠିକ୍ ଠିକ୍ ପାଗଳ, ସେଠାରେ ହାଜର ହେଲା।

"ଠିକ୍ ଠିକ୍ ପାଗଳ !"

"ହଁ, ଏଠାକୁ ଗୋଟିଏ ପାଗଳ ଆସିଛି, ସେ କାହାରିକି କିଛି କହିବ ନାହିଁ। ତାର ପ୍ରଧାନ ପାଗଳାମି—ସବୁବେଳେ ସେ ମୁଣ୍ଡ ହଲାଇ 'ଠିକ୍ ଠିକ୍' କରୁଥିବ, କେହି ଠିକ୍ ଠିକ୍ କଲେ ତାର ମହା ଆନନ୍ଦ। ଲୋକଟା ଉଚ୍ଚ ଶିକ୍ଷିତ ବୋଲି ମନେହୁଏ, କାରଣ ମଝିରେ ମଝିରେ ତା ମୁଁହରୁ ଏପରି ଦୁଇ ଚାରିଟା କଥା ବାହାରି ପଡ଼େ, ଯା ଶୁଣିଲେ ବିସ୍ମିତ ହେବାକୁ ହୁଏ। ତା କଥା କିନ୍ତୁ କାହାରିକି କିଛି ସେ କହିବ ନାହିଁ, ପଚାରିଲେ ଘରଦ୍ୱାର ନାମ ଗୋତ୍ର ପ୍ରଭୃତିର କିଛି ଖବର ଦେବ ନାହିଁ। ମୁରକି ହସି ଠିକ୍ ଠିକ୍ କରି ଫେରିଯିବ। ହାଟ କୁଡ଼ିଆଟି ପୂର୍ବ ପଶ୍ଚିମ ଲମ୍ବ—ମୁଁ ଉତ୍ତର-ପୂର୍ବ କୋଣରେ ଆଶ୍ରୟ ନେଇଛି। ଠିକ୍ ଠିକ୍ ପାଗଳ ଯାଇ ଉଠିଲା ଦକ୍ଷିଣ-ପଶ୍ଚିମ କୋଣରେ। ହଠାତ୍ ତା ଗୋଡ଼ ପଡ଼ିଲା ଆଉ ଜଣଙ୍କ ଉପରେ। ଦ୍ୱିତୀୟ ବ୍ୟକ୍ତିର ଅବସ୍ଥିତି ଆମ୍ଭେ ଦୁହେଁ ଯାକ ଜାଣିପାରି ନଥିଲୁଁ। ତାର ସକାତର 'ଉଃ' ଶବ୍ଦରେ ଠିକ୍ ଠିକ୍ ପାଗଳ ପଚାରିଲା, "ତୁ କିଏରେ ?" ଉତ୍ତର ଆସିଲା "ମୁଁ ଜଣେ ଅନାଥିନୀ।"

"ଅନାଥିନୀ ? ସନାଥିନୀ କରିଦେବି, ଉଠ୍, ଯା ଦୁରୁଷ୍ଟ ଯା, ଯା—,"

"ମୁଁ ତ ଯାଇ ପାରିବି ନାହିଁ,"

"କିଆଁ ?"

"ମୋର ଦେହ ବଡ଼ ଖରାପ। ଦି ଦିନ ଦି ରାତି ଏଠି ପଡ଼ି ରହିଛି—ଉଠିବସି ପାରୁନାହିଁ।"

"କାହୁଁ ଆସିଛୁ ତୁ ?"

"ମୁଁ ପଦ୍ମପୁରରୁ ଆସୁଛି। ଏଠାରୁ ତିନିକୋଶ ରାସ୍ତା।"

"ଅସୁସ୍ଥ ହେଲେ ଆସିଲୁ କିଆଁ ? ଉଠ୍, ଉଠ୍।"

"ମୁଁ ଯେ ଉଠିପାରୁନାହିଁ—ମୁଁ ଗାଁ ଗାଉଁଲିରେ ଭିକ ମାଗି ବଞ୍ଚୁଥିଲି। ପଦ୍ମପୁରକୁ ୧୦।୧୫ ଦିନ ଆସିଲା ପରେ ମୋର ରୋଗ ଧରି ପଡ଼ିଲା। କଫରେ ରକ୍ତର ଚିହ୍ନ ଦେଖି କେହି ଦ୍ୱାରକୁ ଯିବାକୁ ଦେଲେ ନାହିଁ। ବାଧ ହୋଇ ସହରକୁ ପଳାଇ ଆସୁ ଆସୁ ଆଉ ଯାଇ ପାରିଲି ନାହିଁ। ଏଠି ପଡ଼ି ରହିଛି—ଶୋଷରେ ମୋର ଛାତି ଫାଟି ଯାଉଛି—ଦୁଇ ଦିନ କାଳ ପେଟରେ ଟୋପାଏ ହେଲେ ପାଣି ପଡ଼ିନାହିଁ।"

"ମୋ ହାତରୁ ପାଣି ପିଇବୁ ?"

"ମଲା ବେଳେ ପୁଣି ଜାତିର ବିଚାର ?"

"ଅଛି ରହ, ବର୍ଷା ପାଣି ଛାଣି ଆଣୁଛି," କହି ଠିକ୍ ଠିକ୍ ପାଗଳ ଓଦା ଝୁଲିଟିରୁ ତାଟିଆ ଖଣ୍ଡେ ବାହାର କରି ପାଣି ଛାଣି ଆଣିଲା। ଝୁଲିରୁ କନ୍ଦମୂଳ ଖଣ୍ଡେ ବାହାର କରି କହିଲା, "ନେ, ଖା।"

ରୁଗ୍ଣା ଆକୁଳ ଆବେଗରେ ପାଣି ପିଇ ସାରି କନ୍ଦମୂଳଟି କାମୁଡ଼ିବାକୁ ଚେଷ୍ଟା କଲା, କିନ୍ତୁ କନ୍ଦମୂଳ ଖାଇବା ଭଳି ଶକ୍ତି ତାର ନ ଥିଲା।

ଠିକ୍ ଠିକ୍ ପାଗଳ ପଚାରିଲା, "ତୋର କେହି ନାହାଁନ୍ତି ?"

"ଥିଲେ ସମସ୍ତେ; ବାପ, କାକା, ଖୁଡ଼ି। ଏବେ ଅଛନ୍ତି କି ନା କିଏ ଜାଣେ ?"

"ଓ, ତୁ ଘର ଛାଡ଼ି ପଳାଇଛୁ, ନା ?"

"ମୁଁ ଘର ଛାଡ଼ି ନାହିଁ—ମୋତେ ଘର ଛାଡ଼ିବାକୁ ବାଧ କଲେ ସମସ୍ତେ—ସମାଜ, ସ୍ୱଜନ, ସ୍ୱଦେଶ।"

"ତୋର ଅପରାଧ ?"

"ମୋର ଅଦୃଷ୍ଟ, ଗରିବ ଘରେ ମୋର ଜନ୍ମ କିନ୍ତୁ ବିଭା ହୋଇଥିଲି ଧନୀର ଏକମାତ୍ର ପୁତ୍ରକୁ। ଅଳ୍ପ ବୟସରେ ଶାଶୁଘରକୁ ଗଲି—ବାଲ୍ୟରୁ ମାତୃହୀନା ମୁଁ—ଭାବିଥିଲି ସେଠାକୁ ଯାଇ ଶାଶୁଙ୍କ ଆଦର ଯତ୍ନ ପାଇବି। ମାତ୍ର ତାହା ହେଲା ନାହିଁ।

ମୁଁ ଯିବାର ଦୁଇ ଦିନ ପରେ ଅସମୟରେ ଶାଶୁ ମୃତ ପୁତ୍ରଟିଏ ପ୍ରସବ କଲେ । ଅଲକ୍ଷ୍ମୀ ବୋଲି ତାଙ୍କର ଯେତେ କ୍ରୋଧ ମୋହରି ଉପରେ ପଡ଼ିଲା । ସ୍ୱାମୀର ଖାତିରରେ ବା ଭୟରେ ସେ ପ୍ରକାଶ୍ୟ ଭାବରେ କିଛି କହୁ ନ ଥିଲେ, କିନ୍ତୁ ଶୁଣାଇ ଶୁଣାଇ କଟୁ କଥା କହିବାକୁ ଛାଡ଼ିଲେ ନାହିଁ । ମୋର ପିତାମାତାଙ୍କୁ ଅକଥ୍ୟ ଗାଳିମନ୍ଦ ଦେଉଥାନ୍ତି । ମୁଁ କିନ୍ତୁ ନୂଆ ବୋହୂ—ତୁନି ହୋଇ ରହିବା ଛଡ଼ା ଅନ୍ୟ ଉପାୟ କ'ଣ ? ଅଧିକନ୍ତୁ, ସ୍ୱାମୀର ସୋହାଗ ଆଦରରେ ଏ ସବୁ କଥା ମୁଁ ବେଶି ଭାବୁ ନ ଥିଲି । ମାସକ ପରେ କଥା ହେଲା ସ୍ୱାମୀ ମୋର ଦୁଇ ବର୍ଷ ପାଇଁ ପାଠ ପଢ଼ିବାକୁ ବିଲାତ ଯିବେ । ଦିଶ ଦିଗ ଅନ୍ଧାର ଦିଶିଲା—ଏ ରାକ୍ଷସପୁରୀରେ ଏକୁଟିଆ ରହିବି କିପରି ? ସ୍ୱାମୀ କିନ୍ତୁ ମୋ ମନକଥା ଜାଣି ପାରି ବାପାଙ୍କ ନିକଟକୁ ଯିବାକୁ ମୋତେ ଅନୁମତି ଦେଲେ । ଶ୍ୱଶୁର ମଧ୍ୟ ବୁଝାଇ କହିଲେ—"ଏଠି ସେଠି ହୋଇ ଦିଟା ବର୍ଷ କଟାଇ ଦେବ ।" ସ୍ୱାମୀ ବିଲାତ ଗଲେ, ମୁଁ ବାପାଙ୍କ ପାଖକୁ ଫେରି ଆସିଲି । ମୋ ବାପାଙ୍କ ଘର ଶ୍ୱଶୁର ଘରଠାରୁ ବେଶି ଦୂର ନୁହେଁ—୧୦।୧୨ ମାଇଲର ବାଟ ହେବ । ସ୍ୱାମୀ ବିଲାତ ଯାଇ ପ୍ରଥମେ ପ୍ରଥମେ ପ୍ରତି ସପ୍ତାହରେ ଚିଠି ଲେଖିବାକୁ ଲାଗିଲେ । ତାହାହିଁ ମୋର ସମ୍ବଳ । ୮।୧୦ ମାସ ପରେ ଚିଠିପତ୍ର ସବୁ ବନ୍ଦ ହେଲା । ୮।୧୦ ଖଣ୍ଡ ଚିଠି ଲେଖି ମଧ୍ୟ ଜବାବ ପାଇଲି ନାହିଁ, ବର୍ଷକ ପରେ ଶ୍ୱଶୁର ଘରୁ ଖବର ପାଇଲି ସେ ବର୍ଷ ସେ କୃତକାର୍ଯ୍ୟ ହୋଇ ପାରି ନାହାନ୍ତି, ପୁଣି ଦି ବର୍ଷ ବିଲାତରେ ରହିବାକୁ ପଡ଼ିବ । ତାଙ୍କ କୃତକାର୍ଯ୍ୟତା ପାଇଁ ମନେ ମନେ ତେତିଶ କୋଟି ଦେବତାଙ୍କ ପାଦତଳେ କେତେ ଅଶ୍ରୁ ଢାଳି ପ୍ରାର୍ଥନା କଲି, କିନ୍ତୁ ମୋ ଗୁହାରି କାହାରି କାନରେ ପଶିଲା ନାହିଁ—ଅଭ ମୁହଁରେ ପାଣି ଦେବ ?"

"ଦେବ" କହି ଠିକ୍ ଠିକ୍ ପାଗଳ ପୁଣି ପାଣି ଆଣି ଦେଲା, କ୍ଷଣକ ବିଶ୍ରାମ କରି ରୁଗ୍ଣା କହିବାକୁ ଆରମ୍ଭ କଲା, "ଦୁଇ ବର୍ଷ ଜାଗାରେ ତିନି ବର୍ଷ କଟିବାକୁ ବସିଲା, ତଥାପି ସ୍ୱାମୀଙ୍କର ଫେରିବାର କୌଣସି ସମ୍ବାଦ ନାହିଁ । ପ୍ରତି ବର୍ଷ ଅକୃତକାର୍ଯ୍ୟତାର ଖବର ଆସେ—ଆଉ ବର୍ଷେ ଆଉ ବର୍ଷେ କରି ଆଶାରେ ବୁକୁ ବାନ୍ଧି ଜଗି ବସିଥାଏଁ । ହଠାତ୍ ମୋର ଶ୍ୱଶୁର ପୀଡ଼ିତ ହେଲେ, ମୋତେ ନେଇଯିବା ପାଇଁ ଲୋକ ଆସିଲା । ସମ୍ବାଦ ପାଇଲି ମୋ ସ୍ୱାମୀ ମଧ୍ୟ ଆସୁଛନ୍ତି, କିନ୍ତୁ ସମ୍ବାଦହିଁ ସାର । ମୁଁ ଯାଇ ପହଞ୍ଚିବାର ଘଡ଼ିଏ ପରେ ଶ୍ୱଶୁରଙ୍କ କାଳ ହେଲା । ଘରେ ହାହାକାର ଉଠିଲା । ଶାଶୁ ସବୁ ଦୋଷ ଅଲକ୍ଷ୍ମୀ ମୁଣ୍ଡରେ ଥୋଇ ବାହାନା କରି କାନ୍ଦିବାକୁ ଲାଗିଲେ ।

ଶୁଦ୍ଧକ୍ରିୟାକୁ ତାଙ୍କ ଭାଇ ଭାଉଜ, ପୁତ୍ର କନ୍ୟା ନେଇ ହାଜର ହେଲେ । ତାଙ୍କ ବଡ଼ ପୁଅର ଭୂତନାଥର କୁଦୃଷ୍ଟିରେ ମୁଁ ଶିହରି ଉଠୁଥାଏଁ । ତାଙ୍କ ଆଖି ଆଗରୁ ଲୁଚି ରହିବା ପାଇଁ ସବୁବେଳେ ମୁଁ ସଚେଷ୍ଟ ଥାଏଁ । ତଥାପି ସୁଯୋଗ ପାଇଲେ ସେ ନାନା ଅକଥ୍ୟ କଥା କହି ମୋତେ ପ୍ରଲୋଭିତ କରିବାକୁ ଚେଷ୍ଟା କରନ୍ତି । କହିବି କଣ, ସବୁ କଥା ଫିଟାଇ କହିଲେ ମୋହରି ସର୍ବନାଶ ହେବ; କାରଣ ସେ ପୁରୁଷ, ମୁଁ ନାରୀ । ବାଧ୍ୟ ହୋଇ ପିତାଙ୍କ ନିକଟକୁ ଯିବା ପାଇଁ ପତ୍ର ଦେଲି । ସେ ଆସି ପହଞ୍ଚିବା ମାତ୍ରକେ ଶାଶୁ ମୋତେ ଆନନ୍ଦରେ ଅନୁମତି ଦେଲେ, କାରଣ ମୁଁ ତାଙ୍କର ଆଖିର ବାଲି । ସ୍ୱାମୀଙ୍କୁ ପ୍ରୟୋଜନର ଅତିରିକ୍ତ ଟଙ୍କା ଶ୍ୱଶୁରଙ୍କୁ ମଧ୍ୟ ନ ଜଣାଇ ପଠାଇବାରେ ମୋର ଶାଶୁ ବିନ୍ଦୁମାତ୍ର ହେଳା କରି ନାହାନ୍ତି । ତାଙ୍କ ଇଚ୍ଛା ମୋର ସ୍ୱାମୀ ସେହିଆଡ଼େ ଥାନ୍ତୁ । ଏଠାକୁ ଆସିଲେ ସେ ଯାହା ଇଚ୍ଛା ତାହା କରି ପାରିବେ ନାହିଁ—ତାଙ୍କ ଭାଇ ଭାଉଜ ରଜା ରାଣୀ ପରି ସୁଖରେ ଚିରଦିନ ରହି ପାରିବେ ନାହିଁ—ଏଣୁ ସେ ଦେଶକୁ ନ ଫେରିଲେ ହିଁ ମଙ୍ଗଳ । ମାମୁଁ ଶ୍ୱଶୁରେ ରଟନ୍ତି କଲେ, 'ଶ୍ୱଶୁରଙ୍କ ମୃତ୍ୟୁର ତିନି ଦିନ ପରେ ଯେଉଁ ଜାହାଜଟି ବିଲାତରୁ ଏଠାକୁ ଆସୁଥିଲା ତାହା ଝଡ଼ ବତାସରେ ସମୁଦ୍ର ମଝିରେ ବୁଡ଼ି ଯାଇଥିବା ଖବର ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା ।' କଥାଟି ସତ ବୋଲି ଅନେକେ କହିଲେ । ସ୍ଥିର ହେଲା, ସ୍ୱାମୀ ମୋର ସେହି ଜାହାଜର ଯାତ୍ରୀ ଥିଲେ । ଦିଶଦିଗ ଅନ୍ଧାର ଦେଖିଲି, ଶୁଦ୍ଧକ୍ରିୟା ପରେ ବାପାଙ୍କ ସଙ୍ଗରେ ଚାଲି ଆସିଲି । ଅଳ୍ପ ଦିନ ପରେ ଶୁଣିଲି ଶ୍ୱଶୁରଙ୍କ ପୁରୁଣା ନାଏବ କାମ ଛାଡ଼ି ଚାଲି ଯାଇଛନ୍ତି—ଜମିଦାରୀ ଦେଖିବା ପାଇଁ ତାଙ୍କ ବଦଳରେ ଆସିଛନ୍ତି ଜଣେ ତରୁଣ ଶିକ୍ଷିତ । ନାଏବ କାକାଙ୍କୁ ତଡ଼ି କିଏ ନୂଆ ଲୋକ ଅଣାଇଲା ସେ ସବୁ କଥା ଜମା ବୁଝି ପାରିଲି ନାହିଁ; ତେବେ ଏତିକି ମାତ୍ର ବୁଝିଲି ନାଏବ କାକା ଯିବା ପରେ ମୋର ହାତଖରଚ ଆସିବା ବନ୍ଦ ।

ତାର ଅଳ୍ପଦିନ ପରେ ଗାଁକୁ ଆସିଲେ ତରୁଣ ଜମିଦାର । ତାଙ୍କ ଅନୁଗ୍ରହ ଦୃଷ୍ଟି ପଡ଼ିଲା ମୋ ଉପରେ । ଦୁଇ ଚାରିଜଣ ସ୍ତ୍ରୀ ଲୋକ ଆସି ମୋତେ ସୁଖରେ ରଖାଇବା ପାଇଁ ଅନେକ ପ୍ରଲୋଭନ ଦେଖାଇ ନିରାଶ ହେଲେ । ଦିନେ ସନ୍ଧ୍ୟାରେ ପୋଖରୀକି ଯାଇଛି ପଛପଟରୁ କିଏ ଆସି ମୋ ଆଖି ମୁହଁ ବାନ୍ଧି ମୋତେ ବୋହି ନେଇ ଚାଲିଲା । ମୋ ଉପରେ ପାଶବିକ ଅତ୍ୟାଚାର ଆରମ୍ଭ ହେଲା, ମୁଁ ଅଜ୍ଞାନ ହୋଇ ପଡ଼ିଲି । ସୂର୍ଯ୍ୟ କିରଣ ଦିହରେ ପଡ଼ିଲା—ଆଖି ମେଲି ଦେଖେଁ ଗାଁ ପ୍ରାନ୍ତର ଜଙ୍ଗଲରେ ପଡ଼ି ରହିଛି ପିତାଙ୍କ କୋଳରେ ମୁଣ୍ଡ ଦେଇ । ମୋ ଚାରିପଟେ ଗାଁ ଲୋକେ ଜମା । ସରମରେ ଚାହିଁ ପାରିଲି ନାହିଁ, ଅବ୍ୟକ୍ତ ଯନ୍ତ୍ରଣା ମଧ୍ୟ ଭୋଗୁଥାଏଁ ।

ଦୁଇ ଚାରି ଦିନ ପରେ ଗାଁ ପଞ୍ଚାୟତର ବୈଠକ ହେଲା । ପିତା ଓ ମୁଁ ଚଣ୍ଡୀ ମଣ୍ଡପ ଉପରେ ଯାଇ ଉପସ୍ଥିତ ହେଲୁଁ । ମୋର ବିଚାର ଆରମ୍ଭ ହେଲା । ପିତାର ସବିନୟ ପ୍ରାର୍ଥନା, ଆକୁଳ କ୍ରନ୍ଦନ, ମୋର ଛଳଛଳ ଅଶ୍ରୁ, କୌଣସିଥିରେ ସମାଜ ନେତାଏ ବିଚଳିତ ହେଲେ ନାହିଁ । ମୋତେ ସମାଜଚ୍ୟୁତା କଲେ ଏବଂ ମୋତେ ଆଶ୍ରୟ ଦେଲେ ପିତା ମଧ୍ୟ ସମାଜଚ୍ୟୁତ ହେବେ ବୋଲି ରାୟ ଦେଲେ । ପିତାଙ୍କର ଉପାୟ କଣ ? ଆହୁରି ଦୁଇଟି ଭଉଣୀ ବିବାହଯୋଗ୍ୟା ହୋଇ ଘରେ ଅଛନ୍ତି । ବାଧ୍ୟ ହୋଇ ଶାଶୁଙ୍କ ଆଶ୍ରୟକୁ ଧାଇଁଲି । ଜାଣେ ସେଠି କିଛି ଆଶା ନାହିଁ, ତଥାପି ଯଦି ଦାସୀ ଭଳିଆ କାମପାଇଟି କରାଇ

ରଖନ୍ତି । ଯାହା ଭାବିଥିଲି ତାହା ହେଲା ; କୁକୁର ବିରାଡ଼ି ଭଳି ମୋତେ ଦ୍ୱାର ମୁହଁରୁ ତଡ଼ାଇ ଦେଲେ । ବଡ଼ ଧିକ୍କାର ଜନ୍ମିଲା, ବିନା ଅପରାଧରେ ମୁଁ ଆଜି ଅପରାଧୀ ।

ପିତାଙ୍କ ଘରେ ଆଶ୍ରୟ ନାହିଁ—ଶ୍ୱଶୁର ଘର କଥା ତ ତହୁଁ ବେଶି । ପିତାଙ୍କୁ ଦୁଶ୍ଚିନ୍ତାରୁ ମୁକ୍ତ ଦେବା ପାଇଁ ବହୁ ଦୂର ଯାଇ ଦାସୀବୃତ୍ତି କରିବା ପାଇଁ ଘର ଛାଡ଼ି ବାହାରିବାକୁ ବାଧ ହେଲି— କିନ୍ତୁ ଭଙ୍ଗା କପାଳ ଯୋଡ଼ି ହେବ କିମିତି ? ଦାସୀବୃତ୍ତି ପାଇଁ ବହୁସ୍ଥାନ ବୁଲିଲି—ମୋ ରୂପ ଓ ବୟସର ଦୁହାଇ ଦେଇ କେହି ରଖିବାକୁ ମଙ୍ଗିଲେ ନାହିଁ । ଭିକ୍ଷାର ଝୁଲି କାନ୍ଧରେ ନେଲି— ସେଥିରେ ମଧ୍ୟ ରୂପ ଓ ବୟସର ଇଙ୍ଗିତ—ଭିକ୍ଷା ମଧ୍ୟ ମିଳୁ ନାହିଁ । ଯହିଁ ଯାଉଛି ରୂପ ଓ ବୟସ ଲୋକର କୁତ୍ସିତ ଆଖିରେ ଜଳ ଜଳ ହୋଇ ଜଳି ଉଠୁଛି । ପୁରୁଷର ଉତ୍ପୀଡ଼ନ, ସମାଜର ଅନ୍ୟାୟ ଶାସନ, କ୍ଷୁଧାର ତାଡ଼ନାରେ ପରିଶେଷରେ ନିଜକୁ ପୁରୁଷ ହାତରେ ଅକାତରରେ ଛାଡ଼ି ଦେବାକୁ ବାଧ ହେଲି । ଦି ବର୍ଷକାଳ ଶାରୀରିକ ଅତ୍ୟାଚାରରେ ଦୁର୍ଭାଗ୍ୟ ରୂପରେ କାଳ ପଡ଼ିଲା—ଯକ୍ଷ୍ମା ଆସି ଦେଖା ଦେଲା । ଉପାର୍ଜିତ ଟଙ୍କା ପଇସା ନିଃଶେଷ ହେଲା—ଏବେ ଦ୍ୱାରେ ଦ୍ୱାରେ ମୁଠାଏ ଅନ୍ନ ପାଇଁ ଘୁରି ବୁଲୁଛି ।"

ପାଗଳ ଠୋ ଠୋ ହସି ଉଠି କହିଲା, "ଓ, ଠିକ୍, ଠିକ୍, ଠିକ୍; ମୁଁ ମଧ୍ୟ ଜାଣେ ତୁମ ଘର ଶ୍ୟାମସୁନ୍ଦରପୁର—ତୁମ ସ୍ୱାମୀ ପ୍ରଶାନ୍ତ—ବାସ୍ତବିକ ତୁମକୁ ଭଲ ପାଉଥିଲା ।"

ରୁଗ୍ଣା ବ୍ୟଗ୍ର ହୋଇ ଉଠି ବସୁଥିଲା—ପାରିଲା ନାହିଁ, ପଡ଼ି ଯାଇ ଅକୁଳ ଆବେଗରେ ପଚାରିଲା, "ତମେ ତାଙ୍କୁ ଜାଣ, ଚିହ୍ନ ?"

"ଖୁବ୍ ଜାଣେ, ଖୁବ୍ ଚିହ୍ନେ, ମୋଠାରୁ ବେଶି ତାଙ୍କୁ ଦେବତାଏ ମଧ୍ୟ ଚିହ୍ନନ୍ତି ନାହିଁ ।"

"ସେ କଣ ସତେ ସତେ ସମୁଦ୍ରରେ ବୁଡ଼ି ଯାଇଛନ୍ତି ?"

"ସେ ପାଣିରେ ବୁଡ଼ିବ ନି, ନିଆଁରେ ପୋଡ଼ିବ ନି—ସେ ମଲେ ଯୋଗ ସାଧିବ କିଏ ? ବିଲାତ ଯାଇ ପ୍ରଥମ ପ୍ରଥମ ୪।୫ ମାସ ବେଶ ନିରୀହ ପିଲା ପରି ମନପ୍ରାଣ ଢାଳି ପଢ଼ାଶୁଣା କଲା— ତାପରେ ବିଲାତି ମୋହରେ ପଡ଼ି, ବିଲାତି କୁହୁକିନୀର କୁହୁକ ଜାଲରେ ପଡ଼ି ସ୍ତ୍ରୀକୁ ଭୁଲିଲା, ପିତାଙ୍କୁ ଭୁଲିଲା, କର୍ତ୍ତବ୍ୟ ଭୁଲିଲା—ସ୍ୱଦେଶ, ସ୍ୱଜନ ସବୁ ଭୁଲି ପୂଜା କଲା ବିଲାତି କୁହୁକିନୀଦଳର । ମିଲିଅ, ରୋଜ୍ ପ୍ରଭୃତି ଅଗଣ୍ୟ ଡାକିନୀର ସେବା କରି ମଧ୍ୟ ତୃଷା ତାର ମେଣ୍ଟିଲା ନାହିଁ—ପରିଶେଷରେ ଦୃଷ୍ଟି ପଡ଼ିଲା ଡୋରା ଉପରେ । ଡୋରା ଜଣେ ବିଧବାର ଏକମାତ୍ର କନ୍ୟା । ମା, ଝିଅ ଦୁହେଁ ଜୀବନ କାର୍ଯ୍ୟରେ ଜୀବିକା ନିର୍ବାହ କରନ୍ତି । ଡୋରା ଟାଇପ୍‌ରାଇଟିଂ ଜାଣେ ଶୁଣି ତାଙ୍କୁ କାମରେ ନିଯୁକ୍ତ କଲି । ସେ କିନ୍ତୁ ନିଜ ଇଚ୍ଛାନୁସାରେ କାମ କରେ— କାମ ସାରି ଚାଲିଯାଏ । ତାଙ୍କୁ ପାଇବାରେ କଠିଣ ଦେଖି ତୃଷା ବଢ଼ି ଉଠିଲା । ଡୋରା କିନ୍ତୁ ଗରିବ କନ୍ୟା-ହେଲେ କଣ ହେବ ସେ ବଜାରିଆ ନୁହେଁ । ପ୍ରଶାନ୍ତର କରୁଣ ଅନୁନୟରେ ସେ ବିବାହ କରିବାକୁ ସ୍ୱୀକାର କଲା । ଏ ସମୟରେ ପ୍ରଶାନ୍ତ ବରାବର ପିତାମାତାଙ୍କୁ ପତ୍ର ଦିଏ ଏବଂ ଗୋପନ ପ୍ରେରିତ ଅର୍ଥ ପାଇ ବର୍ଦ୍ଧିତ ହୁଏ । ସହସା ପିତାମାତାର ଏଡ଼େ ପରିବର୍ତ୍ତନ କିଆଁ ? କାହିଁକି ଏ ଦରଦ ? ଗଭୀର ଭାବରେ ଭାବିବାର ତାର ଅବସର କାହିଁ ? ଅଜସ୍ର ଅର୍ଥ ଆସୁଛି—ଡୋରା ଭଳିଆ ରୂପସୀ ତରୁଣୀ ପତ୍ନୀ ପାଶରେ ସପ୍ତମ ସ୍ୱର୍ଗର ସୁଖ ଛାଡ଼ି ଏସବୁ ତୁଚ୍ଛ କଥା ଭାବେ କିଏ ? ଡୋରାକୁ ଛାଡ଼ି ଘରକୁ ଫେରିବାକୁ ମନ ବଳେ ନାହିଁ— ପିତାର ଭୟ ମଧ୍ୟ ରହିଛି, ଡୋରାକୁ ସଙ୍ଗରେ ନେବ କିମିତି ? ସୁତରାଂ ବିଲାତରେ ପଡ଼ି ରହିବା ହିଁ ସମୀଚୀନ । ବର୍ଷକ ପରେ ତାର ପାଇଲା ପିତା ପରଲୋକଗତ । ଗଭୀର ବେଦନା ବୁକୁରେ ବାଜିଲା— ଡୋରାକୁ ନେଇ ଘରକୁ ଫେରିବାକୁ ପ୍ରସ୍ତୁତ ହେଲା- ବେଳେ ଡୋରା ଅସୁସ୍ଥା ହୋଇ ପଡ଼ିଲା । ତାକୁ ଛାଡ଼ି ଆସିବ କିମିତି, ଆସିଥିଲେ ପ୍ରକୃତରେ ସମୁଦ୍ରର ଶୀତଳ ତଳରେ ଆଶ୍ରୟ ପାଇଥାନ୍ତା—ତା କିନ୍ତୁ ହେଲା ନାହିଁ । ୭ ଦିନ ହାସପାତାଲରେ ପଡ଼ି ଡୋରା ଚିର ବିଦାୟ ନେଲା । ପ୍ରଶାନ୍ତର ସେ ଦିନ ବାହାର ଭିତର ଅନ୍ଧକାର—ସେ ବିଲାତରେ ଆଉ ଦଣ୍ଡେ ଘଡ଼ିଏ ତିଷ୍ଠି ପାରୁନାହିଁ । ଆମେରିକାଗାମୀ ଜାହାଜଟିଏ ପାଇ ପରଦିନ ସେଠାକୁ ଚାଲିଲା । ସେଠାରେ କଣ ଶାନ୍ତି ଅଛି ? ନାହିଁ, ନାହିଁ, ନାହିଁ—ଇଉରୋପରେ ନାନା ସ୍ଥାନ ବୁଲି ଶ୍ରାନ୍ତ କ୍ଳାନ୍ତ ହୋଇ ପଡ଼ିଲା । ବେଙ୍କରେ ଟଙ୍କା ମଧ୍ୟ ଆଉ ବେଶୀ ନାହିଁ—ବାଧ ହୋଇ ଘରକୁ ଫେରିଲା—ଠିକ୍, ଠିକ୍, ଠିକ୍, ଘରକୁ ଆସି ଦେଖିଲା କଣ ଜାଣ ? ତାଙ୍କର ନିଯୁକ୍ତ ତାଙ୍କର ବନ୍ଧୁ ଜମିଦାରୀର ହର୍ତ୍ତାକର୍ତ୍ତା କର୍ଜ୍ଜ ମାରି ଦୁଇହଜାର ପଠାଇ ଦଶହଜାର ପେଟରେ ପୂରାଇଛନ୍ତି, ପ୍ରଶାନ୍ତ ତାଙ୍କୁ ବିଶ୍ୱାସ କରୁଥିଲା ନିଜଠାରୁ ଅଧିକ । ପିତାର ମୃତ୍ୟୁ ସମ୍ବାଦ ପାଇ ପ୍ରଶାନ୍ତହିଁ ତାଙ୍କୁ ନିଯୁକ୍ତ କରି ପଠାଇ ଥିଲା । ବିଶ୍ୱାସଘାତକ ବିଶ୍ୱାସର ଯଥେଷ୍ଟ ମୂଲ୍ୟ ଦେଇଗଲା । ପ୍ରଶାନ୍ତ ଗାଁକୁ ଫେରି ଦେଖେ ଜମିଦାରୀ ରଖିବାର ଆଉ ଉପାୟ ନାହିଁ, ବନ୍ଧକ ମୌଜାଗୁଡ଼ିକ ଛଡ଼ାଇବାର କ୍ଷମତା ନାହିଁ, ପୁଣି ମହାଜନଦଳ ନାଲିସ କରି ଡ଼ିଗ୍ରୀ ରଖିଛନ୍ତି । ପ୍ରଶାନ୍ତ ଫେରିବା ଦି ୭ ନ ପରେ ଜମିବାଡ଼ି, ଘରଦ୍ୱାର ସବୁ ଛାଡ଼ି ଏକବସ୍ତ୍ରରେ ବାହାରି ପଡ଼ିଲା—ସେହି ଦିନ ମନେ ପଡ଼ିଥିଲା ତାର ବିବାହିତା ପତ୍ନୀକୁ, ଏତେ କାଳ ପରେ । କାହାକୁ ପଚାରିବ ତା କଥା ? ବାଲ୍ୟ ବନ୍ଧୁ ନିର୍ମଳକୁ ଏକାନ୍ତରେ ପାଇ ତା କଥା ସବୁ ଶୁଣିଲା ଅବଶ୍ୟ ଅନେକ ଅତିରଞ୍ଜିତ ଭାବରେ—ଦୋଷୀ ଯେପରି ତାର ସ୍ତ୍ରୀ— ସମସ୍ତ ଅପରାଧ ତାର ସ୍ୱେଚ୍ଛାକୃତ—ମୁଣ୍ଡ ଘୁରିଗଲା—ତାପରେ ଭାବିଲା, ଠିକ୍ ଠିକ୍ ଠିକ୍ ହୋଇଛି,—ଭୁଲ କାହିଁ ? ନାହିଁ— ନରକର ସଲଖ ପଥରେ ଯିବାକୁ ଚିନ୍ତାମାତ୍ର କ୍ଳେଶ ନାହିଁ । ଠିକ୍ ଠିକ୍ ଠିକ୍ ହୋଇଛି । ବୃନ୍ଦାବନ ପଥରେ ପଥରେ ବୁଲୁଁ ବୁଲୁଁ ଆଜି ତମ ପାଖରେ ଛିଡ଼ା । ଚମତ୍କାର ମିଳନ—ଚମତ୍କାର— ଠିକ୍ ଠିକ୍ ଠିକ୍— ।"



Digitized by srujanika@gmail.com

"ତମେ ତମେ," କହି ରୁଗ୍ଣା ପୁଣି ଉଠି ବସୁଥିଲା— ପଡ଼ିଗଲା । କାତର କଣ୍ଠରେ ଡାକିଲା ଶେଷ ବେଳେ ଯଦି ଆସିଛ, ମୋର ସବୁ ଅପରାଧ କ୍ଷମାକର ଗୋଡ଼ଧୂଳି ଟିକେ ମୁଣ୍ଡରେ ଦିଅ । ମୋର ତ ଆଖିର ଆଲୁଅ ଲିଭିବାକୁ ଆଉ ବେଶୀ ଡେରି ନାହିଁ ।"

"ପବିତ୍ର ଗୋଡ଼ର ଧୂଳି ଖୋଜୁଛ ? ହାୟ ! ତମଠାରୁ ଯେ ମୋର ପାପର ସୀମା ନାହିଁ, କମଳା ! ତମ ମୁଣ୍ଡରେ ଗୋଡ଼ ଦେଲେ କୁଏତ ଗୋଡ଼ରେ ମହାବ୍ୟାଧି ହେବ । ପତିତା ତମେ ନୁହଁ— ପତିତ ମୁଁ । ତଥାପି ମୋର ପାପର ଭାର ବଢ଼ିବ ବୋଲି ତମ ଅନ୍ତିମ ପ୍ରାର୍ଥନା ପୂରଣ କରିବାକୁ ଡରିବି ନାହିଁ," କହି ପାଗଳ ମୁଣ୍ଡରେ ଗୋଡ଼ ଧୂଳି ଦେଇ ରୁଗ୍ଣାର ମୁଣ୍ଡ କୋଳରେ ନେଇ ବସିଲା— ।

ବିଜୁଳି ଆଲୁଅରେ ଦେଖାଗଲା—ପାଗଳାର ମଳି କିତରି ଲୁଗାପଟା ରକ୍ତ ରଙ୍ଗରେ ଲାଲ ହୋଇ ଯାଇଛି—ମୁହଁ ପାଖକୁ ମୁହଁ ନେଇ ପାଗଳା ହସି ଉଠିଲା, "ବାସ୍, ଖତମ୍, ଠିକ୍ ଠିକ୍ ଠିକ୍", କହୁଁ କହୁଁ ସେ ଉନ୍ମୂଳ ବର୍ଷା ମୁଣ୍ଡରେ ନେଇ ଦୌଡ଼ି ଦୌଡ଼ି ଚାଲିଗଲା । କହିବି କଣ ବର୍ଷାର ବିରାମ ନାହିଁ—ଘରେ ଗୋଟାଏ ଶବ ଓ ଏକୁଟିଆ ମୁଁ । ବର୍ଷା ନ ଛାଡ଼ୁଣୁ ବାହାରି ପଡ଼ି ଆମ ସନ୍ଧାର ସମିତିରେ ଖବର ଦେଇ ଘରକୁ ଆସୁଛି ।

ମୋ କଥା ସରିବା ମାତ୍ରକେ ଘରେ ଗୋଟାଏ ରୁଦ୍ଧଶ୍ୱାସର ଗୁରୁଭାର ଅନୁଭବ କଲି—ଚାହିଁ ଦେଖେଁ ସ୍ତ୍ରୀର ଆଖିରେ ଲୁହ, ମାର ଆଖି ଦୁଇଟି ଅଶ୍ରୁଭରା ଚକ୍ ଚକ୍ କରୁଛି— ।

# ଅଭିଭାଷଣ *

ମାନନୀୟ ସଭାପତି ମହାଶୟ ଓ ଉପସ୍ଥିତ ଭଦ୍ରବୃନ୍ଦ,

ଯେଉଁ କୃଷି ଓ ଶିଳ୍ପ ପ୍ରଦର୍ଶନୀଟିର ସମାପନ ସକାଶେ ଅମ୍ଭେମାନେ ଆଜ ସନ୍ଧ୍ୟାରେ ଏଠାରେ ସମବେତ ହୋଇଅଛୁଁ ସେହି ପ୍ରଦର୍ଶନୀଟି ଆଜକୁ ୬ ବର୍ଷ ହେଲା ଶ୍ରୀମନ୍ ମହାରାଜାଙ୍କର ଶୁଭ ଜନ୍ମବାସରରେ ବସି ଆସୁଅଛି । ଅନ୍ନବସ୍ତ୍ର ସମସ୍ୟା ଆମ ଦେଶର ପ୍ରଧାନ ସମସ୍ୟା । ଏହି ସମସ୍ୟାଟିର ସମାଧାନରେ ସହାୟତା କରିବାହିଁ ଏ ପ୍ରଦର୍ଶନୀର ଉଦ୍ଦେଶ୍ୟ । ଏହି ଦରିଦ୍ର ନାରାୟଣର ସେବା ଓ ଦରିଦ୍ରର ଦୁଃଖମୋଚନ ରୂପ ପୁଣ୍ୟ କର୍ମଟି ଯେ ଏହି ଶୁଭଦିନ କାର୍ଯ୍ୟ ନିର୍ଘଣ୍ଟରେ ସ୍ଥାନ ପାଇଛି ଏହା ଅତ୍ୟନ୍ତ ସ୍ୱାଭାବିକ । ଶ୍ରୀମନ୍ ମହାରାଜାଙ୍କର ମହାନୁଭବତାରୁ ଏହାର ଜନ୍ମ ଓ କେବଳ ତାଙ୍କର ଦାନ ଓ ଯତ୍ନରେ ଏ ଶିଶୁ ଅନୁଷ୍ଠାନଟି ଲାଳିତ ପାଳିତ ହୋଇ ଉତ୍ତରୋତ୍ତର ଶ୍ରୀବୃଦ୍ଧି କରିବାକୁ ସମର୍ଥ ହୋଇ ପାରିଛି । ଶିକ୍ଷା ଓ ଆତ୍ମନିର୍ଭରଶୀଳତାର ପ୍ରସାର ସଙ୍ଗେ ସଙ୍ଗେ ଯେତେବେଳେ ଏ ଅନୁଷ୍ଠାନଟି ଜନସାଧାରଣଙ୍କର ସ୍ନେହ ଓ ସହାନୁଭୂତି ଉପରେ ପ୍ରତିଷ୍ଠିତ ହୋଇ ପାରିବ ଓ ଶ୍ରୀମନ୍ ମହାରାଜାଙ୍କର ଆଶିଷ ଘେନି ନାନାଭାବରେ ନିଜକୁ ଜନସେବାରେ ନିୟୋଜିତ କରିପାରିବ ସେତେବେଳେ ଯାଇ ଏହାର ପୂର୍ଣ୍ଣ ସାର୍ଥକତା ।

କୃଷି ଓ ଶିଳ୍ପର ଉନ୍ନତି ବ୍ୟତିରେକେ ଏହି ଅନ୍ନବସ୍ତ୍ର ସମସ୍ୟାର ସମାଧାନ ସମ୍ଭବ ନୁହେଁ । ଆମ ଦେଶର ଯେକୌଣସି ଅର୍ଥନୈତିକ ପରିକଳ୍ପନା ବା Economic Planning ମଧ୍ୟରେ କୃଷିର ସ୍ଥାନ ଯେ କେତେ ଉଚ୍ଚ ତାହା ମାନନୀୟ ବଡ଼ଲାଟ The Marquess of Linlithgow ମହୋଦୟଙ୍କର 'The Indian Peasant' ନାମକ ପୁସ୍ତକର ନିମ୍ନୋଦ୍ଧୃତ ଅଂଶରୁ ସହଜେ ପ୍ରତୀୟମାନ ହେବ :—

"India's wealth in an overwhelming degree is in her agriculture; and upon the fields of her cultivators is found the whole structure of India's Economy. The peasant, now as ever, is the chief source and creator of both her wealth and her greatness, and of him it may with truth be said that he is India."

କୃଷି ସହିତ ଶିଳ୍ପ ବାଣିଜ୍ୟର ଏପରି ଘନିଷ୍ଠ ସମ୍ବନ୍ଧ ଯେ ଶିଳ୍ପ ବାଣିଜ୍ୟର ଉନ୍ନତି ବ୍ୟତିରେକେ କୃଷିର ଉନ୍ନତି ସ୍ଥାୟୀ ହେବା ସମ୍ଭବ ନୁହେଁ । ମୁଁ ଅବଶ୍ୟ ଏଠାରେ ବଡ଼ ବଡ଼ ଶିଳ୍ପ ବାଣିଜ୍ୟ ବିଷୟ ବିଚାର କରୁନାହିଁ । ସେ ପ୍ରକାର ଶିଳ୍ପ ବାଣିଜ୍ୟ ମାନଙ୍କର ପ୍ରତିଷ୍ଠାନ ସାଧାରଣଙ୍କ ପକ୍ଷରେ ସମ୍ଭବ ନୁହେଁ କିନ୍ତୁ ନାନାବିଧ ଗ୍ରାମ୍ୟ ବା କୁଟୀରଶିଳ୍ପର ପ୍ରତିଷ୍ଠାନ ଓ ଉନ୍ନତି ଜନସାଧାରଣଙ୍କ ପକ୍ଷରେ ସମ୍ଭବ ଓ ଅତ୍ୟନ୍ତ ଆବଶ୍ୟକ ।

ଆମ୍ଭମାନଙ୍କ ଦେଶପରି ଯେଉଁଠାରେ କୃଷିର ଫଳାଫଳ ଆକାଶର ବାରିଧାରା ଉପରେ ମୁଖ୍ୟତଃ ନିର୍ଭର କରେ ସେଠାରେ ଏହିସବୁ ଶିଳ୍ପ ବାଣିଜ୍ୟର ଆବଶ୍ୟକତା ଯେ କେତେ ଅଧିକ ତାହା ସହଜେ ଅନୁମେୟ ।

କୃଷକ ଓ ଶିଳ୍ପୀର ଉନ୍ନତି ବ୍ୟତିରେକେ କିନ୍ତୁ କୃଷି ଓ ଶିଳ୍ପର କୌଣସି ଉନ୍ନତି ସମ୍ଭବ ବା ସ୍ଥାୟୀ ହୋଇ ପାରିବ ନାହିଁ । ଏହି ସତ୍ୟଟିର ଉପଲବ୍ଧି ଅଭାବରୁ ଭାରତବର୍ଷର

* ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀର ଶେଷ ଉତ୍ସବରେ ଡେଭଲପ୍‌ମେଣ୍ଟ ବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ରାଧା ଗୋବିନ୍ଦ ଦାସଙ୍କ ପ୍ରଦତ୍ତ ଭାଷଣ ।



ଡ

Digitized by srujanika@gmail.com

ନାନା ପ୍ରଦେଶ ଓ ରାଜ୍ୟରେ ସରକାର ତରଫରୁ କୃଷି ଓ ବାଣିଜ୍ୟର ଉନ୍ନତି ପାଇଁ ଯେଉଁସବୁ ଚେଷ୍ଟା ହେଉଛି ତାହା ସଫଳ ହୋଇ ପାରୁନାହିଁ । ଇଉରୋପ ଓ ଆମେରିକାର ରାଜ୍ୟମାନଙ୍କରେ ଯେପରି ସହର ବଜାର ଘେନି ଦେଶ, ଭାରତବର୍ଷରେ ସେପରି ନୁହେଁ ; ଏ ଦେଶରେ ଖୁବ୍ ଅଧିକ ସଂଖ୍ୟକ ଲୋକେ ଗ୍ରାମ ଗହଳରେ ବସବାସ କରନ୍ତି । ପ୍ରତି ୧୦୦ ଜଣ ଭାରତବାସୀଙ୍କ ମଧ୍ୟରେ ମାତ୍ର ୧୧ ଜଣ ସହରରେ ଘର କରି ରହନ୍ତି । ଭାରତବର୍ଷକୁ ଲକ୍ଷ ଲକ୍ଷ ଗ୍ରାମର ସମଷ୍ଟି ମାତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଗ୍ରାମଗୁଡ଼ିକର ସମସ୍ୟାମାନ ପରସ୍ପର ସହିତ ଏପରି ଘନିଷ୍ଠ ଭାବରେ ସଂପୃକ୍ତ ଯେ କୌଣସି ଗୋଟିକରୁ ଅନ୍ୟ ଗୁଡ଼ିକୁ ପୃଥକ୍ କରି ହେବନାହିଁ ଓ କୌଣସି ଗୋଟିଏ ସମସ୍ୟା ଧରି ତାର ପୃଥକ୍ ସମାଧାନ କରିବାକୁ ଚେଷ୍ଟା କଲେ ତାହା ନିଶ୍ଚୟ ବିଫଳ ହେବ । କୃଷି ଓ ଶିଳ୍ପର ଉନ୍ନତି ଗ୍ରାମ-ଗହଳର ଗୋଟିଏ ଗୋଟିଏ ସମସ୍ୟା ହୋଇଥିବାରୁ ସେ ଗୁଡ଼ିକର ସମାଧାନ ସମଷ୍ଟିଭାବରେ କରିବାକୁ ହେବ । ଏହା କରିବା ପୂର୍ବରୁ ବୁଝିବାକୁ ହେବ—ଆମ ଗ୍ରାମମାନଙ୍କର ଏ ଦୁର୍ଗତି ହୋଇଛି କାହିଁକି ? ଅବଶ୍ୟ ଅନେକ କାରଣରୁ ଏହି ଅବସ୍ଥାର ସୃଷ୍ଟି ହୋଇଛି କିନ୍ତୁ ସବୁ ମୂଳରେ ହେଉଛି ଉଦାସୀନତା (Inertia) । ଏହି ସର୍ବବ୍ୟାପୀ ଉଦାସୀନତାହିଁ ଦେଶର ଲୋକମାନଙ୍କୁ ଧ୍ୱଂସଆଡ଼କୁ ଘେନି ଯାଉଛି । ସାଧାରଣ ଗ୍ରାମବାସୀ ଯେ ଉଦାସୀନ ତାର କାରଣ ପ୍ରଥମତଃ ଶିକ୍ଷାର ଅଭାବ । ସେ ଜାଣେନା କଣ କଲେ ଗ୍ରାମକୁ ଶ୍ରୀସମ୍ପନ୍ନ ଓ ସୁଖଶାନ୍ତିମୟ କରିହେବ । ଏଠାରେ ଶିକ୍ଷାର ଅର୍ଥ କେବଳ ଲେଖିପଢ଼ି ଜାଣିବା ନୁହେଁ, ଲେଖାପଢ଼ା ସଙ୍ଗେ ସଙ୍ଗେ ସବୁ କାମର ଭଲମନ୍ଦ ବିଚାର କରି କାର୍ଯ୍ୟ କରିବାହିଁ ଶିକ୍ଷା । ଦ୍ୱିତୀୟତଃ କୌଣସି ପ୍ରକାରେ ଆଲୋକ ମିଳିଲେ ମଧ୍ୟ ସେହି ନିର୍ଦ୍ଦେଶ ଘେନି କାର୍ଯ୍ୟ କରିବାକୁ ପ୍ରୟୋଜନୀୟ ଆଗ୍ରହ ଓ ଉତ୍ସାହର ଅଭାବ ; ତୃତୀୟତଃ—କୌଣସି କୌଣସି କ୍ଷେତ୍ରରେ ଆଗ୍ରହ ଥିଲେ ମଧ୍ୟ ତାକୁ ସ୍ଥାୟୀ କରି କାର୍ଯ୍ୟକାରୀ କରାଇବା ପାଇଁ ଗ୍ରାମମାନଙ୍କରେ ସଂଗଠନର ଅଭାବ ।

ଯୁଗ ଯୁଗ ଧରି ଏହି ଯେଉଁ ଉଦାସୀନତା ଆମ୍ଭମାନଙ୍କ ଅଧୋଗତିର ମୁଖ୍ୟ କାରଣ ହୋଇଛି ସେଥିରୁ ମୁକ୍ତି ପାଇବାକୁ ହେଲେ ବଳିଷ୍ଠ ସଂଗଠନ ଆବଶ୍ୟକ । ସମ୍ମିଳିତ ଚେଷ୍ଟା ନ ହେଲେ ଏ ସବୁ ସଂଗଠନ ସମ୍ଭବ ନୁହେଁ । ଏ ସମ୍ପର୍କରେ ଆମ୍ଭମାନଙ୍କର ମହାମାନ୍ୟ ବଡ଼ଲାଟ The Marquess of Linlithgow ଭାରତ କୃଷି-ସମ୍ପର୍କୀୟ Royal Commission (The Royal Commission on Agriculture in India) ର ସଭାପତିରୂପେ ଯେଉଁ ରିପୋର୍ଟ ଲେଖିଛନ୍ତି ସେଥିରୁ ନିମ୍ନଲିଖିତ ଅଂଶ ଉଦ୍ଧାର କରିବା ଆବଶ୍ୟକ ମନେକରୁଛି :—

"If the inertia of centuries is to be overcome, it is essential that all the resources at the disposal of the State should be brought to bear on the problem of rural uplift. What is required is an organised and sustained effort by all those departments whose activities touch the lives and the surroundings of the rural population."

ବଡ଼ଲାଟ ବାହାଦୁରଙ୍କର ଏହି ସାରଗର୍ଭକ ଉକ୍ତିଟି ଆମ୍ଭମାନଙ୍କର ବିଶେଷ ପ୍ରଣିଧାନର ଯୋଗ୍ୟ । ମୁଁ କେବଳ ଗୋଟିଏ କଥା ମାତ୍ର ଏଥିରେ ଯୋଗ କରିବାକୁ ଇଚ୍ଛା କରେ । ତାହା ହେଉଛି ;—କେବଳ ସରକାରୀ ନୁହେ ଯେତେଦୂର ସମ୍ଭବ ବେସରକାରୀ ସାହାଯ୍ୟ ଓ ସହାନୁଭୂତି ମଧ୍ୟ ଏହି କଠିନ କାର୍ଯ୍ୟର ସମାଧାନ ସକାଶେ ବିଶେଷ ଲୋଡ଼ା ।

ଖୁବ୍ କଳା ମେଘରେ ଯେପରି ବିଦ୍ୟୁତ୍ ଝଲକ ପ୍ରକାଶ ପାଇଥାଏ ସେହିପରି ମହାଧ୍ୱଂସକାରୀ ଯୁଦ୍ଧବିଗ୍ରହ ମଧ୍ୟରେ ଜାତୀୟ-ଜୀବନର ବିକାଶ ଓ ସଂଗଠନର ଅସାଧାରଣ ସୁଯୋଗ ମିଳିଥାଏ । ଗତ ଇଉରୋପୀୟ ମହାଯୁଦ୍ଧ ବେଳେ ଓ ତାହାର ଅବ୍ୟବହିତ ପରେ ମୟୂରଭଞ୍ଜର କୃଷକକୁଳର ହାତକୁ ଯେଉଁ ପ୍ରଚୁର ଧନ ଆସିଥିଲା ତାହା ଯଦି ଅଯଥା ଖରଚ ଓ ବିଳାସ ବ୍ୟସନରେ ବ୍ୟୟିତ ନ ହୋଇ ସଂଗଠନ ବଳରେ କୃଷିବାଣିଜ୍ୟର ଉନ୍ନତି କଲେ ଓ ସେମାନଙ୍କର ମହତ୍ତର ଜୀବନ ଯାପନର ଭିତ୍ତି ସ୍ୱରୂପ ବ୍ୟବହୃତ ହୋଇଥାନ୍ତା ତାହାହେଲେ ଏ ରାଜ୍ୟ, ଗତ କୋଡ଼ିଏ ବର୍ଷ ମଧ୍ୟରେ ଉନ୍ନତିପଥରେ ଅନେକ ଦୂର ଅଗ୍ରସର ହୋଇ ପାରିଥାନ୍ତା । ବର୍ତ୍ତମାନ ପୁନର୍ବାର ଇଉରୋପରେ ଯେଉଁ ମହାସମର ଆରମ୍ଭ ହୋଇଛି ତାହା ଆଉଥରେ ଏପରି ସୁଯୋଗ ଆଣିଦେବ ବୋଲି ସୂଚନା ଦେଉଛି । ଅତଏବ ଗ୍ରାମ-ସଂଗଠନର ଏହା ଗୋଟିଏ ପ୍ରଶସ୍ତ ଅବକାଶ । ଆମ୍ଭେମାନେ ଯଦି ଏହି ସୁଯୋଗକୁ ମଧ୍ୟ ହରାଉଁ ତାହାହେଲେ ଆଉଥରେ ଆମ୍ଭମାନଙ୍କୁ ପଛକୁ ହଟି ଯିବାକୁ ହେବ ।

ଏ ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ଅନେକ ଶିକ୍ଷିତ ଚିନ୍ତାଶୀଳ ବିଶିଷ୍ଟ ବ୍ୟକ୍ତି ଆଜି ଏଠାରେ ଉପସ୍ଥିତ ଅଛନ୍ତି । ଉପରୋକ୍ତ ବିଷୟଟି ପ୍ରଣିଧାନ କରିବା ପାଇଁ ମୁଁ ସେମାନଙ୍କୁ ନିବେଦନ କରୁଛି ।

ଏବର୍ଷ ପ୍ରଦର୍ଶନୀଟିକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ ଯେଉଁସବୁ ବାଧାବିଘ୍ନ ଘଟିଛି ସେ ବିଷୟ ମୁଁ ମୋର ପ୍ରାରମ୍ଭିକ ଭାଷଣରେ ସୂଚନା ଦେଇଥିଲି । ବାସ୍ତବିକ ପୂର୍ବ ବର୍ଷମାନଙ୍କ ତୁଳନାରେ ଏ ବର୍ଷର ଦର୍ଶନୀୟ କୃଷିପଦାର୍ଥମାନ କେତେକାଂଶରେ ଊଣା ଓ ନିକୃଷ୍ଟ ହୋଇଛି । ଅବଶ୍ୟ ପାଣିପାଗର ଅବସ୍ଥା ଏହାର ପ୍ରଧାନ କାରଣ । ଭଲ ଭଲ ଦର୍ଶନୀୟ କୃଷିପଦାର୍ଥ ଆଣି ଦେଖାଇବାରେ ଗତବର୍ଷ ସ୍ଥାନୀୟ ରୟତମାନଙ୍କର ଯେପରି ଆଗ୍ରହ ଦେଖା ଯାଇଥିଲା ଏବର୍ଷ ତାହାର



Digitized by srujanika@gmail.com

ଅଭାବ ଅବଶ୍ୟ ଘୋଚିବ ବିଷୟ କାରଣ ଯେ କୌଣସି କାର୍ଯ୍ୟରେ ଉତ୍ସାହକୁ ସ୍ଥାୟୀ କରି ନ ପାରିଲେ ସିଦ୍ଧିଲାଭ ହୁଏ ନାହିଁ ।

ପୁରସ୍କାର ପାଇବା ପାଇଁ ଯେ କେବଳ ପ୍ରଦର୍ଶନୀକୁ ପଦାର୍ଥ ଆଣିବା ଆବଶ୍ୟକ ଏପରି ଧାରଣା ଭ୍ରମପୂର୍ଣ୍ଣ । ଯେଉଁମାନେ ଭଲ ଚାଷୀ ସେମାନଙ୍କର ନିଜ ନିଜର ଉତ୍କୃଷ୍ଟ ଫସଲମାନ ପ୍ରଦର୍ଶନୀକୁ ଆଣି ଦେଶର ଚାଷୀଭାଇମାନଙ୍କୁ ଉତ୍ସାହିତ କରିବା କର୍ତ୍ତବ୍ୟ । କୌଣସି ପୁରସ୍କାରର ଆବଶ୍ୟକତା ନଥିଲେ ମଧ୍ୟ ଟାଓ଼ଏର ମହାରାଣୀ ସାହେବା ଓ ମହାରାଣୀ ସାହେବା ଉଭୟ ନିଜ ନିଜ କୃଷି କ୍ଷେତ୍ରରୁ (ଶ୍ରୀ ରାମଚନ୍ଦ୍ରପୁର ଓ ସ୍ୱରୂପପଲ୍ଲୀ) ଉତ୍କୃଷ୍ଟ ଫୁଲ ଫଳ ବହୁ ସଂଖ୍ୟାରେ ପ୍ରତିବର୍ଷ ପ୍ରଦର୍ଶନୀକୁ ପଠାଇ ଆମ୍ଭମାନଙ୍କୁ ଉତ୍ସାହିତ କରୁଅଛନ୍ତି । ପ୍ରତ୍ୟେକ କୃଷି ଚାଷୀଭାଇଙ୍କୁ ମୋର ଅନୁରୋଧ ଯେ ଏହି ଆଦର୍ଶ ଧରି ସେମାନେ ଯେପରି ଭବିଷ୍ୟତରେ ସେମାନଙ୍କର ଉତ୍କୃଷ୍ଟ ଫୁଲ ଫଳ ପ୍ରଦର୍ଶନୀକୁ ପଠାନ୍ତି ।

ଶିଳ୍ପମାନଙ୍କ ମଧ୍ୟରେ ବୟନ ଶିଳ୍ପ ସର୍ବପ୍ରଧାନ । ସୁଖର ବିଷୟ ଯେ ପାଟ, ମଠା, ପଶମ ଓ ସୂତାର ସବୁ ପ୍ରକାର ଲୁଗାପଟା ପ୍ରଦର୍ଶନୀକୁ ଯଥେଷ୍ଟ ପରିମାଣରେ ଆସିଛି ଓ ଗତବର୍ଷ ତୁଳନାରେ ସେ ଗୁଡ଼ିକ ଅଧିକ ସୁନ୍ଦର ଓ ରୁଚିକର ହୋଇଛି । କାଠକର ଖିଙ୍ଗକାମ ଓ ତାରକସି ଗହଣା ଓ ଉନ୍ନତ ଚରଖା ଫଇର ଖୁବ ବେଶ୍ ଚିତ୍ତାକର୍ଷକ ହୋଇଛି । ବେତନଟି ନିକଟ ଆମ୍ଭ ଯୋଡ଼ାର ପ୍ରଦର୍ଶିତ ମାଟିଭାଣ୍ଡ, ଟୁରେଇ, ଜର୍ ଇତ୍ୟାଦି ମନ୍ଦ ହୋଇ ନାହିଁ । ଟିକିଏ ଭଲ ରଙ୍ଗ ଦେଇ ଚିକ୍କଣ କରି ପାରିଥିଲେ ଖୁବ୍ ସୁନ୍ଦର ହୋଇ ପାରିଥାନ୍ତା । ଯାହାହେଉ ଜଣେ ସ୍ଥାନୀୟ କୁମ୍ଭକାର ପକ୍ଷରେ ଏହି ନୂତନ ଉଦ୍ୟମ ପ୍ରଶଂସନୀୟ । ଶିରୁକଲା ବିଭାଗରେ ଅନେକ ଗୁଡ଼ିଏ ପଦାର୍ଥ ବେଶ୍ ସୁନ୍ଦର ଓ ଦର୍ଶନୀୟ ହୋଇଛି ।

ଅନ୍ୟାନ୍ୟ ଶିଳ୍ପଜାତ ଦ୍ରବ୍ୟର ସଂଖ୍ୟା ଆଶାନୁରୂପ ହୋଇନାହିଁ । ବିଶେଷତଃ ଲୁହାକାମ ଓ ଖିଚିଙ୍ଗର ସୁନ୍ଦର ପଥର ବାସନ ଏ ବର୍ଷ ପ୍ରଦର୍ଶନୀକୁ ଆସି ପାରିନାହିଁ । ହାତକଟା ସୂତା ଓ ସ୍ଥାନୀୟ ଗଛପତ୍ରରୁ ବାହାରିଥିବା ରଙ୍ଗ ସକାଶେ ବିଶେଷ ପୁରସ୍କାର ଘୋଷଣା କରି ହୋଇଥିଲେ ମଧ୍ୟ ଏ ଦୁଇଟି ଜିନିଷ ଅତି ଅଳ୍ପ ପରିମାଣରେ ପ୍ରଦର୍ଶିତ ହୋଇଛି । ମୁରୁଡ଼ା ପ୍ରଗନାର ସର୍ଦ୍ଦାର ଶ୍ରୀ ଗୋପବନ୍ଧୁ ପଟ୍ଟନାୟକଙ୍କର ତତ୍ତ୍ୱାବଧାନରେ କପାଚାଷ ଓ ସୂତାକଟାର ଗୋଟିଏ କର୍ମ ଯୋଜନା ଏ ବର୍ଷ ସରକାର ଗ୍ରହଣକରି କାର୍ଯ୍ୟ ଆରମ୍ଭ କରିବା ଆପାଇଁ ପ୍ରୟୋଜନୀୟ ଟଙ୍କା ମଞ୍ଜୁର କରିଛନ୍ତି । ଆଶା କରାଯାଏ, ଆସନ୍ତା ବର୍ଷକୁ ମୟୂରଭଞ୍ଜର କପା, ହାତକଟା ସୂତା ଓ ତହିଁରୁ ପ୍ରସ୍ତୁତ ଲୁଗା ବହୁଳ ପରିମାଣରେ ପ୍ରଦର୍ଶିତ ହୋଇ ପାରିବ । ଦୁଇଶତ ବର୍ଷ ପୂର୍ବେ ଯେଉଁ ଦେଶର ମସଲିନ, ମଠାଲୁଗା ଓ ପଟ୍ଟାରିଙ୍ଗଙ୍କବା ଲୁଗା ବାଲେଶ୍ୱର ବନ୍ଦରରୁ ବିଲାତକୁ ରପ୍ତାଣି ହେଉଥିଲା ଚେଷ୍ଟାକଲେ ଯେ ସେ ଲୁପ୍ତ ଶିଳ୍ପର ପୁନରୁଦ୍ଧାର ହୋଇ ନ ପାରିବ ଏହାର କୌଣସି କାରଣ ନାହିଁ ।

ବୌଦ ଓ ଅଠମଲ୍ଲିକ ଦରବାର ଦୂରତ୍ୱ ଓ ବହୁବ୍ୟୟ ସତ୍ତ୍ୱେ ଏହି ପ୍ରଦର୍ଶନୀରେ ଯୋଗଦାନ କରି ଯେ ଆମ୍ଭମାନଙ୍କୁ ଉତ୍ସାହିତ କରି ଅଛନ୍ତି ଏଥିପାଇଁ ଆମ୍ଭେମାନେ ସେମାନଙ୍କଠାରେ ବିଶେଷ ଋଣୀ । ଆଶାକରୁଁ ଭବିଷ୍ୟତରେ ସେମାନଙ୍କଠାରୁ ଓ ଅନ୍ୟାନ୍ୟ ଦରବାର ମାନଙ୍କଠାରୁ ଏହିପରି ସାହାଯ୍ୟ ଓ ସହାନୁଭୂତି ପାଇ ପାରିବୁଁ । ବୌଦର ଲୁଗାବୁଣା ପରିପାଟୀ ଓ ଅଠମଲ୍ଲିକର ସ୍ଥାନୀୟ ସୁଲଭ ପଦାର୍ଥମାନଙ୍କରୁ ନାନା ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥମାନ ପ୍ରସ୍ତୁତ କରିବାର କୌଶଳ ବିଶେଷ ପ୍ରଶଂସନୀୟ ଓ ସ୍ଥାନୀୟ କାରିଗରମାନଙ୍କ ପକ୍ଷରେ ଶିକ୍ଷଣୀୟ ।

# ଅପରାଜିତ

**ଶ୍ରୀ ମହେଶ୍ୱର ନାୟକ**

( ଗଙ୍ଗାସ୍ନାନାନ୍ତେ କର୍ଣ୍ଣ ସୂର୍ଯ୍ୟୋପାସନା କରୁଥିଲେ । )

କର୍ଣ୍ଣ— ପ୍ରଣାମ ଚରଣେ ତବ, ନିଖିଳ ବିଶ୍ୱର
ତିର ଆରାଧ୍ୟ ନମସ୍ୟ ! ନିଖିଳ ହୃଦର
ପୁଞ୍ଜୀଭୂତ ତମପୁଞ୍ଜେ ଯୁଗ ଯୁଗ ଧରି
ଅକ୍ଳାନ୍ତ ଅଶାନ୍ତ ତବ ଅରୁଣ ତୂଳିକା
ଗୃହ ଗୃହଅଛ ଚିର-ମୁଗ୍ଧ ଶିଳ୍ପୀ ପରି;
କଳା ସର୍ଜନାର ମହା ଅବଦାନ ରୂପେ
ଅମୃତାଙ୍ଗୀ ଉଷାକନ୍ୟା ଅଧର ପଲ୍ଲବେ
ଫୁଟାଇଛ ଯେଉଁ ଫୁଲ୍ଲ ଅରବିନ୍ଦ ହାସ,
ପ୍ରେରଣାର ଉତ୍ସ ତାହା କୋଟି ଶିଳ୍ପୀଙ୍କର
କୋଟି ଯୁଗେ ।

ହେ ଦେବତା, କିନ୍ତୁ କହ ଦେଖି
ମାନବ ସମାଜେ ଚିର ଅବହେଳିତ ଯେ
ହେୟ, ଘୃଣ୍ୟ,— ଅତିରିକ୍ତ ଅଙ୍ଗସମ, ତାର
ମାନସସରୋବରରେ ଯେବେ ସୁବର୍ଣ୍ଣ କମଳ
ଫୁଟେଇ ଅଜ୍ଞାତେ, ତହିଁ କେଉଁ ଅଧିକାରେ
କେଉଁ ଆକର୍ଷଣେ କର ମାୟା ବରଷଣ ?
କରୁଣା ? ମୋ ପ୍ରତି ? ନାହିଁ ପ୍ରୟୋଜନ ମୋର;
ଚିର ପୌରୁଷ ପ୍ରତ୍ୟାର୍ଥୀ, ଜନମ ଅବଧି
ଘୃଣାକରେ କରୁଣା ମୁଁ ।

( ଛଦ୍ମବେଶୀ ଇନ୍ଦ୍ର ପ୍ରବେଶ କରି )



Digitized by srujanika@gmail.com

ଇନ୍ଦ୍ର— କେ ତୁମେ ତରୁଣ ?
କବଚ-କୁଣ୍ଡଳ-ଧାରୀ ? ତରୁଣ ଅରୁଣ—
ଜ୍ୟୋତି ଧରି ଅଙ୍ଗେ ଯେବେ ପୁଣି ଦିଅ ଅର୍ଘ୍ୟ
ସବିତାରେ ?
କର୍ଣ୍ଣ— କର୍ଣ୍ଣ ମୁହିଁ ଅଧିରଥ ସୁତ
ସମାଜ ପ୍ରକ୍ଷିପ୍ତ । ଜନ୍ମ କର୍ମ ବେନି ମଧ୍ୟେ
ମାନବର ଅଧିକାର ଶେଷେ ମାତ୍ରକ,
ଜାଣି ଯଦି କଲି ମୁହିଁ କରମ ସାଧନା
ଦେବତାଏ ହେଲେ ବାମ ସ୍ୱର୍ଗଧାମେ । ଶୁଣ,
ଦେବତୋଷ ବିଧି ଏଣୁ କଲି ବିସର୍ଜନ;
ଦୁର୍ବଳର କାକୁତି ସେ, ଛାଡ଼ ସେହିକଥା;
କିନ୍ତୁ ପାରିଲିନି ପରିହରି ଭାନୁପୂଜା,
କେଉଣ ନିଗୂଢ଼ ସୂତ୍ରେ ତାଙ୍କ ତେଜପୁଞ୍ଜେ
ଯୋଖା ଏ ପରାଣ ମମ କେ ଜାଣି, ସେ ଲାଗି
ଅତରେଁ ଏ ଉପାସନା ।
ଶୁଣିଲ ମୋ କଥା,
ତୁମେ କେ ଅପରିଚିତ ? କିବା ପ୍ରୟୋଜନେ
ଆଗମନ ଏଥି ତବ ?
ଇନ୍ଦ୍ର— କର୍ଣ୍ଣ ତୁମେ ! ଯାର
ଅନନ୍ତ ପୁରୁଷକାର, ମହାଦାନୀ ପଣ
ସସାଗରା ଧରା ପୂରି ଊର୍ଦ୍ଧ୍ୱେ ଦିବଲୋକେ
କରିଅଛି ଚମତ୍କୃତ ସ୍ୱୟଂ ଦେବରାଜେ;
ଚିରନ୍ତନ ସୁଖ ଦୁଃଖ, ଦୈନ୍ୟ ଦୁର୍ବିପାକ,
କଳୁଷ କାଳିମାମୟ ମାଟିର ଏ ମର୍ତ୍ତ୍ୟେ
ଏ ସୌଭାଗ୍ୟ ଅଧିକାରୀ ଦେଖିଲେ ମାନବେ
ଈର୍ଷାକୁଳ ଦେବତାଏ ହେବେ ଧାର, ଏଥି
କି ଅଛି ବିଚିତ୍ର ରାଜା ? ବୁଝିଲିନି କିନ୍ତୁ,
ଆପଣା ଶକତି ପରେ ଏତେ ଆସ୍ଥା ଯାର
ଦେବ ଅନୁଗ୍ରହ ଯାର ଅନାଦୃତ, ହେୟ,
ସେ ଦିଏ ଭାନୁରେ ଅର୍ଘ୍ୟ !
କର୍ଣ୍ଣ— କହୁଛି ତ ମୁହିଁ
ମାଗେ ନା କରୁଣା । ସେ ମୋ ଆତ୍ମାର ତୋଷଣ,
ପ୍ରସାଦନ ପ୍ରବୃତ୍ତିର ମାତ୍ର । ଥାଉ ତାହା,
ଉପସ୍ଥିତ କେଉଁ ଅର୍ଥେ ଅସିଛ ନ କହି
ବୃଥା କରିଯାଅ ମୋର ସୌଭାଗ୍ୟ ପ୍ରଶଂସା,
ପାରେଁ କି ପଚାରି ତବ ପରିଚୟ ?
ଇନ୍ଦ୍ର— ଥାଉ,
ଭିକ୍ଷାର୍ଥୀ ମୁଁ, ପରିଚୟ ଏଥୁଁ ଅଉ ବେଶୀ
କିସ ଦେବି ? ଦାତା ପାଶେ ବାହୁଲ୍ୟ ସକଳ;
ନଦ, ନଦୀ, ଗିରି, ବନ, ବିଲ, ପ୍ରାନ୍ତ ଭେଦି
ଗଣେ ନା ଜୀମୂତ, ଚିର ବକ୍ଷର ପିଞ୍ଜର
ଚାଲି ଯାଏ ବାରି ଧାରା ତୃଷାତୁର ମୁଖେ ।

କର୍ଣ୍ଣ— ଭିକ୍ଷାର୍ଥୀ ! ତାହାହିଁ ହେଉ ; ଅନ୍ୟ ପରିଚୟେ
ବ୍ୟଥା ପାଅ ଯଦି, ମୋର ପ୍ରୟୋଜନ ତହିଁ
ନାହିଁ କିଛି । ସତ୍ୟ ତେବେ ଭିକ୍ଷାପ୍ରାର୍ଥୀ ତୁମେ
ସୂତପୁତ୍ର ପାଶେ ?
ଇନ୍ଦ୍ର— କିପାଁ ଅବିଶ୍ୱାସ ଗୁଣୀ !
ସତ୍ୟ ମୁହିଁ ଅସିଅଛି ବହୁଦୂର ପଥ
ଶୁଣି ଭୁବନବିଶ୍ରୁତ ଦାତାପଣ ତବ,
ପୂରାଇବି ଭିକ୍ଷାପାତ୍ର । ଦେଖେଁ ଏଥେ ଯଦି
କାମନାର ଛାୟା ମୋର ପାରେଁ ଅପସାରି ।
କର୍ଣ୍ଣ— ବିଶ୍ୱାସ ମୁଁ କଲି, ମଧ୍ୟ ସାମାନ୍ୟ ଭିକ୍ଷୁକ
ନୁହ ତୁମେ ବୁଝେଁ; କିନ୍ତୁ ଭିକ୍ଷାପାତ୍ର ତବ
ଚିର ଅଭିଜାତ୍ୟ ଗର୍ବ ଅଭିମାନଭରା
ହୀନ ସୂତପୁତ୍ର ଦାନ ପରଶେ କଳୁଷ
ଲାଗିବ କି ନାହିଁ ଭାବି ଦେଖିଛ ତ ଭିକ୍ଷୁ ?
କାମନାର ବୃତ୍ତି ତବ ପୂରି ପାରେ ଏଥି
କିନ୍ତୁ କରିବାକୁ ମୋତେ ଏ ପାପର ଭାଗୀ
ଅଛି ତ ସାହସ ଅବା ଅଧିକାର ତବ ?
ଇନ୍ଦ୍ର— ବିଚାର ସନ୍ଧାନୀ ମୁହିଁ, ଜାଣେ ନାହିଁ ବାଛି
ପାପ କିଏ କେବା ପୁଣ୍ୟ, ଜାଣିଅଛି ମାତ୍ର
ସ୍ୱଚ୍ଛପ୍ରାଣ ଦାତା କରେ ଭରିବାକୁ ମୋର
ଜୀବନର ସାର୍ଥ ସମ ଜୀର୍ଣ୍ଣ ଭିକ୍ଷା ଥାଳି;
ଇଚ୍ଛା ହୁଏ ଦିଅ, ଶୁଦ୍ଧ ନିର୍ମଳ ମାନସେ,
ନତୁବା ଫେରିଲି ମୁହିଁ ଅନ୍ୟ ଦ୍ୱାର ଦେଖି ।
ଶୁଣିଥିଲି କର୍ଣ୍ଣ ସମ ଦାନବୀର ମର୍ତ୍ତ୍ୟେ
ନାହିଁ କେହି, ଦେଖୁଛି ତା ଖାଲି ଶୁଣା କଥା ।
କର୍ଣ୍ଣ— ଚାଟୁକ୍ତିରେ, ସ୍ତୋକ ବାକ୍ୟେ ପାଷାଣ ଦେବତା
ତରଳେ ମୁଁ ଜାଣେ, ଏଣୁ ମିନତି ମୋହର,
ପ୍ରଶଂସିବ ନାହିଁ କର୍ଣ୍ଣେ, ସହଜେ ନର ତ
ପ୍ରଶସ୍ତିପିପାସୁ ଚିର ଦୁର୍ବଳ ତା ପ୍ରାଣ ।
ଇନ୍ଦ୍ର— କହ ତେବେ ଫେରିଯାଏଁ ?
କର୍ଣ୍ଣ— ଫେରିବ ଏତିକେ ?
ରହ କ୍ଷଣେ ! ପ୍ରଶ୍ନର ମୋ ସମାଧାନ ନ କରି
ଫେରି ଯିବ ଶୂନ୍ୟ ହସ୍ତେ ? ଜାଣ ନାହିଁ ତୁମେ
ନିରାଶେ ଫେରେ ନା ପ୍ରାର୍ଥୀ ଅଙ୍ଗରାଜ ପାଶୁ !
ଛାଡ଼ ରୋଷ, ଜନ୍ମଗତ ଲଜ୍ଜା ଅଭିଶାପେ,
କ୍ଷୁଣ୍ଣ ଅନ୍ତରର ବାଣୀ ପ୍ରକାଶି ଯଦ୍ୟପି
କରିଥାଏଁ ଅବିଚାର ଅତିଥିରେ ମୋର
ଭୁଲିଯାଅ ତାହା । ଭିକ୍ଷା ମାଗ ଯଥା ଇଚ୍ଛା
ହେଲେହେଁ ମୁଁ ସୂତପୁତ୍ର ଅଙ୍ଗଦେଶ ପତି,
ବିସ୍ମିତ ଜଗତ ଦେଖୁ—ଦାନେ, ମାନେ, ପ୍ରାଣେ
କୁଳଶୀଳ ଗର୍ବୀ ଠାରୁଁ ତଳେ ନୁହେ ଊଣା ।



Digitized by srujanika@gmail.com

ଇନ୍ଦ୍ର— ହୀନମତି ସୂତପୁତ୍ର କେ କହେ ତୁମ୍ଭଙ୍କୁ ?
ସୂର୍ଯ୍ୟ ଅଂଶେ ଅବତାର ତବ, ଧରା ଧାମେ—

କର୍ଣ୍ଣ— ସୂର୍ଯ୍ୟ ଅଂଶେ ଅବତାର ମମ !

ଇନ୍ଦ୍ର— ସୂର୍ଯ୍ୟ ଅଂଶେ
ଅବତାର ତବ ।

କର୍ଣ୍ଣ— ମିଥ୍ୟା ! ଧୃଷ୍ଟତାର ବି ସୀମା
ଅଛି ଭିକ୍ଷୁ ! ନୁହେଁ ମୁହିଁ ଅଜ୍ଞାନ ବାଳକ
ଭଣ୍ଡାଇବ ମନଲାଖି ମିଥ୍ୟାରେ ଆରୋପି
ସତ୍ୟର ଅସ୍ୱୀକାର୍ଯ୍ୟ ଛାପ ।

ଇନ୍ଦ୍ର— ଶୁଣ ମତିମାନ
ଅଦ୍ଭୁତ ଏ ସୃଷ୍ଟି ତାର ଅନନ୍ତ ପ୍ରକାରେ
ପୂରିଛି ରହସ୍ୟ ଯେତେ, ସସୀମ ଦୃଷ୍ଟିରେ
ପାରିଛି କି କଳି ସବୁ ନର କ୍ଷୁଦ୍ରବୁଦ୍ଧି ;
ଏପରି ବି ଦିନ ଆସେ, ଯେବେ ଅତର୍କିତେ
ଦେଖିବ ମୁଁ ନୁହେ ତାହା ଯା ଦେଖୁଛ ମୋତେ ।

କର୍ଣ୍ଣ— ତେବେ ? ମୁଁ ନୁହେଁ ରାଧେୟ,
କର୍ଣ୍ଣ, ଅଧିରଥ ସୂନୁ ?

ଇନ୍ଦ୍ର— କର୍ଣ୍ଣ ତୁମେ, ଯଥାକାଳେ ବୁଝିବ ରହସ୍ୟ ।

କର୍ଣ୍ଣ— ବିଦେଶୀ ! ମୋ ପ୍ରୟୋଜନ ନାହିଁ । ଏ ରହସ୍ୟ
ଭେଦିବାରେ ବଳ, ବେଳ ନାହିଁ ମୋର ଆଜି ;
ଏକଇ ଲଜ୍ଜାର ଭାର ଜନମ ଅବଧି
ବହି ନୁଆଁଇଛି ଶିର ; କେଉଁ ପ୍ରାଣେ ସେଥି
ଅନ୍ୟ ଅଭିଶାପ ଗୁରୁ ଲଦିବାରେ ମନ
ବଳାଅ ଅପରିଚିତ ! ଧୂଳି ମାଟି ଚୁମି
କିପରି ତୋଳିବି ଆଖି ବିଦ୍ରୂପର ମୁଖେ ?
ବଞ୍ଚିବାରେ ଚାହେଁ ମୁହିଁ ଚିର ଚୂଡ଼ା ପରି
କରନାହିଁ ହସ୍ତକ୍ଷେପ ଏ ମୋ ଅଧିକାରେ ।
ଭିକ୍ଷାକାମୀ ! କର ଶୀଘ୍ର କାମନା ପ୍ରକାଶ ।

ଇନ୍ଦ୍ର— ପୂରାଇବ କାମନା ମୋ, କହୁଛ ଯଥାର୍ଥ ?

କର୍ଣ୍ଣ— ସଂଶୟର ହେତୁ କିଛି ଦେଖିଲ ବିଦେଶୀ ?

ଇନ୍ଦ୍ର— ଶୁଣ ତେବେ ଦାନୀ, ମାନୀ, ଅଙ୍ଗ ମହୀପତି,
ଯାଚକ ମୁଁ, ନୁହେଁ କିନ୍ତୁ ଇତର ଭିକ୍ଷୁକ,
ଅର୍ଥ, ହସ୍ତୀ, ଭୂମିରେ ମୋ ନାହିଁଟି ଲାଳସା
ପାରି ଯଦି ଦିଅ ତବ କବଚ କୁଣ୍ଡଳ ।

କର୍ଣ୍ଣ— ଭିକ୍ଷୁ !

ଇନ୍ଦ୍ର— ଲୋଡ଼ିଅନା ତତ୍ତ୍ୱ ଅନ୍ୟ ମୋହ କାହିଁ ।

କର୍ଣ୍ଣ— ଜାଣନା ଅଜ୍ଞାନ ତୁମେ ସହଜାତ ଏ ମୋ ?

ଇନ୍ଦ୍ର— ତେବେ କହ ପୂର୍ଣ୍ଣକାମ ନୋହିଲା ଭିକ୍ଷାର୍ଥୀ ।

କର୍ଣ୍ଣ— ଜାଣ ନାହିଁ କର୍ଣ୍ଣର ଏ ଅଭିନ୍ନ, ଅଦେୟ ?
ରାଜ୍ୟ ଚାହିଁ, ସ୍ୱର୍ଗ ଚାହିଁ ? ଅବା ରତ୍ନାକରେ
ଶୁଖାଇ ସଲିଳରାଶି ମୁକ୍ତା ଆହରଣେ
ବଳିଥାଏ ମନ ଯଦି ଖୋଲି କହ, କ୍ଷଣେ
ସବୁ କରିପାରେ କର୍ଣ୍ଣ ତବ ପ୍ରୀତି ଅର୍ଥେ
ନିଷ୍ଠୁର ଏ ଭିକ୍ଷା ତବ କର ପ୍ରତ୍ୟାହାର,
ବିନିମୟେ ମାଗ ପ୍ରାଣ, ବଳେ ଯଦି ଇଚ୍ଛା ।

ଇନ୍ଦ୍ର— ଦୁଃଖ ଲାଗେ ହୃଦେ ? ତେବେ ଆହୁଁ ବୁଝୁ ବିଶ୍ୱ
କର୍ଣ୍ଣ ନୁହେ କର୍ମବୀର, ବାକ୍ୟବୀର ମାତ୍ର ।
ଫେରିଲି ମୁଁ (ପ୍ରସ୍ଥାନୋଦ୍ୟତ)

କର୍ଣ୍ଣ— ଥୟ ଧର, ମୋ ମିନତି ବାରେ
ଶୁଣ, ଯା ମାଗିଲ ତାହା ବୀରର ଭୂଷଣ
ବୀର ଅଙ୍ଗେ ସାଜେ, ତୁମେ ପଥର ଭିଖାରୀ
କି ଲାଭ ପାଇବ ଏଥୁଁ ? ନ ଆସିବ କେବେ
ପ୍ରୟୋଜନେ ତବ, ବରଂ କର୍ଣ୍ଣର ଯେ କ୍ଷତି
ବୁଝି ଭଲ କର, କରେଁ ଆକୁଳ ବିନତି ।

ଇନ୍ଦ୍ର— କହୁଛ ତ ଲାଭକ୍ଷତି ଗଣନାରେ ମୋର
ଯାଏ ଆସେ ନାହିଁ କିଛି. ପ୍ରାର୍ଥନା ମୋହର
କବଚ କୁଣ୍ଡଳ ତବ ; ପାରି ଦିଅ—

କର୍ଣ୍ଣ— ନିଅ
ଫେରିଯିବ କର୍ଣ୍ଣେ ଲଦି ଗୁରୁ ଅପଖ୍ୟାତି;
ନା, ସେ ହେବ ନାହିଁ ; ତେଣୁ ଏ ଛୁରିକା ତୀକ୍ଷ୍ଣ,
ଭିନ୍ନ କର ସହଜାତ କବଚ କୁଣ୍ଡଳ ।
ସଙ୍କୋଚ କି ହେତୁ ? ନାହିଁ, ନିଜ କରେ ଛିନ୍ନ
କରି ମୁଁ ତୋଷିବି ତବ ନିଷ୍ଠୁର ପ୍ରାଣର
ଭିକ୍ଷା ଅଭିଳାଷ । ( କବଚ କୁଣ୍ଡଳ ଛିନ୍ନ କରି )
ତେଣ ଜୀବନୁ ଅଧିକ
ଅମୂଲ୍ୟ ଏ ରତ୍ନ ମୋର (କବଚ କୁଣ୍ଡଳ ପ୍ରଦାନ)
ଅର୍ପିଲି ଚରଣେ ।
ସବୁ ଦେବେ ଶବାଶୀ ମୋ ଜାଣେ ମୁଁ ବାସବ
କର୍ଣ୍ଣର ଅପରାଜେୟ ଶୌର୍ଯ୍ୟ, ବୀର୍ଯ୍ୟ କିଛି
ଦେଇଯାଅ ଦଳି ତବ ବୃଥା ଈର୍ଷା, ଦ୍ୱେଷେ ।
ଭଲି ହେଲା ଶତ୍ରୁ ମୁଖେ ପଡ଼ୁ ଆଜି କାଳି
ମିଳିଥାନ୍ତା ଅବସର କହିବାକୁ ତାଙ୍କୁ
" କବଚ କୁଣ୍ଡଳ ବଳେ ଶୌର୍ଯ୍ୟବନ୍ତ କର୍ଣ୍ଣ ।"

ଇନ୍ଦ୍ର— ତେବେ ଜାଣ ମୁଁ ବାସବ ?

କର୍ଣ୍ଣ— ଜାଣେ ଦେବରାଜ ।

ଇନ୍ଦ୍ର— ତଥାପି ଏ ଦାନ ତବ ?

କର୍ଣ୍ଣ— ତଥାପି ଏ ଦାନ ।



Digitized by srujanika@gmail.com

ଇନ୍ଦ୍ର— କର୍ଣ୍ଣ ! ତୁମେ ଧନ୍ୟ ; ତବ ସମ ତ୍ରିଭୁବନେ
କେ ଅଛି ମହାନ, ଦାନୀ ? ତବ ବୀର୍ଯ୍ୟ ଶୌର୍ଯ୍ୟ
ଅକ୍ଷୟ ଦାନ ଗରିମା ଘୋଷିବ ଜଗତ
ସୃଷ୍ଟି ଲୟ ପରଯନ୍ତେ । ଯେନ ମହିମାନ
ପାରିଜାତ-ରେଣୁ-ରଙ୍ଗୀ ଦେବରାଜ ନତ —
ସହ ଏହି ମହାଶକ୍ତି, ଶ୍ରଦ୍ଧାଞ୍ଜଳି ମମ
( ଶକ୍ତି ପ୍ରଦାନ )

କର୍ଣ୍ଣ— କେଉଁ ଶକ୍ତି ପ୍ରତୀକ ଏ କହ ଏହା ନାମ ?

ଇନ୍ଦ୍ର— "ପୁରୁଷ-ଘାତିନୀ" ଏହା; ହେଲେହେଁ ଅମର
ଏ ଶକ୍ତି ପ୍ରହାରେ ତାର ମୃତ୍ୟୁ ନିଃସଂଶୟ ।
ଆଉ କିବା ଆଶୀର୍ବାଦ ଦେବି ମହୋଦାର ?
ଲୋକାତୀତ ଆଶୀର୍ବାଦ ଅଭିଶାପ ଊର୍ଦ୍ଧ୍ୱେ
ତୋଳି ପାରିଅଛ ତବ ସମୁନ୍ନତ ମୌଳି ;
ହେ ସୌମ୍ୟ ସୁନ୍ଦର ! ଏହି ଅଙ୍ଗଛେଦେ ତବ
ନୋହିବ ସୌନ୍ଦର୍ଯ୍ୟ ହାନି ; ତେଜୋରାଶି ଦୀପ୍ତ
ଭାନୁକାନ୍ତି ବହି ତୁମେ ଅବନୀ ମଣ୍ଡଳେ
ବୋଲାଇବ ଆଦିତ୍ୟଙ୍କ ନବ ଅବତାର ।
(ପ୍ରସ୍ଥାନ)

କର୍ଣ୍ଣ— ଆସ ପଦ୍ମା, ପ୍ରେୟସୀ ମୋ, ଆସ ଦେଖ ଚିତ୍ତ୍ର,
ମରଣେ କିଣିଛି ଆଜି କେଉଁ ମହା ଦାନେ ।
(ପ୍ରସ୍ଥାନ )

# ନାୟକ-କବି*

**ଶ୍ରୀ ଶଶିଭୂଷଣ ରାୟ**

କାବ୍ୟର ନାନା ଶ୍ରେଣୀ ବିଭାଗ । କାହିଁରେ କବି ନିଜକୁ ପ୍ରଚ୍ଛନ୍ନ ରଖି ଅଛନ୍ତି, କାହିଁରେ ଅବା ସେ ନିଜର କଥା ନାନା ଭଙ୍ଗୀରେ କହି ଅଛନ୍ତି । ପ୍ରଥମଟି କାହାଣୀ ଶ୍ରେଣୀରେ ପଡ଼ିଥାଏ—ମହାକାବ୍ୟ, ଖଣ୍ଡକାବ୍ୟ ପ୍ରଭୃତିକୁ ଏହି ଶ୍ରେଣୀରେ ପକାଇବାକୁ ହୁଏ । ଅବଶ୍ୟ ମହାକାବ୍ୟର ପରିଧି ଅତିବ ବିସ୍ତୀର୍ଣ୍ଣ—ସେଥିରେ ନାନା କଥା, ନାନା ଚରିତ୍ର, ନାନା ଘଟନା ଥାଏ, ଏବଂ ତାହା ବିଚିତ୍ର ବର୍ଣ୍ଣ-ଛଟାରେ ଓ ଭାବ ସମାରୋହରେ ସଜ୍ଜିତ ହୁଏ । କିନ୍ତୁ ସବୁଠାରୁ ବଡ଼ କଥା ଏତିକି ଯେ ତହିଁରେ କବି ନିଜକୁ ଅନ୍ତରାଳରେ ରଖି ନବ ବିଧାତା ଭଳି ଗୋଟିଏ ସ୍ୱତନ୍ତ୍ର ସ୍ୱାଲୋକିତ ଜଗତ୍ ସୃଷ୍ଟି କରନ୍ତି । ମାତ୍ର ମହାକାବ୍ୟରେ କବି ପ୍ରଚ୍ଛନ୍ନ ରହିଲେହେଁ ତାହାଙ୍କ ଶକ୍ତିର ସ୍ପନ୍ଦନ ଆମ୍ଭେମାନେ କାବ୍ୟପାଠ କାଳରେ ଅନୁଭବ କରିଥାଉଁ । ମାତ୍ର ଯେଉଁ କବି ନିଜର କଥା ଏବଂ ନିଜର ଅନୁଭୂତି ନାନା ଭଙ୍ଗୀରେ କହନ୍ତି ତାହାଙ୍କୁ ନାୟକ-କବି ଆଖ୍ୟା ଦେବାହିଁ ବୋଧହୁଏ ସଙ୍ଗତ । ଏଠାରେ ପ୍ରତ୍ୟକ୍ଷ ଭାବରେ କବିର ନିଜର ଜୀବନର କଥା ଆସିଯାଏ । ନାନା ଶ୍ରେଣୀର କାବ୍ୟ, କବିଙ୍କର ନାନା ଧରଣର ଭାବ ଏହି ଦ୍ୱିତୀୟ ଶ୍ରେଣୀରେ ପ୍ରକାଶିତ ହୁଏ,—ଏହାର ପରିଧିକୁ ଅଧିକ ଦୂର ପ୍ରସାରିତ କଲେ ଆଧୁନିକ କାଳର ଆତ୍ମ-ଜୀବନୀମୂଳକ କଥା ସାହିତ୍ୟ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ହେବ ।

ଆଧୁନିକ କାଳରେ କାହାଣୀମୂଳକ ମହାକାବ୍ୟ କିମ୍ବା ଖଣ୍ଡକାବ୍ୟ ଆଉ ନାହିଁ । ଏ କାଳରେ କବି ତାହାଙ୍କର ନିଜର କଥା ନାନା ଛନ୍ଦରେ ଆମ୍ଭମାନଙ୍କୁ ଶୁଣାଉଅଛନ୍ତି । ଅର୍ଥାତ ଅନ୍ତରର ପ୍ରବଳତମ ଆବେଗରେ କବି ନିଜର ଉପଲବ୍ଧ ସୁଖ-ଦୁଃଖର ବିଚିତ୍ର ଅନୁଭୂତି ରୂପ ଓ ରସରେ ସାର୍ଥକ କରିଦେଉ ଅଛନ୍ତି । ଏଥିରୁ ଏହାହିଁ ଅନୁମିତ ହେବ ଯେ ଜୀବନ-ରଙ୍ଗମଞ୍ଚରେ କବି ଯେପରି ଜଣେ ନାୟକ । ଗୋଟିଏ ପୂର୍ଣ୍ଣାଙ୍ଗ ନାଟକ ମଧ୍ୟରେ ଯେଉଁ ନାୟକ-ଚରିତ୍ର ତାହାଙ୍କ କଥା, ଭାବ, ଲୀଳା, ବିଳାସ ଏବଂ ନର୍ତ୍ତନ କୂଜନ ଉକ୍ତିରେ ଦର୍ଶକର ମନରେ ଯୁଗପତ୍ ବିଚିତ୍ର ରସଲୋକ ସୃଷ୍ଟି କରେ, ପ୍ରତ୍ୟକ୍ଷ ଜୀବନ ନାଟ୍ୟରେ ଆଜି କବିଙ୍କୁ ତାହାଙ୍କର ଗୀତିକାବ୍ୟରେ କିମ୍ବା ଗଦ୍ୟ ସାହିତ୍ୟରେ ଏହି ନାୟକର କାର୍ଯ୍ୟ ପରୋକ୍ଷଭାବରେ କରିବାକୁ ହେଉଅଛି ।

ଏ ଯୁଗରେ 'କବି' ଏହି ଗୋଟିଏ ମାତ୍ର ଶବ୍ଦରେ ଅନେକ ଭାବନା ଆମ୍ଭମାନଙ୍କୁ ଆକୁଳ କରିଥାଏ । ପ୍ରଥମରେ ମନେ ହୁଏ କଅଣ ଆହାର କରି ସେ ନାୟକ-କବି ନାମରେ ପରିଚିତ ହେବେ ? ଏହା ଉତ୍ତରରୁ ମନେ ହୁଏ 'ନାୟକ-କବି' ହୋଇ ସେ କଅଣ ପାଇବେ ? ଗୋଟି ଭୟାର୍ତ୍ତ, ଦୈନ୍ୟ ପୀଡ଼ିତ, ସମାଜଲାଞ୍ଛିତ, ଋଣ-ଜର୍ଜରିତ, ଉଦାସ-ଦୃଷ୍ଟି, କ୍ଷୀଣଦେହ ମନୁଷ୍ୟର ଚିତ୍ର ସେହି ନାମ ପଛରେ ଲୁଚି ରହିଅଛି । ମାତ୍ର ଶିକ୍ଷିତଙ୍କ ମଧ୍ୟରୁ ଅଧିକାଂଶହିଁ କବି ଏବଂ ଭାବପ୍ରବଣ, ସହଜ ଉଚ୍ଛ୍ୱାସରେ ସେମାନଙ୍କର ଚକ୍ଷୁ ଅଶ୍ରୁଭାରାକ୍ରାନ୍ତ ହୋଇଯାଏ । ଯେତେ ଅସାମାଜିକ ମନୋବୃତ୍ତି, ଯେତେ ଦୁର୍ବଳତା, ଏବଂ ଆତ୍ମପ୍ରକାଶର

*ବାରିପଦା ସାହିତ୍ୟ-ସମାଜର ୭ମ ବାର୍ଷିକ ଅଧିବେଶନରେ ପଠିତ ପ୍ରବନ୍ଧ ।



Digitized by srujanika@gmail.com

ଦୈନ୍ୟ ଅଥବା ଭାବଭଙ୍ଗୀରତା ରହିଅଛି କବି ଯେପରି ସେ ସମସ୍ତର ମୂର୍ତ୍ତିମାନ ପ୍ରତୀକ । ଏହି 'କବି' ହେବା ସହିତ ଯେବେ ଅନ୍ୟ କୌଣସି ଉପାଧି ଅଥବା ସତ୍ତା ସେହି ବ୍ୟକ୍ତିର ନ ଥାଏ, ତାହାହେଲେ ସେ ସାମାଜିକ ଜୀବନରେ ବୋଧହୁଏ ଏକାବେଳକେ ଅପଦାର୍ଥ । କିନ୍ତୁ ଏ ସମସ୍ତ ହୋଇ ମଧ୍ୟ କବି ଓ କବିତାର ଅଭାବ ନାହିଁ । ଏତେ ଅବଜ୍ଞା, ଘୃଣା ଓ ନିରୁତ୍ସାହ ସହ୍ୟ କରି ଅତ୍ୟଧିକ କବି ଏ ଯୁଗରେ କିପରି ଅଛନ୍ତି ? ଯାହାଙ୍କୁ ନାୟକ କବି ହେବାକୁ ହେବ, ତାହାଙ୍କୁ ନିଜର ଅନୁଭୂତି କାବ୍ୟରେ ବିଚିତ୍ର ବାର୍ଣ୍ଣାଦ୍ୱାରା ପ୍ରକାଶ କରିବାକୁ ହେବ, ଯେ ନିଜକୁ ରଚନା ମଧ୍ୟରେ ପ୍ରଚ୍ଛନ୍ନ ରଖିବେ ନାହିଁ, ମାତ୍ର ଅକୁଣ୍ଠିତ ଭାବରେ ଯେ ଆତ୍ମପ୍ରକାଶ କରୁଥିବେ । ସୁତରାଂ ତାହାଙ୍କର ଦାୟିତ୍ୱ କେତେ ଅଧିକ । କବିଙ୍କୁ ଇଂରାଜୀରେ Prophet ବା ଭବିଷ୍ୟତ୍ ଦ୍ରଷ୍ଟା କୁହା ଯାଇଅଛି, ଆମ୍ଭମାନଙ୍କ ଦେଶରେ କବିଙ୍କୁ ଋଷି ବୋଲି କହି ଅଛନ୍ତି, ପୁଣି କ୍ଷଣଜନ୍ମା ଓ ମନ୍ତ୍ରଦ୍ରଷ୍ଟା ବୋଲି କବି ଅଭିହିତ । ମନୁଷ୍ୟର ସାମାଜିକ ଜୀବନରେ ଚିରକାଲ ପାଇଁ କବିଙ୍କୁ ଉଚ୍ଚ ଆସନ ପ୍ରଦତ୍ତ ହୋଇଅଛି । ଏହି କବି କିଏ ? ପ୍ରାଚୀନ ମହାକାବ୍ୟ ରଚୟିତାମାନେ କବି, ଏବଂ ଆଧୁନିକ ଯୁଗର ଗୀତି-କାବ୍ୟ-ରଚୟିତାବର୍ଗ କବି ବୋଲି ସୁପରିଚିତ । ମାତ୍ର ମହାକାବ୍ୟ ରଚୟିତାଙ୍କର ଓ ଗୀତି-କାବ୍ୟ ରଚୟିତାଙ୍କର ସାଧନା ଏକ ନୁହେ । ଜଣେ ତାହାଙ୍କର କାବ୍ୟର ଅନ୍ତରାଳରେ ପ୍ରଚ୍ଛନ୍ନ ରହନ୍ତି, ଅନ୍ୟ ଜଣେ କାବ୍ୟରେ ତାହାଙ୍କର ଆତ୍ମପ୍ରକାଶ କରି ଥାଆନ୍ତି । ଏଥିରୁ ସହଜରେ ଏହାହିଁ ଅନୁମିତ ହୁଏ ଯେ ଯେଉଁମାନେ କାବ୍ୟରେ ଆତ୍ମପ୍ରକାଶ କରନ୍ତି ସେମାନଙ୍କର ଦାୟିତ୍ୱ ବହୁ ପରିମାଣରେ ଅଧିକ । କାରଣ କେବଳ ଆତ୍ମପ୍ରକାଶହିଁ କାବ୍ୟ ନୁହେଁ, ସେ ପ୍ରକାଶଭଙ୍ଗୀରେ କାବ୍ୟର ରୂପକାରୁ ଥିବାହିଁ ପ୍ରୟୋଜନ । ଅଧିକନ୍ତୁ ଏପରି ଅନେକ ବସ୍ତୁ ତହିଁରେ ଥିବା ଆବଶ୍ୟକ. ଯହିଁରେ ତାହା ଗୀତିକାବ୍ୟ ରୂପେ ପରିଚିତ ହୋଇ ପାରିବ । ଗୀତି-କବିଙ୍କର ବିକ୍ଷିପ୍ତ ସ୍ୱପ୍ନ, କଳ୍ପନା-ବୈଚିତ୍ର୍ୟ ମଧ୍ୟରେ ତାହାଙ୍କର ଯେଉଁ ଜୀବନପଦ୍ମ ଧୀରେ ଧୀରେ ବିକଶିତ ହେବ, ସେହି ଜୀବନପଦ୍ମକୁ ନାୟକ-କବିଙ୍କର ସାଧନାହିଁ ବେଷ୍ଟନ କରି ରହିଥିବ ।

ଆଧୁନିକ ଯୁଗରେ ପ୍ରାଚୀନମାନେ ଯାହାଙ୍କୁ ମହାକବି କହୁଥିଲେ ସେହି ଶ୍ରେଣୀର ମହାକବି ବିରଳ । ନାୟକ-କବି ଅଥବା ଗୀତି-କବିହିଁ ଧୀରେ ଧୀରେ ପ୍ରତିଭାର ନବ ନବୋନ୍ମେଷରେ ମହାକବିରୂପେ ପ୍ରତିଷ୍ଠିତ ହୁଅନ୍ତି । ସୁତରାଂ ଏ ସାଧନା ପ୍ରକୃତ ଗୌରବର ବସ୍ତୁ ଏବଂ ଏହାର ଦାୟିତ୍ୱ ମଧ୍ୟ ଅତ୍ୟନ୍ତ ଅଧିକ । ବାଲ୍ମୀକି, ବେଦବ୍ୟାସ, କାଳିଦାସ, ଭବଭୂତି, ହୋମର, ଦାନ୍ତେ ଗେଟେ, ସେକ୍ସପିଅର, ମିଲଟନ୍, ପ୍ରଭୃତିଙ୍କ ନାମ ଏବଂ ସ୍ଥାନ ମନୁଷ୍ୟ ମନରେ ସ୍ଥାୟୀରୂପେ ମୁଦ୍ରିତ ରହିଅଛି । ଏମାନେ ସମସ୍ତେ ମହାକବି, ମାତ୍ର ନାୟକ-କବି ନୁହନ୍ତି । ନିଜର କଥା, ନିଜ ଜୀବନର ବିଚିତ୍ର ଅନୁଭୂତି ଯେଉଁ ଯାହାଙ୍କର କାରବାର ସେମାନେହିଁ ନାୟକ-କବି । ଶେଲି, ବାଇରନ୍, କୀଟସ୍, ଓ୍ୱାର୍ଡସ୍‌ୱାର୍ଥ, ଟେନିସନ୍ ପ୍ରଭୃତିଙ୍କଠାରୁ ଆରମ୍ଭ କରି ଆଧୁନିକ କାଳ ପର୍ଯ୍ୟନ୍ତ ଯେଉଁ ସମସ୍ତ କବି ନିଜର ମାନସ-ପ୍ରକାଶ ଅର୍ଥାତ୍ ବିଚିତ୍ର ଭଙ୍ଗୀରେ ଆତ୍ମପ୍ରକାଶ କରି ଅଛନ୍ତି ସେହିମାନେହିଁ ନାୟକ-କବି । ସେମାନଙ୍କର ଜୀବନ ସେମାନଙ୍କ ନିକଟରେ ପ୍ରଚ୍ଛନ୍ନ କିମ୍ବା ଛଦ୍ମବେଶଧର ଥିଲା ନାହିଁ ଅଥାତ୍ ସେମାନେ ସେମାନଙ୍କର ଜୀବନର ଅଭିଜ୍ଞତା ଯେପରି ନାୟିକାନ୍ତରର ମୁଖ ଦ୍ୱାରା ସେ ବାର୍ଣ୍ଣା ପ୍ରକାଶ କରି ନାହାନ୍ତି—ସେମାନେ ସ୍ୱୟଂ ନାୟକ ହୋଇ ନିଜର କଥା ପ୍ରକାଶ କରିଅଛନ୍ତି । ଏ ପ୍ରସଙ୍ଗରେ ବଙ୍ଗ ଏବଂ ଉତ୍କଳର ବୈଷ୍ଣବ-କବିମାନଙ୍କ କଥା ମଧ୍ୟ ମନରେ ଉଦୟ ହୁଏ ।

ଏହି ଶ୍ରେଣୀର କବି ହେବା ଗୋଟିଏ ବିଶେଷ ସାଧନାର ବ୍ୟାପାର । ନିଜର କଥା, ନିଜର ଅନୁଭୂତି, ଏବଂ ତାହାର ଚିଶିଷ୍ଟ ବିଚିତ୍ର ପ୍ରକାଶ—ଏ ଗୁଡ଼ିକ ଆଧୁନିକ କବିତାରେ ଅଧିକ ଭାବରେ ଦୃଷ୍ଟିଗୋଚର ହୋଇଥାଏ । ମୋର ସୁଖ ଦୁଃଖ ମୋର ପୃଥିବୀ, ଏବଂ ମୋର ସୃଷ୍ଟି ସ୍ୱପ୍ନଜଗତ୍—ଆଧୁନିକ କବିଙ୍କର ଏହି " ଅହଂ " ଆଜି ଅତିମାତ୍ରାରେ ସ୍ପଷ୍ଟ । ଏଠାରେ ଗୋଟିଏ ସମସ୍ୟା ମଧ୍ୟ ଆତ୍ମପ୍ରକାଶ କରୁଅଛି । ସମସ୍ୟା ଏତିକି ଯେ ସଂଖ୍ୟାତୀତ ଆଧୁନିକ କବି ସୁତରାଂ ସଂଖ୍ୟାତୀତ "ଅହଂବାଦ"—ଏକ କଥାରେ ଆଜିକାଲିର ପାଠକ ଏହି ଅସଂଖ୍ୟ ଅହଂବାଦୀ କବିସମାଜରେ ପ୍ରବେଶ କରି କାବ୍ୟରସ ପିପାସା ଚରିତାର୍ଥ କରିବାକୁ କିଛିତ୍ ପରିମାଣରେ ଦ୍ୱିଧାଗ୍ରସ୍ତ । ଏମାନଙ୍କ ମଧ୍ୟରେ ଯେଉଁମାନେ ଉଚ୍ଚ ଶୀର୍ଷ, ଯାହାଙ୍କ ଜୀବନ ଏବଂ କଲମ ଏକ ସଙ୍ଗରେ ଚାଲେ, ସହସ୍ର ମଧ୍ୟରେ ଯାହାଙ୍କର ଆସନ ସୁନିର୍ଦ୍ଦିଷ୍ଟ, ସେହିଁ ଯଥାର୍ଥ ନାୟକ କବି । ଯେ ଜୀବନକୁ, ପ୍ରାଣ-ଧର୍ମକୁ ତରୁଣାୟିତ କରିବାକୁ ଜାଣନ୍ତି, ଯେ ପ୍ରତିଭାର ନବ ନବ ଉନ୍ମେଷରେ ଆତ୍ମପ୍ରକାଶ କରିପାରନ୍ତି, ନାୟକ-କବିଙ୍କର ସମ୍ମାନ ତାହାଙ୍କରହିଁ ପ୍ରାପ୍ୟ । କେବଳ କଥା ଉପରେ କଥା ଗୁନ୍ଥିଲେ କରତାଳି ସହଜ-ପ୍ରାପ୍ୟ, କିନ୍ତୁ ତାହା କ୍ଷଣିକ ଉତ୍ତେଜନା ମାତ୍ର । ଅନୁଭୂତିର ଗଭୀରତାରେ ଚିତ୍ରଣଶକ୍ତିର ସ୍ପଷ୍ଟତାରେ ସଙ୍ଗୀତ, ଓ ରସସୃଷ୍ଟିରେ ସେ ସେତିକି ବେଶି ସାର୍ଥକ, ଯେ କାବ୍ୟ-ସାଧନାରେ ଯେତେ ଅଧିକ ପରିମାଣରେ ତନ୍ମୟ, ଏବଂ ଜୀବନକୁ ଯେ ନାନା ଦିଗରୁ ଯେତେ ଉପଭୋଗ କରିଅଛନ୍ତି । ଜୀବନ-ରଙ୍ଗମଞ୍ଚରେ କବିଙ୍କୁ ଯଥାର୍ଥହିଁ ନାୟକ ହେବାକୁ ହେବ । ଯେଉଁ କବି ନିଜକୁ କାବ୍ୟର ଅନ୍ତରାଳରେ ପ୍ରଚ୍ଛନ୍ନ ରଖିଅଛନ୍ତି, ଯାହାଙ୍କ ଶକ୍ତିର ସ୍ପନ୍ଦନ ତାହାଙ୍କ ସୃଷ୍ଟ ନାୟକ-ନାୟିକା-ଚରିତ୍ର ମଧ୍ୟରେ ଆମ୍ଭେମାନେ ଅନୁଭବ କରୁଁ, ତାହାଙ୍କର ସାଧନା ମଧ୍ୟ ସମ୍ପୂର୍ଣ୍ଣ ଗୌରବାବହ । ଆଧୁନିକ ଯୁଗର ବିଖ୍ୟାତ ଉପନ୍ୟାସଗୁଡ଼ିକ ପଢ଼ିଲେ ମନେହୁଏ ଯେ ମହାକାବ୍ୟ ବର୍ତ୍ତମାନ ମଧ୍ୟ ଲିଖିତ ହୋଇ ପାରିବ । ଏହି ସମସ୍ତ ଉପନ୍ୟାସହିଁ ତାହାର ରୂପ-ରେଖ ମାତ୍ର । ମହାକାବ୍ୟର କବି ନିଜକୁ ତାହାଙ୍କର ସୃଷ୍ଟ ନାୟକ-ନାୟିକା-ଚରିତ୍ରର ଅନ୍ତରାଳରେ ପ୍ରଚ୍ଛନ୍ନ ରଖିଲେହେଁ



Digitized by srujanika@gmail.com

ତାହାଙ୍କର ବ୍ୟକ୍ତିତ୍ୱର ପରିଚୟ ଲେଖାର ପ୍ରତ୍ୟେକ ରେଖାରୁ ପ୍ରସ୍ଫୁଟିତ ହୋଇଥାଏ । ଏହା ଶିଳ୍ପୀସୁଲଭ ନିର୍ଲିପ୍ତତାର ଅଭାବର ପରିଚୟ ହେଲେହେଁ ଶିଳ୍ପୀଙ୍କୁ ଆମ୍ଭେମାନେ ତାହାଙ୍କ ଶିଳ୍ପ ମଧ୍ୟରେ ଆବିଷ୍କାର କରି ଧନ୍ୟ ହେଉଁ । ଆଧୁନିକ ମହାକାବ୍ୟର ସୃଷ୍ଟ ନାୟକ ନାୟିକାମାନେ ଯେ ଶିଳ୍ପୀରହିଁ ଅନ୍ତରତମ ରୂପର ବିଚିତ୍ର ବିକାଶ—ଶିଳ୍ପୀ ଯେ ନିଜକୁ ଭାଙ୍ଗି ଭାଙ୍ଗି ସେମାନଙ୍କର ମୁଖ ଦ୍ୱାରା ନିଜର ଜୀବନର ବିଚିତ୍ର ଆଖ୍ୟାୟିକା ଆମ୍ଭମାନଙ୍କୁ ଶୁଣାଉଅଛନ୍ତି, ଏହା ଜାଣି ପାରିଲେ ଆମ୍ଭେମାନେ ଆହ୍ଲାଦିତ ଓ କୃତାର୍ଥ ହେଉଁ ।

ଆଧୁନିକ ଯୁଗରେ ଶିଳ୍ପୀ ଏବଂ ଶିଳ୍ପ କ୍ରମଶଃ ଅଭିନ୍ନ ହୋଇ ଯାଉଅଛନ୍ତି । ଏହା ନ ହେଲେ ପ୍ରକୃତ ରସିକ ନିକଟରେ କାବ୍ୟ ତଥା ଶିଳ୍ପକଳା ସାର୍ଥକ ହେବ ନାହିଁ ।

## ସଙ୍ଗୀତ*

ଶ୍ରୀ ଜଗତ୍ ମୋହନ ସେନ

ଜୟ ତୁ ଜନମଭୂମି ଧନ୍ୟା,
ଯାଉ ଜୀବନ ବିତି, ଗାଇ ତୋହର ଗୀତି,
ବାହୁ ତୋର ଭବ-ବନ୍ୟା ।

ଏ ହୃଦୟ ଭରି ଯେତେ ସଙ୍ଗୀତ, ଜନନୀ
ଯେତେ ପ୍ରୀତିମୟୀ ଭାଷା,
ଅଞ୍ଜଳି ଧରି ମୋର ସକଳ କର୍ମ,
ସବୁ ଧର୍ମ, ମର୍ମର ଆଶା ।
ଅମର-ସେବିତ ଭୂମି, ନମଇ ଚରଣ ଚୁମି
ଧରଣୀ, ନିଖିଳ-ଶରଣ୍ୟା ।
ଜନନୀ ଧନ୍ୟା । ୧ ।

ଅଭ୍ର ବିଦରେ ତୋର ହୈମ-ମୁକୁଟ-ଚୂଡ଼ା
ବକ୍ଷେ ବାଜଇ ଜୟ-ଡଙ୍କା,
ସାଗର-ଚୁମ୍ବିତ-ଚରଣା ଧରଣୀ
ତୋର ପୁଏ କଏ ଦେବ ଶଙ୍କା !
ତ୍ରିଭୁବନ-ଧାତ୍ରୀ, ନିୟତି-ବିଧାତ୍ରୀ
ବିଧାତୃ-ମାନସ କନ୍ୟା ।
ଜନନୀ ଧନ୍ୟା । ୨ ।

* ବାଙ୍ଗଳା ସାହିତ୍ୟ ସମାଜର ୫ମ ବାର୍ଷିକ ଅଧିବେଶନରେ ଗୀତ ।



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ନରେନ୍ଦ୍ରମଣ୍ଡଳ ବୈଠକ

ଦୁଇ ଦିନ ଆଲୋଚନା ପରେ ନରେନ୍ଦ୍ରମଣ୍ଡଳ ବୈଠକର କାର୍ଯ୍ୟ ମାର୍ଚ୍ଚ ୧୬ ତାରିଖରେ ଶେଷ ହେଲା ଏବଂ ସର୍ବସମ୍ମତି କ୍ରମେ ଭାରତ ଶାସନତନ୍ତ୍ର ଓ ଦେଶୀୟରାଜ୍ୟ ବିଷୟରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ବୈଠକରେ ବଡ଼ଲାଟ ସଭାପତି ହୋଇଥିଲେ । ଗୁଜରାଟର ନବନଗରର ଜାମ ସାହେବ ନିମ୍ନଲିଖିତ ପ୍ରସ୍ତାବ ଆଗତ କରିଥିଲେ ଓ ତାହା ବିକାନୀର, ରେୱା, ଦେବାସ (ଜୁନିଅର୍) ଓ ପାଟିଆଲାର ମହାରାଜାମାନେ ଏବଂ ଭୂପାଳପୁରର ନବାବ ସମର୍ଥନ କରିଥିଲେ ।

"ଇଂରେଜ ରାଜସିଂହାସନ ଅଧୀନରେ, ଇଂରେଜ ରାଜ୍ୟ ଗୋଷ୍ଠୀ ଭିତରେ ଭାରତ ଅନ୍ୟାନ୍ୟ ଉପନିବେଶମାନଙ୍କ ସଙ୍ଗେ ସମାନ ଅଧିକାର ପାଇବାକୁ ନରେନ୍ଦ୍ରମଣ୍ଡଳ ବରଣ କରୁଥିବା ସଙ୍ଗେ ସଙ୍ଗେ ଦୃଢ଼ମତ ପ୍ରକାଶ କରୁଛନ୍ତି ଯେ:—

(କ) ଭାରତର ଯେଉଁ ଭବିଷ୍ୟତ ଶାସନ ଖସଡ଼ା ତିଆରି ହେବ ସେଥିରେ ଦେଶୀୟରାଜ୍ୟମାନଙ୍କର ସ୍ୱାତନ୍ତ୍ର୍ୟ ଓ କର୍ତ୍ତୃତ୍ୱ ଯେପରି ନିରାପଦ ରହିବ ସେଥିପାଇଁ ନିର୍ଦ୍ଦିଷ୍ଟ ବିଧାନ ରଖିବାକୁ ହେବ ଓ ଦେଶୀୟରାଜ୍ୟ ଶାସକମାନଙ୍କ ସହିତ ଯେଉଁ ସବୁ ସନ୍ଧି, ସନନ୍ଦ ଓ ଚୁକ୍ତିନାମା ରହିଛି ସେଥିରେ ସେମାନଙ୍କର ଯେଉଁ ଅଧିକାର ଅଛି ତାହା ଯେପରି କାର୍ଯ୍ୟତଃ ରକ୍ଷା କରାଯିବ ସେଥିପାଇଁ ବ୍ୟବସ୍ଥା ରଖିବାକୁ ହେବ ଏବଂ କୌଣସି ଅଙ୍ଗ ଅନ୍ୟ ଅଙ୍ଗ ଉପରେ ଆଧିପତ୍ୟ ବିସ୍ତାର କରିବା ଭଳି ବ୍ୟବସ୍ଥା କରାଯିବ ନାହିଁ ବା ସେମାନଙ୍କ ଅଧିକାରରେ ହସ୍ତକ୍ଷେପ କରାଯିବ ନାହିଁ ଏବଂ ସବୁ ଦଳ ସେମାନଙ୍କର ଉପଯୁକ୍ତ ଅଂଶ ଓ ଆୟ ପାଇବେ ।

(ଖ) ଭାରତ ପାଇଁ ଶାସନ ଖସଡ଼ା ଗଢ଼ିବା ବିଷୟରେ ଯେଉଁ ଆଲୋଚନା ହେବ ଓ କଥାବାର୍ତ୍ତା ଚାଲିବ ତାହା ୧୯୩୫ ଭାରତ ଶାସନ ଆଇନ ଅନୁସାରେ ହେଉ ବା ତାର ସଂଶୋଧନ ସୂତ୍ରରେ ହେଉ ସେ ଆଲୋଚନାରେ ଦେଶୀୟ ରାଜ୍ୟ ପ୍ରତିନିଧିମାନେ ଓ ନରେନ୍ଦ୍ର ମଣ୍ଡଳ ପ୍ରତିନିଧିମାନେ ତାଙ୍କର ଐତିହାସିକ ପଦ-ମର୍ଯ୍ୟାଦା ଓ ସେମାନଙ୍କର ଗୁରୁତ୍ୱ ଦୃଷ୍ଟିରୁ ଯେପରି ଉପଯୁକ୍ତ ପରିମାଣରେ ସ୍ଥାନ ପାଆନ୍ତି ।

ନରେନ୍ଦ୍ରମଣ୍ଡଳ ପୁଣି ମତ ପ୍ରକାଶ କରନ୍ତି ଯେ ଯେଉଁ ଶାସନ ଖସଡ଼ା ଗଢ଼ାଯିବ ସେଥିରେ ଇଂରେଜ ରାଜାଙ୍କ ସହିତ ଦେଶୀୟ ରାଜ୍ୟ ପ୍ରଭୃତିର ଯେଉଁ ସମ୍ପର୍କ ସେ ସମ୍ପର୍କ ଯଦି ଦେଶୀୟ ରାଜ୍ୟ ରାଜାମହାରାଜାମାନଙ୍କ ସ୍ୱେଚ୍ଛାକୃତ ରାଜିନାମା ବ୍ୟତିରେକେ ଅନ୍ୟ କୌଣସି କର୍ତ୍ତୃତ୍ୱ ହାତରେ ନ୍ୟସ୍ତ କରାଯାଏ ଏବଂ ଦେଶୀୟ ରାଜ୍ୟର ଅଧିକାର ଓ ସ୍ୱାର୍ଥ ଉପରେ ଆଞ୍ଚ ଆସିବା ଭଳି ସେମାନଙ୍କର ବିନା ରାଜିନାମାରେ କୌଣସି ପରିବର୍ତ୍ତନ ହୁଏ ତେବେ ସେ ଶାସନ ଖସଡ଼ା ସେମାନଙ୍କ ପକ୍ଷରେ ଗ୍ରହଣୀୟ ହୋଇ ପାରିବ ନାହିଁ ।"

## ବରୋଦା

### ନୂତନ ଶାସନ ଖସଡ଼ା

ବରୋଦା ସରକାର ଗତ ଫେବୃୟାରୀ ୧ ତାରିଖରେ ପ୍ରକାଶିତ ଏକ ସରକାରୀ ଇସ୍ତାହାରରେ ବରୋଦା ଶାସନ ଆଇନର ନୂତନ ଶାସନ ଖସଡ଼ା ସମ୍ବନ୍ଧରେ ଏକ ଘୋଷଣା ପ୍ରକାଶ କରିଅଛନ୍ତି ।

ଏହି ଶାସନ ଖସଡ଼ାରେ ଏକ ବ୍ୟବସ୍ଥାପକ ସଭା (ଧାରାସଭା)ର ବିଧାନ ହୋଇଅଛି । ଏଥିରେ ୬୦ ଜଣ ସଭ୍ୟ ରହିବେ, ତହିଁରୁ ୩୭ ଜଣ ନିର୍ବାଚିତ ଓ ୨୩ ଜଣ ମନୋନୀତ । ମନୋନୀତ ସଭ୍ୟଙ୍କ ମଧ୍ୟରୁ ୯ ଜଣ ସରକାରୀ ଲୋକ ରହିବେ ।

ଘୋଷଣାରୁ ଜଣାଯାଏ ଏହି ଶାସନତନ୍ତ୍ର ଦ୍ୱାରା ବିଭିନ୍ନ ଶ୍ରେଣୀର ଲୋକଙ୍କର ସମାନ ଅଧିକାର ରହିବ । ତେଣୁ ପୃଥକ୍ ନିର୍ବାଚନ ମଣ୍ଡଳୀ ବା ସ୍ୱତନ୍ତ୍ର ନିର୍ବାଚନ ପ୍ରଥାର ଆବଶ୍ୟକତା ରହିବ ନାହିଁ । ବରୋଦା ସହର ବ୍ୟତୀତ ଗ୍ରାମ ଓ ନଗରର ନିର୍ବାଚନ ମଣ୍ଡଳୀ ମଧ୍ୟରେ କୌଣସି ପ୍ରଭେଦ ରହିବ ନାହିଁ ।

ଦେବାନ ଏହି ସଭାର ସଭାପତି ହେବେ କିନ୍ତୁ ବେସରକାରୀ ସଭ୍ୟଙ୍କ ମଧ୍ୟରୁ ଜଣେ ଉପସଭାପତି ମହାରାଜାଙ୍କ ଦ୍ୱାରା ତିନି ବର୍ଷ ପାଇଁ ନିଯୁକ୍ତ ହେବେ । ତାପରେ ସେ ଧାରାସଭା ଦ୍ୱାରା ନିର୍ବାଚିତ ହେବେ । ଦେବାନ ଏବଂ ଏକଜିକ୍ୟୁଟିଭ କାଉନସିଲର ସଭ୍ୟମାନଙ୍କୁ ତାଙ୍କର ଦୈନନ୍ଦିନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ବେସରକାରୀ ସଭ୍ୟମାନଙ୍କ ମଧ୍ୟରୁ ଲୋକ ପ୍ରତିନିଧି ନିଯୁକ୍ତ ହେବେ ।

ଆଇନରେ ନିର୍ଦ୍ଦେଶ କରା ଯାଇଥିବା ପରିସର ପର୍ଯ୍ୟନ୍ତ ଧାରା-ସଭାର ଶାସନଗତ କ୍ଷମତା ରହିବ । ସୈନ୍ୟ-ବିଭାଗ, ମହାରାଜାଙ୍କ ଅଫିସ ଓ ଗାର୍ହସ୍ଥ୍ୟ ବିଭାଗ ସମ୍ବନ୍ଧରେ, ଅନ୍ୟାନ୍ୟ ଦେଶୀୟ ରାଜ୍ୟ ବା ସରକାର ସହିତ ଯେଉଁ ସବୁ ସନ୍ଧି ବା ସମ୍ପର୍କ ରହିଛି ବା ମହାରାଜା ଓ ତାଙ୍କ ପରିବାରର ବ୍ୟକ୍ତିମାନଙ୍କର କ୍ଷମତା ଓ





Digitized by srujanika@gmail.com

ଅଧିକାର ସମ୍ବନ୍ଧରେ ବା ବରୋଦା ଶାସନ ଆଇନର ବ୍ୟବସ୍ଥା କିମ୍ବା କୌଣସି ବିଧି ବ୍ୟବସ୍ଥା ବିଷୟରେ; ଋଣ ଗ୍ରହଣ କରିବା ବା କୌଣସି ନିର୍ଭର ବିଧାନ ଦେବା ପ୍ରଭୃତି ବିଷୟରେ ଆଇନ ଆଣିବା ଭଳି କୌଣସି ବ୍ୟବସ୍ଥା କରିବାର କ୍ଷମତା ଧାରା ସଭାର ରହିବ ନାହିଁ। ସାଧାରଣ ଋଣ ବା ରାଜସ୍ୱ, ଧର୍ମ ବା ଧର୍ମାନୁଷ୍ଠାନ, ପ୍ରଜାମାନଙ୍କର ଦାବୀ ଓ ରୀତିନୀତି, ମହାରାଜାଙ୍କର କୌଣସି ବିଷୟରେ ବିଶେଷ ଅଧିକାର ବା ଧାରାସଭାର ସଭ୍ୟମାନଙ୍କର ସ୍ୱାର୍ଥ ଓ ସୁବିଧା ବିଷୟରେ କୌଣସି ପ୍ରସ୍ତାବ ପୂର୍ବରୁ ମହାରାଜାଙ୍କର ମଞ୍ଜୁର ନ ନେଇ ଧାରାସଭାରେ ଆଗତ କରାଯାଇ ପାରିବ ନାହିଁ।

ରାଜସ୍ୱ ସମ୍ପର୍କୀୟ ଏକ ତାଲିକା ପ୍ରତ୍ୟେକ ବର୍ଷ ଧାରା ସଭାରେ ପେଶ କରାହେବ। ନିର୍ଦ୍ଦିଷ୍ଟ କେତେକ ସାଧାରଣ ଖର୍ଚ୍ଚ ରାଜ୍ୟର ରାଜସ୍ୱ ଉପରେ ଧାର୍ଯ୍ୟ କରାଯିବ ଓ ତାହା ଧାରାସଭାର ମତାମତ ଉପରେ ନିର୍ଭର କରିବ ନାହିଁ। ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ଭୋଟ ଦ୍ୱାରା ମଞ୍ଜୁର ହେବା ପାଇଁ ଧାରାସଭାରେ ଉପସ୍ଥାପିତ ହେବ।

ବ୍ୟବସ୍ଥାପକ ସଭାର ସଭ୍ୟମାନଙ୍କ ଦ୍ୱାରା ଉପସ୍ଥାପିତ ପ୍ରଶ୍ନ ଓ ସାଧାରଣ ସ୍ୱାର୍ଥ ନିହିତ ପ୍ରସ୍ତାବର ନିୟମାବଳୀ, ଏବଂ ବିଲ୍ ଓ ବଜେଟ୍ ସମ୍ପର୍କୀୟ ପ୍ରଣାଳୀମାନ ମଧ୍ୟ ଗଢ଼ା ଯାଇଅଛି।

## କାଶ୍ମୀର

### ନିରକ୍ଷରତା ଦୂରୀକରଣ

କାଶ୍ମୀର ସରକାର ଦଶ ବର୍ଷ ମଧ୍ୟରେ ତାଙ୍କ ରାଜ୍ୟରୁ ନିରକ୍ଷରତା ଦୂର କରିବା ପାଇଁ ପ୍ରବଳ ଉଦ୍ୟମ କରୁଅଛନ୍ତି। ଛାତ୍ର ସ୍ୱେଚ୍ଛାସେବକମାନଙ୍କ ସାହାଯ୍ୟରେ ଗ୍ରାମୋନ୍ନତି ବିଭାଗ ସାକ୍ଷରତା ପ୍ରଚାରର ବ୍ୟବସ୍ଥା କରୁଅଛନ୍ତି। ଶିକ୍ଷା ବିଭାଗ ରାଜ୍ୟରେ ଥିବା ସରକାରୀ ଅନୁଷ୍ଠାନମାନଙ୍କର ଶିକ୍ଷକ ଓ ଛାତ୍ରମାନଙ୍କ ସାହାଯ୍ୟରେ ୬୫,୦୦୦ ବୟସ୍କ ବ୍ୟକ୍ତିଙ୍କୁ ସାକ୍ଷର କରିବାର ଆଶା କରି ଏକ ପନ୍ଥା ଉଦ୍ଭାବନ କରିଅଛନ୍ତି। ପ୍ରତ୍ୟେକ ସରକାରୀ କର୍ମଚାରୀ ବର୍ଷକ ମଧ୍ୟରେ ଜଣେ ବୟସ୍କ ବ୍ୟକ୍ତିଙ୍କୁ ସାକ୍ଷର କରିବାର କିମ୍ବା ବୟସ୍କ ବ୍ୟକ୍ତିଙ୍କର ଶିକ୍ଷା ପାଇଁକି ବାର୍ଷିକ ଦୁଇ ଟଙ୍କା ଲେଖାଏ ସାହାଯ୍ୟ କରିବାର ସରକାର ଆଶା କରନ୍ତି।

## ତ୍ରିବାଙ୍କୁଡ଼

### ଦେବାନ ଓ ଛାତ୍ରବୃନ୍ଦ

ଅତିଙ୍ଗଲ ଉଚ୍ଚ ଇଂରାଜୀ ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବରେ ତ୍ରିବାଙ୍କୁଡ଼ର ଦେବାନ ସାର୍ ସି. ପି. ରାମସ୍ୱାମୀ ଆୟାର ସଭାପତି ହୋଇଥିଲେ। ସେ ତାଙ୍କର ଅଭିଭାଷଣରେ କହିଥିଲେ "ଭାରତର ଅର୍ଦ୍ଧେକ ଗୋଳମାଳ ତୀକ୍ଷ୍ଣ ବୋଧଶକ୍ତିର ଅଭାବରୁ ନ ଘଟି ଶକ୍ତି ଓ ଧୈର୍ଯ୍ୟର ଅଭାବରୁ ଘଟୁଅଛି।"

ସାର୍ ରାମସ୍ୱାମୀ ଆୟାର କହିଥିଲେ ଯେ ପରୀକ୍ଷାରେ ପାଇଥିବା ନମ୍ବରରୁ ଛାତ୍ରର ଯୋଗ୍ୟତା ନିରୂପଣ ନ କରି ତାହାର ବ୍ୟକ୍ତିତ୍ୱ ଓ ଯୋଗ୍ୟତାରୁହିଁ ନିରୂପଣ କରାଯିବ। ମନୁଷ୍ୟର ବ୍ୟକ୍ତିତ୍ୱ ଉଚ୍ଚତର ସୋପାନକୁ ନେବା ଲାଗି କର୍ତ୍ତବ୍ୟ ହିସାବରେ ଶାରୀରିକ ଶ୍ରମ ପ୍ରତି ଛାତ୍ରଛାତ୍ରୀମାନେ ଯେଉଁ ପରିମାଣରେ ଆଗ୍ରହ ଦେଖାଇବେ ସେହି ହିସାବରେ ସ୍କୁଲ ଓ କଲେଜର ଉପଯୋଗିତା ବିଚାର କରାଯିବ।

## ବୌଦ

### ରାଜାଙ୍କର ଅଭିଭାଷଣ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ରେସିଡେଣ୍ଟ ଲେଫଟେନେଣ୍ଟ କର୍ଣ୍ଣେଲ ଏଲ୍. ଇ. ବାର୍ଣ୍ଣେ ବୌଦରେ ଯେଉଁ କୃଷି ଓ ଶିଳ୍ପ ପ୍ରଦର୍ଶନୀର ଦ୍ୱାରୋଦ୍ଘାଟନ କରିଥିଲେ ସେଥିରେ କହିବାକୁ ଯାଇ ରାଜା ସାହେବ ବର୍ତ୍ତମାନ ଯୁଦ୍ଧ, ତାଙ୍କର ରାଜ୍ୟର ଶାସନ ସଂସ୍କାର ଓ ରାସ୍ତାଘାଟ ଉନ୍ନତିର ଆବଶ୍ୟକତା ସମ୍ବନ୍ଧରେ କେତେକ କଥା କହିଥିଲେ। ଶାସନ ତନ୍ତ୍ରର କ୍ରମୋନ୍ନତି ବିଷୟରେ ସେ କହିଥିଲେ, "ସୌଭାଗ୍ୟ ବଶତଃ ଲୋକମାନଙ୍କର ସାଧାରଣ ଜୀବନରେ ଏ ପର୍ଯ୍ୟନ୍ତ କୌଣସି ବ୍ୟତିକ୍ରମ ଘଟିନାହିଁ। ତଥାପି ସମୟର ନିର୍ଦ୍ଦେଶ ପ୍ରତି ଆମ୍ଭେମାନେ ଆଖି ବୁଜି ରହିନାହୁଁ। ଆମ୍ଭେମାନେ 'ପରିବର୍ତ୍ତନ ଲୋଡ଼ା ନାହିଁ' ଦଳର ଅନ୍ତର୍ଗତ ନୋହୁଁ କିମ୍ବା ବର୍ତ୍ତମାନ ପରିସ୍ଥିତିର ଉପଯୋଗିତା ବିବେଚନା ନ କରି ହଠାତ୍ ଆମ୍ଭେମାନେ ଅନ୍ୟ ସ୍ତରକୁ ଡେଇଁ ପଡୁନାହୁଁ। ଏ ସମସ୍ୟାର ଉପଯୁକ୍ତ ସମାଧାନ ବର୍ତ୍ତମାନ ସୁଦ୍ଧା ସମୟ ସାପେକ୍ଷ ଓ ଏହା ଶାସନତତ୍ତ୍ୱଜ୍ଞ ପଣ୍ଡିତମାନଙ୍କୁ ସୁଦ୍ଧା ଏଡ଼ି ଚାଲିଛି। ଯାହାହେଉ ଆମ୍ଭେମାନେ ନିଜକୁ ବର୍ତ୍ତମାନ ପରିସ୍ଥିତି ସଙ୍ଗରେ ମିଳାଇ ଚାଲିବାକୁ ପ୍ରାରମ୍ଭିକ ବ୍ୟବସ୍ଥା କରିଅଛୁଁ। ଗତ ବର୍ଷ ସରକାରୀ ଓ ବେସରକାରୀ ସଭ୍ୟଙ୍କୁ ନେଇ ଗୋଟିଏ ପରାମର୍ଶଦାତା କମିଟି ଗଠିତ ହୋଇଥିଲା। ଉକ୍ତ କମିଟି ଏ ପର୍ଯ୍ୟନ୍ତ ଯାହା କରି ଆସିଛନ୍ତି ତାହା ସନ୍ତୋଷଜନକ ଓ ଉତ୍ସାହପୂର୍ଣ୍ଣ। ମୁଁ ଆଶା କରେଁ ଯଥା ସମୟରେ ନିର୍ବାଚନ ପ୍ରଣାଳୀରେ ସାଧାରଣ ପ୍ରତିନିଧିଦଳ ନ୍ୟାଯ୍ୟ ଅଂଶ ପାଇ ପାରିବ ଓ ମଙ୍ଗଳଜନକ କାର୍ଯ୍ୟ ମଧ୍ୟ କରିପାରିବ। ସ୍ୱାୟତ୍ତଶାସନ ସମ୍ବନ୍ଧରେ ଜନସାଧାରଣଙ୍କୁ ଅଧିକ ଶିକ୍ଷା ଦେବା ପାଇଁ ଗ୍ରାମ ପଞ୍ଚାୟତ ଆଇନ ମୋର ସମ୍ମତି ଲାଭ କରିଅଛି ଓ ତାହା ଆସନ୍ତା ବର୍ଷାରମ୍ଭରୁ କାର୍ଯ୍ୟକାରୀ ହେବ।"



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ମହାରାଜାଙ୍କ ଜନ୍ମୋତ୍ସବ

ଗତ ମାର୍ଚ୍ଚ ମାସ ୯ ତାରିଖରେ ମୟୂରଭଞ୍ଜର ମହାରାଜା ସାର୍ ପ୍ରତାପଚନ୍ଦ୍ର ଭଞ୍ଜ ଦେଓ କେ. ସି. ଆଇ. ଇ. ଙ୍କର ଜନ୍ମୋତ୍ସବ ରାଜ୍ୟର ସର୍ବତ୍ର ପ୍ରତିପାଳିତ ହୋଇଥିଲା ଓ ସର୍ବତ୍ର ଗୋଟାଏ ଆନନ୍ଦର ସୋତ୍ର ଖେଳି ଯାଇଥିଲା । ଏହି ଶୁଭଦିନ ଉପଲକ୍ଷେ ରାଜ୍ୟର ସମସ୍ତ କଚେରୀ, ବିଦ୍ୟାଳୟ ଓ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକ ବନ୍ଦ ଥିଲା ।

ଉତ୍ସବଟିକୁ ସର୍ବାଙ୍ଗସୁନ୍ଦର ଓ ପ୍ରୀତିପ୍ରଦ କରିବା ପାଇଁ ଏକ ବିସ୍ତୃତ କାର୍ଯ୍ୟନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା । ଉତ୍ସବର ପରିଚାଳନା ଭାର ପୂର୍ବପରି ଜନ୍ମୋତ୍ସବ କମିଟି ଉପରେ ନ୍ୟସ୍ତ ଥିଲା ।

ଶ୍ରୀମାନ୍ ମହାରାଜାଙ୍କର ଦୀର୍ଘଜୀବନ ଓ ଉନ୍ନତି କାମନା କରି ୯ ତାରିଖ ଦିନ ପ୍ରତ୍ୟୁଷରେ ମନ୍ଦିରମାନଙ୍କରେ ପୂଜା ଓ ଆରତି ହୋଇଥିଲା । ସେଦିନ ସକାଳ ୭ ଘଣ୍ଟା ସମୟରେ ସ୍ଥାନୀୟ ସମସ୍ତ କର୍ମଚାରୀ ଓ ପ୍ରଜାସାଧାରଣ ପୋଲିସ ପଡ଼ିଆରେ ସମବେତ ହୋଇଥିଲେ । ରାଜ୍ୟର ପତାକା ଉତ୍ତୋଳନ କରାହେଲା ଓ ୨୦ ଗୋଟି ତୋପ ସଲାମି ଦିଆ ଯାଇଥିଲା । ସ୍ଥାନୀୟ ପୋଲିସ ଫୌଜ ଷ୍ଟେଟ୍ ବ୍ୟାଣ୍ଡ ବାଦ୍ୟର ତାଳେ ତାଳେ ପରେଡ଼ କରି ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ମହାରାଜାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବୈଦିକ ମନ୍ତ୍ର ଓ ଶ୍ଳୋକମାନ ଆବୃତ୍ତି କରା ଯାଇଥିଲା । ତତ୍ପରେ ଶ୍ରୀଯୁକ୍ତ ଲାଲମୋହନ ପତି ଜନସାଧାରଣଙ୍କ ଜନ୍ମଦିନ ଉପଲକ୍ଷରେ ଶ୍ରୀମାନ୍ ମହାରାଜାଙ୍କୁ ଆନ୍ତରିକ ଶ୍ରଦ୍ଧା ଜ୍ଞାପନ କରି ତାଙ୍କର ଦୀର୍ଘଜୀବନ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରିବା ସକାଶେ ଏକ ପ୍ରସ୍ତାବ ଆଗତ କରିଥିଲେ ଓ ସମସ୍ତେ ଦଣ୍ଡାୟମାନ ହୋଇ ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ । ବ୍ୟାଣ୍ଡ ବାଦ୍ୟରେ ମୟୂରଭଞ୍ଜର ଜାତୀୟ ଗୀତ ବାଜିବା ପରେ ସଭା ଭଙ୍ଗହେଲା ।

ସକାଳେ ଜନ୍ମୋତ୍ସବ କମିଟି ତରଫରୁ ଏକ ଗୁପ୍ତାର୍ଥ-ଅନ୍ୱେଷଣ (Treasure haunt)ର ବ୍ୟବସ୍ଥା ହୋଇଥିଲା । ତହିଁରେ ସ୍ଥାନୀୟ ଯୁବକ ଓ ଛାତ୍ରମାନେ ବିଶେଷ ଆଗ୍ରହ ପ୍ରଦର୍ଶନ କରିଥିଲେ ।

ଦିନ ୧୦ଟା ସମୟରେ ବିଶିଷ୍ଟ ନାଗରିକମାନେ ରାଜ ପ୍ରାସାଦରେ ଉପସ୍ଥିତ ହୋଇ ମହାରାଜାଙ୍କ ଦର୍ଶନ ଲାଭ କରି ତାହାଙ୍କୁ ସର୍ବସାଧାରଣଙ୍କର ଶୁଭ କାମନା ଜଣାଇଥିଲେ । ଶ୍ରୀମାନ୍ ମହାରାଜା ସ୍ୱୀୟ ସ୍ୱଭାବସୁଲଭ ସରଳତାରେ ପ୍ରଜାମାନଙ୍କର ଆନ୍ତରିକ ଉପହାର ଗ୍ରହଣ କରିଥିଲେ । ତତ୍ପରେ ମହାରାଜା ରାଜନଗରର ଅଧିଷ୍ଠାତ୍ରୀ ଦେବୀ କିଚକେଶ୍ୱରୀଙ୍କ ମନ୍ଦିରରେ କୌଳିକ ପ୍ରଥାନୁଯାୟୀ ଯଥାବିହିତ ପୂଜାରେ ଯୋଗ ଦେଇଥିଲେ ।

ଏକ ବିସ୍ତୃତ କାର୍ଯ୍ୟ ନିର୍ଘଣ୍ଟ ଦ୍ୱାରା ସମସ୍ତ ଦିନଟି ଉତ୍ସବମୟ ହୋଇ ଉଠିଥିଲା । ଅପରାହ୍ନରେ ଜନ୍ମୋତ୍ସବ କମିଟି କାଙ୍ଗାଳ ଭୋଜନର ବ୍ୟବସ୍ଥା କରିଥିଲେ ଓ ଶହ ଶହ ଦୁଃଖୀ ରଙ୍କି ଆହାର କରି ଖୁସିମନରେ ମହାରାଜାଙ୍କର ଜୟଗାନ କରିଥିଲେ ।

ଅପରାହ୍ନ ୫ଟା ସମୟରେ ପୋଲିସ ପଡ଼ିଆରେ ପୁଣି ଜନ ସମାରୋହ ହୋଇଥିଲା ଏବଂ ସ୍ୱୟଂ ମହାରାଜା ମହୋଦୟ ଉପସ୍ଥିତ ହୋଇ ପୋଲିସ ପରେଡ଼ ଦେଖିଥିଲେ । ପୋଲିସ ଫଉଜ ସୁସଜ୍ଜିତ ହୋଇ ଉତ୍ସବକାଳୀନ ପରେଡ଼ ଦେଖାଇଥିଲେ । ପରେଡ଼ ସରିବା ପରେ ପ୍ରଶଂସନୀୟ କାର୍ଯ୍ୟ କରିଥିବା ପୋଲିସ କର୍ମଚାରୀମାନଙ୍କୁ ମହାରାଜା ମହୋଦୟ ପୁରସ୍କାର ବିତରଣ କରିଥିଲେ । ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ପାଇଁ ଗୋଟିଏ ଗ୍ରୀତି ଭୋଜୀର ବ୍ୟବସ୍ଥା ହୋଇଥିଲା ।

ସନ୍ଧ୍ୟା ହେବା ସଙ୍ଗେ ସଙ୍ଗେ ବିରାଟ ଜନତା ପ୍ରଦର୍ଶନୀ ମଣ୍ଡପ ଆଡ଼କୁ ଗତିକଲା । ଷ୍ଟେଟର ଡେଭଲପ୍‌ମେଣ୍ଟ ବିଭାଗଙ୍କ ଦ୍ୱାରା ପରିଚାଳିତ କୃଷିଶିଳ୍ପ ପ୍ରଦର୍ଶନୀ ସନ୍ଧ୍ୟା ୬ଟା ସମୟରେ ଖୋଲାହେଲା । ଲାଲ ସାହେବ ଶ୍ରୀଯୁକ୍ତ ଶରତଚନ୍ଦ୍ର ଭଞ୍ଜ ଦେଓ ପ୍ରଦର୍ଶନୀର ଦ୍ୱାରୋଦ୍‌ଘାଟନ କରିଥିଲେ ।

ରାତ୍ରିରେ ସହରର ସମସ୍ତ ଗୃହ ଆଲୋକମାଳାରେ ବିଭୂଷିତ ହୋଇ ଦୀପାବଳୀ ଅମାବାସ୍ୟାର ଶୋଭା ଧାରଣ କରିଥିଲା । ନଗର ସଙ୍କୀର୍ତ୍ତନ ସମସ୍ତ ସହର ପ୍ରଦକ୍ଷିଣ କରିଥିଲା । ଷ୍ଟେଟର ଆଦିମ ଅଧିବାସୀମାନେ ମଧ୍ୟ ଏ ଉତ୍ସବରୁ ବଞ୍ଚିତ ହୋଇ ନ ଥିଲେ । ପରଦିନ ସକାଳ ପର୍ଯ୍ୟନ୍ତ ଅବିଶ୍ରାନ୍ତ ଧୁମୁଷା ଓ ମାଦଳ ବାଦ୍ୟରେ ସେମାନେ ସହରଟିକୁ ମୁଖରିତ କରି ରଖିଥିଲେ । ରାଜ୍ୟର ଅନ୍ୟାନ୍ୟ ସବ୍‌ଡିଭିଜନ ଗୁଡ଼ିକରେ ଏହି ଉତ୍ସବ ଉପରୋକ୍ତ ମତେ ପ୍ରତିପାଳିତ ହୋଇଥିଲା ।


ଉକ୍ତ ଉତ୍ସବ ବାରିପଦାରେ ୯ ଦିନ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥିଲା । ଜନ୍ମୋତ୍ସବ କମିଟି ଓଡ଼ିଆରେ "ଚକ୍ରଧାରୀ" ନାମକ ଗୋଟିଏ



Digitized by srujanika@gmail.com

ନାଟକ କ୍ରମାଗତ ଦୁଇରାତ୍ରି ଅଭିନୟ କରିଥିଲେ । ପ୍ରତ୍ୟେକ ଦିନ ରାତ୍ରରେ ଦୁଇଥର ଲେଖାଏଁ ସବାକ୍ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଥିଲା ।

ତା ୧୦ ରିଖ ଦିନ ଅପରାହ୍ଣରେ ଗୋଟିଏ ଶିଶୁସମ୍ମେଳନର ବ୍ୟବସ୍ଥା ହୋଇଥିଲା ଓ ସହରର ବହୁ ସଂଖ୍ୟକ ହୃଷ୍ଟପୁଷ୍ଟ ଶିଶୁ ଏକତ୍ରିତ ହୋଇଥିଲେ । ଖେଳନା, ଫଳ ଓ ମିଷ୍ଟାନ୍ନ ଆଦି




ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀର ତୋରଣ-ସମ୍ମୁଖ ଦୃଶ୍ୟ ।

ସେମାନଙ୍କ ମଧ୍ୟରେ ବଣ୍ଟା ଯାଇଥିଲା ଏବଂ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ ଓ ଚତୁରତା ଦୃଷ୍ଟିରେ ଶିଶୁଙ୍କୁ ପୁରସ୍କାର ଦିଆ ଯାଇଥିଲା ।

୧୩ ତାରିଖରେ ସ୍ଥାନୀୟ ଗୃହଲ ପୋଖରୀରେ ଫ୍ରେଣ୍ଡସ୍ ରିକ୍ରିଏସନ୍ କ୍ଲବ ତରଫରୁ ଏକ ସନ୍ତରଣ ପ୍ରତିଯୋଗିତାର ବ୍ୟବସ୍ଥା ହୋଇଥିଲା ଓ ତହିଁରେ ଅନେକ ପ୍ରତିଯୋଗୀ ଯୋଗ ଦେଇଥିଲେ । ୧୪ ତାରିଖ ଦିନ ପ୍ରଦର୍ଶନୀ ହତାରେ ସ୍ଥାନୀୟ ଫରୱାଡ଼ କ୍ଲବ ଏକ ଗୃହପାଳିତ ପଶୁ ଓ ପକ୍ଷୀ ପ୍ରଦର୍ଶନୀର ଆୟୋଜନ କରିଥିଲେ । ଏହା ଏ ବର୍ଷର ଏକ ନୂତନ ଆକର୍ଷଣ । ବିଭିନ୍ନ ଜାତୀୟ ବଳଦ ଓ ଷଣ୍ଢ, ମହିଷ, ଛେଳି, ମାଙ୍କଡ଼ ଓ ଅନ୍ୟାନ୍ୟ ଗୃହପାଳିତ ପଶୁ ଏହି ପ୍ରଦର୍ଶନୀକୁ ଆଣୀତ ହୋଇଥିଲେ । ଏହି ପ୍ରଦର୍ଶନୀ ଏ ବର୍ଷ କ୍ଷୁଦ୍ର ଆକାରରେ ଆରମ୍ଭ ହୋଇଥିଲେ ମଧ୍ୟ ଦର୍ଶନୀୟ ହୋଇଥିଲା ଓ ଏହାର କ୍ରମବିକାଶ ଓ ଉନ୍ନତିର ବିଶେଷ ସୂଚନା ମିଳିଥିଲା ।


ବାରିପଦା ଉଚ୍ଚଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୧୫ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା ଓ ଅନେକ ବିଶିଷ୍ଟ ଭଦ୍ରଲୋକ ସେଠାକୁ ନିମନ୍ତ୍ରିତ ହୋଇଥିଲେ । ଲାଲ ସାହେବ ଶ୍ରୀଯୁକ୍ତ ଶରତଚନ୍ଦ୍ର ଭଞ୍ଜଦେଓ ସଭାପତିର ଆସନ ଗ୍ରହଣ କରିଥିଲେ ଓ ପୁରସ୍କାର ବିତରଣ କରିଥିଲେ । ତତ୍‌ପର ଦିନ ରାଜ୍ୟର ସଦର ସବ୍‌ଡିଭିଜନର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ 'ନୀଳବାର' ବ୍ୟାୟାମ ପ୍ରଣାଳୀ ଏବଂ ଦେଶୀ ଓ ବିଦେଶୀ ଖେଳ ଦେଖାଇଥିଲେ ।

୧୬ ତାରିଖରେ କୃଷି ଶିଳ୍ପ ପ୍ରଦର୍ଶନୀ ବନ୍ଦ ହେବା ସଙ୍ଗେ ସଙ୍ଗେ ସମସ୍ତ ଉତ୍ସବ ସାଙ୍ଗ ହୋଇଥିଲା ।

## ମୟୂରଭଞ୍ଜ କୃଷିଶିଳ୍ପ ପ୍ରଦର୍ଶନୀ

ଏ ବର୍ଷ ମୟୂରଭଞ୍ଜ କୃଷିଶିଳ୍ପ ପ୍ରଦର୍ଶନୀ ନାନା ବାଧାବିଘ୍ନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ବୃଷ୍ଟି ବର୍ଷା ଯୋଗୁଁ ପ୍ରଦର୍ଶନୀର ଉଦ୍‌ଯୋକ୍ତାମାନଙ୍କୁ ବିଶେଷ ଅସୁବିଧା ଭୋଗ କରିବାକୁ ପଡ଼ିଥିଲା । ଯାହା ହେଉ, ଗ୍ରାମରୁ ଅନେକ ଲୋକ ପ୍ରଦର୍ଶନୀ ଦେଖିବାକୁ ଆସିଥିଲେ ଓ ଏଥିରୁ ପ୍ରଦର୍ଶନୀର ଉତ୍ତରୋତ୍ତର ଲୋକପ୍ରିୟତା ଜଣା ପଡୁଥିଲା । ପ୍ରଦର୍ଶନୀଟିକୁ ଚିତ୍ତାକର୍ଷକ କରିବା ପାଇଁ ପାଲା ଗାୟନ, ଧନୁର୍ବିଦ୍ୟା ଓ ନାଟକାଭିନୟର ବ୍ୟବସ୍ଥା ହୋଇଥିଲା । ପ୍ରଦର୍ଶନୀ ହତାରେ ଗୋଟିଏ ବେତାର ଯନ୍ତ୍ର ଖଞ୍ଜା ହୋଇଥିଲା ଓ ମଫସଲର ଅନେକ ଲୋକ ତାହା ଶୁଣିବାକୁ ରୁଣ୍ଡ ହେଉଥିଲେ ।

ସାଧାରଣତଃ ଦିନ ୨ଟା ଠାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହୁଥିଲା ଓ ଦୈନିକ ହାରାହାରି ପ୍ରାୟ ତିନି ହଜାର ଦର୍ଶକ ରୁଣ୍ଡ ହେଉଥିଲେ । ସନ୍ଧ୍ୟା ସମୟରେ ବହୁ ସଂଖ୍ୟକ ସ୍ତ୍ରୀ ଲୋକ ପ୍ରଦର୍ଶନୀ ଦେଖିବାକୁ ଆସୁଥିଲେ ।




କୃଷି-ଶିଳ୍ପ ପ୍ରଦର୍ଶନୀ ଭିତରର ସାଧାରଣ ଦୃଶ୍ୟ ।



Digitized by srujanika@gmail.com

ପ୍ରଦର୍ଶିତ ପଦାର୍ଥଗୁଡ଼ିକୁ ବିଭିନ୍ନ ବିଭାଗ ଅନୁସାରେ ସଜାଇ ରଖା ଯାଇଥିଲା । ଷ୍ଟେଟ୍ କୃଷିବିଭାଗର ଫାର୍ମରୁ ଓ କୃଷକମାନଙ୍କ ଦ୍ୱାରା ଅର୍ଜିତ ନାନା ପ୍ରକାର କୃଷିଜାତ ଦ୍ରବ୍ୟ, ଯଥା—ଫଳ, ଶାକସବଜି, ଧାନ, ରବି, ଆଖୁ ଓ ଖଣ୍ଡଗୁଡ଼ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା । ପ୍ରଦର୍ଶନୀରେ ପୁଷ୍ପ ବିଭାଗ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା ଓ ତାହା ବଡ଼ ରମଣୀୟ ଦେଖା ଯାଉଥିଲା । ପୂର୍ଣ୍ଣଚନ୍ଦ୍ର ଶିଳ୍ପ-ସଦନର ରେଶମ ଓ ପଶମ ଜିନିଷ ଗୁଡ଼ିକ ବିଶେଷ ଆଦୃତ ହୋଇଥିଲା । ମଫସଲ କେନ୍ଦ୍ରମାନଙ୍କରୁ ଆଣୀତ ସୂତା ଓ ତସର ଲୁଗା ଗୁଡ଼ିକ ଶିଳ୍ପବିଭାଗର ଉଦ୍ୟମର ଉଲ୍ଲେଖଯୋଗ୍ୟ ଉନ୍ନତିର ସୂଚନା ଦେଉଥିଲା । ଆଠମଲ୍ଲିକ ଓ ବୌଦ ଷ୍ଟେଟ୍‌ରୁ ଆସିଥିବା ଟେବୁଲ ଗୁଦର, ଉଡ଼ିଲିଆ, ପରଦା ଓ ଦରି ଇତ୍ୟାଦି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ବାରିପଦା କେନ୍ଦ୍ର ଜେଲରୁ ବେତ ଚୌକି ଓ ପାପୋଛ ଇତ୍ୟାଦି ଆସିଥିଲା । ଷ୍ଟେଟ୍ ଜଙ୍ଗଲ ବିଭାଗ ଅନେକ ବନ୍ୟଜାତ ଦ୍ରବ୍ୟ, ପଥର ବାସନ ଓ ଆଧୁନିକ ପ୍ରଣାଳୀରେ ମଜବୁତ କରି ଯାଇଥିବା କାଠ ପ୍ରଦର୍ଶନ କରିଥିଲେ । ସ୍କୁଲ ବିଭାଗରେ ନାନା ପ୍ରକାର ଚିତ୍ର, ମାନଚିତ୍ର ଓ ଅନେକ ଛାତ୍ରଙ୍କର ଶିଳ୍ପଜାତ ସୁନ୍ଦର ସୁନ୍ଦର ପଦାର୍ଥର ସମାବେଶ ହୋଇଥିଲା ।



କୃଷି-ଶିଳ୍ପ ପ୍ରଦର୍ଶନୀରେ ପ୍ରଦର୍ଶିତ ପୁଷ୍ପ ସମ୍ଭାର ।

କୃଷିଶିଳ୍ପ ପ୍ରଦର୍ଶନୀ ୧୭ ତାରିଖରେ ଶେଷ ହେଲା । ସେହି ଦିନ ଅପରାହ୍ଣ ୫ଟା ସମୟରେ ପ୍ରଦର୍ଶନୀ ପ୍ରାଙ୍ଗଣରେ ଗୋଟିଏ ସଭା ହୋଇଥିଲା ଓ ଅନେକ ଲୋକ ସେହି ସଭାରେ ଉପସ୍ଥିତ ଥିଲେ । ମୟୂରଭଞ୍ଜ ହାଇକୋର୍ଟର ପ୍ରଧାନ ବିଚାରପତି ରାୟବାହାଦୁର ଏମ୍. ଏନ୍. ଦାସ୍, ଏମ୍. ଏ., ବି. ଏଲ୍. ସଭାପତିଙ୍କ ଆସନ ଗ୍ରହଣ କରିଥିଲେ ଓ କୃଷି ପ୍ରଦର୍ଶକମାନଙ୍କୁ ପ୍ରଶଂସାପତ୍ର ଏବଂ ପଦକ ପ୍ରଦାନ କରିଥିଲେ ।

## ସଭାପତିଙ୍କ ଭାଷଣ

ମୟୂରଭଞ୍ଜ କୃଷି-ଶିଳ୍ପ ପ୍ରଦର୍ଶନୀର ଶେଷ ଉତ୍ସବରେ ସଭାପତି ରାୟବାହାଦୁର ଏମ୍. ଏନ୍. ଦାସ ଗୋଟିଏ ସୁଚିନ୍ତିତ ଭାଷଣ ପାଠ କରିଥିଲେ ।

ପ୍ରଦର୍ଶନୀର ଶିକ୍ଷା-ମୂଲ୍ୟ ନିର୍ଦ୍ଦେଶ କରି ସେ କହିଥିଲେ ଯେ ପୂର୍ବ ବର୍ଷମାନଙ୍କରେ କୃଷି ଓ ଶିଳ୍ପର କେତେଦୂର ଉନ୍ନତି ହୋଇଅଛି ତାହା ପ୍ରଦର୍ଶନୀରୁ ଜାଣିବାର ଏକ ସୁଯୋଗ ମିଳେ ଏବଂ ଅଧିକତର ଉନ୍ନତି ଦିଗରେ ଭବିଷ୍ୟତରେ କିପରି କାର୍ଯ୍ୟପନ୍ଥା ନିରୂପଣ କରାଯିବା ଆବଶ୍ୟକ ତାହା ମଧ୍ୟ ଜଣାପଡ଼େ । ଅନ୍ୟାନ୍ୟ କେତେକ କଥା ମଧ୍ୟରେ ସେ କହିଥିଲେ "ରାଜ୍ୟର ଆର୍ଥିକ ଉନ୍ନତି ସାଧନ ନିମନ୍ତେ ଷ୍ଟେଟ୍ କର୍ମଚାରୀ ଓ ପ୍ରଜାମାନଙ୍କ ମଧ୍ୟରେ ପୂର୍ଣ୍ଣ ସହଯୋଗ ଥିବା ଆବଶ୍ୟକ । ସରକାର କେବଳ ଲୋକ-ମାନଙ୍କୁ କାର୍ଯ୍ୟରେ ପ୍ରେରଣା ଦେବେ ଓ କିପରି ଭାବରେ ଉଦ୍ୟମ କରିବାକୁ ହେବ ସେ ସମ୍ବନ୍ଧରେ ଉପଦେଶ ଦେବେ, ମାତ୍ର ଯେ ପର୍ଯ୍ୟନ୍ତ ସେମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ନିଜେ ନିଜେ ଲାଗି ନ ପଡ଼ନ୍ତି ସେ ପର୍ଯ୍ୟନ୍ତ ଉନ୍ନତି ଅସମ୍ଭବ ।"

ରାୟ ବାହାଦୁର ପ୍ରଦର୍ଶନୀର ଉପଯୋଗିତା ସମ୍ବନ୍ଧରେ କହିବାକୁ ଯାଇ ପୁଣି କହିଲେ "ମୟୂରଭଞ୍ଜର ଅଧିକାଂଶ ଅଧିବାସୀଙ୍କର ପ୍ରଧାନ ସମ୍ବଳ ହେଲା କୃଷି । ତେଣୁ ଯେ କୌଣସି ଆର୍ଥିକ ଉନ୍ନତିର ଯୋଜନା କଲାବେଳେ ଏହାର ଆବଶ୍ୟକତା କେତେ ବେଶୀ ତାହା କହିବା ଅନାବଶ୍ୟକ । ଏଠାକାର ସାଧାରଣ କୃଷକ ପୁରାତନ କୃଷି ପ୍ରଣାଳୀ ଅବଲମ୍ବନ କରି କୌଣସିମତେ କେବଳ ଦୁଇ ମୁଠା ଖାଇବାକୁ ପାଏ । ସେ ଆଧୁନିକ ଉନ୍ନତ ଧରଣର କୃଷି ପ୍ରଣାଳୀ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅନଭିଜ୍ଞ; କେବଳ ସେତିକି ନୁହେଁ, ତାହାକୁ ସେ ସମସ୍ତ ନିର୍ଦ୍ଦେଶ କରିଦେଲେ ହୁଏତ ସେ ତାହା ଶୀଘ୍ର ଗ୍ରହଣ କରିବାକୁ ଅକ୍ଷମ । ଶହ ଶହ ବର୍ଷଧରି ସେମାନେ ଯେଉଁ ଆଲସ୍ୟରେ ନିମଗ୍ନ ସେଥିରୁ ସେମାନଙ୍କୁ ଉଠାଇବା ଏକ ଗୁରୁତର ବ୍ୟାପାର । କିନ୍ତୁ ଆମ୍ଭମାନଙ୍କର ସେଥିରେ ହତାଶ ହେବା ଉଚିତ ନୁହେଁ; ମୂର୍ଖତା ଓ ଆଲସ୍ୟ ରୂପ ଦାନବକୁ ହଟାଇବା ଲାଗି ଆମ୍ଭମାନଙ୍କର ଉଦ୍ୟମରେ ଅବହେଳା କରିବା ମଧ୍ୟ ସମ୍ପୂର୍ଣ୍ଣ ଅନୁଚିତ । ଉନ୍ନତି ଦିଗରେ ଆମ୍ଭମାନଙ୍କର ଗତି ମନ୍ଥର ହୋଇ ପାରେ, କିନ୍ତୁ ଅବିଶ୍ରାନ୍ତ ଉଦ୍ୟମ ପରିଶେଷରେ ନିଶ୍ଚୟ ସଫଳତା ଲାଭ କରିବ ।"


କୃଷି ଉନ୍ନତିର ଉପାୟ ସମ୍ବନ୍ଧରେ କହିବାକୁ ଯାଇ ସଭାପତି ମହୋଦୟ ଭଲ ବିହନ, ଭଲ କୃଷି ସରଞ୍ଜାମ ଓ ଭଲ ବଳଦର ଆବଶ୍ୟକତା ବିଷୟରେ ଜୋର ଦେଇ କହିଲେ " କୃଷି-ବିଭାଗ



Digitized by srujanika@gmail.com

ଉତ୍କୃଷ୍ଟ ବୀଜ ସର୍ବତ୍ର ବିତରଣ କରିବାର ବନ୍ଦୋବସ୍ତ କରିପାରେ ମାତ୍ର ଭୂମି କର୍ଷଣ ପାଇଁ ଭଲ କୃଷି ସରଞ୍ଜାମର ବ୍ୟବହାର ଉତ୍କୃଷ୍ଟ ବଳଦ ପାଳନ କରିବା ଉପରେ ନିର୍ଭର କରିବ । ବଳଦ ଗୁଡ଼ିକୁ ସୁସ୍ଥ ସବଳ ରଖିବାକୁ ହେଲେ ସେମାନଙ୍କର ଖାଦ୍ୟ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ । କିନ୍ତୁ ସ୍ଥାନୀୟ ଅବସ୍ଥା ଦୃଷ୍ଟିରେ ଏହା କରିବା କଷ୍ଟକର । ଏଠାକାର ଜମିରେ ଘାସ ଚାଷ କରିବା ମଧ୍ୟ କଷ୍ଟକର । କିନ୍ତୁ ଅସୁବିଧା ଯାହା ହେଉନା କାହିଁକି ସେ ସମସ୍ତ ଦୂର କରିବା ପାଇଁ ବିହିତ ଉଦ୍ୟମ କରାଯିବା ଉଚିତ ।”

ତତ୍ପରେ ବକ୍ତା ମହୋଦୟ ଏହି ରାଜ୍ୟର ଚାଷୀମାନେ ଆଖୁ ଚାଷ ଆରମ୍ଭ କରିଥିବା ଓ ନିଜ ନିଜର ବ୍ୟବହାର ପାଇଁ ଯଥେଷ୍ଟ ପରିମାଣ ଗୁଡ଼ ଉତ୍ପାଦନ କରୁଥିବାର ଜାଣି ପ୍ରୀତ ହୋଇଥିଲେ । ଗୋଲାଳୁ ଓ ଅନ୍ୟାନ୍ୟ ଶାକସବଜିର ଚାଷ ଏଠାରେ ବେଶ ଭଲ ହୋଇ ପାରୁଛି ଓ ସରକାରୀ କୃଷି ଫାର୍ମ ଏବଂ ଡିମନ୍‌ଷ୍ଟ୍ରେସନ ଫାର୍ମ ଗୁଡ଼ିକ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ନୂଆ ନୂଆ ଚାଷ ଆରମ୍ଭ କରୁଅଛନ୍ତି । ସେ ଆଶା ପ୍ରକାଶ କରିଥିଲେ ଯେ କୃଷି ବିଭାଗର ଏହି ହିତକର କାର୍ଯ୍ୟ ଗୁଡ଼ିକ ଅବଶେଷରେ ନିଶ୍ଚୟ ସୁଫଳପ୍ରଦ ହେବ ।



କୃଷି ଶିଳ୍ପ ପ୍ରଦର୍ଶନୀକୁ ଆଣିତ କେତେକ କୃଷିଜାତ ଦ୍ରବ୍ୟର ଦୃଶ୍ୟ ।

ଯେ ପର୍ଯ୍ୟନ୍ତ କୃଷକମାନେ କୁଟୀର ଶିଳ୍ପରୁ କିଛି କିଛି ଆୟ କରି ତାଙ୍କର କୃଷିର ଆୟ ସହିତ ଯୋଗ କରି ପାରି ନାହାନ୍ତି ସେ ପର୍ଯ୍ୟନ୍ତ ଭଲ ଭାବରେ ଜୀବିକା ନିର୍ବାହ କରିବା ସେମାନଙ୍କ ପକ୍ଷରେ କଷ୍ଟକର—ଡେଭଲପ୍‌ମେଣ୍ଟ ବିଭାଗର ଡାଇରେକ୍ଟରଙ୍କ ଏହି ମତକୁ ସଭାପତି ମହୋଦୟ ସମର୍ଥନ କରି କହିଲେ “ଲୋକମାନଙ୍କୁ ତାଙ୍କର ପାରିପାର୍ଶ୍ୱିକ ଅବସ୍ଥା ନେଇ ଯେଉଁ ସବୁ ଶିଳ୍ପ ସେମାନଙ୍କ ପକ୍ଷରେ ସୁବିଧା ଜନକ ହେବ ତାହା ଶିକ୍ଷା କରିବା ପାଇଁ ପ୍ରବର୍ତ୍ତାଇବା ସକାଶେ ବହୁଳ ପ୍ରଚାର ଆବଶ୍ୟକ । ମାତ୍ର ଉପଯୁକ୍ତ ଶିକ୍ଷା ଅଭାବରେ କୌଣସି ଆର୍ଥିକ ଉନ୍ନତିର ଯୋଜନା ଫଳପ୍ରଦ ହୋଇ ପାରିବ ନାହିଁ, କାରଣ ଶିକ୍ଷାହିଁ ସେମାନଙ୍କୁ ନିଜ ନିଜର ଯୋଗ୍ୟତା ବୁଝାଇ ପାରେ ଓ ସେମାନଙ୍କ ହୃଦୟରେ ସୁଖକର ଜୀବନ ଯାପନର ଆଗ୍ରହ ଉପୁଜାଇ ପାରେ ।”

ତତ୍ପରେ ସଭାପତି ମହୋଦୟ ଯେଉଁ ସବୁ ବାଧାବିଘ୍ନ ଅତିକ୍ରମ କରି ପରିଚାଳକମାନେ ଏ ବର୍ଷ ପ୍ରଦର୍ଶନୀର ଆୟୋଜନ କରିଥିଲେ ତାହା ଉଲ୍ଲେଖ କରିଥିଲେ ଏବଂ ଡେଭଲପ୍‌ମେଣ୍ଟ ବିଭାଗର ଡାଇରେକ୍ଟର ଓ ତାଙ୍କର କର୍ମୀମାନଙ୍କୁ ପ୍ରଦର୍ଶନୀର ସୁବନ୍ଦୋବସ୍ତ ପାଇଁ ଧନ୍ୟବାଦ ଜଣାଇ ଥିଲେ । ସେ ବୌଦ ଓ ଆଠମଲ୍ଲିକ ଦରବାରକୁ ତାଙ୍କର ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ ଏବଂ ପଡ଼ୋଶି ରାଜ୍ୟ ଗୁଡ଼ିକ ମଧ୍ୟ ଏରୂପ ସହଯୋଗ ପ୍ରଦାନ କରିବାର ଆଶା ପ୍ରକାଶ କରିଥିଲେ ।

## ଯୁଦ୍ଧ ପାଇଁ ମହାରାଜାଙ୍କ ଦାନ

ମୟୂରଭଞ୍ଜର ମହାରାଜା ମହୋଦୟ ଯୁଦ୍ଧର ସୁପରିଚାଳନା ପାଇଁ ନିଜର ବ୍ୟକ୍ତିଗତ ସାହାଯ୍ୟ ଓ ରାଜ୍ୟର ସମସ୍ତ ଧନ ସମ୍ପତ୍ତି ମହାମହିମ ସମ୍ରାଟଙ୍କଠାରେ ଅର୍ପଣ କରିବା ବ୍ୟତୀତ ବଡ଼ ଲାଟଙ୍କ ଯୁଦ୍ଧ ପାଣ୍ଠିକୁ ପାଞ୍ଚ ଜଣ ବସି ପାରୁଥିବା ଡି. ଏଚ ୯୦ ‘ଡ୍ରେଗନ୍ ଫ୍ଲାଇ’ ନାମକ ତାଙ୍କର ଉଡ଼ାଜାହାଜଟି ଦାନ କରିଅଛନ୍ତି । ପୁଣି St. John’s Ambulance Association ଓ ଯୁଦ୍ଧପାଣ୍ଠିର St. Dunstan ବିଭାଗକୁ ମହାରାଜା ମହୋଦୟ ଏକ ହଜାର ଲେଖାଏ ଟଙ୍କା ଦାନ କରିଅଛନ୍ତି । ଉକ୍ତ ପାଣ୍ଠିଦ୍ୱୟକୁ ମୁକ୍ତ ହସ୍ତରେ ଦାନ କରିବା ପାଇଁ ଏକ ଆବେଦନ ଷ୍ଟେଟ୍ ଗେଜେଟରେ ପ୍ରକାଶିତ ହୋଇଅଛି ।

## ରାଜ୍ୟାଭିଷେକ ଉତ୍ସବ

ଶ୍ରୀମନ୍ ମହାରାଜାଙ୍କର ରାଜ୍ୟାଭିଷେକ ଉତ୍ସବ ଅପ୍ରେଲ ମାସ ୬ୟ ତାରିଖରେ କୌଳିକ ପ୍ରଥାନୁଯାୟୀ ଅନୁଷ୍ଠିତ ହୋଇଥିଲା । ଏତଦୁପଲକ୍ଷେ ରାଜ୍ୟର ବିଚାରାଳୟ, ଅଫିସ ଓ ବିଦ୍ୟାଳୟମାନ ବନ୍ଦ ଥିଲା । ସରକାରୀ ସ୍ତମ୍ଭ ଗୁଡ଼ିକ ଉପରେ ଷ୍ଟେଟ୍ ପତାକା ଉତ୍ତୋଳନ କରା ଯାଇଥିଲା । ସ୍ଥାନୀୟ କର୍ମଚାରୀମାନେ ସେଦିନ ସକାଳେ ପୋଲିସ ପଡ଼ିଆରେ ଏକତ୍ରିତ ହୋଇଥିଲେ । ସେଠାରେ ଷ୍ଟେଟ୍ ପତାକା ଉତ୍ତୋଳନ କରା ଯାଇଥିଲା ଓ ସ୍ଥାନୀୟ ପୋଲିସ ଫଉଜ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ । ରାଜ୍ୟର ସବ୍‌-ଡିଭିଜନମାନଙ୍କରେ ମଧ୍ୟ ଏହି ଉତ୍ସବ ଉପରୋକ୍ତ ମତେ ପ୍ରତିପାଳିତ ହୋଇଥିଲା ।

## ପୂର୍ଣ୍ଣଚନ୍ଦ୍ର-ସ୍ମୃତି-କ୍ରୀଡ଼ା ପ୍ରତିଯୋଗିତା

ପୂର୍ଣ୍ଣଚନ୍ଦ୍ର-ସ୍ମୃତି-କ୍ରୀଡ଼ା ପ୍ରତିଯୋଗିତାର ନବମ ବାର୍ଷିକ ସମ୍ମେଳନ ଗତ ଫେବୃୟାରୀ ମାସ ୧୧ ତାରିଖ ରବିବାର



Digitized by srujanika@gmail.com

ଦିନ ଅନୁଷ୍ଠିତ ହୋଇଥିଲା । ପୂର୍ବ ଦିବସ ସନ୍ଧ୍ୟା ସମୟରେ ଅଳ୍ପ ବୃଷ୍ଟି ହୋଇ ଯାଇଥିବାରୁ ପାଗ ଖୁବ୍ ଭଲ ଥିଲା । ଦେବାନ ସାହେବ ଶ୍ରୀଯୁକ୍ତ କେ. ସି. ନିୟୋଗୀ ସଭାପତି ହୋଇଥିଲେ ଓ ପୁରସ୍କାର ବିତରଣ କରିଥିଲେ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳ ଓ ମେଦିନୀପୁରର ୯ ଗୋଟି ଟିମ୍ ତରଫରୁ ସର୍ବମୋଟ ୬୨ ଜଣ ପ୍ରତିଯୋଗୀ ଏଥିରେ ଯୋଗଦେଇଥିଲେ । ଖଡ଼ଗପୁର ଇଣ୍ଡିଅନ ସ୍ପୋର୍ଟିଂ କ୍ଲବର କେ. ଏସ୍. ଖାଁ ପ୍ରତିଯୋଗିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଖେଳୁଆଡ଼ ଥିଲେ ଓ ସେ ଯୋଗ ଦେଇଥିବା ପ୍ରତ୍ୟେକ ଖେଳରେ କୃତକାର୍ଯ୍ୟ ହୋଇଥିଲେ । ସେ ଖଡ଼ଗପୁର ଖାଲସା ଏଥ୍‌ଲେଟିକ କ୍ଲବର ସୁନ୍ଦର ସିଂଙ୍କୁ ୧୩ ପଏଣ୍ଟରେ ପରାସ୍ତ କରି ସର୍ବଶ୍ରେଷ୍ଠ ପ୍ରତିଯୋଗୀର କପ୍ ପାଇଥିଲେ । ଇଣ୍ଡିଅନ ସ୍ପୋର୍ଟିଂ କ୍ଲବ ୬୨ ପଏଣ୍ଟରେ ଟିମ୍ ଚେମ୍ପିଅନସିପ୍ କପ୍ ପାଇଲେ ଓ ଡନ୍‌ମଧ୍ୟରୁ କେବଳ କେ. ଏଚ. ଖାଁ ୨୫ ପଏଣ୍ଟ ପାଇଥିଲେ । ଶେଷରେ ଏସୋସିଏସନର ସଭ୍ୟବୃନ୍ଦ ଓ ପ୍ରତିଯୋଗିମାନଙ୍କ ମଧ୍ୟରେ ଯେଉଁ ଦଉଡ଼ି ଟଣା ହେଲା ତାହା ବିଶେଷ କୌତୁକପ୍ରଦ ହୋଇଥିଲା । ପ୍ରଥମ ଦୁଇ ଥର ଟଣାରେ କୌଣସି ପକ୍ଷ ହଟି ନ ଥିଲେ । ଶେଷରେ ପ୍ରତିଯୋଗିମାନେ ବିପକ୍ଷଙ୍କୁ ଏହିଥର ପ୍ରଥମ ପରାସ୍ତ କରି ଜୟଲାଭ କରିଥିଲେ ।

ସ୍ଥାନୀୟ ପ୍ରତିଯୋଗିମାନଙ୍କ ମଧ୍ୟରୁ କେବଳ ଗୌର ଜଣ ୧୬ ପଏଣ୍ଟ ହାସଲ କରିଥିଲେ । ସମସ୍ତ ବିଷୟରେ ବିଶେଷ ସୁବ୍ୟବସ୍ଥା ହୋଇଥିଲା ଓ ଶୃଙ୍ଖଳାର ସହିତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

## ଚୈତ୍ର ପର୍ବ ଓ ଛଉନାଚ

ଏ ବର୍ଷ ଚୈତ୍ରପର୍ବ ଓ ତାହାର ଆନୁସଙ୍ଗିକ ଉତ୍ସବଗୁଡ଼ିକ ଯଥାଯୋଗ୍ୟ ଆଡ଼ମ୍ବର ଓ ପବିତ୍ରତାର ସହିତ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜର ପ୍ରସିଦ୍ଧ ଛଉନାଚ ଏପ୍ରିଲ ୧୦ ତାରିଖ ଓ ତାହାର ପରବର୍ତ୍ତୀ ଦୁଇ ଦିନ ହୋଇଥିଲା । ରାଜପ୍ରାସାଦର ବିସ୍ତୃତ ପ୍ରାଙ୍ଗଣ ରାଜ୍ୟ ମଧ୍ୟରୁ ଓ ବାହାରୁ ଆସିଥିବା ଦର୍ଶକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ଯାଇଥିଲା । ଛଉନାଚ ଦେଖିବା ପାଇଁ ତାଳଚେର, ଖଣ୍ଡପଡ଼ା, କଳାହାଣ୍ଡି, ପୁରୀ ଓ ନୀଳଗିରିର ରାଜା-ମହାରାଜାମାନେ ନିମନ୍ତ୍ରିତ ହୋଇ ଆସିଥିଲେ । ନୃତ୍ୟକାରୀମାନେ ପୂର୍ବ ପରି ଦୁଇ ଦଳ ହୋଇଥିଲେ ଓ ପ୍ରଶଂସନୀୟ ପ୍ରତିଦ୍ୱନ୍ଦିତା ଦେଖାଇଥିଲେ । ଏ ବର୍ଷର ନୃତ୍ୟରେ କେତେକ ଉନ୍ନତ ଧରଣର ନୃତ୍ୟକଳା ପ୍ରଦର୍ଶିତ ହୋଇଥିଲା ।

## କ୍ଷେତ୍ରମୋହନ ବିଦ୍ୟାମନ୍ଦିର

ଗତ ଫେବୃୟାରୀ ମାସ ୧୩ ତାରିଖରେ ଶ୍ରୀମନ୍ ମହାରାଜା ମହୋଦୟ କ୍ଷେତ୍ରମୋହନ ବିଦ୍ୟାମନ୍ଦିରର ଦ୍ୱାରୋଦ୍‌ଘାଟନ କରିଥିଲେ । ରାଜବଂଶର ବିଶିଷ୍ଟ ବ୍ୟକ୍ତି, ସରକାରୀ କର୍ମଚାରୀ ଓ ସର୍ବସାଧାରଣ ଏ ଉତ୍ସବକୁ ନିମନ୍ତ୍ରିତ ହୋଇ ଆସିଥିଲେ ।

ଯେଉଁ ବ୍ୟକ୍ତିଙ୍କର ନାମାନୁସାରେ ଏ ବିଦ୍ୟାମନ୍ଦିରର ନାମକରଣ ହୋଇଅଛି ସେ ଜଣେ ସ୍ଥାନୀୟ ସୁଦକ୍ଷ କାରିଗର ଓ ବ୍ୟବସାୟୀ । ସେ ଗରିବ ଓ ନିଃସହାୟ ଥିଲେହେଁ ନିଜର ଅଧ୍ୟବସାୟ ଓ ପରିଶ୍ରମ ବଳରେ ସମାଜର ଉଚ୍ଚ ସୋପାନକୁ



କ୍ଷେତ୍ରମୋହନ ବିଦ୍ୟାମନ୍ଦିରର ଦ୍ୱାରୋଦ୍‌ଘାଟନ ଉତ୍ସବ ଉପଲକ୍ଷେ ନିମନ୍ତ୍ରିତ ଭଦ୍ରବ୍ୟକ୍ତିମାନଙ୍କ ସହିତ
ମଧ୍ୟସ୍ଥଳରେ ଶ୍ରୀମନ୍ ମହାରାଜା ଆସୀନ, ଦକ୍ଷିଣ ପାର୍ଶ୍ୱରେ ରାଜଗୁରୁ ସାହେବ ଓ ବାମ ପାର୍ଶ୍ୱରେ ରାଜ ସାହେବ ଶରତ୍ ଚନ୍ଦ୍ର ଭଞ୍ଜ ଦେଓ ।



Digitized by srujanika@gmail.com

ଉଠି ପାରିଛନ୍ତି । ତାଙ୍କର ହୃଦୟବତ୍ତା, ଦରିଦ୍ର ପ୍ରତି ସହାନୁଭୂତି ଓ ବଦାନ୍ୟତା ଗୁଣର ନିଦର୍ଶନ ସ୍ୱରୂପ ଆଜ ସେ ପ୍ରାୟ ୩୨ ହଜାର ଟଙ୍କା ବ୍ୟୟକରି ଏହି ଅନୁଷ୍ଠାନ ପ୍ରତିଷ୍ଠା କରି ପାରିଛନ୍ତି । ପ୍ରାଥମିକ ଶିକ୍ଷା ବ୍ୟତୀତ ଜାତି, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବାଳକ ବାଳିକାଙ୍କୁ ଅବୈତନିକ ଭାବରେ କୃଷି, ହସ୍ତକର୍ମ, ଯଥା— କାଠକାମ, ଚୁର୍ଚ୍ଚାକାମ, ଲୁହାକାମ ଶିକ୍ଷାଦେବା ଏହି ମହତ୍ ଅନୁଷ୍ଠାନର ଉଦ୍ଦେଶ୍ୟ ।

ଶ୍ରୀଯୁକ୍ତ କ୍ଷେତ୍ରମୋହନ ଦାସଙ୍କର ଏହି ମହତ୍ ଉଦାହରଣ ମୟୂରଭଞ୍ଜର ପ୍ରତ୍ୟେକ ଉପଯୁକ୍ତ ସନ୍ତାନଙ୍କର ଅନୁକରଣୀୟ ।

## ବାରିପଦା ସାହିତ୍ୟ ସମାଜ

ବାରିପଦା ସାହିତ୍ୟ ସମାଜର ୬ଷ୍ଠ ବାର୍ଷିକ ଅଧିବେଶନ ଅପ୍ରେଲ ମାସ ୬ ତାରିଖରେ ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟର ସୁସଜ୍ଜିତ କକ୍ଷରେ ଅନୁଷ୍ଠିତ ହୋଇଥିଲା । 'ନବଭାରତ'ର ସମ୍ପାଦକ ପଣ୍ଡିତ ନୀଳକଣ୍ଠ ଦାସ, ଏମ୍. ଏ., ଏମ୍. ଏଲ୍. ଏ. (ସେଣ୍ଟ୍ରାଲ) ସଭାପତିର ଆସନ ଅଳଂକୃତ କରିଥିଲେ । ସହରର ବିଶିଷ୍ଟ ସାହିତ୍ୟିକ ଓ ଭଦ୍ରବ୍ୟକ୍ତିଙ୍କ ବ୍ୟତୀତ ବହୁସଂଖ୍ୟକ ଛାତ୍ର ସଭାରେ ଉପସ୍ଥିତ ଥିଲେ । 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ବୋଲିହେବା ପରେ ସଭାର କାର୍ଯ୍ୟ ଆରମ୍ଭ ହେଲା । ସଭାପତିଙ୍କୁ ପୁଷ୍ପମାଳା ଅର୍ପଣ କରିବା ପରେ ଅଭିନନ୍ଦନ ଓ ବାର୍ଷିକ ବିବରଣୀ ପଠିତ ହେଲା । ସଭାପତି ମହୋଦୟ ତାଙ୍କର ସୁଚିନ୍ତିତ ଭାବଗର୍ଭକ ଅଭିଭାଷଣରେ ମୂଳନୀତି ଓ ଐତିହାସିକ ସ୍ଥିତି ଦିଗରୁ ଓଡ଼ିଆ ସାହିତ୍ୟର ବିପତ୍ତି ଓ ଦୁର୍ଗତିର କାରଣ ବିଶ୍ଳେଷଣ କରିଥିଲେ । ଆତ୍ମଶୋଧନରେ ପୁରୋଦୃଷ୍ଟି ଉଜ୍ଜ୍ୱଳ ଓ ନିର୍ମଳ କଲେ ପରମ୍ପରାର ଆଲୋଚନା ଓ ପରିସ୍ଥିତିର କଳନା ଅମୃତ୍ଲାଘାର ଅଙ୍ଗୀଭୂତ ହୋଇ ପାରିବ ବୋଲି ପରିଶେଷରେ ସେ ଆଶା ଓ ବିଶ୍ୱାସ ପ୍ରକାଶ କରିଥିଲେ ।

ତତ୍ପର ଦିବସ ରାୟବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜ, ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ, ଜଲନ୍ଧର ଦେବ ଓ ଓଡ଼ିଶାର ଅନ୍ୟାନ୍ୟ ବିଶିଷ୍ଟ ସାହିତ୍ୟିକମାନଙ୍କଦ୍ୱାରା ପ୍ରେରିତ ଉତ୍ସାହବାଣୀ ସଭାରେ ପଠିତ ହୋଇଥିଲା । ଶ୍ରୀଯୁକ୍ତ ବିପିନବିହାରୀ ରାୟ, ମଣିଭୂଷଣ ରାୟ, ଗୋକୁଳଚନ୍ଦ୍ର ଶତପଥୀ, ନବକିଶୋର ଶାସ୍ତ୍ରୀ, ସର୍ବେଶ୍ୱରଚନ୍ଦ୍ର ପାଲ, ମହେଶଚନ୍ଦ୍ର ମହାପାତ୍ର ଓ ଚନ୍ଦ୍ରମଣି ଭରଦ୍ୱାଜଙ୍କ ଦ୍ୱାରା ଲିଖିତ ପ୍ରବନ୍ଧଗୁଡ଼ିକ ସଭାରେ ପଠିତ ଓ ସମ୍ୟକ୍ ଆଲୋଚିତ ହୋଇଥିଲା । 'ଲୋକମତ'ର ସମ୍ପାଦକ ଶ୍ରୀଯୁକ୍ତ ଚନ୍ଦ୍ରମଣି ମିଶ୍ର ଓ ସ୍ଥାନୀୟ କେତେକ ଭଦ୍ରବ୍ୟକ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ପରିସ୍ଥିତି ଓ ଗତି ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ସଭାପତିଙ୍କ ପ୍ରାନ୍ତ ଅଭିଭାଷଣରେ ଅନେକ ବିଷୟ ସନ୍ନିବେଶିତ ହୋଇଥିଲା ଓ ତହିଁରୁ ତାଙ୍କର ଧର୍ମ ଏବଂ ସାହିତ୍ୟ ସମ୍ବନ୍ଧରେ ଗଭୀର ପାଣ୍ଡିତ୍ୟର ପରିଚୟ ମିଳିଥିଲା ।

## ପୂର୍ଣ୍ଣଚନ୍ଦ୍ରପୁର ପାଠଶାଳାର ଦ୍ୱାଦଶ ବାର୍ଷିକ ଉତ୍ସବ

ଅପ୍ରେଲ ମାସ ୫ ତାରିଖ ସନ୍ଧ୍ୟା ସମୟରେ ପୂର୍ଣ୍ଣଚନ୍ଦ୍ରପୁର ପାଠଶାଳାର ଦ୍ୱାଦଶ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜ ହାଇକୋର୍ଟର ପ୍ରଧାନ ବିଚାରପତି ରାୟ ବାହାଦୁର ଏମ୍. ଏନ୍. ଦାସ, ଏମ୍.ଏ., ବି.ଏଲ୍. ସଭାପତିର ଆସନ ଗ୍ରହଣ କରିଥିଲେ । ମୟୂରଭଞ୍ଜର ଜୁନିଅର ଡାଓ୍ୱାଜାର ମହାରାଣୀ ସାହେବା ଓ ଅନ୍ୟାନ୍ୟ ଅନେକ ବିଶିଷ୍ଟ ଭଦ୍ରମହିଳା ଓ ଭଦ୍ରବ୍ୟକ୍ତି ସଭାସ୍ଥଳରେ ଉପସ୍ଥିତ ଥିଲେ ।

ଉକ୍ତ ବିଦ୍ୟାଳୟଟି ପ୍ରଥମେ ୧୯୬୯ ସାଲରେ ସ୍ଥାପିତ ହୋଇଥିଲା । ସେତେବେଳେ କେବଳ ୩୦ ଜଣ ଛାତ୍ର ଏଠାରେ ଅଧ୍ୟୟନ କରୁଥିଲେ । ବର୍ତ୍ତମାନ ଏହି ବିଦ୍ୟାଳୟ ଓ ତାହାର ଶାଖା ଅନୁଷ୍ଠାନ ଗୁଡ଼ିକରେ ସର୍ବମୋଟ ଛାତ୍ର ସଂଖ୍ୟା ୧୮୯; ତନ୍ମଧ୍ୟରୁ ଛାତ୍ରୀ ସଂଖ୍ୟା ୩୬ । ଛାତ୍ରମାନଙ୍କ ମଧ୍ୟରୁ ଅଧିକାଂଶ ଅନୁନ୍ନତ ଓ ନିମ୍ନ ଶ୍ରେଣୀର ।

ସଭାପତି ମହୋଦୟ ତାଙ୍କର ବକ୍ତବ୍ୟରେ ଅନୁଷ୍ଠାନର ସମ୍ପାଦକ ଶ୍ରୀଯୁକ୍ତ ନଗେନ୍ଦ୍ରନାଥ ବେନାର୍ଜିଙ୍କୁ ବିଦ୍ୟାଳୟର ଉନ୍ନତି କଳ୍ପେ ମନପ୍ରାଣ ଉତ୍ସର୍ଗ କରି ଥିବା ଯୋଗୁଁ ଧନ୍ୟବାଦ ଅର୍ପଣ କରିଥିଲେ । ହସ୍ତଶିଳ୍ପର ଆବଶ୍ୟକତା ସମ୍ବନ୍ଧେ କହିବାକୁ ଯାଇ ସଭାପତି ମହୋଦୟ କହିଥିଲେ "ବିଦ୍ୟାଳୟର ଛାତ୍ରମାନଙ୍କୁ ସାମାନ୍ୟ ଅକ୍ଷର ଶିକ୍ଷା ଦେବା ଅପେକ୍ଷା ବୈଷୟିକ ଶିକ୍ଷା ଦେବା ବିଶେଷ ଆବଶ୍ୟକ । ଏହି ଲୋକମାନଙ୍କର ଅଭାବ ସ୍ୱଳ୍ପ ଓ ଜୀବିକା ନିର୍ବାହର ରୀତି ଉନ୍ନତ ଧରଣର ହୋଇ ନ ଥିବାରୁ ସେମାନେ ତାଙ୍କର ଜୀବନ ଧାରଣ ପାଇଁ ଅତ୍ୟାବଶ୍ୟକୀୟ ଅଭାବ ପୂରଣ କରିବା ପରେ ଅଧିକତର ପରିଶ୍ରମ କରିବାକୁ ଚେଷ୍ଟା କରନ୍ତି ନାହିଁ । ସେମାନଙ୍କୁ ଏପରି ଶିକ୍ଷା ଦେବା ଉଚିତ ଯାହା ଫଳରେ ସେମାନେ ହୃଦୟଙ୍ଗମ କରିବେ ଯେ ଯଥାରୀତି ଯତ୍ନ କଲେ ସେମାନେ ମଧ୍ୟ ସମାଜର ଉପଯୁକ୍ତ ପାତ୍ର ହୋଇପାରନ୍ତି । ଜୀବନର ପରିସର ବଢ଼ାଇବା ପାଇଁ ସେମାନଙ୍କ ପ୍ରତି ବିଶେଷ ସହାନୁଭୂତି ଓ ଦୟା ପ୍ରଦର୍ଶନ କରିବା ଉଚିତ । ଯେଉଁ-ମାନଙ୍କ ହସ୍ତରେ ସେମାନଙ୍କର ଶିକ୍ଷାର ଭାର ନ୍ୟସ୍ତ ଅଛି ସେମାନେ ଧର୍ମ ପ୍ରଚାରକ ଭଳି ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ଉଚିତ ଯେପରି ତାଙ୍କର ଦୃଷ୍ଟାନ୍ତ ଅନୁସରଣ କରି ଛାତ୍ରମାନେ ତାଙ୍କୁ ସ୍ନେହ, ସମ୍ମାନ ଓ ଭକ୍ତି କରିବାକୁ ଶିଖିବେ ।"

ଶେଷରେ ସଭାପତି ମହୋଦୟ ଅନୁଷ୍ଠାନର ଉନ୍ନତି ଓ ମଙ୍ଗଳ ପ୍ରତି ମାନନୀୟା ମହାରାଣୀମାନଙ୍କର ଅନୁରାଗ କଥା ଉଲ୍ଲେଖ କରି ଗୌରବମୟ ନାମ ସହିତ ସଂଶ୍ଳିଷ୍ଟ ଏହି ଅନୁଷ୍ଠାନ ଉପରେ ଭଗବାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସରେ ଶ୍ରୀ ପଦ୍ମଚରଣ ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ



Digitized by srujanika@gmail.com

# CALCITHRIC VITAMIN 'D'

*Triple Salts of Calcium with 25 Units of Vitamin 'D'*

*for*

RICKETS, SCROFULA, TUBERCULOSIS AND

**ALL WASTING DISEASES**

---

# EDWARD'S TONIC

*Specific for*

MALARIA & ALL OTHER FEVERS

# BUTTO KRISTO PAUL & Co., Ltd.

*Manufacturing Chemists, Calcutta.*

---

DIVINE MEDICINE OF

# H E R N I A

WONDERFUL CURE BY OUTWARD APPLICATION.

Why do you suffer from Hernia? Come to us, we shall make a contract with you and cure you of the disease. If you fail to see us, send two annas postal stamp, have the testimonials and directions and get yourself radically cured from afar. Phone B. B. 314.

*Apply to*:—Dr. H. C. ROY

*DIVINE TREATMENT HALL, 118, Upper Circular Road,* CALCUTTA.

---

# BHOLANATH DUTT & SONS

THE PREMIER PAPER HOUSE OF INDIA

*Tel*:—"PRIVILEGE" CALCUTTA. PHONE B.B. 4288 (2 lines)


BHOLANATH BUILDINGS—167, Old China Bazar Street, Calcutta.

*Branches*:—134 & 135 Old China Bazar Street, Calcutta 64 Harrison Road, Calcutta. 1 Hewet Road, Allahabad. Chawk Benares. 58 Patuatuly, Dacca.


Digitized by srujanika@gmail.com

# ଉତ୍କଳ ପ୍ରଭା

ବାରିପଦା, ଆଷାଢ଼ ୧୩୪୭



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

PHONE 2492 CAL.

GRAM "LAVATORY"

# SANITATION

PLUMBING
DRAINAGE
& WATERWORKS.

CONSULT

## S. K. CHAKRAVARTI LTD

MISSION ROW SANITARY ENGINEERS — CALCUTTA

## Mayurbhanj Law Reporter

Highly appreciated in India & Abroad.

It is a quarterly publication.

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.
MAYURBHANJ LAW REPORTER.

Estd. Half A Century

## J. N. CHUNDER & BROS

14 7 Old Chinabazar Street, Room No. 105 CALCUTTA

CHEAPEST HOUSE FOR

**PRINTING & STATIONERY GOODS**

*Please ask for Price List.*

## Bhanja Pradeep

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION


| | | |
|---|---|---|
| *Annual* | *Rs. 0-12-0* | *(post free)* |
| | *1-4-0* | *(with postage)* |
| *Price per copy ,,* | *0-3-0* | *(post free)* |
| | *0-5-0* | *(with postage)* |

*Manager*—N. C. SANYAL, B.A.
BHANJA PRADEEPA


Digitized by srujanika@gmail.com

# M·B·SIRKAR & SONS

Son and grandsons of Late B. SIRKAR.
MANUFACTURING JEWELLERS
DEALERS IN GUINEA ( 22 CT. ) GOLD ONLY.
124 & 124/1, BOWBAZAR STREET CALCUTTA.


A large assortment of genuine Jewelleries, Guinea Gold Ornaments and Silverwares of enduring value and distinction are always in stock for sale and are also made to Orders within 24 hours. MAKING CHARGES MODERATE. Old Gold and Silver exchanged with New Ornaments and we refund full value of Gold Ornaments manufacture by us at the current rate of Guinea Gold. Our latest Catalogue No. B. 2 with revised rates and designs is sent free on request.




PHONE:-B.B.1761. TEL:-BRILLIANTS.



# ସାଧନା ଔଷଧାଳୟ—ଢାକା ( ବଙ୍ଗ )

ଅଧ୍ୟକ୍ଷ ଯୋଗେଶଚନ୍ଦ୍ର ଘୋଷ, ଅୟୁର୍ବେଦ ଶାସ୍ତ୍ରୀ, ଏମ୍. ଏ., ଏଫ୍. ସି. ଏସ୍, (ଲଣ୍ଡନ) ଭାଗଲପୁର କଲେଜର ପୂର୍ବତନ ରସାୟନ ଅଧ୍ୟାପକ ।





ଶାଖା ଅଫିସମାନ:—( ଶ୍ୟାମବଜାର—କଲିକତା ଟ୍ରାମଡିପୋ ନିକଟ ) । (୨) ୨୧୨, ବହୁବଜାର ଷ୍ଟ୍ରିଟ, କଲିକତା । (୩) ଏଣ୍ଟାଲି, ଚଟାଗାଙ୍ଗ (୪) ପାଟୁଆଟୋଲା ଷ୍ଟ୍ରିଟ ଢାକା (୫) ଦିନାଜପୁର (୬) ୨୨୪ ଷ୍ଟ୍ରାଣ୍ଡରୋଡ଼, ବଡ଼ବଜାର, କଲିକତା । ଅୟୁର୍ବେଦ ଶାସ୍ତ୍ରାନୁଯାୟୀ ପ୍ରସ୍ତୁତ ହୋଇଥିବା ଅକୃତ୍ରିମ ଶୁଦ୍ଧ ଔଷଧ—ପାଇଁ ଲେଖିବ ।

ବ୍ୟବସ୍ଥା ଲାଗି ଚାର୍ଜ ଦେବାକୁ ନାହିଁ:—ରୋଗର ବିଶଦ ବିବରଣ ଲେଖିଲେ ବିନା ମୂଲ୍ୟରେ ଔଷଧ ଓ ରୋଗ ନିର୍ଣ୍ଣୟ କରାଯାଇଥାଏ ।

**ମକରଧ୍ୱଜ ( ସ୍ୱର୍ଣ୍ଣସିନ୍ଦୁର ) ଏକ ତୋଲାକୁ—ଟ ୪୯ଙ୍କା**

ଏହା ସର୍ବରୋଗନାଶକ, ବଳକାରକ, ମାନସିକ ଏବଂ ଶାରୀରିକ ପୁଷ୍ଟିସାଧକ ।

**ସାରିବାଦି ସାଲସା ଏକ ସେରକୁ—ଟ ୨୷ ଅଣା**

ଏହା ଚର୍ମରୋଗନାଶକ, ରସାୟନିକ ବିଷନାଶକ, ମେହନାଶକ, ମୂତ୍ର ସମ୍ବନ୍ଧୀୟ ସମସ୍ତ ରୋଗନାଶକ ଏବଂ ରକ୍ତପରିଷ୍କାରକ ଅଟେ ।


Digitized by srujanika@gmail.com

# ଭଞ୍ଜପ୍ରଦୀପ

**ନବମ ଭାଗ** **୪ର୍ଥ ସଂଖ୍ୟା**

## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଅଭିଭାଷଣ | | ୨ |
| ୨ । | ଓଡ଼ିଆ ସାହିତ୍ୟରେ ନାଟକ | ଶ୍ରୀ ମହେଶ ଚନ୍ଦ୍ର ମହାପାତ୍ର | ୩ |
| ୩ । | ଜୈନ ଧର୍ମ | ଶ୍ରୀମତୀ ରତ୍ନାରାଣୀ ଦେବୀ ଓ ଶ୍ରୀ ଘନଶ୍ୟାମ ଦାସ, ବି.ଏ., (ଲଣ୍ଡନ) | ୭ |
| ୪ । | ଅଦ୍ଭୁତ ବ୍ୟାଧି ( ଗଳ୍ପ ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୪ |
| ୫ । | ଇତିହାସର କେତେକ ପୃଷ୍ଠା | ଶ୍ରୀ ଶଶିଭୂଷଣ ରାୟ | ୧୯ |
| ୬ । | ପାଠ୍ୟ ପୁସ୍ତକରେ ଭଗବାନଙ୍କ ସ୍ଥାନ | ଶ୍ରୀ ରାମକୃଷ୍ଣ ନନ୍ଦ, ବି.ଏ., ଡ଼ି. ଇଡ଼. | ୨୧ |
| ୭ । | ନାରୀ ( ପଦ୍ୟ ) | ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ, ଏମ୍.ଏ. | ୨୩ |
| ୮ । | ଜାତୀୟତା ଓ ସଂସ୍କୃତି | ଶ୍ରୀ ନବକିଶୋର ଦାସ, ବି.ଏ. | ୨୪ |
| ୯ । | ସଙ୍ଗୀତ | ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ବି.ଏ. | ୨୮ |
| ୧୦ । | ବିଧାତା ( ପଦ୍ୟ ) | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ, ବି.ଏସ୍‌ସି., ଆଇ. ଏସ୍. ଆର୍. ଏସ୍. | ୨୮ |
| ୧୧ । | ଦେଶୀୟ ରାଜ୍ୟ ସମାଚାର | | ୨୯ |
| ୧୨ | ଆମୋଦ ଓ ସଙ୍କେତ | | ୩୦ |


## ଚିତ୍ର-ସୂଚୀ


| | | |
|---|---|---|
| ୧ । | ଖିଚିଙ୍ଗର ଗୋଟିଏ ସାଧାରଣ ଦୃଶ୍ୟ | ପ୍ରଚ୍ଛଦପଟ |
| ୨ । | ମୟୂରଭଞ୍ଜର ଦେୱାନ ମେଜର ବି. ସି. ପାଣ୍ଡେ, ବି. ଏ., ଏଲ୍.ଏଲ୍. ବି., ଏଫ୍. ଆର୍. ଇ. ଏସ୍. (ଲଣ୍ଡନ) | ୩୨ |
| ୩ । | ରଥଯାତ୍ରାର ଗୋଟିଏ ଦୃଶ୍ୟ | ୩୪ |


———0———

Digitized by srujanika@gmail.com

# ସହକାର

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ    ସହକାରୀ ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ

ରଥଯାତ୍ରା ସଂଖ୍ୟା

| ନବମ ଭାଗ | ଆଷାଢ଼, ସନ ୧୩୪୭ ସାଲ | ୪ର୍ଥ ସଂଖ୍ୟା |
|---|---|---|


## ଅଭିଭାଷଣ *

ବାରିପଦା ହାଇସ୍କୁଲର ପୁରସ୍କାର ବିତରଣୀ ସଭାର ସଭାପତି ହୋଇ ଏବଂ ନୂତନ ଯୁବକମାନଙ୍କ ସହିତ ମିଶିବାର ସୁଯୋଗ ପାଇ ଆଜି ମୁଁ ବିଶେଷ ଆନନ୍ଦିତ । ଏହି ମିଳନ, ମୋ ମନରୁ କ୍ରମେ ଲିଭି ଯାଉଥିବା ରଙ୍ଗିନ୍ ଛାତ୍ରଜୀବନର ସୁଖମୟ ଦିନ ଗୁଡ଼ିକର ସ୍ମୃତି କ୍ଷଣକ ପାଇଁ ଜାଗ୍ରତ କରିଦେଉଛି ।

ଛାତ୍ରମାନଙ୍କ ପକ୍ଷରେ ପୁରସ୍କାର-ଦିନ ଯେପରି ମଧୁମୟ ଅନ୍ୟ କୌଣସି ଦିନ ସେପରି ନୁହେଁ । ଯେଉଁମାନେ ଆଜି ପୁରସ୍କାର ପାଇଛନ୍ତି, ସେମାନଙ୍କୁ ମୁଁ ମୋର ଧନ୍ୟବାଦ ଅର୍ପଣ କରୁଅଛି । ଆଉ ଯେଉଁମାନେ ପୁରସ୍କାର ପାଇ ନାହାନ୍ତି, ମୁଁ ସେମାନଙ୍କୁ କହି ରଖେଁ, ସେମାନେ ହତାଶ ନ ହୁଅନ୍ତୁ, କାରଣ ସେମାନେ ଆସନ୍ତା ବର୍ଷକୁ ପୁରସ୍କାର ପାଇ ପାରନ୍ତି । ପୁଣି ଯେଉଁମାନେ ଗତ ଥର କିମ୍ବା ଏଥର ପୁରସ୍କୃତ ହୋଇ ନାହାନ୍ତି ସେମାନଙ୍କୁ ମୁଁ ଏହି ସାରଗର୍ଭକ କଥା କହିବାକୁ ଚାହେଁ ଯେ ସେମାନେ ମଧ୍ୟ ହତାଶ ନ ହୁଅନ୍ତୁ । କାରଣ ସ୍କୁଲରେ ପୁରସ୍କାର ନ ପାଇ ଜୀବନ ସଂଗ୍ରାମରେ ଲୋକେ ଏଭଳି ପୁରସ୍କାର ପାଇ ଅଛନ୍ତି ଯାହା ଇତିହାସ ଆମ୍ଭଙ୍କୁ ସ୍ମରଣ କରାଇ ଦେଉଥିବ । ସେମାନଙ୍କ ସହିତ ଯୋଗ୍ୟ ଆସନ ପାଇବା ପାଇଁ ଚେଷ୍ଟା କର, ତାହାହେଲେ ଆଜି ହୃଦୟରେ ଯେଉଁ କୋମଳ ଆଘାତ ଲାଗିଛି ତାହା ଶୀଘ୍ର ଦୂର ହୋଇଯିବ । ଆଉ ଯଦି ଟିକିଏ ଚିନ୍ତା କର—ଦେଖିବ, ସ୍କୁଲ କଲେଜରେ ତୁମ୍ଭେମାନେ ଯେଉଁ ଶିକ୍ଷାଲାଭ କରୁଛ, ତାହା କେବଳ ତୁମ୍ଭମାନଙ୍କର ନିଜର ଜୀବନକୁ ସତ୍‌ପଥରେ ଚାଳିତ କରିବା ପାଇଁ ହୋଇଅଛି । ଯେତେବେଳେ ତୁମ୍ଭେମାନେ ଏ ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ସତ୍, ସାଧୁ ଭାବରେ ଓ ସାହସର ସହିତ ଜୀବନରେ କାର୍ଯ୍ୟ କରି ଶାନ୍ତି ଓ ଆନନ୍ଦ ବିତରଣ କରିବ, ସେତେବେଳେ ତୁମ୍ଭେମାନେ ବୁଝି ପାରିବ ଯେ ସ୍କୁଲ କଲେଜରେ ପୁରସ୍କୃତ ନ ହୋଇ କଟିଥିବା ଦିନ ମଧ୍ୟ ବୃଥା କଟି ପାଇନାହିଁ ।

* ମଇ ୧୦ ତାରିଖ ବାରିପଦା ଉଚ୍ଚ ଇଂରେଜୀ ବିଦ୍ୟାଳୟ ପୁରସ୍କାର ବିତରଣୀ ସଭାରେ ପଠିତ ଶ୍ରୀମାନ୍ ମହାରାଜାଙ୍କ ଇଂରେଜୀ ଭାଷଣର ମର୍ମାନୁବାଦ ।

Digitized by srujanika@gmail.com

ଯାହାହେଉ, ଶରୀର ଗଠନ କରିବାର ସୁବିଧା ସୁଯୋଗ ଗୁଡ଼ିକୁ ତୁମ୍ଭେମାନେ ଯେପରି ବ୍ୟବହାର କରିଅଛ, ତୁମ୍ଭମାନଙ୍କର ଶରୀରକୁ ଦେଖି ମୁଁ ସେଥିପାଇଁ ଧନ୍ୟବାଦ ଦେଇ ପାରୁନାହିଁ—ଏବଂ ସୁସ୍ଥ ଓ ସବଳ ଶରୀର ବିନା ଜୀବନର ଉନ୍ନତି ଅସମ୍ଭବ।

ଶରୀର ଓ ମନର ରକ୍ଷଣାବେକ୍ଷଣ ପାଇଁ ପ୍ରଚୁର ପୁଷ୍ଟିକର ଖାଦ୍ୟ, ଯଥେଷ୍ଟ ବ୍ୟାୟାମ, ବିଶୁଦ୍ଧ ବାୟୁ ସେବନ, ପରିଷ୍କୃତ ଜଳପାନ ଓ ସଚ୍ଚିନ୍ତା ଦରକାର। ଶରୀରର ତଥା ମନର ସୁସ୍ଥତା ରକ୍ଷା ଲାଗି ସଚ୍ଚିନ୍ତାର ଆବଶ୍ୟକତା ସାଧାରଣତଃ ବୁଝା ପଡ଼େ ନାହିଁ। ମନହିଁ ଜୀବନର ପ୍ରତ୍ୟେକ କ୍ରିୟା-କଳାପର ଚାଳକ। ନିର୍ମଳ ଓ ସତ୍-ପ୍ରକୃତିର ସଂସର୍ଗ ଛାତ୍ରମାନଙ୍କର ଅତି ନିକଟରେ, ଯେହେତୁ ସେମାନଙ୍କୁ ଶିକ୍ଷକମାନଙ୍କ ସଙ୍ଗ ସର୍ବଦା ମିଳିଥାଏ।

ଆଧୁନିକ ଶିକ୍ଷା ପଦ୍ଧତିରେ ଛାତ୍ରଜୀବନର ଗଠନ ପାଇଁ ଶିକ୍ଷକ-ମାନଙ୍କ ଦାୟିତ୍ୱ ପ୍ରାୟଶଃ ଉପଲବ୍ଧ ହୁଏନାହିଁ। ମାନବ-ଶିଶୁଠାରେ ଦେବତ୍ୱର କଳା ନିହିତ, ତେଣୁ ସେ ଯାହା ନିର୍ମଳ ଓ ପବିତ୍ର ସେଥିପ୍ରତି ସହଜରେ ଆକୃଷ୍ଟ ହୁଏ। ଯେଉଁ ଶିକ୍ଷକ ନିର୍ମଳ, ସାଧୁ ଓ ଉନ୍ନତ ଚିନ୍ତାର ବେଷ୍ଟନୀ ମଧ୍ୟରେ ବାସ ନ କରନ୍ତି, ସେ ଛାତ୍ରମାନଙ୍କ ସ୍ନେହ ଓ ପ୍ରଶଂସା ଆକର୍ଷଣ କରି ପାରନ୍ତି ନାହିଁ ଏବଂ ସେମାନେ ଛାତ୍ରମାନଙ୍କ ଚରିତ୍ର ଗଠନରେ ଏକାବେଳକେ ଅପାରଗ। ତାଙ୍କଠାରେ ଜ୍ଞାନଗର୍ଭିକ ନୀତି ଓ ସୁବିବେଚିତ ଉପଦେଶ ପୂର୍ଣ୍ଣମାତ୍ରାରେ ଥାଇ ପାରେ, କିନ୍ତୁ ସେଗୁଡ଼ିକୁ ନିଜର ଜୀବନରେ ପ୍ରକାଶ କରି ଜୀବନ୍ତ କରି ନ ପାରିଲେ ତାହା ସେହି ପୁସ୍ତକ-ନୀତି ହୋଇ ରହିବ। ଶିକ୍ଷକମାନଙ୍କୁ ଶିକ୍ଷାଦାନ ପଦ୍ଧତି ବିଷୟରେ ଶିକ୍ଷାଦେବା ଆଜିକାଲି ଗୋଟାଏ ଗତି ହୋଇ ପଡ଼ିଛି ଏବଂ ସେଥିରେ କେତେକ ବିଶିଷ୍ଟରୂପେ ଯୋଗ୍ୟତା ଲାଭ କରନ୍ତି। ନିର୍ଦ୍ଦିଷ୍ଟ ସମୟ ଭିତରେ ନିର୍ଦ୍ଦିଷ୍ଟ ବିଷୟ ଶିକ୍ଷାଦେଇ ନାନା ବିଷୟରେ ନାନା ଜ୍ଞାନ ଛାତ୍ରମାନଙ୍କ ମସ୍ତିଷ୍କରେ ପ୍ରବେଶ କରାଇବା ପ୍ରକୃତ ଶିକ୍ଷକର କାର୍ଯ୍ୟ ନୁହେଁ। ମାତ୍ର ନିଜର ଚରିତ୍ରର ବଳ, ଶିକ୍ଷାର ମହତ୍ତ୍ୱ ଏବଂ ସତ୍ୟ, ଶିବ, ସୁନ୍ଦର ପ୍ରତି ପ୍ରକୃତିଗତ ଆଦରରେ ପିଲାର ଚରିତ୍ର ପ୍ରଭାବିତ କରିବା ଶିକ୍ଷକର କାର୍ଯ୍ୟ।

ପ୍ରଚଳିତ ଶିକ୍ଷାନୀତି ଓ ପଦ୍ଧତି ଅନୁସାରେ ଖୁବ୍ ଅଳ୍ପ ସମୟରେ ଅନେକ ଗୁଡ଼ିଏ ବ୍ୟାବହାରିକ ଜ୍ଞାନ ପିଲାଙ୍କୁ ଶିକ୍ଷା ଦିଆଯାଏ ଏବଂ ଚରିତ୍ର ଗଠନ ପ୍ରତି ଆଦୌ ଦୃଷ୍ଟି ଦିଆଯାଏ ନାହିଁ। ଜୀବନର ସାଫଲ୍ୟ କେବଳ ଶିକ୍ଷା, ଜ୍ଞାନ ବା ମାନସିକ ଚତୁରତା ଉପରେ ନିର୍ଭର ନ କରି ଚରିତ୍ର ଓ ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ, ଏହି ସତ୍ୟ ଜୀବନର ଅଭିଜ୍ଞତାରୁ ଲୋକେ ସମୟରେ ଉପଲବ୍ଧି କରିଥାନ୍ତି। ଯେଉଁ ଶିକ୍ଷକଙ୍କର ଉନ୍ନତ ଚରିତ୍ର ଓ ବ୍ୟକ୍ତିତ୍ୱର ଅଭାବ ସେ କଦାପି ଛାତ୍ରର ଚରିତ୍ର ଓ ବ୍ୟକ୍ତିତ୍ୱର ଉନ୍ନତି ସାଧନ କରି ପାରିବେ ନାହିଁ।

ପ୍ରତ୍ୟେକେ ଜୀବନରେ କୃତକାର୍ଯ୍ୟ ହେବାକୁ ଚାହାନ୍ତି ଏବଂ ଛାତ୍ରମାନଙ୍କୁ ଜୀବନରେ ସଫଳତା ଲାଭ କରିବା ପାଇଁ ସାହାଯ୍ୟ କରିବା ପ୍ରତ୍ୟେକ ଶିକ୍ଷାର ଲକ୍ଷ୍ୟ। କିନ୍ତୁ ଭଲ ଭାବରେ ଚିନ୍ତା କଲେ ଦେଖାଯାଏ ଯେ ଜୀବନରେ ସଫଳତା ଲାଭଠାରୁ ବଳି କଷ୍ଟକର କିଛି ନାହିଁ।

ଜୀବନର ମୂଲ୍ୟର ପରିମାପକ, ମନୁଷ୍ୟର ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ବିଭିନ୍ନ। ଏହା ନାନା ଦେଶରେ, ଭିନ୍ନ ଭିନ୍ନ ଯୁଗରେ ପରିବର୍ତ୍ତିତ ହୋଇଥାଏ ଏବଂ ଆମ୍ଭମାନଙ୍କ ଚକ୍ଷୁ ସମ୍ମୁଖରେ ଯେଉଁ ପରିବର୍ତ୍ତନ ହେଉଅଛି ତାହାର ପରିବର୍ତ୍ତନର ଧାରଣା ଅନେକ କମ୍ ଲୋକଙ୍କର ଅଛି। ପ୍ରାଚୀନ ଭାରତରେ ଜ୍ଞାନ ଓ ବଂଶମର୍ଯ୍ୟାଦା ଦ୍ୱାରା ମୂଲ୍ୟ ନିରୂପିତ ହେଉଥିଲା—ବର୍ତ୍ତମାନ ସୁଦ୍ଧା ଆମ୍ଭେମାନେ ଆମର ଅମୁକ ଗୋତ୍ର ବୋଲି କହିଥାଉଁ ଓ ପ୍ରତ୍ୟେକ ଧର୍ମକାର୍ଯ୍ୟରେ ନିଜକୁ ଏହି ଭାବରେ ପରିଚିତ କରିବାକୁ ବାଧ ହେଉଁ। ବଶିଷ୍ଠ, ଭରଦ୍ୱାଜ ଆମ୍ଭମାନଙ୍କ ପୂର୍ବପୁରୁଷ ଥିଲେ ବୋଲି ଆମ୍ଭେମାନେ ଗର୍ବ ଅନୁଭବ କରୁଁ। ଭାରତୀୟମାନେ ବୁଝିଥିଲେ, ଜ୍ଞାନ ଅର୍ଥ କେବଳ ବିଦ୍ୟା ନୁହେଁ—ତେର୍ କିଛି ବେଶି। ସେମାନେ ଏହାକୁ ସତ୍ୟ କହୁଥିଲେ। ବୈଦିକ ଯୁଗର ଋଷିମାନେ 'ସତ୍ୟଦ୍ରଷ୍ଟା' ନାମରେ ଖ୍ୟାତ। ସମାଜରେ ଏ ପ୍ରକାର ଜ୍ଞାନର ପରିମାପକଦ୍ୱାରା ସମ୍ମାନ ଓ ଭକ୍ତିର କଳନା କରା ଯାଉଥିଲା।

ଆଧୁନିକ ଭାରତ ଅର୍ଥ ଓ ସମ୍ପତ୍ତିକୁ ସର୍ବାପେକ୍ଷା ଉଚ୍ଚ ସ୍ଥାନ ଦେଇଛି ଏବଂ ଧନୀ ଲୋକ ଅଜ୍ଞ ବା ପାପାଗ୍ରସ୍ତ ହେଲେ ମଧ୍ୟ ସମାଜରେ ସମ୍ମାନିତ ହେଉଅଛି। ସର୍ବବ୍ୟାପୀ ଅର୍ଥ ପିପାସା ଓ ପ୍ରଭୂତ ଧନ ସଂଗ୍ରହ ଜୀବନରେ କୃତକାର୍ଯ୍ୟତା ବୋଲି ବିବେଚିତ ହେଉଅଛି ବର୍ତ୍ତମାନ ଲୋକେ ଅର୍ଥ ବିନିମୟରେ ନିଜର ସ୍ୱାସ୍ଥ୍ୟ, ସମ୍ମାନ, ନ୍ୟାୟ ଓ ସ୍ୱାଧୀନତା ଜଳାଞ୍ଜଳି ଦେବା ପାଇଁ ପ୍ରସ୍ତୁତ। ଏ ସଂକ୍ରାମକ ରୋଗ ଚାରିଆଡ଼େ ମାଡ଼ି ଯାଇଅଛି। ଆମ୍ଭମାନଙ୍କ ଶିକ୍ଷକମାନେ ମଧ୍ୟ ଏଥିରୁ ଅବ୍ୟାହତି ପାଇ ନାହାନ୍ତି।

ଆମ୍ଭେମାନେ ଭାରତରେ ଯେତେବେଳେ ଧନ ଅନୁସାରେ ସମାଜର ଉଚ୍ଚ ନୀଚ ଭେଦାଭେଦ କଳନା କରୁଅଛୁଁ ସେତେ-ବେଳେ ଇଉରୋପରେ ଆମ୍ଭମାନଙ୍କ ଚକ୍ଷୁସମ୍ମୁଖରେ ଗୋଟାଏ ପରିବର୍ତ୍ତନ ଘଟୁଅଛି। ସେଠାରେ ଧନ ପରିବର୍ତ୍ତେ ଶକ୍ତି ଜୀବନର ମୂଲ୍ୟ ନିରୂପଣ କରୁଅଛି। ଗୋଟାଏ ବଳିଷ୍ଠ ଲୋକ କିମ୍ବା ଗୋଟାଏ ବଳିଷ୍ଠ ଜାତି ପୃଥିବୀର ସମସ୍ତଙ୍କର ସମ୍ମାନ ଆକର୍ଷଣ କରୁଅଛି। ପୃଥିବୀ ସଦା ସର୍ବଦା ପାଶବିକ ବଳ ଓ ଶତ୍ରୁର ପ୍ରଭୂତ ଅନିଷ୍ଟ ସାଧନ କରିବାର ଶକ୍ତିକୁ ପ୍ରଶଂସା କରି ଆସିଅଛି ଓ ଏହା ପ୍ରକାଶ୍ୟରେ ସ୍ୱୀକାର କରି ଜୀବନର ମୂଲ୍ୟ ନିରୂପଣର ଅନ୍ୟାନ୍ୟ ମାନଦଣ୍ଡ ପ୍ରତି ବିଦ୍ରୂପ ପ୍ରଦର୍ଶନ କରିଅଛି।

ଏ ସମସ୍ତ ବିଷୟ ଆଲୋଚନା କଲାବେଳେ ଇତିହାସର ନିରପେକ୍ଷ ବାଣୀହିଁ ନିରାପଦ ପଥପ୍ରଦର୍ଶକ। ସମ୍ପତ୍ତିଶାଳୀ କାର୍ଥେଜ ପୃଥିବୀ ପୃଷ୍ଠରୁ ଅଦୃଶ୍ୟ ହୋଇ ଯାଇଅଛି ଏବଂ ଭାବୀ ବଂଶଧରମାନଙ୍କ ପାଇଁ କୌଣସି ସଂସ୍କୃତି ମୂଳକ ପରଂପରା ରଖି ଯାଇ ନାହିଁ। ପରାକ୍ରାନ୍ତ ଏସିରିୟା ଓ ବେବିଲୋନ୍ ଏବଂ କର୍ମକୁଶଳ ଇଜିପ୍ତ ଅଦୃଶ୍ୟ ହୋଇ ଯାଇଅଛି।



Digitized by srujanika@gmail.com

ପ୍ରାଚୀନ ଗ୍ରୀସ୍‌ର ସୌନ୍ଦର୍ଯ୍ୟ ପିପାସା, ପ୍ରାଚୀନ ରୋମର ଗଠନ ମୂଳକ ଶକ୍ତି ଏବଂ ହିବ୍ରୁମାନଙ୍କର ଆଧ୍ୟାତ୍ମିକତାର ସମ୍ମିଶ୍ରଣରେ ଆଧୁନିକ ଇଉରୋପୀୟ ସଭ୍ୟତାର ଉତ୍ପତ୍ତି । ଏହି ସଭ୍ୟତା, ଯାହାକୁ ଆମ୍ଭେମାନେ ପିଲା ଦିନରୁ ପ୍ରଶଂସା କରିବାକୁ ଶିକ୍ଷା କରିଅଛୁଁ ତାହା ଆଜି ରକ୍ତ ସମୁଦ୍ରରେ ବୁଡ଼ି ଯିବାକୁ ବସିଛି । ପୁରାକାଳର ସଭ୍ୟତା ମଧ୍ୟରୁ କେବଳ ଭାରତ ଓ ଚୀନ ଦେଶର ସଭ୍ୟତା ବର୍ତ୍ତମାନ ସୁଦ୍ଧା ତିଷ୍ଠି ପାରିଛି—କହିବାକୁ ଗଲେ ଚୀନଦେଶର ସଭ୍ୟତା ବହୁ ପରିମାଣରେ ଭାରତର ବୌଦ୍ଧ ଧର୍ମ ଓ ବୌଦ୍ଧ ସଂସ୍କୃତି ଦ୍ୱାରା ପ୍ରଭାବିତ ।

ଯେତେବେଳେ ଆମ୍ଭେମାନେ ଭାରତୀୟ ସଂସ୍କୃତିର ସୁଦୀର୍ଘ ସ୍ଥାୟିତ୍ୱର କାରଣ ଅନୁସନ୍ଧାନ କରିବାକୁ ଯାଉଁ ଓ ସଙ୍ଗେ ସଙ୍ଗେ ଭାରତ ଯେଉଁ ସମସ୍ତ ରାଜନୀତିକ ଭାଗ୍ୟ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିଅଛି ସେ ବିଷୟ ଚିନ୍ତା କରୁଁ, ସେତେବେଳେ ସେ କିପରି ତାର ଦୃଷ୍ଟି ସର୍ବଦା ଚିରନ୍ତନ ସତ୍ୟ ପ୍ରତି ଓ ପରିବର୍ତ୍ତନଶୀଳ ସୃଷ୍ଟିରେ ନିତ୍ୟବସ୍ତୁ ପ୍ରତି ଲକ୍ଷ୍ୟ ରଖି ସେହି ସତ୍ୟ ପାଇଁ ଯେଉଁ ନିର୍ମଳ ଓ ପ୍ରଗାଢ଼ ସାଧନା କରିଅଛି, ତାହା ଲକ୍ଷ୍ୟ କରୁଁ ।

ମୋର ମନେହୁଏ ମୁଁ ମୋର ବକ୍ତବ୍ୟରୁ ଅନେକ ଦୂର ଚାଲି ଯାଇଛି । କିଣ୍ଡରଗାର୍ଟେନ ଓ ମଣ୍ଟେଶରୀ ପ୍ରଭୃତି ନାନା ଶିକ୍ଷା ପଦ୍ଧତିର ଆଲୋଚନା କଲାବେଳେ ଆମ୍ଭମାନଙ୍କର ଏହି ଆଦର୍ଶ ପ୍ରତି ଦୃଷ୍ଟି ରଖିବା ଆବଶ୍ୟକ । ଆଧୁନିକ ଶିକ୍ଷା ନାନା ଭାବରେ ଏପରି ଜଟିଳ ହୋଇ ଯାଇଅଛି ଯେ ଆମ୍ଭେମାନେ ଅଧିକାଂଶ ସମୟରେ ପ୍ରକୃତ ଶିକ୍ଷାରେ ଯେଉଁ ଦୁଇ ଗୋଟି କଥା ବିଶେଷ ଲୋଡ଼ା ତାହା ଭୁଲିଯାଉଁ । ପ୍ରଥମତଃ ନିଷ୍ଠାପର ଶିକ୍ଷକ ଓ ଆଗ୍ରହୀ ଛାତ୍ର ଲୋଡ଼ା । ଦ୍ୱିତୀୟତଃ ଶିକ୍ଷାର ଉଦ୍ଦେଶ୍ୟ କେବଳ କେତେଗୁଡ଼ିଏ ଟୁକୁରା ଜ୍ଞାନ ପିଲାଙ୍କ ମୁଣ୍ଡରେ ପୂରାଇବା ବଦଳରେ ସେମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ କରାଇବାର ଚେଷ୍ଟା ହେବା ଉଚିତ । ମୁଁ କହୁଛି ଯେ ଶିକ୍ଷକ ନିଷ୍ଠାପର ହୋଇ ଛାତ୍ର ସତ୍, ସାଧୁ, ନିର୍ଭୀକ ଓ ଜ୍ଞାନୀ ହୋଇ ବଢ଼ିବାର ଲକ୍ଷ୍ୟ କରିବେ । ଯେଉଁ ଶିକ୍ଷକ କେବଳ ଅର୍ଥ ଉଦ୍ଦେଶ୍ୟରେ ଓ ଛାତ୍ରଙ୍କୁ ପରୀକ୍ଷାରେ କୃତକାର୍ଯ୍ୟ କରାଇବା ପାଇଁ ଶିକ୍ଷକତା କାର୍ଯ୍ୟ ଗ୍ରହଣ କରନ୍ତି ସେ ପ୍ରକୃତ ଶିକ୍ଷକ ନୁହନ୍ତି । ପୁଣି ଯେଉଁ ଛାତ୍ର କେବଳ ଉପାଧି ପାଇଁ ଓ ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ପାଠ୍ୟପୁସ୍ତକ ମୁଖସ୍ଥ କରେ ସେ ମଧ୍ୟ ପ୍ରକୃତ ଛାତ୍ର ନୁହେଁ । ପ୍ରକୃତ ଛାତ୍ର ଶିକ୍ଷକଙ୍କ ମହତ୍ତ୍ୱ ଓ ପବିତ୍ରତା ଦ୍ୱାରା ଅନୁପ୍ରାଣିତ ହେବା ଉଚିତ । ଆଧୁନିକ ଶିକ୍ଷାରେ ଉଭୟର ଅଭାବ । ବର୍ତ୍ତମାନ ମୋର ଧାରଣା ଯେ ଶିକ୍ଷା ସମ୍ବନ୍ଧରେ ବହୁ ଅର୍ଥ ବ୍ୟୟରେ କମିଶନ୍ ନ ବସାଇ ନିଜେ ନିଜେ କଠୋର ଭାବରେ ଚିନ୍ତା କରିବାର ସମୟ ଆସି ଗଲାଣି । ମୋର ବିଶ୍ୱାସ ଆମ୍ଭେମାନେ ଏହା ଫଳରେ ପ୍ରକୃତ ଶିକ୍ଷାର ଉଦ୍ଦେଶ୍ୟକୁ ଆଖି ଆଗରେ ଦେଖି ପାରିବୁଁ ଓ ତଦନୁସାରେ ଶିକ୍ଷା ପଦ୍ଧତି ନିୟମିତ କରି ପାରିବୁଁ ।

ହେଡ଼ମାଷ୍ଟରଙ୍କ ରିପୋର୍ଟରୁ ଶୁଣି ଖୁସି ହେଲି ଯେ ସ୍କୁଲରେ ଘନ ଘନ ଶିକ୍ଷକ ପରିବର୍ତ୍ତନର ଯୁଗ ଅତୀତ ହୋଇ ଯାଇଅଛି । ଏଥିପାଇଁ ଓ ବିଶ୍ୱ-ବିଦ୍ୟାଳୟ ପରୀକ୍ଷାରେ ସ୍କୁଲର ଭଲ ଫଳପାଇଁ ତାଙ୍କୁ ମୁଁ ଧନ୍ୟବାଦ ଦେଉଅଛି ।

ଶିକ୍ଷକମାନଙ୍କୁ ମୁଁ ଏହା ନିଶ୍ଚିତ ଭାବରେ କହୁଅଛି ଯେ ଷ୍ଟେଟ୍ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଚେଷ୍ଟା କରିବ । ମାତ୍ର ଏହା ପରିବର୍ତ୍ତରେ ମୁଁ ସେମାନଙ୍କଠାରୁ ଏତିକି ଆଶାକରେଁ, ଯେପରି ସେମାନେ ଶିକ୍ଷାର ବ୍ୟବସାୟୀ ନ ସାଜି ଇତିହାସ, ଭୂଗୋଳ, ଅଙ୍କ, ଇଂରାଜୀ ରୂପ ହାତୁଡ଼ି ଓ ନିହାଣ ଦ୍ୱାରା ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଶ୍ରେଣୀ, ତୃତୀୟ ଶ୍ରେଣୀ ଛାତ୍ରପିତୁଳା ତିଆରି ନ କରନ୍ତୁ । ମୁଁ ଆଶାକରେ ସେମାନେ ଯେପରି ଛାତ୍ରମାନଙ୍କ ପ୍ରକୃତ 'ଗୁରୁ' ହୁଅନ୍ତୁ । ସେମାନଙ୍କ ମନରେ ପ୍ରେରଣା ଆଣି ଦିଅନ୍ତୁ ଓ ସେମାନଙ୍କ ଜୀବନର ଆଦର୍ଶ ହୋଇ ପଥପ୍ରଦର୍ଶକ, ବନ୍ଧୁ ଓ ଉପଦେଷ୍ଟାର କାର୍ଯ୍ୟ ସାଧନ କରନ୍ତୁ ।

# ଓଡ଼ିଆ ସାହିତ୍ୟରେ ନାଟକ*

ଶ୍ରୀ ମହେଶ ଚନ୍ଦ୍ର ମହାପାତ୍ର

ଓଡ଼ିଆ ସାହିତ୍ୟରେ ନାଟକର ଇତିହାସ ଖୁବ୍ ବେଶୀ ଦିନର ନୁହେଁ । ପୁରାତନ ଓଡ଼ିଆ ସାହିତ୍ୟ ଖୁବ ସମୃଦ୍ଧ ହୋଇଥିଲେ ହେଁ, ସେ କାଳରେ ସାହିତ୍ୟିକମାନଙ୍କୁ ଓଡ଼ିଆରେ କେବଳ କାବ୍ୟ କବିତା ଲେଖିଥିବାର ଦେଖାଯାଏ । ରାୟ ରାମାନନ୍ଦଙ୍କର ଜଗନ୍ନାଥବଲ୍ଲଭ ନାଟକ ସଂସ୍କୃତରେ ଲେଖା—ଓଡ଼ିଆରେ ନୁହେଁ ।

ଓଡ଼ିଆ ସାହିତ୍ୟରେ ପ୍ରଥମ ନାଟ୍ୟକାର ବୋଧହୁଏ ରାମଶଙ୍କର । କାରଣ ତାଙ୍କ ପୂର୍ବରୁ ଓଡ଼ିଆ ନାଟ୍ୟକାରଙ୍କ

* ବାରିପଦା ସାହିତ୍ୟ ସମାଜର ୭ମ ବାର୍ଷିକ ଅଧିବେଶନରେ ପଠିତ ପ୍ରବନ୍ଧ ।

ସଂସ୍କୃତ ନାଟକର ଅନୁବାଦକାରଙ୍କର ପରିଚୟ ଓଡ଼ିଆ ପାଠକ ଜାଣେ ନାହିଁ । ମଧୁ ରାଓଙ୍କର "ଉତ୍ତର ରାମଚରିତ"ର ଅନୁବାଦ ଓ ମୃତ୍ୟୁଞ୍ଜୟ ରଥଙ୍କର "ମୁଦ୍ରା ରାକ୍ଷସ" ର ଅନୁବାଦ ପରବର୍ତ୍ତୀ ବୋଲି ଅନୁମାନ ହୁଏ । ତାଙ୍କ ପରେ ନାଟ୍ୟକାର କାମପାଲ ମିଶ୍ର ଏବଂ ଅନୁବାଦକାରୁ ରଞ୍ଜିତ ରାଜା, ଗୋପୀନାଥ ନନ୍ଦ ପ୍ରଭୃତି ।

ଆଧୁନିକ ଯୁଗର ନାଟ୍ୟକାରମାନଙ୍କ ମଧ୍ୟରେ ଯେଉଁମାନେ ଆଖିରେ ପଡ଼ନ୍ତି ସେମାନଙ୍କ ମଧ୍ୟରୁ ଗୋଦାବରୀଶ ମିଶ୍ର, ଅଶ୍ୱିନୀକୁମାର ଘୋଷ, ରାମଚନ୍ଦ୍ର ମହାପାତ୍ର ଓ ରାମାରଞ୍ଜନ ମହାନ୍ତି ପ୍ରଧାନ । ଓଡ଼ିଆରେ ଅନେକ ନାଟକ ମଧ୍ୟ ଆଜଯାଏ ଅପ୍ରକାଶିତ । ସେଗୁଡ଼ିକ ସଙ୍ଗରେ ପାଠକର ପରିଚୟ ଏପର୍ଯ୍ୟନ୍ତ ହୋଇ ନ ଥିବାରୁ, ସେଗୁଡ଼ିକ ବିସ୍ମୃତିର ବାହାରେ ରହିଗଲେ ।

ଆମ ଭାଷାରେ ନାଟକ ଲେଖିବା ଦିଗରେ ପ୍ରଚେଷ୍ଟା ଏତେ ଅଳ୍ପ କାହିଁକି ? ତାର ପ୍ରଧାନ କାରଣ ହେଉଛି ଉପଯୁକ୍ତ ରଙ୍ଗମଞ୍ଚର ଅଭାବ । ଭାରତର ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ନାଟକ ରଚନା ଅନେକ ଦୂର ଆଗେଇ ଯାଇଛି—ଏହି ରଙ୍ଗମଞ୍ଚର ସହାୟତା ଫଳରେ । ଆମ ଦେଶର ସାହିତ୍ୟିକ ନାଟକ ଲେଖିବାକୁ ଉତ୍ସାହ ପାଏ ନାହିଁ । କେହି ଖଣ୍ଡିଏ ନାଟକ ଲେଖିଲେ ସେ ଖଣ୍ଡିର ଅଭିନୟ ହୁଏ ନାହିଁ—ସୁତରାଂ ନାଟ୍ୟକାର ନାଟକର ଦୋଷଗୁଣ ବୁଝି ପାରେନାହିଁ । ଯଦି କୌଣସି ପ୍ରକାଶକ ଦୟାପରବଶ ହୋଇ ସେ ଖଣ୍ଡିକ ଛପାଏ, ତା'ହେଲେ ବହି ଦୋକାନରେ ପୋକ କାଟିବା ଛଡ଼ା ତାର ଅନ୍ୟ କୌଣସି ସଦ୍‌ଗତି ହେବାର ଦେଖା ଯାଏନାହିଁ । ଫଳରେ ନାଟ୍ୟକାର ହୁଏ ହତୋତ୍ସାହ ଓ ପ୍ରକାଶକ ହୁଏ ବିରକ୍ତ ।

ଓଡ଼ିଆରେ ସାଧାରଣତଃ ଆମେ ତିନି ପ୍ରକାର ନାଟକ ଦେଖିବାକୁ ପାଉଁ । ପୌରାଣିକ, ଐତିହାସିକ ଓ ସାମାଜିକ । ଆମର ପୁରାଣମାନଙ୍କରେ ନାଟକୀୟ କଥାବସ୍ତୁ ପ୍ରଚୁର ପରିମାଣରେ ଅଛି । ଯେ କୌଣସି ପୁରାଣରୁ ଅନେକ ନାଟକ ରଚିତ ହୋଇପାରେ । ବିଶେଷତଃ ମହାଭାରତରେ ଅସଂଖ୍ୟ ଘଟଣା ଅଛି ଯାହାକି ଖୁବ ଭଲ ନାଟକର କଥାବସ୍ତୁ ହୋଇ ପାରେ ଏବଂ ତାର ଭୂରି ଭୂରି ପ୍ରମାଣ ଆମର ପଡ଼ୋଶୀ ପ୍ରାଦେଶିକ ସାହିତ୍ୟମାନଙ୍କରେ ଦେଖିବାକୁ ମିଳେ । ଓଡ଼ିଆ ନାଟ୍ୟକାରମାନଙ୍କର ଏଦିଗରେ ଯେଉଁ ପ୍ରଚେଷ୍ଟା ଅଛି ତାହା ଅତି ଅଳ୍ପ । ତେଣୁ ଓଡ଼ିଆରେ ପୌରାଣିକ ନାଟକର ଅଭିନୟ କରିବାକୁ ହେଲେ ବଙ୍ଗଳା ବା ଅନ୍ୟ ଭାଷାରେ ଲେଖା ନାଟକର ଅନୁବାଦ କରିବାକୁ ହୋଇଥାଏ ।

ଐତିହାସିକ ନାଟକର କଥାବସ୍ତୁ ପାଇଁ ଓଡ଼ିଆ ନାଟ୍ୟକାରଙ୍କୁ ଚିନ୍ତା କରିବାକୁ ନ ପଡ଼ିବା ସ୍ୱାଭାବିକ । ଓଡ଼ିଶା ତଥା ସମଗ୍ର ଭାରତ ଇତିହାସ ନାଟକୀୟ କଥା ବସ୍ତୁରେ ପରିପୂର୍ଣ୍ଣ । ଓଡ଼ିଆରେ ଶତ ଶତ ଐତିହାସିକ ନାଟକ କେବଳ ଓଡ଼ିଶାର ଇତିହାସରୁ ଲେଖା ଯାଇପାରେ । ଏ ପ୍ରକାର ନାଟକ ଲେଖିବା ଦିଗରେ ଓଡ଼ିଶାରେ ଅଳ୍ପ ବହୁତ ଚେଷ୍ଟା ଯେ ନୋହିଛି ତା ନୁହେଁ ମାତ୍ର ସେଥିମଧ୍ୟରୁ ଅଧିକାଂଶରେ ଅକ୍ଷମ ଅନୁକରଣର ଆଭାସ ଦେଖିବାକୁ ମିଳେ ।

ଏଠାରେ ଗୋଟାଏ କଥା କହି ରଖିବା ଉଚିତ ଯେ ଏ ଦେଶର ଲୋକଙ୍କର ରୁଚି ଓ ଭାବଧାରା ସହିତ ତାଳ ଦେଇ ନାଟକ ଚାଲି ପାରିନାହିଁ । ଯେ କେତୋଟି ନାଟକ ଆମର ଅଛି ସେଗୁଡ଼ିକର ନାଟକୀୟ ଚରିତ୍ର, ଭାଷା ଏବଂ ଯୋଜନା ସ୍ୱାଭାବିକ ନ ହୋଇ ଥିବାରୁ ନାଟକ ଅନାଦରଣୀୟ ହୋଇଛି । ଆମର ନାଟକ ବର୍ତ୍ତମାନ ସୁଦ୍ଧା ମଧ୍ୟଯୁଗର ହୋଇ ରହିଛି ଏବଂ drama ନ ହୋଇ ହୋଇଛି melodrama ।

ସାମାଜିକ ନାଟକ ଲେଖିବା ଦିଗରେ ଓଡ଼ିଆ ନାଟ୍ୟକାର ଏକାବେଳକେ ନିଶ୍ଚେଷ୍ଟ । ଆଜି ପର୍ଯ୍ୟନ୍ତ ଖଣ୍ଡେ ବୋଲି ସୁନ୍ଦର, ଯୁଗରୁଚିସଂପନ୍ନ ଓ ଅଭିନୟୋପଯୋଗୀ ସାମାଜିକ ନାଟକ ଓଡ଼ିଆରେ ପ୍ରକାଶିତ ହୋଇନାହିଁ । ତାର କାରଣ ଆମର ନାଟ୍ୟକାରମାନଙ୍କର ସାମାଜିକ ଜୀବନରୁ କଥାବସ୍ତୁ ସଂଗ୍ରହ ଦିଗରେ ଅକ୍ଷମତା । ପୌରାଣିକ ଓ ଐତିହାସିକ ନାଟକ ଲେଖିବା ଠାରୁ ସାମାଜିକ ନାଟକ ଲେଖିବା କଠିନ । ପୌରାଣିକ ଓ ଐତିହାସିକ ନାଟକ ପାଇଁ ତିଆରି କଥାବସ୍ତୁ ନାଟ୍ୟକାର ପାଇଥାଏ । ଅନ୍ୟ ଦିଗରେ, ଆମର ଜାତୀୟ ଜୀବନର ଧାରା ଅତ୍ୟନ୍ତ ବୈଚିତ୍ର୍ୟହୀନ ହୋଇଥିବାରୁ ନାଟ୍ୟକାରଙ୍କୁ ଖୁବ ସାବଧାନତାର ସହିତ ସାମାଜିକ ନାଟକର କଥାବସ୍ତୁ ଆହରଣ କରିବାକୁ ପଡ଼ିବ । ଏଥିପାଇଁ ଦରକାର ତୀକ୍ଷ୍ଣ ଅନୁସନ୍ଧିତ୍ସା ଓ ମନସ୍ତତ୍ତ୍ୱ ବିଶ୍ଳେଷଣର କ୍ଷମତା । ଏ କଥା କହିଲେ ଅନ୍ୟାୟ ହେବ ଯେ ଆମ ସମାଜରେ କୌଣସି ଜଟିଳତା ନାହିଁ, କୌଣସି social problem ନାହିଁ ଯାହାକି ସାମାଜିକ ନାଟକର କଥାବସ୍ତୁ ହୋଇପାରେ । ଏ ସମସ୍ତ ଅଛି—ନାହିଁ କେବଳ ଆବଶ୍ୟକୀୟ ଉଦ୍ୟମ ଓ ସାଧନା ।

ଏତିକି ଗଲା ଓଡ଼ିଆ ନାଟକର ମୋଟାମୋଟି ପରିଚୟ । କିନ୍ତୁ ଏହି ପରିଚୟ ଘେନି ଓଡ଼ିଆ ନାଟକ ଆଉ କେତେଦିନ ବଞ୍ଚିବ ? ତାକୁ ତ ପୁଣି ସମୟ ସଙ୍ଗରେ ଗତି କରିବାକୁ ହେବ । ସୁତରାଂ ଶ୍ରେଷ୍ଠରୁ ଶ୍ରେଷ୍ଠତର ହେବ ତାର ଆଦର୍ଶ । ଏହି ଆଦର୍ଶକୁ ଆଗରେ ରଖି ଚାଲିବାକୁ ହେଲେ ପ୍ରୟୋଜନ ତାର ସବାଆଗେ ରଙ୍ଗମଞ୍ଚ । ବର୍ତ୍ତମାନ ଯୁଗରେ ନାଟକର ପରିକଳ୍ପନା ସଙ୍ଗେ ସଙ୍ଗେ ରଙ୍ଗମଞ୍ଚର ସମ୍ବନ୍ଧ ଏକାବେଳକେ ଅବିଚ୍ଛିନ୍ନ, ତେଣୁ ନାଟ୍ୟକାରର ନାଟକ ଲେଖିବା ସଙ୍ଗେ ସଙ୍ଗେ ରଙ୍ଗମଞ୍ଚ ବିଷୟରେ ସାଧାରଣ ଜ୍ଞାନ ଥିବା ଆବଶ୍ୟକ । ଯୁକ୍ତି ହୋଇପାରେ ଯେ ନାଟ୍ୟକାର ଯୋଜନା ଦିଗକୁ ଲକ୍ଷ୍ୟ ରଖିଲେ ତାର ସ୍ୱତଃସ୍ଫୂର୍ତ୍ତ ଭାବଧାରା ବହୁ ପରିମାଣରେ ବ୍ୟାହତ ହେବ । ନାଟକର ଯୋଜନା ନାଟ୍ୟକାରର କାର୍ଯ୍ୟ ନୁହେଁ, ପରିଚାଳକର । କିନ୍ତୁ



Digitized by srujanika@gmail.com

ନାଟ୍ୟକାରର ଯଦି ମଞ୍ଚ ସମ୍ବନ୍ଧରେ କୌଣସି ଜ୍ଞାନ ନ ଥାଏ ତା'ହେଲେ ପରିସ୍ଥଳକ ତାଙ୍କୁ ଠିକ ଭାବରେ Setting ଦେଇ ପାରିବ କି ? ଏ ଦୋଷ ଆମ ଦେଶର ପ୍ରତ୍ୟେକ ନାଟକରେ ଅଳ୍ପ ବହୁତ ଦେଖିବାକୁ ମିଳେ । ନାଟ୍ୟକାର ନିଜର ନାଟକରେ ଯେତେବେଳେ ଅଙ୍କ ଓ ଦୃଶ୍ୟ ବିଭାଗ କରିଥାନ୍ତି—ତାଙ୍କର ମଞ୍ଚର ଜ୍ଞାନ ନ ଥିଲେ ନାଟକ ଏକାବେଳକେ ଅଭିନୟର ଅନୁପଯୁକ୍ତ ହୋଇଯିବ । କେଉଁ ଦୃଶ୍ୟ ପରେ କେଉଁ ଦୃଶ୍ୟ ଅଭିନୟର ଉପଯୋଗୀ ହୋଇ ବେଶୀ ଚିତ୍ତାକର୍ଷକ ହେବ ଏ ଜ୍ଞାନ ନାଟ୍ୟକାରର ଥିବା ଆବଶ୍ୟକ ।

ଅନେକ ନାଟକ ଅଛି ଯାହା ଅଭିନୟର ଅନୁପଯୋଗୀ ଅଥଚ ସାହିତ୍ୟ ଦିଗରୁ ଖୁବ ସରସ ଓ ଉପାଦେୟ । ଉଦାହରଣ ସ୍ୱରୂପ ମେଟରଲିଙ୍କଙ୍କ "Blue Bird" ଉଲ୍ଲେଖ କରାଯାଇ ପାରେ । ଓଡ଼ିଆରେ କବି କାଳନ୍ଦୀଚରଣଙ୍କର "ପ୍ରିୟଦର୍ଶୀ" ଓ ଆଚାର୍ଯ୍ୟ ମାୟାଧରଙ୍କର "ପୁଷ୍ପିତା" ନାଟିକା ଏହି ଶ୍ରେଣୀର । ଏହି ନାଟକ ଗୁଡ଼ିକର ପ୍ରୟୋଜନୀୟତା ସାହିତ୍ୟରେ, ମଞ୍ଚ ପାଇଁ ନୁହେଁ । କିନ୍ତୁ ସାଧାରଣତଃ ନାଟକ କହିଲେ ଆମେ ଯା ବୁଝୁଁ ତାର ଉତ୍କର୍ଷ ଅଭିନୟରେ ହୋଇଥାଏ ।

ନାଟକ ସ୍ଥୂଳତଃ ତିନି ପ୍ରକାର:—ମିଳନାନ୍ତ, ବିୟୋଗାନ୍ତ ଓ ପ୍ରହସନ । ଏଗୁଡ଼ିକ ପ୍ରତ୍ୟେକେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର କଳାସୃଷ୍ଟି ଏବଂ ପ୍ରତ୍ୟେକଟି ପ୍ରଚୁର ପରିମାଣରେ ଉପଭୋଗ୍ୟ । ସାଧାରଣତଃ ଆମ ଦେଶର ଲୋକେ ମିଳନାନ୍ତ ନାଟକ ଦେଖିବାକୁ ପାନ୍ତି ବା ଯାନ୍ତି । ନାଟକର ସମାପ୍ତି ଯଦି ସୁଖମୟ ହେଲା ଆମେ ଖୁସି ହୋଇ ଥାଉଁ । ଏହା ଆମର ମନସ୍ତତ୍ତ୍ୱ – ଯେତେ ଅସ୍ୱାଭାବିକ ଓ ଅସ୍ୱାସ୍ଥ୍ୟକର ହେଉନା କାହିଁକି । ମାତ୍ର ପୃଥିବୀର ଶ୍ରେଷ୍ଠ ନାଟକ ଗୁଡ଼ିକ ମଧ୍ୟରୁ ଅଧିକାଂଶ ବିୟୋଗାନ୍ତ । ତାର କାରଣ ବିୟୋଗାନ୍ତ ନାଟକର ପ୍ରଭାବ ଦର୍ଶକ ମନରେ ଅନେକ ଦିନ ଧରି ରହେ । ମନୁଷ୍ୟ ଏତେ ଦୁଃଖୀ ଯେ, ସେ ସତ୍ୟ ଖୋଜେ ଦୁଃଖ ମଧ୍ୟରେ, ଦାରିଦ୍ର୍ୟ ମଧ୍ୟରେ, ଅଶ୍ରୁ ମଧ୍ୟରେ । ନାଟକ ଦେଖୁଁ ଦେଖୁଁ ସେ ତାର ମଧ୍ୟରେ ନିଜକୁ ଖୋଜିବୁଲେ—ବିୟୋଗାନ୍ତରେ ସେ ହୁଏତ ନିଜକୁ ପାଏ । ସେଥିପାଇଁ ବିୟୋଗାନ୍ତ ନାଟକ ତାର ବେଶୀ ଆପଣାର ।

ପ୍ରହସନର କାର୍ଯ୍ୟକାରିତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଓ ପ୍ରହସନ ନାଟ୍ୟ କଳାର ଗୋଟିଏ ବିଶିଷ୍ଟ ଅଙ୍ଗ । ଦୁଃଖର ଦୁର୍ବିସହ ଜ୍ୱାଳାରୁ ଲାଘବ ପାଇଁ ମନୁଷ୍ୟ ଯେତେବେଳେ ଖୋଜିବୁଲେ ଟିକିଏ ଆନନ୍ଦ—ସେହି ଆନନ୍ଦର ଆଲୋକ ରେଖା ଦେଖାଏ ପ୍ରହସନ । ପ୍ରହସନ ଦେଖୁଁ ଦେଖୁଁ ମନୁଷ୍ୟ ଯେତେବେଳେ ହସେ—ସେ ହସରେ ରହେ ସେ ସ୍ଫଟିକର ସ୍ୱଚ୍ଛତା, ଅନାବିଲତା । ମୃତ୍ୟୁର ନିର୍ଯାତନାରୁ ଜୀବନର ଆନନ୍ଦକୁ ଯେଉଁ ହସ ତାକୁ ଟାଣି ପାରିବ ସେ ରହେ ସେହି ହସ । ସେଥିପାଇଁ ପ୍ରହସନ ନାଟ୍ୟ-କଳାରେ ଅପରିହାର୍ଯ୍ୟ । ଆମେ ଯେ ହସି ଜାଣୁନା ଏ ଅପବାଦକୁ ସତ୍ୟ କରୁଛି ଆମର ପ୍ରହସନ । "ପେଟେଣ୍ଟ ମେଡିସିନ୍"ର ଖଡ ମୂର୍ଖା ପ୍ରହାର ଆମକୁ ଏତେ ହସାଏ ଯେ ଉଚ୍ଚ ଦରର ହାସ୍ୟ ରସର ଧାରଣା ଆମେ କରି ପାରୁନା । ହସ ନାମରେ ଆମ ଆଖିରୁ କେବଳ ଅକ୍ଷମତାର ଲୋତକ ଝରେ ।

ଉଚ୍ଚାଙ୍ଗ ନାଟକ କିପରି ହେବା ଉଚିତ ଏ ବିଷୟରେ ଆମର ନାଟ୍ୟକାରମାନେ ଚିନ୍ତା କରନ୍ତି ନାହିଁ । ଗତାନୁଗତିକତାରେ ଯେତିକି ସମ୍ଭବ, ତା ଛଡ଼ା କ୍ରମୋନ୍ନତି ପ୍ରତି ଆଗ୍ରହ ଦେଖାଇବାକୁ ଏମାନେ ଯେମିତି କୁଣ୍ଠିତ । ସୃଷ୍ଟି-ବୈଚିତ୍ର୍ୟହିଁ ନାଟ୍ୟକାରର ପ୍ରଧାନ art—କବି,ଔପନ୍ୟାସିକ ସମସ୍ତଙ୍କ ପକ୍ଷରେ ଏହା ସତ୍ୟ । ମାନବ ଚରିତ୍ରର ସୃଷ୍ଟି—ତାର ବିକାଶ, ତାର ଉନ୍ମେଷ ଦେଖାଇବାହିଁ ନାଟ୍ୟକାରର ଅସଲ ପ୍ରତିଭା । ଘଟଣାର ପରମ୍ପରାରେ, ଘଟଣାର ଘାତପ୍ରତିଘାତରେ, ଅନ୍ତରସଂଗ୍ରାମରେ, ମନୁଷ୍ୟର ଯେ ଚରିତ୍ର ଫୁଟି ଉଠେ, ତାକୁ ନିପୁଣ ଭାବରେ ଗୋଟିକ ପରେ, ଗୋଟିଏ ଦେଖାଇବାହିଁ ପ୍ରକୃତ ନାଟ୍ୟକାରର କଳା କୌଶଳ । ଉପନ୍ୟାସରେ ସବୁ କଥା ଖୋଲି କୁହା ହୋଇ ପାରେ; ବୁଝାଇ ଦିଆ ଯାଇ ପାରେ, ପ୍ରତ୍ୟେକ ଚରିତ୍ରର ବିଶ୍ଳେଷଣ ମଧ୍ୟ କରା ଯାଇ ପାରେ ; କିନ୍ତୁ ନାଟକରେ ଏତେ କଥାର ଅବସର କାହିଁ ? ନାଟ୍ୟକାରକୁ ସୀମାବଦ୍ଧ କେତୋଟି ଦୃଶ୍ୟପଟ ମଧ୍ୟରେ କଥାବାର୍ତ୍ତାରେ, ସମୁଦାୟ ରସ ଓ ଭାବର ଘାତପ୍ରତିଘାତରେ, ପ୍ରତ୍ୟେକ ଚରିତ୍ରଟିକୁ ପରିସ୍ଫୁଟ କରିବାକୁ ପଡେ । ନାଟକର ସର୍ବାପେକ୍ଷା କଠିନ ଅଂଶହେଉଛି କଥାବାର୍ତ୍ତାର ଭାଷା । କଥା-ଗୁଡ଼ିକ ଏମିତି ସଜା ହୋଇଥିବ ଯେମିତି ପ୍ରତ୍ୟେକ କଥା ଗୋଟିଏ କିଛି ନିର୍ଦ୍ଦେଶ କରିବ । ଭଲ କବିତାର ଗୋଟିଏ ଶବ୍ଦ ବା ଅକ୍ଷର ଏପାଖ ସେପାଖ ହେଲେ କବିତା ଯେପରି ଖାପଛଡ଼ା ଓ ଯତିଭଙ୍ଗ ଦୋଷରେ ଦୁଷ୍ଟ ହୁଏ ନାଟକର କଥାବାର୍ତ୍ତାରେ ସଂଗତି ନ ରହିଲେ ଠିକ ସେପରି ହୁଏ । ଆମ ଦେଶର ନାଟ୍ୟକାରମାନେ ନାଟକର କଥାବସ୍ତୁକୁ ଏତେ ଖୋଲା କରି ଦେଖାନ୍ତି ଯେ Suspense interest ବୋଲି କୌଣସି ପଦାର୍ଥ ତା ମଧ୍ୟରେ ନ ଥାଏ । ପ୍ରତ୍ୟେକ ଘଟଣାର ଆରମ୍ଭଠାରୁ ଶେଷ ପରିଣତି ପର୍ଯ୍ୟନ୍ତ ପ୍ରତ୍ୟେକଟି detail ସେ ଦର୍ଶକ ଆଗରେ ଧରି ଦିଅନ୍ତି । ଭୁଲିଯାନ୍ତି ଯେ ଦର୍ଶକ ଶିଶୁ ନୁହେଁ । ତାକୁ ସମ୍ପୂର୍ଣ୍ଣ detail ନ ଦେଲେ ମଧ୍ୟ ସେ ଅନେକ ବିଷୟ ଇଙ୍ଗିତରେ ବୁଝି ପାରିବ ଏବଂ ସେହି ଇଙ୍ଗିତଟି ଠିକ ରୂପେ ଦେବା ନାଟ୍ୟକାରର ବାହାଦୁରି । ତା ଦ୍ୱାରା ଦର୍ଶକକୁ ମଧ୍ୟ ନାଟ୍ୟକଳା ଶିଖିବାକୁ ସୁଯୋଗ ମିଳେ । ନାଟକର ଗୋଟାଏ ବିଶେଷ ଉପଭୋଗ୍ୟ ଅଂଶ ଏହି Suspense interest.

ଚରିତ୍ର ସୃଷ୍ଟି ଦିଗକୁ ନାଟ୍ୟକାରର ବିଶେଷ ଦୃଷ୍ଟି ଦେବା ଉଚିତ । ନାଟ୍ୟ ଚରିତ୍ର କେଉଁ ପରିସ୍ଥିତିରେ ବଢ଼ିଛି, କିପରି ଶିକ୍ଷାଦୀକ୍ଷା ପାଇଛି, କେଉଁ ସମାଜରେ ତାକୁ ବିଚରଣ କରିବାକୁ ହୁଏ—ଏ ସମସ୍ତ କ୍ରମାନୁଯାୟୀ ତାର ଚରିତ୍ରର ବୈଶିଷ୍ଟ୍ୟ ସଙ୍ଗରେ ଭାଷା ଓ ଭାବର ତାରତମ୍ୟ ଦେଖାଇବାକୁ ହେବ ।





Digitized by srujanika@gmail.com

ପ୍ରବୃତ୍ତ ନାଟ୍ୟକାରର ଏ ଗୁଡ଼ିକ ବିଶେଷ ଭାବରେ ଲକ୍ଷ୍ୟ କରିବା ଉଚିତ । ଆମ ନାଟକରେ ହୋଇଛି କଣ ? ଆମର ପୌରାଣିକ ନାଟକର ଭୀମ, ଚିରଦିନ ଦେଶକାଳପାତ୍ର ନିର୍ବିଶେଷରେ ଗର୍ଜନ-ବିଳାସୀ ଏବଂ ଐତିହାସିକ ନାଟକର ସେନାପତି, ବୀରରସାସ୍ୱାଦୀ ଓ ରାଜ କନ୍ୟାର ପ୍ରଣୟୀ । ତା' ପୁଣି ଏତେ ଅସ୍ୱାଭାବିକ ଯେ ପଢ଼ି ପଢ଼ି ମନେହୁଏ ନାଟ୍ୟକାରଙ୍କର ସମସ୍ତ ରସଜ୍ଞାନକୁ ଠେଲି ବୀର ରସଟି ମଥା ଟେକିଛି, କେବଳ ଅର୍ଥହୀନ ଆତ୍ମଗରିମା ଓ ଅହେତୁକ ଦେଶପ୍ରେମିକତାରେ । ଆଜି ଯେଉଁଠି ନାଟ୍ୟକାର ଅନ୍ୟ କୌଣସି ଉପାୟ ପାଇ ନାହାନ୍ତି ଦେଇଛନ୍ତି "ସ୍ୱଗତ" ଶବ୍ଦଟି ବସାଇ । ଫଳରେ ଆମ ନାଟକର ଗୋଟିଏ ବିଶ୍ଳେଷଣ କଲେ ଦେଖାଯିବ, ଶତକଡ଼ା ୪୦ ବୀରରସ, ୩୦ ସ୍ୱଗତ, ୨୦ ଅସ୍ୱାଭାବିକ ପ୍ରଣୟ ଓ କ୍ରନ୍ଦନ ଓ ବାକି ୧୦ ହାସ୍ୟରସ ନାମରେ ଅଶ୍ଳୀଳ ଛତରାମି । ଆମ ଦେଶର ନାଟ୍ୟକାରମାନଙ୍କର ଚିନ୍ତାଧାରା କେବେ ଯେ ମହତ୍ତର ଓ ସଂଯତ ହେବ, ଭାବିଲେ ହତାଶ ହେବାକୁ ହୁଏ ।

ନାଟ୍ୟକାରମାନଙ୍କର ଏହି ନିକୃଷ୍ଟ ରୁଚିର ନିଦର୍ଶନ ଆମ ଦେଶର ତଥାକଥିତ ଅଭିନେତା । ସେମାନେ ହୋଇଛନ୍ତି ଗୋଟିଏ ଗୋଟିଏ ଭୀମ କିମ୍ବା ଅତି କମରେ ଐତିହାସିକ ନାଟକର ସେନାପତି. ପ୍ରେମାଳାପରେ ବୀର ରସର ଅବତାରଣା କରି ଦର୍ଶକର ହୁଅନ୍ତି ହାସ୍ୟାସ୍ପଦ ଏବଂ ଅଜ୍ଞତା ବଶରୁ ଦର୍ଶକର ହସକୁ ନିଜର ଅଭିନୟର ପ୍ରଶଂସା ମନେକରି ଚିତ୍କାର କରନ୍ତି ଦ୍ୱିଗୁଣ ଜୋରରେ । ଏ ଦୋଷ ଗୁରୁଅଡ଼େ ଦେଖିବାକୁ ମିଳେ । ସୁପ୍ରସିଦ୍ଧ ଦାର୍ଶନିକ ନାଟ୍ୟକାର Bernard Shaw ଇଂରାଜି ରଙ୍ଗମଞ୍ଚକୁ ଲକ୍ଷ୍ୟ କରି କହିଛନ୍ତି—" The misunderstanding is complicated by the fact that actors, in their demonstration of Emotion, have made a second nature of stage Custom, which is often very much out of date as a representation of contemporary life. Sometimes the stage custom is not only obsolete but fundamentally wrong ; for instance, the simple case of laughter and tears, in which it deals too liberally ; it is certainly not based on the fact, easily enough discoverable in real life, that we only cry now in the effort to bear happiness whilst we laugh and exult in destruction, confusion and ruin. When a comedy is performed, it is nothing to me that the spectators laugh ? any fool can make an audience laugh. I want to see how many of them laughing or grave, are in the melting mood. And this result cannot be achieved, even by actors who understand my purpose, except through an artistic beauty of execution unattainable without long and arduous practice, and an intellectual effort which my plays probably do not even seem serious English to call forth. "

ଏହି ସମସ୍ତ କାରଣରୁ ନାଟକର ସମାଲୋଚନା ଆମ ସାହିତ୍ୟରେ ଏକାନ୍ତ ଆବଶ୍ୟକ । କିନ୍ତୁ ଆମ ସାହିତ୍ୟରେ ସମାଲୋଚନା ନାଁରେ ଯା ଚାଲେ ତା ହେଉଛି କଦର୍ଯ୍ୟ କୁତ୍ସାବାଦ ଓ ବ୍ୟକ୍ତିଗତ ଆକ୍ରମଣ । ସମାଲୋଚନାରେ ସହାନୁଭୂତିର ଅଭାବ ଆମେ ବରାବର ଲକ୍ଷ୍ୟ କରିଥାଉଁ । ନାଟ୍ୟକାର ଯେଉଁ ସତ୍ୟ ଓ ଆଦର୍ଶ ପ୍ରଚାର କରିବାକୁ ପ୍ରୟାସ କରିଛି, ତାକୁ ସାଧାରଣ ନିକଟରେ ପରିସ୍ଫୁଟ କରିବା ସମାଲୋଚକର କର୍ତ୍ତବ୍ୟ । ସେହି ସତ୍ୟ ଓ ଆଦର୍ଶ ଚରିତ୍ରରେ ବିକଶିତ ହୋଇଛି କି ନା, ପାରିପାର୍ଶ୍ୱିକ ଅବସ୍ଥାର ସମାବେଶ ସ୍ୱାଭାବିକ କି ନା, ଘଟଣାର ସନ୍ନିବେଶରେ ଘାତ-ପ୍ରତିଘାତ ସହଜ ଓ ସରଳ ଭାବରେ ପରିଚାଳିତ କି ନା, ନାଟ୍ୟଚରିତ୍ରର ନରନାରୀଙ୍କର କଥୋପକଥନରେ ଚରିତ୍ରଗତ ସୁସଂଗତି ରହିଛି କି ନା, ଦୃଶ୍ୟପଟର ସମାବେଶ ଯଥାଯଥ କି ନା ଇତ୍ୟାଦି ଆନୁପୂର୍ବିକ ଆଲୋଚନାରେ ଗ୍ରନ୍ଥର ସୌନ୍ଦର୍ଯ୍ୟ ଓ ଅସୌନ୍ଦର୍ଯ୍ୟ ପ୍ରଦର୍ଶନ କରିବା ସମାଲୋଚକର କାର୍ଯ୍ୟ । ସାହିତ୍ୟିକ ମାଧୁର୍ଯ୍ୟ, କଳ୍ପନା ସୌଷ୍ଠବ ଓ ବିଚିତ୍ରତାର ବିଶ୍ଳେଷଣ ସମାଲୋଚନାର ଅଙ୍ଗ ହେବା ଉଚିତ ।

ଆଜକାଲି ଗୋଟାଏ ଚିତ୍କାର ଶୁଣିବାକୁ ମିଳେ ଯେ ସାହିତ୍ୟରେ କୁନୀତି ପଶିଲା, ବ୍ୟଭିଚାର ପଶିଲା । କୁନୀତି ଯେ ସାହିତ୍ୟରେ ନ ପଶିଛି ତା ନୁହେଁ । କିନ୍ତୁ କୁନୀତି ପଶିଛି ସମାଜରେ । ସାହିତ୍ୟରେ ତାର ପ୍ରଭାବ ଅବଶ୍ୟ ପଡ଼ିବ କାରଣ ସାହିତ୍ୟ ସମାଜର ପ୍ରତୀକ । ନାଟ୍ୟକାର ସାହିତ୍ୟିକ । ସାହିତ୍ୟିକର କାର୍ଯ୍ୟ ସତ୍ୟ ପ୍ରକାଶ । ସତ୍ୟରେ ଯଦି କଦର୍ଯ୍ୟତା ଥାଏ ତା'ହେଲେ ତାର ପ୍ରତିକାର ତାକୁ ସମସ୍ତଙ୍କ ନଜରକୁ ଆଣିବା ଯହିଁରେ ସେ କଦର୍ଯ୍ୟତା ନଷ୍ଟ ହେବ । ନାଟ୍ୟକାର ମନ୍ଦକୁ ତାର ସୃଷ୍ଟିରେ ସ୍ଥାନ ଦେବ ଭଲକୁ ପରିସ୍ଫୁଟ କରିବା ପାଇଁ । ତାର ସୃଷ୍ଟିରେ ରାବଣ-ସୂର୍ପଣଖା ରହିବ, ରାମ-ସୀତା ମଧ୍ୟ ରହିବ ।



Digitized by srujanika@gmail.com

# ଜୈନ ଧର୍ମ

## ( ୧ )

**ଶ୍ରୀମତୀ ସୁଭାସୁଣୀ ଦେବୀ**

**ଓ**

**ଶ୍ରୀ ଘନଶ୍ୟାମ ଦାସ**

ଯେତେବେଳେ ପୃଥିବୀରେ ଧର୍ମର ଗ୍ଲାନି ଆସେ, ଦେଶ କୁସଂସ୍କାରାଚ୍ଛନ୍ନ ହୁଏ, ଅତ୍ୟାଚାର ଓ ଉତ୍ପୀଡ଼ନରେ ଦେଶ ହାହାମୟ ହୁଏ, ସେତେବେଳ ଜଣେ ଜଣେ ମହାପୁରୁଷ ଜନ୍ମଗ୍ରହଣ କରି ଲୋକମାନଙ୍କୁ ଜ୍ଞାନର ଆଲୋକ ଦେଖାଇ ଶାନ୍ତି ଓ ଧର୍ମର ପୁନଃ ପ୍ରତିଷ୍ଠା କରନ୍ତି। ହିନ୍ଦୁ ଧର୍ମ ଯେତେବେଳେ ତାହାର ଚରମ ସୀମାରେ ଉପନୀତ ହେଲା ଓ ଧର୍ମ ନାମରେ ନାନା ପ୍ରକାର କୁକର୍ମ ଆଚରିତ ହେଲା. ସେତେବେଳେ ମହାପୁରୁଷ ବୁଦ୍ଧଦେବ କପିଳବସ୍ତୁରେ ଜନ୍ମଗ୍ରହଣ କରି ତାଙ୍କ ପ୍ରତିଷ୍ଠିତ ବୌଦ୍ଧ ଧର୍ମଦ୍ୱାରା ଦେଶକୁ ଅତ୍ୟାଚାରୀଙ୍କ କବଳରୁ ରକ୍ଷାକରି ଭାରତ ବକ୍ଷରେ ଶାନ୍ତିର ଧାରା ବୁହାଇ ଥିଲେ। ବୌଦ୍ଧ ଧର୍ମର ସଙ୍ଗେ ସଙ୍ଗେ ଭାରତରେ ଅନ୍ୟ ଏକ ଧର୍ମର ଆବିର୍ଭାବ ହୋଇଥିଲା। ତାହା ହେଉଛି ଜୈନ ଧର୍ମ।

ଜୈନ ଧର୍ମ ହିନ୍ଦୁ ଓ ଶିଖ ଧର୍ମ ପରି ପ୍ରଚାରକଙ୍କର ନାମାନୁସାରେ, କିମ୍ବା ବୌଦ୍ଧ, ଇସଲାମ ଓ ଖ୍ରୀଷ୍ଟାନ ଧର୍ମ ତୁଲ୍ୟ ସ୍ଥାପୟିତାଙ୍କ ନାମାନୁଯାୟୀ ପ୍ରତିଷ୍ଠିତ ହୋଇନାହିଁ। ଜୈନ ଶବ୍ଦର ଉତ୍ପତ୍ତି ଜୀନ୍‌ରୁ ହୋଇଅଛି। ଜୀନ୍ ଅର୍ଥ ଜୟୀ। ଏହି ଜୀନ୍ ଉପାଧି ମହାବୀର ପ୍ରମୁଖ ୨୪ ଜଣ ତୀର୍ଥଙ୍କରଙ୍କୁ ଦିଆ ହୋଇଥିଲା। ଜୈନମାନେ ଏହି ତୀର୍ଥଙ୍କରମାନଙ୍କର ଅନୁଚର। ପୂର୍ବକାଳରେ ଏହି ମତାବଲମ୍ବୀଙ୍କର ଅନ୍ୟ ଏକ ନାମ ଥିଲା ନିର୍ଗ୍ରନ୍ଥ ଅର୍ଥାତ୍ ବନ୍ଧନହୀନ।

ପ୍ରଥମ ଉପନିଷଦ୍ ଯୁଗରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦିରେ ଅନେକ ଧର୍ମନିଷ୍ଠ ଲୋକ ସଂସାର ବନ୍ଧନରୁ ମୁକ୍ତ ହେବାର ଉପାୟ ତୀବ୍ର ଭାବରେ ଅନୁସନ୍ଧାନ କରୁଥିଲେ। ଏହିପରି ଚିନ୍ତା କରୁଁ କରୁଁ ସେମାନେ ଗୃହସଂସାର ତ୍ୟାଗ କରି ଭିକ୍ଷୁବେଶ ଧାରଣ କରୁଥିଲେ। ମାତ୍ର ସେମାନଙ୍କ ମଧ୍ୟରେ ନିର୍ବାଣ (ଅର୍ଥାତ୍ ସଂସାର ବନ୍ଧନରୁ ମୁକ୍ତ ହେବା) ବିଷୟ ନେଇ ଭୀଷଣ ମତଭେଦ ଥିଲା। ଏପରି କି ସେମାନଙ୍କ ମଧ୍ୟରେ କଳହ ଓ ବିବାଦ ମଧ୍ୟ ଲାଗି ଯାଇଥିଲା। ମହାପୁରୁଷ ବୁଦ୍ଧଦେବ ଓ ମହାବୀର ଏହି ବିଭିନ୍ନ ମତବାଦୀଙ୍କୁ ସଂଘବଦ୍ଧ କରି ସେମାନଙ୍କୁ ଜ୍ଞାନର ମାର୍ଗ ଦେଖାଇ ଥିଲେ। ବ୍ରାହ୍ମଣର ଆଧିପତ୍ୟ ବିନାଶ କରିବା ଏହି ଦୁଇ ଧର୍ମ ସ୍ଥାପନର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ସେହି ସମୟରେ ବ୍ରାହ୍ମଣମାନେ ପ୍ରଚାର କରୁଥିଲେ ଯେ ସେମାନେ ସବୁଠାରୁ ବେଶୀ ଜ୍ଞାନୀ ଓ ମୋକ୍ଷ ପ୍ରାପ୍ତିର ଏକ ମାତ୍ର ଅଧିକାରୀ। ସେମାନଙ୍କର ଦର୍ପର ପତନ ଆଣିବାକୁ ମହାବୀର ଓ ବୁଦ୍ଧଦେବ ବଦ୍ଧପରିକର ହୋଇ ଭାରତରେ ନିଜ ନିଜ ଧର୍ମ ସ୍ଥାପନ କରିଥିଲେ।

ମହାବୀରଙ୍କର ଜୀବନଚରିତ ଊଣା ଅଧିକେ ସର୍ବସାଧାରଣଙ୍କୁ ବିଦିତ। ଅନେକ ଗବେଷଣା ଓ ଆଲୋଚନା ପରେ ସିଦ୍ଧାନ୍ତ ହୋଇଅଛି ଯେ ସେ ବୁଦ୍ଧଦେବଙ୍କ ପୂର୍ବରୁ ଭାରତରେ ନିଜ ଧର୍ମ ପ୍ରଚାର କରିଥିଲେ। ବୌଦ୍ଧଧର୍ମ ପୁସ୍ତକରେ ନଟପୁତ୍ର ବୋଲି ତାଙ୍କର ନାମ ଉଲ୍ଲେଖ ଅଛି।

ମହାବୀରଙ୍କ (ବର୍ଦ୍ଧମାନଙ୍କ) ଜନ୍ମ ବିଷୟରେ ଅନେକ ସୁନ୍ଦର ସୁନ୍ଦର ଗଳ୍ପ ଅଛି। ମହାବୀରଙ୍କ ପିତା ସିଦ୍ଧାର୍ଥ ବିହାରସ୍ଥ କୁଣ୍ଡପୁର ରାଜ୍ୟର ଅଧୀଶ୍ୱର ଥିଲେ ଓ ଜାତିରେ କ୍ଷତ୍ରିୟ ଥିଲେ। ସେ ତ୍ରିଶାଳା ନାମ୍ନୀ ଏକ ପରମାସୁନ୍ଦରୀ ରମଣୀଙ୍କର ପାଣିଗ୍ରହଣ କରିଥିଲେ। ଦିନେ ତ୍ରିଶାଳା ଏକ ଅଦ୍ଭୁତ ସ୍ୱପ୍ନ ଦେଖିଥିଲେ। ସ୍ୱପ୍ନରେ ସେ ହାତୀ, ସିଂହ, ପଦ୍ମଫୁଲ ଓ ଲକ୍ଷ୍ମୀ ପ୍ରଭୃତିଙ୍କୁ ଦେଖିଲେ। ପରଦିନ ସକାଳେ ସିଦ୍ଧାର୍ଥଙ୍କୁ ସେ ଏହି ସ୍ୱପ୍ନବୃତ୍ତାନ୍ତ କହିଥିଲେ। ସେ ତହୁଁ ଜଣେ ଜ୍ୟୋତିଷଙ୍କୁ ଡ଼କାଇ ଏହି ସ୍ୱପ୍ନର ମର୍ମ ତାଙ୍କୁ ପଚାରିଲେ। ଜ୍ୟୋତିଷ ତାଙ୍କୁ କହିଲେ ଯେ ଅଚିରେ ତାଙ୍କର ଗୋଟିଏ ପୁତ୍ରସନ୍ତାନ ଜାତ ହେବ। ସେ ଭାରତରେ ଏକ ନବଧର୍ମ ପ୍ରତିଷ୍ଠା କରି ଅଶେଷ ଖ୍ୟାତି ଅର୍ଜନ କରିବେ। ଏହି ସ୍ୱପ୍ନର କିଛି ଦିନ ପରେ ମହାପୁରୁଷ ମହାବୀର ତ୍ରିଶାଳାଙ୍କ ଅଙ୍କ ଉଜ୍ଜ୍ୱଳ କରି ବୈଶାଳୀ ନଗରରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧାର୍ଥ ପୁତ୍ରର ନାମ ଗୋବର୍ଦ୍ଧନ ଦେଇଥିଲେ।

ବାଲ୍ୟକାଳରେ ତାଙ୍କର ଅଶେଷ ବଳ ଥିଲା। ତାଙ୍କର ସାଥୀମାନଙ୍କୁ ସେ ଅକ୍ଳେଶରେ ପରାସ୍ତ କରି ଦେଉଥିଲେ। ଦିନେ ସେ ତାଙ୍କର ବନ୍ଧୁମାନଙ୍କ ସହିତ ଗୋଟିଏ ଉଦ୍ୟାନରେ ଖେଳୁଥିଲେ। ଏହି ସମୟରେ ଗୋଟିଏ ପାଗଳା ହାତୀ ସେହି ଉଦ୍ୟାନରେ ପ୍ରବେଶ କଲା। ହାତୀକୁ ଦେଖି ବନ୍ଧୁମାନେ ଏଣେ ତେଣେ ପଳାଇଗଲେ। ମାତ୍ର ସେ ନିର୍ଭୀକ ଚିତ୍ତରେ ପାଗଳା ହାତୀ ଆଡ଼କୁ ଅଗ୍ରସର ହୋଇ ତାହାର ଦାନ୍ତ ଧରି ତାହା ଉପରକୁ ଚଢ଼ିଗଲେ।



Digitized by srujanika@gmail.com

ଯଶୋଦା ନାମକ ଜଣେ ସୁନ୍ଦରୀ ରମଣୀଙ୍କୁ ସେ ବିବାହ କରିଥିଲେ । ତାଙ୍କର ଗୋଟିଏ କନ୍ୟା ଜାତ ହୋଇଥିଲା । ତାହାର ନାମ ଅନୁଜା ।

ହଠାତ୍ ଦିନେ ତାଙ୍କ ମନରେ ବୈରାଗ୍ୟ ଜାତ ହେଲା । ସଂସାରର ସମସ୍ତ ଭୋଗବିଳାସ ଅଳୀକ ମନେକରି ସେଥିରୁ ନିସ୍ପୃହ ରହିବା ନିମନ୍ତେ ଚେଷ୍ଟା କଲେ । ସେ ଯେତେବେଳେ ସଂସାର ତ୍ୟାଗ କରନ୍ତି ସେତେବେଳେ ତାଙ୍କର ବୟସ ମାତ୍ର ୩୦ ବର୍ଷ ଥିଲା । ସନ୍ନ୍ୟାସ ବ୍ରତ ଗ୍ରହଣର ପୂର୍ବେ ସେ କଠୋର ଉପବାସ କରିଥିଲେ । ଏପରି କି ମୁନ୍ଦାଏ ପାଣି ସୁଦ୍ଧା ପାନକରି ନ ଥିଲେ । ତତ୍ପରେ ତାଙ୍କର ସମସ୍ତ ସମ୍ପତ୍ତି ଓ ଅଳଙ୍କାର ଦାନ କରି ସେ ଭିକ୍ଷୁବେଶ ଧାରଣ କରିଥିଲେ । ପ୍ରାୟ ବାର ବର୍ଷ ଧରି କଠୋର ତପସ୍ୟାରେ ମଗ୍ନ ହେବା ପରେ ସେ ପୂର୍ଣ୍ଣ ନିର୍ବାଣ ଓ ସବୁଠାରୁ ଉତ୍ତମ ଜ୍ଞାନ 'କେବଳ' ପ୍ରାପ୍ତ ହୋଇଥିଲେ । ଯେ 'କେବଳୀ' ସେ ସବୁ ବିଷୟ ଜାଣି ପାରନ୍ତି । ସେ ଦେବତା, ନର, ଭୂତ, ପିଶାଚ ପ୍ରଭୃତି ସମସ୍ତଙ୍କ ବିଷୟ ବୁଝି ପାରନ୍ତି । ସେମାନେ କେଉଁଠାରୁ ଆସନ୍ତି କେଉଁଠାକୁ ଅବା ଯାଆନ୍ତି, ସେମାନେ ମନୁଷ୍ୟ ବା ପ୍ରାଣୀ ଆକାର ଧାରଣ କରି ଜନ୍ମ ହୁଅନ୍ତି ଅଥବା ସ୍ୱର୍ଗରେ ଦେବତା କିମ୍ବା ନରକର କୀଟ ହୁଅନ୍ତି, ସେମାନଙ୍କର ଖାଦ୍ୟ ପାନୀୟ, କର୍ମ, ଇଚ୍ଛା, ସେମାନଙ୍କର କଥାବାର୍ତ୍ତା ଓ ମନର ସମସ୍ତ ଭାବନା ସେ ଜାଣି ପାରନ୍ତି । ଏକ କଥାରେ ସମଗ୍ର ପୃଥିବୀର ଜୀବିତ ପ୍ରାଣୀଙ୍କର ସମସ୍ତ ଅବସ୍ଥା ସେ ଉତ୍ତମରୂପେ ବୁଝି ପାରନ୍ତି । ପୂର୍ଣ୍ଣ ଜ୍ଞାନ ପାଇଲା ପରେ ବର୍ଦ୍ଧମାନ ମହାବୀର ନାମରେ ବିଭୂଷିତ ହେଲେ ।

କ୍ଷତ୍ରିୟମାନଙ୍କୁ ଅତ୍ୟନ୍ତ ଆଗ୍ରହ ସହିତ ସେ ନିଜ ଧର୍ମରେ ଦୀକ୍ଷିତ କରୁଥିଲେ । ଗୌତମ ଇନ୍ଦ୍ରଭୂତି ନାମକ ଜଣେ ବ୍ୟକ୍ତି ତାଙ୍କର ପ୍ରଥମ ଶିଷ୍ୟ । ବୁଦ୍ଧଦେବଙ୍କ ଭଳି ସେ ପ୍ରଥମେ ଧନୀ ଓ ଉଚ୍ଚ ବଂଶଜ ଲୋକଙ୍କ ମଧ୍ୟରେ ନିଜ ଧର୍ମ ପ୍ରଚାର କରୁଥିଲେ । ଅଙ୍ଗ, ବିଦେହ, କୌଶାମ୍ବୀ ଓ ସାତନିକର ରାଜାମାନେ ଜୈନ ଧର୍ମ ପ୍ରତି ସେମାନଙ୍କର ଗଭୀର ଆଗ୍ରହ ଦେଖାଇଥିଲେ । ସେ ଭାରତରେ ପ୍ରାୟ ତିରିଶ ବର୍ଷ ଧରି ନିଜ ଧର୍ମ ପ୍ରଚାର କରିଥିଲେ ଏବଂ ଏହି ତିରିଶ ବର୍ଷ ମଧ୍ୟରେ ଉତ୍ତର ଭାରତର ମଗଧ, ବିହାର, ପ୍ରୟାଗ, କୌଶାମ୍ବୀ ଓ କାମ୍ପାପୁରୀ ପ୍ରଭୃତି ନଗରରେ ଏବଂ ଦକ୍ଷିଣ ଭାରତର ଅନେକ ନଗରରେ ସେ ନିଜ ଧର୍ମ ପ୍ରଚାର କରିଥିଲେ । ମଗଧର ରାଜଧାନୀ ରାଜଗୃହକୁ ସେ ସବୁଠାରୁ ବେଶୀ ଭଲ ପାଉଥିଲେ । ଏହିପରି ଧର୍ମ ପ୍ରଚାର କରୁଁ କରୁଁ ଅବଶେଷରେ ସେ ଅପାପପୁରି ବା ପାଭାପୁରି ବା ପାଭାରେ (୧) ଉପସ୍ଥିତ ହୋଇଥିଲେ । ଏହି ନଗରରେ ହିଁ ସେ ତାଙ୍କର ଜୀବନର ଶେଷ ସମୟ ଅତିବାହିତ କରିଥିଲେ । ଶୁକ୍ଳଧ୍ୟାନ ଦ୍ୱାରା ସେ ତାଙ୍କର ମୃତ୍ୟୁର ଆଗମନ ଜାଣି ପାରିଥିଲେ । ତହୁଁ ସେ ତାଙ୍କର ସମସ୍ତ ଶିଷ୍ୟଙ୍କୁ ପାଖକୁ ଆସିବାକୁ ନିମନ୍ତ୍ରଣ କରିଥିଲେ । ସାରା ରାତ୍ରି ଧରି ସେ ଶିଷ୍ୟମାନଙ୍କୁ ନାନା ପ୍ରକାର ଉପଦେଶ ଦେଉଥିଲେ । ରାତ୍ରି ଅନିଦ୍ରା ଥିବା ହେତୁରୁ ପ୍ରଭାତ ସମୟରେ ଶିଷ୍ୟମାନେ ଟିକିଏ ଶୋଇ ପଡ଼ିଲେ । ଏହି ସମୟଟି ହୋଇଗଲା ମହାବୀରଙ୍କ ବିଦାୟ ନିମନ୍ତେ ଉପଯୁକ୍ତ ସମୟ । ହାତ ଯୋଡ଼ି ପଦ୍ମାସନରେ ବସି ସେ ଶେଷ ନିର୍ବାଣ ପ୍ରାପ୍ତ ହୋଇଥିଲେ । ସକାଳେ ନିଦ୍ରାରୁ ଉଠି ଶିଷ୍ୟମାନେ ଦେଖନ୍ତି ଯେ ମହାବୀର ଅନ୍ତିମ ଶଯ୍ୟାରେ ଶାୟିତ । ଗୁରୁଦେବଙ୍କର ମୃତ୍ୟୁ ଦେଖି ସେମାନଙ୍କର ହୃଦୟ ଗଭୀର ବିଷାଦରେ ଅଭିଭୂତ ହୋଇଗଲା । ସେମାନେ ଭୁଲେ ହେଲେ ଭାବି ନ ଥିଲେ ଯେ ଗୁରୁଦେବ ସେମାନଙ୍କୁ ଏପରି ଫାଙ୍କି ଦେଇ ଚାଲିଯିବେ । ଗୁରୁଦେବଙ୍କର ମୃତ୍ୟୁ ଦିନକୁ ସ୍ମରଣ ରଖିବା ନିମନ୍ତେ ସେମାନେ ସେହି ଦିନ ରାତିରେ ସାରା ନଗରକୁ ନାନା ଆଲୋକରେ ଆଲୋକିତ କରିଥିଲେ । ସେମାନେ ସେତେବେଳେ କହୁଥିଲେ "ଜ୍ଞାନର ଆଲୋକ ଚାଲିଗଲେ, ତେଣୁ ଆମ୍ଭେମାନେ ପାର୍ଥିବ ବସ୍ତୁକୁ ଆଲୋକିତ କରୁଛୁଁ ।" ଜୈନମାନେ ଏହି ଦିନକୁ ଦେବାଳୀର ପ୍ରାରମ୍ଭ ବୋଲି ଭାବନ୍ତି । ମହାବୀର ଖ୍ରୀଷ୍ଟପୂର୍ବ ୫୨୭ ରେ ୭୨ ବର୍ଷ ବୟସରେ ନିର୍ବାଣ ପ୍ରାପ୍ତ ହୋଇଥିଲେ ।

ଜୈନ ତୀର୍ଥଙ୍କରଙ୍କ ମଧ୍ୟରେ ପାର୍ଶ୍ୱ ଓ ମହାବୀର ଉଚ୍ଚ ପଦ ପ୍ରାପ୍ତ ହୋଇ ଅଛନ୍ତି । ପାର୍ଶ୍ୱ, ମହାବୀରଙ୍କର କେତେକ ବର୍ଷ ପୂର୍ବେ ଜୀନ ଉପାଧିରେ ଭୂଷିତ ହୋଇଥିଲେ । ସେ ତାଙ୍କର ଶିଷ୍ୟମାନଙ୍କୁ ଚାରୋଟି ପ୍ରତିଜ୍ଞା ପାଳନ କରିବାକୁ ଉପଦେଶ ଦେଇଥିଲେ । ସେ ତାଙ୍କର ଅନୁଚରମାନଙ୍କୁ ବସ୍ତ୍ର ପରିଧାନ କରିବାକୁ ସମ୍ମତି ଦେଇଥିଲେ । ମାତ୍ର ମହାବୀରଙ୍କର ଉପଦେଶ ପାର୍ଶ୍ୱଙ୍କ ଉପଦେଶ ଠାରୁ ଅନେକ ସ୍ଥଳରେ ପୃଥକ୍ ଥିଲା । ପାର୍ଶ୍ୱଙ୍କର ଚତୁର୍ଥ ପ୍ରତିଜ୍ଞା ସହିତ ସେ ଅନ୍ୟ ଏକ ପ୍ରତିଜ୍ଞା ଯୋଗ କରିଥିଲେ । ତାହା ହେଉଛି ଉଲଙ୍ଗତ୍ୱ । ତାଙ୍କ ମତରେ ଏହା ବିଶୁଦ୍ଧତାର ଚିହ୍ନ । ଯେ ପ୍ରକୃତ ଯୋଗୀ ସେ ତାହାର ଲଜ୍ଜା ଶୃଙ୍ଖଳା ବର୍ଜନ କରିବ । ସେ କଦାପି ଶୀତ କିମ୍ବା ଉଷ୍ଣ ଅନୁଭବ କରିବ ନାହିଁ । ଯେ ପର୍ଯ୍ୟନ୍ତ ଜୈନ ସନ୍ନ୍ୟାସୀ ମନେ କରିବ ଯେ ସେ ଉଲଙ୍ଗ ସେ ପର୍ଯ୍ୟନ୍ତ ସେ କଦାପି ମୋକ୍ଷ ପାଇବାର ଉପଯୁକ୍ତ ହେବନାହିଁ । ଯେତେବେଳେ ତାହାର ଲଜ୍ଜାଭାବ ଚାଲିଯିବ—ସେତେବେଳେ ସେ ସଂସାର ପାରିବାରରୁ ମୁକ୍ତ ହେବ । ଲଜ୍ଜା ପାପର ଚିହ୍ନ । ତେଣୁ ଲଜ୍ଜାର ବିନାଶରେ ପାପର ବିନାଶ । ବସ୍ତ୍ର ପରିଧାନରୁ ନିଜକୁ ବିରତ ରଖିବା ଅର୍ଥ ପାପରୁ ମୁକ୍ତ ହେବା । ମହାବୀର ନିଜେ ଜଣେ ଖୁବ୍ ନିଷ୍ଠାପରାୟଣ ଲୋକ ଥିଲେ । ସେଥିପାଇଁ ତାଙ୍କର ଶିଷ୍ୟମାନଙ୍କୁ ନିଷ୍ଠାପର ହେବାକୁ ସେ ସର୍ବଦା ଆଦେଶ ଦେଉଥିଲେ । ସେ ଜଣେ ବଡ଼ ସଂସ୍କାରକ ଥିଲେ । ଜୈନ ଧର୍ମ ସଂସ୍କାର ଦ୍ୱାରା ସେ ଏପରି ଖ୍ୟାତି ଅର୍ଜନ କରିଅଛନ୍ତି ଯେ ଯୁଗେ ଯୁଗେ ସେ ମହାମାନବ ରୂପେ ପୂଜା ପାଉ ଅଛନ୍ତି ।

୧ । ପାଭ—ଯୁକ୍ତ ପ୍ରଦେଶର ଗୋରକ୍ଷପୁର ଜିଲ୍ଲାର ପଡ୍ରଉନ ଗ୍ରାମରୂପେ ଚିହ୍ନିତ ହୋଇଅଛି ।



Digitized by srujanika@gmail.com

ପ୍ରଥମ ଖ୍ରୀଷ୍ଟାବ୍ଦରେ ଜୈନମାନଙ୍କ ମଧ୍ୟରେ ମତଭେଦ ହେବାରୁ ଦୁଇଟି ସମ୍ପ୍ରଦାୟ ସ୍ଥାପିତ ହେଲା । ତନ୍ମଧ୍ୟରୁ ଗୋଟିକର ନାମ ଶ୍ୱେତାମ୍ବର ଅର୍ଥାତ୍ ଶୁଭ୍ରବସ୍ତ୍ରପରିହିତ ଓ ଅନ୍ୟଟିର ନାମ ଦିଗମ୍ବର ଅର୍ଥାତ୍ ଉଲଙ୍ଗ । ଏହି ଦୁଇଟି ଦଳ ଏ ପର୍ଯ୍ୟନ୍ତ ମଧ୍ୟ ଅଛନ୍ତି । ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ପାର୍ଶ୍ୱଙ୍କର ମତାବଲମ୍ବୀ ଥିଲେ ଏବଂ ଅନ୍ୟଟି ମହାବୀରଙ୍କର କଠୋର ନୀତି ଅନୁସରଣ କରି ସର୍ବଦା ଉଲଙ୍ଗ ଅବସ୍ଥାରେ ବିଚରଣ କରୁଥିଲେ ।

ଦିଗମ୍ବରମାନଙ୍କ ମତାନୁସାରେ ନାରୀମାନେ ନିର୍ବାଣ ପ୍ରାପ୍ତିର ଉପଯୁକ୍ତା ନୁହନ୍ତି । ଶ୍ୱେତାମ୍ବରମାନେ ଯେଉଁ ସବୁ ଧର୍ମ ଗ୍ରନ୍ଥ ମାନୁଥିଲେ ଦିଗମ୍ବରମାନେ ତାକୁ ମାନୁ ନ ଥିଲେ । ଦିଗମ୍ବରମାନଙ୍କ ମତରେ ମହାବୀରଙ୍କର ମୃତ୍ୟୁର କେତେକ ଶତାବ୍ଦି ପରେ ସେ ସମସ୍ତ ଗ୍ରନ୍ଥ ନଷ୍ଟ ହୋଇ ଯାଇଥିଲା । ଦିଗମ୍ବରମାନେ ପ୍ରାୟ ଦକ୍ଷିଣ ଭାରତରେ ବିଚରଣ କରୁଥିଲେ । ଅନେକଙ୍କ ମତରେ ଶ୍ୱେତାମ୍ବରମାନେ ଶୀତପ୍ରଧାନ ଉତ୍ତରଭାରତରେ ବାସ କରୁଥିବାରୁ ବସ୍ତ୍ର ପରିଧାନ କରୁଥିଲେ ।

ମହାବୀରଙ୍କ ସମୟରେ ବିହାର ଜୈନଧର୍ମର ପ୍ରଧାନ କେନ୍ଦ୍ରସ୍ଥଳୀ ଥିଲା, ମାତ୍ର ଆଜିକାଲି ସେଠାରେ ଜୈନଙ୍କର ସଂଖ୍ୟା ଖୁବ୍ କମ୍ । ପୂର୍ବଭାରତରେ ଥିବା ଜୈନଙ୍କ ମଧ୍ୟରୁ ଅନେକେ ପଶ୍ଚିମ ଓ ମଧ୍ୟଭାରତରୁ ଆସି ସେଠାରେ ବାସ କରୁଥିଲେ । ଛୋଟନାଗପୁରସ୍ଥ ପରେଶନାଥ ପର୍ବତ ସେମାନଙ୍କର ଏକ ତୀର୍ଥ ସ୍ଥାନ । ପାର୍ଶ୍ୱଙ୍କ ନାମାନୁଯାୟୀ ଏହି ପର୍ବତର ନାମ ପରେଶନାଥ ହୋଇଅଛି । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦି ପୂର୍ବରେ ଜୈନଧର୍ମ ମଥୁରା ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲା । ତତ୍ପରେ ଏହି ଧର୍ମ ରାଜପୁତାନା ଓ ଗୁଜରାଟରେ ପ୍ରଚାରିତ ହୋଇଥିଲା । ଅଧୁନା ଏହି ଦୁଇ ପ୍ରଦେଶରେ ଜୈନ ସଂଖ୍ୟା ଖୁବ୍ ବେଶୀ । ଏକାଦଶ ଶତାବ୍ଦିରେ ରାଜପୁତାନାସ୍ଥ ଆବୁ ପର୍ବତରେ ଗୋଟିଏ ସୁନ୍ଦର ଜୈନ ମନ୍ଦିର ନିର୍ମିତ ହୋଇଥିଲା । ଦ୍ୱାଦଶ ଶତାବ୍ଦି ପର୍ଯ୍ୟନ୍ତ ପ୍ରାୟ ପଞ୍ଚାଶ ବର୍ଷ ଧରି ଜୈନଧର୍ମ ଦକ୍ଷିଣ ଭାରତରେ ସୁଦୃଢ଼ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦିରେ ଓଡ଼ିଶାରେ ଜୈନଧର୍ମର ପ୍ରଭାବ ଖୁବ ବେଶୀ ଥିଲା । ଦକ୍ଷିଣ ଭାରତର ଅନେକ ରାଜା ମହାରାଜା ଜୈନଧର୍ମ ପ୍ରତି ସେମାନଙ୍କର ସହାନୁଭୂତି ଦେଖାଇ ଥିଲେ । ଦ୍ୱାଦଶ ଶତାବ୍ଦିର ପ୍ରଥମ ଭାଗରେ ହୋୟ୍ସାଳର ରାଜା ତାଙ୍କର କେତେକ ଅନୁଚରଙ୍କ ସହିତ ରାମାନୁଜଙ୍କ ପ୍ରଭାବରୁ ଜୈନଧର୍ମରେ ଦୀକ୍ଷିତ ହୋଇଥିଲେ । ଜୈନ ଧର୍ମ ଗ୍ରହଣ କଲା ପରେ ତାଙ୍କର ନାମ ବିଷ୍ଣୁବର୍ଦ୍ଧନ ହୋଇଥିଲା । ଦ୍ୱାଦଶ ଶତାବ୍ଦି ଉତ୍ତରରେ ଦକ୍ଷିଣ ଭାରତରେ ଜୈନଧର୍ମର ପ୍ରଭାବ କ୍ରମେ କମିଗଲା । ସେହି ସମୟରେ ସେଠାରେ ଶୈବ ଧର୍ମର ଉତ୍ଥାନ ହୋଇଥିଲା । ଦକ୍ଷିଣ ଭାରତର ଅନେକ ବଡ଼ ରାଜା ଶୈବଧର୍ମ ଗ୍ରହଣ କରିଥିଲେ । ଜୈନଧର୍ମ ପ୍ରତି ସେମାନେ ଆଉ ପୂର୍ବପରି ସହାନୁଭୂତି ଦେଖାଇଲେ ନାହିଁ । ବରଂ ଜୈନଧର୍ମର ପତନ ଆଣିବାକୁ ସେମାନେ ବଦ୍ଧପରିକର ହେଲେ ଓ ଜୈନମାନଙ୍କ ପ୍ରତି ନାନା ପ୍ରକାର ନିଷ୍ଠୁର ବ୍ୟବହାର କରିବାକୁ ଲାଗିଲେ । ସେମାନଙ୍କର ମନ୍ଦିର ଭାଙ୍ଗିଦେଲେ । ଧର୍ମଗ୍ରନ୍ଥ ସବୁ ପୋଡ଼ି ପକାଇଲେ । ଅନେକ ଜୈନଙ୍କୁ ଜୀବନରେ ମାରି ପକାଇଲେ । ଏହିପରି ଭାବରେ ଉତ୍ପୀଡ଼ିତ ହେବା ଫଳରେ ଜୈନମାନଙ୍କର ପ୍ରଭାବ କ୍ରମଶଃ ଦକ୍ଷିଣ ଭାରତରୁ ଲୋପ ପାଇଥିଲା ।

ବୌଦ୍ଧ ଓ ଜୈନ ଧର୍ମ ଭାରତରେ ବ୍ରାହ୍ମଣ ଆଧିପତ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲେହେଁ ଜୈନଧର୍ମ ବୌଦ୍ଧଧର୍ମ ତୁଲ୍ୟ ବ୍ରାହ୍ମଣ ଆଧିପତ୍ୟର ଘୋର ବିରୋଧୀ ନ ଥିଲା । ଜୈନ ଧର୍ମ ଓ ହିନ୍ଦୁ ଧର୍ମ ମଧ୍ୟରେ ଅନେକ ସୌସାଦୃଶ୍ୟ ଅଛି । ଜୀନଙ୍କୁ ଅନେକ ହିନ୍ଦୁ ଶିବ ଆଖ୍ୟା ପ୍ରଦାନ କରିଥିଲେ । ଶୈବ ଧର୍ମ ଅପେକ୍ଷା ବୈଷ୍ଣବ ଧର୍ମ ସହିତ ଏହି ଧର୍ମର ଅନେକ ସାମଞ୍ଜସ୍ୟ ଦେଖାଯାଏ । ଶୈବମାନେ ପ୍ରାଣୀ-ହତ୍ୟା କରୁଥିଲେ ମାତ୍ର ବୈଷ୍ଣବମାନେ ଜୈନମାନଙ୍କ ତୁଲ୍ୟ ପ୍ରାଣୀବଧର ବିରୋଧୀ ଥିଲେ । ବୈଷ୍ଣବ ଧର୍ମର ମୂଳମନ୍ତ୍ର 'ଜୀବେ ଦୟା' । ମହାବୀରଙ୍କର ପ୍ରଧାନ ଉପଦେଶ 'ଅହିଂସା' । ବୈଷ୍ଣବ-ମାନଙ୍କର ଜାତିବିଚାର ନ ଥିଲା । ମହାବୀର ଜାତି ବିଭାଗର ପ୍ରଧାନ ବିରୋଧୀ ଥିଲେ । ତାଙ୍କ ମତରେ ଜାତି କିମ୍ବା ଜନ୍ମର କୌଣସି ମୂଲ୍ୟ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଧର୍ମକାର୍ଯ୍ୟରେ ସମାନ ଦାବି ଅଛି । ଉଚ୍ଚ, ନୀଚ, ଧନୀ, ନିର୍ଦ୍ଧନର ସେ କୌଣସି ଭେଦାଭେଦ ରଖୁ ନ ଥିଲେ ।

## ଜୈନ ଧର୍ମର ପ୍ରଧାନ ଉପଦେଶ

ଜୈନ ଧର୍ମ ଗୋଟିଏ ସ୍ୱତନ୍ତ୍ର ଧର୍ମ । ଏହା ହିନ୍ଦୁ ଧର୍ମର ଶ୍ରେଣୀଭୁକ୍ତ ନୁହେଁ । ଜୈନମାନଙ୍କର ସ୍ୱତନ୍ତ୍ର ଧର୍ମ ମନ୍ଦିର ଅଛି ଏବଂ ଏହି ମନ୍ଦିରରେ ସେମାନେ ସଂଘବଦ୍ଧ ହୋଇ ଉପାସନା କରନ୍ତି । ଏମାନଙ୍କର ଚାରୋଟି ତୀର୍ଥ ଅଛି ଯଥା ସନ୍ନ୍ୟାସୀ, ସନ୍ନ୍ୟାସିନୀ, ଅଯାଜକ ନର ଓ ନାରୀ । ଦିଗମ୍ବରମାନେ ନାରୀଙ୍କୁ ତାଙ୍କର ଦଳଭୁକ୍ତ କରନ୍ତି ନାହିଁ । ଯେଉଁ ଜୈନ ସନ୍ନ୍ୟାସୀ-ମାନେ ନାନା ସ୍ଥାନରେ ଭ୍ରମଣ କରି କାଳ କଟାନ୍ତି ସେମାନଙ୍କୁ 'ଶ୍ରମଣ' କୁହାଯାଏ । ସେମାନେ ଜୈନଧର୍ମର ପ୍ରତ୍ୟେକ ନିୟମ ପାଳନ କରନ୍ତି ଏବଂ ମୋକ୍ଷ ପାଇବା ନିମନ୍ତେ ସର୍ବଦା ଚେଷ୍ଟା କରନ୍ତି । ଶ୍ରମଣମାନେ ସଦାଚାର ଓ ସଦ୍ବ୍ୟବହାର ନିମନ୍ତେ ସମାଜରେ ଖ୍ୟାତି ଲାଭ କରୁଥିଲେ, ସାଧାରଣ ଲୋକେ ସେମାନଙ୍କର ଆଦର୍ଶକୁ ସର୍ବଦା ଅନୁସରଣ କରୁଥିଲେ ।

ଜୈନ ଧର୍ମର କେତେକ ଉପଦେଶ ବ୍ରାହ୍ମଣ୍ୟ ଧର୍ମରୁ ସଂଗୃହୀତ ହୋଇଅଛି । ଉପାସନା ଓ ପୂଜା ସମ୍ବନ୍ଧରେ ବ୍ରାହ୍ମଣର ନେତୃତ୍ୱ ସେମାନେ ସ୍ୱୀକାର କରନ୍ତି । ଯେଉଁ କେତେକ ନିୟମ ପଦ୍ଧତି ପ୍ରଚ୍ଛନ୍ନ ଭାବରେ ହିନ୍ଦୁ ଧର୍ମରେ ଥିଲା ଜୈନ ଧର୍ମ ତାହାକୁ ସମର୍ଥନ କରି ସର୍ବସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛି ।



Digitized by srujanika@gmail.com

ଜୈନମାନଙ୍କର ବିଶ୍ୱାସ ଯେ ଜୀବର ଚତୁର୍ଦ୍ଦିଗରେ ଧର୍ମ ପରିବ୍ୟାପ୍ତ । ସେମାନଙ୍କ ମତରେ କି ଜଳ, କି ଅଗ୍ନି, କି ବୃକ୍ଷ, କି ପବନ ସବୁର ଜୀବନ ଅଛି । ଏପରି କି ପୃଥିବୀର ଅଣୁ ପରମାଣୁ ସମସ୍ତ ବସ୍ତୁର ଜୀବନ ଅଛି । ଜୈନ ଧର୍ମର ସାରତତ୍ତ୍ୱ କର୍ମ ଓ ପୁନର୍ଜନ୍ମ ହିନ୍ଦୁ ଧର୍ମରୁ ଗୃହୀତ ହୋଇଅଛି । ଜୀବ ଗଠନ ନିମନ୍ତେ କର୍ମର ପ୍ରଭାବକୁ ୫୭ ଭାଗରେ ବିଭକ୍ତ କରି ଯାଇଅଛି । ଜୈନ ଶାସ୍ତ୍ରବିଦ୍‌ଗଣ ଜୀବ ବିଷୟରେ କହି ଅଛନ୍ତି "ମୋକ୍ଷକାମୀ ଜୀବ ସର୍ବଦା ସଂସାରର ଭୋଗବିଳାସ ଓ ଆଡ଼ମ୍ବରରୁ ନିସ୍ପୃହ ହୋଇ ରହିବାକୁ ଚେଷ୍ଟା କରେ । ମାନବ ସଂସାରର ମାୟା ଜାଲରେ ଆବଦ୍ଧ ରହି ନିଜର କର୍ତ୍ତବ୍ୟ ଭୁଲିଯାଏ, ତେଣୁ ଯେଉଁ ବ୍ୟକ୍ତି ମୋକ୍ଷ ପାଇବାକୁ ଇଚ୍ଛା କରିବ ସେ ଏହି ମାୟା ଜାଲରୁ ନିଜକୁ ରକ୍ଷା କରିବାକୁ ସର୍ବଦା ଚେଷ୍ଟା କରିବ ।" ଲୋକମାନଙ୍କର ନୈତିକ ଉନ୍ନତି ସାଧନ କରିବା ଜୈନଧର୍ମର ପ୍ରଧାନ ଉଦ୍ଦେଶ୍ୟ । ଏହି ସମସ୍ତ ଉପଦେଶ ଓ ଶିକ୍ଷା ନିମନ୍ତେ ଜୈନଧର୍ମ ଅତୀତରେ ଅଶେଷ ଖ୍ୟାତି ଅର୍ଜନ କରିଥିଲା । ବର୍ତ୍ତମାନ ଯୁଗରେ ଏହା ଲୋକଙ୍କର ଶ୍ରଦ୍ଧା ଓ ଭକ୍ତି-ପୁଣି ଆକର୍ଷଣ କରୁଅଛି ।

ମହାପୁରୁଷ ବୁଦ୍ଧଦେବ କହିଅଛନ୍ତି ଯେ ଯେପରି ଅସୀମ ସାଗରର ଜଳରେ କେବଳ ଲବଣର ସ୍ୱାଦ ମିଳେ ସେହିପରି ଏହି ସମସ୍ତ ନୀତି ଓ ଉପଦେଶର ମୂଳରେ ଅଛି କେବଳ ଗୋଟିଏ ମାତ୍ର ଉଦ୍ଦେଶ୍ୟ—ମୁକ୍ତିର ଇଚ୍ଛା । କେବଳ ବୌଦ୍ଧଧର୍ମ ବିଷୟରେ ଯେ ତାଙ୍କର ଏପରି ମତ ଥିଲା ତାହା ନୁହେଁ । ଜୈନଧର୍ମ ଓ ଉପନିଷଦ୍ ସମ୍ବନ୍ଧରେ ମଧ୍ୟ ତାଙ୍କର ସେହି ଏକ ମତ । ସେ ସମୟରେ ଚିନ୍ତାଶୀଳ ବ୍ୟକ୍ତିମାନେ କର୍ମ ଓ ପୁନର୍ଜନ୍ମ ଅନୁଶୀଳନ କରି ସଂସାର ବନ୍ଧନରୁ କିପରି ନିଜକୁ ମୁକ୍ତ କରିବେ ସେଥିଲାଗି ଯତ୍ନ କରୁଥିଲେ । ପ୍ରତ୍ୟେକ ଧର୍ମ ବିଭିନ୍ନ ମାର୍ଗରେ ଲୋକଙ୍କୁ ମୁକ୍ତିର ଆଲୋକ ଦେଖାଏ ।

ବେଦାନ୍ତର ନୀତି 'ଆତ୍ମା' ଓ ଜୈନଧର୍ମର ନୀତି 'ଜୀବ' ଏ ଦୁହିଁଙ୍କୁ ତୁଳନା କଲେ ହିନ୍ଦୁଧର୍ମ ଓ ଜୈନଧର୍ମ ମଧ୍ୟରେ ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଉଭୟ ଶବ୍ଦ ଆତ୍ମାକୁ ବୁଝାଏ । ଜୈନମାନଙ୍କ ମତରେ ଆତ୍ମା ଅର୍ଥ ଜୀବନ । ସଂଖ୍ୟାରେ ଜୀବ ଅସଂଖ୍ୟ ଏବଂ ପ୍ରତ୍ୟେକ ସ୍ୱତନ୍ତ୍ର ବସ୍ତୁକୁ ବୁଝାଏ । ବେଦାନ୍ତ ମତରେ ଆତ୍ମା 'ଏକ' । ବୌଦ୍ଧମାନେ ଆତ୍ମାର ଅବସ୍ଥିତି ଅସ୍ୱୀକାର କରନ୍ତି । ସେମାନଙ୍କ ମତରେ ପାଞ୍ଚୋଟି ବିଷୟରୁ ମନୁଷ୍ୟର ସୃଷ୍ଟି । ସେହି ପାଞ୍ଚୋଟି ବିଷୟ ଯଥାକ୍ରମେ ଶରୀର, ଅନୁଭୂତି, ଜ୍ଞାନ, ଚିନ୍ତା ଓ ସମଷ୍ଟି । ଯେପରି ରଥର ବିଭିନ୍ନ ଖଣ୍ଡ ଏକତ୍ରିତ ହେଲେ ରଥ ନିର୍ମିତ ହୁଏ ସେହିପରି ଏହି ପାଞ୍ଚୋଟି ଖଣ୍ଡ ଏକତ୍ରିତ ହେଲେ ମାନବର ସୃଷ୍ଟି ହୁଏ । ଆତ୍ମା ବିଷୟରେ ତିନି ଧର୍ମର ବିଭିନ୍ନ ମତ ଥିଲେହେଁ ଏ ବିଷୟରେ ସେମାନେ ଏକମତ ଯେ ଆତ୍ମା ଅବିରାମ ଭାବରେ ଏକ ଶରୀରରୁ ଅନ୍ୟ ଶରୀରକୁ ଅଶେଷ ଜ୍ୱାଳା ଯନ୍ତ୍ରଣା ଭୋଗ କରି ଯାତ୍ରା କରେ । ଏହି ଯାତ୍ରା କିପରି ଶେଷ ହେବ ଏ ବିଷୟ ସେମାନେ ଗମ୍ଭୀର ଭାବରେ ଚିନ୍ତା କରନ୍ତି ।

ଜୈନ ଉପଦେଶରୁ ଏହି ପ୍ରଶ୍ନର କେତେକ ସମାଧାନ ମିଳେ । ଯେଉଁ ବ୍ୟକ୍ତି ଦୁଃଖ-ପୂର୍ଣ୍ଣ ସଂସାର ତ୍ୟାଗ କରି ସନ୍ନ୍ୟାସ ବ୍ରତ ଗ୍ରହଣ କରେ ସେ କେବଳ ମୋକ୍ଷପ୍ରାପ୍ତ ହୁଏ ଏବଂ ଲକ୍ଷ୍ୟସ୍ଥାନ ଯାତ୍ରାରୁ ତାହାର ଆତ୍ମା ବିରତ ହୁଏ । ବ୍ରାହ୍ମଣର ବିଦ୍ୟା 'ଜ୍ଞାନ', ବୌଦ୍ଧର 'ପବିତ୍ରତା ଓ ପ୍ରେମ' ଏବଂ 'ସନ୍ନ୍ୟାସ' ଜୈନର ବ୍ରତ । ସନ୍ନ୍ୟାସ ବ୍ରତରେ ଜୈନଙ୍କର ଯେ ଏକାଧିପତ୍ୟ ଥିଲା ତାହା ନୁହେଁ । ତିନି ଧର୍ମରେ ହିଁ ସାଧୁ ସନ୍ନ୍ୟାସୀଙ୍କର ଖୁବ୍ ଆଦର ଥିଲା ଓ ଅଛି ।

ଜୈନମାନେ ଜୀବର ବନ୍ଧନ ବିଷୟରେ ଅନେକ ଆଲୋଚନା କରିଥିଲେ । ନିଜର କର୍ମ ଅନୁଯାୟୀ ମାନବ ଏ ସଂସାରରେ ଜନ୍ମ ଗ୍ରହଣ କରେ । ଏହି ସଂସାରରେ ସେ ଯେପରି କର୍ମ କରିବ ତାହାର ଫଳ ସେ ଅନ୍ୟ ଜନ୍ମରେ ପାଇବ । ଯେତେବେଳେ ତାହାର ସମସ୍ତ କର୍ମ ଶେଷ ହୋଇଯାଏ ସେତେବେଳେ ସେ ମୋକ୍ଷ ପ୍ରାପ୍ତ ହୁଏ । ପୁନର୍ଜନ୍ମ ବିଷୟରେ ବୌଦ୍ଧ ଓ ଜୈନମାନଙ୍କ ମଧ୍ୟରେ ମତଭେଦ ଅଛି । ବୌଦ୍ଧମାନଙ୍କ ମତରେ ଇଚ୍ଛାଦ୍ୱାରା ମାନବର ପୁନର୍ଜନ୍ମ ହୁଏ ଏବଂ ଇଚ୍ଛାର ଶେଷ ହେଲେ ମୋକ୍ଷ ମିଳେ । ଜୈନଙ୍କ ମତରେ କର୍ମର ଶେଷରେ ମୋକ୍ଷ ମିଳେ । ଜୈନ ଉତ୍ତରାଧ୍ୟୟନରେ କୁହା ଯାଇଅଛି ଯେ କର୍ମ, ଜନ୍ମ ଓ ମୃତ୍ୟୁର ମୂଳ କାରଣ ଏବଂ ସେହି ଜନ୍ମ ଓ ମୃତ୍ୟୁ ସଂସାରରେ ଅଶେଷ ଦୁଃଖ ଯନ୍ତ୍ରଣା ଆଣନ୍ତି ।

ଜୈନମାନଙ୍କ ମତରେ କର୍ମ ଅତ୍ୟନ୍ତ ସୂକ୍ଷ୍ମ ବସ୍ତୁଦ୍ୱାରା ଗଠିତ ହୁଏ । ସଂସାରର ଐହିକ ବସ୍ତୁ ସମୂହ ଯେତେବେଳେ ମାନବ ହୃଦୟରେ ଏକ ଦ୍ୱାର ଉଦ୍ଘାଟନ କରନ୍ତି ସେତେବେଳେ ଏହି ସମସ୍ତ ସୂକ୍ଷ୍ମ ବସ୍ତୁ ତନ୍ମଧ୍ୟରେ ପ୍ରବେଶ କରନ୍ତି । ବାଲୁକା କଣା ସମୂହ ଯେପରି ଗୋଟିଏ ଥଳୀକୁ ପୂର୍ଣ୍ଣ କରନ୍ତି ଏହି ସମସ୍ତ ସୂକ୍ଷ୍ମ ବସ୍ତୁ ମାନବର ଆତ୍ମାରୂପ ଥଳୀକୁ ପୂର୍ଣ୍ଣ କରନ୍ତି । ମନୁଷ୍ୟର ଆତ୍ମା ସର୍ବଦା ଉଚ୍ଚକୁ ଯିବାକୁ ଚେଷ୍ଟା କରେ ମାତ୍ର ତାର କର୍ମଯୋଗୁଁ ସେ ଇହ ସଂସାରରେ ପଡିରହେ । ସମସ୍ତ କର୍ମରୁ ମୁକ୍ତ ହେଲା ମାତ୍ରକେ ସେ ମାନବ ଶରୀର ତ୍ୟାଗକରି ବିଶ୍ୱବ୍ରହ୍ମାଣ୍ଡର ସର୍ବୋଚ୍ଚ ଶିଖର ଆଡ଼କୁ ସରଳ ଭାବରେ ଗମନ କରେ । ସେହି ଉଚ୍ଚ ଶିଖର ହେଉଛି ମୁକ୍ତ ଆତ୍ମାର ଚିରନ୍ତନ ଆବାସ ଭୂମି । ଉତ୍ତରାଧ୍ୟୟନରେ ଲିଖିତ ଅଛି ଯେ ମୁକ୍ତ ଆତ୍ମା କାହାରିକୁ ସ୍ପର୍ଶ ନ କରି ଆକାଶ ମାର୍ଗରେ ଧାବିତ ହୁଏ । ସମସ୍ତ ସାଂସାରିକ ଯନ୍ତ୍ରଣାରୁ ମୁକ୍ତ ହୋଇ ସେ ସେଠାରେ ପୂର୍ଣ୍ଣତା, ଆଲୋକ, ମୁକ୍ତି ଓ ସୌନ୍ଦର୍ଯ୍ୟ ଲାଭ କରେ ।

କର୍ମର ବୀଜ ହେଉଛି ଦୁଃଖର ମୂଳ । ଅଗ୍ନି ଯେପରି କାଷ୍ଠ ପ୍ରଭୃତି ବାହ୍ୟ ବସ୍ତୁକୁ ପୋଡି ପକାଏ ସେହିପରି ତାପସ ଅଗ୍ନି କର୍ମବୀଜକୁ ଦଗ୍ଧ କରି ଜୀବକୁ ସାଂସାରିକ ଯନ୍ତ୍ରଣାରୁ ମୁକ୍ତ କରେ ।



Digitized by srujanika@gmail.com

କର୍ମଦ୍ୱାରା ମୋକ୍ଷ ପ୍ରାପ୍ତି ହୁଏ । ତୀର୍ଯ୍ୟ ସନ୍ନ୍ୟାସୀମାନଙ୍କର କର୍ତ୍ତବ୍ୟର ଏକ ଅଙ୍ଗ ମାତ୍ର ଏହି ତୀର୍ଯ୍ୟ ସର୍ବଦା ଅଭ୍ରାନ୍ତ ଓ ବିଶୁଦ୍ଧ ହେବା ଉଚିତ । ଅସାବଧାନତା କର୍ମର କାରଣ ଓ ସାବଧାନତା କର୍ମାଭାବର କାରଣ । ଯେତେବେଳେ ଏହି ଦଣ୍ଡିଟିରୁ ଗୋଟିଏ କୌଣସି ବ୍ୟକ୍ତି ନିକଟରେ ଅଛି ବୋଲି ନିର୍ଦ୍ଦେଶ କରାଯାଏ ସେତେବେଳେ ସେହି ବ୍ୟକ୍ତି ମୂର୍ଖ କିମ୍ବା ଜ୍ଞାନୀ-ପଦବାଚ୍ୟ ହୁଏ । ମୋକ୍ଷପ୍ରାପ୍ତି ନିମନ୍ତେ ଜୈନ ସନ୍ନ୍ୟାସୀ ଯେଉଁ ସମସ୍ତ କର୍ମ କରିବ ସେଗୁଡ଼ିକ ନ୍ୟାୟ୍ୟ ପଥରେ ଚାଳିତ ହେବା ଉଚିତ । ହିନ୍ଦୁ ପ୍ରବୃତ୍ତି ଧର୍ମର କେତେକ ତପଃ କର୍ମ ମୂର୍ଖତାର ଲକ୍ଷଣ ପ୍ରକାଶ କରେ । ହିନ୍ଦୁଧର୍ମର ଅନେକ ପୁରାଣ ପୁସ୍ତକରେ ଲିଖିତ ହୋଇଅଛି ଯେ କେତେକ ମୁନି ଋଷି ତପସ୍ୟା ଦ୍ୱାରା ଏପରି ଅଲୌକିକ ଶକ୍ତି ଲାଭ କରିଥିଲେ ଯେ ସାମାନ୍ୟ ଦୃଷ୍ଟିରେ ସେମାନେ ଲୋକଙ୍କୁ ଭସ୍ମ କରି ଦେଉଥିଲେ । ସେମାନଙ୍କର ଏପରି କୋପନ ସ୍ୱଭାବ ନିମନ୍ତେ ଲୋକମାନେ ତାଙ୍କୁ ଅତ୍ୟନ୍ତ ଭୟ କରୁଥିଲେ । ମାତ୍ର ଜୈନ ସନ୍ନ୍ୟାସୀମାନେ କଦାପି ଲୋକଙ୍କର ଅନିଷ୍ଟ କାମନା କରୁ ନ ଥିଲେ । ଆତ୍ମାକୁ କିପରି ମୁକ୍ତ କରିବେ ଏହା ଥିଲା ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ । ତେଣୁ ସେମାନେ କର୍ମକୁ ଧ୍ୱଂସ କରିବାକୁ ସର୍ବଦା ଚେଷ୍ଟା କରୁଥିଲେ ।

ସାଙ୍ଖ୍ୟ ଦର୍ଶନ ସହିତ ଏହି ଧର୍ମର ଅନେକ ସାଦୃଶ୍ୟ ଅଛି ଏବଂ ଯୋଗରୁ ଏହାର କେତେକ ଉପଦେଶ ଓ ନିୟମ ଗୃହୀତ ହୋଇଅଛି । ସାଙ୍ଖ୍ୟରେ ଏକ ପକ୍ଷରେ ପ୍ରକୃତି ଓ ଅନ୍ୟ ପକ୍ଷରେ ପୁରୁଷକୁ ଉଲ୍ଲେଖ କରି ଯାଇଅଛି । ସାଙ୍ଖ୍ୟର ପୁରୁଷ ଓ ଜୈନର ଜୀବ ମଧ୍ୟରେ କେତେକ ପ୍ରଭେଦ ଅଛି । 'ପୁରୁଷ' ଶକ୍ତିହୀନ ଜଡ଼ପିଣ୍ଡ, ମାତ୍ର ଜୈନ ଧର୍ମର 'ଜୀବ' ଜୀବିତ । ଯୋଗ ଓ ସାଙ୍ଖ୍ୟ ଜୈନ ଧର୍ମ ସହିତ ଏହି ବିଷୟରେ ଏକ ମତ ଯେ ଆତ୍ମା ବନ୍ଧନ ମୁକ୍ତ ହେଲେ ମୋକ୍ଷପ୍ରାପ୍ତ ହୁଏ । ଧ୍ୟାନ ଓ ତପସ୍ୟାଦ୍ୱାରା ଜୈନ-ଧର୍ମର ଯୋଗ ସହିତ ସମ୍ବନ୍ଧ ଅଛି ।

ସାଙ୍ଖ୍ୟ ଦର୍ଶନ ଭଗବାନଙ୍କର ଅସ୍ତିତ୍ୱ ମାନେ ନାହିଁ ମାତ୍ର ଯୋଗ ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କରେ । ଜୈନମାନେ ଦେବତାଙ୍କ ଅସ୍ତିତ୍ୱ ସ୍ୱୀକାର କରନ୍ତି । ଦେବତାଙ୍କ ଠାରୁ ବଡ଼ ପୁରୁଷର ଅସ୍ତିତ୍ୱ ମଧ୍ୟ ସେମାନେ ସ୍ୱୀକାର କରନ୍ତି । ମାତ୍ର ସର୍ବୋଚ୍ଚ ଦେବତାଙ୍କ ଅସ୍ତିତ୍ୱ ଅସ୍ୱୀକାର କରନ୍ତି । ପୃଥିବୀ ନିର୍ମିତ ହୋଇ ନାହିଁ, ଏହାର ଧ୍ୱଂସ ମଧ୍ୟ ନାହିଁ । ଦେବତାମାନଙ୍କ ଆକାର ମନୁଷ୍ୟମାନଙ୍କ ପରି । ମନୁଷ୍ୟମାନଙ୍କ ତୁଲ୍ୟ ସେମାନଙ୍କର ପୁନର୍ଜନ୍ମ ଅଛି । କୌଣସି ଦେବତା ଅମର ନୁହନ୍ତି । ମୋକ୍ଷ ପାଇବା ନିମନ୍ତେ ସେମାନଙ୍କୁ ମନୁଷ୍ୟ ଆକାର ଧାରଣ କରି ଜନ୍ମଗ୍ରହଣ କରିବାକୁ ହୁଏ, କାରଣ ମାନବ ମୋକ୍ଷ ପ୍ରାପ୍ତିର ଏକମାତ୍ର ଅଧୀଶ୍ୱର । ଦେବତାମାନେ ମୋକ୍ଷକାମୀ ପୁରୁଷକୁ କୌଣସି ପ୍ରକାରରେ ସାହାଯ୍ୟ କରି ପାରନ୍ତି ନାହିଁ । ଯେ ଦେବତାଙ୍କର ଉପାସନା କରେ ସେ ପାଏ ଦେବତାଙ୍କଠାରୁ ସୁଖ ଶାନ୍ତିର ଆଶୀର୍ବାଦ । ଦେବତା ଓ ଜୀନଙ୍କ ମଧ୍ୟରେ ଏହି ପାର୍ଥକ୍ୟ ଯେ ଦେବତା ଭକ୍ତର ଆବେଦନ ଶ୍ରବଣ କରି ତାହା ପ୍ରତି ଅନୁଗ୍ରହ ପ୍ରଦର୍ଶନ କରନ୍ତି ମାତ୍ର ଜୀନ ତାଙ୍କର ଅନୁଚରମାନଙ୍କୁ କୌଣସି ଅନୁଗ୍ରହ ଦେଖାନ୍ତି ନାହିଁ । ଜୀନଙ୍କୁ ତାଙ୍କର ଅନୁଚରମାନେ ପରମ ଦେବତା ଜ୍ଞାନ କରନ୍ତି । ଜୀନଙ୍କ ଉପାସନା ନିମନ୍ତେ ସେମାନେ ଅନେକ ମନ୍ଦିର ନିର୍ମାଣ କରନ୍ତି ।

ଜୈନମାନେ ପ୍ରାୟ ଜୀନଙ୍କ ପୂଜା କରନ୍ତି ନାହିଁ । ବ୍ରାହ୍ମଣ-ମାନେ ହିନ୍ଦୁ ପୂଜାପଦ୍ଧତି ଅନୁସାରେ ଜୈନ ମନ୍ଦିରରେ ଜୀନଙ୍କର ପୂଜା କରନ୍ତି । ଜୈନମାନଙ୍କର ମନ୍ଦିର ଅଛି ମାତ୍ର ପୂଜକ ନାହିଁ । ଦିଗମ୍ବରମାନେ ମନ୍ଦିରରେ ଜୈନ ପୂଜାରୀ ରଖନ୍ତି ମାତ୍ର ଶ୍ୱେତାମ୍ବରମାନେ ବ୍ରାହ୍ମଣମାନଙ୍କୁ ପୂଜା କରିବାକୁ ଅଧିକାର ଦିଅନ୍ତି । ଜୈନତୀର୍ଥାଙ୍କର ମୂର୍ତ୍ତି ଖୁବ୍ ଆଡ଼ମ୍ବରରେ ପ୍ରତ୍ୟହ ହିନ୍ଦୁ ପୂଜା ପଦ୍ଧତି ଅନୁସାରେ ପୂଜିତ ହୁଏ ।

ଜୈନମାନେ ସିଦ୍ଧ ପୁରୁଷ, ଆଚାର୍ଯ୍ୟ, ଉପାଧ୍ୟାୟ ଓ ସାଧୁ ସନ୍ନ୍ୟାସୀଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ଜ୍ଞାପନ କରୁଥିଲେ । ଏହି ଶ୍ରେଣୀର ଲୋକଙ୍କ ଛଡ଼ା ତୀର୍ଥାଙ୍କରଙ୍କୁ ସେମାନେ ଅଧିକ ସମ୍ମାନ ଓ ଭକ୍ତି କରୁଥିଲେ । ସେମାନଙ୍କ ମତରେ ତୀର୍ଥାଙ୍କରମାନେ ନରରୂପରେ ପୃଥିବୀକୁ ଆସି ସେଠାରେ ନିଜ ନିଜ ଧର୍ମର ମତ ପ୍ରଚାର କରନ୍ତି । ସେମାନେ ଜନ୍ମ, ଜରା ଓ ମୃତ୍ୟୁର ସମସ୍ତ ବନ୍ଧନ ମୁକ୍ତ କରି ପରିଶେଷରେ ମୋକ୍ଷ ଲାଭ କରନ୍ତି ।

ଅନେକ ଜୈନ ନିଜକୁ ନାସ୍ତିକ ବୋଲି କହିବାକୁ ଅସ୍ୱୀକାର କରନ୍ତି । ସେମାନଙ୍କର ନିଜ ଭାବନା ଦ୍ୱାରା ସେମାନେ ଭଗବାନ ବିଶ୍ୱାସ କରନ୍ତି । ମାତ୍ର ଭଗବାନ ଯେ ଏ ଜନ୍ମରେ ଅଥବା ପର ଜନ୍ମରେ ତାଙ୍କର ଆତ୍ମା କିମ୍ବା ଐଶ୍ୱର୍ଯ୍ୟର ଅଧୀଶ୍ୱର ଏ କଥା ସେମାନେ ଆଦୌ ସ୍ୱୀକାର କରନ୍ତି ନାହିଁ । ଦୁଇ ଜଣ ନବ୍ୟ ଜୈନ ଲେଖକ ଲେଖି ଅଛନ୍ତି, "ଆମ୍ଭେମାନେ ତୀର୍ଥଙ୍କରଙ୍କର ପୂଜା କରୁଁ କେବଳ ତାଙ୍କର ପୂର୍ତ୍ତି ଓ ପବିତ୍ର ଆତ୍ମା ନିମନ୍ତେ, କୌଣସି ଅନୁଗ୍ରହ ଲାଭ କରିବା ପାଇଁ ନୁହେଁ । ସେମାନଙ୍କୁ ଅନୁସରଣ କଲେ ଆମ୍ଭେମାନେ ସେମାନଙ୍କ ପରି କର୍ମର ଅପଚୟ କରି ନିଜର ସମ୍ମାନ ବର୍ଦ୍ଧନ କରିବୁଁ ଏବଂ ତଦ୍ୱାରା ପଙ୍କିଳ ସଂସାରରୁ ମୁକ୍ତ ହୋଇ ନିର୍ବାଣ ଲାଭ କରିବୁଁ ।" ପ୍ରତ୍ୟେକ ଜୈନଙ୍କର ତୀର୍ଥାଙ୍କରଙ୍କ ବିଷୟରେ ଯେ ଏପରି ଧାରଣା ଥିଲା ତାହା ନୁହେଁ । ଜୀନଙ୍କୁ ଜୈନମାନେ ପରମ ଦେବତା ଜ୍ଞାନ କରି ତାଙ୍କର ପୂଜା ଓ ଆରାଧନା କରୁଥିଲେ ।

ଜୈନ ଓ ବୌଦ୍ଧ ଉଭୟ ଧର୍ମରେ ପରମ ଉଦ୍ଦେଶ୍ୟ ଥିଲା 'ନିର୍ବାଣ' ବା ମୋକ୍ଷ । ନିର୍ବାଣ ବିଷୟରେ ଏକ ଜୈନ ପୁସ୍ତକରେ ଲିଖିତ ଅଛି ଯେ କେଶୀ ନାମକ ଜଣେ ନବୀନ ସନ୍ନ୍ୟାସୀ ଏକ ଜୈନଙ୍କୁ ପଚାରିଥିଲେ, "ନିରନ୍ତର ଯନ୍ତ୍ରଣାଗ୍ରସ୍ତ କଷ୍ଟ ଭୋଗି ପୃଥିବୀର ଯାବତୀୟ ଜୀବିତ ପ୍ରାଣୀ କେଉଁଠାରେ ରହିଲେ ସୁଖଶାନ୍ତିରେ ରହି ପାରିବେ ?" ସେଥିରେ ସେ ଉତ୍ତର



Digitized by srujanika@gmail.com

ଦେଇଥିଲେ, "ହଁ ମୁଁ ଏପରି ଏକ ସ୍ଥାନ ବିଷୟ ଜାଣେ । ସେଠାରେ ମୃତ୍ୟୁ ନାହିଁ, ଜରା ନାହିଁ, ଯନ୍ତ୍ରଣା କିମ୍ବା ରୋଗ ମଧ୍ୟ ନାହିଁ । ସେ ସ୍ଥାନକୁ କେହି ସହଜରେ ଯାଇ ପାରନ୍ତି ନାହିଁ । ଯେଉଁମାନେ ଦୁଃଖ ଯନ୍ତ୍ରଣାରୁ ମୁକ୍ତ ହୋଇ ସଂସାରର ସମସ୍ତ ବନ୍ଧନ ତ୍ୟାଗ କରନ୍ତି ସେମାନେହିଁ କେବଳ ସେ ସ୍ଥାନକୁ ଯାଇ ପାରନ୍ତି । ଯେଉଁ ଚରମ ସ୍ଥାନକୁ ମାନବର ଆତ୍ମା ପରଲୋକଗତ ହୁଏ ତାହା ହେଉଛି ସୌନ୍ଦର୍ଯ୍ୟର ପୀଠସ୍ଥାନ । ସଂସାରର ମାୟା ମୋହ ବିଚ୍ଛିନ୍ନ କରି ଅଶେଷ ଜ୍ୱାଳା ଯନ୍ତ୍ରଣାରୁ ମୁକ୍ତ ହୋଇ ମାନବର ଆତ୍ମା ସେହି ଚରମ ସ୍ଥାନକୁ ଚାଲିଯାଏ ।"

ଜୈନ ମତାନୁସାରେ କର୍ମର ଶେଷ ହେଲେ ମୁକ୍ତି ମିଳେ । ଜଣେ ଜୈନ ଲେଖି ଅଛନ୍ତି "ହେ ମାନବ, ତୁମେ ନିଜେ ନିଜର ବନ୍ଧୁ । ତୁମ ନିଜ ଛଡ଼ା ଅନ୍ୟ ପ୍ରକୃଷ୍ଟ ବନ୍ଧୁ କିଏ ଆଉ କେହି ଥାଇପାରେ ?" ସନ୍ଧ୍ୟା ଉପାସନା ସମୟରେ ଜୈନମାନେ ତାଙ୍କର ଧର୍ମ ପୁସ୍ତକରୁ ଏହି କେତୋଟି ଧାଡ଼ି ପ୍ରତ୍ୟହ ପଢ଼ନ୍ତି:—"ଆତ୍ମା ଭଲ ମନ୍ଦ ସବୁ ଗଢ଼ି ପାରେ ଓ ଭାଙ୍ଗି ପାରେ । ନିଜର ଅବସ୍ଥା ସେ ଖୁବ ଭଲରୂପେ ବୁଝି ପାରେ । ଆତ୍ମା ଶରୀରର ବୈତରଣୀ ନଦୀ ତୁଲ୍ୟ ( ବୈତରଣୀ ନରକର ଗୋଟିଏ ନଦୀ ) । ତେଣୁ ହେ ମାନବ, ତୁମେ ନିଜେହିଁ ନରକ ।"

## ଜୈନ ଧର୍ମର ନିୟମ ପଦ୍ଧତି ଓ ନୀତିଶାସ୍ତ୍ର

"ସଂସାରର ମାୟା ବନ୍ଧନରୁ ମୁକ୍ତ ହେବାପାଇଁ ଇଚ୍ଛାକଲେ କଠୋର ସାଧନା କର" ଏହାହିଁ ଜୈନ ଧର୍ମର ପ୍ରଧାନ ଉପଦେଶ । ଏହି ଧର୍ମର ସାଧାରଣ ଭକ୍ତଗଣଙ୍କୁ ଶ୍ରାବକ ବୋଲି କୁହା ଯାଏ । ସେମାନେ ଧର୍ମର ନୀତି ଶୁଣି ସେହି ନୀତି ଅନୁସାରେ ନିଜ ଜୀବନ ଚାଳିତ କରିବାକୁ ସର୍ବଦା ଚେଷ୍ଟା କରୁଥିଲେ । ଏଥିପାଇଁ ସେମାନଙ୍କୁ ଅନେକ କଷ୍ଟ ସହ୍ୟ କରିବାକୁ ହେଉଥିଲା ମାତ୍ର ତତ୍ପ୍ରତି ସେମାନେ ଭୁଲେହେଲେ ଭ୍ରୁକ୍ଷେପ କରୁ ନ ଥିଲେ । ଜୈନ ଧର୍ମର ନିୟମ ପଦ୍ଧତି ଗୁଡ଼ିକ ବଡ଼ କଠୋର ମାତ୍ର ପ୍ରତ୍ୟେକ ଜୈନ ଧର୍ମାବଲମ୍ବୀ ଯେ ଏପରି କଠୋର ନିୟମ ପାଳନ କରି ଜୀବନ ଯାପନ କରୁଥିଲେ ତାହା ନୁହେଁ ।

ଜୈନମାନଙ୍କର ଦୁଇଟି ଶ୍ରେଣୀ ଅଛି । ଗୋଟିଏ ସନ୍ନ୍ୟାସୀମାନଙ୍କର ଏବଂ ଅନ୍ୟଟି ସାଧାରଣ ବ୍ୟକ୍ତିଙ୍କର । ସନ୍ନ୍ୟାସୀମାନେ ଯେଉଁ ସବୁ କଠୋର ନିୟମ ପାଳନ କରୁଥିଲେ ସାଧାରଣ ଲୋକେ ତାହା ପାଳନ କରୁ ନ ଥିଲେ । ସନ୍ନ୍ୟାସୀମାନଙ୍କ ପରି ସାଧାରଣ ଲୋକେ ଗୃହସଂସାର ତ୍ୟାଗ କରୁ ନ ଥିଲେ । ଧର୍ମର ପାଞ୍ଚୋଟି ପ୍ରତିଜ୍ଞା ପାଳନ କରିବାକୁ ସେମାନେ ଯଥାସାଧ୍ୟ ଚେଷ୍ଟା କରୁଥିଲେ । ବୌଦ୍ଧ ଧର୍ମରେ ସାଧାରଣ ଲୋକେ ଧର୍ମ ସମ୍ପ୍ରଦାୟର ବନ୍ଧୁ ଅଥବା ସାହାଯ୍ୟକାରୀ ରୂପେ ବିବେଚିତ ହୁଅନ୍ତି, ମାତ୍ର ଜୈନ ଧର୍ମରେ ସେମାନେ ସେପରି ବିବେଚିତ ହୁଅନ୍ତି ନାହିଁ । ସାଧାରଣ ବ୍ୟକ୍ତି ସନ୍ନ୍ୟାସୀର ଅଗ୍ରଗାମୀ । ସାଧାରଣ ବ୍ୟକ୍ତିହିଁ ସନ୍ନ୍ୟାସୀର ଜୀବନ ଗଠନ କରେ । ସନ୍ନ୍ୟାସୀ ଓ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଖୁବ୍ ନିକଟ ସମ୍ବନ୍ଧ ରହିଅଛି । ସେମାନଙ୍କ ମଧ୍ୟରେ ସ୍ଥାପିତ ଏହି ସମ୍ବନ୍ଧ ଯୋଗୁଁ ଜୈନ ଧର୍ମ ପ୍ରାୟ ଦୁଇ ହଜାର ବର୍ଷ ଧରି ଭାରତରେ ଅପରିବର୍ତ୍ତନୀୟ ହୋଇ ରହିଅଛି ।

ଜୈନ ଧର୍ମରେ ପାଞ୍ଚୋଟି ପ୍ରଧାନ ଉପଦେଶ ଅଛି, ଯଥା:— (୧) ପ୍ରାଣୀହତ୍ୟା କର ନାହିଁ (୨) ମିଥ୍ୟା କହ ନାହିଁ (୩) ଚୋରି କର ନାହିଁ (୪) ସାଂସାରିକ କାମନା ଓ ଭୋଗବିଳାସରୁ ବିରତ ହୁଅ (୫) ସମସ୍ତ ସାଂସାରିକ ସମ୍ପଦ ତ୍ୟାଗ କର । ଏହି ପାଞ୍ଚୋଟି ପ୍ରତିଜ୍ଞାରୁ ଅହିଂସା ନୀତିକୁ ସେମାନେ ଖୁବ୍ ବେଶୀ ମାନନ୍ତି ।

କାଳେ କୌଣସି ପ୍ରାଣୀର ଜୀବନ ନଷ୍ଟ ହେବ ବୋଲି ଜୈନ ସନ୍ନ୍ୟାସୀମାନେ ଖୁବ୍ ସାବଧାନରେ ଚାଲବୁଲ କରନ୍ତି । ଅସାବଧାନତା ବଶତଃ କୌଣସି କ୍ଷୁଦ୍ର ପ୍ରାଣୀକୁ ଗୋଡ଼ରେ ମାଡ଼ି ପକାଇବେ ଏଥିପାଇଁ ଚାଲିବା ପୂର୍ବରୁ ଭୂମିକୁ ଭଲକରି ପରୀକ୍ଷା କରନ୍ତି । କାଳେ ଅସାବଧାନରେ କୌଣସି କୀଟ ତାଙ୍କ ମୁଖମଧ୍ୟରେ ପଶିଯିବ ସେଥିପାଇଁ ସେମାନେ ଖାଦ୍ୟ ଓ ପାନୀୟ ଗ୍ରହଣ ପୂର୍ବରୁ ତାହାକୁ ଭଲଭାବରେ ପରୀକ୍ଷା କରନ୍ତି । ଯେଉଁ ବ୍ୟକ୍ତି ଆଳୁଅ ଜାଳେ ସେ ଅନେକ ପ୍ରାଣୀ ମାରେ, ଯେଉଁ ବ୍ୟକ୍ତି ଆଳୁଅ ନିଭାଏ ସେ ଆଲୁଅକୁ ହତ୍ୟାକରେ । ତେଣୁ ଧର୍ମନିଷ୍ଠ ଜ୍ଞାନୀ ଲୋକ କଦାପି ଆଲୁଅ ଜାଳିବ ନାହିଁ । ତର୍କଶାସ୍ତ୍ର ଅନୁଯାୟୀ ଆଲୋଚନା କଲେ ଏହି ଶେଷ ସିଦ୍ଧାନ୍ତଟି ସମ୍ପୂର୍ଣ୍ଣ ଅଯୌକ୍ତିକ ବୋଲି ଜଣା ଯାଏ ।

'ଚୋରି କରିବ ନାହିଁ' ଏହି ଉପଦେଶକୁ ମଧ୍ୟ ସେମାନେ ଅତିରଞ୍ଜିତ ଭାବରେ ମାନନ୍ତି । ସେମାନଙ୍କ ମତରେ ଦାନ ବିନା ଅନ୍ୟ କୌଣସି ପଦାର୍ଥ ଗ୍ରହଣର ଅର୍ଥ ଚୋରି କରିବା । ଦାନ ଗ୍ରହଣ ସମୟରେ ସେମାନେ ଅନେକ ଚିନ୍ତା ଭାବନା କରନ୍ତି । ଉପହାର ନେବା ଅର୍ଥ ନରକକୁ ଯିବା, ତେଣୁ କୌଣସି ଜୈନ-ସାଧୁ ଅନ୍ୟ ଠାରୁ ହୁଏ କେଉଁଟିଏ ସୂଚୀ ନେଉ ନ ଥିଲେ । ନିଜର ଭିକ୍ଷା ଝୁଲିରେ ଯେତେକ ଫଳ ପଡ଼େ ସେତକ ଖାଇ ସେମାନେ ପ୍ରାଣଧାରଣ କରୁଥିଲେ ।

ଜୈନମାନେ ସନ୍ନ୍ୟାସବ୍ରତ ଗ୍ରହଣ ସମୟରେ ପ୍ରତିଜ୍ଞା କରନ୍ତି, "ବର୍ତ୍ତମାନ ମୁଁ ଜଣେ ଶ୍ରମଣ, ମୋର କୌଣସି ଘର ନାହିଁ, ସମ୍ପତ୍ତି ନାହିଁ, ପୁତ୍ର ନାହିଁ କି ଗୋରୁ ନାହିଁ । ମୋତେ ଯାହା ମିଳିବ ମୁଁ ତାହା ଖାଇବି, ମୋତେ ଯାହା ଦିଆଯିବ ନାହିଁ ତାହା ମୁଁ କଦାପି ନେବି ନାହିଁ ।"

ଅନ୍ୟାନ୍ୟ କାମନା ସଦୃଶ ମୃତ୍ୟୁର କାମନା ବୌଦ୍ଧ ଓ ଜୈନମାନଙ୍କ ପକ୍ଷରେ କ୍ଷତିକର । ମାୟାରେ ଜୈନମାନଙ୍କର ବିଶ୍ୱାସ ନାହିଁ । ମୃତ୍ୟୁ, ସନ୍ନ୍ୟାସୀ ହୃଦୟର ମୁକୁଟ ତୁଲ୍ୟ । ଯେଉଁ ସନ୍ନ୍ୟାସୀ ବାର ବର୍ଷ ଧରି କଠୋର ସାଧନା କରନ୍ତି ସେ ତାଙ୍କର ସମସ୍ତ ମୃତ୍ୟୁକୁ ଦମନ କରନ୍ତି । ଏହିପରି ରିପୁଜୟୀ ହୋଇ ସେ କୌଣସି ପ୍ରକାର ଖାଦ୍ୟ ଗ୍ରହଣ ନ କରି ଜାନୁକୁ ପ୍ରାଙ୍ଗଣରେ ଶୟନ କରି ମୃତ୍ୟୁକୁ ଅପେକ୍ଷା କରନ୍ତି ।



Digitized by srujanika@gmail.com

ଦିଗାମ୍ବରମାନେ ନାରୀଙ୍କୁ ମୋକ୍ଷ ପ୍ରାପ୍ତିର ଉପଯୁକ୍ତ ବୋଲି ଭାବୁ ନ ଥିଲେ, ତେଣୁ ସେହି ସମ୍ପ୍ରଦାୟର ନାରୀମାନେ ସନ୍ନ୍ୟାସ-ବ୍ରତ ଗ୍ରହଣ କରି ପାରୁ ନ ଥିଲେ । ନାରୀମାନେ କାହିଁକି ମୋକ୍ଷ ପ୍ରାପ୍ତିର ଅନୁପଯୁକ୍ତ ଏ ବିଷୟରେ ସେମାନେ କେତେଗୁଡ଼ିଏ କାରଣ ଦର୍ଶାଇ ଅଛନ୍ତି । ପ୍ରଥମତଃ ନାରୀ ଦୁର୍ବଳା ତେଣୁ ସେ ସନ୍ନ୍ୟାସ ବ୍ରତର କଠୋର ନିୟମମାନ ପାଳନ କରି ପାରିବ ନାହିଁ । ଦ୍ୱିତୀୟତଃ ନାରୀମାନେ କଦାପି ଉଲଙ୍ଗ ଭାବରେ ବିଚରଣ କରି ପାରିବେ ନାହିଁ । ନାରୀ ଯଦି ପର ଜନ୍ମରେ ପୁରୁଷରୂପେ ଜନ୍ମ ଗ୍ରହଣ କରିବ ତେବେ ସେ ମୋକ୍ଷ ପାଇ ପାରିବ । ମାତ୍ର ଶ୍ୱେତା-ମ୍ବରମାନେ ନାରୀଙ୍କୁ ଧର୍ମରେ ସମାନ ଅଧିକାର ଦେଉଥିଲେ ।

ସାଧାରଣ ଲୋକେ ଯେଉଁ ସବୁ ପ୍ରତିଜ୍ଞା ଓ ଉପଦେଶ ମାନି ଚଳୁଥିଲେ ସେ ଗୁଡିକ ଜୈନ ସନ୍ନ୍ୟାସୀ ଓ ସନ୍ନ୍ୟାସିନୀମାନଙ୍କ ପ୍ରତିଜ୍ଞା ଓ ଉପଦେଶ ତୁଲ୍ୟ କଠୋର ନ ଥିଲା । ସାଧାରଣ ଲୋକେ ସନ୍ନ୍ୟାସୀମାନଙ୍କ ପରି ସାଂସାରିକ କାମନା ଭୋଗରୁ ବିରତ ହୋଇ ନ ଥିଲେ । ପୁଣି ସେମାନଙ୍କ ପାର୍ଥିବ ସମ୍ପତ୍ତିରୁ ବଞ୍ଚିତ ହେବାକୁ ସେମାନେ ଇଚ୍ଛା କରୁ ନ ଥିଲେ ।

ଇତର ଜୀବଙ୍କ ପ୍ରତି ଜୈନମାନଙ୍କର ଖୁବ୍ ବେଶି ଦୟା ଥିଲା । ପିମ୍ପୁଡ଼ି, ମୂଷା ଏପରି କି ଅନିଷ୍ଟକାରୀ ପ୍ରାଣୀଙ୍କୁ ସେମାନେ ପ୍ରତ୍ୟହ ଆହାର ପ୍ରଦାନ କରୁଥିଲେ । ବୃଦ୍ଧ ଓ ରୁଗ୍ଣ ପ୍ରାଣୀଙ୍କର ରହିବା ନିମନ୍ତେ ସେମାନେ ଆଶ୍ରମ ଓ ଚିକିତ୍ସାଳୟମାନ ନିର୍ମାଣ କରିଥିଲେ । ଜୈନମାନେ ନିରାମିଷଭୋଜୀ । ମତ୍ସ୍ୟ ଭୋଜନ ଯେ କେବଳ ତାଙ୍କ ଜୀବନକୁ କଳୁଷିତ କରେ ତାହା ନୁହେଁ, ତାଙ୍କର କର୍ମକୁ ମଧ ନଷ୍ଟ କରେ । ବୌଦ୍ଧମାନେ ସମୟ ସମୟରେ ମାଂସ ଭୋଜନ କରୁଥିଲେ । ମାଂସ ଭୋଜନକୁ ସେମାନେ ଅତ୍ୟନ୍ତ ଦୂଷଣୀୟ ବୋଲି ମନେ କରୁ ନ ଥିଲେ । ପ୍ରାଣୀ ହତ୍ୟାକୁ ସେମାନେ ସମର୍ଥନ କରୁ ନ ଥିଲେ ସତ୍ୟ, ମାତ୍ର ଯେଉଁ ବ୍ୟକ୍ତି ମାଂସ ଭୋଜନ ନିମନ୍ତେ ପ୍ରାଣୀହତ୍ୟା କରୁଥିଲେ ତାଙ୍କୁ ସେମାନେ ନିନ୍ଦା କରୁ ନ ଥିଲେ । କିନ୍ତୁ ଜୈନମାନେ ବୌଦ୍ଧମାନଙ୍କୁ ମାଂସାଶୀ ବୋଲି ଘୃଣା କରୁଥିଲେ ।

ଯେଉଁ ଯେଉଁ କର୍ମଦ୍ୱାରା ଲୋକଙ୍କର ସ୍ୱଭାବ ଉତ୍ତମ ହୁଏ ବା କଳୁଷିତ ହୁଏ ସେଗୁଡିକ ଜୈନ ପ୍ରଚାରକମାନେ ଲୋକମାନଙ୍କୁ ଶିକ୍ଷା ଦେଉଥିଲେ । ଜୈନମତାନୁସାରେ ନଅ ପ୍ରକାର ଉତ୍ତମ କର୍ମ ଓ ଅଠର ପ୍ରକାର ପାପ କର୍ମ ଅଛି । ମାନବ ନିଜର ପାପ କର୍ମ ନିମନ୍ତେ ଅନେକ ପ୍ରକାର କଷ୍ଟ ସହ୍ୟ କରେ ।

ପାଜୁସାନ ଜୈନମାନଙ୍କର ଗୋଟିଏ ପ୍ରସିଦ୍ଧ ପର୍ବ । ଏହି ସମୟରେ ସାତ ଦିନ ଧରି ଉତ୍ସବ ହୁଏ । ଉତ୍ସବର ଶେଷ ଦିନ ସମସ୍ତେ ଉପବାସ କରନ୍ତି । ଶୁଦ୍ଧ ପବିତ୍ର ଚିତ୍ତରେ ମନ୍ଦିରରେ ସମସ୍ତେ ସମବେତ ହୁଅନ୍ତି । କଳ୍ପସୂତ୍ରରୁ କେତେକ ଅଂଶ ସେଠାରେ ପାଠ କରାଯାଏ । ଏହି ଉତ୍ସବ ସମୟରେ ଲୋକେ ପୁରୋହିତଙ୍କ ନିକଟରେ ନିଜର ପାପ ସ୍ୱୀକାର କରନ୍ତି । ପରସ୍ପରର ଦୋଷ ଭୁଲି ଯାଇ ବନ୍ଧୁ ବନ୍ଧୁ ସହିତ ମିଳିତ ହୁଅନ୍ତି । ଜ୍ଞାନ ବା ଅଜ୍ଞାନ ବଶତଃ କରିଥିବା କୁକର୍ମ ନିମନ୍ତେ ବନ୍ଧୁ ବନ୍ଧୁ ନିକଟରୁ କ୍ଷମା ପ୍ରାର୍ଥନା କରେ । ଯଦି କୌଣସି ବନ୍ଧୁ ଦୂର ଦେଶରେ ଥାଏ ତେବେ ପତ୍ରଦ୍ୱାରା ତାହା ନିକଟରୁ କ୍ଷମା ପ୍ରାର୍ଥନା କରାଯାଏ ।

ଜୈନ ପ୍ରଚାରକମାନେ ପ୍ରତ୍ୟେକ ଘରେ ଜୈନ ଧର୍ମର ମାହାତ୍ମ୍ୟ ପ୍ରଚାର କରନ୍ତି ଏବଂ କିପରି ଭାବରେ ଜୀବନ ଯାପନ କଲେ ପୂର୍ଣ୍ଣ ନିର୍ବାଣ ପ୍ରାପ୍ତି ହେବ ସେ ବିଷୟରେ ଲୋକଙ୍କୁ ଉପଦେଶ ଦିଅନ୍ତି । ଗଳ୍ପ ଛଳରେ ଲୋକଙ୍କୁ ସେମାନେ ଜୈନ ଧର୍ମର ନୀତି ବୁଝାନ୍ତି ।

### ଜୈନ ଧର୍ମର ଆଧୁନିକ ଅବସ୍ଥା

ଜୈନମାନଙ୍କର ନିଷ୍ଠାପରତାହିଁ ଜୈନ ଧର୍ମ ଉନ୍ନତିର ଗତିରୋଧ କରୁଅଛି । ସେମାନଙ୍କର ଶିକ୍ଷା ପ୍ରତି ଖୁବ୍ ଆଗ୍ରହ ଅଛି ମାତ୍ର ସେମାନେ ପାଶ୍ଚାତ୍ୟ ଶିକ୍ଷା ଲାଭ କରିବାକୁ ଆଦୌ ଚେଷ୍ଟା କରନ୍ତି ନାହିଁ । ସେମାନେ ପ୍ରାୟ ବ୍ୟବସାୟ ବାଣିଜ୍ୟ କରନ୍ତି, ତେଣୁ ତାଙ୍କର ବ୍ୟବସାୟ ଉତ୍ତମରୂପେ ଚଳାଇବାକୁ ଯେଉଁ ପ୍ରକାର ବିଦ୍ୟା ପ୍ରୟୋଜନ ହୁଏ ସେମାନେ ସେହି ବିଦ୍ୟା ଶିକ୍ଷା କରନ୍ତି । ସେମାନଙ୍କର ଧାରଣା ଯେ ସେମାନଙ୍କ ଧର୍ମ ପୃଥିବୀରେ ଅନନ୍ତ କାଳରୁ ରହିଅଛି ଏବଂ ଏ ପର୍ଯ୍ୟନ୍ତ ପୁରାତନ ଧର୍ମ ନୀତିର ଖୁବ୍ କମ୍ ପରିବର୍ତ୍ତନ ଘଟିଅଛି ।

ଅଧୁନା ଅନେକ ଜ୍ଞାନୀ ଲୋକ ଜୈନ ଧର୍ମର ନୀତି ଓ ଉପଦେଶ ପଢ଼ି ସେହି ଧର୍ମ ପ୍ରତି ଆକୃଷ୍ଟ ହୋଇଅଛନ୍ତି । ଆଜି-କାଲି ଅନେକ ହିନ୍ଦୁ ସଂସାରର ଅସାରତା ଉପଲବ୍ଧି କରି ସ୍ୱଚ୍ଛ ସଂସାର ଛାଡ଼ି ଭିକ୍ଷୁବ୍ରତ ଅବଲମ୍ବନ କରୁଅଛନ୍ତି । ସାଂସାରିକ ଜ୍ୱାଳା ଯନ୍ତ୍ରଣାରୁ ମୁକ୍ତି ପାଇ କିପରି ପୂର୍ଣ୍ଣ ନିର୍ବାଣ ପ୍ରାପ୍ତ ହେବେ ଏହାହିଁ ସେମାନଙ୍କର ପ୍ରଧାନ ଲକ୍ଷ୍ୟ । ଅଧିକାଂଶ ସ୍ଥଳରେ ଆଧୁନିକ ହିନ୍ଦୁ ଧର୍ମ ଓ ଜୈନ ଧର୍ମର କିଛି ପାର୍ଥକ୍ୟ ପରିଲକ୍ଷିତ ହେଉନାହିଁ । ତେଣୁ ଅନେକେ ଜୈନ ଧର୍ମକୁ ହିନ୍ଦୁ ଧର୍ମଭୁକ୍ତ ବୋଲି ମନେ କରୁଅଛନ୍ତି ।

୧୯୩୧ ଖ୍ରୀଷ୍ଟାବ୍ଦର ଜନଗଣନାରୁ ଜଣା ଯାଇଛି ଯେ ଜୈନ ଧର୍ମର କ୍ରମୋନ୍ନତି ଘଟୁଅଛି । ପ୍ରଥମେ ଜୈନମାନେ ନିଜର ସଂଖ୍ୟା ବଢ଼ାଇବାକୁ କୌଣସି ପ୍ରକାର ଚେଷ୍ଟା କରୁ ନ ଥିଲେ, ସେମାନଙ୍କ ଧର୍ମ ଯେ ହିନ୍ଦୁ ଓ ପାଶ୍ଚାତ୍ୟ ବିଦ୍ୟାର ପ୍ରଭାବରୁ ବିଲୁପ୍ତ ହୋଇଯିବ ଏ ବିଷୟ ସେମାନେ ବର୍ତ୍ତମାନ ବୁଝି ପାରି-ଅଛନ୍ତି । ଏହି ଦୁଇ ପ୍ରଭାବରୁ ନିଜ ଧର୍ମକୁ ରକ୍ଷା କରିବା ନିମନ୍ତେ ସେମାନେ ଗୋଟିଏ ଆନ୍ଦୋଳନ ଚଳାଉଅଛନ୍ତି । ଏହି ଆନ୍ଦୋଳନ ଚଳାଇବା ଲାଗି 'ଭାରତ ଜୈନ ମହାମଣ୍ଡଳ' ପ୍ରତିଷ୍ଠିତ ହୋଇଅଛି । ବିଭିନ୍ନ ଦଳକୁ ଏକମତ କରାଇବା ଏହି ମଣ୍ଡଳର ପ୍ରଧାନ ଉଦ୍ଦେଶ୍ୟ । ମୈତ୍ରୀ ଭାବ ସମସ୍ତଙ୍କୁ ଜୟ କରେ, ଏହାହିଁ ଏହି ସଂଗଠନର ମୂଳମନ୍ତ୍ର ।

ରାୟଚାନ୍ଦ ରାୟଜୀ ଭାଇ ଆଧୁନିକ ଜୈନଙ୍କ ମଧ୍ୟରେ ସର୍ବୋଚ୍ଚ ପଦ ପ୍ରାପ୍ତ ହୋଇଅଛନ୍ତି । ସେ କାଠିଆବାଡ଼ର ମୋରଭୀ ରାଜ୍ୟରେ ୧୮୬୮ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ରାୟଚାନ୍ଦ ଜଣେ ବଡ଼ ବ୍ୟବସାୟୀ ଥିଲେ । ତାଙ୍କର ଲକ୍ଷ ଲକ୍ଷ ଟଙ୍କାର କାରବାର ଥିଲା । ମାତ୍ର ଧନକୁ ସେ ଜୀବନର ମୁଖ୍ୟ ପଦାର୍ଥ ବୋଲି ମଣୁ ନ ଥିଲେ । ଭଗବାନଙ୍କର ଦର୍ଶନ ପାଇବାକୁ ସର୍ବଦା ସେ ବ୍ୟାକୁଳ ଥିଲେ । ରାୟଚାନ୍ଦ ଭାଇ ସ୍ୱାମୀ ମୁକ୍ତାନନ୍ଦଙ୍କ ଲିଖିତ ଏହି କେତୋଟି ପଦ ସର୍ବଦା ମୁଖସ୍ଥ କରି ରଖୁଥିଲେ, "ମୋହର ପ୍ରତ୍ୟେକ କାର୍ଯ୍ୟରେ ଯେତେବେଳେ ମୁଁ ଭଗବାନଙ୍କୁ ମନେକରେଁ ସେତେବେଳେ ମୁଁ ନିଜକୁ ଭାଗ୍ୟବାନ ମନେକରେଁ । ଭଗବାନହିଁ ମୁକ୍ତାନନ୍ଦ ଜୀବନର ସହାୟ ।" ଜୈନ ଧର୍ମର ପ୍ରଧାନ ଶକ୍ତି ନୈତିକ ଉନ୍ନତି ପ୍ରତି ସେ ବିଶେଷ ଲକ୍ଷ୍ୟ ପ୍ରଦାନ କରିଥିଲେ । ସେ କହିଛନ୍ତି "ହେ ମାନବ, ମୂର୍ତ୍ତି ତୁମ୍ଭଙ୍କୁ ମୋକ୍ଷର ମାର୍ଗ ଦର୍ଶାଇ ପାରିବ ନାହିଁ । ତୁମ୍ଭର ନିଷ୍ଠାପର ଜୀବନହିଁ ତୁମ୍ଭଙ୍କୁ ମୁକ୍ତିର ମାର୍ଗ ଦେଖାଇବ ।"

ମହାତ୍ମା ଗାନ୍ଧୀଙ୍କ ରଚିତ ଗୋଟିଏ ପୁସ୍ତକରୁ ତାଙ୍କର ଉପଦେଶ ଓ ଜୀବନୀ ବିଷୟ ଉତ୍ତମରୂପେ ଜଣାପଡେ । ମହାତ୍ମାଜୀ ତାଙ୍କୁ ଟଲଷ୍ଟୟ ଓ ରାସ୍କିନଙ୍କ ସହିତ ସମାନ ଆସନ ଦେଇ କହିଅଛନ୍ତି ଯେ ଏହି ତିନିଜଣ ତାଙ୍କ ଜୀବନରେ ଅନେକ ଉନ୍ନତି ଆଣିଅଛନ୍ତି । ସେମାନଙ୍କର ଆଦର୍ଶ ମୋତେ ବିମୋହିତ କରିଛି । ମହାତ୍ମାଜୀ ନିଜେ ଜଣେ ହିନ୍ଦୁ ହୋଇ ସୁଦ୍ଧା ତାଙ୍କର ପରମ ଭକ୍ତ ଥିଲେ । ସେ କହିଅଛନ୍ତି "ମୁଁ ବିଭିନ୍ନ ଅନେକ ସାଧୁ ସନ୍ନ୍ୟାସୀଙ୍କ ସହିତ ମିଳିତ ହୋଇଅଛି । ସେମାନଙ୍କର ଉପଦେଶ ମଧ୍ୟ ଶୁଣି ଅଛି, ମାତ୍ର ରାୟ ଚାନ୍ଦ ଭାଇଙ୍କ ଉପଦେଶରୁ ମୁଁ ଯେପରି ଉପକୃତ ହୋଇଅଛି ଓ ଗଭୀର ଜ୍ଞାନ ଅର୍ଜ୍ଜନ କରିଅଛି ସେପରି ଅନ୍ୟ କାହାରି ପାଖରୁ ପାଇନାହିଁ । ମୋର ମାନସିକ ଗଣ୍ଡଗୋଳ ସମୟରେ ସେ ମୋର ପରମ ଆଶ୍ରୟ ସ୍ଥଳ ।" ରାୟଚାନ୍ଦ ଭାଇ ହିନ୍ଦୁ ଧର୍ମ ଓ ତାଙ୍କ ଧର୍ମ ମଧ୍ୟରେ କୌଣସି ପାର୍ଥକ୍ୟ ରଖୁ ନ ଥିଲେ ।

ଆଧୁନିକ ଜୈନମାନେ ସାଧାରଣତଃ ଭଗବାନଙ୍କର ଅସ୍ତିତ୍ୱ ସ୍ୱୀକାର କରନ୍ତି ମାତ୍ର ଭଗବାନ ଯେ ସୃଷ୍ଟି ଓ ସଂହାର କର୍ତ୍ତା ଏକଥା ସେମାନେ ଆଦୌ ବିଶ୍ୱାସ କରନ୍ତି ନାହିଁ । ସେମାନଙ୍କ ମତରେ ଭଗବାନ ଭକ୍ତକୁ ପୁରସ୍କାର କିମ୍ବା ପାପୀକୁ ଦଣ୍ଡ ଦେଇ ପାରନ୍ତି ନାହିଁ ।

ଅହିଂସା ଜୈନମାନଙ୍କର ପ୍ରଧାନ ବ୍ରତ । ବର୍ତ୍ତମାନ ପୃଥିବୀର ଅନେକ ଲୋକ ଏହି ବ୍ରତ ଆଡ଼କୁ ଆକୃଷ୍ଟ ହେଉଅଛନ୍ତି । ପୃଥିବୀରେ ଶାନ୍ତି ସ୍ଥାପନ କରିବା ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ।

ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କ ତୁଳନାରେ ଜୈନଧର୍ମାବଲମ୍ବୀଙ୍କ ସଂଖ୍ୟା ଖୁବ୍ କମ୍ । ଅଧୁନା ଜୈନମାନଙ୍କର ପ୍ରଧାନ ଭୟ ଯେ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ମତଭେଦ ହିଁ ଏହି ଧର୍ମର ବିନାଶ ସାଧନ କରିବ । ଅନ୍ୟାନ୍ୟ ଧର୍ମର ଇତିହାସ ଆଲୋଚନା କଲେ ଆମ୍ଭେମାନେ ଦେଖି ପାରୁଁ ଯେଉଁ ଧର୍ମ ହିଁ ପୃଥିବୀରେ ଅନେକ ଉଚ୍ଚ ଆସନ ପାଇଥିଲା ତାହା ଅବଶେଷରେ ପ୍ରାୟ ଧ୍ୱଂସ ମୁଖରେ ପତିତ ହୋଇଅଛି । ଜୈନଧର୍ମ ଅନ୍ୟ ଧର୍ମ ପରି ଖୁବ୍ ବେଶି ଖ୍ୟାତି ଅର୍ଜ୍ଜନ କରି ନ ଥିଲେହେଁ ଏହା ଏକେବାରେ ଧ୍ୱଂସ ମୁଖରେ ପତିତ ହୋଇନାହିଁ । ହିଁ ବୌଦ୍ଧ ଧର୍ମ ସମଗ୍ର ଭାରତ ଓ ଭାରତର ବାହାରେ ପ୍ରଚାରିତ ହୋଇ ପୃଥିବୀର ଏକ ବଡ଼ ଧର୍ମ ବୋଲି ବିବେଚିତ ହେଉଥିଲା ମାତ୍ର ଆଜି ସେହି ଧର୍ମର ପ୍ରଭାବ ଭାରତରେ ଖୁବ୍ କମ୍ । ଅଧୁନା ଭାରତରେ ଜୈନଙ୍କ ସଂଖ୍ୟା ବୌଦ୍ଧଙ୍କ ଠାରୁ ପ୍ରାୟ ଅଧିକ ।

ବିଭିନ୍ନ ଧର୍ମର ତୁଳନାମୂଳକ ଆଲୋଚନାରେ ଯେଉଁ ଧର୍ମ ଗୁଡ଼ିକ ସ୍ଥିର ନୀତି ଓ ଉଚ୍ଚ ଆଧ୍ୟାତ୍ମିକତା ଉପରେ ପର୍ଯ୍ୟବେଶିତ ବୋଲି ନିର୍ଦ୍ଧାରିତ ହେବେ ତନ୍ମଧ୍ୟରୁ ଜୈନ ଧର୍ମ ଅନ୍ୟତମ । ଏହି ଧର୍ମ ମୂଳରେ ଚିରନ୍ତନ ସତ୍ୟ ନିହିତ ଅଛି ତେଣୁ ଏହି ଧର୍ମର ସମୂଳ ବିନାଶ ସମ୍ଭବ ନୁହେଁ । ଯେଉଁ ଧର୍ମ ଉଚ୍ଚ ଆଦର୍ଶ ଉପରେ ପ୍ରତିଷ୍ଠିତ ସେହି ଧର୍ମାବଲମ୍ବୀମାନଙ୍କ ସଂଖ୍ୟା କମ୍ ହେଲେ ମଧ୍ୟ ସେ ଧର୍ମ ଯେ ମାନବ ସମାଜର ମାନସିକ ବିପ୍ଳବ ସୃଷ୍ଟିରେ ସାହାଯ୍ୟ କରେ ଏହା ସୁପ୍ରମାଣିତ । ଜୈନ ଧର୍ମ ଏହି ଭଳି ଏକ ଧର୍ମ । ଅନ୍ୟାନ୍ୟ ଧର୍ମାବଲମ୍ବୀ ତୁଳନାରେ ଏହି ଧର୍ମାବଲମ୍ବୀଙ୍କ ସଂଖ୍ୟା ଖୁବ୍ କମ୍ ମାତ୍ର ଏହି ଧର୍ମର କଠୋର ନୀତି ଓ ପ୍ରାଞ୍ଜଳ ଉପଦେଶ ଏହାକୁ ଯେ ଶତ ଶତ ବର୍ଷ ଧରି ଜାଗ୍ରତ କରି ରଖିଅଛି ଓ ରଖିଥିବ ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

# ଅଦ୍ଭୁତ ବ୍ୟାଧି

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ରେଲ୍‌ଓଏ ଷ୍ଟେସନ ପାଖରେ ଗୋଟିଏ ଡାକ୍ତରଖାନା । ମୁଁ ସେଠାକାର ଡାକ୍ତର । କୁଇନାଇନ, ଷ୍ଟ୍ରିଥିନ୍, ଆଲବା, ଡାଇଫରେଟିକ୍, କାର୍‌ମିନେଟିଭ୍ ମିକ୍‌ଶ୍ଚାର ପ୍ରଭୃତି କେତେକ ଧରାବନ୍ଧା ଔଷଧ ହେବାଭଳି ପଦାର୍ଥ ନେଇ ଡାକ୍ତରଖାନାଟିଏ ବୋଲି କହିଲେ ଚଳେ । କିନ୍ତୁ ରୋଗୀ ମୋ ପାଖକୁ କମ୍ ଆସନ୍ତି ନାହିଁ । ଲୋକଙ୍କର ବିଶ୍ୱାସ, ମୁଁ ଜଣେ ଭଲ



Digitized by srujanika@gmail.com

ଡାକ୍ତର । ମୋ ହାତରେ କୁଆଡ଼େ ଯଶ ଅଛି କିନ୍ତୁ ମୁଁ ନିଜେ ନିଜର ଏଡ଼େ ବଡ଼ କ୍ଷମତା ସମ୍ବନ୍ଧରେ ଅଜ୍ଞ ।

ଦିନକର ଘଟଣା । ରାତି ଗୋଟାଏ । ମାନ୍ଦ୍ରାଜ ମେଲଟା ଆସି ଷ୍ଟେସନରେ ଠିଆହୋଇ ଥକାର ନିଃଶ୍ୱାସ ଛାଡ଼ୁ ଥାଏ-ସଁ-ସଁ । ଆଉ ଗୋଟାଏ ଗାଡ଼ି କ୍ରସ୍ ହେବାର କଥା । ଖରାଦିନ । ବାହାରେ ଦଉଡ଼ିଆ ଖଟିଆ ଖଣ୍ଡେ ପକାଇ ଶୋଇ ଥାଏଁ । ଛୋଟନିଦ ମାଡ଼ି ଆସୁଥାଏ । ହଠାତ୍ ଜଣେ ଲୋକ ଆସି ଅତି ବ୍ୟସ୍ତ କଣ୍ଠରେ ଡାକିଲା—

'ଡାକ୍ତର ବାବୁ, ଡାକ୍ତର ବାବୁ ?'

ମୁଁ ଚାହିଁଦେଲି । ଗୋଟାଏ ଲମ୍ବା ଚଉଡ଼ା ଲୋକ ଟି. ଟି. ଆଇ. ପୋଷାକ । ସୁସ୍ଥ ସବଳ । ଗମ୍ଭୀର ପ୍ରଶାନ୍ତ । କିନ୍ତୁ ଅସ୍ଥିରତା ଯେମିତି ଖୁବ୍ ଚଞ୍ଚଳ ଗତିରେ ତା ଦେହସାକ ଦୌଡ଼ୁ ଥିଲା ପରି ।

ମୁଁ ଉଠିପଡ଼ିଲି । ସେ କିନ୍ତୁ ସେହିଭଳି ଚିତ୍କାର ଛାଡ଼ୁଥାଏ— 'ଡାକ୍ତର ବାବୁ, ଡାକ୍ତର ବାବୁ ?'

'ବସନ୍ତୁ, କ'ଣ କହନ୍ତୁ ।' ମୁଁ ତାଙ୍କୁ ମୋ ପାଖରେ ଥିବା ଖଣ୍ଡିଏ ଷ୍ଟୁଲ୍ ଉପରେ ବସିବାକୁ ଦେଖାଇ ଦେଲି । ସେ ବସିଲା ।

'କ'ଣ କହନ୍ତୁ ?' ମୁଁ ପୁଣି ପଚାରିଲି ।

'ଡାକ୍ତର ବାବୁ, ଓଃ ଭାରି କଷ୍ଟ, ଓଃ ଭାରି କଷ୍ଟ ।'

ଏହା କହି କାନ୍ଦି ପକାଇଲା ଓ ଭାରି ଜୋର୍‌ରେ ଛାତିଟାକୁ ଦାବି ଧରିଲା ଦୁଇ ହାତରେ ।

ଷ୍ଟୁଲ୍ ଉପରେ ବସିବାର ଅବସ୍ଥା ତାର ନ ଥିଲା । ମୁଁ ତାକୁ ବିନା ଆପତ୍ତିରେ ମୋ ବିଛଣାରେ ଶୁଆଇ ଦେଇ ନିଜେ ସେ ଷ୍ଟୁଲଟାକୁ ତା' ପାଖକୁ ଟାଣି ନେଇ ବସି ପଚାରିଲି— 'କ'ଣ ହେଉଛି, କହନ୍ତୁ ।'

'ଡାକ୍ତର ବାବୁ, ଭାରି କଷ୍ଟ ! ଓଃ ମରିଗଲି ଡାକ୍ତର ବାବୁ, ମୋତେ ରକ୍ଷା କରନ୍ତୁ, ଏଇ ଗାଡ଼ିରେ ଯାଉଥିଲି ଡାକ୍ତର ବାବୁ, ହଠାତ୍ ଏ କଷ୍ଟ । ଷ୍ଟେସନ ମାଷ୍ଟର ଆପଣଙ୍କ ନାମ କହିଲେ । ଆପଣ ମୋତେ ରକ୍ଷା କରନ୍ତୁ । ଆପଣ ଯାହା କହିବେ ମୁଁ ତା ଦେବି । ମୋର ସର୍ବସ୍ୱ ଦେବି ।

'ଆପଣଙ୍କର କ'ଣ ହେଉଛି ?' ମୁଁ ପଚାରିଲି ।

'ଭାରି କଷ୍ଟ—ଓଃ ଭାରି କଷ୍ଟ—ଖାଲି କଷ୍ଟ—ଯନ୍ତ୍ରଣା—ଜଳୁଛି—ହୁ—ହୁ—ଭାରି ଜୋର୍ ।'

'ଛାତିରେ ?'

'ଏଁ—ହଁ—ଛାତିରେ । ନା—ନା...ଅନ୍ତର—ଅନ୍ତର ଭିତରେ । ଓଃ ଭୀଷଣ ଜ୍ୱାଳା—ବଡ଼ ଯନ୍ତ୍ରଣା ।'

'ଏ କ'ଣ ହଠାତ୍, ଆଜି, ଏଇକ୍ଷଣି ହେଲା ?'

ଏଁ—ହଁ—ଏହିକ୍ଷଣି । ଭାରି ଜୋର୍‌ରେ । ଆଗରୁ ବି ଥିଲା । ଅଳ୍ପ ଅଳ୍ପ । ଏହିକ୍ଷଣି ଭାରି ଜୋର୍ । ଆଜି ସବୁଠୁଁ ବେଶୀ । ଓଃ ମରିଗଲି—ମରିଗଲି ଲୋ ମା !

ଡାକ୍ତର ବାବୁ, କ'ଣ ଦେବେ ଦିଅନ୍ତୁ । ନଇଲେ—ଟିକିଏ ବିଷ ।

ତାର ଅସ୍ଥିରତା ଦେଖି ମୁଁ ନିଜେ ବଡ଼ ଅସ୍ଥିର ହୋଇ ପଡ଼ିଥିଲି । ରୋଗଟାର ଗଣ୍ଠି ମୁଣ୍ଡ କିଛି ବୁଝି ପାରୁ ନ ଥାଏଁ । ଡିସ୍‌ପେପ୍‌ସିଆ ହୋଇ ପାରୁଥାଏ । ଛାତି ଜଳୁଛି । ରାତ୍ରି ଅନିଦ୍ରା ଯୋଗୁଁ ସେଟା ବଢ଼ିଛି । ବୋଧହୁଏ ଡିସ୍‌ପେପ୍‌ସିଆ । ଭାବି ପାନେ କାର୍‌ମିନେଟିଭ ମିକ୍‌ଶ୍ଚାର ସଙ୍ଗେ ସଙ୍ଗେ ଦେଲି । ମୁହଁରେ କହୁଥାଏଁ, ଏଣିକି ଆରାମ୍ ହୋଇଯିବ । କିନ୍ତୁ ସେ ସେହିପରି ଚିତ୍କାର କରୁଥାଏ । ଅନ୍ୟ ଉପାୟ ନ ଦେଖି ପାନେ ସ୍ଲିପିଙ୍ଗ୍‌ଡ୍ରଟ ଦେଲି ।

ଗାଡ଼ି ଚାଲିଗଲା । ସେ ଶୋଇପଡ଼ିଥାଏ । ମୁଁ ତାର ଛାତିଫାଟି ସବୁ ପରୀକ୍ଷା କଲି । ସବୁ ଠିକ୍ । କେଉଁଠି କିଛି ଦୋଷ ନାହିଁ । କେବଳ ମୁହଁଟାରୁ ଜଣା ପଡ଼ୁଥିଲା—ବଡ଼ ଚିନ୍ତାକ୍ଲିଷ୍ଟ ।

ରାତିଯାକ ମୁଁ ତାର ଗତିବିଧି ଲକ୍ଷ୍ୟ କରୁଥିଲି । ସକାଳ ହେଲା । ଅନେକ ବେଳ ପରେ ସେ ଉଠିଲା । ଚକ୍ଷୁରେ ଚକିତ ଚାହାଣୀ । ରାତିରେ ଯେ ଗୋଟାଏ ପ୍ରବଳ ଝଞ୍ଜା ବହି ଯାଇଛି ସେ କଥା ଯେପରି ଆଦୌ ମନେ ନାହିଁ ।

ମୁଁ ପଚାରିଲି 'ବର୍ତ୍ତମାନ କେମିତି ଲାଗୁଛି ?'

'ଭଲ, ଅନେକଟା ଭଲ ।' ସେ ଉତ୍ତର କଲା ।

'ଆପଣ କ'ଣ ବିଚାରୁଛନ୍ତି ? ଡିଉଟିରେ ଜଏନ୍ କରିବେ ?'

'ଆପଣ ଯାହା କହିବେ ।'

'ମୋ ମତରେ, ଆପଣ କିଛିଦିନ ଏଠି ମୋ ଚିକିତ୍ସାରେ ରହିଯାନ୍ତୁ । ଭଲ ହୋଇଯିବେ ।'

'ଭଲ ହୋଇ ଯିବ—ଏଁ, ଭଲ ହୋଇ ଯିବ ଡାକ୍ତର ବାବୁ, ସତେ ଭଲ ହୋଇଯିବ ?'

'ନିଶ୍ଚୟ ଭଲ ହୋଇଯିବେ । କହାତ ସହଜ କଥା । ଆପଣ ପୂର୍ଣ୍ଣ ଆରୋଗ୍ୟ ହୋଇଯିବେ ।

ପନ୍ଦରଟି ଦିନ ଅପେକ୍ଷା କରିଯାନ୍ତୁ ।'

'ଅଚ୍ଛା ବେଶ୍, ଆପଣଙ୍କ କଥାହିଁ ରହିଲା ।' କହି ସେ ସଙ୍ଗେ ସଙ୍ଗେ ଛୁଟି ଦରଖାସ୍ତ ଲେଖିଲା ।

ପ୍ରତିଦିନ ଠିକ୍ ଗୋଟାଏ ବେଳେ, ଯେତେବେଳେ ରେଲ୍‌ଟା ଠିଆ ହୋଇ ରାକ୍ଷସଙ୍କ ଭଳି ସାଁ ସାଁ ଗର୍ଜୁଥାଏ—ସେ ଝଟ୍ କିନା ଉଠିପଡ଼ି ଡାକେ—'ଡାକ୍ତର ବାବୁ ମରିଗଲି ।' ଦିନଯାକ ଅଳ୍ପ ଅଳ୍ପ ଯନ୍ତ୍ରଣା ହେଉଛି ବୋଲି ଆପତ୍ତି କରେ । କିନ୍ତୁ ରାତି ଗୋଟାଏ ହେଲେ ସେଟା ବଢ଼ିଯାଏ—ଏତେ ବଢ଼ିଯାଏ ଯେ ଆଉ ସମ୍ଭାଳି ହୁଏ ନାହିଁ । ସେତେବେଳେ ଯାଏଁ ତା' ଆଖିରେ ନିଦ ନ ଥାଏ । ଯେତେ ଔଷଧ ଦେଲେ ବି ନିଦ ହୁଏ ନାହିଁ । ତା'ପରେ ଶୋଇପଡ଼େ—ଖୁବ୍ ଅଳପକେ ଶୋଇପଡ଼େ ।

ରୋଗର କୌଣସି ମୂଳକାରଣ ନିର୍ଦ୍ଦେଶ କରି ନ ପାରି ମୁଁ ଭାରି ବ୍ୟସ୍ତ ହେଲି । ସେ ସେକଥା ଦିନେ ବୁଝି ପାରି କହିଲା—



Digitized by srujanika@gmail.com

'ଡାକ୍ତର ବାବୁ, ରୋଗଟା ମୋର କେଉଁଠି ସେଟା କ'ଣ ଧରି ପାରୁ ନାହାନ୍ତି ? ତେବେ ଆସନ୍ତୁ, ପରୀକ୍ଷା କରିବେ ଆସନ୍ତୁ ।'

ମୁଁ ଧୀରେ ଧୀରେ ତା' ସଙ୍ଗରେ ଗଲି । ସେ ଗୋଟିଏ ଖଟରେ ଶୋଇଲା । ଛାତିରୁ ଲୁଗା କାଢ଼ି ଦେଲା । କହିଲା—"ମୋର କହିବା ଅନୁସାରେ ପରୀକ୍ଷା କରିବାକୁ ହେବ । ଆପଣଙ୍କ ଷ୍ଟେଥସ୍ କୋପ୍ ଫେଥସ୍ କୋପ୍ ଏଠି ବୋଲି ମାନିବି ନାହିଁ । ଅନେକ ଷ୍ଟେଥସ୍ କୋପ୍ ଗଲାଣି । ଅନେକ ଡାକ୍ତର ଗଲେଣି । କେହି କିନ୍ତୁ ମୋ କହିବାନୁସାରେ ପରୀକ୍ଷା କରିନାହିଁ—ସେଥିପାଇଁ କେହି ରୋଗଟାକୁ ଚିହ୍ନି ପାରି ନାହିଁ । ଆପଣ ଯଦି ମୋ ବୋଲ ଶୁଣିବେ ତେବେ ଯାହିଁ ରୋଗ ଧରି ପାରିବେ ।"

"ଆଚ୍ଛା," ମୁଁ କହିଲି– "ଆପଣ କ'ଣ କରିବାକୁ କହୁଛନ୍ତି, କହନ୍ତୁ ।"

'ଦୁଇ ତିନି ପରସ୍ତ ତୁଳା ମୋ ଛାତି ଉପରେ ରଖନ୍ତୁ ।'

ମୁଁ ବିନା ଆପତ୍ତିରେ ତୁଳା ଆଣି ରଖିଲି ।

'ତା ଉପରେ ଗୋଟିଏ ସମତଳ ପଟା ରଖନ୍ତୁ ।'

ପଟା ମଧ୍ୟ ରଖିଲି ।

'ହାତୁଡ଼ି ଅଛି, ହାତୁଡ଼ି ?'

'ହଁ, କ'ଣ ହେବ ?' ମୁଁ ପଚାରିଲି ।

'ଆଣନ୍ତୁ ।' ସେ ଆଦେଶ ଦେଲା ।

ମୁଁ ଆଣିଲି !

'କ'ଣ ହେବ ?' ପଚାରିଲି ।

'ଆପଣ ପ୍ରଥମେ ସାଧାରଣ ଜୋର୍‌ରେ ଏହି ପଟା ଉପରେ ହାତୁଡ଼ି ବାଡ଼େଇବେ । ତାପରେ ଆଉ ଟିକିଏ ଜୋର୍‌ରେ—ତାପରେ ଆଉ ଟିକିଏ—ତାପରେ ଆଉ ଟିକିଏ—ଏମିତି ଅସ୍ତେ ଅସ୍ତେ ବେଶି, ବେଶି, ଜୋର୍‌ରେ ବାଡ଼େଇ ଚାଲି ଥିବେ । ମୁଁ ଯେତେବେଳେ 'ହଁ' ବୋଲି କହିବି, ସେତେବେଳେ ବନ୍ଦ କରିବେ । ମୋ ଛାତି ଭିତରେ ଯନ୍ତ୍ରଣାଟା ଯେଉଁଠି, ଆପଣଙ୍କ ପ୍ରହାରର ଚୋଟଟା ଯେତେବେଳେ ସେଇଠି ଯାଇ ପହଞ୍ଚିବ, ମୁଁ ସେତିକିବେଳେ 'ହଁ' ବା 'ଆଉ' କହିବି ସେତେବେଳେ ଆପଣ ମୋ ଯନ୍ତ୍ରଣାର ସ୍ଥାନଟା କେଉଁଠି ନିରୂପଣ କରି ପାରିବେ ତ ? ଆଚ୍ଛା ଆରମ୍ଭ କରନ୍ତୁ ।" କହି ସେ ଛାତି ଦେଖାଇ ପ୍ରସ୍ତୁତ ହେଲା ।

ମୁଁ ହସ ସମ୍ବରଣ କରି ବାଧହୋଇ ବାଡ଼େଇଲି । ପ୍ରଥମେ ଅସ୍ତେ । ତାପରେ ଟିକିଏ ଜୋର୍—ଟିକିଏ ଜୋର୍—ବାଡ଼େଇ ଚାଲିଲି । ସେ କେବଳ 'ଉହୁ' କରିବାରେ ଲାଗିଥାଏ । ଶେଷରେ ମୋତେ ଡର ହେଲା, କାଳେ ଛାତି ହାଡ଼ରେ କୌଣସି ଜଖମ ଲାଗି ପାରେ । ମୁଁ ଥମିଗଲି । ସେ କିନ୍ତୁ କହୁଥାଏ—'ହୁଁ—ହୁଁ—ଆହୁରି ଜୋର—ଆହୁରି ଜୋର ।'

ହଠାତ୍ ମୋତେ ଏକ ବୁଦ୍ଧି ଦିଶିଲା । ମୁଁ କହିଲି—"ଆଉ, ଆଉ, ଆଉ ବାଡ଼େଇବାକୁ ହେବ ନାହିଁ । ଆପଣଙ୍କ ଯନ୍ତ୍ରଣାର ସ୍ଥାନଟା ମୁଁ ଠିକ୍ ଜାଣି ପାରିଛି ।"

"ଜାଣି ପାରିଛନ୍ତି ?' ସେ ଆନନ୍ଦ ଓ ଆଶ୍ଚର୍ଯ୍ୟରେ ବିହ୍ୱଳ ହୋଇ ପଚାରିଲା– 'କେଉଁଠି—କେଉଁଠି କହନ୍ତୁ ତ ?"

"ଏଇ ଛାତିତଳେ—," ମୁଁ ଆରମ୍ଭ କଲି "ଆପଣ ଜାଣନ୍ତି ତ ?–ପ୍ରଥମେ ଚମଡ଼ା, ତାପରେ ମାଂସ, ତାପରେ ହାଡ଼, ତା ତଳକୁ ଛାତି । ସେ ଛାତି ଭିତରେ ଆଉ ଗୋଟାଏ ଚିଜ ଅଛି, ତା' ନା କଲିଜା । କଲିଜା ଭିତରେ ଗୋଟାଏ ବାକ୍ସ ଭଳି ଜିନିଷ ଅଛି । ତା' ନା' ହୃଦୟ । ସେଠି କଣା କଣା ହୋଇଛି । ସେବାଟେ ପବନ ଯିବା ଆସିବା କରେ । ତା ଭିତରେ ଆଉ ଗୋଟିଏ ଭାରି ସୂକ୍ଷ୍ମ ଯନ୍ତ୍ର ଅଛି । ତା' ନା' ଅନୁଭୂତି ଯନ୍ତ୍ର । ପବନଟା ସେଠି ଯାଇ ବାଜେ । ଲୋକ ଅନୁଭବ କରେ । ତା'ପରେ ଅନୁଭୂତି ପୁଣି ସେଟାକୁ ଆହୁରି ଗୋଟାଏ ଗମ୍ଭୀର ସ୍ଥାନକୁ ଠେଲି ଦିଏ । ସେଟା ଭାରି ନରମ—ମଖନ ଭଳି । ସେଇଠି ଆପଣଙ୍କ ବେଦନା । ଠିକ୍ ନା ?"-

"ଏକଦମ୍ ଠିକ୍ । ଡାକ୍ତର ବାବୁ ଏକଦମ୍ ଠିକ । ସାବାସ୍ ! ଠିକ୍ ଧରିଛନ୍ତି । ଶହ ଶହ ହଜାର ହଜାର ଡାକ୍ତର—ଦେଖାଇଲିଣି । କେହିତ ଏ କଥା କହି ପାରି ନାହାନ୍ତି । ଏ ସବୁ ଆପଣଙ୍କ ଶାସ୍ତ୍ରରେ ଲେଖା ଅଛିତ ? ହଁ ତା' ନ ଥିଲେ ଆପଣ ଜାଣନ୍ତେ କୁଆଡ଼ୁ । ଆଜକାଲି ଡାକ୍ତରଗୁଡ଼ା ବଡ଼ ଠକ ଧରିଲେଣି—ଆଉ ପଢ଼ା ପଢ଼ି କିଛି କରୁ ନାହାନ୍ତି । ଛାଡ଼ନ୍ତୁ । ବର୍ତ୍ତମାନ ଆପଣ ଚିକିତ୍ସା ଆରମ୍ଭ କରନ୍ତୁ । ମୋର ବିଶ୍ୱାସ ଆପଣ ନିଶ୍ଚୟ ଭଲ କରି ଦେବେ ।"

ସେ ମୋ ଉପରେ ପୂର୍ଣ୍ଣ ଭରସା କରି ରହିଲା । ରୋଗଟା ମାନସିକ ବୋଲି ବୁଝିଲେ ମଧ୍ୟ ରୋଗର କାରଣ ମୁଁ କିଛି ବୁଝି ପାରିଲି ନାହିଁ ।

ଦିନେ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲା । ବେଳେ ବେଳେ ରହି ରହି ଗୋଟାଏ ଗୋଟାଏ ହେକ୍କୁଟି ଉଠୁଥାଏ । ମୁଁ ପାଣି ଗିଲାସେ ନେଇ ପିଇବାକୁ ଦେଲି, କାଚ ଗିଲାସରେ । ସେ ଦେଖିଲା କ୍ଷଣି ଯେମିତି ଚମକି ଉଠିଲା "ନା—ନା—ନା—ପାଣି—ପାଣି ?—ପାଣି ମୁଁ ପିଏନା ? ମାସେ ଦଶ ଦିନ ହେଇଗଲାଣି ମୁଁ ଆଜଯାଏ ପାଣି ପିଇ ନାହିଁ । ଡାକ୍ତର ବାବୁ, ମୋତେ ପାଣି ଦେବେ ନାହିଁ—ମୋ ପକ୍ଷରେ ସେ ବିଷ । ସେ ମୋ ତଣ୍ଟିରେ ଗଳିବ ନାହିଁ ଡାକ୍ତର ବାବୁ ।"

ଲୋକଟାର ପାଗଳାମି ଦେଖି ଦେଖି ମୁଁ ଅସ୍ଥିର ହୋଇ ଗଲିଣି । କିଛି ଆଉ ବାଟ ପାଉ ନ ଥାଏଁ । ଶେଷରେ, ସେ ଦିନେ ଶୋଇଛି, ତା ପକେଟରୁ ମୁଁ ତା'ର ଡାଏରିଟା କାଢ଼ି ଆଣିଲି—କାଳେ କୌଣସି ସନ୍ଧାନ ମିଳିଯାଏ ।

ଡାଏରିର ପୃଷ୍ଠା ଲେଉଟାଉଁ ଲେଉଟାଉଁ ଗୋଟାଏ ଜାଗାରେ ପାଇଲି,—ମାର୍ଚ୍ଚ ୨୪-୧୯.

ରମେଶ ଆଉ ମୁଁ ଦୁହେଁ ଆଜି ଘରେ ଯାଇ ପହଞ୍ଚିଲୁଁ । ମୁଁ ପାଣି ଗିଲାସେ ମାଗିଲି । ବିମଳା ଦୁଇ ମିନିଟ୍ ପରିଷ୍କାର କାଚ ଗ୍ଲାସ୍‌ରେ ଗିଲାସେ ପାଣି ଆଣିଲା । ମୁଁ ଓ ରମେଶ ଦୁହେଁ ଯାକ

ଠିଥି ହୋଇଥିଲୁଁ । ସେ ଗିଲାସଟା ରମେଶ ଆଡ଼କୁ ବଢାଇ ଦେଲା । ରମେଶ କହିଲା—ମୋତେ ଦେବାକୁ । ତାର ଦରକାର ନ ଥିଲା । ବିମଳା ମୁହଁ ତଳକୁ ହୋଇଗଲା । ଭଲ କରି ଚାହିଁଲେ ଜଣାପଡ଼ୁଥିଲା ଯେ ତାର ହାତ ଥରୁଥାଏ । ଯେମିତି ସେ କି ଅପରାଧ କରିଛି । ମୁଁ ପାଣି ପିଇଲି । କିନ୍ତୁ ମୋର କିଛିଲ ସନ୍ଦେହ ହେଲା । ସେଦିନ ରାତିରେ ଡିଉଟି ଥାଏ । ମୁଁ ଡିଉଟିକୁ ଗଲି । କିନ୍ତୁ ଫେରି ଆସିଲି । ଦାଣ୍ଡ ଦୁଆର ବନ୍ଦ । ମୁଁ ଯୋଡା କାଢ଼ି ପକାଇଲି—ଖୁବ୍ ଧୀରେ । ବାଡ଼ି ପଟେ ବୁଲି ଶୋଇବା ଘର ଝିଡକି ପାଖକୁ ଗଲି । ଦକ୍ଷିଣା ପବନ ପିଟୁ ଥାଏ । ଝିଡ଼କି ଖୋଲା ଥିଲା । ମୁଁ ଚାହିଁ ଦେଖିଲି, ମୋ ଖଟ ଉପରେ ରମେଶ ଓ ବିମଳା । ମୁଁ କିଛି କହିଲି ନାହିଁ । ଚୁପ୍ କିନା ଚାଲି ଆସିଲି । ମୋ ଛାତିଟା ଦାଉଁ ଦାଉଁ ହେଉଁଥାଏ । ମୋ ହାତଟା ଅନାୟତେ ଥରୁଥାଏ । ଛାତି ଭିତରେ ଭାରି କଷ୍ଟ ।

ମାର୍ଚ୍ଚ, ୨୫—୧୯

କାମରେ ମନ ଲାଗୁ ନାହିଁ । ଘରକୁ ଯିବାକୁ ଇଚ୍ଛା ହେଉନାହିଁ । ଆତ୍ମହତ୍ୟା କରିବାକୁ ସାହସ ହେଉ ନାହିଁ । କିନ୍ତୁ ଭାରି କଷ୍ଟ । ଆଜି ରାତି ଠିକ୍ ସେତିକି ବେଳେ ମୋର ଦୃଶ୍ୟଟା ଆଖି ଆଗରେ ନାଚିଗଲା—ଓଃ କି କଷ୍ଟ । ଅସହ୍ୟ ।

ମାର୍ଚ୍ଚ, ୨୭—୧୯

ତିନି ଦିନ ହେଲା ପାଣି ମୁହଁରେ ଦେଇ ନ ଥିଲି । ଆଜି ପାଣି ଗିଲାସେ ନେଇ ମୁହଁରେ ଦେବା ବେଳକୁ ଅଇ ଉଠେଇ ଆସିଲା । ପାଣି ଟୋପାକ ତଣ୍ଟିରେ ଲାଗିଗଲା ଯେମିତି । ଆଉ ପାଣି ପିଇବାକୁ ସାହସ ହେଲା ନାହିଁ । ଏଣିକି ପାଣି ପିଇବା ମୋର ବନ୍ଦ । .........ଆଜି ବି ସେଇ ଯନ୍ତ୍ରଣା । ଗୋଟାକ ବେଳେ ବଡ଼ ବେଶୀ ।...

ଡାଏରିଟାକୁ ଯଥାସ୍ଥାନରେ ରଖି ଦେଇ ଚାଲି ଆସିଲି ।

ତହିଁ ଆର ଦିନ କିଛି ନ ଜାଣିଲା ପରି ତା ପାଖକୁ ଯାଇ ପଚାରିଲି—"ଅଚ୍ଛା, ଆପଣଙ୍କର ଏ ରୋଗ କେତେ ଦିନ ହେବ ହେଲା ?"

ସେ ପ୍ରଶ୍ନର ଉତ୍ତର ଦେବାକୁ ଭାବି ଠିକ୍ କରୁଛି । ମୁଁ ନିଜେ ତାର ଉତ୍ତର ଦେଲି—"ରୋଗଟା ବୋଧହୁଏ ବିଶେଷ ପୁରାତନ ନୁହେ । ଖୁବ୍ ବେଶୀ ହେଲେ ଦେଢ ମାସ ।"

"ହଁ—ଠିକ୍ କହିଛନ୍ତି—ଦେଢ ମାସରୁ ଦିନେ ଦୁଇ ଦିନ କମ୍ ହେବ—ଦୁଇ ଦିନ କମ୍—ମାସେ ତେର ଦିନ—ତେୟାଳିଶ ଦିନ ।"

"ବୋଧହୁଏ ଏଟା ବିବାହ ହେବାର ଦୁଇ ତିନି ମାସ ପରେ ଆରମ୍ଭ ହୋଇଛି ।"

"ଆପଣ କେମିତି ଜାଣିଲେ ? ହଁ, ଠିକ୍ ଡାକ୍ତର ବାବୁ । ବିବାହ ହେବା ଦିନ ଠାରୁ ତିନି ମାସ—ମାସ ତିନିଟା ବି ପୂରି ନ ଥିଲା ।"

ତା ଆଖିରେ ଲୁହ ଭରି ଆସିବାର ଦେଖିଲି । ସେ ହଠାତ୍ ପୁଣି ମୋତେ ପ୍ରଶ୍ନ କଲା—'ଆପଣ କେମିତି ଜାଣିଲେ ଡାକ୍ତର ବାବୁ ? ଆପଣ କ'ଣ ଅତୀତ ଭବିଷ୍ୟତ୍ ଜାଣନ୍ତି କି ?'

ମୁଁ କହିଲି—"ନାହିଁ, ନାହିଁ, ଆମ ନିଦାନରେ ଏମନ୍ତ ରୋଗର ଏହି ଭଳି ଲକ୍ଷଣ ଲେଖା ଅଛି ।"

"ଏଁ—ନିଦାନରେ ଲେଖା ଅଛି ?" ବଡ଼ ସରଳ ବିଶ୍ୱାସ କରି ସେ କହିଲା—"କାହିଁ, ଏକଥା ତ ଆଉ କୌଣସି ଡାକ୍ତର କହି ନାହିଁ । ସେଗୁଡ଼ିକ ସବୁ ମୂର୍ଖ । ମୋଟେ ପଢନ୍ତି ନାହିଁ—ପାଠଶାଠ କିଛି ପଢ଼ି ନାହାନ୍ତି ।"

"ଆପଣଙ୍କର କ'ଣ ହେଉଛି ?" ମୁଁ ପଚାରିଲି । "ଯେଉଁଟି ମୁଁ କହୁଥିଲି, ସେଉଠୁ ନଅଁ ହୁଲା ଉଠି ଛାତିଟା ଜାଳି ଦେଉଛି—"

"ଆଉ ବେଳେ ବେଳେ ଭାରି ଜୋରରେ ।"

"ସେଇଟା ଖୁବ୍ ବେଶୀ ହେଉଛି ରାତି ଗୋଟାକରେ ।"

"ହଁ, ଠିକ୍ ରାତି ଗୋଟାକରେ ।"

"ମୁଁ, ବୁଝିଲି । ଆଉ ତା ସଙ୍ଗେ ସଙ୍ଗେ ଦୀର୍ଘ ନିଶ୍ୱାସ ଉଠୁଛି—ନାଁ ?"

"ହଁ—ହଁ—ଦୀର୍ଘ ନିଶ୍ୱାସ—ବଡ଼ ଦୀର୍ଘ—ସେଇ ଛାତିତଳୁ—ଏଇ ପିଞ୍ଜରା ତଳୁ ଆସୁଛି । ଡାକ୍ତର ବାବୁ—ଓଃ—ଭାରି କଷ୍ଟ ।"

"ପାଣି ପ୍ରତି ବିତୃଷ୍ଣା । ପାଣି ଖାଇଲେ ତଣ୍ଟିରେ—"

"ଏକଦମ୍ ଠିକ୍ ଡାକ୍ତର ବାବୁ । ଆପଣ ରୋଗଟାକୁ ଠିକ୍ ଧରିଛନ୍ତି । ଆପଣ ନିଶ୍ଚେ ମୋ ରୋଗ ଭଲ କରି ପାରିବେ । ଟିକିଏ ଦୟା କରନ୍ତୁ ଡାକ୍ତର ବାବୁ । ଆପଣ ଯାହା କହିବେ ତା' ଦେବି ।"

"ଅଚ୍ଛା, ଦେଖନ୍ତୁ, ଆଜି ଗୋଟାଏ ନୂଆ ଔଷଧ ପାର୍ସଲ ଅଣାଇଛି । ଖାସ ଆପଣଙ୍କ ଲାଗି । ଜର୍ମାନୀ ଔଷଧ—ଖୁବ୍ ଦାମିକା । ଟିକିଏ ନଷ୍ଟ ହେବ ନାହିଁ ଯେମିତି । ବୋତଲ ଏଇଠି ରଖି ଦେଲି । ଦିନରେ ଚାରି ପାନ । ମୋର ଖୁବ୍ ବିଶ୍ୱାସ ଏଟା ଖାଇବା ପରେ ଅନେକ ଆରାମ ମିଳିବ ।"

ଔଷଧ ରଖି ମୁଁ ତା ସହିତ ନାନା ଗଳ୍ପ ଯୋଡ଼ି ବସିଲି । କଥା କହୁଁ କହୁଁ କହି ଦେଲି—ନାରୀ ଜାତିକି ବିଶ୍ୱାସ ନାହିଁ ।

ସେ ଉତ୍ତେଜିତ ହୋଇ ଉଠି କହିଲା—'ଏକଦମ୍ ଠିକ୍ ଡାକ୍ତର ବାବୁ—ଏକଦମ୍ ଠିକ । ଆପଣଙ୍କ ମତ ସହିତ ମୋ ମତ ଏକଦମ୍ ମିଳି ଯାଉଛି । କିନ୍ତୁ ଡାକ୍ତର ବାବୁ........'

'କ'ଣ କହନ୍ତୁ ।'

'ଦୁନିଆଁଯାକ ସବୁ ସ୍ତ୍ରୀ କ'ଣ ଖରାପ ?—ନା—ନା—ଛି—ଛି—ଆପଣ ଗୋଟାଏ ଜାତି ଉପରେ, ସୃଷ୍ଟିର ଅର୍ଦ୍ଧେକ ମାନବ ଗୋଷ୍ଠୀ ଉପରେ ଏତେ ବଡ଼ ଏକ ଭୀଷଣ ଦୋଷାରୋପ କରି ନ ପାରନ୍ତି ।'

ମୁଁ ଯାହା ଚାହୁଁଥିଲି, ସେ ସେହି ଭଳି କଥା କହିବାରୁ ମୁଁ ଭାରି ଖୁସି ହୋଇଗଲି । ମୋର ଏଥର ଦୃଢ଼ ଧାରଣା ହେଲା, ମୁଁ



ଡ

Digitized by srujanika@gmail.com

ଯଦି ତା' ଆଗରେ ପ୍ରମାଣ କରି ଦେଇ ପାରିବି ଯେ ଦୁନିଆଁଯାକ ସ୍ତ୍ରୀ ମାତ୍ରେ ଦୁଷ୍ଟରିତ୍ରା, ଅସତୀ, କୁଳଟା ତେବେ ତାର ଦୁଃଖର ଲାଘବ ହେବ । ହୁଏତ ସେ ଭାବିବ, ଦୁନିଆଁଯାକ ଯେତେବେଳେ ଏଇୟା, ତା' ସ୍ତ୍ରୀ ସେପରି ହେବା ତ ଆଦୌ ଆଶ୍ଚର୍ଯ୍ୟ ନୁହେଁ ।

ମୁଁ ସେଦିନ ତାକୁ ଗୋଟିଏ ଗଳ୍ପ କହିଲି, ଉଦାହରଣ ଛଳରେ । ଗୋଟିଏ ଲୋକ ତା'ର ସ୍ତ୍ରୀ କୁ ଭାରି ବିଶ୍ୱାସ କରୁଥିଲା, ବଡ଼ ଭଲ ପାଉଥିଲା । ଦୈବାତ୍ ଦିନେ ଦେଖିଲା, ତାର ସ୍ତ୍ରୀ ଅନ୍ୟ ଲୋକ ସହିତ ପ୍ରେମାଳାପ କରୁଛି । ସେ ଉଭୟଙ୍କୁ ହାଣି ମୁଣ୍ଡ ଦୁଇଟା ନେଇ ପୁଲିସ ଥାନାରେ ରଖିଦେଇ ନିଜେ ଧରା ଦେଲା ।

ସେ କହିଲା—"ଲୋକଟା ତା' ସ୍ତ୍ରୀକୁ ବିଶ୍ୱାସ କରୁଥିଲା ସତ କିନ୍ତୁ ବୋଧହୁଏ ଠିକ୍ ଭଲ ପାଉ ନ ଥିଲା । ନିଜର ବୋଲି ଗୋଟାଏ ଅଭିମାନ ଆଉ ଅହଙ୍କାର ଥିଲା ନିଶ୍ଚୟ ।"

ତହିଁ ଆର ଦିନ ତା' ପାଖକୁ ଗଲା ଷଣି ସେ ନିଜେ ନିଜେ କହିଲା—ଡାକ୍ତର ବାବୁ, ଆଜି ଅନେକ ଭଲ—ଆପଣଙ୍କ ଔଷଧ ଖୁବ୍ କାମ କରିଛି ।

ମୁଁ ନିଜେ ଜାଣେ, ଔଷଧଟା କିଛି ନୁହେଁ—ଖାଲି ଗୋଟାଏ ମନ ଭୁଲାଣିଆ । ତେଣୁ ମୋର ଚିକିତ୍ସାଧାରାର ସାର୍ଥକତାରେ ମୁଁ ବିଶେଷ ଉତ୍ସାହିତ ହୋଇ ତା ଆଗରେ ବହୁତ ଗପ କଲି । ପ୍ରତ୍ୟେକ ଗପରେ ସେହି କଥା । ପ୍ରତିଦିନ ନୂଆ ନୂଆ ଗପ ପୂର୍ବରୁ ଉଦ୍ଭାବନ କରି ତା' ପାଖରେ ଯାଇ କହେଁ ଏବଂ ତା'ର ଏ ବିଶ୍ୱାସ ଓ ଧାରଣା କରିଦେବାକୁ ଚେଷ୍ଟା କରେଁ ଯେ, ନାରୀ ମାତ୍ରେ ହିଁ ଅସତୀ, ତେଣୁ ସେଥିପାଇଁ ଯିଏ ମୁଣ୍ଡ ଘୁରାଏ, ତାଠୁଁ ବୋକା ଆଉ କେହି ନାହିଁ ।

କ୍ରମେ ତାର ଅବସ୍ଥା ଭଲ ଆଡ଼କୁ ଯାଉଛି ବୋଲି ମୁଁ ଅନ୍ତତଃ ବେଶ୍ ଅନୁଭବ କଲି । ଏଥର ମୋର ଶେଷ ଔଷଧ ପାନକ ଦେବାର ବ୍ୟବସ୍ଥା କରିବାକୁ ପ୍ରସ୍ତୁତ ହେଲି ।

ଏଥର ଆପଣାକୁ ଜଡ଼ିତ କରି ଏକ ଗଳ୍ପ ଯୋଜନା କଲି । ପୃଥିବୀର ଏହି ଅପରିହାର୍ଯ୍ୟ ନିୟମରୁ ତାର ଡାକ୍ତର ମୁଁ ମଧ୍ୟ ଯେ ପାରି ପାଇ ନାହିଁ ଏହି କଥାଟା ତା' ଆଗରେ ମୋତେ ନିରାଟ ସତ୍ୟ କରି ଗଢ଼ି ଥୋଇବାକୁ ହେବ ।

ମୁଁ ନମସ୍କାର କରି ପାଖରେ ବସିଲି । କଥାରେ କଥାରେ ମୋର ନିଜର ନିଖୁଣ ଅନୁଭୂତ ପ୍ରସଙ୍ଗ ଉତ୍ଥାପନ କଲି ।

"ଆପଣ ମୋର ରୋଗୀ । ମୁଁ ଆପଣଙ୍କର ଚିକିତ୍ସକ । କିନ୍ତୁ ଏଇ କେତେ ଦିନ ମଧ୍ୟରେ ଆମ୍ଭେମାନେ ପରସ୍ପରର ଏତେ ନିକଟକୁ ଆସି ଯାଇଛୁଁ ଯେ ଆଉ ରୋଗୀ ଚିକିତ୍ସକର ସମ୍ବନ୍ଧ ଠେକ ପାରୁ ନାହିଁ । ଆପଣଙ୍କୁ ମୁଁ ଜଣେ ଅତି ଦରଦୀ ବନ୍ଧୁ ବୋଲି ମନେ କରେଁ । ଆପଣ ମୋ ମନକଥା ଯେପରି ବୁଝି ପାରନ୍ତି, ଆଉ ସେପରି କେହି ବୁଝିବାର ମୁଁ ଦେଖି ନାହିଁ । ମୁଁ ଆଜି ଅତି ବିଶ୍ୱାସୀ ବନ୍ଧୁ ବୋଲି, ମୋର ନିଜର ଗୋଟିଏ ପ୍ରତ୍ୟକ୍ଷ ଅନୁଭୂତ କଥା କହିବି । ମୁଁ ଏଇଥିପାଇଁ ଆଦୌ ବିଚଳିତ ନୁହେଁ । କାରଣ ମୁଁ ଜାଣେ, ଜଗତଟା ଏଇୟା । ଏକଥା କିନ୍ତୁ ମୁଁ ଆଉ କାହାରି ଆଗେ କହି ନାହିଁ । ଆପଣଙ୍କୁ ହିଁ ପ୍ରଥମ କହୁଛି । ଦେଖନ୍ତୁ, କଥାଟା ଅନାବଶ୍ୟକ ଭାବରେ କେଉଁଠି ଯେପରି ଉତ୍ଥାପନ ନ କରନ୍ତି ।"

'ନା—ନା—ମୋତେ ବିଶ୍ୱାସ କରନ୍ତୁ । ମୁଁ କହିବି ନାହିଁ, କେଉଁଠି ।'

ମୁଁ ଟିକିଏ ଗଳା ପରିଷ୍କାର କରି ଆରମ୍ଭ କଲି—"ଆଉ କାହା କଥା କ'ଣ କହିବି ? ମୋ ନିଜ କଥା ଶୁଣିଲେ ଆପଣଙ୍କର ଦୃଢ଼ ଧାରଣା ହେବ ଯେ ନାରୀ ଜାତିଟା ହିଁ ଖରାପ । ସେଥିପାଇଁ ଭାବିବାର କିଛି ନାହିଁ । ଏଟା ସ୍ୱାଭାବିକ, ନିତ୍ୟ-ନୈମିତ୍ତିକ । ମୁଁ ମୋ ସ୍ତ୍ରୀକୁ ଭଲ ପାଉଥିଲି; ଏବେବି ଭଲ ପାଏଁ ଏବଂ ଚିରଦିନ ଭଲ ପାଇବି । ମୁଁ ତାର ସ୍ୱେଚ୍ଛାରେ ବାଧା ଦେବାକୁ ଚାହେଁ ନାହିଁ । କାରଣ ମୋ ଇଚ୍ଛାକୁ ସେ ସବୁବେଳେ ସମ୍ମାନ କରେ । ତା ଛଡ଼ା ମୁଁ ନିଜେ ଯଦି ଏକପତ୍ନୀବ୍ରତ ପାଳନ କରି ନ ପାରେଁ, ତେବେ ମୋ ସ୍ତ୍ରୀ ଏକପତିବ୍ରତ ପାଳନ କରିବାକୁ ବାଧ୍ୟ ହେବ କିଆଁ ? ଆପଣ ନ୍ୟାୟତଃ ଦେଖନ୍ତୁ । ମୁଁ ମୋର ସ୍ତ୍ରୀକୁ କିଛି କହେଁ ନାହିଁ । ତାର ଯେଉଁଥିରେ ଆନନ୍ଦ, ମୋର ମଧ୍ୟ ସେଇଥିରେ ଆନନ୍ଦ । ତଦ୍ୱାରା ମୁଁ ସୁଖପାଏଁ । ସେ ମୋର ବନ୍ଧୁ ପ୍ରିୟ ସହିତ ଆଳାପ କରେ, ତା ସଙ୍ଗରେ ସିନେମା ବାଇସ୍କୋପ ଦେଖିଯାଏ ମୋତେ ନ କହି, ମୋତେ ଅବହେଳା କରି ପ୍ରିୟର ଯତ୍ନ ନିଏ, ତଥାପି ମୁ ତାକୁ କିଛି କହେ ନାହିଁ । ଖାଲି ସେତିକି ନୁହେଁ, ମୁଁ ଯାହା ଆଖିରେ ଦେଖିଛି..."

"ଆଃ—ଆଃ—ଡାକ୍ତର ବାବୁ, ଆଉ କହନ୍ତୁ ନାହିଁ—ଓଃ ଭାରି କଷ୍ଟ—ଓଃ ମରି ଗଲି ଡାକ୍ତର ବାବୁ—ଏମିତି କଷ୍ଟ ଆଉ କେବେ ହୋଇ ନାହିଁ ଡାକ୍ତର ବାବୁ—ଡାକ୍ତର ବାବୁ ଦୁନିଆର ସମସ୍ତ ସ୍ତ୍ରୀ ଅସତୀ ହୋଇ ପାରନ୍ତି—ଆପଣଙ୍କର ସ୍ତ୍ରୀ ଅସତୀ ହୋଇ ପାରେ—କିନ୍ତୁ ବିମଳା ଯେ—ଓଃ—ପାଣି—,

ପାଟି ପଡ଼ିଗଲା । ମୁଷ୍ଟି ବନ୍ଦ ହୋଇଗଲା । ନିଶ୍ୱାସ ରେ ଶୁଭିଲା—ମୁଁ ପାଣି ଟୋପାଏ ଦେଇଛି ତଣ୍ଟିକି ଗଲା ନାହିଁ—ଇନ୍‌ଜେକ୍‌ସନ୍ ଆଣିବା ଯାଏଁ ତର ସହିଲା ନାହିଁ "

ମୁଁ ତା ଛାତିରେ ହାତ ଦେଇ ଦେଖିଲି—ସେଠି ଆଉ ସେ ଯନ୍ତ୍ରଣା ନ ଥିଲା ।



Digitized by srujanika@gmail.com

# ଇତିହାସର କେତେକ ପୃଷ୍ଠା

ଶ୍ରୀ ଶଶିଭୂଷଣ ରାୟ

ଧାନ ବିଲରେ ବର୍ଷା ହୋଇଅଛି । ବତର ଥାଉଁ ଥାଉଁ ଏକ ଓଡ଼ ଚାଷ କଲେ ବଡ଼ ସୁବିଧା ହେବ । ଏହି ହେତୁରୁ ପ୍ରଭାତରୁ କୃଷକ ନିଜେ କିମ୍ବା ତାହାର ମୂଲିଆ କାନ୍ଧରେ ଲଙ୍ଗଳ ବୋହି ବଳଦ ଯୋଡ଼ିକ ତଡ଼ି ନେଇ ବିଲକୁ ଚାଲିଅଛି । ଗଉଡ଼ମାନେ ଗୋରୁ ପଲ ଘେନି ଗୋଚର ଭୂମି ଆଡ଼କୁ ଯାଉଅଛନ୍ତି । ଧାନ୍ୟ କ୍ଷେତ୍ରହିଁ ଦେଶର ପ୍ରାଣ । ଗ୍ରାମର ପଲ୍ଲୀ-ଚିତ୍ର ଅନେକ ଚିତ୍ରକର ଚିତ୍ରିତ କରିଅଛନ୍ତି, ମାତ୍ର ବର୍ତ୍ତମାନ ଜିଜ୍ଞାସ୍ୟ ଏତିକି ଏ ଚିତ୍ର କେତେ ଦିନର ? ମୋଗଲ, ପଠାଣ, ମରହଟ୍ଟା, ଇଂରେଜ, ଓଲନ୍ଦାଜ, ପୋର୍ତ୍ତୁଗିଜ୍, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି କେତେ ଧର୍ମ, କେତେ ରାଜା, ସମୁଦ୍ର ତରଙ୍ଗ ଭଳି ଆସି ଉଭେଇ ଗଲେ, ପଲ୍ଲୀ ଜୀବନର କିଛି ପରିବର୍ତ୍ତନ ଦେଖାଗଲା କି ? ଓ୍ୱାଟର୍ଲୁ କିମ୍ବା କୁରୁକ୍ଷେତ୍ରରେ ଦେଶର ଭାଗ୍ୟ ନିର୍ଣ୍ଣୀତ ହୁଏ ନାହିଁ, ଭାରତର ଇତିହାସ କୃଷକ କୁଟୀରରେ ଅବସ୍ଥିତ । ଆମ୍ଭମାନଙ୍କ ଜୀବନରେ ସେହି କୁଟୀରର କୌଣସି ପରିବର୍ତ୍ତନ ତ ଦେଖି ନାହୁଁ ? ଗତ ପାଞ୍ଚ ଶତ ବର୍ଷରେ କଅଣ କିଛି ପରିବର୍ତ୍ତନ ଘଟିଅଛି ? ପ୍ରାଚୀନ ବୈଦିକ ଓ ବୌଦ୍ଧ ଗ୍ରନ୍ଥ ସମୂହ ମନ୍ଥନ କଲେ ଖ୍ରୀଷ୍ଟପୂର୍ବ ସହସ୍ର ବର୍ଷରୁ ଖ୍ରୀଷ୍ଟ ଜନ୍ମର ୧୯୦୦ ବର୍ଷ ପର୍ଯ୍ୟନ୍ତ ପଲ୍ଲୀ ଜୀବନର ବିଶେଷ ବିବରଣ ସଙ୍କଳିତ ହୋଇପାରେ ।

କୃଷି ଜୀବନର ନଗର ସହିତ ସାମାନ୍ୟ ସମ୍ବନ୍ଧ ନାହିଁ । କୃଷି ପ୍ରସୂତ ପଣ୍ୟ ବିକ୍ରୟର ସ୍ଥାନ ହିଁ ନଗର । କାଶୀ, କୋଶଳ, ଶ୍ରାବସ୍ତି, ପାଟଳିପୁତ୍ର ପ୍ରଭୃତି ସମୃଦ୍ଧ ନଗର ସମୂହର ନାମ ବୌଦ୍ଧ ଇତିହାସରେ ବିଖ୍ୟାତ । ଦେଶ ମଧ୍ୟରେ ଗ୍ରାମ ସବୁ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ପ୍ରାନ୍ତସ୍ଥିତ ଗ୍ରାମ ସମୂହ ପ୍ରତ୍ୟନ୍ତ ଗ୍ରାମ ଏବଂ ମଧ୍ୟସ୍ଥିତ ଗ୍ରାମ ସମୂହ ଜନପଦ ନାମରେ ଅଭିହିତ ହୋଇଥିଲା । ଗୋଟିଏ ଗୋଟିଏ ଗ୍ରାମରେ ତିରିଶଠାରୁ ହଜାରେ ପର୍ଯ୍ୟନ୍ତ ପରିବାର ବାସ କରୁଥିଲେ । ମଗଧ ଦେଶର ଗ୍ରାମ ସମୂହ ଅନ୍ୟ ଦେଶର ଗ୍ରାମଠାରୁ ବୃହତ୍ ଓ ଜନାକୀର୍ଣ୍ଣ ଥିଲା । ଗୃହସ୍ଥବାସର ଚତୁର୍ଦ୍ଦିଗରେ ବିସ୍ତୃତ ଶସ୍ୟ ଭୂମି—ଏହି ସମସ୍ତ ଭୂମି କ୍ଷେତ୍ର ନାମରେ ପରିଚିତ ଥିଲା । ମଗଧର କୌଣସି କୌଣସି ଗ୍ରାମରେ ଦୁଇ ତିନି ହଜାର ମାଣ ଲେଖାଏଁ କ୍ଷେତ୍ର ଭୂମି ଥିଲା ।

କ୍ଷେତ୍ରସ୍ୱାମୀ ସ୍ୱୟଂ ପରିବାରସ୍ଥ ପୁରୁଷମାନଙ୍କୁ ଘେନି କ୍ଷେତ ଚଷୁ ଥିଲେ । କେହି କେହି ମୂଲିଆ କିମ୍ବା କ୍ରୀତଦାସର ସାହାଯ୍ୟ ନେଉ ଥିଲେ । ଦୂରବର୍ତ୍ତୀ କ୍ଷେତ୍ର ସମୂହ ଭାଗ ଚାଷରେ ଦିଆ ଯାଉଥିଲା । ବନ୍ଦୋବସ୍ତ ଅନୁସାରେ ଗୃହସ୍ୱାମୀ ଭାଗ ଚାଷ ଜମିରୁ ଅର୍ଦ୍ଧେକ ଉପସ୍ୱତ୍ୱ ଲାଭ କରୁଥିଲେ । ପ୍ରତ୍ୟନ୍ତ ଭୂମି କିମ୍ବା ଉଦ୍ୟାନ ବିକ୍ରୟ ହେଉଥିଲା, ମାତ୍ର ଗ୍ରାମସ୍ଥ ଚାଷୀ ଭୂମି କେହି ଛାଡ଼ୁ ନ ଥିଲେ । ନଗଦ ଟଙ୍କାରେ ରାଜସ୍ୱ ଆଦାୟର ପ୍ରଥା ନ ଥିଲା—ଉତ୍ପାଦିତ ଶସ୍ୟର ଏକାଂଶ ରାଜା ପାଉଥିଲେ । ସ୍ଥାନବିଶେଷରେ ରାଜଭାଗ ଷଷ୍ଠାଂଶ, ଅଷ୍ଟମାଂଶ, ଦଶମାଂଶ କିମ୍ବା ଦ୍ୱାଦଶାଂଶ ମଧ୍ୟ ହେଉଥିଲା । ରାଜା ଇଚ୍ଛା କଲେ ରାଜଭାଗ ଛାଡ଼ି ଦେଉଥିଲେ । କିନ୍ତୁ ଜମି ଉପରୁ ରାଜାଙ୍କ ଅଧିକାର ଛାଡ଼ି ଦେବାର କୌଣସି ନିଦର୍ଶନ ମିଳେ ନାହିଁ ।

କ୍ଷେତ୍ରୋତ୍ପନ୍ନ ଦ୍ରବ୍ୟ ମଧ୍ୟରେ ଧାନ, ବ୍ରୀହି ଓ ଆଖୁ ପ୍ରଧାନ । ସେତେବେଳେ ଦୁଗ୍ଧ ଭାତ ହିଁ ପ୍ରଧାନ ଖାଦ୍ୟ ଥିଲା । ଶସ୍ୟ ସଂଗୃହୀତ ହେଲେ ରାଜଭାଗ ସକାଶେ ଏକ ସ୍ଥାନରେ ସଞ୍ଚିତ ହେଉଥିଲା । ରାଜଭାଗ ଆଦାୟ ହେଲେ ଯେ ଯାହାର ଅଂଶ ଗୃହକୁ ଘେନି ଯାଉଥିଲେ । ଏ କାଳରେ ଏ ଭଳି ପ୍ରଥା ଏକ ପ୍ରକାର ଉତ୍କଳର ଗଞ୍ଜାମ ଅଞ୍ଚଳରେ ପ୍ରଚଳିତ । ଦୈବ ଘଟଣା କିମ୍ବା ଯୁଦ୍ଧାଦି ସକାଶେ ସ୍ୱତନ୍ତ୍ର ଶସ୍ୟ ଭଣ୍ଡାର ସ୍ଥାପିତ ହୋଇଥିଲା । ଯେଉଁ ରାଜା ଧନହୀନ ଲୋକଙ୍କୁ ମୂଳଧନ, ଖାଦ୍ୟ ଓ ଶସ୍ୟ ପ୍ରଦାନ ଦ୍ୱାରା ସାହାଯ୍ୟ କରୁଥିଲେ ତାହାଙ୍କୁ ଆଦର୍ଶ ନୃପତି ବୋଲି ଯାଉଥିଲା ।

ସେତେବେଳେ ରାଜକାର୍ଯ୍ୟ କରିବା ସକାଶେ ପ୍ରଜାମାନଙ୍କୁ କୌଣସି ଦିନ ବିନା ମୂଲ୍ୟରେ ଖଟିବାକୁ ହେଉ ନ ଥିଲା, କିନ୍ତୁ ରାଜାଙ୍କ ଶିକାରର ପଶୁମାନଙ୍କ ଅତ୍ୟାଚାରରୁ ଶସ୍ୟକ୍ଷେତ୍ର ରକ୍ଷା କରିବା ସକାଶେ ପ୍ରଜାମାନେ ସମସ୍ତେ ମିଶି ମୃଗୟା ସକାଶେ ରକ୍ଷିତ ଅରଣ୍ୟ ବାଡ଼ ଦେଇ ଘେରି ଦେଉଥିଲେ । ରାଜସଂସାରରେ କ୍ରୀତଦାସ ରହିବାର କୌଣସି ବ୍ୟବସ୍ଥା ନ ଥିଲା । ରାଜସଂସାରରେ ଦାସ, ଦାସୀ ପ୍ରଭୃତି ସମସ୍ତ ଭୃତ୍ୟାଦିର ଗ୍ରାସାଚ୍ଛାଦନ ଓ ବେତନ ଗ୍ରହଣର ପୂର୍ଣ୍ଣ ବ୍ୟବସ୍ଥା ଥିଲା । ରାଜ-ପାରିଷଦବୃନ୍ଦ ଓ ବ୍ରାହ୍ମଣଗଣ ବୃତ୍ତି ପାଉଥିଲେ । କେହି କେହି ପ୍ରତି ମାସରେ ନଗଦ ଟଙ୍କା ପାଉଥିଲେ, କାହାକୁ ଅବା ବ୍ରହ୍ମୋତ୍ତର ସ୍ୱରୂପ ଜାଗିରି ପ୍ରଦତ୍ତ ହେଉଥିଲା ।

ପ୍ରତ୍ୟେକ ଗ୍ରାମରେ ସାଧାରଣ ଗୋଚର ଓ ଗୋପାଳ ଥିଲେ । ଗ୍ରାମବାସୀମାନେ ମିଳିମିଶି ଗ୍ରାମର ମାର୍ଗ, ପୁଷ୍କରିଣୀ ଓ ପ୍ରମୋଦୋଦ୍ୟାନ, ଦରିଦ୍ରଶାଳା, ଚିକିତ୍ସାଳୟ ପ୍ରଭୃତି ନିର୍ମାଣ କରୁଥିଲେ । ସେତେବେଳେ ବ୍ରାହ୍ମଣମାନେ ହଳ ବୁଲାଇଲେ କିମ୍ବା ଛେଳି ଚରାଇଲେ ଜାତିଚ୍ୟୁତ କିମ୍ବା ସମାଜଚ୍ୟୁତ ହେଉ ନ ଥିଲେ ।

କ୍ରୀତଦାସର ସଂଖ୍ୟା ଅତି ସାମାନ୍ୟ ଥିଲା । ଚାରି ପ୍ରକାରରେ ଲୋକେ ସ୍ୱାଧୀନତା ହରାଇ ପାରୁଥିଲେ—ବନ୍ଦୀ ହେଲେ, ରାଜ-ଦଣ୍ଡରେ, ଉତ୍ତମର୍ଣ୍ଣ ନିକଟରେ ଅଥବା ଇଚ୍ଛା ପୂର୍ବକ । କ୍ରୀତଦାସ-ମାନେ ପୁନଶ୍ଚ ସ୍ୱାଧୀନତା ଲାଭ କରି ପାରୁଥିଲେ । ଶାସ୍ତ୍ରାନୁସାରେ



Digitized by srujanika@gmail.com

କ୍ରୀତଦାସମାନଙ୍କୁ ହତ୍ୟା କଲେ କୌଣସି ପାପ ହେଉ ନ ଥିଲା ସତ୍ୟ ମାତ୍ର ସାଧାରଣତଃ ସେମାନଙ୍କ ଉପରେ ସଦୟ ବ୍ୟବହାର ହେଉ ଥିଲା । ଯେଉଁ ସମସ୍ତ କ୍ରୀତଦାସ ଗୃହସ୍ଥର ସଂସାରରେ ଜନ୍ମଗ୍ରହଣ କରୁଥିଲେ ସେମାନେ ମୂଲିଆ ଅପେକ୍ଷା ଉଚ୍ଚ ଶ୍ରେଣୀର ବୋଲି ଗଣ୍ୟ ହେଉଥିଲେ । ସେମାନେ ଉଚ୍ଚ ଶିକ୍ଷା, ସୌଜନ୍ୟ ଓ ନୈପୁଣ୍ୟ ଲାଭ କରି ରାଜସଂସାରରେ ଉଚ୍ଚ କର୍ମଗୃହର ପଦାଧିକାରୀ ହେଉଥିଲେ । ମୂଲିଆମାନଙ୍କୁ ଭୃତିକା କିମ୍ବା ଭୃତିକାରକ ( ଭୃତ୍ୟକ ) ବୋଲି ଯାଉଥିଲା । ସେମାନେ କାହାର ନିଜସ୍ୱ ନ ଥିଲେ କିନ୍ତୁ ସେମାନଙ୍କର ସାଂସାରିକ ଅବସ୍ଥା କ୍ରୀତଦାସଙ୍କ ଅପେକ୍ଷା ହୀନତର ଥିଲା । ସେମାନଙ୍କୁ ଆହାର୍ଯ୍ୟ କିମ୍ବା ନଗଦ ପଇସା ଦିଆ ଯାଉଥିଲା । ସେମାନେ ସାଧାରଣତଃ କୃଷିକ୍ଷେତ୍ର ଜଗି ରହୁଥିଲେ ।

ଶ୍ରମଜୀବୀମାନଙ୍କ ମଧ୍ୟରେ ବର୍ଦ୍ଧକୀ ଓ କର୍ମକାର ଉଚ୍ଚ ଶ୍ରେଣୀର ଶ୍ରମଜୀବୀ ସ୍ୱରୂପ ଗଣ୍ୟ ହେଉଥିଲେ । ବର୍ଦ୍ଧକୀମାନେ ( ବଢ଼େଇ ) ଗୃହ, ଗୃହର ସାମଗ୍ରୀ, ଗୋଯାନ, ମନ୍ଦିର, ନୌକା ଓ ଜାହାଜ ନିର୍ମାଣ କରୁଥିଲେ । କର୍ମକାର ( କମାର ) ସୁନା, ରୂପା ଓ ଲୁହାର ସାମଗ୍ରୀ ସମସ୍ତ ପ୍ରସ୍ତୁତ କରୁଥିଲେ । ସ୍ୱର୍ଣ୍ଣ ପ୍ରତିମାଠାରୁ ଆରମ୍ଭ କରି ଲୁହାର ଗୃହ ଓ ସମସ୍ତ ପ୍ରକାର ଲୌହ ଦ୍ରବ୍ୟ ସେମାନେ ପ୍ରସ୍ତୁତ କରୁଥିଲେ । ସେମାନେ ଏଡ଼େ ସୂକ୍ଷ୍ମ ଛୁଞ୍ଚ ତିଆରି କରୁଥିଲେ ଯେ ତାହା ଜଳ ଉପରେ ଭାସୁଥିଲା । ଯେଉଁମାନେ ଶ୍ରମ ବିଦ୍ୟା ଶିକ୍ଷା କରିବାକୁ ଆସୁଥିଲେ ସେମାନଙ୍କୁ ଅନ୍ତେବାସିକ କହୁଥିଲେ । ଶ୍ରମଜୀବୀମାନଙ୍କର ଦଳବନ୍ଧନ ରହିଥିଲା ଓ ଏମାନଙ୍କୁ ଶ୍ରେଣୀ ବୋଲା ଯାଉଥିଲା । ଶ୍ରେଣୀର ପ୍ରଧାନଙ୍କୁ ପ୍ରମୁଖ ବୋଲା ଯାଉଥିଲା । ତାହାର ସହକାରୀ ଜ୍ୟେଷ୍ଠକ ନାମରେ ଅଭିହିତ ହେଉଥିଲେ । ଶ୍ରେଣୀ ମଧ୍ୟରେ କୌଣସି ବିବାଦ ଉପସ୍ଥିତ ହେଲେ ପ୍ରମୁଖମାନେ ମୀମାଂସା କରି ଦେଉଥିଲେ । ପ୍ରମୁଖମାନଙ୍କ ମଧ୍ୟରୁ ରାଜାଙ୍କ ମନ୍ତ୍ରୀ ମଧ୍ୟ ନିର୍ବାଚିତ ହେଉଥିଲେ । ଶ୍ରମଜୀବୀର ବ୍ୟବସାୟ ବଂଶାନୁକ୍ରମରେ ଚାଲି ଥିଲା । ବେଣ ଜାତି ମଶିଣା ବୁଣୁଥିଲେ, ନିଷାଦମାନେ ମାଂସ ବିକ୍ରୟ କରୁଥିଲେ, ରଥକାରମାନେ ଗାଡ଼ି ପ୍ରସ୍ତୁତ କରୁଥିଲେ ।

ସେତେବେଳେ ମଧ୍ୟ ଚାରି ବର୍ଣ୍ଣ ରହିଥିଲେ । କ୍ଷତ୍ରିୟ ବ୍ରାହ୍ମଣ ଓ ବୈଶ୍ୟ (ଶ୍ରେଷ୍ଠୀ) ମାନଙ୍କ ମଧ୍ୟରେ ଯଥେଷ୍ଟ ସଦ୍‌ଭାବ ରହିଥିଲା । ସେମାନେ ଏକ ଉପାଧ୍ୟାୟ ନିକଟରେ ପଢୁଥିଲେ, ଏକ ପଙ୍‌କ୍ତିରେ ଆହାର କରୁଥିଲେ ଏବଂ ସେମାନଙ୍କ ମଧ୍ୟରେ ପରସ୍ପରର ବିବାହ ମଧ୍ୟ ହେଉଥିଲା । ଏହା ସକାଶେ ଜାତିପାତି କିମ୍ବା କିଛି ହେଉ ନ ଥିଲା । କେବଳ ଚଣ୍ଡାଳ ସହିତ ଭୋଜନ କଲେ ବ୍ରାହ୍ମଣର ଜାତିଭ୍ରଷ୍ଟ ହେବାର ନିଦର୍ଶନ ମିଳେ । ବ୍ରାହ୍ମଣ ରଥକାରି ବୃତ୍ତି କଲେ ଅଥବା କ୍ଷତ୍ରିୟ ନିଷାଦ ସହିତ ମିତ୍ରତା କଲେ କିମ୍ବା ନିଷାଦ ବୃତ୍ତି ଅବଲମ୍ବନ କଲେ ଜାତିଭ୍ରଷ୍ଟ ହେଉ ନ ଥିଲେ ।

ଜାତକ ଗ୍ରନ୍ଥରୁ (ଜାତକ ୬ଷ୍ଠ ୧୬୬।୧୬୭) ପ୍ରମାଣିତ ହୁଏ ଯେ ଭାରତୀୟ ବଣିକମାନେ ସେତେବେଳେ ବ୍ୟାବିଲନ ପର୍ଯ୍ୟନ୍ତ ପଣ୍ୟବିକ୍ରୟାର୍ଥ ଯାଉଥିଲେ ଏବଂ ତୁରସ୍କ ଦେଶରୁ ଘୋଡ଼ା ଆମଦାନୀ କରି କାଶୀରେ ବିକ୍ରୟ କରୁଥିଲେ ।

ମାର୍ଗରେ ଚୋର ଡକାୟତଙ୍କ ଭୟରେ ଅରଣ୍ୟମଧ୍ୟରେ ବଣିକମାନେ ଜଣେ ଜ୍ୟେଷ୍ଠକର ଅଧୀନରେ ଦଳ ବାନ୍ଧି ଯାତାୟାତ କରୁଥିଲେ । ଜଣେ ସାର୍ଥବାହ ସେମାନଙ୍କୁ ମାର୍ଗ ଦେଖାଇ ନେଉ ଥିଲା । ବୌଦ୍ଧ ଇତିହାସର ବିଖ୍ୟାତ ଶ୍ରେଷ୍ଠୀ ଅନାଥ ପିଣ୍ଡିକ ଜଣେ ଜ୍ୟେଷ୍ଠକ ଥିଲେ । ଜଳ ପଥରେ ଜାହାଜରେ ସମୁଦ୍ର ପାରି ହୋଇ କାଶୀ ଓ ଶ୍ରାବସ୍ତୀରୁ ଚମ୍ପା ଓ ଚମ୍ପାରୁ ତାମ୍ରଲିପ୍ତି, ସୁବର୍ଣ୍ଣ ଭୂମି (ବ୍ରହ୍ମଦେଶ) ଓ ସିଂହଳ ପର୍ଯ୍ୟନ୍ତ ଯାତାୟାତ ଉଲ୍ଲେଖ ରହିଅଛି । ସ୍ଥଳପଥରେ ରାଜଗୃହରୁ ଗାନ୍ଧାର ଓ ବ୍ୟାବିଲନ ପର୍ଯ୍ୟନ୍ତ ବ୍ୟବସାୟ ଚାଲୁଥିଲା । କାଶୀର ବସ୍ତ୍ର ଓ ମଣିମୁକ୍ତା ବିଦେଶକୁ ରପ୍ତାନି ହେଉଥିଲା ।

ଗ୍ରାମରେ ହାଟ କିମ୍ବା ବଜାର ନ ଥିଲା । ସହରରେ ଏକ ଏକ ମାର୍ଗରେ ଏକ ପ୍ରକାର ଦୋକାନ ଥିଲା । ବୁଲାବିକାମାନେ ସହରର ଦୋକାନରୁ ଦ୍ରବ୍ୟାଦି କିଣି ଗର୍ଦ୍ଦଭ ପୃଷ୍ଠ କିମ୍ବା ଗାଡ଼ିରେ ଲଦି ଗ୍ରାମକୁ ବିକ୍ରୟାର୍ଥ ନେଉଥିଲେ । ପ୍ରତ୍ୟେକ ଗ୍ରାମରେ ଗୋଟିଏ ଯୋଡ଼ିଏ ମଦ ଦୋକାନ ଥିଲା ଏବଂ ଛକ ଯାଗାରେ ମାଂସ ବିକ୍ରୟ ହେଉଥିଲା । ବିନିମୟ ପ୍ରଥା ସେତେବେଳକୁ କମି ଯାଇଥିଲା, ଟଙ୍କା କଉଡ଼ିର ବ୍ୟବହାର ଯଥେଷ୍ଟ ପରିମାଣରେ ପ୍ରଚଳିତ ଥିଲା । ବଣିକମାନେ ଦେଶୀୟ ଦ୍ରବ୍ୟର କୋଡ଼ିଏ ଭାଗରୁ ଏକ ଭାଗ ଏବଂ ବିଦେଶୀ ଦ୍ରବ୍ୟର ଦଶ ଭାଗରୁ ଏକ ଭାଗ ରାଜାଙ୍କୁ ଶୁଳ୍କ ଦେଉଥିଲେ । ଯେଉଁ ସମସ୍ତ ମୁଦ୍ରାର ବ୍ୟବହାର ହେଉଥିଲା ସେ ଗୁଡ଼ିକର ନାମ—ନିଷ୍କ, ସୁବର୍ଣ୍ଣ, କାର୍ଷାପଣ, କାଂଶ, ପାଦ, ମାସକ, କାକଣିକା ଏବଂ ସିପ୍ପିକାଣୀ ( କଉଡ଼ି ) । ସେତେବେଳେ ରୌପ୍ୟ ମୁଦ୍ରାଠାରୁ ସ୍ୱର୍ଣ୍ଣ ମୁଦ୍ରାର ପ୍ରଚଳନ ଅଧିକ ଥିଲା । ତମ୍ବାର ଷୋହଳ ଖଣ୍ଡରେ ଏକ କାର୍ଷାପଣ, ଷୋହଳ ରୌପ୍ୟ ଖଣ୍ଡରେ ଏକ ସୁବର୍ଣ୍ଣ ହେଉଥିଲା । ଗୋଟିଏ ତାମ୍ର ଖଣ୍ଡ ବର୍ତ୍ତମାନ ଦୁଇ ପଇସା ସହିତ ସମାନ ।

ସେତେବେଳେ ତିନ ଚାରି ଅଣାରେ ଗୋଟିଏ ବଡ଼ ମାଛ ମିଳୁ ଥିଲା । ଲୁଗା ଖଣ୍ଡିକର ମୂଲ୍ୟ ଆଠ ଅଣାରୁ ପାଞ୍ଚ ଟଙ୍କା ଥିଲା । ଜୋତା ଓ କଠଉର ମୂଲ୍ୟ ପଚିଶ ଟଙ୍କାରୁ ଅଠେଇଶ ଟଙ୍କା ପର୍ଯ୍ୟନ୍ତ ଥିଲା । ଜଣେ ଉପାସକ ପାଞ୍ଚଶ ଟଙ୍କାର ଏକ ଯୋଡ଼ା କଠଉ ବୁଦ୍ଧଦେବଙ୍କୁ ଉପହାର ଦେଇଥିଲେ । ଚାରି ଟଙ୍କା ମୂଲ୍ୟରେ ଗୋଟିଏ ଗଧ ମିଳୁ ଥିଲା, କିନ୍ତୁ ପାଞ୍ଚଶତ ଟଙ୍କାର କମରେ ଗୋଟିଏ ଘୋଡ଼ା ମିଳୁ ନ ଥିଲା । ଭଲ ଘୋଡ଼ାର ମୂଲ୍ୟ ତିନ ସହସ୍ର ଟଙ୍କା ଏବଂ ଗୋଟିଏ ଭଲ ରଥର ମୂଲ୍ୟ ୪୫ ହଜାର ଟଙ୍କା ଥିଲା । ଏକ ହଳ ବଳଦ ବାର ଟଙ୍କାରେ ମିଳୁଥିଲା, ହରିଣ ଗୋଟିକର ଦାମ ଆଠ ଅଣାରୁ ଏକ ଟଙ୍କା ପର୍ଯ୍ୟନ୍ତ ଥିଲା । ପଚିଶ ଟଙ୍କାରେ ଦାସ ଦାସୀ ମିଳୁଥିଲେ । ହାତୀର ଅମାରର (ହାଉଦା) ମୂଲ୍ୟ ଦଶ ଲକ୍ଷ ଟଙ୍କା ଥିଲା । ବାରଣସୀର ରାଜାଙ୍କ ଭାତ ଖାଇବାର ଥାଳୀ, ଘୋଡ଼ା ଓ କଠଉ ଯୋଡ଼ାର ମୂଲ୍ୟ ପଚିଶ ହଜାର ଟଙ୍କା ଲେଖାଏଁ ଥିଲା ।



Digitized by srujanika@gmail.com

ବାରାଣସୀରେ ଏକ ଦିନର ଗାଡ଼ିଭଡ଼ା ଚାରି ଟଙ୍କା ଲେଖାଏଁ ପଡ଼ୁଥିଲା । ବିଖ୍ୟାତ ବୈଦ୍ୟ କୁମାରବସ୍ତ୍ର ଗୋଟିଏ ରୋଗୀକୁ ଭଲ କରିବାକୁ ଆଠ ହଜାର ଟଙ୍କା ନେଇଥିଲେ । କୌଣସି ଦରଜି ଦିନକୁ ପାଞ୍ଚଶ ଟଙ୍କା ଲେଖାଏଁ ରୋଜଗାର କରୁଥିଲେ । ପାଞ୍ଚଶତ ଟଙ୍କା ଦେଲେ ତକ୍ଷଶୀଳା ଓ ବାରାଣସୀ ନଗରରେ ଯେ କେହି ପୂର୍ଣ୍ଣ ଶିକ୍ଷାଲାଭ କରୁଥିଲେ, ମାତ୍ର ଦରିଦ୍ରମାନେ ଗୁରୁଙ୍କ ସେବା କରି ଶିକ୍ଷାଲାଭ କରୁଥିଲେ । ନଅ ବର୍ଷ ବୟସରୁ ଛବିଶ ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷାର କାଳ ପରିମାଣ ପ୍ରଚଳିତ ଥିଲା । ବ୍ରାହ୍ମଣମାନେ ଗୁରୁଦକ୍ଷିଣା ସ୍ୱରୂପ ନଗଦ ଟଙ୍କା ନେଉ ନ ଥିଲେ—ବୌଦ୍ଧମାନେ କିଛିହିଁ ନେଉ ନ ଥିଲେ । ଜାତକ ଗ୍ରନ୍ଥରେ ଅଛି—ଏକ ସହସ୍ର ବାଳକ ପାଞ୍ଚଶତ ଟଙ୍କା ଚାନ୍ଦା ଦେଇ ନିଜ ସକାଶେ ଗୋଟିଏ ଖେଳଘର ପ୍ରସ୍ତୁତ କରି ନେଇଥିଲେ ।

# ପାଠ୍ୟ ପୁସ୍ତକରେ ଭଗବାନଙ୍କ ସ୍ଥାନ

ଶ୍ରୀ ରାମକୃଷ୍ଣ ନନ୍ଦ

ସେଦିନ ବାରିପଦା ସାହିତ୍ୟ ସମାଜର ବାର୍ଷିକ ଅଧିବେଶନରେ ଜଣେ ବକ୍ତା ବକ୍ତୃତାପ୍ରସଙ୍ଗରେ କହିଲେ ଯେ ଆଜିକାଲି ସରଳମତି ବାଳକ ବାଳିକା ପାଇଁ ଅଭିପ୍ରେତ ପାଠ୍ୟ-ପୁସ୍ତକମାନଙ୍କରେ ଈଶ୍ୱରଙ୍କ ସମ୍ବନ୍ଧୀୟ ଲେଖା ଅର୍ଥାତ୍ 'ସ୍ତବ' 'ପ୍ରାର୍ଥନା' ଆଦି ରହିବା ଦ୍ୱାରା ଛାତ୍ର-ସମାଜର ଯେଉଁ ଅଧୋଗତି ହେଉଛି ତାହା ସମସ୍ତଙ୍କର ଉପଲବ୍ଧି କରିବା ଉଚିତ ଏବଂ ଏହାର ଆଶୁ ପ୍ରତିକାର ସ୍ୱରୂପ ସେ ପୁସ୍ତକଗୁଡ଼ିକୁ ଧ୍ୱଂସ କରିଦେବା ଉଚିତ । ବକ୍ତା ମହାଶୟ ଅବଶ୍ୟ ହୃଦୟର ଆବେଗରେ ଏତିକି କହି ଥିବାରୁ ତାଙ୍କର ସମାଲୋଚନା ଏତେ ତୀବ୍ର ହୋଇ ଉଠିଥିଲା । ସେ ଯାହାହେଉ, ପାଠ୍ୟପୁସ୍ତକର ପୃଷ୍ଠା ଉପରେ ଛାତ୍ରର ଉନ୍ନତି ଅନେକ ପରିମାଣରେ ଯେ ନିର୍ଭର କରେ, ଏହା ଖୁବ୍ ଠିକ୍ ଏବଂ ସେଗୁଡ଼ିକ ଯେପରି ନିର୍ଦ୍ଦୋଷ ଓ ଉପଯୋଗୀ ହୁଏ, ସେଥିପ୍ରତି ପ୍ରତ୍ୟେକ ଦେଶପ୍ରେମୀ ଓ ସାହିତ୍ୟ-ସେବୀର ସଯତ୍ନ ଦୃଷ୍ଟି ରହିବା ଆବଶ୍ୟକ । ଛାତ୍ରମାନଙ୍କର ଯଦି ବାସ୍ତବିକ ଅଧୋଗତି ହେଉଥାଏ (କାରଣ, କାହାରି କାହାରି ମତରେ ଏ ଅଧୋଗତି ଜାଗରଣର ଆଧୁନିକ ରୂପ), ତେବେ ତାହାର କାରଣ ଅନୁସନ୍ଧାନ କରି ସେ ସବୁକୁ ଦୂର କରିବା ଉଚିତ । ସମାଜ, ରାଜନୀତି, ଆଧୁନିକ ସଭ୍ୟତା ଏମାନେ ତରୁଣ ଛାତ୍ରର ଜୀବନକୁ ସତ୍ ଓ ଅସତ୍ ଉଭୟ ଦିଗରେ ପ୍ରଭାବିତ କରିବାରେ ଲାଗିଛନ୍ତି । ଆନ୍ଦୋଳନ, ସମ୍ମିଳନୀ, ବକ୍ତୃତା, ଧର୍ମଘଟ, ଶୋଭାଯାତ୍ରା ପ୍ରଭୃତିର ବିଷମ ଆବର୍ତ୍ତ ମଧ୍ୟରେ ପଡ଼ି ଛାତ୍ର ଆଜି ନିଜକୁ ଭୁଲୁଛି । ଏଣେ ଉଚ୍ଚ ଆଦର୍ଶର ଅଭାବ—ଘରେ ବାହାରେ ସର୍ବତ୍ର ପ୍ରତାରଣା—ସର୍ବୋପରି ପୁଣି ଆଧୁନିକ ସଭ୍ୟତାର ସାର୍ଟିଫିକେଟ୍ ଗୁଡ଼ିକ ପ୍ରତ୍ୟେକ ଛାତ୍ରକୁ ହାସଲ କରିବାକୁ ହେବ । ନିତ୍ୟପରିବର୍ତ୍ତନଶୀଳ ବେଶ ପୋଷାକ ପରିପାଟୀରୁ ଆରମ୍ଭ କରି ଚଳଚ୍ଚିତ୍ର ମନ୍ଦିରରେ ନଗ୍ନ ଚିତ୍ରକଳା ଉପଭୋଗ ପର୍ଯ୍ୟନ୍ତ ସଭ୍ୟତାର ଯାବତୀୟ ସୋପାନ; ସେଥିରେ ଛାତ୍ରକୁ ଆରୋହଣ କରିବାକୁ ହେବ—ପରିଣାମରେ ବିକାଶ ବା ବିନାଶ ଯାହା ହେଉ । ଏହି ବାଟରେ ଛାତ୍ର ଆଜି ଚାଲିଛି । ଏ ସବୁ ଭିତରେ ଭଗବାନ ପୁଣି ଆସି କେଉଁଠି ଉପଦ୍ରବ ଆରମ୍ଭ କଲେଣି ଏବଂ ତାଙ୍କର ଉପସ୍ଥିତି ବେଶି ମାରାତ୍ମକ ହେଉଛି ବୋଲି ବକ୍ତା ମହାଶୟ ସେଦିନ ଖୁବ୍ ଜୋରରେ କହିଗଲେ । ପାଠ୍ୟପୁସ୍ତକରେ ଗୋଟିଏ ଦୁଇଟି 'ପ୍ରାର୍ଥନା' ବା 'ସ୍ତବ' ଖୁବ୍ ହେଲେ ପଢ଼ା ଯାଉଥିବ । ତାହାଦ୍ୱାରା ଛାତ୍ରର କେତେଦୂର ଅକଲ୍ୟାଣ ହେଉଛି ବା ହୋଇ ପାରେ, ତାହା ଏଠାରେ ଆଲୋଚନା କରା ଯାଉଅଛି ।

ମନେପଡ଼େ, କେତେକ ବର୍ଷ ପୂର୍ବେ କୌଣସି ପ୍ରବନ୍ଧ ଲେଖିବାକୁ ହେଲେ ପ୍ରଥମେ ଭଗବାନଙ୍କ ଆଡ଼ୁ ଆରମ୍ଭ କରା ଯାଉଥିଲା । ପ୍ରାଚୀନ କବି ବା ଲେଖକମାନେ ଆଗ ଦେବ-ଦେବୀମାନଙ୍କୁ ସ୍ତୁତି କରି ପରେ ଯାହା ଲେଖୁଥିଲେ—ଅଧିକାଂଶ ସ୍ଥଳରେ ସେମାନଙ୍କ ଲେଖାର ବିଷୟବସ୍ତୁ ଥିଲା ମଧ୍ୟ ସେଇଆ । ତାହାର ଅନୁକରଣରେ ଛାତ୍ର ମଧ୍ୟ 'ବସନ୍ତ ଋତୁ', 'ହସ୍ତୀ' ବା 'ଏକାଗ୍ରତା' ପ୍ରଭୃତି ଯେ କୌଣସି ବିଷୟରେ ପ୍ରବନ୍ଧ ଲେଖିବାକୁ ଯାଇ ପ୍ରଥମେ 'ପରମପିତା ଜଗଦୀଶ୍ୱର ଏହି ସୃଷ୍ଟି ମଧ୍ୟରେ—ଇତ୍ୟାଦି' ଏହିପରି ଆରମ୍ଭ କରୁଥିଲା । କିନ୍ତୁ ଆଜିକାଲି ତ ସେକଥା ନାହିଁ । ଆଜି ଛାତ୍ରଜୀବନକୁ ଉପନ୍ୟାସ ବେଶି ପ୍ରଭାବିତ କଲାଣି; ତେଣୁ ତାର 'ହାତୀ' ବିଷୟକ ପ୍ରବନ୍ଧ ମଧ୍ୟ ଗୋଟିଏ ଛୋଟ ଉପନ୍ୟାସ । ସୁତରାଂ ଛାତ୍ରର ଲେଖାରେ ବା ସାହିତ୍ୟରେ ଭଗବାନ ତ ବେଶି କିଛି ଉପଦ୍ରବ କରୁ ନାହାନ୍ତି ।

ଲେଖା ଛାଡ଼ିଦେଲେ, କଥାରେ ବା କାର୍ଯ୍ୟରେ ଛାତ୍ର ଅତି-ବେଶି ଈଶ୍ୱରପ୍ରାଣ ହେଉଛି କି ନାହିଁ ଦେଖାଯାଉ । ସମସ୍ତେ ଦେଖୁଥିବେ, ଦେବମନ୍ଦିର ଅପେକ୍ଷା ସିନେମା ଘର, ରଙ୍ଗମଞ୍ଚ, ଫୁଟବଲ୍ ପଡ଼ିଆରେ ଆଜିକାଲି ଛାତ୍ରଙ୍କର ବେଶି ଭିଡ଼ । ଭଗବାନ ଅଛନ୍ତି କି ନାହାନ୍ତି ଏ ବିଷୟରେ ଅନେକଙ୍କର ଘୋର ସନ୍ଦେହ—ସେଥିଲାଗି ଆଲୋଚନା ସଭାରେ କେତେ ବାଦାନୁବାଦ । ଦେବ, ବ୍ରାହ୍ମଣ, ସାଧୁ, ସନ୍ଥଙ୍କ ସେବା-ପୂଜା କେବଳ ଅତି ରକ୍ଷଣଶୀଳତାର ପରିଚୟ—ସେଥିରେ ଆଧୁନିକ ଛାତ୍ର ନିଜର ମୂଲ୍ୟବାନ ସମୟ ନଷ୍ଟ କରି ହାସ୍ୟାସ୍ପଦ ହେବାକୁ ପସନ୍ଦ କରେ ନାହିଁ । ବିଛଣାରୁ ଉଠିବା ଠାରୁ ରାତିରେ ଶୋଇବାକୁ



Digitized by srujanika@gmail.com

ଯିବା ପର୍ଯ୍ୟନ୍ତ ତାର ଜୀବନ କର୍ମସ୍ରୋତରେ ଭାସି ଚାଲିଛି—ଭଗବାନଙ୍କ ପାଇଁ ଦଣ୍ଡେ ଅଧେ ଉତ୍ସର୍ଗ କରିବାକୁ ସମୟର ଅଭାବ, ବିଶ୍ୱାସର ମଧ୍ୟ ଅଭାବ ।' ଅବଶ୍ୟ ଆଜିର ଛାତ୍ର ଯେ ଅତି ଈଶ୍ୱରଭକ୍ତ ହେଉ ନାହିଁ, ବା ନିଜକୁ ସେପରି ଦେଖାଇ ହେଉ ନାହିଁ, ସେଇଟା ତାର ଭୁଲ୍ ବୋଲି କହିବା ଲେଖକର ଉଦ୍ଦେଶ୍ୟ ନୁହେଁ; ତେବେ ସେ ଅତି ଈଶ୍ୱରଭକ୍ତ ଦେଖାଇ ଜୀବନଟା କଟାଇ ଦେଉ ନାହିଁ, ଏହାହିଁ ପ୍ରମାଣ କରିବା ଏ ଲେଖାର ଅଭିପ୍ରାୟ ।

ସୁତରାଂ ପିଲାଦିନେ ସାହିତ୍ୟ ବହିରେ ଦୁଇଟା ଗୋଟାଏ 'ସ୍ତବ' ବା 'ପ୍ରାର୍ଥନା' ପଢ଼ିବା ଦ୍ୱାରା ତାର ପ୍ରତ୍ୟକ୍ଷ ଈଶ୍ୱର ପ୍ରେମ କେଉଁଠି ଅତିରିକ୍ତ ହୋଇ ଯାଉଛି, କାହିଁ ? ତାପରେ ପରୋକ୍ଷ-ଭାବରେ ତାର କି କ୍ଷତି ହେଉଛି, ଦେଖାଯାଉ । ବକ୍ତା ମହାଶୟ ବୋଧହୁଏ ମନେ କରିଥିବେ, କବି ମଧୁସୂଦନଙ୍କ ପ୍ରଣୀତ ପାଠ୍ୟ-ପୁସ୍ତକାଦିରେ ଯେଉଁ ଧରଣର ସ୍ତୁତି ବା ପ୍ରାର୍ଥନା ଥିଲା, ପ୍ରତ୍ୟେକ ପ୍ରବନ୍ଧରେ ଉଣା ଅଧିକରେ ଯେପରି ଈଶ୍ୱରଙ୍କ ଅପାର କରୁଣାର ସଙ୍କେତ ଦିଆ ଯାଇଥିଲା, ଆଧୁନିକ ପାଠ୍ୟ-ପୁସ୍ତକରେ ସେହି ପ୍ରକାର ଭାବ ରହିଛି । କଥାଟାକୁ ଟିକିଏ ପରିଷ୍କାର କରି କହିଲେ ହେବ । ଗ୍ରଓ କବିଙ୍କ କବିତାରେ ଅଛି——

'ହେ ମହାପ୍ରଭୁ, ଏ ଜୀବନ
ତୋ ପାଦେ କଲି ସମର୍ପଣ ।
ଅସତ୍ୟ ପାପରୁ ଉଦ୍ଧାର
ରଖ ହେ ମୋତେ ପାପହାରୀ ।
ତୋ ବିନା ନାହିଁ ଅନ୍ୟ ଗତି
ଦିଅ ହେ ଅଧମେ ସୁମତି ।'

(ବାଲବୋଧ-ସ୍ତବ, ପୃ ୮୯)

ଅଥବା, 'ହେ ଆନନ୍ଦମୟ କୋଟି ଭୁବନ ପାଳକ,'
ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ ।'

( ସାହିତ୍ୟ-କୁସୁମ, ସ୍ତବ )

ଏ ଧରଣର ଭାଷା ନିଜକୁ ଅତି ହୀନ ଅଧମ ମନେ କରିବା ଭାବର ଦ୍ୟୋତକ । କାହାରି କାହାରି ମତରେ ଏ ଭଳି ଭାବ ଛାତ୍ର ମନରେ ଜାତ କରାଇବା ଅନୁଚିତ । ଏହାଦ୍ୱାରା ଛାତ୍ରର ସାହସ ଓ ଆତ୍ମପ୍ରତ୍ୟୟ ନଷ୍ଟ ହୁଏ । ଏ ଯୁକ୍ତିର ଯଥାର୍ଥତା ବର୍ତ୍ତମାନ ଆଲୋଚନା ନ କରି ଏଠାରେ ମୁଁ ଏତିକି ଦେଖାଇବା ଉଚିତ ମନେ କରୁଅଛି ଯେ ଆଧୁନିକ ପାଠ୍ୟ ପୁସ୍ତକରେ ଯେଉଁ 'ସ୍ତବ' ବା 'ପ୍ରାର୍ଥନା' ଦିଆ ଯାଇଅଛି ବା ଯାଉଅଛି, ସେଥିରେ ଏ ଧରଣର ଦୈନ୍ୟ ନାହିଁ; ଯୁଗର ଗତି ବା ରୁଚି ବକ୍ତାଙ୍କୁ ଯେପରି ପ୍ରଭାବିତ କରୁଛି, ଲେଖକଙ୍କୁ ମଧ୍ୟ ସେହିପରି କରୁଛି । ତିରିଶ ଚାଳିଶଟା ପ୍ରବନ୍ଧ ମଧ୍ୟରେ ଗୋଟାଏ ଅଧେ ପ୍ରାର୍ଥନା ଥାଇ ପାରେ—ତାର ଭାଷା ଓ ଭାବ ଭିନ୍ନ ପ୍ରକାର । ଏଠାରେ ସବୁ ବହିଗୁଡ଼ିକର ପରିଚୟ ଦେବା ଅସମ୍ଭବ । ତେବେ ବକ୍ତା ମହାଶୟ ସେଦିନ ସଭାରେ ଯେଉଁ ଗୋଟିଏ ଦୁଇଟି ପୁସ୍ତକର ନାମ ପ୍ରକାଶ କରିଥିଲେ, ସେଥିରେ ଥିବା 'ପ୍ରାର୍ଥନା' ପଦ୍ୟରୁ କିଛି ଅଂଶ ନିମ୍ନରେ ଉଦ୍ଧାର କରା ଯାଉଅଛି ।

'ତୁମେ ଶୁଭ ବୁଦ୍ଧି ପରା ଶିଖାଅ,
ତୁମେ ଭଲ ବାଟ ପରା ଦେଖାଅ ।
ମୋର କାମକୁ କରାଅ ସରସ,
ମୋର ମୁଖେ ଦିଅ ଚିର ହରଷ ।'

ଏଥିରେ ଦୈନ୍ୟ ବା pessimism କାହିଁ ?

ପୁଣି, 'ତୁମ ଚରଣରେ ମୋର ଭକତି
ଦିଅ ବିପଦେ ସାହସ ଶକତି ।
ଦୁଃଖୀ, ଅରକ୍ଷିତ ସେବା କାରଣେ
ବଳ ଦିଅ ମୋର କର ଚରଣେ ।
ସତ କହିବାକୁ କିଆଁ ଡରିବି,
ସତ କହି ପଛେ ମଲେ ମରିବି ।
ମୋତେ ଏତିକି ଶିଖାଅ ସାଇଁ ହେ,
ମୋର ଧନ ଜନ ଲୋଡ଼ା ନାହିଁ ହେ ।'

( ସାହିତ୍ୟ-ସୋପାନ-୨ୟ ଭାଗ )

ପାଠକମାନେ ଏଥିରେ ଏପରି କିଛି ଭାବ ବା ଭାଷା ଦେଖୁଛନ୍ତି କି, ଯାହା ଦ୍ୱାରା ଛାତ୍ରର ସାହସ ଓ ଆତ୍ମପ୍ରତ୍ୟୟ ନଷ୍ଟ ହେବ ? ମୁଁ ହୀନ, ଅକିଞ୍ଚନ, ମୋ ଦେଇ କିଛି ହୋଇ ପାରିବ ନାହିଁ—ଏଥିରେ ଏକଥା କେହି କହୁ ନାହାଁନ୍ତି; ବରଂ କୁହା ଯାଉଛି 'ହେ ଭଗବାନ, ମୁଁ ଭଲ ହେବି, ଭଲ କାମ କରିବି । ମୋତେ ସାହାଯ୍ୟ କର ।'

ଆଉ ଗୋଟିଏ ବହିରୁ ଦେଖନ୍ତୁ—

'ପତ୍ରେ ଦେଇଅଛ ସବୁଜ ବରଣ
ଫୁଲକୁ ସୁବାସ ତାର ।
ମଧୁଚକ୍ରେ ରଖିଛ ମଧୁରତା ଗୁଣ
ଫଳେ ରଖିଅଛ ସାର ।
ପିତା ମାତା ହୃଦେ ସେନେହ ମଣ୍ଡିଛ
ପୋତିଛ କରୁଣା ବଳେ ।
ସେ ଯୋଗେ ଶିଶୁ ମୁଁ ବଞ୍ଚି ହନୁହନ
ବଢ଼ୁଛି ଏ ମହୀତଳେ ।'

( ସାହିତ୍ୟ-ପ୍ରବେଶ ପୃ ୫୮ )

ଏ ଜାତୀୟ ଗୋଟାଏ ଦୁଇଟା କବିତା ବା ପ୍ରବନ୍ଧ ପିଲାଦିନେ ପଢ଼ିଲେ ଜୀବନରେ କାହିଁକି ଅଧଃପତନ ଘଟିବ, ତାହା ସହଜରେ ବୁଝି ହେଉ ନାହିଁ । ବରଂ ଆଜିକାଲି ଯୁଗର ଗତି ଯେପରି ଦେଖା ଯାଉଛି, ବିଜ୍ଞାନ, ସାହିତ୍ୟ, କଳା, ବ୍ୟବସାୟ ଆଦି ସବୁ କ୍ଷେତ୍ରରୁ ଭଗବାନଙ୍କୁ ଯେପରି ନିର୍ବାସନ କରି ଦିଆଯାଉଛି, ସେପରି ସ୍ଥଳେ ପାଠ୍ୟପୁସ୍ତକ ଭିତରେ ଅନ୍ତତଃ ତାଙ୍କ ପୂର୍ବ ଆଧିପତ୍ୟର ଖାତିରରେ ଦୟା କରି ତାଙ୍କୁ ଟିକିଏ ସ୍ଥାନ ଦେବା ଆବଶ୍ୟକ । ଭକ୍ତ କବିଙ୍କ ପାଠ୍ୟପୁସ୍ତକ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ଓଡ଼ିଶାରେ ଚଳୁଛି । ସେଥିରେ ଯେଉଁ ପବିତ୍ର ଈଶ୍ୱର ବିଶ୍ୱାସ



Digitized by srujanika@gmail.com

ଓ ଭାବ୍‌ସଙ୍ଗେ ଦୈନ୍ୟ ଓ ବିନୟ ପ୍ରତି ପ୍ରବନ୍ଧ ଓ ପଦ୍ୟରେ ପ୍ରକଟିତ, ତାହା ଏତେ ଦିନ ଧରି ନିଶ୍ଚୟ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରୁଛି। ବକ୍ତା ମହାଶୟ କହି ପାରନ୍ତି, କେବଳ ସେଇଥି ପାଇଁ ଓଡ଼ିଶାର ଏ ଦୁର୍ଗତି। କିନ୍ତୁ ମୋର ବିଶ୍ୱାସ, ଓଡ଼ିଶାର ଶିକ୍ଷିତ ଯୁବକ, ପ୍ରୌଢ଼ ଓ ବୃଦ୍ଧମାନଙ୍କୁ ଯଦି ପଚରା ଯାଏ, ରାଓ କବିଙ୍କ ବହି ବିଷୟରେ ତାଙ୍କର ମତାମତ କିଣ, ଭାଷା ଓ ଅନ୍ୟାନ୍ୟ ବିଷୟରେ ସେମାନେ ଯାହା କହନ୍ତୁ ପଛେ, ଗୋଟିଏ ବିଷୟରେ ସମସ୍ତେ ଏକମତ ହେବେ ଯେ ତାଙ୍କ ଲେଖାଗୁଡ଼ିକରେ ଯେଉଁ ପବିତ୍ର ଈଶ୍ୱର ବିଶ୍ୱାସ, ବିଶ୍ୱ ସ୍ରଷ୍ଟାଙ୍କର ଅପାର ଦୟା ଓ ମହିମାର ଚିତ୍ର ଦିଆ ଯାଇଅଛି, ତାହା ସମସ୍ତଙ୍କୁ ସବୁ କାଳରେ ମୁଗ୍ଧ କରୁଅଛି; କେତେ ଦଗ୍ଧ ପ୍ରାଣକୁ ତାଙ୍କ କବିତା ଶୀତଳ କରୁଅଛି, କେତେ ହତାଶ ପ୍ରାଣରେ ଆଶା ଓ ଉଦ୍ଦୀପନା ସଞ୍ଚାର କରାଇଅଛି; କିନ୍ତୁ ଜୀବନକୁ କାହାର ମାଟି କରି ଦେଇଛି ବୋଲି କେହି ତ କେବେ ଅଭିଯୋଗ କରି ନାହାନ୍ତି? ଖାଲି ଓଡ଼ିଆ ବହି କାହିଁକି, ଇଂରାଜି ପରି ଉନ୍ନତ ଭାଷାର ପାଠ୍ୟପୁସ୍ତକରେ ତ 'Prayer'ର ଅଭାବ ନାହିଁ। ତା ଛଡ଼ା ଅନ୍ୟ କବିତାମାନଙ୍କରେ ମଧ୍ୟ ସ୍ଥାନେ ସ୍ଥାନେ ଏହି ଭାବର ଇଙ୍ଗିତ ସ୍ପଷ୍ଟ। ସେ ଗୁଡ଼ିକ ଏବେ ମଧ୍ୟ ପାଠ୍ୟର ଅନ୍ତର୍ଗତ। କେତୋଟି ଦୃଷ୍ଟାନ୍ତ ଦେଖନ୍ତୁ—

Bunyan—

"He that is humble ever Shall
Have God to be his guide."

T. Hood—

"It was a childish ignorance,
But now this little joy,
To know I'm farther off from heaven
Then when I was a boy"

(I remember, I remember).

Blake—

'Did he who made the lamb make thee?'

(The tiger)

Cowper—

'There's mercy in every place
And mercy encouraging thought,
Gives even affliction a grace,
And reconciles man to his lot.'

(Alexander Selkirk)

Long fellow

'Act act in the living present,
Heart within and God overhead.'

(Psalm of life)

ଏ ସବୁ ବିଚାର କରି ଦେଖିଲେ ମନେହୁଏ, ବକ୍ତା ମହାଶୟ କେବଳ ପାଠ୍ୟପୁସ୍ତକରେ ଗୋଟାଏ ଅଧେ 'ପ୍ରାର୍ଥନା' ବା 'ଈଶ୍ୱର' ପରି ଶବ୍ଦ ଦେଖି ଚମକିଛନ୍ତି—ତାଙ୍କର ଧାରଣା ହୋଇଛି, ପୁଣି 'ଅଧମ ଅକ୍ଷମ ସୁତ' ଇତ୍ୟାଦି ଢୋଷା ଚାଲିଲା କି? କିନ୍ତୁ ଏପରି ଆଶଙ୍କା କରିବାର କୌଣସି କାରଣ ନାହିଁ ବୋଲି ଆଧୁନିକ ପାଠ୍ୟପୁସ୍ତକ ଆଲୋଚନା କଲେ ଜଣାପଡ଼େ। ଅବଶ୍ୟ ସେ ବହିଗୁଡ଼ିକରେ ଅନ୍ୟ ଦୋଷ ଥାଇପାରେ; ସେ ଭିନ୍ନ କଥା। କିନ୍ତୁ କେବଳ ଗୋଟାଏ ଦୁଇଟା 'ସ୍ତବ' ବା 'ପ୍ରାର୍ଥନା' ପଦ୍ୟ ଅଛି ବୋଲି ଛାତ୍ର ସମାଜର ଅଧଃପତନ ହେଉଛି, ଅତଏବ ସେ ବହିଗୁଡ଼ାକ ଧ୍ୱଂସଯୋଗ୍ୟ, ଏ ଅଭିଯୋଗ ଓ ଦାବୀ କେତେ ଅସଙ୍ଗତ ତାହା ବୁଝାଇବା ନିଷ୍ପ୍ରୟୋଜନ। ସେ ଦିନ ସଭାରେ ସଭାପତି ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାଶ ତାଙ୍କ ପ୍ରାନ୍ତ ଭାଷଣରେ ଏ ଅଭିଯୋଗର ଉତ୍ତର ମଧ୍ୟ ଦେଇଥିଲେ। ପୃଥିବୀର ସୁସଭ୍ୟ ଦେଶର ଅତି ଆଧୁନିକ ଶିକ୍ଷା ମନ୍ଦିରରେ ସୁଦ୍ଧା ପ୍ରାର୍ଥନା ବା ଆରାଧନା ଉନ୍ନତି ପଥର ସହାୟକ, ବିଘ୍ନ ନୁହେଁ।

# ନାରୀ

ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ

ହେ ନାରୀ, ଚଟୁଳ ହାସ ବିମ୍ବାଧରେ ତବ,
ସୁରୁଚିର ନେତ୍ରକୋଣେ ଲଳିତ ଚାହାଣି,
ଶୁଭ୍ର ଶାନ୍ତ ଲଲାଟର ଅମ୍ଳାନ ଗୌରବ,
ନୃତ୍ୟପର ନିତମ୍ବର ମନୋହର ଠାଣି।

ମୃଣାଳଭୁଜର ସ୍ନିଗ୍ଧ ମଧୁର-ଅଶ୍ଳେଷ,
ଉଚ୍ଛ୍ୱସିତ ଯଉବନେ ପୂର୍ଣ୍ଣା ତନୁଲତା,
ତରଙ୍ଗିତ ଚିକୁରର ମାଧୁରୀ ଅଶେଷ,
ଲଳିତ କଣ୍ଠର ଚିର ସ୍ନିଗ୍ଧ ମଧୁରତା।

ସାରା ଦେହେ ଭୂଷଣର ଗୁଞ୍ଜନ ଝଙ୍କାର,
ସଙ୍କୋଚେ ଚଳନଭଙ୍ଗୀ ପରମ ସରମେ,
ଅନ୍ତରେ ନିର୍ଝରଧାରା ସେବା କରୁଣାର,
ଶାନ୍ତିର ପ୍ରତିଷ୍ଠା ନିତ୍ୟ ସକଳ କରମେ।

ହେ ନାରୀ, ତୁମର ଏହି ଅପୂରବ ଧନ,
ପୁରୁଷର ଖାଲି ଭୋଗତୃପ୍ତି ଲାଗି କିଣ?



Digitized by srujanika@gmail.com

# ଜାତୀୟତା ଓ ସଂସ୍କୃତି

ଶ୍ରୀ ନବକିଶୋର ଦାସ

## ଜାତୀୟତାର ଆଦର୍ଶ

ଜାତୀୟତା ଜନ୍ମଜ । ଏହା ମନୁଷ୍ୟର ଏକ ସାମାଜିକ ପ୍ରବୃତ୍ତି । ଭୌଗୋଳିକ ଅବସ୍ଥାନ, ଐତିହାସିକ ପରମ୍ପରା, ସାହିତ୍ୟ ଏବଂ ସଂସ୍କୃତିର ବିଶିଷ୍ଟତା ଏବଂ ରାଜନୀତିକ ସ୍ୱତନ୍ତ୍ରତାକୁ ନେଇ ପୃଥିବୀରେ ବହୁ ଜାତୀୟତା ଗଠିତ ହୋଇଅଛି । ଅବଶ୍ୟ ପୃଥିବୀରେ ନାନା ଯୁଗରେ ଜାତି ଜାତି ମଧ୍ୟରେ ଯୁଦ୍ଧ, ଦ୍ୱନ୍ଦ୍ୱ କିମ୍ବା ସଂଘର୍ଷ ଲାଗିଅଛି, ତଥାପି ଜାତୀୟତା ଲୋପ ପାଇ ନାହିଁ; କିମ୍ବା ସକଳ ଜାତୀୟତା-ଦଳନ ମଧ୍ୟରେ ପୂର୍ଣ୍ଣ ଆନ୍ତର୍ଜାତିକତା ବିରାଜିତ ହୋଇ ନାହିଁ । ବିଶ୍ୱବ୍ୟାପୀ ମାନବ-ସମାଜ-ଗଠନ ଏକ ଆଦର୍ଶ । କେହି କେହି ଭାବୁକ ରାଜନୀତିଜ୍ଞତରେ 'ବିଶ୍ୱ-ରାଷ୍ଟ୍ରସଂଘ'ର (world-federation) ମଧ୍ୟ ସ୍ୱପ୍ନ ଦେଖୁ ଅଛନ୍ତି । ମାତ୍ର କାର୍ଯ୍ୟରେ ତାହା ପରିଣତ ହୋଇ ପାରିନାହିଁ । ଏହା ହେଉ ବା ନ ହେଉ ଜାତୀୟତା-ବାଣୀ କ୍ରମେ ଆଧୁନିକ ରାଷ୍ଟ୍ର-ନୀତିରେ ଦୃଢ଼ୀଭୂତ ହେଉଅଛି ।

ଜାତୀୟତା ଏକ ସୁନ୍ଦର ସାମାଜିକ ପ୍ରବୃତ୍ତି,—ଯଦି ଏହାର ପରିଚାଳନା ସତ୍ୟ ଏବଂ ମୈତ୍ରୀ ଉପରେ ପ୍ରତିଷ୍ଠିତ ହୁଏ । ବୃହତ୍ ଆଦର୍ଶ ହେଲେ ମଧ୍ୟ 'କ୍ଷୁଦ୍ର' ଆମର ହେୟ ନୁହେଁ । ପରନ୍ତୁ 'କ୍ଷୁଦ୍ର'କୁ ନେଇ 'ବୃହତ୍'ର ଗଠନ ଏବଂ ଅଭିବୃଦ୍ଧି । ଏହି ଦିଗରୁ ବିଶ୍ୱ-ବ୍ୟାପୀ ମାନବ ସମାଜର ବିକାଶ ଏବଂ ଅଗ୍ରଗତି ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ ହେବା ଉଚିତ; ହେଲେହେଁ ଆମ୍ଭେମାନେ ଜାତୀୟତାକୁ ପରିତ୍ୟାଗ କରି ପାରିବୁଁ ନାହିଁ । ମୁଁ ପୂର୍ଣ୍ଣ ଜାତୀୟତାବାଦୀ । ଜାତୀୟତା ମୋର ସମସ୍ତ କର୍ମର ମୂଳ-ମନ୍ତ୍ର । ମାତ୍ର ମୁଁ ଅନ୍ଧ-ଜାତୀୟତାର ଉପାସକ ନୁହେଁ । ବିଶ୍ୱ-ବିଚ୍ଛିନ୍ନ-ଭାରତ କିମ୍ବା ଭାରତ-ବିଚ୍ଛିନ୍ନ-ଉତ୍କଳ ମୋର କାମ୍ୟ-ଦେଶ ନୁହେଁ । ଏଥିରୁ ମୋ ଜାତୀୟତା-ପରିକଳ୍ପନା ପାଠକ ପାଠିକା ସହଜରେ ଅନୁମାନ କରୁଥିବେ । ପରସ୍ପର ଜାତିମାନଙ୍କ ମିଳନ, ମିତ୍ରତା ଏବଂ ଆଦାନ ପ୍ରଦାନରେ ବିଶ୍ୱ ପୂର୍ଣ୍ଣତର ଏବଂ ସୁନ୍ଦରତର ହେବ । ଏଥିପାଇଁ ଜାତିର ଜାତୀୟତା ପ୍ରୟୋଜନ; ଏହାର ଅଭିବୃଦ୍ଧି ଆମ୍ଭମାନଙ୍କ ସାମାଜିକ ଗଠନରେ ସ୍ଥାନ ପାଇବା ବିଧେୟ । ତେଣୁ ସଂସ୍କୃତି ସହିତ ଏହାର କି ସମ୍ପର୍କ ଏବଂ ସଂସ୍କୃତି ଦ୍ୱାରା ଜାତୀୟତା କିପରି ବୃଦ୍ଧି ପାଇବ, ତାହା ଆମ୍ଭମାନଙ୍କର ଆଲୋଚନା କରିବା ଉଚିତ । ଜାତୀୟତାର ମୂଳଦୁଆ ସର୍ବଦା ସତ୍ୟ, ନ୍ୟାୟ ଉପରେ ପ୍ରତିଷ୍ଠିତ ହେବା ସର୍ବାଦୌ ବାଞ୍ଛନୀୟ । ସର୍ବବ୍ୟାପୀ ବିଶ୍ୱ-ମାନବ ଆଦର୍ଶକୁ ଆଖି ଆଗରେ ରଖି ପ୍ରତି ଜାତିର ଜାତୀୟତା ଗଠନ ଏକ କର୍ତ୍ତବ୍ୟ । ଇଉରୋପରେ ଆଜି ଯେଉଁ ମହା-ଖଣ୍ଡ ପ୍ରଳୟର ଅଭିନୟ ହେଉଛି ତାହାର କାରଣ ଏହି ଯେ ସମ୍ୟକ-ଦୃଷ୍ଟି ଏବଂ ବିଶ୍ୱ-ଆଦର୍ଶ ସେମାନଙ୍କ ଜାତୀୟତାରେ ନାହିଁ । ଇଉରୋପରେ ପ୍ରତ୍ୟେକ ଜାତି ତାହାର ଅର୍ଥ, କୃଷି, ବାଣିଜ୍ୟ, ଜନସଂଖ୍ୟା ବଢ଼ାଇବାରେ ବ୍ୟସ୍ତ । ଅପରର ରକ୍ଷା ଏବଂ ସୁସ୍ଥତା ଚିନ୍ତା ଅପର ଜାତି-ପ୍ରାଣରେ ସଞ୍ଚାରିତ ହେଉନାହିଁ । ଏହି ବିପଦରୁ ଭାରତର ଏହି ନବ-ଜାଗରଣ ଯୁଗରେ ତ୍ରାଣ ପାଇବା ଉଚିତ । ଏଥିପାଇଁ ପ୍ରତ୍ୟେକ ଯୁଗ-ମାନବ ସଚେଷ୍ଟ ରହିବା ଦରକାର ।

## ଭାରତର ଜାତୀୟତା

ଭାରତରେ ସମସ୍ୟା କ'ଣ ? ଭାରତ ବହୁ ପ୍ରଦେଶ, କ୍ଷୁଦ୍ର ବୃହତ ଦେଶୀୟ ରାଜ୍ୟରେ ବିଭକ୍ତ । ବଙ୍ଗ ଭାଷା ଠାରୁ ତେଲଗୁ ଭାଷା ଭିନ୍ନ । ପଞ୍ଜାବୀଙ୍କ ପୋଷାକରୁ ଓଡ଼ିଆଙ୍କ ପୋଷାକ ପୃଥକ । ପୁଣି ନାନା ଧର୍ମ ଭାରତରେ ବିଦ୍ୟମାନ । ଏହି ଧର୍ମ ବ୍ୟତୀତ ନାନା କ୍ଷୁଦ୍ର କ୍ଷୁଦ୍ର ଆଚାର, ବ୍ୟବହାର ଦ୍ୱାରା ଭାରତରେ ବହୁ ଦଳ ବିଭିନ୍ନ 'ଗୋଷ୍ଠୀ' ସୃଷ୍ଟି କରି ଅଛନ୍ତି । ତାହାପରେ ପୁଣି ଜାତି, ମହାଜାତି, କ୍ଷୁଦ୍ର ଜାତି (Caste) ସମୂହ ବିରାଜମାନ । ଏପରି କ୍ଷେତ୍ରରେ ଭାରତରେ ଜାତୀୟତା ଗଠନ ଯେପରି କଷ୍ଟକର କଥା; ସେହିପରି ଏହାର ସୁଦୃଢ଼ତା ବହୁଦିନ ସ୍ଥାୟୀ ନ ହେବାରେ ଆଶଙ୍କା ଯଥେଷ୍ଟ ଅଛି । ମାତ୍ର ଏହା ସତ୍ତ୍ୱେ ଭାରତରେ ଜାତୀୟତା ଗଠନ ସମ୍ଭବପର ହୋଇଅଛି ଏବଂ ଜାତୀୟତାର ମଧ୍ୟ ବୃଦ୍ଧି ଘଟିଅଛି । ଭାରତୀୟ ମହାଜାତୀୟତା ଏକ ଆଦର୍ଶ । ଏହି ମହାଭାରତୀୟ ଭାବରେ ଆଧୁନିକ ଭାରତର ଶିକ୍ଷିତ ସମ୍ପ୍ରଦାୟ ଅଳ୍ପ ବହୁତ ପ୍ରଭାବିତ । ମାତ୍ର ଏହା ସତ୍ତ୍ୱେ ଭାରତରେ ପ୍ରାଦେଶିକତା ବା ପ୍ରାଦେଶିକ ଜାତୀୟତା ଯଥେଷ୍ଟ ଅଛି । ଏପରି ରହିବା ସ୍ୱାଭାବିକ । କାରଣ ଭାଷା, ସାହିତ୍ୟର ପୃଥକତା, ଇତିହାସର ସ୍ୱତନ୍ତ୍ରତା, ଭୌଗୋଳିକ ଅବସ୍ଥିତି ଏବଂ ସ୍ୱତନ୍ତ୍ର ପ୍ରାଦେଶିକ ଶାସନ ଏହି ପ୍ରାଦେଶିକ ଜାତୀୟତା ଗଠନରେ ବିଶେଷ ସାହାଯ୍ୟ କରିଅଛି । ମୋର ପୂର୍ଣ୍ଣ ବିଶ୍ୱାସ ଭାରତରେ ପ୍ରାଦେଶିକ-ଜାତୀୟତା କେବେ ଲୋପ ପାଇବ ନାହିଁ । ଅବଶ୍ୟ କେହି କେହି ଭାରତରେ ଏକ ଲିପି, ଏକ ଭାଷାର ପ୍ରାଧାନ୍ୟ ପ୍ରଚଳନ କରିବାକୁ ଚେଷ୍ଟିତ । କେହି କେହି ଭାରତରେ ଏକଜାତି (Caste), ଏକ ଧର୍ମ ପ୍ରତିଷ୍ଠିତ କରି ପାରିଲେ ଖୁବ୍ ସୁଖ ପାଆନ୍ତେ । ମାତ୍ର ଏହିସବୁ ପ୍ରଚେଷ୍ଟା ଦେଖି ମୋତେ ବିସ୍ମୟ ଲାଗେ । ଯେଉଁମାନେ ଏପରି ଚେଷ୍ଟା କରୁ ଅଛନ୍ତି, ସେମାନେ ମନୁଷ୍ୟର ଏକ ସହଜାତ ଗୁଣକୁ ଭୁଲି ଯାଆନ୍ତି । ତାହାର କାରଣ ବୈଚିତ୍ର୍ୟ ମାନବର ଏକ ସହଜାତ ଧର୍ମ । ଏହି ବୈଚିତ୍ର୍ୟ ମଧ୍ୟରେ ବିଭିନ୍ନ ଜାତୀୟତା-ମାଳା ଗୁନ୍ଥି ଶ୍ରେଷ୍ଠ ମାନବିକତା ପ୍ରକାଶହିଁ ଆମର ସୁ-ଆଦର୍ଶ । ଏହି ଦିଗରୁ ବିଚାର କଲେ ଓଡ଼ିଆ ଜାତୀୟତାର ଏକ ସ୍ୱତନ୍ତ୍ର ସ୍ଥାନ ଭାରତ ତଥା ପୃଥିବୀ ଜାତୀୟତା-ପୀଠରେ ଅଛି, ରହିବା

ସ୍ୱାଭାବିକ । ଏବଂ ଏହି ଓଡ଼ିଆ ଜାତୀୟତା ଗଠନ ଏବଂ ପ୍ରଚାର ଓ ପ୍ରସାର ପାଇଁ ସଂସ୍କୃତି-ଆନ୍ଦୋଳନରେ କି ଅଭିମୁଖ୍ୟ ନିଆଯିବ, ତାହା ବିଚାରିବା ଏକ ପ୍ରଧାନ ଦାୟିତ୍ୱ ହୋଇ ପଡ଼ିଛି ।

## ଓଡ଼ିଆ ଜାତୀୟତାର ବିଶେଷତ୍ୱ

ଓଡ଼ିଆ ଜାତୀୟତାର ଯେପରି କେତେଗୁଡ଼ିଏ ମୌଳିକ ଗୁଣ ଅଛି ସେହିପରି ତାହାର କେତେଗୁଡ଼ିଏ ବିଶିଷ୍ଟତା ମଧ୍ୟ ଅଛି । ମୋ ବିଚାରରେ ଜାତୀୟତାକୁ ବିଶ୍ଳେଷଣ କଲେ ଆମ୍ଭେମାନେ ତିନୋଟି ଗୁଣ ବିଶେଷ ଭାବରେ ଲକ୍ଷ କରିବା । ୧। ସଂଗ୍ରାମପ୍ରିୟତା ୨। ସମନ୍ୱୟଭାବ ( Toleration-spirit ) ଏବଂ ୩। ହସ୍ତକର୍ମ-କୁଶଳତା । ମୋର ଏହି ତିନୋଟି ଗୁଣର ନମୁନା ଓଡ଼ିଆ ଜାତୀୟ ଇତିହାସର ଛାତ୍ରମାନେ ସହଜରେ ଜାଣିଥିବେ । ପ୍ରାଚୀନ କଳିଙ୍ଗ ସମର କିମ୍ବା ଖାରବେଳଙ୍କ ଦିଗ୍‌ବିଜୟ ଇତିହାସ ପଢ଼ି ମୁଁ ଓଡ଼ିଆଙ୍କ 'ସମରପ୍ରିୟତା' ଗୁଣ ଜାଣି ନାହିଁ । ପରନ୍ତୁ ପୃଥିବୀରେ ଓଡ଼ିଆ ଜାତି ବହୁ ବାଧା, ବିଘ୍ନ ପ୍ରାକୃତିକ ଦୁର୍ଘଟଣା ଏବଂ ରାଜନୀତିକ ସଂଘର୍ଷ ମଧ୍ୟରେ ମୁଣ୍ଡ ଟେକି ରହିଅଛି । ୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ଅଧୀନ ହେଲାଦିନୁ ଓଡ଼ିଶାର ରାଜନୀତିକ ବିଚ୍ଛିନ୍ନତା ସୃଷ୍ଟି ହୋଇ ଅଛି । 'ତିନି ଥେଣ୍ଟିଆ କାକୁଡ଼ି ବାଡ଼ି' ଭଳି ଉତ୍କଳ ଛିନ୍ନ ବିଚ୍ଛିନ୍ନ ହୋଇଛି, ଉତ୍କଳମାତା ଖଣ୍ଡ-ବିଖଣ୍ଡ ହୋଇ ଛିନ୍ନମସ୍ତା ହୋଇଛନ୍ତି । ଆଜି ମଧ୍ୟ ଉତ୍କଳ ପୂର୍ଣ୍ଣାଙ୍ଗ ଲାଭ କରି ପାରିନାହିଁ । ଏହା ଉପରେ ବନ୍ୟା, ଦୁର୍ଭିକ୍ଷ, ମହାମାରି ବା ଦାରିଦ୍ର୍ୟ ଅଛି । ତଥାପି 'ଓଡ଼ିଆ' ଜଗତରେ ବଞ୍ଚିଛି, ରାଜନୀତିକ ତ୍ୟାଗ କରିଛି, ସାହିତ୍ୟ, କଳା ଏବଂ ସଂସ୍କୃତି କ୍ଷେତ୍ରରେ ଅଗ୍ରସର ହୋଇଛି । ଦେଶରେ କବି, ଲେଖକ, ଭାବୁକ ବାହାରିଛନ୍ତି । ବଙ୍ଗାଳୀମାନେ 'ଓଡ଼ିଆ'କୁ ଏକ କଥିତ ଭାଷା କହି 'ବଙ୍ଗୋପସାଗର'ରେ ଉଭାଇ ଦେଇ ପାରି ନାହାନ୍ତି । ଅନ୍ଧ୍ରମାନେ ଗଞ୍ଜାମକୁ ତେଲଙ୍ଗା କରି ଦେଇ ନାହାନ୍ତି । ବିହାରୀମାନେ ସିଂହଭୂମିର ଓଡ଼ିଆମାନଙ୍କୁ ହିନ୍ଦୁସ୍ଥାନୀ ଭାଷୀ ବିହାରୀ କରି ପାରିଲେ ନାହିଁ, କିମ୍ବା ବଙ୍ଗଳାରେ ମଧ୍ୟ ମେଦିନୀପୁରର ଓଡ଼ିଆମାନେ ଏତେ ଦିନ ରହି "ଓଡ଼ିଆ" ପାଶୋରି ପାରିଲେ ନାହିଁ । ଏହି ସବୁ କ୍ଷୁଦ୍ର କ୍ଷୁଦ୍ର ଘଟଣା ପଶ୍ଚାତରେ ଯେ ଓଡ଼ିଆ ଜାତିର ଜାତୀୟପ୍ରାଣ ପ୍ରଚୁର ଭାବରେ ବିଦ୍ୟମାନ, ଏ କଥା ଯେ କେହି ଭାବୁକ ଗଭୀର ଭାବରେ ଚିନ୍ତା କଲେ ଜାଣି ପାରିବେ ।

ଆଉ ସମନ୍ୱୟଭାବ ( Toleration spirit ) ପାଇଁ ସଂସ୍କୃତିର ବିରାଟ ଆଦର୍ଶ ଜଗନ୍ନାଥଙ୍କୁ ଦୃଷ୍ଟାନ୍ତ ରୂପେ ଥୋଇବା ଦରକାର ନାହିଁ । ଅତି ଛୋଟ ଛୋଟ ବ୍ୟବହାରରେ ଏହା ସୁସ୍ପଷ୍ଟ । ଓଡ଼ିଶାରେ ଦିନେ ହିନ୍ଦୁ, ବୌଦ୍ଧ ଧର୍ମର ମଧୁର ମିଳନ ସୃଷ୍ଟି ହୋଇଥିଲା । ଏହାର ଦୃଷ୍ଟାନ୍ତ ଖଣ୍ଡଗିରି, ଧଉଳି କିମ୍ବା ପୁରୀକୁ ଗଲେ ଯେ କେହି ଧର୍ମ-ଛାପ ଜାଣି ପାରିବେ । କିନ୍ତୁ ବର୍ତ୍ତମାନ ଯୁଗରେ ମଧ୍ୟ ଆମ ଓଡ଼ିଶାରେ ହିନ୍ଦୁ ମୁସଲମାନ ଝଗଡ଼ା ନାହିଁ ; କିମ୍ବା ଚାକିରି କ୍ଷେତ୍ରରେ ଆମ୍ଭେମାନେ ପ୍ରତିଶୋଧ ନେବା ହାତରେ କୌଣସି ଓଡ଼ିଆ-ଇତର ଜାତିକୁ ଆମ ପ୍ରଦେଶରେ, ଓଡ଼ିଶା ଗଡ଼ଜାତମାନଙ୍କରେ ଘଉଡ଼ାଇ ଦେଇ ନାହୁଁ ; ଆଜି ମଧ୍ୟ ଓଡ଼ିଶା ଏବଂ ଓଡ଼ିଶା ଗଡ଼ଜାତରେ ବହୁ ଓଡ଼ିଆ-ଇତର ବ୍ୟକ୍ତି ଆନନ୍ଦରେ ନିଜର ଜୀବିକାନିର୍ବାହ କରୁଅଛନ୍ତି, ଓଡ଼ିଆଙ୍କ ଝାଳ ବୁହା ଅର୍ଥର ବିନିମୟରେ । ଆମର ଯେ ବିଶେଷ ଦରକାର ବୋଲି ସେମାନଙ୍କୁ ଆଣିଛୁଁ, ଏପରି ନୁହେଁ । ଓଡ଼ିଆ ହିଂସା, ଘୃଣା କରି ଜାଣେ ନାହିଁ ବୋଲି ହୁଏ ତ ଅନେକ ସ୍ଥାନରେ "ନିର୍ଯ୍ୟା" ବା ଅଗ୍ରଚାଳନଶୂନ୍ୟ (Timid) ଜାତି ବୋଲି ଆଖ୍ୟା ପାଏ । ଆମ୍ଭେ-ମାନେ ଶୀଘ୍ର ପ୍ରତିଶୋଧ ନେବା ଭାବିପାରୁ ନାହୁଁ । ଏହା ଆମ ଜାତୀୟତାର ଏକ ମୂଳ ଲକ୍ଷଣ । କିନ୍ତୁ ଏହା ସତ୍ତ୍ୱେ ଆମ୍ଭେମାନେ ନ୍ୟାୟ ଏବଂ ସତ୍ୟ ପାଇଁ ଚିରଦିନ ସଂଗ୍ରାମ କରିବାକୁ ବା ଲଢ଼ିବାକୁ ପଛେଇ ପଡ଼ୁ ନାହୁଁ ।

ହସ୍ତକର୍ମ-କୌଶଳ ବିଷୟରେ ପାଠକ ପାଠିକାମାନଙ୍କୁ କୋଣାର୍କ, ଧଉଳି, ପୁରୀ, ଭୁବନେଶ୍ୱର କିମ୍ବା ଯାଜପୁର ଯାଏଁ ଏ ଯୁଗରେ ଟାଣିବା ନିହାତି ଅନ୍ୟାୟ ହେବ ନାହିଁ । କିନ୍ତୁ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ରେଙ୍ଗୁନ, କଲିକତା ଏବଂ ଟାଟାନଗରର ଓଡ଼ିଆ କୁଲି ସହଜରେ ଏବଂ ଅଳ୍ପ ସମୟ ମଧ୍ୟରେ ଯେପରି 'ହସ୍ତ-କର୍ମ'ରେ ପାରଦର୍ଶିତା ଲାଭ କରେ, ଭାରତୀୟ ଅନ୍ୟ କୌଣସି ଜାତି ତାହା କରି ପାରେ ନାହିଁ । ଅପାଠୁଆ ଓଡ଼ିଆ ଶ୍ରମିକ ଶୀଘ୍ର କୌଶଳୀ-ଶିଳ୍ପୀ ( Skilled-Labour ) ହୋଇଯାଏ, ବହୁ ଶିଳ୍ପ ପ୍ରତିଷ୍ଠାନମାନଙ୍କରେ । ପୁଣି ଓଡ଼ିଆଣୀ ବୋହୂ ଝିଅ ବହୁ ଗ୍ରାମରେ ସେମାନଙ୍କ କଳାକୁଶଳତାର ପରିଚୟ ଦିଅନ୍ତି ଚିତା ବା ଝୋଟି ଆଙ୍କି କିମ୍ବା ଅନ୍ୟାନ୍ୟ ହସ୍ତଶିଳ୍ପ କାର୍ଯ୍ୟ କରି । ଏହି ସମସ୍ତ ଆଲୋଚନା ମଧ୍ୟରେ "ରାଜନୀତି"କୁ ଯୋଖିବା ଅନୁଚିତ । ମାତ୍ର ବଡ଼ ଆନନ୍ଦର କଥା ଆମ ଜାତୀୟତା ଏବଂ ସଂସ୍କୃତି ବଡ଼ ରାଜା, ମହାରାଜାଙ୍କ ନିବାର ଠାରୁ କ୍ଷୁଦ୍ର ନଗଣ୍ୟ କୁଟୀର ଯାଏ ପ୍ରସାରିତ । ସବୁଠି, ସବୁ ସ୍ତରରେ ଆମ ଓଡ଼ିଆ ଜାତୀୟତାର ମଧୁର ମନ୍ତ୍ରରେ ନର ନାରୀଗଣ ମୁଗ୍ଧ ଏବଂ ଆମ୍ଭମାନଙ୍କ ଜାତୀୟତା ଏବଂ ସଂସ୍କୃତିର ମଧୁର ବନ୍ଧନରେ ଆମ୍ଭେମାନେ ଅନେକ ବିଦେଶୀୟ ଶାସକମାନଙ୍କୁ ମଧ୍ୟ "ଓଡ଼ିଆ" କରି ଦେଇ ପାରୁଁ । ଏହାର ପ୍ରମାଣ ପ୍ରତି ଗଡ଼ଜାତରେ ଅଛି ।

## ସାହିତ୍ୟ ଏବଂ ଜାତୀୟତା

ମାତ୍ର ଓଡ଼ିଆ ଜାତୀୟତାର ଏହି 'ପ୍ରାଣ-ଶକ୍ତି' ଜାଣି ଆମ୍ଭେମାନେ ଭୁଲି ପଡ଼ିଗଲେ ଚଳିବ ନାହିଁ । ଜାତୀୟତା ସହିତ ସାହିତ୍ୟ ଗଭୀର ଭାବରେ ଜଡ଼ିତ । ରାଧାନାଥଙ୍କ କାବ୍ୟରେ ଚରିତ୍ରଚିତ୍ରଣରେ ଯେତେ କଳଙ୍କ ଆରୋପିତ ହେଲେ ମଧ୍ୟ 'ଦରବାର'ରେ 'ବାରବାଟୀ' କିମ୍ବା 'ଚିଲିକା'ରେ 'ନୀଳାମ୍ବୁ-ଚିଲିକା' କିମ୍ବା 'କେଦାରଗୌରୀ'ରେ ଭୁବନେଶ୍ୱରର ସ୍ମୃତି



ଛି

Digitized by srujanika@gmail.com

ଆମକୁ ଉଦ୍‌ବୁଦ୍ଧ କରେ । ମେହେର କବିଙ୍କ 'ଉତ୍କଳଲକ୍ଷ୍ମୀ'ରେ ଉତ୍କଳ ମାତାଙ୍କ ଶୋଭାସମ୍ପଦର ବର୍ଣ୍ଣନା ଆମ ପ୍ରାଣରେ ଜାତୀୟତାର ମମତା ବୃଦ୍ଧିକରେ । ଫକୀର ମୋହନଙ୍କ 'ଉପନ୍ୟାସ' ମାନଙ୍କରେ ଓଡ଼ିଆ ଗ୍ରାମବାସୀଙ୍କ ଜୀବନପର୍ଯ୍ୟାୟ ଆମ ପ୍ରାଣ-ତନ୍ତ୍ରୀକୁ ଗଭୀର ଭାବରେ ସ୍ପର୍ଶ କରେ, ସମସ୍ତ କଳା-ଶୈଳୀର ଅପୂର୍ଣ୍ଣତା ମଧ୍ୟରେ । କବି ନନ୍ଦକିଶୋରଙ୍କ 'କନକଲତା' ପଢ଼ିଲା ବେଳେ ଆମ ଗାଁ, ଘରର ଦୃଶ୍ୟ ଆମ ଆଖିଆଗରେ ଭାସି ବୁଲେ । ଏହା ହେବା ସ୍ୱାଭାବିକ । ସାହିତ୍ୟରେ ଏହି ଜାତୀୟ-ଜୀବନ-ଚିତ୍ରଣ, ଜାତୀୟ ପ୍ରାକୃତିକ ଦୃଶ୍ୟ-ବର୍ଣ୍ଣନ କିମ୍ବା କବିତାରେ ଜାତୀୟତାର ଗାଥା ମନୁଷ୍ୟକୁ ଜାତୀୟମୋହନ ମନ୍ତ୍ରରେ ଯେପରି ସହଜରେ ପ୍ରଭାବିତ କରି ପାରେ, ଅନ୍ୟ ଦ୍ୱାରା ଏପରି ହେବା ସହଜସାଧ୍ୟ ନୁହେଁ । ଜାତୀୟ ବୀରଙ୍କ ବୀରତ୍ୱ ଓ ଜାତୀୟ କବିଙ୍କ ଜାତୀୟ ଗୀତି ଏକ ସ୍ଥାନରେ ଆସୀନ । ଯେତେବେଳେ ମଧୁବାବୁଙ୍କ ସେହି ସାମାନ୍ୟ କେତୋଟି ଜାତୀୟ ଗୀତ ପଢ଼େଁ, ମୋ ପ୍ରାଣରେ ମୁଁ ଏକ ନବ ଜାତୀୟତାର ବାଣୀ ଶୁଣେ । ମଧୁବାବୁଙ୍କ ଓଡ଼ିଆ ବକ୍ତୃତା ସେହିପରି ମୋ ପ୍ରାଣରେ ଏକ ନୂତନ ଓଡ଼ିଆ-ପ୍ରୀତି ଜାଗ୍ରତ କରେ । ତେଣୁ ଜାତୀୟତା ଅଭିବୃଦ୍ଧି ଏବଂ ସଂଗଠନ ସହିତ ଯେ ଜାତୀୟ ସାହିତ୍ୟର ସମ୍ବନ୍ଧ ଗଭୀର ଏହା ମୁଁ ସ୍ୱୀକାର କରିବାକୁ ବାଧ୍ୟ ।

ସାହିତ୍ୟ 'ବିଶ୍ୱ-ସାହିତ୍ୟ' ହେବ ବୋଲି ଯେ 'ଜାତୀୟ-ସାହିତ୍ୟ' ନ ହେବ ଏମନ୍ତ ନୁହେଁ । 'ଗୀତାଞ୍ଜଳି' ରବୀନ୍ଦ୍ରନାଥଙ୍କର ବିଶ୍ୱ-ସାହିତ୍ୟ । ଏହା କିନ୍ତୁ ବଙ୍ଗର ଜାତୀୟ ସାହିତ୍ୟ ନୁହେଁ । କାରଣ ଏଥିରେ ବଙ୍ଗୀୟ ଜାତୀୟତାର କୌଣସି ସ୍ୱତନ୍ତ୍ର ବାଣୀ ନାହିଁ । ପରନ୍ତୁ ଫିନ୍‌ଲ୍ୟାଣ୍ଡର ପ୍ରସିଦ୍ଧ ଉପନ୍ୟାସିକ ଏଫ୍. ଇ. ଶିଲାନପାଙ୍କ ସାହିତ୍ୟ ସମ୍ପୂର୍ଣ୍ଣ ଜାତୀୟ ସାହିତ୍ୟ । ତଥାପି ଏହା ବିଶ୍ୱ-ସାହିତ୍ୟର ଖ୍ୟାତି ଏବଂ ସମ୍ମାନ ଅର୍ଜନ କରିବାକୁ କ୍ଷମ ହୋଇ-ଅଛି ।

ଏଥିରେ ଫିନ୍‌ଲ୍ୟାଣ୍ଡର ନରନାରୀଙ୍କ ଜୀବନ-ଚିତ୍ର ; ସେମାନଙ୍କର ଦେଶର ପ୍ରାକୃତିକ ବର୍ଣ୍ଣନା ପ୍ରଦତ୍ତ । ଶିଲାନପାଙ୍କ କଥା-ସାହିତ୍ୟରେ ଫିନ୍‌ଲ୍ୟାଣ୍ଡ ଯେପରି ପ୍ରତିଫଳିତ, ସେହିପରି ସିନ୍‌କ୍ଲେୟାର ଲୁଇଙ୍କ କଥା-ସାହିତ୍ୟରେ ଆମେରିକା, ପର୍ଲବାକ୍‌ଙ୍କ କଥା-ସାହିତ୍ୟରେ ଚୀନ ଏବଂ କବି ଇଟସ୍‌ଙ୍କ ଗୀତି-ନାଟ୍ୟରେ ଆୟର୍ଲ୍ୟାଣ୍ଡ ପ୍ରତିଫଳିତ । ଅବଶ୍ୟ ସାହିତ୍ୟ ରାଜ୍ୟରେ ଭାବୁକଙ୍କ ଆଦର୍ଶ ଏବଂ ମନର ଗତି ଅନୁସାରେ ଜାତୀୟତା-ହୀନ ଅର୍ଥାତ୍ ଦାର୍ଶନିକ ବିଶ୍ୱ-ସାହିତ୍ୟ ସୃଷ୍ଟି ହୋଇଛି, ହେଉଛି ; ମାତ୍ର ଜାତୀୟ ଚିତ୍ର ଯେତେ କଥା, ଉପନ୍ୟାସ, ଭ୍ରମଣ-ବୃତ୍ତାନ୍ତ ଗାଥା ଗୀତି ଲିଖିତ ହେବା ଉଚିତ । ଏହା ଦ୍ୱାରା ଜାତୀୟତା ବୃଦ୍ଧି ପାଏ । ଏବଂ ଏହିରୂପ ସାହିତ୍ୟ ଗଠନରେ ପାଠକ-ପାଠିକାଙ୍କ ପ୍ରାଣରେ ଦେଶାତ୍ମବୋଧ ଗଭୀର ଭାବରେ ଅଙ୍କିତ ହୁଏ ।

କିନ୍ତୁ ଜାତୀୟତାମୂଳକ ସାହିତ୍ୟ ଲେଖିଲା ବେଳେ ଲେଖକ ବିଶେଷ ସାବଧାନ ହେବା ବାଞ୍ଛନୀୟ—ଯେପରି କି ତାହିରେ ଜାତି ଜାତି ମଧ୍ୟରେ କନ୍ଦଳ ସୃଷ୍ଟି କରିବାର ମସଲା ନ ଥାଏ, ହିନ୍ଦୁ-ମୁସଲମାନ କିମ୍ବା ବଙ୍ଗାଳି-ଓଡ଼ିଆ କଳହ ସୃଷ୍ଟି କରିବା ପାଇଁ ଖାଦ୍ୟ ଯୋଗାଇ ସାହିତ୍ୟ ନିଜେ କଳଙ୍କିତ ନ ହୁଏ ।

ଜାତୀୟତା-ସ୍ପନ୍ଦନ ବଢ଼ାଇବା ପାଇଁ କବିର ଗୋଟିଏ ଉତ୍ସାହ-ପୂର୍ଣ୍ଣ ଜାତୀୟ ଗୀତ ଯାହା କରିପାରେ ଦେଶର ସମସ୍ତ ରାଜନୀତିଜ୍ଞ ତାହା କରି ନ ପାରନ୍ତି । ତେଣୁ ଜାତୀୟ ଭାଷା, ସାହିତ୍ୟ-ମୂଳକ ସଂସ୍କୃତି ସଂଗଠନ ଦ୍ୱାରା ଜାତୀୟତାର ଏକ ମୂଳଦୁଆ ଯେ ଦୃଢ଼ୀଭୂତ ହୁଏ, ଏହା ଆଉ ଲେଖିବା ନିଷ୍ପ୍ରୟୋଜନ ।

ଓଡ଼ିଆ ସାହିତ୍ୟରେ ଏହିପରି ସାହିତ୍ୟ ବର୍ତ୍ତମାନ ବିଶେଷ ଦରକାର । ଆମ ଦେଶର ଇତିହାସ, ଭ୍ରମଣ-ବୃତ୍ତାନ୍ତ, ଓଡ଼ିଆ ଜୀବନର ଖାଣ୍ଟି ଚିତ୍ର ଯେତେ କଥା, ଉପନ୍ୟାସ ଏବଂ ଜାତୀୟ ଗୀତ ବିଶେଷ ଭାବରେ ଦରକାର । ଜାତୀୟ ସାହିତ୍ୟରେ ଜାତି ପ୍ରତିବିମ୍ବିତ ହେବା ବାଞ୍ଛନୀୟ ।

## ଜାତୀୟତା ଏବଂ ଅନ୍ୟାନ୍ୟ କଳା

ସାହିତ୍ୟ କଳା ଭଳି ବ୍ୟାପକ ଶବ୍ଦର ଗୋଟିଏ ଭାଗ ମାତ୍ର । ପ୍ରତ୍ୟେକ ଦେଶର ଜାତୀୟତାକୁ ଯେତେ ସ୍ୱତନ୍ତ୍ର ନୃତ୍ୟ-ମଣ୍ଡଳ, ସଂଗୀତ-ଧାରା ଏବଂ ସ୍ଥାପତ୍ୟର ଶୃଙ୍ଖଳା ବିଦ୍ୟମାନ । ଓଡ଼ିଆ ସଂଗୀତ, ନୃତ୍ୟ, ସ୍ଥାପତ୍ୟ ବା ରଙ୍ଗଚିତ୍ରରେ କି ପ୍ରାଚୀନ ପଦ୍ଧତି ଥିଲା, ତାହାର ପ୍ରୟୋଗ ଏ ଯୁଗକୁ ଯେତେ କେତେ ହେବା ଉଚିତ ଏହି ସବୁ ଦିଗରେ ଚିନ୍ତା ଫୁଟିବାର ସୂଚନା ମୋ ଆଖିରେ ଆଜି ଯାଏଁ ପଡ଼ି ନାହିଁ । ଜାର୍ମାନ୍ ଷ୍ଟାଇଲର ଘର, ଆମେରିକାନ ଷ୍ଟାଇଲର ହଲ, କିମ୍ବା ବମ୍ବେ ଷ୍ଟାଇଲର ଆସବାବ ପତ୍ରରେ ଯଦି ଓଡ଼ିଆ ନାଗରିକମାନଙ୍କର ସୁଖ ବଢ଼େ ସେଥିରେ ଲଜ୍ଜାବୋଧ କରିବାର ଢେର କାରଣ ଅଛି । ଜାତୀୟତା ବେଳେ ବେଳେ ଆମର କେଡ଼େ ଦୁର୍ବଳ ତାହାର ଏକ ନମୁନା ଏଠାରେ ମୁଁ ଦେଲେ କେହି ଦୁଃଖିତ ହେବା ଅନୁଚିତ । ଏହା ଅବଶ୍ୟ ଏକ ଅପ୍ରିୟ ସତ୍ୟ । ଅନେକ ସମୟରେ ଦେଖିଛି ବହୁ ଓଡ଼ିଆ ଭଦ୍ର ବ୍ୟକ୍ତି ହିନ୍ଦୁସ୍ଥାନୀଙ୍କ ସଙ୍ଗେ ବଙ୍ଗଳା କଥା ଆରମ୍ଭ କରିବାରେ ଲଜ୍ଜା ବୋଧ କରନ୍ତି ନାହିଁ । ମାତ୍ର କେହି ବଙ୍ଗାଳୀ କିମ୍ବା ହିନ୍ଦୁସ୍ଥାନୀ ତାଙ୍କ ସ୍ୱ ସ୍ୱ ମାତୃଭାଷା ଛଡ଼ି ଓଡ଼ିଆ କହନ୍ତି ନାହିଁ । ଯଦି ଆମ୍ଭେମାନେ ହିନ୍ଦୀ, ବଙ୍ଗଳା ବୁଝି ପାରିଲୁଁ ସେ ଓଡ଼ିଆ ନିଶ୍ଚୟ ବୁଝି ପାରିବେ । କାରଣ ହିନ୍ଦୀ, ଓଡ଼ିଆ, ବଙ୍ଗଳା ମଧ୍ୟରେ ଯଥେଷ୍ଟ ସାମ୍ୟ ଅଛି । ଏହା ମୂଳ ସଂସ୍କୃତରୁ ଆଗତ । ଏହା କାହିଁକି ହୁଏ ? ତାହାର କାରଣ ଆମ୍ଭମାନଙ୍କ ଦୁର୍ବଳତା ଅଛି । ଏହି ଦୁର୍ବଳତା ପାଇଁ ଆମ "ସମନ୍ୱୟ ଭାବ—ପ୍ରବଣତା" ( The emotion of extreme spirit of toleration ) କିଛି ଦାୟୀ । କିନ୍ତୁ ଏହାର ଫଳରେ ଅନେକ ସମୟରେ ଆମ ନିଜକୁ ଆମେ ହରାଇ ବସୁଁ । ଅନ୍ୟମାନେ ହସନ୍ତି । ଅନେକ ଶିକ୍ଷିତ ବ୍ୟକ୍ତି



Digitized by srujanika@gmail.com

ଆମ୍ଭମାନଙ୍କର ଜାତୀୟ ପୋଷାକ ଛାଡ଼ି ସାହେବୀ ପୋଷାକ ପିନ୍ଧିବାକୁ ଗୌରବର କଥା ବୋଲି ଭାବନ୍ତି; ଆମ ମାତୃଭାଷାରେ କଥା କହିବା ଅପେକ୍ଷା ଇଂରେଜୀ ଦିପଦ କହିବାକୁ ବେଶି ପସନ୍ଦ କରନ୍ତି, ଗାଳି ଦେଲା ବେଳେ ହିନ୍ଦୀ ଭାଷା ବ୍ୟବହାର କରନ୍ତି । ଆମ୍ଭେମାନେ ଆମ୍ଭମାନଙ୍କ ଘରେ, ବାହାରେ, କେତେ ଅନ୍ୟ ଜାତିଙ୍କୁ ଅନୁକରଣ କିମ୍ବା ହନୁକରଣ ( Emulation & Imitation ) କରି ପାରନ୍ତି, ତାହା ପ୍ରତ୍ୟେକ ଶିକ୍ଷିତ ନାଗରିକ ସେମାନଙ୍କ ସ୍ୱ ସ୍ୱ ଗୃହ ଏବଂ ବେଷ୍ଟନୀକୁ ଦୃଷ୍ଟି ଦେଲେ ସହଜରେ ଜାଣି ପାରିବେ । ମୋର ଏ ବିଷୟରେ ବକ୍ତବ୍ୟ ଏହି କି ଆମ ଜାତୀୟତା ଲୋପ କରି ଏମିତି କେତେଦିନ ଆମ୍ଭେମାନେ 'ଆତ୍ମ-ହତ୍ୟା' କରୁଥିବା ?

ଭୁବନେଶ୍ୱର କିମ୍ବା ଖିଚିଙ୍ଗର ପ୍ରାଚୀନ 'ଅଲଙ୍କାର' ନମୁନାରେ ଯଦି କେହି ଓଡ଼ିଆ ନାଗରିକ, ତାହାଙ୍କ ପ୍ରିୟତମାଙ୍କ ଲାଗି 'ସ୍ୱର୍ଣ୍ଣ ଅଲଙ୍କାର' ତିଆରି କରି ଏକ 'ନୂଆ ଶାସନ' ସୃଷ୍ଟି କରନ୍ତେ; ଏଥିରେ ଓଡ଼ିଆ ଯେତିକି ଆନନ୍ଦ ଲାଭ କରନ୍ତା, ସେତିକି ଗର୍ବ ଅନୁଭବ କରନ୍ତା । ମାତ୍ର ଅନେକ ଶିକ୍ଷିତ ବ୍ୟକ୍ତି ଶସ୍ତା ହନୁକରଣ-ପ୍ରିୟ । ଆମ ଆସନ, ଠା ଭଙ୍ଗା ପରିବର୍ତ୍ତେରେ କେତେକ କଳା-ହୀନ ଟେବୁଲ, ଚୌକି ଏବଂ ସୁନ୍ଦର କଣ୍ଟିଲୋ କଂସା ବାସନ, ଥାଳିଆ, ଗିନା ପରିବର୍ତ୍ତେରେ ଚୀନାମାଟି ବାସନକୁ ପସନ୍ଦ କରୁଛନ୍ତି । ଘୋଡ଼ାଣିଦିଆ ଗିଲାସ ପରିବର୍ତ୍ତେରେ ଦୁଇ ଅଣିଆ ଜାପାନୀ କାଚ ଗିଲାସ ଅନେକଙ୍କ ପାନୀୟ-ଆଧାର ହେଉଅଛି । 'ଗୁଲନଗର', 'ମାଣିଆବନ୍ଦୀ' ଯୋଡ଼ ଆଜି ଆଉ କାହିଁ ? ଆମ ଦେଶର ପାଟ, ଟସର ଛାଡ଼ି ଶିକ୍ଷିତ ଯୁବକ ଜାପାନୀ ଇମିଟେସନ ସିଲ୍କରେ ଦେହ ଆଚ୍ଛାଦିତ କରିବାରେ ଅଭ୍ୟସ୍ତ ହୋଇଅଛି । ସବୁଠି ଶସ୍ତା ହନୁକରଣ ଏବଂ କଳା-ପ୍ରୀତିର ଅପମୃତ୍ୟୁ ଘଟିଅଛି । ଏଥିରେ ଆମ ଜାତୀୟତା ଏବଂ ସଂସ୍କୃତି କିପରି ସଂଗଠିତ ହେବ । ଏଠାରେ ଓଡ଼ିଆ ବହି, ପତ୍ର-ପତ୍ରିକାଆଦି କେହି କିଣୁଛନ୍ତି କି ନା ତାହା ପଚାରିବ ବା କାହିଁକି ?

ଆମ ଦେଶର "ଗଜଦନ୍ତ ପଲଙ୍କ" ଯାଇ ବର୍ତ୍ତମାନ ବମ୍ବେର ପେଟାଣ୍ଡିର ଅଳ୍ପ ଉଚ୍ଚା ଖଟ ଗୃହିଣୀମାନଙ୍କର ଶୟନାଗାର ସଜ୍ଜିତ କରୁଅଛି । ବାତ୍ସାୟନଙ୍କ 'କାମସୂତ୍ର'ରେ ନାଗର ଏବଂ ନାଗରୀମାନଙ୍କ ପାଇଁ ଯେଉଁ ଚଉଷଠି କଳାର ବର୍ଣ୍ଣନା ଥିଲା ଏବଂ ତାହାର ଯେଉଁ ବିକାଶ ଆମ ଓଡ଼ିଆ ସାମାଜିକ ଜୀବନରେ ହୋଇଥିଲା ତାହା କେତେଦୂର ଆମ ଜାତୀୟ ଜୀବନରେ ଅକ୍ଷୁଣ୍ଣ ଅଛି, କେତେଦୂର ବିକାଶ ପାଇଚି, କେତେଦୂର ପରିବର୍ତ୍ତନ ହେବା ବାଞ୍ଛନୀୟ ଏ ଦିଗରେ କଳା-ପ୍ରିୟ ନରନାରୀବୃନ୍ଦ ଅନୁଧ୍ୟାନ କରିବା ଉଚିତ । ଆମ ଚାରୁ-କାରୁ ଖଚିତ ସୁନ୍ଦର ସୁନ୍ଦର ଦ୍ରବ୍ୟ ସାମଗ୍ରୀ କ୍ରମେ ଲୁପ୍ତ, ପରିବାରରେ ଆଉ ବ୍ୟବହାରରେ ଲାଗୁ ନାହିଁ । ତହିଁ ପରିବର୍ତ୍ତେରେ ଅତି ଶସ୍ତା ଇଉରୋପୀୟ ପଦାର୍ଥ ଆମ ସୁରୁଚି, କଳା-ପ୍ରୀତି ଏବଂ ସୌନ୍ଦର୍ଯ୍ୟ ଜ୍ଞାନକୁ ଚିର ଅପମାନ ଦେଉଅଛି । ସଙ୍ଗୀତରେ 'ତାନପୁରା' 'ବୀଣା' ଯାଇ "ହାରମୋନିୟମ" ସଙ୍ଗୀତର ବ୍ୟାଧି ରୂପେ ଆସନ ଜମାଇ ବସିଅଛି ।

## ଜାତୀୟ ପର୍ବ

ଏହି ସବୁ ବିଷୟରେ ବହୁ କଥା ଲେଖିବାର ଏବଂ ଚିନ୍ତା କରିବାର ଅଛି । ତେଣୁ ଜାତୀୟତା ଅଭିବୃଦ୍ଧି ନିମିତ୍ତ ଖାଣ୍ଟି ଓଡ଼ିଆ ଜାତୀୟ ପର୍ବ ଗୁଡ଼ିକର ସଂସ୍କାର ଏବଂ ସୁପାଳନ ପ୍ରୟୋଜନ । ଯେଉଁଠି ବିସ୍କୁଟ୍, ପାଉଁରୁଟି ନାଗରିକ ଖାନା ହେବ, ସେଠାରେ ଗୃହିଣୀ, ଆଉ 'ରସାବଳୀ' 'ସରୁଚକୁଳି' 'ଛୁଞ୍ଚିପତର' କିମ୍ବା 'କାକରା' କାହିଁକି ଗଢ଼ିବେ ? ଯେଉଁଠି ଯୁବକ 'ବ୍ୟାଡ଼ମିଣ୍ଟନ', "ଫୁଟବଲ" ଖେଳରେ ମତ୍ତ ସେଠାରେ "ଡୁଡୁ", 'ବହୁଗ୍ରେସି', ଏବଂ ଦାଣ୍ଡିଆ ପ୍ରଭୃତି ବୀରୋଚିତ ଖେଳ ବଞ୍ଚି ରହିବ କିପରି ? ଜାତୀୟ ପର୍ବ ଗୁଡ଼ିକ ଯଦି ଶିକ୍ଷିତ ନାଗରିକମାନେ ସଠିକ୍ ଭାବରେ ପାଳନ କରି ପାରିବେ, ତେବେ ଏହା ସାହାଯ୍ୟରେ ଜାତୀୟ ସାହିତ୍ୟ, ସଙ୍ଗୀତ, କଳାର ପ୍ରଚାର ଓ ପ୍ରସାର ସଙ୍ଗେ ସଙ୍ଗେ ଜାତୀୟତା ମଧ୍ୟ ସୁଦୃଢ଼ୀଭୂତ ହେବ । ପୁଣି ଗ୍ରାମମାନଙ୍କରେ ଜାତୀୟ ଜୀବନର ବିକାଶ ଏବଂ ଜାତୀୟ ସଂସ୍କୃତିର ପ୍ରଚାର ଓ ପ୍ରସାର ସହଜରେ ସମ୍ଭବପର ହେବ ।

## ଚିନ୍ତା ଜାଗ୍ରତ ରହୁ

ଜାତୀୟତା ସହିତ ସଂସ୍କୃତି ନିବିଡ଼ ଭାବରେ ଜଡ଼ିତ । ଜାତୀୟ-ସଂସ୍କୃତିକୁ ବାଦ୍ ଦେଲେ ଜାତୀୟତା-ଗଠନରେ ସୁଦୃଢ଼ତା ଅସମ୍ଭବ । ଆମ ଶିକ୍ଷା, ସାହିତ୍ୟ, କଳା, ଆଚାର, ବ୍ୟବହାର, ଖେଳ-କୌତୁକ, ପର୍ବ-ପର୍ବାଣୀରେ ପ୍ରକୃତରେ ଜାତୀୟତା ଲୁଣ-ପାଣିରେ ମିଳି ରହିଲା ଭଳି ଜଡ଼ିଯିବା ଉଚିତ । ସଂସ୍କୃତି ଏହି ସାମାଜିକ ବିକାଶକୁ ଘେନି । ଜାତୀୟତାର ସ୍ୱାତନ୍ତ୍ର୍ୟ ସଂସ୍କୃତିର ବୈଶିଷ୍ଟ୍ୟତାକୁ ଘେନି । ଏଥିପାଇଁ ସାମାଜିକ ଶିକ୍ଷିତ ଓଡ଼ିଆ ନରନାରୀମାନଙ୍କର ଚିନ୍ତା ଜାଗ୍ରତ ରହୁ, ଏହା ମୋର ଏକାନ୍ତ ଇଚ୍ଛା ।

## ବିଶ୍ୱ-ସଂସ୍କୃତି ମୂଳକ ସଂଘ—

ଏହା ସଙ୍ଗେ ସଙ୍ଗେ ମୋର ଆଉ ପଦେ ଲେଖିବାର ଅଛି । ଏକ ବିଶ୍ୱ-ସଂସ୍କୃତିମୂଳକ ସଂଘ ଗଠନ ସମ୍ଭବପର । ରାଜନୀତିକ ରାଷ୍ଟ୍ର-ସଂଘ ପୃଥିବୀ-ବ୍ୟାପୀ ହୋଇ ପାରି ନାହିଁ । ଏହାର ଅନ୍ତରାୟ କେତେକ ସ୍ୱାର୍ଥ ନିୟନ୍ତ୍ରିତ ଅର୍ଥନୀତିକ ନିୟମ । ମାତ୍ର ସଂସ୍କୃତି ଜଗତରେ ସେପରି ସଂଘର୍ଷ ବା ସ୍ୱାର୍ଥ ନାହିଁ । ତେଣୁ ପ୍ରତ୍ୟେକ ଜାତି ସେମାନଙ୍କ ସ୍ୱଭାଷା, ସାହିତ୍ୟ, କଳା ଏବଂ ସଂସ୍କୃତି ଅଭିବୃଦ୍ଧି ସଙ୍ଗେ ସଙ୍ଗେ ପୃଥିବୀର ଅନ୍ୟ ଜାତୀୟ ସଂସ୍କୃତି ସହିତ ସହଯୋଗ କରି ପାରନ୍ତି । ଅନ୍ୟ ଜାତୀୟ ସଂସ୍କୃତି ସହିତ କାନ୍ଧକୁ କାନ୍ଧ ମିଳାଇ 'ଭାଇ' ବୋଲି ସମ୍ବୋଧନ କରି ପାରନ୍ତି । ମୋର ଚିତ୍ତ ଏହି 'ବିଶ୍ୱବ୍ୟାପୀ ସଂସ୍କୃତି ମୂଳକ ସଂଘ'ର ସ୍ୱପ୍ନ ଦେଖୁଅଛି । ଜାତୀୟ



Digitized by srujanika@gmail.com

ସଂସ୍କୃତି ଜାତି ପ୍ରାଣରେ କେବଳ ଜାତୀୟତା ବୃକ୍ଷ ରୋପଣ କରିବ ନାହିଁ, ପ୍ରକୃତ ସଂସ୍କୃତି-ରଶ୍ମିରେ ଏହା ପ୍ରେମ, ମୈତ୍ରୀ, ନ୍ୟାୟ ଏବଂ ସତ୍ୟ ପୁଷ୍ପରେ ଜାତୀୟ-ବୃକ୍ଷକୁ ମଣ୍ଡନ କରାଇବ। ସଂସ୍କୃତି ମାନବକୁ ନିମ୍ନ ସୋପାନରୁ ଊର୍ଦ୍ଧ୍ୱକୁ ନେବ। ଆମ୍ଭେମାନେ ସଂସ୍କୃତିର ଏହି ଉଚ୍ଚତର ବାଣୀ ଭୁଲି ଯାଇ ପାରିବୁ ନାହିଁ। ସମସ୍ତ ଜାତୀୟ ସଂସ୍କୃତି ସଂଗଠନ ବେଳେ ଆମ୍ଭେମାନେ 'ବିଶ୍ୱ-ମାନବ' ଆଦର୍ଶକୁ ପାଶୋରି ଦେଇ ପାରିବୁ ନାହିଁ, କାରଣ ଆମ୍ଭେମାନେ ଯେ ଏକ ବିରାଟ ମାନବ ପରିବାରର ଅନ୍ତର୍ଭୁକ୍ତ। ଏହାହିଁ ପ୍ରକୃତ ସଂସ୍କୃତି ଏବଂ ଜାତୀୟତା ଗଠନର ମୂଳନୀତିରୂପେ ଉଚ୍ଚାରିତ ହେବାର ଯୁଗ-ବାଣୀ।

## ସଙ୍ଗୀତ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

( କୀର୍ତ୍ତନ ଭଙ୍ଗୀ )

ଏଇ ଦଦରି ତରୀ
ଏକେଲା ମୁଁ ହି    ଯାଉଛି ବାହି
ଏଇ ଦଦରି ତରୀ।
କୂଳ କିନାରି    ନାହିଁ ଯେ ଦେଖା
ଉଠିଛି ଝଡ଼ ଥରି ॥
ହେ ବନ୍ଧୁ, ହେ ପ୍ରିୟ—
( ତୁମ ) ପରଶ ଟିକେ ଦିଅ;
ସେତିକି ଏକା    ସାର କରି ଗୋ,
ବୁକୁରେ ଥିବି ଧରି।
( ଜନମ ଜନମ ଭରି )
( ଜୀବନେ—ମରଣେ
( ଜୀବନ ସଙ୍ଗୀନ କରି )
ଘନେଇ ଆସେ ଅନ୍ଧକାର
ଦେଉଛି ପିଟି ବାଆ,
ଢେଉକୁ ଢେଉ ହାବୁକା ମାରେ
ଟଳମଟଳ (ମୋ) ନାଆ;
ଏଇତ ବେଳ ପରାଣ ସାଥି,
ଏଇ ଉତଲା ତୋଫାନ ରାତି,
ଏଇ ଲଗନେ    ମିଳନ ସ୍ୱରେ
ଗଗନ ଉଠେ ଭରି,
(ତୋର ମୋର ଆଜି ମଧୁ ମିଳନ)
( ଅହେ ଉନ୍ମାଦିଆ ପରାଣ ବନ୍ଧୁ )
(ତୋର) ଏଇ ବାଉଳା    ରୂପ ସାଗରେ
ଯାଉ ମୋ ସବୁ ସରି।

## ବିଧାତା

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ

କେ କହେ ଦେବତା,    କେ ବୋଲେ ବିଧାତା,
ଅଦୃଷ୍ଟ ବଖାଣେ କିଏ।
ମୁଁ ଜାଣିଛି ଖାଲି    କପଟ ଖିଆଲୀ
ଚିର-କଉତୁକୀ ସିଏ ॥

ଥାଏ ସେହୁ ଧରା-ଛୁଆଁର ବାହାରେ,
ସାହା ହୁଏ କାହାରେ, ବାମ ବା କାହାରେ,
ତୋଷଇ ଆହାରେ—କେବେ ବା ପାହାରେ
ଚକଟେ ବସାଇ ଦିଏ ॥

ଅଦଭୁତ ତାର କଉତୁକ,—ଦେଖି ହସୁ ହସୁ ମାଡ଼େ କାନ୍ଦ,
ଯତନେ ବଢ଼ାଇ ବ୍ରହ୍ମ ଚାସେ ଛାଡ଼େ ନିଖୁଣ ପୂନେଇଁ ଚାନ୍ଦ,
ମନ ହେଲେ ତାର ମିଳାଇ ଦିଏ ସେ
ପରଶ ରତନ ଆଖିର ନିମେଷେ
ପ୍ରସାଦ-ଭିଖାରୀ ରଙ୍କ ହୁଅଇ ସେ
ପ୍ରସାଦ ଗୋଟାଇ ନିଏ ॥
ତାର ଅନୁଗ୍ରହ ଟିକେ ଅଣେ ନଇଁରଣେ
ବିତଇ ଜନମଟିଏ ।

# ଦେଶୀୟ ରାଜ୍ୟ ସମାଚାର

## ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ

### ଯୁଦ୍ଧରେ ବ୍ରିଟେନକୁ ସାହାଯ୍ୟ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସମୂହର ରାଜାମାନଙ୍କର ଦ୍ୱିତୀୟ ଅଧିବେଶନ ଜୁଲାଇ ୨ ତାରିଖରେ କଲିକତାସ୍ଥ ତ୍ରିପୁରା ଭବନରେ ଅନୁଷ୍ଠିତ ହୋଇଥିଲା। ତ୍ରିପୁରା ମହାରାଜା ସଭାପତିର ଆସନ ଅଲଂକୃତ କରିଥିଲେ। ବିଭିନ୍ନ ରାଜ୍ୟର ୧୪ ଜଣ ଶାସକ ଓ ୨୫ ଜଣ ଦେବାନ ଏଥିରେ ଯୋଗ ଦେଇଥିଲେ।

ସଭାର କାର୍ଯ୍ୟନିର୍ଘଣ୍ଟ ମଧ୍ୟରେ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ-ମାନଙ୍କ ପାଇଁ ମିଳିତ ହାଇକୋର୍ଟ ସ୍ଥାପନ ଓ ମିଳିତ ପୋଲିସ ଫୋର୍ସର ପ୍ରତିଷ୍ଠା ପ୍ରଭୃତି ନାନା ପ୍ରୟୋଜନୀୟ ବିଷୟ ନିବଦ୍ଧ ଥିଲା। ଯୁଦ୍ଧ ବିଷୟ ଓ ଏହି ରାଜ୍ୟଗୁଡ଼ିକ କିପରି ତହିଁରେ ମିତ୍ରଶକ୍ତିର ଜୟଲାଭ ପାଇଁ ସାହାଯ୍ୟ କରିପାରିବେ ଏହାହିଁ ଅଧିବେଶନର ପ୍ରଧାନ ଆଲୋଚ୍ୟ ବିଷୟ ଥିଲା।

ତ୍ରିପୁରାର ମହାରାଜା ମହୋଦୟ ନିମ୍ନଲିଖିତ ପ୍ରସ୍ତାବ ଆଗତ କରିଥିଲେ। ମୟୂରଭଞ୍ଜ, କଳାହାଣ୍ଡି, ପାଟଣା, ସରାଇକଳା ଓ କୋରିଆର ରାଜା ମହାରାଜାମାନେ ଏବଂ ଗାଙ୍ଗପୁରର ରିଜେଣ୍ଟ ରାଣୀ ତାହା ଅନୁମୋଦନ କରିଥିଲେ। ପରିଶେଷରେ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

"ଆନ୍ତର୍ଜାତିକ ପରିସ୍ଥିତିର ବର୍ତ୍ତମାନ ଯେଉଁ ଦ୍ରୁତ ପରିବର୍ତ୍ତନ ଚାଲିଛି ଓ ପୃଥିବୀର ଅଧିକାଂଶ ସ୍ଥାନରେ ଯେଉଁ ଏକଛତ୍ର ଶାସନର ଆଶଙ୍କା ଦେଖା ଯାଉଛି ତାହାକୁ ଦାରୁଣ ଉଦ୍‌ବେଗର ସହିତ ଲକ୍ଷ୍ୟକରି ଏହି ବୈଠକ ପରିଶେଷରେ ସତ୍ୟ ଓ ନ୍ୟାୟର ଜୟ ସୁନିଶ୍ଚିତ ବୋଲି ଦୃଢ଼ ବିଶ୍ୱାସ ପ୍ରକାଶ କରନ୍ତି ଏବଂ ଏତଦ୍ଦ୍ୱାରା ଲିପିବଦ୍ଧ କରନ୍ତି ଯେ ଯେହେତୁ ଭାରତର ଭାଗ୍ୟ ଗ୍ରେଟ୍ ବ୍ରିଟେନର ଭାଗ୍ୟ ସହିତ ଘନିଷ୍ଠ ଭାବରେ ଜଡ଼ିତ, ତେଣୁ ବ୍ରିଟିଶ ସାମ୍ରାଜ୍ୟର ବର୍ତ୍ତମାନ ଏହି ସଙ୍କଟରେ ଦେଶରେ ଲୋକ ଶକ୍ତିର ପୁନର୍ଗଠନ କରି ଏବଂ ଯୁଦ୍ଧରେ ଜୟଲାଭ ନିମିତ୍ତ ଆବଶ୍ୟକୀୟ ଅର୍ଥ ଯୋଗାଇ ବ୍ରିଟିଶ ସାମ୍ରାଜ୍ୟକୁ ସର୍ବତୋଭାବରେ ସାହାଯ୍ୟ ଦେବା ପ୍ରତ୍ୟେକଙ୍କର ଧର୍ମ।"

ପ୍ରସ୍ତାବର ଶେଷ ଭାଗରେ ପ୍ରତି ରାଜ୍ୟରେ ରାଜ୍ୟ-ରକ୍ଷା କମିଟି (Defence Committee) ଓ ଏତାଦୃଶ ଅନୁଷ୍ଠାନମାନ ଗଠନ କରିବା ବିଷୟ ଉଲ୍ଲେଖ ଥିଲା ଓ ତହିଁରେ ହାତହତିଆର ଯୋଗାଇବା ଓ ଯୁଦ୍ଧ ଶିକ୍ଷାର ବ୍ୟବସ୍ଥା କରିବା ବିଷୟରେ ସମସ୍ତ ସୁବିଧା ଦେଇ ସେମାନଙ୍କୁ ନିଜ ନିଜର ପ୍ରଜାମାନଙ୍କର ନିରାପଦତା ବଜାୟ ରଖିବାରେ ସାହାଯ୍ୟ କରିବା ପାଇଁ ମହାମାନ୍ୟ ରାଜ-ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ।

ଯୁଦ୍ଧ-ଋଣ ସମ୍ବନ୍ଧରେ ଆଉ ଏକ ପ୍ରସ୍ତାବ ତ୍ରିପୁରାର ମହାରାଜା ମହୋଦୟ ଉପସ୍ଥାପିତ କରିଥିଲେ ଏବଂ ତାହା ସରାଇକଳା, ବାମଣ୍ଡା, ଦଶପଲ୍ଲା, ଢେଙ୍କାନାଳ, ଖଣ୍ଡପଡ଼ା ଓ ନୀଳଗିରିର ରାଜାମାନେ ଅନୁମୋଦନ କରିଥିଲେ ଏବଂ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ରାଜମନ୍ତ୍ରୀମାନଙ୍କର ସ୍ଥାୟୀ କମିଟି (Standing Committee କୁ ନେଇ ଗୋଟିଏ ମିଳିତ କମିଟି (Joint Committee) ଗଠନ କରିବା ବିଷୟରେ ସରାଇକଳାର ରାଜାସାହେବ ତୃତୀୟ ପ୍ରସ୍ତାବ ଆଗତ କରିଥିଲେ ଏବଂ ପାଟଣା ଓ କଳାହାଣ୍ଡିର ମହାରାଜାମାନେ ତାହା ଅନୁମୋଦନ କରିଥିଲେ। ଏହି କମିଟି ଯୁଦ୍ଧର ସୁପରିଚାଳନା ଓ ଜୟଲାଭ ପାଇଁ ଉପଯୁକ୍ତ ସାହାଯ୍ୟ ଯୋଗାଇବା ବିଷୟରେ ଉପାୟ ଉଦ୍ଭାବନ କରିବେ।

## ଦେବାସ (ସାନ)

### ରାଜ୍ୟର କର୍ମଚାରୀମାନଙ୍କ ପାଇଁ ଡ୍ରେସ୍

ଦେବାସ (ସାନ)ର ମହାରାଜା ମହୋଦୟ ନିଜେ ସ୍ଥାନୀୟ ବୁଣା ଲୁଗାପଟା ବ୍ୟବହାର କରନ୍ତି। ଅଳ୍ପଦିନ ହେଲା ସେ ରାଜ୍ୟର ସମସ୍ତ କର୍ମଚାରୀଙ୍କୁ ମଫସଲ ଗସ୍ତରେ ଯିବା ସମୟରେ ସ୍ଥାନୀୟ ବୁଣା ଖଦୀ ବ୍ୟବହାର କରିବେ ବୋଲି ଆଦେଶ ଦେଇଅଛନ୍ତି।

## ଇନ୍ଦୋର

### ଗରିବମାନଙ୍କ ପାଇଁ ଗୃହର ବ୍ୟବସ୍ଥା

ଗରିବମାନଙ୍କର ଗୃହ ନିର୍ମାଣ ପାଇଁ ଇନ୍ଦୋରର ମହାରାଜା ମହୋଦୟ ଏକଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ସେଥିମଧ୍ୟରୁ ଟ ୬୦,୦୦୦ଙ୍କା ବ୍ୟୟରେ ମେହେନ୍ତରମାନଙ୍କ ପାଇଁ ଯେଉଁ ଉପନିବେଶ ନିର୍ମାଣ ହେଉଅଛି ଗତ ମାର୍ଚ୍ଚ ମାସ ୧ ତାରିଖରେ ରାଜସ୍ୱ ମନ୍ତ୍ରୀ ରାୟ ବାହାଦୁର ଏସ୍. ଡି. କାନୁନ୍‌ଗୋ ତାହାର ମୂଳଭିତ୍ତି ସ୍ଥାପନ କରିଥିଲେ। ଏହି ଉପଲକ୍ଷରେ ଅନୁଷ୍ଠିତ ଏକ ସଭାରେ ଭାରତ ହରିଜନ ସେବକ ସଙ୍ଘର ଉପ-ସଭାପତି ଶ୍ରୀମତୀ ରାମେଶ୍ୱରୀ ନେହେରୁ ଉପସ୍ଥିତ ଥିଲେ।

## ମହୀଶୂର

### ଗ୍ରାମୋନ୍ନତି

ମହୀଶୂର ସରକାର ଗ୍ରାମମାନଙ୍କର ଉନ୍ନତି ନିମନ୍ତେ ବର୍ଷକୁ ବର୍ଷ ବେଶି ବେଶି ଟଙ୍କା ମଞ୍ଜୁର କରିବାର ସ୍ଥିର କରିଅଛନ୍ତି।



Digitized by srujanika@gmail.com

ଗତ ଜୁନ ୧୫ ତାରିଖରେ ମହୀଶୂର ପ୍ରତିନିଧି ସଭାରେ ମହୀଶୂରର ଦେୱାନ ସାର୍ ମିର୍ଜା ଇସ୍ମାଇଲ ତାଙ୍କର ପ୍ରାରମ୍ଭ ଭାଷଣରେ କହିଥିଲେ ଯେ ସରକାର ପାନୀୟ ଜଳ, ସ୍ୱାସ୍ଥ୍ୟ, ପଞ୍ଚାୟତ ଗୃହ ଓ ଗ୍ରାମ୍ୟ ରାସ୍ତା ଇତ୍ୟାଦି ପାଇଁ ବିଶେଷ ଦୃଷ୍ଟି ଦେଇଅଛନ୍ତି ।

ସେ ଆହୁରି ମଧ୍ୟ କହିଥିଲେ ଯେ ଏ ସମସ୍ତ ଦିଗରେ ସେ ତୁରନ୍ତ ଓ ଉତ୍ତମ ଫଳ ଲାଭର ଆଶା କରନ୍ତି । ଯେ ପର୍ଯ୍ୟନ୍ତ ସମସ୍ତ ଗ୍ରାମରେ ନଗର କିମ୍ବା ସହରର ସମସ୍ତ ସୁବିଧା ଯୋଗାଇବାର ବନ୍ଦୋବସ୍ତ କରାଯାଇ ନ ପାରିଛି ସେ ପର୍ଯ୍ୟନ୍ତ ଲୋକ ପ୍ରତିନିଧି ଓ କର୍ମଚାରୀମାନଙ୍କର ସନ୍ତୁଷ୍ଟ ହେବା ଉଚିତ ନୁହେଁ । ଶେଷରେ ଦେୱାନ ମହୋଦୟ କହିଥିଲେ ଯେ ସେମାନେ ଏପର୍ଯ୍ୟନ୍ତ ଗ୍ରାମୋନ୍ନତି ସମସ୍ୟାର ପାଖ ସୁଦ୍ଧା ସ୍ପର୍ଶ କରି ନାହାନ୍ତି ଏବଂ ଏହାର ବାସ୍ତବ ଉନ୍ନତି କେବଳ ଅଟଳ ଉଦ୍ୟମ ଏବଂ ଗ୍ରାମବାସୀ ଓ କର୍ମଚାରୀମାନଙ୍କର ପୂର୍ଣ୍ଣ ସହଯୋଗ ଉପରେହିଁ ନିର୍ଭର କରେ ।

### କୃଷି ଉପନିବେଶ

ଉପଯୁକ୍ତ ଶିକ୍ଷାପ୍ରାପ୍ତ ଶିକ୍ଷିତ ଯୁବକମାନଙ୍କୁ କୃଷି କାର୍ଯ୍ୟରେ ନିଜ ନିଜକୁ ବ୍ୟାପୃତ ରଖିବା ପାଇଁ ସୁବିଧା ଯୋଗାଇବା ସକାଶେ ମହୀଶୂର ସରକାର ଇରୱିନ୍ କେନାଲ ଅଞ୍ଚଳରେ ଏକ ଉପନିବେଶ ସ୍ଥାପନ କରିବାର ବ୍ୟବସ୍ଥା କରି ଅଛନ୍ତି । ସରକାର ପ୍ରତ୍ୟେକ ଔପନିବେଶିକଙ୍କୁ ୧୫ ଏକର ଲେଖାଏଁ ଜମି ୭ ବର୍ଷ ପାଇଁ ପଟ୍ଟା ଦେବେ; ଗୃହ ନିର୍ମାଣ, ଗୃହ-ପାଳିତ ପଶୁ-ମାନଙ୍କର ରହିବା ଲାଗି ଗୃହର ବ୍ୟବସ୍ଥା ଓ ବଳଦ ଏବଂ କୃଷି-ସରଞ୍ଜାମ ପାଇଁ ମୂଳ ଧନ ସ୍ୱରୂପ ଟ୧୫୦୦୯ଙ୍କା ଲେଖାଏଁ ଦାଦନ ଦେବେ ଓ ଚଳନ୍ତି ଖରଚ ଚଳାଇବା ପାଇଁ ଟ୫୦୦୯ଙ୍କା ଲେଖାଏଁ ଦେବେ । କୃଷି-ବିଭାଗୀୟ ଡିରେକ୍ଟରଙ୍କୁ ରାଜସ୍ୱ ସଚିବଙ୍କ ସହିତ ପରାମର୍ଶ କରି ଏକଜ ଲଗା ଲଗି ଉପଯୁକ୍ତ ଜମି ନିର୍ବାଚନ, ଏହି ବ୍ୟବସ୍ଥା ସମ୍ବନ୍ଧରେ ବହୁଳ ପ୍ରଚାର, ଉପଯୁକ୍ତ ଶିକ୍ଷିତ ବ୍ୟକ୍ତିମାନଙ୍କ ଠାରୁ ଆବେଦନ ଗ୍ରହଣ ଓ ତୁରନ୍ତ ଉପନିବେଶ ସ୍ଥାପନର ବ୍ୟବସ୍ଥା କରିବା ସକାଶେ ଅନୁରୋଧ କରା ଯାଇଅଛି ।

ଯେଉଁମାନେ S. S. L. C. ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ଅଛନ୍ତି ବା ଯେଉଁମାନେ କୃଷି ବିଦ୍ୟାରେ ବି. ଏ. ପାଶ୍ କରି ଅଛନ୍ତି ବା କୃଷି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ସେମାନଙ୍କୁ ଔପନିବେଶିକ ଭାବରେ ନିଆଯିବ ଓ ଏଥିପାଇଁ ନିଯୁକ୍ତ କମିଟି ସେମାନଙ୍କୁ ମନୋନୀତ କରିବେ । ପ୍ରଥମେ ୧୦ ଜଣ ଔପନିବେଶିକ ନେଇ ଆରମ୍ଭ କରାଯିବ ।

## କୋରିଆ

### ସଂସ୍କାର

ଜାତୀୟ ପ୍ରାର୍ଥନା ଦିବସ ଉପଲକ୍ଷେ କୋରିଆରେ ଏକ ସ୍ୱତନ୍ତ୍ର ଦରବାର ହୋଇଥିଲା । ସେଥିରେ କେତେକ ଶାସନଗତ ଓ ଅନ୍ୟାନ୍ୟ ସଂସ୍କାରର ଘୋଷଣା କରା ଯାଇଥିଲା ।

ଦରବାରରେ ଉପସ୍ଥିତ ହୋଇଥିବା ଜନତାଙ୍କୁ ସମ୍ବୋଧନ କରି କୋରିଆର ରାଜା ସାହେବ ରାଜା ରାମାନୁଜ ପ୍ରତାପ ସିଂହ ଦେଓ ଘୋଷଣା କରିଥିଲେ ଯେ ରାଜ୍ୟ ମଧ୍ୟରେ ମ୍ୟୁନିସିପାଲିଟି ଓ ପ୍ରଜାସଭା ସ୍ଥାପନର ସ୍ଥିର କରା ଯାଇଛି, ବୈକୁଣ୍ଠପୁର ଓ ମନେନ୍ଦ୍ରଗଡ଼ ସହରରେ ମ୍ୟୁନିସିପାଲିଟି ଗଠନ କରାଯିବ ଏବଂ ରାଜ୍ୟର ଅବଶିଷ୍ଟାଂଶକୁ କେତେକ ଶ୍ରେଣୀରେ ବିଭାଗ କରାଯାଇ ପ୍ରତ୍ୟେକ ବିଭାଗରେ ଗୋଟିଏ ଲେଖାଏଁ ପ୍ରଜାସଭା ରହିବ । ଏହି ସମସ୍ତ ସଭା କେନ୍ଦ୍ର ସଭାକୁ ତାଙ୍କର ପ୍ରତିନିଧି ପଠାଇବେ ଓ ଏହି କେନ୍ଦ୍ର ସଭାକୁ ପ୍ରଜାପରିଷଦ ବୋଲାଯିବ । ଏହି ପରିଷଦ ପ୍ରଜା-ସଭାର କାର୍ଯ୍ୟ ପ୍ରଣାଳୀ ପରିଦର୍ଶନ କରିବେ ଏବଂ ପ୍ରଜା ସଭାଗୁଡ଼ିକ ଏହାର ଅଧୀନରେ ରହିବ । ଅଧିକନ୍ତୁ ଏହି ସଭାଗୁଡ଼ିକ ଗ୍ରାମୋନ୍ନତି କାର୍ଯ୍ୟର କେନ୍ଦ୍ର ହେବ । ସେମାନେ ଲୋକମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟିଦେବେ ଏବଂ ସେମାନେ ରାସ୍ତା, କୃଷି, ହାଟ ଓ ଖୁଆଡ଼ ଇତ୍ୟାଦିର ପରିଚାଳନା ଭାର ଗ୍ରହଣ କରିବେ । ଅନେକ ସଭାକୁ ବିଚାର ଅଧିକାର ମଧ୍ୟ ଦିଆଯିବ । ରାଜାସାହେବ ଆଶା ପ୍ରକାଶ କରିଥିଲେ ଯେ ଲୋକମାନେ ଏହି ଉପଯୁକ୍ତ ନାଗରିକ ଦାୟିତ୍ୱ ଘେନି ପ୍ରତିନିଧି ଅନୁଷ୍ଠାନଗୁଡ଼ିକୁ ବ୍ୟବହାର କରିବେ ଓ ଆଶାନୁରୂପ ଫଳ ଲାଭ କରିବେ । ଏବଂ ଏହାଦ୍ୱାରା ଉଭୟ ସେମାନଙ୍କର ଓ ରାଜ୍ୟର ଗୌରବ ବୃଦ୍ଧି ହେବ ।

## ବିକାନୀର

### ମହାରାଜାଙ୍କ ବଦାନ୍ୟତା

ବିକାନୀରର ମହାରାଜା ମହୋଦୟ ତାଙ୍କର ଗରିବ ପ୍ରଜା-ମାନଙ୍କ ମଧ୍ୟରେ ବାଣ୍ଟି ଦେବା ପାଇଁ ନିଜ ଖାସ ତହବିଲରୁ ଟ୧,୨୫,୦୦୦ଙ୍କା ଦାନ କରିଅଛନ୍ତି । ଗତ ଦୁଇ ବର୍ଷ ଧରି କ୍ରମାଗତ ଦୁର୍ଭିକ୍ଷ ହେବା ଫଳରେ କୃଷକମାନଙ୍କର ଯେଉଁ ଦୁରବସ୍ଥା ଘଟିଛି ସେଥିରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଏବଂ ବଳଦ ଓ ଓଟ କିଣିବା ସକାଶେ ଯଥାବଶ୍ୟକ ତଗାବି ଋଣ ମଧ୍ୟ ଗରିବ କୃଷକମାନଙ୍କୁ ଦିଆ ଯାଇଛି ।

ମହାରାଜା ମହୋଦୟ ଆଦେଶ କରିଅଛନ୍ତି ଯେ ଉକ୍ତ ଟଙ୍କା ବାହନ ଓ ଗୃହପାଳିତ ପଶୁମାନଙ୍କର ଖାଦ୍ୟ କିଣିବା ନିମିତ୍ତ ବିନା ମୂଲ୍ୟରେ ବିତରଣ କରି ଦିଆଯିବ ।

## ବୁନ୍ଦି

### ଚିକିତ୍ସା ବ୍ୟବସ୍ଥା

ବୁନ୍ଦି ରାଜ୍ୟର ଚିକିତ୍ସା ବିଭାଗର ସରକାରୀ ବିବରଣୀରୁ ଜଣା ଯାଏ ଯେ ଚିକିତ୍ସା ଓ ଶିକ୍ଷା ପାଇଁ ବୁନ୍ଦି ରାଜ୍ୟର ସମଗ୍ର ଆୟର ପ୍ରାୟ ଏକବିଂଶତ୍ୟଂଶ ବ୍ୟୟିତ ହୁଏ ।

ଡାକ୍ତରଖାନା ଗୃହର ମରାମତି ବାଦ୍ ଗତ ବର୍ଷ ଚିକିତ୍ସା ବିଭାଗର ମୋଟ ଖର୍ଚ୍ଚ ତତ୍ପୂର୍ବ ବର୍ଷ ଟ ୧,୭୭,୯୨୫ଙ୍କା ହୋଇଥିବା ସ୍ଥଳେ ଟ୧,୩୦,୯୭୩ଙ୍କା ହୋଇଥିଲା । ରାଜ୍ୟରେ ଆଠ ଗୋଟି ଚିକିତ୍ସାଳୟ ଅଛି ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ଜାତୀୟ ପ୍ରାର୍ଥନା ଦିବସ

ମୟୂରଭଞ୍ଜରେ ଜାତୀୟ ପ୍ରାର୍ଥନା ଦିବସ ମଇ ୨୬ ତାରିଖରେ ପବିତ୍ରତାର ସହିତ ପାଳିତ ହୋଇଥିଲା । ମିତ୍ର ଶକ୍ତିର ଜୟଲାଭ ପାଇଁ ସବୁ ଶ୍ରେଣୀର ଲୋକେ ରାଜ୍ୟର ଚାରିଆଡ଼େ ମନ୍ଦିର, ଗିର୍ଜା ଓ ମସଜିଦ୍‌ମାନଙ୍କରେ ପ୍ରାର୍ଥନା କରିଥିଲେ । ବାରିପଦାର ମନ୍ଦିରମାନଙ୍କରେ ଯଥାବିଧି ପୂଜା ଅନୁଷ୍ଠିତ ହୋଇଥିଲା ଏବଂ ହିନ୍ଦୁମାନେ ଜଗନ୍ନାଥ ମନ୍ଦିରରେ ସମବେତ ହୋଇ ପ୍ରାର୍ଥନା କରିଥିଲେ ।

## ମହାମହିମ ସମ୍ରାଟଙ୍କ ଜନ୍ମୋତ୍ସବ

ମହାମହିମ ସମ୍ରାଟଙ୍କର ଜନ୍ମୋତ୍ସବ ଜୁନ ୧୩ ତାରିଖରେ ମୟୂରଭଞ୍ଜରେ ଯଥାବିଧି ପ୍ରତିପାଳିତ ହୋଇଥିଲା । ବାରିପଦାର ରାଜ-କର୍ମଚାରୀ ଓ ଜନସାଧାରଣ ପ୍ରାତଃ କାଳରେ ସ୍ଥାନୀୟ ପୋଲିସ ପଡିଆରେ ସମବେତ ହୋଇଥିଲେ । ସେଠାରେ ବ୍ରିଟିଶ୍ ପତାକା ଉତ୍ତୋଳିତ ହୋଇଥିଲା ଏବଂ ପୋଲିସ ଫଉଜ ପତାକାକୁ ସମ୍ମାନ ଦେଖାଇଥିଲେ । ସବ୍-ଡିଭିଜନ କେନ୍ଦ୍ରମାନଙ୍କରେ ମଧ୍ୟ ସମ୍ରାଟଙ୍କ ଜନ୍ମଦିବସ ଉପରୋକ୍ତ ମତେ ପ୍ରତିପାଳିତ ହୋଇଥିଲା ।

## ସ୍ୱର୍ଗୀୟ ମହାରାଜାଙ୍କ ସାମ୍ୱତ୍ସରିକ ଶ୍ରାଦ୍ଧ

ସ୍ୱର୍ଗୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ସାମ୍ୱତ୍ସରିକ ଶ୍ରାଦ୍ଧ ମଇ ୯ ତାରିଖରେ ଯଥାବିଧି ପାଳିତ ହୋଇଥିଲା । ସ୍ୱର୍ଗୀୟ ମହାରାଜାଙ୍କ ମର୍ମ୍ମର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିବା ପୂର୍ଣ୍ଣଚନ୍ଦ୍ର ମନ୍ଦିରଟି ପତାକା ଓ ଫୁଲମାଳାଦ୍ୱାରା ସୁସଜ୍ଜିତ ହୋଇଥିଲା । ସେଠାରେ ଦିନଯାକ ପୂଜା ଓ ସଂକୀର୍ତ୍ତନ ଚାଲିଥିଲା ଏବଂ ବଡ଼ ମହାରାଣୀ ମହୋଦୟା ସ୍ୱୟଂ ଉତ୍ସବର ପରିଚାଳନା ଦେଖୁଥିଲେ । ଅନେକ ଦୁଃଖୀଲୋକଙ୍କୁ ଭୋଜନ ଦିଆ ଯାଇଥିଲା । ସନ୍ଧ୍ୟା ସମୟରେ ସହରର ଲୋକେ ପୂର୍ଣ୍ଣଚନ୍ଦ୍ର ମନ୍ଦିରରେ ଉପସ୍ଥିତ ହୋଇ ପୁଣ୍ୟଶ୍ଳୋକ ମହାରାଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭକ୍ତି ଅର୍ପଣ କରିଥିଲେ ।

## ମହାରାଜାଙ୍କର ସାହାପୁର ଯାତ୍ରା

ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ମହୋଦୟ ସାହାପୁରାର ମହାରାଜକୁମାର ପ୍ରାକ୍ରମ ଦେଓ ସିଂହଙ୍କର ବିବାହ ଉତ୍ସବରେ ଯୋଗଦେବା ପାଇଁ ମଇ ୩୦ ତାରିଖ ଦିନ ଉଡ଼ାଜାହାଜ ଯୋଗେ ଲକ୍ଷ୍ନୌ ଯାତ୍ରା କରିଥିଲେ ଏବଂ ଜୁନ ୩ ତାରିଖରେ ଗଡ଼କୁ ଫେରି ଆସିଥିଲେ ।

## ମୟୂରଭଞ୍ଜ ଜନସମାରି

ମୟୂରଭଞ୍ଜର ଜନସୁମାରି କାର୍ଯ୍ୟ ପରିଦର୍ଶନ କରିବା ଲାଗି ଓଡ଼ିଶା ଜନସୁମାରି ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ମିଷ୍ଟର ଆର. ସି. ଏସ୍. ବେଲ୍, ଆଇ. ସି. ଏସ. ଦୁଇ ଦିନ ଲାଗି ମୟୂରଭଞ୍ଜକୁ ଆସିଥିଲେ । ସେ ଜୁଲାଇ ୧୬ ତାରିଖରେ ଜନସୁମାରି ଅଫିସ ପରିଦର୍ଶନ କରିଥିଲେ ଏବଂ ଜନସୁମାରିର ପ୍ରାଥମିକ କାର୍ଯ୍ୟ ଓ ଖାତାପତ୍ର ସମ୍ବନ୍ଧରେ ଷ୍ଟେଟ ସେନସାସ୍ ଅଫିସରଙ୍କ ସହିତ ଆଲୋଚନା କରିଥିଲେ । ତତପର ଦିନ ସକାଳେ ସେ ଚାର୍ଜ ସୁପାରିନ୍‌ଟେଣ୍ଡେଣ୍ଟ ଓ ସୁପରଭାଇଜରମାନଙ୍କୁ ଚଳିତ ଜନସୁମାରିର କାର୍ଯ୍ୟପନ୍ଥା ବୁଝାଇଥିଲେ । '୧୯୩୧ ବିହାର-ଓଡ଼ିଶା ସେନ୍‌ସସ୍' ପୁସ୍ତକରେ ମିଷ୍ଟର ଲେସି ମୟୂରଭଞ୍ଜର ଗତ ଜନସୁମାରି ସମ୍ପର୍କରେ ଯେଉଁ ପ୍ରଶଂସାର୍ହ-କାର୍ଯ୍ୟ ବର୍ଣ୍ଣନା କରି ଅଛନ୍ତି ତାହା ଉଲ୍ଲେଖ କରି ମିଷ୍ଟର ବେଲ୍ ଆନନ୍ଦ ପ୍ରକାଶ କରିଥିଲେ ।

ମିଷ୍ଟର ବେଲ୍ ଏଠାକାର ସମସ୍ତ ଅନୁଷ୍ଠାନ ଓ ପ୍ରଧାନ ସରକାରୀ କୋଠାଗୁଡ଼ିକ ବୁଲି ଦେଖିଥିଲେ ଏବଂ ସେକ୍ରେଟେରିଏଟ୍‌ରେ ମହାରାଜାଙ୍କ ସହିତ ସାକ୍ଷାତ୍ କରିଥିଲେ ।

## ମିଷ୍ଟର କେ. ସି. ନିୟୋଗୀଙ୍କ ନୂତନ ନିଯୁକ୍ତି

ଦେବାନ କାର୍ଯ୍ୟରୁ ଅବ୍ୟାହତି ମିଳିବା ସଙ୍ଗେ ସଙ୍ଗେ ମିଷ୍ଟର କେ. ସି. ନିୟୋଗୀ ଜୁଲାଇ ୬ ତାରିଖଠାରୁ ମୟୂରଭଞ୍ଜର ରାଜନୈତିକ ପରାମର୍ଶଦାତା ପଦରେ ନିଯୁକ୍ତ ହୋଇଅଛନ୍ତି ।

ସେ ଏଠାରେ ଦେବାନ ଥିବା କାଳରେ [illegible] ସଂସ୍କାର ଓ ଶାସନଗତ କେତେକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ସଂସାଧିତ ହୋଇଥିଲା । ହାଇକୋର୍ଟର ସଂସ୍କାର ଏମାନଙ୍କ ମଧ୍ୟରେ ପ୍ରଥମ । ମହାରାଜାଙ୍କ ଅଫିସ ଓ ଦେବାନଙ୍କ ଅଫିସକୁ ଏକତ୍ର କରି ଷ୍ଟେଟ ସେକ୍ରେଟେରିଏଟ୍ ସୃଷ୍ଟି ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଶାସନଗତ ସଂସ୍କାର ।

ପ୍ରଜାସାଧାରଣଙ୍କୁ ଶାସନତନ୍ତ୍ରର ଘନିଷ୍ଠ ସମ୍ପର୍କରେ ଆଣିବା ଉଦ୍ଦେଶ୍ୟରେ ମହାରାଜାଙ୍କର ସୁମହତ ଉଦ୍ଦେଶ୍ୟକୁ କାର୍ଯ୍ୟରେ ପରିଣତ କରିବା ପାଇଁ ରାଜ୍ୟରେ ପ୍ରଜାସଭାର ସୃଷ୍ଟି ହୋଇଥିଲା । ଅନ୍ତୁର ମଧ୍ୟ ଏହାଙ୍କ କାର୍ଯ୍ୟକାଳ ମଧ୍ୟରେ କେତେକ ଆଇନର ପ୍ରବର୍ତ୍ତନ ହୋଇଥିଲା ଏବଂ ବ୍ରିଟିଶ ଭାରତର ଆଦର୍ଶାନୁଯାୟୀ କେତେକ ଆଇନ କାନୁନ ପୁସ୍ତକାକାରରେ ମୁଦ୍ରିତ ହୋଇଥିଲା । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ପଚିଶ ବର୍ଷରୁ ଅଧିକ କାଳ ଉତ୍ତାରେ ଭୂତତ୍ତ୍ୱ ଗବେଷଣାର ପୁନରାରମ୍ଭ, ମୟୂରଭଞ୍ଜ ଷ୍ଟେଟ ବେଙ୍କ ସ୍ଥାପନ ଓ ସରକାରୀ ଗେଜେଟ୍‌ର ମୁଦ୍ରଣ ଓ ପ୍ରକାଶ ବିଶେଷ ଉଲ୍ଲେଖଯୋଗ୍ୟ ।



Digitized by srujanika@gmail.com

## ମୟୂରଭଞ୍ଜର ନୂତନ ଦେବାନ

ଅଲ୍ଲାହାବାଦ ହାଇକୋର୍ଟର ଏଡ଼ଭୋକେଟ ମେଜର ବି. ପି. ପାଣ୍ଡେ, ବି. ଏ., ଏଲ୍ ଏଲ୍. ବି., ଏଫ୍. ଆର୍. ଇ. ଏସ୍ (ଲଣ୍ଡନ) ଗତ ଅଗଷ୍ଟ ୧୬ ତାରିଖ ଠାରୁ ୫ ବର୍ଷ ପାଇଁ ମୟୂରଭଞ୍ଜର ଦେବାନ ପଦର କାର୍ଯ୍ୟଭାର ଗ୍ରହଣ କରି ଅଛନ୍ତି ।



ମୟୂରଭଞ୍ଜର ଦେବାନ ମେଜର ବି.ପି. ପାଣ୍ଡେ, ବି.ଏ. ଏଲ୍ଏଲ୍. ବି. ଏଫ୍ ଆର. ଇ. ଏସ୍. (ଲଣ୍ଡନ)

ମେଜର ପାଣ୍ଡେ ୧୮୯୬ ଖ୍ରୀଷ୍ଟାବ୍ଦରେ ବେରେଲିରେ ଜନ୍ମଗ୍ରହଣ କରିଥିଲେ । ସେ ଅଲ୍ଲାହାବାଦ ମୁଇର ସେଣ୍ଟ୍ରାଲ କଲେଜରେ ସର୍ବତୋମୁଖୀ ସମୁଜ୍ଜ୍ୱଳ ଛାତ୍ରଜୀବନ ଅତିବାହିତ କରି ବି. ଏ. ପାସ କରିଥିଲେ । ବେରେଲି ବାରରେ ଯୋଗ ଦେଇ ସେ ୧୯୨୭ ମସିହାରେ ପ୍ରସିଦ୍ଧ ଲକ୍ଷ୍ମଣରାଜ ମୋକଦ୍ଦମା ସମ୍ପର୍କରେ ଇଂଲଣ୍ଡକୁ ଯାଇଥିଲେ ଓ ସେଠାରେ ସାର୍ ଜନ୍ ସାଇମନଙ୍କର ସହକାରୀ ରୂପେ କାର୍ଯ୍ୟ କରିଥିଲେ । ତାଙ୍କର ପ୍ରତ୍ୟାବର୍ତ୍ତନର ଅବ୍ୟବହିତ ପରେ ସେ ଜଣେ ଏଡ଼ଭୋକେଟ୍ ହେଲେ ଏବଂ ବେରେଲି ଜିଲ୍ଲାର ଗଭର୍ଣ୍ଣମେଣ୍ଟ ଉକିଲ ନିଯୁକ୍ତ ହେଲେ । ସେ ବେରେଲି ଡିଷ୍ଟ୍ରିକ୍ଟ ବୋର୍ଡରେ କ୍ରମାଗତ ଦୁଇ ଥର ଚେୟାରମେନ୍ ନିର୍ବାଚିତ ହୋଇଥିଲେ । ୧୯୩୦ ସେପ୍ଟେମ୍ବର ମାସରେ ସେ ଅର୍ଚ୍ଛା ଷ୍ଟେଟ୍‌ରେ ପ୍ରଧାନ ସେକ୍ରେଟେରୀ ହେଲେ ଓ ତଦନନ୍ତର ୧୯୩୨ ରେ ସେଠାର ଦେବାନ ହେଲେ । ଭାରତୀୟ ଦେଶୀୟରାଜ୍ୟ ପ୍ରତିନିଧିର ସଦସ୍ୟ ହିସାବରେ ସେ ୧୯୩୩ ରେ ଗୋଲଟେବୁଲ ବୈଠକକୁ ପ୍ରେରିତ ହୋଇଥିଲେ । ସେ ଅର୍ଚ୍ଛା, ସରୀଳା ଓ ଚରଖାରୀ ରାଜ୍ୟମାନଙ୍କରେ କାର୍ଯ୍ୟକର ବହୁବିଧ ସଂସ୍କାର ପ୍ରବର୍ତ୍ତନ କରାଇ ଅଛନ୍ତି ।

## ପ୍ରାଚୀନ ମୁଦ୍ରାର ଆବିଷ୍କାର

ମୟୂରଭଞ୍ଜର ବ୍ରାହ୍ମଣଘାଟୀ ସବ୍-ଡିଭିଜନର ହୁନୁ ଗ୍ରାମରୁ ୨୦୦ ଗୋଟି ପ୍ରାଚୀନ ରୌପ୍ୟମୁଦ୍ରା ମିଳିଅଛି । ଜୁଲାଇ ୨ ତାରିଖ ମଙ୍ଗଳ ବାର ଦିନ ଜଣେ ଗ୍ରାମବାସୀ ଖଡ଼କେଇ ନଈ-ବଢ଼ି କମିଯିବା ପରେ ଜାଳ କାଠ ଖୋଜିବା ପାଇଁ ଯାଇଥିଲା । ଦୈବାତ୍ ସେ ନଈ କୂଳରେ ଏହି ମୁଦ୍ରାଗୁଡ଼ିକ ଦେଖିଲା । ବନ୍ୟାହେତୁ ମାଟି ଧୋଇ ହୋଇ ପୂର୍ବରୁ ଏ ଗୁଡ଼ିକ ଭୂଇଁର ୧୦ ଫୁଟ ତଳେ ଥିବାର ଅନୁମିତ ହୁଏ ।

ଭାରତର ପ୍ରାଚୀନତମ ମୁଦ୍ରା ଗୁଡ଼ିକ ପାଞ୍ଚ ମାର୍କଡ଼ କଏନ୍ ଆକାରରେ ଥିଲା । ତନ୍ମଧ୍ୟରୁ ସର୍ବ ପ୍ରଥମ ମୁଦ୍ରାଗୁଡ଼ିକ ମୌର୍ଯ୍ୟ ସାମ୍ରାଜ୍ୟର ଶନ ଶହ ବର୍ଷ ପୂର୍ବର ବୋଲି ଅନୁମିତ ହୁଏ । ଗ୍ରୀକ୍ ଶାସକମାନେ ଭାରତରେ ଯେଉଁ ମୁଦ୍ରାର ପ୍ରଚଳନ କରିଥିଲେ ସେଥିରେ ସେମାନଙ୍କ ନାମ ଓ ପ୍ରତିମୂର୍ତ୍ତି ଥିଲା ମାତ୍ର ପ୍ରାଚୀନ ଭାରତୀୟ ମୁଦ୍ରାଗୁଡ଼ିକରେ ନାମ କିମ୍ବା ପ୍ରତିମୂର୍ତ୍ତି ନ ଥିଲା । ସେଗୁଡ଼ିକର ଇତିହାସ କାହାରିକୁ ଜଣା ନାହିଁ ଏବଂ ସେଗୁଡ଼ିକ ଉପରେ ଥିବା ଚିହ୍ନ ଗୁଡ଼ିକର ଗବେଷଣା ଐତିହାସିକମାନେ ପରମ୍ପରା କ୍ରମେ ଚଳାଇ ଆସୁଛନ୍ତି ।

## ବାରିପଦା ନବବିଧାନ ବ୍ରାହ୍ମ ସମାଜର ପଞ୍ଚଦଶ ବାର୍ଷିକ ଉତ୍ସବ

ବାରିପଦା ନବବିଧାନ ବ୍ରାହ୍ମସମାଜର ପଞ୍ଚଦଶ ବାର୍ଷିକ ଉତ୍ସବ ଜୁଲାଇ ୨୪ ତାରିଖ ଠାରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି ଉତ୍ସବ ଉପଲକ୍ଷେ ଏକ ଦୀର୍ଘ କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ ହୋଇଥିଲା । ବ୍ରାହ୍ମମନ୍ଦିରରେ ସମବେତ ପ୍ରାର୍ଥନା ହୋଇଥିଲା ଓ ସଂକୀର୍ତ୍ତନ ଦଳ ସହର ପ୍ରଦକ୍ଷିଣ କରିଥିଲେ । ଗଣ୍ୟ ମାନ୍ୟ ବ୍ୟକ୍ତିଙ୍କର ଏକ ସଭାରେ ପ୍ରଫେସର ଦେବେନ୍ଦ୍ରନାଥ ସେନ୍, ଏମ୍. ଏ. ୨୮ ତାରିଖ ଦିନ ମନୁଷ୍ୟ-ଜୀବନର ଗୌରବ ସମ୍ବନ୍ଧରେ ଏକ ବକ୍ତୃତା ଦେଇଥିଲେ । ଉକ୍ତ ଉତ୍ସବର ସୁପରିଚାଳନା ପାଇଁ ଆମ୍ଭେମାନେ ସମାଜର ସମ୍ପାଦକ ରେଭରେଣ୍ଡ ଭାଇ ନରେନ୍ଦ୍ରନାଥ ବେନାର୍ଜିଙ୍କୁ ଧନ୍ୟବାଦ ଅର୍ପଣ କରୁ ଅଛୁଁ ।

## ଐତିହାସିକ ରେକର୍ଡ଼ କମିଶନ

ଷ୍ଟେଟ୍ ଆରକିଓଲଜିଷ୍ଟ ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ, ବି.ଏସ୍.ସି., ଏମ୍.ଆର.ଏ.ଏସ., ଏଫ୍.ଆର୍.ଏ.ଆଇ. ଭୂତୀୟବାର ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ୧୯୩୧ ନଭେମ୍ବର ୩୦



Digitized by srujanika@gmail.com

ତାରିଖ ଠାରୁ ଭାରତୀୟ ଐତିହାସିକ ରେକର୍ଡ଼ କମିଶନର ସଭ୍ୟ ନିଯୁକ୍ତ ହୋଇଅଛନ୍ତି । ଶ୍ରୀଯୁକ୍ତ ଅଗ୍ରର୍ଯ୍ୟ ପ୍ରଥମେ ନଭେମ୍ବର ୧୯୩୪ରେ ଏହି ପଦରେ ନିଯୁକ୍ତ ହୋଇଥିଲେ ।

## ବାରିପଦା ଉଚ୍ଚ ଇଂରାଜି ବିଦ୍ୟାଳୟର ପୁରସ୍କାର ବିତରଣୀ ସଭା

ବାରିପଦା ଉଚ୍ଚ ଇଂରାଜି ବିଦ୍ୟାଳୟର ପୁରସ୍କାର ବିତରଣୀ ସଭା ମଇ ୧୦ ତାରିଖରେ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ଉକ୍ତ ସଭାର ସଭାପତି ଆସନ ଅଲଂକୃତ କରିଥିଲେ । ମହାରାଜା ମହୋଦୟ ତାଙ୍କର ଅଭିଭାଷଣରେ ଛାତ୍ରମାନଙ୍କୁ ତାଙ୍କର ଜୀବନର କର୍ତ୍ତବ୍ୟ ସାଧନ ନିମନ୍ତେ ନିଜକୁ ଉପଯୁକ୍ତ ରୂପେ ଗଢ଼ିବା ଲାଗି ଏବଂ ଶିକ୍ଷକମାନଙ୍କୁ ଶିକ୍ଷାର ବ୍ୟବସାୟୀ ନ ସାଜି ପ୍ରକୃତ ଗୁରୁ ହେବା ପାଇଁ ଅନୁରୋଧ କରିଥିଲେ ।

ଏହି ଉତ୍ସବରେ ସ୍ଥାନୀୟ ଅନେକ କର୍ମଚାରୀ ଓ ନାଗରିକ ଯୋଗ ଦେଇଥିଲେ । ହେଡ଼ମାଷ୍ଟରଙ୍କ ମହୋଦୟଙ୍କ ରିପୋର୍ଟରେ ଏହି ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକଳାପ ବର୍ଣ୍ଣିତ ହୋଇଥିଲା । ତହିଁରୁ ଜଣାଯାଏ ଯେ ଏହା ପ୍ରଥମେ ୧୮୬୬ରେ ସ୍ଥାପିତ ହୋଇ କ୍ରମୋନ୍ନତି ଫଳରେ ବର୍ତ୍ତମାନ ମୋଟରେ ୬୬୬ ଜଣ ଛାତ୍ର ଏବଂ ୨୯ ଜଣ ଶିକ୍ଷକଙ୍କୁ ନେଇ ପାଟନା ବିଶ୍ୱବିଦ୍ୟାଳୟରେ ଏକ ବିଶିଷ୍ଟ ଅନୁଷ୍ଠାନ ହୋଇପାରିଛି । ଉକ୍ତ ୨୯ ଜଣ ଶିକ୍ଷକ ମଧ୍ୟରୁ ୧୫ ଜଣ ଗ୍ରେଜୁଏଟ୍ ଅଟନ୍ତି । ଅନ୍ୟାନ୍ୟ ବିଷୟ ମଧ୍ୟରେ ତାଙ୍କ ରିପୋର୍ଟରେ ବିଦ୍ୟାଳୟର ଗତ ପ୍ରବେଶିକା ପରୀକ୍ଷାରେ ଛାତ୍ରମାନଙ୍କର କୃତିତ୍ୱ ବିଷୟ ସେ ଉଲ୍ଲେଖ କରିଥିଲେ । ତତ୍ପରେ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ବିଦ୍ୟାଳୟର ଛାତ୍ରମାନେ ବିଭିନ୍ନ ବିଷୟରେ ଯେଉଁ ଆବୃତ୍ତି ଓ ଅଭିନୟ କରିଥିଲେ ତାହା ଚିତ୍ତାକର୍ଷକ ହୋଇଥିଲା ।

ଶ୍ରୀମନ୍ ମହାରାଜାଙ୍କର ପୂର୍ଣ୍ଣାଙ୍ଗ ଅଭିଭାଷଣ ଏହି ସଂଖ୍ୟାରେ ଅନ୍ୟତ୍ର ପ୍ରକାଶିତ ହୋଇଅଛି ।

## ତସର ଉତ୍ପାଦନ ପାଇଁ ଦାଦନ ବ୍ୟବସ୍ଥା

ରାଜ୍ୟର ଗରିବ ତସର ଚାଷୀମାନଙ୍କୁ ଦାଦନ ଦେବା ନିମନ୍ତେ ଚଳିତ ବର୍ଷ ବଜେଟ ନିର୍ଦ୍ଦିଷ୍ଟ ଟ୬୦୦୦ଙ୍କା ମଧ୍ୟରୁ ଟ୫୦୦୦ଙ୍କା ମଞ୍ଜୁର ହୋଇଅଛି । ତସର ଚାଷ ନିମନ୍ତେ ଚାଷୀମାନଙ୍କୁ ପ୍ରୟୋଜନୀୟ ଦାଦନ ଦେବା ନୀତି ରାଜ୍ୟର ଶିଳ୍ପ ବିଭାଗ ବରାବର ଅବଲମ୍ବନ କରି ଆସୁଅଛନ୍ତି । ଚାଷୀମାନଙ୍କ ମଧ୍ୟରୁ ଅଧିକାଂଶ ଆଦିମ ଅଧିବାସୀ ଓ ଦରିଦ୍ର । ପୂର୍ବେ ମହାଜନମାନେ ସେମାନଙ୍କୁ ବେଶି ସୁଧରେ ଟଙ୍କା ଦାଦନ ଦେଉଥିଲେ ଓ ଯେତେ ତସର ଉତ୍ପନ୍ନ ହେଉଥିଲା ସେ ସମସ୍ତ ସେମାନେ ଅନ୍ୟାୟ ଭାବରେ ଅଳ୍ପ ମୂଲ୍ୟ ଦେଇ କିଣି ନେଉଥିଲେ । ଶିଳ୍ପ ବିଭାଗର ଚେଷ୍ଟାରେ ତସର ଚାଷୀମାନେ ମହାଜନମାନଙ୍କ ଦାଉରୁ ମୁକ୍ତି ଲଭି ଅଛନ୍ତି । ଏବେ ସେମାନେ ବିନା ସୁଧରେ ମୂଳଧନ ସଂଗ୍ରହ କରିବାର ଓ ଖୋଲା ବଜାରରେ ନିଜ ନିଜର ଉତ୍ପନ୍ନ ପଦାର୍ଥ ବିକ୍ରୟ କରିବାର ସୁବିଧା ପାଇଅଛନ୍ତି ।

## ଉଚ୍ଚ ଶିକ୍ଷା ପାଇଁ ବୃତ୍ତି

କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରିବା ପାଇଁ ଦୁଇ ବର୍ଷ ସକାଶେ ଗୋଟିଏ ମାସିକ ଟ ୨୫ ଙ୍କାର ଓ ଦୁଇଗୋଟି ମାସିକ ଟ୨୦ଙ୍କାର ବୃତ୍ତି ଦିଆଯିବା ବ୍ୟତୀତ ମୟୂରଭଞ୍ଜ ସରକାର ଚଳିତ ବର୍ଷ ଚାରିଗୋଟି ପୃଥକ୍ ବୃତ୍ତି ମଞ୍ଜୁର କରି ଅଛନ୍ତି । ଏଥିମଧ୍ୟରୁ ଟ୨୫ଙ୍କା ଓ ଟ୧୫ଙ୍କା ମୂଲ୍ୟର ଦୁଇଟି ବୃତ୍ତି ଦୁଇ ଜଣ ଆଦିମଅଧିବାସୀ ଛାତ୍ରଙ୍କୁ ଏବଂ ଟ୧୫ଙ୍କା ମୂଲ୍ୟର ଗୋଟିଏ ବୃତ୍ତି ଜଣେ ଅନୁନ୍ନତ ଶ୍ରେଣୀର ଛାତ୍ରଙ୍କୁ ଦିଆ ଯାଇଅଛି । ଟ୧୫ଙ୍କା ମୂଲ୍ୟର ଚତୁର୍ଥ ବୃତ୍ତିଟି ପ୍ରାରମ୍ଭିକ ଖର୍ଚ୍ଚ ବାବଦ୍ ଟ୧୦୦ଙ୍କା ସହ ରାଜ୍ୟର ଜଣେ ଗରିବ ଛାତ୍ର ପାଇଅଛି ।

## ଗରିବ ଓ ପିତୃମାତୃହୀନ ବାଳକଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା

ମୟୂରଭଞ୍ଜ ସରକାର ବାରିପଦା ଅନାଥାଶ୍ରମକୁ ଦରିଦ୍ର ଛାତ୍ରାବାସ (Boys' Free Hostel) ରେ ପରିଣତ କରିଅଛନ୍ତି । ସେଠାରେ ୨୪ ଜଣ ଛାତ୍ର ରହିବେ ଏବଂ ସେମାନେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପର୍ଯ୍ୟନ୍ତ ସେମାନଙ୍କର ଗ୍ରାସାଚ୍ଛାଦନ ଓ ପଢ଼ାପଢ଼ିର ଅନ୍ୟାନ୍ୟ ଖର୍ଚ୍ଚ ସରକାର ବହନ କରିବେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ସାମ୍ପ୍ରଦାୟିକ ଅନଗ୍ରସରତା ବିବେଚନା କରି ପ୍ରାର୍ଥୀମାନଙ୍କୁ ଉକ୍ତ ଛାତ୍ରାବାସରେ ସ୍ଥାନ ଦିଆଯିବ ।

ଏହି ଚବିଶ ଜଣ ଛାତ୍ରଙ୍କର ବ୍ୟୟ ବହନ କରିବା ବ୍ୟତୀତ ସରକାର ରାଜ୍ୟର ଅନ୍ୟ କୋଡ଼ିଏ ଜଣ ଦୁଃସ୍ଥ ଅନାଥ ବାଳକଙ୍କ ପାଇଁ ସେମାନଙ୍କ ଘର ନିକଟରେ ପ୍ରାଥମିକ ଶିକ୍ଷାର ସୁବିଧା କରିଅଛନ୍ତି ।

## ଶିଳ୍ପ ଶିକ୍ଷା

ପୂର୍ଣ୍ଣଚନ୍ଦ୍ର ଶିଳ୍ପ ଶିକ୍ଷା ସଦନର ଆସନ୍ତା ଅଗଷ୍ଟ ମାସଠାରୁ ଯେଉଁ ସେସନ ଆରମ୍ଭ ହେବ ସେଥିରେ ଲୁଣାବୁଣା, ରଙ୍ଗକରିବା ଓ କାଠକାମ ଇତ୍ୟାଦି ଶିକ୍ଷା କରିବା ପାଇଁ ସ୍ଥାନୀୟ ବଛା ବଛା ଛାତ୍ରଙ୍କୁ ମୟୂରଭଞ୍ଜ ଶିଳ୍ପ ବିଭାଗ ଟ୪ଙ୍କା ଠାରୁ ଆରମ୍ଭ କରି ଟ୮ଙ୍କା ପର୍ଯ୍ୟନ୍ତ ୨୯ ଗୋଟି ବୃତ୍ତି ଦେଉଅଛନ୍ତି ।

## ମୟୂରଭଞ୍ଜର ରଥଯାତ୍ରା

ବାରିପଦାର ରଥଯାତ୍ରା ଏ ବର୍ଷ ବେଶ୍ ଧୁମ୍‌ଧାମ୍‌ରେ ସମ୍ପନ୍ନ ହୋଇଥିଲା । ଏହି ଉତ୍ସବ ନଅ ଦିନ କାଳ ଚାଲିଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ରଥଗୁଡ଼ିକ ଜୁଲାଇ ମାସ ୮ ଓ ୯ ତାରିଖରେ ଟଣା ହୋଇଥିଲା । ଶ୍ରୀମନ୍ ମହାରାଜା ଓ ରାଜବଂଶୀୟ ବିଶିଷ୍ଟ ବ୍ୟକ୍ତିମାନେ ଉତ୍ସବରେ ଯୋଗ ଦେଇଥିଲେ ।



Digitized by srujanika@gmail.com

ପ୍ରବଳ ବର୍ଷା ଓ ବନ୍ୟା ହେତୁ ଏବର୍ଷ ଯାତ୍ରୀଙ୍କର ସଂଖ୍ୟା ଅନେକ ଊଣା ଥିଲା । ମୋଟାମୋଟି ୧୫,୦୦୦ ଲୋକ ଯାତ୍ରାକୁ ଆସିଥିବାର ଅନୁମାନ କରାଯାଏ । ଏବର୍ଷ ରଥଯାତ୍ରାରେ ଯେଉଁ ବେତାର ବାର୍ତ୍ତାର ବ୍ୟବସ୍ଥା ହୋଇଥିଲା ତାହା ଏକ ପ୍ରଶଂସନୀୟ



ରଥଯାତ୍ରାର ଗୋଟିଏ ଦୃଶ୍ୟ

ଉଦ୍ୟମ । ସ୍ୱାସ୍ଥ୍ୟ, କୃଷି, ଲହା ଗୃହ ଓ ଖଣିଜ ସମ୍ବନ୍ଧରେ ସେଥିରେ ଯେଉଁ ବାର୍ତ୍ତା ଦିଆଯାଉ ଥିଲା ଯାତ୍ରୀମାନେ ତାହା ଆଗ୍ରହର ସହିତ ମନଯୋଗ ସହକାରେ ଶୁଣୁଥିଲେ । ସେମାନଙ୍କର ବୁଝିବା ପାଇଁ ସାନ୍ତାଳ ଭାଷାରେ ବକ୍ତୃତାମାନ ଦିଆଯାଉ ଥିଲା ।

## ମୟୂରଭଞ୍ଜରେ ବନ୍ୟା

ରାଜ୍ୟର ସବୁଆଡ଼େ କ୍ରମାଗତ ଭୀଷଣ ବର୍ଷା ହେବା ଫଳରେ ମୟୂରଭଞ୍ଜରେ ଜୁଲାଇ ମାସ ୧ ତାରିଖ ଦିନ ଏକ ବନ୍ୟା ବିପତ୍ତି ଘଟିଥିଲା । ଏହା ଫଳରେ ନଦୀକୂଳବର୍ତ୍ତୀ ଗ୍ରାମମାନଙ୍କର ବିଶେଷ କ୍ଷତି ହୋଇଥିଲା । ରାସ୍ତା, ଘାଟ ଓ ପୋଲମାନ ଧୋଇ ନେଇଗଲା ଏବଂ ଅନେକ ଲୋକ ଗୃହଶୂନ୍ୟ ହୋଇଗଲେ । ସେମାନଙ୍କର କୃଷିକ୍ଷେତ୍ର ଓ ଧନ ସମ୍ପତ୍ତି ଧୋଇରେ ନଷ୍ଟ ହୋଇଗଲା ।

ବାରିପଦାର ନିମ୍ନ ଅଞ୍ଚଳଗୁଡ଼ିକରେ ଜଳ ମାଡିଗଲା ଓ ଅନେକ ଘରଦ୍ୱାର ବୁଡିଗଲା । ସହରରୁ ରେଲଓ୍ୱେ ଷ୍ଟେସନକୁ ଯାଇଥିବା ରାସ୍ତା ଉପରେ ୪।୫ ଫୁଟ ଜଳ ଜମି ଯିବା ଆସିବାର ପଥ ରୁଦ୍ଧ ହୋଇଗଲା । କିଙ୍ଗ୍ ଏଡ଼ୱାର୍ଡ଼ ଡାକ୍ତରଖାନାର ପାଚେରି ଡେଇଁ ହତାଭିତରେ ପାଣି ପଶିଲା । ରାଣୀବାଗ ଉଦ୍ୟାନର ମଧ୍ୟ ବିଶେଷ କ୍ଷତି ହୋଇଥିଲା ।

ଜଳ କଳର ପମ୍ପ ହାଉସ ବନ୍ୟାରେ ବୁଡ଼ି ଯିବାରୁ ଦୁଇଦିନ ପର୍ଯ୍ୟନ୍ତ ସହରରେ ପାଣିର ଅସୁବିଧା ଅନୁଭବ କରା ଯାଇଥିଲା ।

ଶ୍ରୀମାନ୍ ମହାରାଜା ମହୋଦୟ ସେ ସମୟରେ ରାଜନ୍ୟ ମଣ୍ଡଳୀର ବୈଠକ ସମ୍ପର୍କରେ କଲିକତାରେ ଥିଲେ ଓ ଏହିବିଧ ବନ୍ୟାର ସମ୍ବାଦ ପାଇ ଉଡ଼ା ଜାହାଜ ଯୋଗେ ରାଜଧାନୀକୁ ତୁରନ୍ତ ଫେରି ଆସି ଥିଲେ । ସେ ଉଡ଼ାଜାହାଜରେ ବନ୍ୟା ଅଞ୍ଚଳମାନ ପରିଦର୍ଶନ କରି ତୁରନ୍ତ ସାହାଯ୍ୟର ବନ୍ଦୋବସ୍ତ କରିଥିଲେ ଓ ଅନେକ ସାହାଯ୍ୟ କେନ୍ଦ୍ରମାନଙ୍କୁ ନିଜେ ଯାଇ ସେଠାକାର କାର୍ଯ୍ୟ ଦେଖିଥିଲେ ।

ମୟୂରଭଞ୍ଜ ସରକାର ପ୍ରାୟ ୪୦,୦୦୦ ଲୋକଙ୍କୁ ଖାଦ୍ୟ ପଦାର୍ଥ ବିତରଣ କରିଥିଲେ । ଏ ଦିଗରେ ସାଧାରଣ ଲୋକମାନଙ୍କର ଉଦ୍ୟମ ମଧ୍ୟ ପ୍ରଶଂସନୀୟ ।

ବନ୍ୟାକ୍ଲିଷ୍ଟ ଲୋକମାନଙ୍କୁ ଯଥାଯୋଗ୍ୟ ସାହାଯ୍ୟ ଦେବା ଲାଗି ସରକାର କେଉଁ ପରିମାଣରେ ଲୋକଙ୍କର ଘରଦ୍ୱାର, ଧନସମ୍ପତ୍ତି ଓ ଶସ୍ୟ ଇତ୍ୟାଦି ନଷ୍ଟ ହୋଇଅଛି ତାହାର ସଠିକ ବିବରଣ ସଂଗ୍ରହ କରିଅଛନ୍ତି ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀ ପଦ୍ମଚରଣ ଦାଶଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ



Digitized by srujanika@gmail.com

# CALCITHRIC VITAMIN 'D'

*Triple Salts of Calcium with 25 units of Vitamin 'D'*

*for*

RICKETS, SCROFULA, TUBERCULOSIS AND

**ALL WASTING DISEASES**

# EDWARD'S TONIC

*Specific for*

MALARIA & ALL OTHER FEVERS

# BUTTO KRISTO PAUL & Co., Ltd.

*Manufacturing Chemists, Calcutta.*

DIVINE MEDICINE OF

# H E R N I A

**WONDERFUL CURE BY OUTWARD APPLICATION.**

Why do you suffer from Hernia? Come to us, we shall make a contract with you and cure you of the disease. If you fail to see us, send two annas postal stamp, have the testimonials and directions and get yourself radically cured from afar. Phone B. B. 314.

*Apply to*:—Dr. H. C. ROY

*DIVINE TREATMENT HALL, 118, Upper Circular Road,* CALCUTTA.

# BHOLANATH DUTT & SONS

THE PREMIER PAPER HOUSE OF INDIA

*Tel:* "PRIVILEGE" CALCUTTA. PHONE B.B. 4288 (2 lines)

BHOLANATH BUILDINGS—167, Old China Bazar Street, Calcutta.

*Branches* —134 & 135 Old China Bazar Street, Calcutta 64 Harrison Road, Calcutta. 1 Hewet Road, Allahabad. Chawk Benares. 58 Patuatuly, Dacca.


Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

## ମୟୂରଭଞ୍ଜର ବୁଣା କାମ

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର**, **ରେଶମ**, **ପଶମ** ଓ **ସୂତା** ନିର୍ମିତ ପଦାର୍ଥମାନ

## କୁଟୀର ଶିଳ୍ପ

୧ । ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**

୨ । ଚିତ୍ର ବୁଣା **ଟେଙ୍କି ଗଦି** ଏବଂ **ବିଛୁଣା ଗଦି**

୩ । କପାସୂତାର **ଗାଲିଚ୍** ଓ ଅଲଗା କଣ୍ଟେଇ

୪ । ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

## ବନ୍ୟଜାତ ଦ୍ରବ୍ୟ

୧ । **ହାତୀଦାନ୍ତ**

୨ । **ବୋଟେଇ ଟସର**

୩ । **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪ । ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦି

Digitized by srujanika@gmail.com